ଡିସେମ୍ବର ୨୦୨୨ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in




SMILE GOLD JEWELLERS
SG
SMILE GOLD
JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR,9438019696,9438029797

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୨ୟ ସଂଖ୍ୟା, ଡିସେମ୍ବର ୨୦୨୨ ■ Vol-5, Issue : 2, December 2022



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
*rebati.rebati2018@gmail.com*
*rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

# ସୂ ଚୀ ପ ତ୍ର

। ୫ମ ବର୍ଷ । ୨ୟ ସଂଖ୍ୟା । ଡିସେମ୍ବର ୨୦୨୨ ।

ଆମ ମାଟିର ସର








୭ ସମ୍ପାଦକୀୟ : ପରିବାର ହେଉ ଧନଜନ...: ସୁବାସିନୀ ଜେନା

୮
ବିଶେଷ ମତ : ଭଞ୍ଜଭୂମି ଆଭା ...:
ଡକ୍ଟର ଶିଶିର ବେହେରା

୧୦
ବିରଳ ବ୍ୟକ୍ତିତ୍ୱ: ଅସାମାନ୍ୟ ଅତିବଡ଼ି:
ବିଚିତ୍ରା ଦାଶ

୧୬
ଗାଆଁ କଥା : ତାଳବୋରାଇର ତୀରେ :
ଡକ୍ଟର ସୁବାସ ଚନ୍ଦ୍ର ପାତ୍ର

୨୪
ଭ୍ରମଣକାହାଣୀ : ପ୍ରବାଳ ଦ୍ୱୀପର....:
ବୀଣାପାଣି ପ୍ରଧାନ

୩୨
କଳାସଂସ୍କୃତି : ବୈଚିତ୍ର୍ୟମୟ ବରଗଡ଼ :
ସଂଗ୍ରାମ କେଶରୀ ପୃଷ୍ଟି

୪୧
ବ୍ୟକ୍ତିତ୍ୱ : ସାଇକେଲ ସାମ୍ରାଜ୍ଞୀ :
ବିଶ୍ୱଜିତ୍ ସାହୁ

୪୫
ପ୍ରସଙ୍ଗ – କବିତା : ଓଡ଼ିଆ କବିତା... :
ଈପ୍‌ସିତା ଷଡ଼ଙ୍ଗୀ






୫୩ ଆଇନକାନୁନ : ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : ପ୍ରିୟା ମହାପାତ୍ର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ପ୍ରତୀକ୍ଷା ଜେନା
୫୮ : ହୃଦାନନ୍ଦ ପାଣିଗ୍ରାହୀ
୫୯ : ପ୍ରବାସିନୀ ମହାକୁଡ଼
୬୦ : ଅମୀୟ ରଂଜନ ମହାପାତ୍ର
୬୧ : ପ୍ରୀତିଲେଖା ଦାସ
: ନୀଳମାଧବ କର
୬୨ : ହେମନ୍ତ ମହାନ୍ତି
୬୩ : ଗଂଗାଧର ବିଶ୍ୱାଳ
୬୪ : ହିରଣ୍ମୟୀ ମିଶ୍ର
୬୫ ଧାରାବାହିକ : ପବିତ୍ର ମୋହନ ଦାଶ
୭୨ କଥା-କାହାଣୀ : ଡକ୍ଟର ରଂଜନ ପ୍ରଧାନ











୭୯ ମୋ ବାପା : ପ୍ରସନ୍ନ କୁମାର ସ୍ୱାଇଁ

୮୩ ଆତ୍ମଜୀବନୀ : ଜୟନ୍ତୀ ରଥ

୮୭ ଅବଲୋକନ : ଡକ୍ଟର ମଣୀନ୍ଦ୍ର କୁମାର ମେହେର

୯୦ ପୁଷ୍ପବିତାନ : ଶ୍ୱେତା ରାଉତ

୯୫ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୯୭ ସ୍ୱାସ୍ଥ୍ୟ-ଚର୍ଚ୍ଚା : ରବୀନ୍ଦ୍ର କୁମାର ବିଶ୍ୱାଳ

୧୦୪ ପ୍ରେରଣା : ଶ୍ରୀଗୋବିନ୍ଦ








## ନିୟମିତ ବିଭାଗ

ରୋଷେଇଶାଳ:


୯୮ : ରଷିକା ରୁଚିରମ୍ୟା

୧୦୦ : ଗୀତିକା ଜ୍ୟୋତିପର୍ଣ୍ଣା

୧୦୨ : ଶ୍ୱେତପଦ୍ମା ପାଢ଼ୀ

୧୦୬ ଶେଷପୃଷ୍ଠା : ସର୍ଜନଶୀଳତାର 'ଶ୍ରୀ' : କୃଷ୍ଣ କୁମାର ମହାନ୍ତି




ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ମଡେଲ୍ : **ସାଇ ସ୍ୱରୂପା ଦୀକ୍ଷିତ,** ଭୁବନେଶ୍ୱର

ଉଚ୍ଚତା : **୫ ଫୁଟ୍ ୪ ଇଞ୍ଚ୍**

ବୃତ୍ତି : **ଫ୍ୟାଶନ ଡ଼ିଜାଇନିଂ**

ରୁଚି : **ଚିତ୍ରକଳା ଓ ନାଚ**

ଶିକ୍ଷା : **ସ୍ନାତକ (ଇଂରାଜି ସମ୍ମାନ)**

ପ୍ରଚ୍ଛଦ ଫଟୋଗ୍ରାଫି : **ଜନାର୍ଦ୍ଦନ ରାଉତ**

ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ସୋନପୁର

ମେକ୍ଅପ୍ : **ରାଜଲକ୍ଷ୍ମୀ ବିଶ୍ୱାଳ,** ଭୁବନେଶ୍ୱର

ଜୁଏଲାରୀ ଓ କଷ୍ଟ୍ୟୁମ୍ : **ରିଙ୍କୁ,** ଭୁବନେଶ୍ୱର

ସ୍ଥାନ : **ଏରୋଡ୍ରମ ଏରିଆ, ଭୁବନେଶ୍ୱର**

**ମଲାଟ କଥା :** ମାଣବସା ଗୁରୁବାର ଓଷା ଓଡ଼ିଶାରେ ପାଳିତ ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବରେ ମହାଲକ୍ଷ୍ମୀଙ୍କୁ ଗୃହରେ ଧନଧାନ୍ୟ ବୃଦ୍ଧି ନିମନ୍ତେ ପୂଜା କରାଯାଏ । ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି । ମାଣବସା ଓଷାକୁ ଲକ୍ଷ୍ମୀପୂଜା ମଧ୍ୟ କୁହାଯାଏ । ଏହି ଓଷାକୁ ଓଡ଼ିଶାର ସମସ୍ତ ଜାତିର ଲୋକେ ପାଳନ କରିଥାନ୍ତି । ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ, ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ଆଦି ପ୍ରତି ଦୃଷ୍ଟି ଦିଆ ଯାଇଥାଏ । ମାର୍ଗଶିର ମାସରେ ପୂଜା ଘରେ ଏବଂ ଘରର ଦୁଆରରେ ଧାନ ମେଣ୍ଢା ବା 'ଧାନବେଣୀ'ରେ ସଜା ଯାଇଥାଏ । ଏ ମାସର ଧାର୍ମିକ ବାତାବରଣର ପବିତ୍ର ପ୍ରତୀକ ସ୍ୱରୂପ ଧାନମେଣ୍ଢା ସହ ଘରର ଗୃହିଣୀ ହିଁ ଏଥରର ପ୍ରଚ୍ଛଦ ।






## ମତ-ଅଭିମତ




### ଶକ୍ତି ଉପାସନା ଉପରେ ଆଲେଖ ଦ୍ୱୟ ଭଲ ଲାଗିଲା

● ଆପଣଙ୍କ 'ଶେଷପୃଷ୍ଠା' ସବୁଥର ଭଳି ସତ୍ୟ ସମ୍ବଳିତ, ବଳିଷ୍ଠ ଓ ଏକ ତେଜ ରଖେ । ନାରୀଟିଏର ମନ, ଶରୀର ଓ ଚେତନାରୁ ତାର ସନ୍ତାନ ରୂପେ ଉଭୟ ପୁରୁଷ ଓ ନାରୀ ଦେହ ଧରି ଜନ୍ମ ନିଅନ୍ତି । ତେଣୁ ସବୁରି ଭିତରେ ନାରୀଟିଏ ନିଶ୍ଚିତ ଥାଏ । ଅର୍ଦ୍ଧନାରୀଶ୍ୱର ତେଣୁ ଚିରନ୍ତନ ଅଟନ୍ତି । ଶିଶୁଟିଏ ଯେବେ ମାଆ ପେଟରେ ଥାଏ ତାକୁ ସେ ବୋଲି ସମ୍ବୋଧିତ କରାଯାଏ । କାରଣ ସିଏ ମାଆର ହିଁ ଦେହାଂଶ । ତେବେ ଜନ୍ମ ପରେ 'ହି/ସେ'ହୁଏ ଲିଙ୍ଗ ଭେଦରେ । ପୁରୁଷ ଭିତରେ ନାରୀଟିଏ ବା ମାଆଟିଏ ଅଂଶ ଓ ନାରୀଟିଏ ଭିତରେ ପିତାର ଅଂଶ ରୂପେ ପୁରୁଷର ଶକ୍ତିଟି ନିହିତ । ତେବେ ଏତେ ପାତର ଅନ୍ତର କାହିଁକି ପରିଲକ୍ଷିତ, ଆଶ୍ଚର୍ଯ୍ୟ ଲାଗେ । ଅଶିକ୍ଷିତ, କୁସଂସ୍କାର ପଟରେ କେବଳ ନୁହେଁ ଆଲୋକ ପଟରେ ବି ଏହି ପ୍ରଭେଦ ବିଚଳିତ କରାଏ । ଧନ୍ୟବାଦ ଆପଣଙ୍କୁ ସର୍ବଦା ଏପରି ନିରପେକ୍ଷ ଏବଂ ସତ୍ୟ ଉପସ୍ଥାପନା ନେଇ । ମଧୁମାଳତୀର ଔଷଧୀୟ ଗୁଣବତ୍ତା ଓ ପୌରାଣିକ କଥା ସହ ଅନ୍ୟ ତଥ୍ୟ ଶିକ୍ଷଣୀୟ । ଗଳ୍ପ ତିନୋଟି ଭଲ ଲାଗିଲେ practical stories । 'ରାଜନୀତିର ରେଖାଚିତ୍ର'ରେ ଆମ ଦେଉଳକୁ ନେଇ ଅନେକ ନୂଆ କଥା ଜାଣିଲି । ଖୁବ୍ ସୁନ୍ଦର ଉପସ୍ଥାପନା । ବହୁତ ବହୁତ ଭଲ ଲାଗିଲା ସନ୍ତୁ ଭୀମଭୋଇଙ୍କୁ ନେଇ ଭୀମ ପୃଷ୍ଟି ସାର୍‌ଙ୍କ କଲମରୁ ଉତୁରିଥିବା ଭାବ, ଆବେଗ, ପରିପ୍ରକାଶ ଭଙ୍ଗୀ, ଛଳଛଳପଣ ସହ ଅନେକ ତଥ୍ୟ । ଯେହେତୁ ମୋର ଶାଶୁଘରେ ହିଁ ମହିମାଲେଖ ଚୁଙ୍ଗିବାଡ଼ି । ସମସ୍ତେ ଦୀକ୍ଷିତ । ତେଣୁ ଏତେ ସୁନ୍ଦର ଲେଖା ଭଲ ଲାଗିଲା । ସାର୍‌ଙ୍କର ନିଜେ ଯାଇ ସେହି ସ୍ଥାନ ସବୁ ବୁଲି, ଅନୁଭବି, ଭେଟି ଲେଖିଥିବାର ଶୈଳୀ ଭଲ ଲାଗିଲା ।

ସୂର୍ଯ୍ୟ ଦେଓ ସାର୍‌ଙ୍କୁ ନେଇ ଲେଖାଟି ଖୁସି ଦେଲା ପରି ପ୍ରେରଣାଦାୟୀ, ନିଜର ଜୀବନ ପରି ଭଲପାଇବା ଦେଇଥିବା ବ୍ୟକ୍ତିତ୍ୱଙ୍କୁ ଦେଖି ଜାଣି ଭଲ ଲାଗିଲା । ଏହା ହିଁ ତ ପ୍ରେମ । ଯାହାକୁ ଭଲପାଅ ତା ପାଇଁ ସବୁକିଛି । ହଜି ଯାଅ । ସରଳ ବ୍ୟକ୍ତିତ୍ୱ, ଉଜ୍ଜ୍ୱଳ ବ୍ୟକ୍ତିତ୍ୱ । ଆଖିରେ ସ୍ୱପ୍ନର ଭାଷା । ଜୀବନର ସଂଘର୍ଷ, ଖାଲଢିପ କିଛି ନୁହେଁ ନିଜର ପ୍ରେମ ଆଗରେ । ସମ୍ମାନନୀୟ ରବି ସାର୍‌ଙ୍କର ବିଭୂଷିତ ବିଭୂତିରେ ଏହି Living legendary of literatureଙ୍କ ବିଷୟରେ ଅନେକ କଥା ଜାଣିହେଲା । ଖୁବ୍ ସ୍ୱାଭିମାନୀ ଓ ନିଜ ସର୍ତ୍ତରେ ନିଜ ଜୀବନର ରାସ୍ତା ନିଜେ ବାଛୁଥିବା ମଣିଷ ଲାଗିଲେ ସମ୍ମାନନୀୟ ବିଭୂତି ସାର୍ । ତାଙ୍କ ସର୍ଜନ ତାଲିକା ଦେଖି ବୋଧହେଲା ମୁଁ ତ ଏଯାଏଁ ଖଡ଼ି ବି ମଡ଼େଇନି ସାହିତ୍ୟରେ । ଅଜସ୍ର ସମ୍ମାନ ମୋର ଏହି ଦୁଇ ମହାନ ସମ୍ମାନାସ୍ପଦ ବ୍ୟକ୍ତିତ୍ୱଙ୍କୁ । ନିଜ ସୃଷ୍ଟି ସର୍ଜନ ହିଁ ଚିରଂଜୀବୀ କରାଏ । ସମ୍ପାଦକୀୟ ପୃଷ୍ଠା ସୁନ୍ଦର, ସାବଲୀଳ ଓ ଶିକ୍ଷଣୀୟ । ସବୁଠାରୁ ଭଲ ଲାଗିଥିବା ବିଭାଗ ମାତୃରୂପେଣ ସଂସ୍ଥିତା ଏବଂ ଶକ୍ତି ସ୍ୱରୂପିଣୀ ଦୁର୍ଗା । ସସମ୍ମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଦୁଇ ପ୍ରାଜ୍ଞ କଲମଙ୍କୁ । ଅନେକ ତଥ୍ୟ, ଶ୍ଳୋକ, ଭାଷା ଚାତୁରୀ, ଉପସ୍ଥାପନା, ଶବ୍ଦଚୟନ, ସଂଗୃହୀତ ଛବି ମନ୍ତ୍ରମୁଗ୍ଧ କଲା ପରି । ସଂପୂର୍ଣ୍ଣ ବହିରେ ଏହି ଦୁଇ ପ୍ରସଙ୍ଗ ସମ୍ବଳିତ କଥା ଏବଂ ଭୀମ ପୃଷ୍ଟି ସାର୍‌ଙ୍କର ଲେଖା ମତେ ବହୁତ ଛୁଇଁଲା ।

**ଲୋପାମୁଦ୍ରା ପରିଡ଼ା,** ବାଙ୍ଗାଲୋର

### ହରିହର ମିଶ୍ରଙ୍କ ସହ ସାକ୍ଷାତକାରଟି ଭଲ ଲାଗିଲା

● ସଂପାଦକୀୟରେ 'ସାଂସାରିକ ସନ୍ତୋଷ' ଜନ ସମାଜକୁ ହିତୋପଦେଶ । ଏହି ଭାବନାରେ ବଶବର୍ତ୍ତୀ ପ୍ରତ୍ୟେକ ମଣିଷ ସାଂସାରିକ ଜୀବନ ଭିତରୁ ଦିବ୍ୟଚେତନା ଲଭି ପାରିବେ । ଶିଶିର ବେହେରାଙ୍କ ଦୁର୍ଗାମାଧବ ଉପାସନା ମାଧ୍ୟମରେ ଶକ୍ତି ପରମ୍ପରାର ବଳିଷ୍ଠ ଚିତ୍ରମାନ ଉପସ୍ଥାପନ କରିଛନ୍ତି । ଶୈବ,ଶାକ୍ତ ଓ ବଇଷ୍ଣବ ଧର୍ମର ମିଳନ ଦୁର୍ଗାମାଧବ ପୂଜାର ନିଶ୍ଚିତ ଭାବେ ସମନ୍ୱୟ ଭାବଧାରା ସ୍ଥାପନର ବାର୍ତ୍ତା ଦିଏ । ରବି ପଣ୍ଡା ଓ ରବୀନ୍ଦ୍ର ବିଶ୍ୱାଳଙ୍କ ମିଳିତ ସାକ୍ଷାତକାର ବିଶିଷ୍ଟ କବି ହରିହର ମିଶ୍ରଙ୍କ ସହିତ । ସତରେ ଜଣେ ବ୍ୟକ୍ତି କ'ଣ ଏତେ ପ୍ରତିଭାର ଅଧିକାରୀ ହୋଇପାରେ ! ପ୍ରଣାମ ସେ ବ୍ୟକ୍ତିତ୍ୱଙ୍କୁ । ତାଙ୍କ ସହ ଏ ଅନ୍ତରଙ୍ଗ ଆଲୋଚନା ନିଶ୍ଚିତ ଭାବେ ଲେଖକମାନଙ୍କୁ ପ୍ରଭାବିତ କରିବ । ଏ ସଂଖ୍ୟାରେ ଅନେକ କର୍ପୂର ଉଡ଼ି ଯାଇଥିବା କନାର ମହକ ଅର୍ଥାତ ରାଜାରାଜୁଡ଼ା ଅମଳ ଚାଲି ଯାଇଥିଲେ ସୁଦ୍ଧା ସେ କାଳର ସ୍ମୃତି ବହି ରାଜପ୍ରାସାଦମାନ ଅନେକ କଥା କହେ । ଏ ସଂପର୍କିତ କାହାଣୀମାନଙ୍କୁ ଲୋକଲୋଚନକୁ ଆଣିଥିବାରୁ ସଂପୃକ୍ତ ଲେଖକମାନଙ୍କୁ ସାଧୁବାଦ ଜଣାଉଛି ସେମାନଙ୍କ ଉଦ୍ୟମ ଓ ଉପସ୍ଥାପନାକୁ । ହୃଦୟକୁ କେବଳ ଛୁଇଁଲା ନାହିଁ ଏଥରର କବିତା । ହୃଦୟରେ ଘର କରି ରହିଗଲା ପ୍ରାଣଥିବା ଅନେକ କବିତା । କୃଷ୍ଣକୁମାରଙ୍କ ସୃଜନଶୀଳତାର ସନ୍ତୁଷ୍ଟିର ବାର୍ତ୍ତାରେ ମୁଁ ମଧ୍ୟ ଏକମତ । ଯାହାହେଉ ତାଙ୍କ ଉଦ୍ୟମରେ ପତ୍ରିକାଟି ସରସ ସୁନ୍ଦର ହୋଇ ପାରିଥିବାରୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

**ରାମଚନ୍ଦ୍ର ଦାଶ,**
(ଛାଇ) ଦଶରଥପୁର ଜି: ଯାଜପୁର

### ପ୍ରତ୍ୟେକଟି କବିତା ବିଭୋର କଲା

● ନଭେମ୍ବର ମାସର 'ରେବତୀ'ରେ ସାହିତ୍ୟ ପୃଷ୍ଠା ସ୍ୱତନ୍ତ୍ର ଏବଂ ପ୍ରଶଂସନୀୟ । ପ୍ରଥମେ ସୁବାସିନୀ ମାମ୍‌ଙ୍କ ସମ୍ପାଦକୀୟ ଖୁବ୍ ଉଚ୍ଚକୋଟୀର । ଦ୍ରୌପଦୀ-୨୧, ଥରେ ଭେଟିବାକୁ ଦିଅ, ସମୟର କ୍ଷୟ, ନୀଡ଼ଫେରା ଗୀତ, ତୁମ ଗାଁ ବର୍ଷା, ରାଜାପୁଅ, ନିଘୋଡ଼ ନିଦରେ, ପାର୍ବଣ, ରହସ୍ୟର ରାତିଦିନ, ଚିତ୍ତ ଭାଇଙ୍କର ଈଶ୍ୱର ଫେରିଲେ ନାହିଁ, ସାବିତ୍ରୀ ଅପାଙ୍କ ବୋଉ, ସରୋଜ ସାରଙ୍କ ଭୁବନେଶ୍ୱରିଆ, ହଂସନାଦ ସାର୍‌ଙ୍କ ବାଲୁକା ଚିତାଟେ ଇତ୍ୟାଦି ଖୁବ୍ ମନଛୁଆଁ କବିତା । ପ୍ରତ୍ୟେକଟି କବିତା ବିଭୋର କରିଛି । କୃଷ୍ଣ ଭାଇଙ୍କ ସୃଜନଶୀଳତାରେ ସନ୍ତୁଷ୍ଟି ଏକାନ୍ତ ସତ୍ୟ ଓ ଆକର୍ଷଣୀୟ ।

**ପ୍ରତିଭା ଖିଲାର,**ଭୁବନେଶ୍ୱର

### ପିତୃପ୍ରତିମ ହରିହର ମିଶ୍ରଙ୍କୁ ନେଇ ଉପସ୍ଥାପିତ ଆଲେଖଟି ଚମତ୍କାର ହୋଇଛି

● ନଭେମ୍ବର ସଂଖ୍ୟାର 'ମାନନୀୟେଷୁ' ବିଭାଗରେ ପିତୃପ୍ରତିମ ହରିହର ମିଶ୍ରଙ୍କୁ ନେଇ ଉପସ୍ଥାପିତ ଆଲେଖ୍ୟ ଚମତ୍କାର ହୋଇଛି । ସୌଭାଗ୍ୟବଶତଃ ଆମ ଘର ପ୍ରଣମ୍ୟ ସ୍ରଷ୍ଟାଙ୍କର ପାଖରେ ଓ ମୋ ସ୍ୱର୍ଗତ ପିତା ତାଙ୍କ ବାଲ୍ୟବନ୍ଧୁ ଥିଲେ । ଭିତରେ ସୃଜନଶୀଳତା ଥିଲେ, ତାକୁ ଆବେଗଗତ ପ୍ରକ୍ରିୟାରେ ସୁନିୟନ୍ତ୍ରିତ କରିପାରିଲେ ଜଣେ ଲେଖକ ହୋଇ ପାରିବ- କବିଙ୍କ ଉକ୍ତିଟି ମନେ ରଖିଲା ଭଳି । ତାଙ୍କ ଭୂମିଷ୍ଠ ହେବାର ବେଳା, ଖଡ଼ିଛୁଆଁ ଓ ପିଲାଦିନ ବଖାଣରୁ ଚାଳିଶ ଦଶକର ସାମାଜିକ ଚିତ୍ର ବେଶ୍ ଅନୁମାନ କରିହେଲା । ତାଙ୍କ ଲିଖିତ 'ଡାକିଦିଅ ସାରା ଧରଣୀରେ ଆଜି....' ଓଡ଼ିଆ ସଙ୍ଗୀତ ଜଗତର ଏକ କାଳଜୟୀ ଗୀତ । କବି ସୁସ୍ଥ ଥାଆନ୍ତୁ ଓ ଦୀର୍ଘାୟୁ ହୁଅନ୍ତୁ, ପ୍ରାର୍ଥନା । ଲେଖକ ରବି ପଣ୍ଡାଙ୍କୁ ଅଶେଷ ଧନ୍ୟବାଦ । ସବୁସଂଖ୍ୟା ପରି ଏ ସଂଖ୍ୟାର 'ସମକାଳ କବିତା' ବିଭାଗ ବି ସମୃଦ୍ଧ । ବିଶେଷକରି ବିରଜା ବଳଙ୍କ ସମୟର କ୍ଷୟ/ରଞ୍ଜନ ବାଗଙ୍କ ନିଘୋଡ଼ ନିଦରେ / ଚିତ୍ତରଞ୍ଜନ ନାୟକଙ୍କ ଈଶ୍ୱର ଫେରିଲେ ନାହିଁ ଓ ହଂସନାଥ ମୁଦୁଲି/ଧନଞ୍ଜୟ ସ୍ୱାଇଁଙ୍କ ଗୀତିକବିତା ଛୁଇଁଲା ।

ରାଜାରାଣୀ କାହାଣୀ ଓ ଅନ୍ୟାନ୍ୟ ବିଭାଗ ପଢ଼ିବି । 'ରେବତୀ': ଆମ ମାଟିର ସ୍ୱର' ନିଃସନ୍ଦେହରେ ସୁଦୃଶ୍ୟ, ସୁନ୍ଦର ଓ ଉନ୍ନତମାନର । ସମ୍ପାଦନା ପାଇଁ ଅନେକ ଶୁଭେଚ୍ଛା ।

**ଶ୍ୟାମାକିଙ୍କର ମହାନ୍ତି,** ମାର୍କଣ୍ଡେଶ୍ୱର ସାହି, ପୁରୀ

ସମ୍ପାଦକୀୟ

# ପରିବାର ହେଉ ଧନଜନ ଗୋପଲକ୍ଷ୍ମୀରେ ପରିପୂର୍ଣ୍ଣ

ପରିବାର ଏକ ମନ୍ଦିର ପରି । ଏହାକୁ ମନ୍ଦିର ସମ ଭାବି ପରିଚାଳିତ କରି ପାରିଲେ ଏହା ସ୍ୱର୍ଗ ପାଲଟି ଯାଇଥାଏ । ପରିବାର ଭିତରେ ସମସ୍ତେ ଏକତ୍ର ଏକମନ ଏକପ୍ରାଣ ହୋଇ ବସବାସ କରିଥାନ୍ତି । ଯେଉଁଠି ଏହାର ବ୍ୟତିକ୍ରମ ହୋଇଥାଏ, ସେଠାରେ ପରିବାର ଏକ ନର୍କ ପାଲଟି ଯାଏ- ଏହା ଆମେ ସମସ୍ତେ ଜାଣିଛୁ । ଏଥିପାଇଁ ପାରିବାରିକ ଶୃଙ୍ଖଳା ଓ ନୀତିନିୟମ ମାନି ଚଳିବା ବିଧେୟ । ସେଥିପାଇଁ ପ୍ରତିଟି ପରିବାରରେ ନାରୀର ବିଦ୍ୟମାନତା ଜରୁରୀ ଅଟେ । ନାରୀର ଅବସ୍ଥାନ ହିଁ ପରିବାର ଭିତରେ 'ଶ୍ରୀ' ଓ 'ସମୃଦ୍ଧି' ଆଣିଥାଏ । ଅନ୍ୟ ଅର୍ଥରେ ନାରୀ ହିଁ ପରିବାରକୁ ପ୍ରତିପାଳିତ କରିଥାଏ । ନାରୀକୁ ଯେଉଁ ପରିବାରରେ ଉତ୍ପୀଡ଼ନ ମିଳେ, ସେ ପରିବାରର ସମସ୍ତେ ଭୋକ ଉପାସରେ ଶ୍ରୀହୀନ ହୋଇ କାଳାତିପାତ କରନ୍ତି । ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ରେ ଏ କଥାର ବର୍ଣ୍ଣନା କରା ଯାଇ ଲେଖା ଯାଇଛି, କିପରି ଜଗନ୍ନାଥ ବଳଭଦ୍ରଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଯାଇ ଲକ୍ଷ୍ମୀ ସେମାନଙ୍କୁ ଶ୍ରୀହୀନ କରି ଦେଇଥିଲେ । ଲକ୍ଷ୍ମୀଙ୍କୁ ଅପମାନିତ କରିଥିବାରୁ ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର ଯେପରି ଶିକ୍ଷା ପାଇଥିଲେ, ତାହା ଆମକୁ ମଧ୍ୟ ଏଇ ଶିକ୍ଷା ଦିଏ ଯେ, ମାତା ଲକ୍ଷ୍ମୀ ହେଉଛନ୍ତି ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତୀକ । ତାଙ୍କୁ ଅପମାନିତ କରିବା ଅନୁଚିତ ।

ଓଡ଼ିଆ ଘରର ପ୍ରତିଟି ହିନ୍ଦୁ ପରିବାରରେ ମାର୍ଗଶିର ମାସ ଗୁରୁବାର ଦିନ ମାଣବସା ଓଷା ପାଳିତ ହୁଏ । ଏହିଦିନ ମାଣ ବସାଯାଏ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ହୋଇଥିବାରୁ ଏହି ସମୟଟି ଅମଳର ସମୟ ହୋଇଥାଏ । ତେଣୁ ମାର୍ଗଶିର ମାସରେ ଓଡ଼ିଆ ଘରର ନାରୀମାନେ ଏହି ଓଷା ପାଳନ କରିଥାନ୍ତି । ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀସମୃଦ୍ଧି, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆ ଯାଇଥାଏ । ଏହି ସମୟରେ 'ଧାନମେଣ୍ଟା' ବା 'ଧାନବେଣୀ'ରେ ଘର ସଜା ଯାଇଥାଏ । ଧାନକେଣ୍ଡା ଗୁନ୍ଥି ଏହି 'ମେଣ୍ଟା' ବା 'ବେଣୀ' ତିଆରି କରାଯାଏ । ଏମିତିରେ ମାର୍ଗଶିର ମାସରେ ପ୍ରଥମ ଧାନ ଅମଳ ହୁଏ । ଚାଷୀ ତା'ର ଖଳାକୁ ଧାନହଳା ଆଣିଥାଏ । ଧାନ ଅମଳ କରି ଘରକୁ ଆଣିବା ଆଗରୁ ତା'ର ଘରଣୀ ଏଥିରୁ ଧଳାଧାନର ଶିଁଶାରେ ଧାନବେଣୀ ବାନ୍ଧି ଏହାକୁ ଶୁଖାଇ ଯତ୍ନରେ ରଖିଥାଏ ଗୁରୁବାର ଓଷା ଦିନରେ ଟାଙ୍ଗିବାକୁ ଓ ଲକ୍ଷ୍ମୀଙ୍କ ଖଟୁଲିରେ ପୂଜା କରିବାକୁ । ଅନ୍ନ ଓ ଧନର ଦେବୀ ଲକ୍ଷ୍ମୀଙ୍କର ଆଶିଷ ଯୋଗୁଁ ଧାନ ଓ ଧନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରି ଘରର ଗୃହିଣୀମାନେ ଘରଦ୍ୱାର ସଫା କରି, ଗୋବର ମାଟିରେ ଲିପାପୋଛା କରି ଝୋଟିଚିତା ପକାଇଥାନ୍ତି । ଏଥିରେ ଲକ୍ଷ୍ମୀପାଦ ମଧ୍ୟ ଅଙ୍କନ କରାଯାଇଥାଏ । ଘରର ପ୍ରତ୍ୟେକ ଅଗଣା, ଦୁଆର ଓ କାନ୍ଥରେ ଝୋଟିଚିତା ପକା ଯାଇଥାଏ । ମାଣ ଖଟୁଲି ଉପରେ ଏକ ନୂଆ ମାଣରେ ଧଳାଧାନ ଭରି ରଖାଯାଏ । ଲକ୍ଷ୍ମୀ ଧନସମ୍ପଦ, ସୌଭାଗ୍ୟ, ସୁଖ୍ୟାତି, ସୁଖସମୃଦ୍ଧି, ସୌନ୍ଦର୍ଯ୍ୟ ଓ ପ୍ରେମର ଦେବୀ ଭାବେ ପୂଜିତ ହୁଅନ୍ତି । ସେ 'ଶ୍ରୀ' ଭାବେ ମଧ୍ୟ ପରିଚିତା । ସେ ଭଗବାନ ବିଷ୍ଣୁଙ୍କର ସହଧର୍ମିଣୀ ଓ ଶକ୍ତି ସ୍ୱରୂପା । ତାଙ୍କୁ ପୂଜା କରିବା ଦ୍ୱାରା ଜଣେ ଧର୍ମ, କାମନା, ଅର୍ଥ ଓ ମୋକ୍ଷ ଭାବନାରୁ ମୁକ୍ତ ହୋଇ ନିର୍ବାଣ ପ୍ରାପ୍ତି ହୋଇପାରିବ । ଓଡ଼ିଶାର ପ୍ରତ୍ୟେକ ହିନ୍ଦୁଘରେ ଗୁରୁବାର ଦିନ ଲକ୍ଷୀଙ୍କର ପୂଜାର୍ଚ୍ଚନା ହୋଇଥାଏ । ଲକ୍ଷ୍ମୀ ଐଶ୍ୱର୍ଯ୍ୟର ଅଧିକାରିଣୀ, ପଦ୍ମବନ ନିବାସିନୀ, ସେଇଥିପାଇଁ 'ଧନଜନଗୋପଲକ୍ଷ୍ମୀ'ରେ ପରିପୂର୍ଣ୍ଣ ହେଉ ପରିବାର- ଏପରି ଏକ ଆଶୀର୍ବଚନ କରାଯାଇଥାଏ । ଏହା ଏକ ଆଶୀର୍ବାଦ ଶ୍ଳୋକ(ପଦ୍ମପୁରାଣ)ରେ ଅଛି । ପୁରୋହିତ ଯଜମାନଙ୍କ ମଙ୍ଗଳ କାମନା କରି ସ୍ୱସ୍ତିବଚନ ବୋଲିବା ବେଳେ ଯଜମାନଙ୍କ ଧର୍ମପତ୍ନୀଙ୍କୁ ଧନ(wealth), ଜନ(kids), ଗୋପ(cattle), ଲକ୍ଷ୍ମୀ(all well) ମିଳୁ ବୋଲି କହନ୍ତି ।

ପ୍ରତିଟି ଘରେ ଯେପରି ମାତାଲକ୍ଷ୍ମୀଙ୍କର ପୂଜା ଆରାଧନା ବେଶ୍ ଭକ୍ତିପୂତ ସହକାରେ କରାଯାଏ, ସେହିପରି ପ୍ରତିଟି ଘରେ ଥିବା ନାରୀଟିକୁ ଆମେ ଗୃହଲକ୍ଷ୍ମୀ ବିବେଚନା କରି ସେତିକି ଶ୍ରଦ୍ଧା, ଆଦର ଓ ସମ୍ମାନର ସହ ବଞ୍ଚିବାର ଅଧିକାର ଦେବା ଉଚିତ୍ । କାରଣ ସେଇ ନାରୀଟି ହିଁ ଭୋର୍ ନହେବା ଆଗରୁ ବିଛଣା ତ୍ୟାଗ କରି ସ୍ନାନାଦି ଶେଷକରି ଶୁଦ୍ଧପୂତ ମନପ୍ରାଣରେ ମାଣବସା ଓଷାର ପୂଜାବିଧି କରିଥାଏ । ସେ ହିଁ ଆପଣଙ୍କ ଘରର ଶ୍ରୀ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥାଏ । ପୂଜାର୍ଚ୍ଚନା ହେଉ କି ଘରର ପରିଷ୍କାର ପରିଚ୍ଛନ୍ନତା, ପ୍ରତିଟି କାର୍ଯ୍ୟରେ ସେଇ ଗୃହଲକ୍ଷ୍ମୀଟି ହିଁ ଲାଗିଥାଏ । ସୁତରାଂ ପରିବାର ଭିତରେ ଥିବା ନାରୀଟିକୁ ଆମେ ସମସ୍ତେ ତା'ର ନ୍ୟାର୍ଯ୍ୟ ଅଧିକାର ଓ ସମ୍ମାନ ଦେବା ପାଇଁ କୁଣ୍ଠିତ ନହେବା ଉଚିତ୍ । ଗୋଟିଏ ଭଲ ପରିବାର ସେଇଟି, ଯେଉଁଠି ନାରୀକୁ ମର୍ଯ୍ୟାଦା ଦିଆଯାଏ, ନାରୀକୁ ସମ୍ମାନ କରାଯାଏ । କାରଣ ସେଇ ନାରୀ ହିଁ ତା'ର ପରିବାର ପାଇଁ ନିଜକୁ ଉଜେଇଁ ଦେଇଥାଏ ବିନା କୌଣସି ଦ୍ୱିଧାରେ ।

ମାଣବସା ଗୁରୁବାର ଓଷା ପାଳନର ପଶ୍ଚାତ୍‌ରେ ମାତା ଲକ୍ଷ୍ମୀଙ୍କର ଏ ଆବାହନ ଆମକୁ ଏତିକି ଅନ୍ତତଃ ଶିକ୍ଷା ଦିଏ ଯେ, ନାରୀ ମଧ୍ୟ ଆମ ପରି ମଣିଷଟିଏ । ତାକୁ ମଧ୍ୟ ସମ୍ମାନ ଦେବା, ପ୍ରାଧାନ୍ୟ ଦେବା ଆମ ସମାଜର କର୍ତ୍ତବ୍ୟ । ଏପରି ନକରି ଲକ୍ଷ୍ମୀପୂଜାର ଅର୍ଥ କିଛି ହୁଏନା ।

ଆପଣମାନଙ୍କ ହାତକୁ ବର୍ଷଶେଷର ଶେଷତମ ସଂଖ୍ୟାଟି ବଢାଇ ଦେବା ବେଳେ ପୁଣିଥରେ ଆଶା କରିବି, ପତ୍ରିକାଟିକୁ ଆପଣମାନେ ନିଜ ଝିଅ ପରି ଭଲ ପାଆନ୍ତୁ, ବଞ୍ଚାଇ ରଖନ୍ତୁ ।



ସ୍ନେହାସିକ୍ତ ଦେବୀ

ସମ୍ପାଦିକା

# ଭଞ୍ଜଭୂମି ଆଭା : ଉତ୍କଳ ପ୍ରଭା


## ଡକ୍ଟର ଶିଶିର ବେହେରା

ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪




▲ ଶିଶିର ବେହେରା

ଇତିହାସ କେବଳ ଅତୀତର ମୂକସାକ୍ଷୀ ନୁହେଁ, ଅସଂଖ୍ୟ ସତ୍ୟ-ତଥ୍ୟର ପ୍ରାମାଣିକ ଦସ୍ତାବିଜ୍ ମଧ୍ୟ । ନିରବରେ ଥାଇ ବି ଚେତା-ଚୈତନ୍ୟ ଭଳି ସଂଚରି ଆସେ ବର୍ତ୍ତମାନକୁ ନୂଆ ସୂତ୍ରଧର ହୋଇ । ତା'ର ପ୍ରବହମାନ ସ୍ରୋତରେ ବୋହିଆସେ ସ୍ମୃତି-କୀର୍ତ୍ତି ନିରବ-କୋଳାହଳ ଏବଂ ସ୍ଥିତି-ବ୍ୟବସ୍ଥାଦିକୁ ।

ଅତୀତ ହିଁ ଐତିହ୍ୟର ପୃଷ୍ଠପେଟିକା । ଅତୀତ ପୃଷ୍ଠାରେ ଲିଖିତ ଅନେକ ଘଟଣା, ଅଲିଖିତ ଉଭୟ ଇଚ୍ଛାକୃତ ଏବଂ ଅନିଚ୍ଛାକୃତ ପ୍ରସଙ୍ଗ, ତର୍କ-ବିତର୍କ, ଆଲୋଚିତ-ଅନାଲୋଚିତ ବହୁବିଧ ଘଟଣାର ଜୀବନ୍ତ ସାକ୍ଷୀ ହେଉଛି ଅତୀତ । ଅତୀତକୁ ଧରି ଭବିଷ୍ୟତର ବ୍ୟୁହ ରଚନା କରାଯାଏ । ଏହା ହିଁ ଅତୀତର ଇତିହାସ । ଏହା ବ୍ୟତିରେକ ବର୍ତ୍ତମାନ ଓ ଭବିଷ୍ୟତର କଳନା ଅସମ୍ଭବ ଓ ଅମୂଳକ । ସେଥିପାଇଁ ବେଦବ୍ୟାସ 'ମହାଭାରତ'ର ଆରମ୍ଭରୁ ଇତିହାସର ଏହି ପ୍ରାମାଣିକତାକୁ ସ୍ୱୀକାର କରିଛନ୍ତି- 'ଅତ୍ରାପ୍ୟୁଦାହରନ୍ତୀ ମମିହିତାସଂ ପୁରାତନମ୍ ।' ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ମଧ୍ୟ ଏହି ସତ୍ୟକୁ ସମର୍ଥନ ଜଣାଇଛନ୍ତି । ସେ ଇତିହାସର କାଳପୁରୁରଷକୁ ସାହିତ୍ୟର ବ୍ୟକ୍ତିପୁରୁଷରେ ରୂପାନ୍ତରିତ କରିଛନ୍ତି । ସେ ଇତିହାସକୁ ସମ୍ବୋଧନ କରିଛନ୍ତି:

"କଥା କଓ, କଥା କଓ / ସ୍ତବ୍ଧ ଅତୀତ, ହେ ଗୋପନଚାରୀ / ଅଚେତନ ତୁମି ନଓ ।"

ସେହି ସଜୀବ ଇତିହାସର ନୂତନ ସଂଯୋଜନା କରାଯାଇଛି ଚଳିତ **'ରେବତୀ'**ର ନଭେମ୍ବର ସଂଖ୍ୟା 'ରାଜାରାଣୀ କାହାଣୀ'ରେ । କଡ଼ ଲେଉଟାଇ ଇତିହାସ ଯେମିତି ପୁନର୍ବାର ପ୍ରତିଧ୍ୱନିତ ହୋଇଛି ଏଥିରେ ସ୍ଥାନିତ ଆଲେଖମାନଙ୍କରେ । ଅତୀତର ବିସ୍ମୃତ ଗର୍ଭରୁ ଗବେଷକ-ଲେଖକମାନେ ରୋଚକ ତଥ୍ୟ ସବୁକୁ ତୋଳି ଧରିଛନ୍ତି ସେମାନଙ୍କ ଲେଖାରେ । ପ୍ରସିଦ୍ଧ ରାଜବଂଶର ଇତିହାସ ସହିତ ଗୌରବମୟ ପରମ୍ପରା, ଶାସନପ୍ରଣାଳୀ, ପ୍ରଜାହିତୈଷୀ ରାଜାଙ୍କର କାର୍ଯ୍ୟଧାରା, ସଂସ୍କୃତି-ଭାସ୍କର୍ଯ୍ୟର ପୃଷ୍ଠପୋକତାରେ ଦେଶ ଓ ଦଶର ପରିଚୟ କିପରି ନିର୍ମାଣ ହୋଇଛି, ସେସବୁ ଆକର୍ଷଣୀୟ ଆଲେଖାଦି **ରେବତୀ**ର ଚଳିତ ସଂଖ୍ୟାକୁ ସୁଶୋଭିତ କରିଛି । ଏଥିମଧ୍ୟରୁ ଲେଖକ **ଅଜିତ୍ ପାତ୍ର**ଙ୍କ 'ମୟୂରଭଞ୍ଜ ରାଜଉଆସ' ଆଲେଖଟି ବେଶ୍ ଉପାଦେୟ, ଯଦିଓ ଅନ୍ୟସବୁ ରଚନା ମଧ୍ୟ ଗୁଣାତ୍ମକ ଦିଗରୁ ଏହାର ସମଗୋତ୍ର । ଲେଖକ ଅଜିତ ପାତ୍ର ଅତୀତ ଓଡ଼ିଶାର ମୟୂରଭଞ୍ଜ ରାଜ ଉଆସକୁ କେବଳ ମାଧ୍ୟମ କରିଛନ୍ତି, ମାତ୍ର ଗୌରବୋଜ୍ଜ୍ୱଳ ଭଞ୍ଜବଂଶର ଯଶଖ୍ୟାତି, ଜନହିତକର ପଦକ୍ଷେପ, ଆଧୁନିକ ଓଡ଼ିଶା ଗଠନରେ ମୟୂରଭଞ୍ଜାଧିପତିଙ୍କ ପ୍ରମୁଖ ସହଯୋଗ ସହିତ ଓଡ଼ିଶାର ଭାଷା-ସାହିତ୍ୟ ସଂସ୍କୃତି-ପରମ୍ପରାକୁ ପୃଷ୍ଠପୋଷକତା କରିବାରେ ମୟୂରଭଞ୍ଜ ରାଜବଂଶର ଯେଉଁ ମହତୋତ୍ତର ଅବଦାନ ରହିଛି, ତାହାର ଏକ ସମୟୋପଯୋଗୀ ଚିତ୍ର ପ୍ରଦାନ କରିଛନ୍ତି ଉକ୍ତ ଆଲୋଚନାରେ ।

ଆଧୁନିକ ଓଡ଼ିଶା ଗଠନ ସହ ସମଗ୍ର ଭାରତବର୍ଷରେ ଓଡ଼ିଶାର ବିକାଶଧାରାକୁ ଅଧିକ ତ୍ୱରାନ୍ୱିତ କରିବାରେ ମୟୂରଭଞ୍ଜ ରାଜବଂଶର ଅବଦାନ ବିପୁଳ । ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦିଗରୁ ବିଚାର କଲେ ସ୍ୱାଧୀନଚେତା ଶିକ୍ଷିତ ରାଜାମାନେ ସେମାନଙ୍କ ଅକ୍ଷୟ କୀର୍ତ୍ତିରେ ଗୌରବୋଜ୍ଜ୍ୱଳ ଓଡ଼ିଶା ଇତିହାସକୁ ମହିମାନ୍ୱିତ କରିଛନ୍ତି । ଭଞ୍ଜ ବଂଶର ଶାସନ ଓ ଦୂରଦୃଷ୍ଟି ଏହି ସତ୍ୟର ଦ୍ୟୋତକ । ଏଥିସହିତ ମଧ୍ୟ ଯୋଡ଼ି ହୋଇଛି ଓଡ଼ିଶାର ବିଭିନ୍ନ ରାଜବଂଶ ଏବଂ ଗଡ଼ଜାତ ଶାସନ ବ୍ୟବସ୍ଥା । ଯଥା ଖୋର୍ଦ୍ଧା, କୁଜଙ୍ଗ, ଆଳି, ଢେଙ୍କାନାଳ, କେନ୍ଦୁଝର, ନୟାଗଡ଼, ଘୁମୁସର, ବାମଣ୍ଡା, ବଲାଙ୍ଗୀର, ତାଳଚେର, ଖଣ୍ଡପଡ଼ା, କନିକା, ପଟିଆ ପ୍ରଭୃତି । ପ୍ରତିଟି ରାଜବଂଶର ଅବଦାନରେ ଓଡ଼ିଶାର ପରିଚୟ ଯେତିକି ସମୃଦ୍ଧ ହୋଇଛି, ତହିଁ ଅପେକ୍ଷା ବିଭବଶାଳୀ ରାଜବଂଶ, ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ଭାଷା-ସାହିତ୍ୟ-ସଂସ୍କୃତିର ଉପାସକ ଭାବରେ ରାଜବଂଶୀୟ ଦାୟାଦମାନଙ୍କର ଏକନିଷ୍ଠ ଅନ୍ତରଙ୍ଗତା ମଧ୍ୟ ବିଶ୍ୱସ୍ତରରେ ଚର୍ଚ୍ଚାର କେନ୍ଦ୍ରବନ୍ଦୁ ପାଲଟିଛି । ମୟୂରଭଞ୍ଜ ରାଜବଂଶ ଏହି ମହନୀୟ ଐତିହ୍ୟ ନିର୍ମାଣରେ ଭିତ୍ତି ସ୍ଥାପନ କରିଛି ବୋଲି ସ୍ୱୀକାର କରାଯାଇପାରେ । ବିଶେଷତଃ ଶିକ୍ଷାର ପ୍ରସାର ଏବଂ ସର୍ବୋପରି ମାତୃଭାଷାର ବିକାଶରେ ଅନ୍ୟ ରାଜବଂଶ ଭଳି ମୟୂରଭଞ୍ଜ ମଧ୍ୟ ନେଇଛି ଉଲ୍ଲେଖଯୋଗ୍ୟ ଭୂମିକା । ଶାସନ, ପ୍ରଶାସନ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରାଜନୀତି, ପ୍ରତ୍ନତତ୍ତ୍ୱ, ଧାର୍ମିକ ସଂହତି, ସଂସ୍କୃତି-ପରମ୍ପରା ଆଦି ସକଳ କ୍ଷେତ୍ରରେ ଭଞ୍ଜମାଟିର ଯଥାର୍ଥ ନେତୃତ୍ୱ ଓ ଭୂମିକା ଅବିସମ୍ବାଦିତ । ସେହିସବୁକୁ ଆଲୋଚନା କରିଛନ୍ତି ଲେଖକ ଅଜିତ ପାତ୍ର । ସେ ପ୍ରସଙ୍ଗକ୍ରମେ ଚୁମ୍ବକରେ ବାରିପଦାର ସ୍ୱର୍ଣ୍ଣିମ ଇତିହାସ ସହିତ ଭଞ୍ଜକୁଳାଧୀଶଙ୍କ ଆଧୁନିକ ଓଡ଼ିଶା ନିର୍ମାଣର ସ୍ୱପ୍ନ-ସଂକଳ୍ପକୁ ମଧ୍ୟ ସୂଚୀତ କରିଛନ୍ତି ।

ସାହିତ୍ୟର ପୃଷ୍ଠପୋଷକତା କରିଛି ମୟୂରଭଞ୍ଜ । ସିଦ୍ଧପୁରୁଷ ତଥା ବୌଦ୍ଧ ସିଦ୍ଧାଚାର୍ଯ୍ୟ କାହ୍ନୁପା, ଲୁଇପାଙ୍କ ଲେଖନୀ ଏହିଠାରୁ ଦେଇଛି ଓଡ଼ିଆ ଭାଷାକୁ ମୂଳ ପରିଚୟ । ସେହିପରି ଭଞ୍ଜବଂଶ ମାଳିକା, ଯୁଦ୍ଧଗୀତିକା, ତାଳପତ୍ର ପୋଥିମାନ ଓଡ଼ିଆ ସାରସ୍ୱତ ଜଗତର ମହାର୍ଘ ସଂପତ୍ତି । ଅଷ୍ଟାଦଶ ଶତକର କଟି ମହାରାଜା ରଘୁନାଥ ଭଞ୍ଜଙ୍କ 'ରସଲହରୀ' କାବ୍ୟ ଏବଂ ଊନବିଂଶ ଶତକରେ ମହାରାଜା କୃଷ୍ଣଚନ୍ଦ୍ରଙ୍କ 'ମୟୂରଭଞ୍ଜ ପାକ୍ଷିକ' ପତ୍ରିକା ଉତ୍କଳରତ୍ନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ଉତ୍କଳପ୍ରଭା' ଓ 'ମନୋରମା' ପତ୍ରିକା ଓଡ଼ିଆ ଜାତିକୁ ଦେଇଛି ଜୀବନ୍ୟାସ । ଊନବିଂଶ ଶତକର ଶେଷ ଦଶକ ବେଳକୁ 'ଉତ୍କଳପ୍ରଭା' (୧୮୯୧) ପ୍ରକାଶ ପାଏ ମୟୂରଭଞ୍ଜ

ରାଜପ୍ରେସ୍‌ରୁ ମୁଦ୍ରିତ ହୋଇ । ଓଡ଼ିଆ ସାହିତ୍ୟର ବିକାଶ ଲାଗି ସାହିତ୍ୟିକମାନଙ୍କୁ ପାରିତୋଷିକ ଏବଂ ପ୍ରୋତ୍ସାହନ ରାଶି ଦେବାରେ ସର୍ବପ୍ରଥମେ 'ଉତ୍କଳପ୍ରଭା' ହିଁ ପ୍ରୟାସ କରିଛି । ଗୁଣୀ ମହାରାଜା ଶ୍ରୀରାମଚନ୍ଦ୍ର ରାଜକୋଷରୁ ଅର୍ଥ ପ୍ରଦାନ କରିଛନ୍ତି ଏବଂ ପ୍ରକାଶନ ଭାର ମଧ୍ୟ ବହନ କରିଛନ୍ତି । ପଦ୍ୟ, ଗଦ୍ୟ, ନାଟକାଦିରେ ଶ୍ରେଷ୍ଠ ରଚନା ପାଇଁ ଲେଖକମାନଙ୍କୁ ପୁରସ୍କୃତ କରିଛନ୍ତି ସେ । ଯାହାକୁ ପ୍ରଶଂସା କରି ବ୍ୟାସକବି ଫକୀରମୋହନ ସେନାପତି 'ନନାଙ୍କ ପାଞ୍ଜି'ରେ କହିଛନ୍ତି:

"ପ୍ରଭା ଉଦେ ଦେଖି କବିଏ ଭାବିଲେ ଯିବ ସବୁ ଆମ ଦୁଃଖ
ଲେଖିବୁ କବିତା ନେବୁ ଟଙ୍କା ଗଣି ପଢ଼ିବେ ସକଳ ଲୋକ ।"

ବିଶେଷତଃ ଆଧୁନିକ ସାହିତ୍ୟର ପ୍ରସାର ଏବଂ ସମାଲୋଚନା ସାହିତ୍ୟର ମଙ୍ଗ ଧରିବାରେ ସମର୍ଥ ହୋଇଥିଲା ଏହି ପତ୍ରିକା । ପ୍ରଥମେ ସନ୍ ୧୨୯୮, ବୈଶାଖ ମାସ ଅର୍ଥାତ୍ ୧୮୯୧ ମସିହା ଏପ୍ରିଲ ମାସରେ ପ୍ରକାଶ ପାଇଥିଲା 'ଉତ୍କଳପ୍ରଭା' । ଏହାର ପ୍ରଥମ ପୃଷ୍ଠାରେ ଲେଖା ଯାଇଥିଲା 'ମୟୂରଭଞ୍ଜାଧିପତି ଶ୍ରୀମନ୍ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଅନୁମତ୍ୟାନୁସାରେ ଶ୍ରୀଚୈତନ୍ୟ ପ୍ରସାଦ ରାୟଙ୍କ ଦ୍ୱାରା ସମ୍ପାଦିତ ।' ପରେ ବିଷୟ ଓ ପୃଷ୍ଠା ସହିତ 'ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ' ବୋଲି ଘୋଷଣାନାମା ରହିଥିଲା । ଏହାପରେ ବିଷୟଗୁଡ଼ିକର ନାମ ଓ ସେଗୁଡ଼ିକର ଲେଖକର ନାମ ରହିବା ସହିତ ଇଂରାଜୀରେ Baripada, Printed at the Raj Press, Mayurbhanj, Via; Balasore ବୋଲି ଉଲ୍ଲେଖ ରହିଥିଲା । ପଛପଟର ମଲାଟରେ ପ୍ରତିମାସରେ ହେଉଥିବା ନୂତନ ଗ୍ରାହକଙ୍କ ନାମ, ଠିକଣା ଲିପିବଦ୍ଧ ହେବା ସହ ବିଜ୍ଞାପନ, ଶୁଦ୍ଧିପତ୍ର, ମୂଲ୍ୟପ୍ରାପ୍ତି ସ୍ୱୀକାରର ବିବରଣୀ ରହୁଥିଲା । ପ୍ରକାଶନ ପୂର୍ବରୁ ରାଜାଙ୍କ ପକ୍ଷରୁ ଏକ ଘୋଷଣା ରହୁଥିଲା ଏହିପରି- "ଦେଶର ଶିକ୍ଷିତ ମଣ୍ଡଳୀ ଉତ୍ସାହ ଓ ଧନର ଅଭାବରୁ ପ୍ରବନ୍ଧ ଓ ଗ୍ରନ୍ଥାଦି ଲେଖିବାକୁ ଯତ୍ନବାନ ହେଉନାହାନ୍ତି, ଏ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜରୁ 'ଉତ୍କଳପ୍ରଭା' ନାମ୍ନୀ ମାସିକ ପତ୍ରିକା ଆଗାମୀ ବୈଶାଖ ମାସ ଠାରୁ ପ୍ରକାଶ କରାଯିବ । ଏଥିରେ ସାହିତ୍ୟ, ବିଜ୍ଞାନ, ଦର୍ଶନ, ରାଜନୀତି, ସାଧାରଣଧର୍ମ ଓ ନୀତି ସମ୍ବନ୍ଧୀୟ ପ୍ରବନ୍ଧମାନ ସନ୍ନିବେଶିତ ହେବ । ଉତ୍କୃଷ୍ଟ ପ୍ରବନ୍ଧ ଲେଖକମାନେ ପୁରସ୍କୃତ ହେବେ ।" ଫଳତଃ ବହୁ ଲେଖକଙ୍କୁ ଜନ୍ମଦେବା ସହ ବିକଶିତ କରାଇଥିଲା 'ଉତ୍କଳପ୍ରଭା' । ଏହାର ପ୍ରଥମଭାଗ ପ୍ରଥମ ସଂଖ୍ୟା ଠାରୁ ପଞ୍ଚମ ସଂଖ୍ୟା ଯାଏଁ ମୟୂରଭଞ୍ଜର ତତ୍କାଳୀନ ଶିକ୍ଷକ ଚୈତନ୍ୟ ପ୍ରସାଦ ରାୟ ସମ୍ପାଦକ ଥିବା ବେଳେ ଷଷ୍ଠ ସଂଖ୍ୟାରୁ ଅଷ୍ଟମ ସଂଖ୍ୟା ଯାଏଁ ସମ୍ପାଦକ ଥିଲେ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଏବଂ ନବମ ସଂଖ୍ୟା ଠାରୁ ଶେଷ ପର୍ଯ୍ୟନ୍ତ (ପଞ୍ଚମ ବର୍ଷ ଦ୍ୱାଦଶ ସଂଖ୍ୟା) ସମ୍ପାଦକ ରହିଥିଲେ ରାଜେଶ୍ୱର ମହାପାତ୍ର । ମହାରାଜା ଶ୍ରୀରାମଚନ୍ଦ୍ର ନିଜ ହାତପାଣ୍ଠିରୁ ତିନିଶହ ଟଙ୍କା ପୁରସ୍କାର ନିମନ୍ତେ ପ୍ରଦାନ କରୁଥିଲେ । ପତ୍ରିକାର ବାର୍ଷିକ ମୂଲ୍ୟ ବାରିପଦା ପାଇଁ ଥିଲା ଦେଢ଼ଟଙ୍କା ଏବଂ ଡାକଖର୍ଚ୍ଚ ଯୋଗେ ଅନ୍ୟସ୍ଥାନ ପାଇଁ ଦୁଇଟଙ୍କା । ପରେ ଏହାର ମୂଲ୍ୟ ନଗଦ ଏକ ଟଙ୍କା ଓ ଦେଢ଼ଟଙ୍କା ରଖା ଯାଇଛି । ଗ୍ରାମାଂଚଳ ପାଇଁ ଆଠଅଣା, ଦରିଦ୍ର ଛାତ୍ର ଓ ସ୍ୱଳ୍ପବେତନ ପାଉଥିବା କର୍ମଚାରୀଙ୍କୁ ବିନାମୂଲ୍ୟରେ ପତ୍ରିକା ପ୍ରଦାନ କରାଯାଉଥିଲା ।



ଅଜିତ ପାତ୍ର

ପତ୍ରିକାରେ ଲେଖି ପୁରସ୍କୃତ ହୋଇଥିଲେ ବହୁ ସାରସ୍ୱତ ସାଧକ, ଯେଉଁମାନେ ପରବର୍ତ୍ତୀ କାଳରେ ବେଶ୍ ପ୍ରତିଷ୍ଠିତ ହୋଇଛନ୍ତି ଓଡ଼ିଆ ସାହିତ୍ୟରେ । ଯଥା-

ରାଧାନାଥ ରାୟଙ୍କ 'ଚିଲିକା', 'ମହାଯାତ୍ରା', 'ଯଯାତିକେଶରୀ', ଭକ୍ତକବି ମଧୁସୂଦନ ରାଓଙ୍କ 'ଋଷିପ୍ରାଣେ ଦେବାବତରଣ', 'ଶ୍ରୀରାମ ବନବାସ', ପ୍ରକୃତି କବି ଗଙ୍ଗାଧର ମେହେରଙ୍କ 'ଇନ୍ଦୁମତୀ', ବ୍ୟାସକବି ଫକୀରମୋହନଙ୍କ 'ଜୀବନନଦୀ', 'ପାପୀ ଏବଂ ଧାର୍ମିକ', 'ପ୍ରାର୍ଥନା', 'ଜନ୍ମମାଟି', 'ସନ୍ଧ୍ୟା ସମୟରେ ବିଦେଶୀର ଚିନ୍ତା', 'ନିଦାଘ ନିଶୀଥ ସ୍ୱପ୍ନ', ଚନ୍ଦ୍ରମୋହନ ମହାରଣାଙ୍କ 'ଖଣ୍ଡଗିରି', 'କପିଳାସ', ସାଧୁଚରଣ ରାୟଙ୍କ 'ଆକାଶ', କହ୍ନେୟାଲାଲ ବସୁଙ୍କ 'ବୈଦେହୀ ବିଳାପ' ଆଦି ଗ୍ରନ୍ଥ । ଏଥିରେ ମଧ୍ୟ ପ୍ରକାଶ ପାଇଛି ରାମଶଙ୍କର ରାୟଙ୍କ ପ୍ରସିଦ୍ଧ ଐତିହାସିକ ଉପନ୍ୟାସ 'ବିବାସିନୀ' ଧାରାବାହିକ ଭାବରେ । ପ୍ରବନ୍ଧ ରଚନା କରିଛନ୍ତି ବିଶ୍ୱନାଥ କର, କୃଷ୍ଣପ୍ରସାଦ ଚୌଧୁରୀ, ସାଧୁଚରଣ ରାୟ, ଜୟକୃଷ୍ଣ ମହାପାତ୍ର ପ୍ରମୁଖ ।

ସମାଲୋଚନା ସାହିତ୍ୟର ଭିତ୍ତିଭୂମି ଗଢ଼ିବାରେ 'ଉତ୍କଳପ୍ରଭା'ର ଭୂମିକା ଅନବଦ୍ୟ । ପ୍ରାଚୀନ କାବ୍ୟଗ୍ରନ୍ଥ ଓ ରଚନାର ସମାଲୋଚନା ପ୍ରକାଶ କରି ଉଭୟ ପ୍ରାଚୀନ ଓ ସାଂପ୍ରତିକ ସାହିତ୍ୟ ଚର୍ଚ୍ଚାର ଏକ ନୂତନ ଅଧ୍ୟାୟର ସୂତ୍ରପାତ କରିଥିଲା ଏହି ପତ୍ରିକା । ତେଣୁ ସମାଲୋଚକ ନଟବର ସାମନ୍ତରାୟ 'ଉତ୍କଳପ୍ରଭା' ସଂପର୍କରେ ମତ ଦେଇ କହିଛନ୍ତି- "ଉତ୍କଳପ୍ରଭାର ବିଭିନ୍ନ ସଂଖ୍ୟାରେ ବିଭିନ୍ନ ଲେଖକଙ୍କର ଆଧୁନିକ ଓ ମଧ୍ୟଯୁଗୀୟ ସାହିତ୍ୟ ସମାଲୋଚନା ଥିଲା ଅତି ଉଚ୍ଚକୋଟୀର ।" (ଓଡ଼ିଆ ସାହିତ୍ୟର ଇତିହାସ) ଲାଲା ରାମନାରାୟଣ ରାୟ, ବିଜୟ ଚନ୍ଦ୍ର ମଜୁମଦାର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଗଣପତି ଦାସଙ୍କ ରଚନା ଏହି ପର୍ଯ୍ୟାୟଭୁକ୍ତ । 'ଉତ୍କଳପ୍ରଭା'ର ସମାଲୋଚନା ଧାରା ଓଡ଼ିଆ ସାହିତ୍ୟର 'ଇନ୍ଦ୍ରଧନୁ' ଓ 'ବିଜୁଳି'କୁ ଜନ୍ମ ଦେଇଛି । 'ଉତ୍କଳପ୍ରଭା'ର ଆୟୁ ସୀମିତ ଥିଲେ ହେଁ ନିର୍ଭୀକ ଭାବରେ ରାଜପୃଷ୍ଠପୋଷକତା ଲାଭ କରି ଓଡ଼ିଆ ପତ୍ରିକା ଜଗତକୁ ଦେଇଛି ଦିଗ୍‌ଦର୍ଶନ । ମୟୂରଭଂଜ ମାଟିକୁ ଏହି ବୀଜ କ୍ରମେ ସମଗ୍ର ଓଡ଼ିଆ ସାହିତ୍ୟକୁ ଅଙ୍କୁରିତ ହୋଇ ଦ୍ରୁମାୟିତ ହୋଇପାରିଛି । ସବଠାରୁ ଉଲ୍ଲେଖଯୋଗ୍ୟ ପ୍ରସଙ୍ଗ ହେଉଛି, ଯେତେବେଳେ ଓଡ଼ିଶାରେ ପୁସ୍ତକ ପ୍ରକାଶନ, ପ୍ରେସ୍ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଉଛି, ସେତେବେଳେ ମୟୂରଭଞ୍ଜ ନେଉଛି ଏହି କାର୍ଯ୍ୟଧାରାର ନେତୃତ୍ୱ । ଦୂରଦର୍ଶୀ ରାଜା ଶ୍ରୀରାମଚନ୍ଦ୍ରଙ୍କ ଆଧୁନିକ ଶିକ୍ଷା, ପାଶ୍ଚାତ୍ୟ ଧ୍ୟାନଧାରଣା, ପ୍ରେସ୍ ପ୍ରତିଷ୍ଠା ସହ ଭାଷା- ସାହିତ୍ୟକୁ ପୃଷ୍ଠପୋଷକତା ଦେବା ହିଁ ଏହି ସତ୍ୟର ପ୍ରମାଣ । ପତ୍ରିକା ପ୍ରକାଶନ, ତହିଁରେ ବିଜ୍ଞାପନ ବ୍ୟବସ୍ଥା, ପତ୍ରିକା ବିକ୍ରୟ ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥା, ସହରରୁ ଗ୍ରାମାଂଚଳ ଯାଏଁ ବିତରଣର ସୁବନ୍ଦୋବସ୍ତ ଆଦି ତାଙ୍କ ଶିକ୍ଷା ଓ ପ୍ରଗତିଶୀଳ ମାନସିକତାକୁ ସୂଚୀତ କରେ । ସେଥିପାଇଁ 'ଉତ୍କଳ ଭ୍ରମଣ'ରେ ଫକୀରମୋହନ ଲେଖିଥିଲେ:

"କୋଟି ତାରା ମଧ୍ୟେ ଯେହ୍ନେ ଶୋଭାପାଏ ଚନ୍ଦ୍ର
ଓଡ଼ିଶା ମଣ୍ଡଳେ ମହାରାଜା ରାମଚନ୍ଦ୍ର ।"

ଓଡ଼ିଆ ପତ୍ରିକା ଜଗତକୁ 'ଉତ୍କଳ ପ୍ରେସ୍' ଏକ ଦିଗବାରେଣୀ । ମୟୂରଭଞ୍ଜ ରାଜବଂଶର ଏହି ଅମୂଲ୍ୟ ଉପହାର ଓଡ଼ିଆ ଭାଷା-ସାହିତ୍ୟ, ପ୍ରକାଶନ, ଶିକ୍ଷା, ବିଜ୍ଞାପନ, ବିପଣନ ପାଇଁ ଦେଖାଇଛି ନୂତନ ରାସ୍ତା । ଚଳିତ **ରେବତୀ,** ସଂଖ୍ୟା ନଭେମ୍ବର ୨୦୨୨ରେ ଲେଖକ ଅଜିତ୍ ପାତ୍ରଙ୍କ 'ମୟୂରଭଞ୍ଜ ରାଜଉଆସ' ଆଲେଖଟି ରାଜବଂଶର ଇତିହାସ ସହ ଓଡ଼ିଶାର ଐତିହ୍ୟ ପ୍ରତିପାଦନରେ ମୟୂରଭଞ୍ଜର ସୁଯୋଗ୍ୟ ନରପତିଙ୍କ ସର୍ବମାନ୍ୟ ଅବଦାନକୁ ପ୍ରତିପାଦିତ କରାଇ ପାରିଛି । ପ୍ରସଙ୍ଗକ୍ରମେ 'ଉତ୍କଳ ପ୍ରଭା'ର ଶୁଭାଲୋକକୁ ପାଠକଙ୍କ ଚକ୍ଷୁଗୋଚର କରାଇବା ପାଇଁ ମୋର 'ବିଶେଷମତ'ର ଏହି ପ୍ରୟାସ ।




# ଅସାମାନ୍ୟ ଅତିବଡ଼ି

# ଓଡ଼ିଶାର ଅନନ୍ୟ ଯୁଗ ପୁରୁଷ
# ଅତିବଡ଼ି ଜଗନ୍ନାଥ ଦାସ


**ବିଚିତ୍ରା ଦାଶ**

ଶ୍ରୀମୟ, ଇନ୍ଦ୍ରଦ୍ୟୁମ୍ନ ଛକ, ଟିକରପଡ଼ା, ପୁରୀ-୭୫୨୦୦୨
ଫୋନ:୯୪୩୮୫୦୪୫୮୯


ଫଟୋ ସୌଜନ୍ୟ : ଲେଖିକା

ଯୁଗପୁରୁଷଙ୍କ କୃତି ନିର୍ଦ୍ଧାରଣ କରିବା ସମୟରେ ଗୁଡ଼ାଏ ବିଷୟରେ ଆଲୋଚନା କରିବା ନିମନ୍ତେ ମୌଳିକ ଉପାଦାନର ଆବଶ୍ୟକତା ଥାଏ । ଅତିବଡ଼ି ଜଗନ୍ନାଥ ଦାସ ତନ୍ମଧ୍ୟରୁ ସମ୍ପୂର୍ଣ୍ଣ ଭିନ୍ନ । ଓଡ଼ିଶାର ମଧ୍ୟଯୁଗୀୟ ସାହିତ୍ୟ ସ୍ରଷ୍ଟାମାନଙ୍କ ମଧ୍ୟରେ ପଞ୍ଚସଖାଙ୍କ ନାମ ଅନନ୍ୟ ଅଟେ । ଅଚ୍ୟୁତାନନ୍ଦଙ୍କ 'ମାଳିକା' ଓଡ଼ିଶାବାସୀଙ୍କ ଜନମାନସରେ ସର୍ବତ୍ର ବିଦିତ । 'ମାଳିକା' ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରରେ ରହଣି ଏବଂ ତତ୍‌ସଂଲଗ୍ନ ବିଷୟକୁ ନେଇ ପର୍ଯ୍ୟବେକ୍ଷିତ । ବିଭିନ୍ନ ସମୟରେ ଘଟଣା ଦୁର୍ଘଟଣା, ବିପତ୍ତି, ପ୍ରାକୃତିକ ବିପର୍ଯ୍ୟୟ ଗୁଡ଼ିକର ପୂର୍ବାଭାସ ଜାଣିବା ନିମନ୍ତେ ମନୁଷ୍ୟ ତାର ଆଗ୍ରହ ମଧ୍ୟଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ, ଦୀର୍ଘ ପାଞ୍ଚ ଶହ ବର୍ଷ ନିରନ୍ତର ଯାତ୍ରା ଜାରି ରଖିଛି । ଜଗନ୍ନାଥ ଦାସଙ୍କ ନିଜସ୍ୱ କତିପୟ କୃତି ଜନମାନସରେ ଉଦ୍‌ଜୀବିତ ନଥିଲେ ମଧ୍ୟ ଓଡ଼ିଆ ଭାଷାରେ ରଚିତ 'ଭାଗବତ' ଗ୍ରାମ, ପୁର ନଗର ଠାରୁ ଆରମ୍ଭ କରି ମନ୍ଦିର, ପାଠାଗାର ସର୍ବତ୍ର ଆଲୋଚିତ, ଚର୍ଚ୍ଚିତ ଏବଂ ଶ୍ରଦ୍ଧାର ସହ ପାଠ ମଧ୍ୟ କରାଯାଇଥାଏ । ଜଣେ ବ୍ୟକ୍ତିର ମହାପ୍ରୟାଣ ସମୟରେ ମଧ୍ୟ ମସ୍ତକ ନିକଟରେ ଗୋଟିଏ ଦୀପ ଜାଳି ଓଡ଼ିଆ ଭାଗବତ ପାଠ କରାଯାଏ । ସମସ୍ତ ଶୁଭଦିନ ଅର୍ଥାତ୍ ଭାଗବତ ଜୟନ୍ତୀ, ଜନ୍ମାଷ୍ଟମୀ, ବାମନ ଜନ୍ମ, ନୃସିଂହ ଜନ୍ମ, ରାମଜନ୍ମ ଆଦିରେ ଓଡ଼ିଆ ଭାଗବତ ପାଠ କରାଯାଏ । ବର୍ତ୍ତମାନ କାଳରେ ବହୁ ଆଡ଼ମ୍ବର ସହକାରେ ଭାଗବତ କଥା ସପ୍ତାହ ମଠ, ମନ୍ଦିର, ଧର୍ମାନୁଷ୍ଠାନମାନଙ୍କରେ ଆୟୋଜନ କରାଯାଉଛି । ପଞ୍ଚସଖାମାନଙ୍କ ମଧ୍ୟରୁ ଅତିବଡ଼ି ଜଗନ୍ନାଥ ଦାସ ସାମାନ୍ୟ ଭିନ୍ନ ଅଟନ୍ତି । ଅନ୍ୟ ଚାରିଜଣ ସିଦ୍ଧ ପୁରୁଷ ନିଜସ୍ୱ ରଚନା ଦ୍ୱାରା ପ୍ରସିଦ୍ଧି ଲାଭ କରିଛନ୍ତି । କିନ୍ତୁ ଜଗନ୍ନାଥ ଦାସ ବ୍ୟାସକୃତ 'ଶ୍ରୀମଦ୍ ଭାଗବତଂ'କୁ ଓଡ଼ିଆ ଭାଷାରେ ଅନୁବାଦ କରି ଯୁଗପୁରୁଷ ଭାବରେ ନିଜର ସ୍ଥାନକୁ ସୁରକ୍ଷିତ ରଖିଯାଇଛନ୍ତି । ଓଡ଼ିଆ ଭାଷାର ବ୍ୟାପକତା ଅନ୍ୟ ପ୍ରାଦେଶିକ ଭାଷାର 'ଭାଗବତଂ' ଅନୁବାଦକୁ ତୁଳନାକୁ ନେଲେ ଓଡ଼ିଆ ଭାଗବତ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିବା ନିଃସନ୍ଦେହ ଅଟେ । ଭାରତର ପୂର୍ବ ଦିଗରେ ଓଡ଼ିଶା ପ୍ରାନ୍ତ ଅବସ୍ଥିତି ହେତୁ ବିଦ୍ୟାନଗରୀ କାଶୀ ଠାରୁ ଦୀର୍ଘପଥ ଦୂରତା ଦୃଷ୍ଟିରୁ ଓଡ଼ିଆ ଭାଗବତର ପ୍ରସାର ପ୍ରଚାର 'ରାମଚରିତ ମାନସ' ପରି ନହେଲେ ମଧ୍ୟ ଓଡ଼ିଶା ପ୍ରଦେଶର କେତେ ଗୁଡ଼ିଏ ପୌରାଣିକ ଐତିହାସିକ ପୁସ୍ତକ ମଧ୍ୟରେ ଅତିବଡ଼ି ଜଗନ୍ନାଥ ଦାସ କୃତ ଓଡ଼ିଆ ଭାଗବତ ଶ୍ରେଷ୍ଠ ସ୍ଥାନ ଅଳଙ୍କୃତ କରିଛି । ଉକ୍ତ କୃତି ଓଡ଼ିଆ ଜାତି ସାଙ୍ଗରେ ଅନାଦି କାଳ ପର୍ଯ୍ୟନ୍ତ ଉଦ୍‌ଜୀବିତ ହୋଇ ରହିବା ନିଶ୍ଚିତ ।

ଅତିବଡ଼ି ଜଗନ୍ନାଥ ଦାସ ବ୍ରାହ୍ମଣ କୁଳରେ ଜନ୍ମଲାଭ କରି ବେଦାନ୍ତ ଦର୍ଶନର ଦାର୍ଶନିକ ନହୋଇ ମଧ୍ୟ ବ୍ୟାସକୃତ 'ଶ୍ରୀମଦ୍ ଭାଗବତଂ'କୁ ଓଡ଼ିଆ ଭାଷାରେ ସାଧାରଣ ଜନତାଙ୍କ ନିମନ୍ତେ ବ୍ୟବହାରିକ ସରଳ ଭାଷାରେ ଅବିକଳ ଅନୁବାଦ କରି ଯାଇଛନ୍ତି । ବାଲେଶ୍ୱରର ରେମୁଣା ଠାରେ ଜନ୍ମିତ ଶ୍ରୀଧର ଗୋସ୍ୱାମୀଙ୍କ ସଂସ୍କୃତ ରଚିତ 'ଶ୍ରୀମଦ୍ ଭାଗବତଂ'କୁ ପ୍ରଥମ ସଂସ୍କୃତ ଭାଷା ଟୀକା କରିବାରେ ଅତୁଳନୀୟ ବାଗ୍ମୀତା ପରିପ୍ରକାଶ କରିଯାଇଛନ୍ତି ।

ଚୈତନ୍ୟଙ୍କ ପୁରୀ ଆଗମନ ପୂର୍ବରୁ ରାମାନୁଜ, ନିର୍ମାକ, ଶଙ୍କର, ରାମାନନ୍ଦ, ବଲ୍ଲଭାଚାର୍ଯ୍ୟଙ୍କ ପୁରୀରେ ସହାବସ୍ଥାନ ଏବଂ ଶ୍ରୀମନ୍ଦିରର ପୂର୍ଣ୍ଣାଙ୍ଗ ରୀତିନୀତି, ପର୍ବପର୍ବାଣି, ଯାନିଯାତ୍ରା ସୁସଂଗଠିତ ହୋଇସାରିଥିଲା । ତା'ପରେ ଚୈତନ୍ୟଙ୍କ ପୁରୀ ଆଗମନ ଦ୍ୱାରା ଭକ୍ତିବାଦର ପ୍ରଚାର ହୋଇଥିଲା । ଶଙ୍କର ଓ ଅନ୍ୟମାନେ ଦର୍ଶନ ବାଦର ପ୍ରଚାରକ ଥିଲେ । ପୁରୁଷୋତ୍ତମ କ୍ଷେତ୍ରର ସ୍ୱତନ୍ତ୍ରତା ହେଉଛି ଭକ୍ତିବାଦ ଓ ଦର୍ଶନବାଦର ମିଳନର କେନ୍ଦ୍ରସ୍ଥଳୀ ଭାବରେ ଭାରତରେ ବିଦିତ ।

ଦର୍ଶନ ଶାସ୍ତ୍ର ମଧ୍ୟରେ ଛଅଗୋଟି ଦର୍ଶନକୁ ଆସ୍ତିକ ମତବାଦ କୁହାଯାଏ (ଯେଉଁମାନେ ବେଦକୁ ମାନନ୍ତି) । ନାସ୍ତିକ ଦର୍ଶନ ହେଉଛି ଯେଉଁମାନେ ବେଦକୁ ମାନନ୍ତି ନାହିଁ ।

ଛଅଗୋଟି ଆସ୍ତିକ ଦର୍ଶନକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି ।

୧. ବେଦାନ୍ତ, ମିମାଂସା ଦୁଇଗୋଟି ନିକଟତର ଦର୍ଶନ

୨. ଶାଙ୍ଖ୍ୟ, ବୈଶେସିକ୍ୟ, ଯୋଗ, ନ୍ୟାୟ ଏସବୁ ପରସ୍ପର ନିକଟତର ଦର୍ଶନ ।

ବେଦାନ୍ତ ଦର୍ଶନର ପ୍ରଚାରକ ହେଉଛନ୍ତି ବ୍ୟାସ ଏବଂ ମିମାଂସା ଦର୍ଶନର ପ୍ରଚାରକ ହେଉଛନ୍ତି ଜୈମିନି । ବ୍ୟାସଙ୍କ ଶିଷ୍ୟ ହେଉଛନ୍ତି ଜୈମିନି ।

ଶଙ୍କର- ଅଦ୍ୱୈତ ବେଦାନ୍ତ

ରାମାନୁଜ- ଦ୍ୱୈତ ବେଦାନ୍ତ



◀ ଲେଖିକା ବିଚିତ୍ରା ଦାଶ

ନିର୍ମାକ- ବିଶିଷ୍ଟ ଦ୍ୱୈତ ବେଦାନ୍ତ

ବଲ୍ଲଭାଚାର୍ଯ୍ୟ- ବିଶିଷ୍ଟ ଦ୍ୱୈତାଦ୍ୱୈତ ବେଦାନ୍ତ ।



ଉପରୋକ୍ତ ଦାର୍ଶନିକମାନେ ପୃଥିବୀରେ ଶ୍ରୀକ୍ଷେତ୍ରକୁ ବେଦାନ୍ତ ଦର୍ଶନର କେନ୍ଦ୍ରସ୍ଥଳୀ ଭାବରେ ଅବସ୍ଥାପିତ କରି ଯାଇଛନ୍ତି । ଉକ୍ତ ଦାର୍ଶନିକ ପଟ୍ଟଚିତ୍ରକୁ ମାଧବାଚାର୍ଯ୍ୟ, ରାମାନନ୍ଦ ଭକ୍ତିବାଦର ଦର୍ଶନରେ ଉଦ୍‌ବୁଦ୍ଧ କରିଛନ୍ତି । ଦୀର୍ଘଦିନର ବ୍ୟବଧାନ ଉପରାନ୍ତ ଚୈତନ୍ୟ ମହାପ୍ରଭୁଙ୍କର ଆବିର୍ଭାବ ଦ୍ୱାରା ପୂର୍ଣ୍ଣ ସମର୍ପଣ ମାଧ୍ୟମରେ ଭକ୍ତି ଦର୍ଶନକୁ ଉଦ୍‌ଜୀବିତ କରିଯାଇଛନ୍ତି । ଚୈତନ୍ୟଙ୍କ ତିରୋଧାନ ଉପରାନ୍ତେ ଷଡ଼ଗୋସ୍ୱାମୀ ଏବଂ ପୁରୀର ପ୍ରସିଦ୍ଧ ତୋଟାପୁରୀ ମହୋଦୟଙ୍କର ଅତୁଳ ସର୍ମପଣ ଏବଂ ଭାବାବେଗ ଶ୍ରୀକ୍ଷେତ୍ରରେ ସର୍ବତ୍ର ବିଦ୍ୟମାନ । ଶ୍ରୀକୃଷ୍ଣଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ଏବଂ ଶ୍ରୀକ୍ଷେତ୍ର ହେଉଛି ଗୁପ୍ତବୃନ୍ଦାବନ ମଧ୍ୟରେ ଅନନ୍ୟ ସଂପର୍କ ଜନମାନସରେ ବିଦିତ । ଉକ୍ତ ଭାବ ପରବର୍ତ୍ତୀ ସମୟରେ ଜୟଦେବଙ୍କ ସାବଲୀଳ ଭକ୍ତି ଶ୍ରୀକ୍ଷେତ୍ରରେ ଦର୍ଶନାଭିଳାଷୀଙ୍କ ମନରେ ଚମତ୍କାର ଆଲୋଡ଼ନ ସୃଷ୍ଟି କରୁଛି ।

ଭାରତବର୍ଷରେ ରାମାନନ୍ଦ ସଂପ୍ରଦାୟର ବହୁତ ମଠ, ନିବାସ ସ୍ଥଳ ଦୃଷ୍ଟିଗୋଚର ହୁଏ । ଉତ୍ତର ଭାରତରେ ରାମାନନ୍ଦୀ ସମ୍ପ୍ରଦାୟଙ୍କର ପ୍ରଭାବ ପରିଲକ୍ଷିତ ହୁଏ । ରାମାନନ୍ଦ ସଂପ୍ରଦାୟର ସ୍ୱତନ୍ତ୍ର ଦର୍ଶନ ନାହିଁ । ସମୟାନୁକ୍ରମେ ରାମାନନ୍ଦ ସଂପ୍ରଦାୟକୁ ବହୁଳ ଭାବରେ ଅନ୍ୟ ଦାର୍ଶନିକ ମାନେ ଗ୍ରହଣ କରିଛନ୍ତି । ତନ୍ମଧ୍ୟରୁ ସନ୍ଥ ତୁଳସୀ ଦାସ ଅନ୍ୟତମ । ତୁଳସୀ ଦାସଙ୍କର 'ହନୁମାନ ଚାଳିଶା', 'ସୁନ୍ଦରାକାଣ୍ଡ' ବର୍ତ୍ତମାନ ପୃଥିବୀରେ ସର୍ବତ୍ର ପାଠ କରାଯାଉଛି । ରାମାନନ୍ଦ ଆଚାର୍ଯ୍ୟଙ୍କର ୧୨ଜଣ ଶିଷ୍ୟ ଥିଲେ । ତନ୍ମଧ୍ୟରୁ ସନ୍ଥ କବୀର, ସନ୍ଥ ହରିଦାସ ଅନ୍ୟତମ । ସନ୍ଥ ହରିଦାସ ହେଉଛନ୍ତି ସନ୍ଥ ତୁଳସୀ ଦାସଙ୍କ ଗୁରୁ ଏବଂ ଅଭିଭାବକ ।

ଉତ୍ତର ଭାରତରେ ପ୍ରୟାଗରାଜ ଏବଂ କାଶୀକ୍ଷେତ୍ର ବିଶ୍ୱଜନ ବିଦିତ । ରାମାନନ୍ଦାଚାର୍ଯ୍ୟ, ସନ୍ଥ ତୁଳସୀ ଦାସ, ସନ୍ଥ କବୀର, ସନ୍ଥ ହରିଦାସ ସମସ୍ତଙ୍କର କର୍ମଭୂମି ପ୍ରୟାଗରାଜ କାଶୀକ୍ଷେତ୍ର ମଧ୍ୟରେ ଅବସ୍ଥିତ । ସେଥିପାଇଁ ସନ୍ଥ ତୁଳସୀ ଦାସ ଅଓ୍ୱଧୀ ଭାଷାରେ 'ତୁଳସୀ ରାମାୟଣ' ରଚନା କରିଥିଲେ । ରାମାନନ୍ଦାଚାର୍ଯ୍ୟ ଏବଂ ତାଙ୍କର ରାମଙ୍କ ଚରିତ୍ର ଉପରେ ବାଣୀ ଉତ୍ତର ଭାରତର ଲୋକଭାଷା ମଧ୍ୟରେ ପ୍ରଚଳିତ ଥିଲା । ସଂସ୍କୃତ ଭାଷାର ପ୍ରଚଳନ ରାଜଦରବାରରେ ପଣ୍ଡିତମାନଙ୍କ ଦ୍ୱାରା ଶୋଭାବର୍ଦ୍ଧନ କରୁଥିଲା । ଭାରତବର୍ଷର ସମସ୍ତ ପୌରାଣିକ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚନା କରାଯାଇଛି । ଲୋକଭାଷା ଓ ସଂସ୍କୃତ ଭାଷାର ସାଧାରଣ ପ୍ରଚଳନ ବୃହତ୍ତମ ନଗରୀମାନଙ୍କରେ ଉଦ୍‌ଜୀବିତ ଥିଲା । କିନ୍ତୁ ସାଧାରଣ ଜନମାନସରେ ପ୍ରଚଳିତ ଲୋକ ଭାଷାର ଆଦୃତି ଅଧିକ ଭାବରେ ଉପଲବ୍ଧ ଥିଲା । ଉକ୍ତ ସମୟରେ ସରଳ ଗ୍ରାମଜୀବନ ହେତୁ ବିଶେଷ ଅନୁଷ୍ଠାନମାନଙ୍କରେ ପଣ୍ଡିତମାନଙ୍କର ଆବଶ୍ୟକତା ଅନୁଭୂତ ହେଉଥିଲା । ଏହାଦ୍ୱାରା ଜନମାନସରେ ସଂସ୍କୃତ ଭାଷା କତିପୟ ବ୍ୟକ୍ତିଙ୍କ ନିକଟରେ ସଙ୍କୁଚିତ ଭାବରେ ବିଦ୍ୟମାନ ଥିଲା । ଯୀଶୁଙ୍କର ଆବିର୍ଭାବର ଷଷ୍ଠ ଶତାବ୍ଦୀ ପୂର୍ବ ସମୟରେ ବୁଦ୍ଧଙ୍କ ଆବିର୍ଭାବ ୫୬୭ ବିସିରେ ଘଟିଥିଲା ଉତ୍ତର ଭାରତରେ । ଉକ୍ତ ସମୟରୁ ସଂସ୍କୃତ ସାହିତ୍ୟ ଗବେଷଣା ପ୍ରତି ବିରୋଧାଭାସ ଭାରତରେ ଆଜି ପର୍ଯ୍ୟନ୍ତ ଚାଲି ଆସିଛି । ଏହାଦ୍ୱାରା ପୁରାତନ ଏବଂ ନୂତନ ପିଢ଼ିର ସେତୁକୁ ମଜଭୁତ୍ କରିବା ବଦଳରେ ଜୀର୍ଣ୍ଣ ଅବସ୍ଥା ନିକଟତର ହେବାକୁ ଲାଗିଛି । ଯୀଶୁ ହୁଅନ୍ତୁ, ବୁଦ୍ଧ ହୁଅନ୍ତୁ, ଜୈନ ହୁଅନ୍ତୁ ଏମାନେ ସମସ୍ତେ ବ୍ୟକ୍ତିବାଦର ପ୍ରଚାରକ କିନ୍ତୁ ଭାରତର ସନାତନ ଧର୍ମ ଯୁକ୍ତି ଓ ପରୀକ୍ଷା ଦ୍ୱାରା ଗ୍ରହଣ କରାଯାଏ । କିନ୍ତୁ ପୃଥିବୀର ଅନ୍ୟତ୍ର ବହୁଳ ଭାବରେ ପ୍ରଚାରିତ ହେଉଥିବା ଧର୍ମ ବ୍ୟକ୍ତିଙ୍କର ବାଣୀ ଉପରେ ଆଧାରିତ । ଏକାଦଶ ଶତାବ୍ଦୀରେ 'ଶ୍ରୀ'ସମ୍ପ୍ରଦାୟର ଦ୍ୱୈତବାଦୀ ବୈଷ୍ଣବ ଥିଲେ ରାମାନୁଜ । ଉକ୍ତ ସମ୍ପ୍ରଦାୟର ପ୍ରଥମ ଗୁରୁ ନାଥମୁନି ଦଶମ ଶତାବ୍ଦୀର ଥିଲେ । ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରେ ମଧ୍ୟପ୍ରାଚ୍ୟରେ ମହମ୍ମଦଙ୍କର ଅଭ୍ୟୁଦୟ ଘଟିଲା । ଏହା କ୍ରମଶଃ ରାଜଧର୍ମର ଆୟୁଧ ଭାବରେ ପୃଥିବୀର ଚତୁର୍ଦ୍ଦିଗକୁ ସଂପ୍ରସାରିତ ହେବାକୁ ଲାଗିଲା । ବର୍ତ୍ତମାନ ମଧ୍ୟ ପ୍ରାଚୀରର କିଛି ଦେଶରେ ପାରସ୍ୟ (ପାର୍ଶୀ) ସଭ୍ୟତା ନିଶ୍ଚିହ୍ନ ହୋଇଗଲା । ଏହାପରେ ଆଫଗାନିସ୍ଥାନରେ ତକ୍ଷଶୀଳା, କାନ୍ଦାହାର, ହିନ୍ଦୁକୁଶ୍ ପର୍ବତ ପାଖରେ ଥିବା ସନାତନ ସଂପ୍ରଦାୟ ନିଶ୍ଚିହ୍ନ ହୋଇଗଲା । ଏହା କ୍ରମଶଃ ଗତିଶୀଳ ହୋଇ ସିନ୍ଧ୍ ପ୍ରଦେଶ, ବେଲୁଚିସ୍ଥାନ, ପଞ୍ଜାବ ହୋଇ ଉତ୍ତରପ୍ରଦେଶ ନିକଟତର ହେବା ଦ୍ୱାରା ସନ୍ଥମାନେ ବାଧ୍ୟବାଧକତାରେ ସଂସ୍କୃତ ଗ୍ରନ୍ଥମାନଙ୍କୁ ଲୋକଭାଷା ଦ୍ୱାରା ସରଳ ଭାବରେ ଉକ୍ତ କୃତିର ବିଶ୍ଳେଷଣ କରିବା ଦ୍ୱାରା ବର୍ତ୍ତମାନ ଭାରତରେ ନବେ କୋଟି ହିନ୍ଦୁଙ୍କର ସ୍ଥିତି ବଜାୟ ରହିଛି ।

ଓଡ଼ିଶାରେ ବର୍ତ୍ତମାନ ସମୟରେ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଦ୍ୱାରା ପୁରାତନ ଖନନରୁ ଦୁଇଶହ ସ୍ଥାନରେ ବୌଦ୍ଧ କୀର୍ତ୍ତିରାଜି ଲୋକ ଲୋଚନକୁ ଆସିପାରିଛି । ବୌଦ୍ଧଙ୍କର ଦୁଇ ସଂପ୍ରଦାୟ ଅଛନ୍ତି । ମହାଯାନ ଓ ହୀନଯାନ । ଯାଜପୁର ଜିଲ୍ଲାର ଲଳିତ ଗିରି, ଉଦୟଗିରି ଠାରେ ବୀରଯାନର ଅଭ୍ୟୁଦୟ ଘଟିଲା । ଓଡ଼ିଶା ଶ୍ରୀକ୍ଷେତ୍ରରେ ବେଦାନ୍ତ ଦର୍ଶନର ଉତ୍‌ଥାନ ହେତୁ ବୌଦ୍ଧ ଧର୍ମ ଓଡ଼ିଶାରେ କ୍ରିୟାଶୀଳ ନହୋଇ ପାରି ଶ୍ରୀଲଙ୍କା, ଇଣ୍ଡୋନେସିଆ ଏବଂ ଅନ୍ୟାନ୍ୟ ଦେଶମାନଙ୍କରେ ସଂପ୍ରସାରିତ ହେଲା । ଉକ୍ତ ମହାନ୍ ସନ୍ଥଙ୍କର ଅବଦାନ ଯୋଗୁଁ ଆଜି ସାରା ଓଡ଼ିଶାରେ ଶହେ ଭାଗ ଜଗନ୍ନାଥ ବିଶ୍ୱାସୀ ଏବଂ ଜଗନ୍ନାଥଙ୍କର ଭକ୍ତଭାବରେ ସାଲବେଗଙ୍କ ଠାରୁ ସିକନ୍ଦର୍ ଆଲାମ୍ ପର୍ଯ୍ୟନ୍ତ ବ୍ୟକ୍ତିଙ୍କର ଅଭାବ ପରିଲକ୍ଷିତ ହେଉନାହିଁ ।

ଭାରତବର୍ଷ ହେଉଛି ଦେବଭୂମି ଅର୍ଥ ଜ୍ଞାନୀମାନଙ୍କର ଆବାସସ୍ଥଳୀ । ନଗରରେ, ଗ୍ରାମରେ, ବନରେ ସମପରିମାଣର ବ୍ୟକ୍ତି ଅବସ୍ଥାନ କରୁଥିଲେ । ବନରେ ବନବାସୀଙ୍କ ସଙ୍ଗରେ ଋଷି, ଗ୍ରାମରେ ଉପାଧ୍ୟାୟଙ୍କ ସଙ୍ଗରେ, ନଗରରେ ପୁରୋହିତ / ପଣ୍ଡିତଙ୍କ ସଙ୍ଗରେ ଜୀବନ ସହଜ ସୁନ୍ଦର ଭାବରେ ଅତିବାହିତ ହେଉଥିଲା । ନଗରର ଜଟିଳ ସମସ୍ୟା ପୁରୋହିତ, ଉପାଧ୍ୟାୟ, ଋଷିଙ୍କ ଦ୍ୱାରା ସମାଧାନର ମାର୍ଗ ନିରୂପଣ ସୁଗମ ହେଉଥିଲା । ଗ୍ରାମ, ନଗର ବନବାସୀ ବ୍ୟକ୍ତି ବିଶେଷ ଋଷିଙ୍କ ନିକଟରେ ମୁକ୍ତ ଭାବରେ ନିଜର ସମସ୍ୟା ପରିପ୍ରକାଶ କରି ସ୍ୱଚ୍ଛନ୍ଦରେ ସମାଧାନର ସୂତ୍ର ପାଇ କାଳାତିପାତ କରୁଥିଲେ । ଋଷି ସମସ୍ତ ବ୍ୟକ୍ତିଙ୍କୁ ସନ୍ତାନ ରୂପରେ ଆପଣେଇ ନେଉଥିଲେ । ଉକ୍ତ ସମୟରେ ଚାରି ଆଶ୍ରମର ପ୍ରାଧାନ୍ୟ ଜନମାନସରେ ଉଦ୍‌ଜୀବିତ ଥିଲା ତଥା ବ୍ରହ୍ମଚର୍ଯ୍ୟ, ଗ୍ରାହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ । ସନ୍ତାନୋତ୍ପତ୍ତିର ନଅବର୍ଷ ପର୍ଯ୍ୟନ୍ତ ପିତାମାତାଙ୍କ ସଙ୍ଗରେ ଗ୍ରାମ କିମ୍ବା ନଗରରେ ଅବସ୍ଥାନ, ଏଗାର ବର୍ଷ ଠାରୁ ଗୁରୁଙ୍କ ସଙ୍ଗରେ ବନବାସ, ଏକୋଇଶି ବର୍ଷ ଠାରୁ ବୟାଳିଶ ବର୍ଷ ପର୍ଯ୍ୟନ୍ତ ଉପାଧ୍ୟାୟ କିମ୍ବା ପୁରୋହିତ ନଚେତ୍ ଗୁରୁଙ୍କ ଆଶ୍ରମରେ ଜୀବନ ଅତିବାହିତ କରୁଥିଲେ । ଷାଠିଏ ବର୍ଷ ଉପରାନ୍ତ ସନ୍ନ୍ୟାସ (ପରିବ୍ରାଜକ) ଜୀବନ । ଏହାଦ୍ୱାରା ସମାଜ ସୁସ୍ଥ, ପରାକ୍ରମୀ, ବୁଦ୍ଧିମାନ, ନ୍ୟାୟବାନ୍, ଗୁଣୀ, ବାଗ୍ମୀଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା । ଉକ୍ତ ସମାଜର କିଛି କାଳାନ୍ତେ ଋଷିଙ୍କ ମଧ୍ୟରେ ବିଦ୍ୱେଷ ଭାବ ଯୋଗୁଁ ଋଷିଙ୍କର ଅନୁଗାମୀଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଦେଖାଦେଲା । ତନ୍ମଧ୍ୟରୁ ବଶିଷ୍ଠ, ବିଶ୍ୱାମିତ୍ର, ଗୌତମ, ଦୁର୍ବାସା ଏବଂ ଅନ୍ୟାନ୍ୟ ଋଷିଙ୍କ ଗବେଷଣାତ୍ମକ ନିଷ୍କର୍ଷ

ଅନୁଯାୟୀ ଶିଷ୍ୟମାନେ ସଠିକ୍ ଭାବରେ ଧାରଣା କରିବାରେ କ୍ଷମତା ନଥିବା ହେତୁ ପରମ୍ପରାଗତ ଜ୍ଞାନର ପ୍ରସାର ପ୍ରଚାରରେ ପ୍ରତିବନ୍ଧକ ଦେଖାଦେଲା । ଏହାଦ୍ୱାରା ସମାଜର ପତନ ଅବଶ୍ୟମ୍ଭାବୀ ହୋଇଗଲା । ଜୈମିନିଙ୍କ ଶିଷ୍ୟ ଯାଜ୍ଞବଲ୍କ୍ୟ ପ୍ରଥମ ଋଷିପୁତ୍ର ହିସାବରେ ଯଜୁର୍ବେଦର କିଛି ଆଖ୍ୟାୟନର ବ୍ୟାଖ୍ୟାକୁ ପ୍ରବଳ ବିରୋଧ କରିବା ଦ୍ୱାରା ଯଜୁର୍ବେଦ ଦୁଇ ଭାଗରେ ବିଭକ୍ତ ହୋଇଗଲା ।

୧. ଶୁକ୍ଳ ଯଜୁର୍ବେଦ
୨. କୃଷ୍ଣ ଯଜୁର୍ବେଦ

୧. ଶ୍ରୀବୈଷ୍ଣବ ସଂପ୍ରଦାୟ
୨. ଶୈବ ସଂପ୍ରଦାୟ
୩. ସାକ୍ତ ସଂପ୍ରଦାୟ
୪. ସ୍ମାର୍ତ୍ତ ସଂପ୍ରଦାୟ (ବିଷ୍ଣୁ, ଶିବ, ଗଣେଶ, ସୂର୍ଯ୍ୟ)

ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର 'ଶ୍ରୀ' ସଂପ୍ରଦାୟର ହେଲେ ମଧ୍ୟ ଶୈବ ସଂପ୍ରଦାୟର ଶଙ୍କରାଚାର୍ଯ୍ୟ ମନ୍ଦିରର ଦୈନନ୍ଦିନ ନୀତିକାନ୍ତି, ପର୍ବପର୍ବାଣି, ଯାନିଯାତ୍ରାର ମୁଖ୍ୟ ନିରୀକ୍ଷକ, ସଂଶୋଧକ, ମାର୍ଗଦର୍ଶକ ଅଟନ୍ତି ।



ସଂକଳ୍ପରେ ଦେଶ, ଖଣ୍ଡ, ପ୍ରାନ୍ତ, ରାଶି, ନକ୍ଷତ୍ର ବ୍ୟକ୍ତ ଜାତିର ସୀମିତ ରହିବା ପାଇଁ ବାଧ୍ୟ କରାଗଲା ।

ଋଷିକୁଳ ପ୍ରଚଳନ ଥିବା ସମୟରେ ସଂସ୍କୃତ ଭାଷାର ପଣ୍ଡିତମାନଙ୍କର ଅଭାବ ଅନୁଭୂତ ହେଉନଥିଲା । ସମୟାନୁକ୍ରମେ ଋଷିକୁଳ ଏବଂ ଋଷିପୁତ୍ରମାନଙ୍କର ରାଜାନୁବର୍ଗଙ୍କ ସଙ୍ଗରେ ନିବିଡ଼ ସଂପର୍କ ହେତୁ କାଳକ୍ରମେ ନିତ୍ୟକର୍ମ ସମାଜର ଅପସରି ଗଲା । ଅପସାରଣର ଅଗ୍ରଧାଡ଼ିରେ ସ୍ୱଳ୍ପ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ । ସମୟାନୁକ୍ରମେ ସେମାନଙ୍କୁ ଚଣ୍ଡାଳ ଆଖ୍ୟା ଦିଆଗଲା । କିଛି କାଳାନ୍ତେ ବଣିକ ଗୋଷ୍ଠୀ (ସୃଷ୍ଟି) ଜଳପଥରେ ରାଜମାର୍ଗରେ ଦେଶାନ୍ତର ହେତୁ ମରୁଅଞ୍ଚଳ, ବନ ଅଞ୍ଚଳ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ନିତ୍ୟକର୍ମ (ସଂଧ୍ୟା, ଗାୟତ୍ରୀ, ତର୍ପଣ, ବିଶ୍ୱଦେବା, ଅଗ୍ନି ହୋତ୍ର (ଅଗ୍ନି ଉପାସନା) କରିବାରେ ଅସଫଳ ହେଲେ । ଏହା ଦ୍ୱାରା ସମାଜର ବୃହତ୍ ଭାଗ ମୂଳ ଗୁଣ ସୂତ୍ରରୁ ଦୈନନ୍ଦିନ

ମଧ୍ୟଯୁଗ ଆରମ୍ଭ କିଛି କାଳାନ୍ତେ ପୃଥିବୀ ପୃଷ୍ଠରେ ସାଂସ୍କୃତିକ ଜାଗରଣର ଅୟମାରମ୍ଭ ସଂଗଠିତ ହେଲା । ଏହା ଦ୍ୱାରା ନୂତନ ସାମ୍ରାଜ୍ୟର ଉତ୍ଥାନ ଘଟିଲା । ସଂଭ୍ରାନ୍ତ ଗୋଷ୍ଠୀ ଧର୍ମପ୍ରଚାରକଙ୍କ ଦ୍ୱାରା ମନ୍ଦିର ଏବଂ ମଠ ନିର୍ମାଣ ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ଘଟିଲା । ରାଜାନୁବର୍ଗ ଏବଂ ଧର୍ମ ପ୍ରଚାରକମାନେ ଉକ୍ତ ମଠ ମନ୍ଦିରକୁ ସମସ୍ତ ଜ୍ଞାନର କେନ୍ଦ୍ରସ୍ଥଳୀ ରୂପରେ ଅଭିହିତ କରିବା ନିମନ୍ତେ ଚେଷ୍ଟିତ ହେଲେ ।

ବୃହତ୍ତର ଗ୍ରନ୍ଥାଗାର, ମଠମାନଙ୍କ ପ୍ରାଙ୍ଗଣ, ମନ୍ଦିର ପ୍ରସ୍ତରରେ ବିଭିନ୍ନ ପ୍ରକାରରର କାରୁକାର୍ଯ୍ୟ, ଲୋକ କଥାଚିତ୍ର ପ୍ରଚାରକମାନଙ୍କର ମୂର୍ତ୍ତି, ଦେବତାମାନଙ୍କର ଆକାର ଲୋକମାନସରେ ବିଶେଷ ଭାବରେ ଆଦୃତି ଲାଭ କରିବା ନିମନ୍ତେ ବୃହତ୍ତର ମେଳା, ଯାନିଯାତ୍ରାର ପ୍ରଚଳନ ବିଭିନ୍ନ ଦେବତାଙ୍କ ନାମରେ, ପ୍ରଚାରଙ୍କ ନାମରେ, ବିଶେଷଜ୍ଞାନର ଅଧିକାରୀ ଦୃଢ଼ ବ୍ୟକ୍ତିତ୍ୱଙ୍କ ନାମରେ ପ୍ରଚଳନର ଶୁଭାରମ୍ଭ ହୋଇଥିଲା । ମଧ୍ୟଯୁଗର ଅବସାନ ସମୟରେ ପୃଥିବୀ ପୃଷ୍ଠରେ ରାଜାନୁବର୍ଗ ଏବଂ ଧର୍ମ ପ୍ରଚାରକମାନଙ୍କ ମଧ୍ୟରେ ସହଭାଗିତା ହେତୁ ବିଭିନ୍ନ ରାଷ୍ଟ୍ରରେ ବୈପ୍ଳବିକ ପରିବର୍ତ୍ତନ ଦୃଢ଼ ଭାବରେ ସଂଗଠିତ ହେଲା । ଏହାର ପରିଣାମ ସଦୃଶ ବ୍ୟକ୍ତି ବିଶେଷଙ୍କ ସ୍ୱାଧୀନତା କ୍ଷୁର୍ଣ୍ଣ କରିବା ବ୍ୟକ୍ତିଙ୍କୁ ମୁର୍ଖ, ପଣ୍ଡିତ ଭାବରେ ଦୁଇଗୋଟି ଗୋଷ୍ଠ ନିର୍ମାଣ କରିବା ନିମନ୍ତେ ବୃଥା ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ଏହାଦ୍ୱାରା ବିଭିନ୍ନ ସନ୍ଥ, ପନ୍ଥ, ଗ୍ରନ୍ଥକୁ ପ୍ରଚାରକମାନେ ନିଜ ଦୃଷ୍ଟି ଭଙ୍ଗୀରେ ଜନମାନସରେ ଉପସ୍ଥାପିତ କରିବା ପାଇଁ ଚେଷ୍ଟିତ ହେଲେ ।

ଭାରତୀୟ ପରମ୍ପରାରେ ଋଷି ଏବଂ ଋଷିଙ୍କ ନାମକୁ ନେଇ ଗୋତ୍ରର ପ୍ରଚଳନ ସଂସ୍କାର ବିଧିର ମୂଳ ଉପାଦନ ଅଟେ । ସମାଜର ସଂପ୍ରସାରଣ ଦ୍ୱାରା ଗୋତ୍ର ସାଙ୍ଗରେ ବେଦର ଭେଦ ଏବଂ ପ୍ରବର (ପ୍ରଚାରକ)ର ପ୍ରଚଳନ ଦୀର୍ଘ ଏବଂ ଅନ୍ୟାନ୍ୟ ବେଦାନ୍ତ ଦାର୍ଶନିକମାନଙ୍କର ନିଜସ୍ୱ ସଂପ୍ରଦାୟର ସଂପ୍ରସାରଣ ନିଷ୍ପତ୍ତି ହେତୁ ଗୋତ୍ର ପ୍ରାବର ବେଦ ଯେକୌଣସି ସଂସ୍କାର କାର୍ଯ୍ୟର ଅୟମାରମ୍ଭ

ନିତ୍ୟକର୍ମ ଅଲଗା ହୋଇଗଲା । ଯଦି ଆମେ ଶ୍ରୀମଦ୍ ଭଗବତ ଗୀତାର 'ମୟାସୃଷ୍ଟ ଗୁଣ କର୍ମ ବିଭାଗ ସହ' ଏହାର ଅର୍ଥ ହେଉଛି ଗୋଟିଏ ବୃହତ୍ତର ସମାଜର ଉନ୍ନତି ସ୍ଥିତି ଦୀର୍ଘଦିନ ସ୍ଥିତାବସ୍ଥା ବଜାୟ ରଖିବା ଅତ୍ୟନ୍ତ ଜଟିଳ କାର୍ଯ୍ୟ । ଉକ୍ତ ଜଟିଳତାକୁ ସୁଗମ କରିବା ନିମନ୍ତେ ସମସ୍ତ ବିଭାଗରେ ଦୀର୍ଘଦିନ ଗବେଷଣା ଚେଷ୍ଟା ନିତାନ୍ତ ଅପରିହାର୍ଯ୍ୟ । ଉକ୍ତ ନିଷ୍ପାକୁ ପ୍ରଚେଷ୍ଟାରେ ପ୍ରତିଫଳନ କରିବା ନିମନ୍ତେ ଦୀର୍ଘଦିନର ପ୍ରତ୍ୟାକ୍ଷାନୁଭୂତି ତତ୍ ସଙ୍ଗେ ସଙ୍ଗେ ସଠିକ୍ ଜ୍ଞାନର ବିନିଯୋଗ ନିତାନ୍ତ ଅପରିହାର୍ଯ୍ୟ । ଉପରୋକ୍ତ ବିଷୟ ଗୁଡ଼ିକୁ ଦୃଷ୍ଟିରେ ରଖି ଉପାଧ୍ୟାୟ, ପୁରୋହିତ, ରାଜାନୁବର୍ଗ, ମଧ୍ୟ ଗୋଷ୍ଠୀଙ୍କୁ ତୁଷ୍ଟି କରଣ ନିମନ୍ତେ ଚେଷ୍ଟିତ ହେଲେ । ଏହାଦ୍ୱାରା ସମାନ ତିନିଗୋଟି ଭାଗରେ ବିଭକ୍ତ ହୋଇଗଲା । ଜ୍ଞାନ ବିଜ୍ଞାନର ନିମନ୍ତ୍ରଣ ଉଚ୍ଚବର୍ଗ (ରାଜା, ଉପଦେଷ୍ଟା ମଣ୍ଡଳୀ)ଙ୍କ ହସ୍ତରେ, ଅର୍ଥ ପରିଚାଳନା ଦାୟିତ୍ୱ ମଧ୍ୟବର୍ଗଙ୍କ ହସ୍ତରେ କାର୍ଯ୍ୟାନୟନ ଚଣ୍ଡାଳଙ୍କ ହସ୍ତରେ ପତିତ ହେଲା । ଏହାଦ୍ୱାରା ସଂସ୍କୃତ ଭାଷାର କ୍ରମଶଃ କ୍ଷୀଣତା ପରିଦୃଷ୍ଟ ହେଲା । କାରଣ ଭାରତବର୍ଷର ସମସ୍ତ ରାଜାନୁବର୍ଗ ସଂସ୍କୃତ ଭାଷାର ଉତ୍ଥାନ ନିମନ୍ତେ ଚେଷ୍ଟିତ ହେଲେ । କବି, ଗୁଣୀ, ପଣ୍ଡିତମାନେ ରାଜଦରବାରରେ ଶୋଭାବର୍ଦ୍ଧନ କଲେ । ସଂସ୍କୃତ ଭାଷାର ଉନ୍ନତି ପରିବର୍ତ୍ତେ ରାଜାଙ୍କର ସ୍ତୁତିଗାନ କରାଇବା, ଚାଟୁକାର ହେବା, ଉକ୍ତ ବିଷୟରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କଲେ । ବନବାସୀ ଜୀବନର ବିଲୁପ୍ତ ଉପରାନ୍ତେ ଗ୍ରାମ, ଜନପଦ ଉତ୍ଥାନ ଦ୍ୱାରା ରାଜାନୁବର୍ଗଙ୍କ ପ୍ରୋତ୍ସାହନରେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇ 'ରାଜାନୁଗତ' ଧର୍ମ ସୂତାନୁସାରେ ବ୍ୟକ୍ତି ବିଶେଷଙ୍କୁ ଦୈନନ୍ଦିନ ନିତ୍ୟ କର୍ମଠାରୁ ଆରମ୍ଭ କରି ପର୍ବପର୍ବାଣି, ଯାନିଯାତ୍ରା ନିଜସ୍ୱ ମତାନୁସାରେ ମନୁଷ୍ୟର ରୁଚି ଅରୁଚିକୁ ଭ୍ରୁକ୍ଷେପ ନକରି ବାଧ୍ୟବାଧକତାରେ କାର୍ଯ୍ୟ କରାଇବାର ସୂତ୍ର ସମୟାନୁସାରେ ରାଜାନୁବର୍ଗ ସିଦ୍ଧହସ୍ତ ହୋଇଗଲେ । ତଦ୍ୱାରା ଜ୍ଞାନ ରୂପକ ଖାଦ୍ୟର ଅଭାବ ବହୁମାତ୍ରାରେ ଅନୁଭୂତ ହେବାକୁ ଲାଗିଲା । ଏହାର ପ୍ରଭାବ ଦ୍ୱାରା ଏକାନ୍ନବର୍ତ୍ତୀ ପରିବାର ଖଣ୍ଡ ବିଖଣ୍ଡିତ ହୋଇ ପତିତ ସ୍ଫଟିକ ପ୍ରସ୍ତର ପରି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା । ସମୟାନୁକ୍ରମେ ଏକାନ୍ନବର୍ତ୍ତୀ ପରିବାରର ବିଲୋପ




ଉପରାନ୍ତ ବ୍ୟକ୍ତି କୈନ୍ଦ୍ରିକ ସମାଜର ଉତ୍‌ଥାନ ସାଧିତ ହେଲା । ଏହାର ମୁଖ୍ୟ କାରଣ ହେଉଛି ରାଜାନୁବର୍ଗମାନଙ୍କର ଦୁର୍ବଳତା, ବ୍ୟକ୍ତିବାଦୀମାନଙ୍କର ଜୟଘୋଷ । ମଧ୍ୟଯୁଗୀୟ ବ୍ୟବସ୍ଥା ଅତିକ୍ରମ କରିବାର କିଛି କାଳାନ୍ତେ ପୃଥିବୀ ପୃଷ୍ଠରେ ବ୍ୟକ୍ତିବାଦୀମାନଙ୍କ ଉତ୍‌ଥାନ ହେତୁ ତଥାକଥିତ ସୁଦୃଢ଼ ସମାଜ ଗଠନର ପରିକଳ୍ପନା, ସ୍ୱପ୍ନମାତ୍ର ହୋଇ ରହିଗଲା । ସାହିତ୍ୟ ସର୍ଜନା ଏକାନ୍ନବର୍ତ୍ତୀ ପରିବାରରେ ସଂପୂର୍ଣ୍ଣ ଭାବରେ ନିର୍ଭରଯୁକ୍ତ ଅଟେ । ବ୍ୟକ୍ତିକୈନ୍ଦ୍ରିକ ପରିବାରରେ ଶବ୍ଦ ସଂଯୋଜନା, ପୁସ୍ତକର ଭଣ୍ଡାର, ସୃଜନ ଶକ୍ତିହୀନତା ଦେଖାଦେଲା । ପ୍ରକୃତିର ଉପାସନା ଶରୀର ମଧ୍ୟରେ ଥିବା ବ୍ରହ୍ମଦର୍ଶନ ଆଦି ସୂକ୍ଷ୍ମ ବିଚାର ଧାରାକୁ ଲେଖନୀ ମାଧ୍ୟମରେ ସୃଷ୍ଟି କରିବା ବର୍ତ୍ତମାନ କଷ୍ଟସାଧ୍ୟ । ବ୍ୟାସଙ୍କର 'ଶ୍ରୀମଦ ଭାଗବତଂ' ଏବଂ ଅତିବଡ଼ି ଜଗନ୍ନାଥ ଦାସଙ୍କର 'ଶ୍ରୀମଦ୍ ଭାଗବତ' ତୁଳନାତ୍ମକ ଭାବରେ ବିଶ୍ଳେଷଣ ଆବଶ୍ୟକ ।

ସମସ୍ତ ପୌରାଣିକ ଚରିତ୍ରକୁ ଏକତ୍ରିତ କରି ବ୍ୟାସଦେବ 'ଶ୍ରୀମଦ୍ ଭାଗବତଂ'ରେ ଅଷ୍ଟାଦଶ ପୁରାଣର ମୁଖ୍ୟ ଘଟଣାବଳୀ, ଚରିତ୍ର, ରାଜବଂଶର ଉତ୍‌ଥାନ ପତନ, ବ୍ୟକ୍ତି ବିଶେଷଙ୍କ ଦମ୍ଭୋକ୍ତିକୁ ପ୍ରତିପାଦିତ କରିବା ଦୂରଦ୍ରଷ୍ଟା ମହାନ୍ ଜନନାୟକଙ୍କ ଘଟଣାବଳୀ ମୁଖ୍ୟତଃ ବିଷ୍ଣୁଙ୍କର ବିଭିନ୍ନ ଅବତାର, ସମସ୍ତ ସନ୍ଥ, ପନ୍ଥ, ଗ୍ରନ୍ଥମାନଙ୍କର ସଠିକ୍ ଭାବରେ ରୂପାୟନ କରାଯାଇଛି । ଦେବ-ରାକ୍ଷସ ସମ୍ବାଦ, ଋଷିକୁଳ ବର୍ଣ୍ଣନା, ସାଧାରଣ ଭାବରେ ଚଳଚଞ୍ଚଳ । ବନାନୀ, ନିର୍ଝରିଣୀ, ନଦନଦୀ, ମହୋଦଧି, ରାଜମାର୍ଗ, ଗ୍ରାମପଦ, ଜନପଦ, ବୃହତ୍ତମ ନଗରୀର ଶୋଭାରାଜି ବର୍ଣ୍ଣନା, ଚିତ୍ରକରର ଅଭିଳାଷକୁ ପୂରଣ କଲା ଭଳି ବ୍ୟାସଦେବ ଚମତ୍କାର ଭାବରେ ଚିତ୍ରିତ କରିଛନ୍ତି । ତନ୍ମଧ୍ୟରେ ଋଷିକୁଳ ପରମ୍ପରାର ଜନଜୀବନକୁ ପାଠକ ମନ୍ତ୍ରମୁଗ୍ଧ ହେଲା ପରି ବର୍ଣ୍ଣନା କରିଯାଇଛନ୍ତି । ଋଷିଙ୍କ ଚଳନ, ସହନ, ବିଦ୍ୟା ଅଧ୍ୟୟନ, ସଙ୍କଳ୍ପ ସଙ୍ଗରେ ରାଜାନୁବର୍ଗଙ୍କ ମଧ୍ୟରେ ଅଦୃଶ୍ୟ ରଜ୍ଜୁରେ ବନ୍ଧନଯୁକ୍ତ କରିଛନ୍ତି । ତନ୍ମଧ୍ୟରୁ କତିପୟ କ୍ଷେତ୍ରରେ ଋଷିକୁଳ ରାଜାନୁବର୍ଗଙ୍କ ମଧ୍ୟରେ ସଂଘର୍ଷ ଚମତ୍କାର ଭାବରେ ଉପସ୍ଥାପିତ ହୋଇଛି । ବ୍ୟାପକ ଉଦାହରଣ ମଧ୍ୟରେ ସମସ୍ତ ଅଧ୍ୟାୟରେ ସୁସ୍ପଷ୍ଟ ଭାବରେ ପ୍ରତୀୟମାନ ହୋଇଛି । ରାମଙ୍କର ଚରିତ୍ର, ଶ୍ରୀକୃଷ୍ଣଙ୍କ ଚରିତ୍ରକୁ ମନୁଷ୍ୟ ଦୈନନ୍ଦିନ ଚଳଣି ସଙ୍ଗରେ ନିବିଡ଼ ଭାବରେ ଜଡ଼ିତ କରାଇ ଏକ ଅନନ୍ୟ ଅତୁଳନୀୟ ଭାବରେ ପରିପ୍ରକାଶ ହୋଇଛି । ରାମଙ୍କ ଚରିତ୍ର ଋଷି ବାଲ୍ମିକୀଙ୍କ ବର୍ଣ୍ଣନାକୁ ବ୍ୟାସଦେବ ଚମତ୍କାର ଭାବରେ ମହାନ୍ ଗ୍ରନ୍ଥରେ ଉଲ୍ଲେଖ କରିଯାଇଛନ୍ତି । ଶ୍ରୀକୃଷ୍ଣଙ୍କ ବାଲ୍ୟଜୀବନର ବର୍ଣ୍ଣନା ସମସ୍ତ ଗ୍ରନ୍ଥର ବର୍ଣ୍ଣନା ଠାରୁ ଅତୀବ ଉଚ୍ଚକୋଟୀର ହୋଇଛି । ଏହାକୁ ଜନ୍ମାଷ୍ଟମୀରେ ଦଶମ ସ୍କନ୍ଦ ଭାଗବତରେ ଅତୀବ ଆଡ଼ମ୍ବର ସହକାରେ ଓଡ଼ିଶା ପୁରପଲ୍ଲୀରେ ଶ୍ରଦ୍ଧାର ସହିତ ପାଠ କରାଯାଏ । ଏଥିନିମନ୍ତେ ଓଡ଼ିଶାର ସମସ୍ତ ଗୃହରେ ବିଶେଷ ଭାବରେ ଜନ୍ମାଷ୍ଟମୀ ପର୍ବପାଳନ ନିମନ୍ତେ ଅତିବଡ଼ି ଜଗନ୍ନାଥ ଦାସଙ୍କ ବିରଚିତ 'ଶ୍ରୀମଦ୍ ଭାଗବତ' ଓଡ଼ିଆ ଭାଷାରେ ନିର୍ଦ୍ଦିଷ୍ଟ ଭାବରେ ଉପଲବ୍ଧ । ପୁରାଣ କାଳରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଭାଗବତରେ ରଚିତ ଋଷି, ରାଜା, ରାଜାନୁବର୍ଗ, ବିଜ୍ଞ, ଗୁଣୀ, ସାଧନା, ଉପସ୍ଥାପନା ଏବଂ ସମାଜ ପ୍ରତି ଥିବା ଉତ୍ସର୍ଗୀକୃତ ଭାବ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚନାରୁ ପ୍ରତ୍ୟକ୍ଷାନୁଭୂତି ପ୍ରାପ୍ତି ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଦ୍ୱାରା ଶ୍ରୀଧର ଗୋସ୍ୱାମୀଙ୍କ ସଂସ୍କୃତ ଭାଷାରେ 'ଶ୍ରୀମଦ୍ ଭାଗବତଂ, ଟୀକା ଠାରୁ ଓଡ଼ିଆ ଭାଗବତ ଉତ୍କଳ, କଳିଙ୍ଗ, କୋଶଳରେ ଓଡ଼ିଆଙ୍କ ମନ ମଧ୍ୟରେ ଲିପିବଦ୍ଧ ଅଲକ୍ଷ୍ୟରେ ହୋଇଯାଇଛି ।

ପୁରୀ ଜିଲ୍ଲା କପିଳେଶ୍ୱର ପୁର ଗ୍ରାମରେ ୧୪୯୦ ମସିହାରେ ଅତିବଡ଼ି ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଭଗବାନ ଦାସ ଓ ମାତାଙ୍କ ନାମ ପଦ୍ମାବତୀ ଦାସ । ୧୫୫୦ ମସିହାରେ ଜଗନ୍ନାଥ ଦାସ ମୃତ୍ୟୁବରଣ କରିଥିଲେ । ମହୋଦଧି ତୀରରେ ସ୍ୱର୍ଗଦ୍ୱାର ଠାରୁ ଦକ୍ଷିଣ ପାର୍ଶ୍ୱରେ ଅଳ୍ପ କିଛି ଦୂରରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଚିର ବିଶ୍ରାମସ୍ଥଳୀ ବା ସମାଧି ଅବସ୍ଥିତ । ସେହି ସ୍ଥାନଟି ଜନମାନସରେ ସାତଲହଡ଼ି ମଠ ନାମରେ ବିଦିତ ।

'ଶ୍ରୀମଦ୍ ଭାଗବତଂ'କୁ ଭାରତ ବର୍ଷରେ ବହୁତ ବ୍ୟକ୍ତି ନିଜସ୍ୱ ଶୈଳୀ



ନିଜସ୍ୱ ଭାଷାରେ ଚିତ୍ରିତ କରିବା ପାଇଁ ଚେଷ୍ଟିତ ହେଲେ । ଉତ୍କଳର ମହାନ୍ ବ୍ୟକ୍ତି ଅତିବଡ଼ି ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ସରଳ ଉତ୍କଳ ଭାଷାରେ ରଚନା କରିଯାଇଛନ୍ତି । ଅତିବଡ଼ି ଜଗନ୍ନାଥ ଦାସଙ୍କ ଆରାଧ୍ୟ ଠାକୁର ସତ୍ୟଯୁଗର ନୃସିଂହ ମହାପ୍ରଭୁଙ୍କ ନାମରେ ପ୍ରଥମେ ପ୍ରାର୍ଥନା କରିଅଛନ୍ତି । ନମଇ ନୃସିଂହ ଜରଣେ...

## ଚୈତନ୍ୟ ମହାପ୍ରଭୁଙ୍କ ଅଚିନ୍ତ୍ୟ ଭେଦାଭେଦ୍ୟ

୧. ରୁଚିଭକ୍ତି, ୨. ଶାସ୍ତ୍ରଭକ୍ତି

ଯୋଗ ଦର୍ଶନ ହେଉଛି ବିବେକ, ଶାଙ୍ଖ୍ୟ ଦର୍ଶନ ହେଉଛି ବିବେକୀ । ଅତିବଡ଼ି ଜଗନ୍ନାଥ ଦାସଙ୍କ ଯୁଗ ଆରମ୍ଭ ସମୟକୁ ପ୍ରତାପରୁଦ୍ର ଦେବଙ୍କ ଶାସନକାଳ ଏକ ଅମୃତଯୁଗ ଭାବରେ ଓଡ଼ିଶା ଜନମାନସରେ ଅଭିହିତ ହୋଇଅଛି । ଓଡ଼ିଶାରେ ଭକ୍ତି ଯୁଗର ପ୍ରଚାରକ ହେଉଛନ୍ତି ପଞ୍ଚସଖା । ପଞ୍ଚସଖାଙ୍କ ଲେଖନୀ ଚାଳନା ସୁଦୃଢ଼ ହେତୁ ଶ୍ରୀ ଜଗନ୍ନାଥଙ୍କୁ ନାରାୟଣଙ୍କର ଏକ ଅବତାର ଭାବରେ ପ୍ରତିପାଦିତ କରିଯାଇଛନ୍ତି । ଉକ୍ତ ପ୍ରତିପାଦିତକୁ ସୁଦୃଢ଼ କରିବା ନିମନ୍ତେ ଅତିବଡ଼ି ଜଗନ୍ନାଥ ଦାସଙ୍କର ଏକ ଛୋଟ ପ୍ରୟାସ ତାହାଙ୍କୁ ଚିରସ୍ମରଣୀୟ, ପ୍ରାତଃ ସ୍ମରଣୀୟ ଭାବରେ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଏକ ଯୁଗପୁରୁଷ ଭାବରେ ଅମର ହୋଇଛନ୍ତି । ଓଡ଼ିଶାର କତିପୟ କବିଙ୍କ ମଧ୍ୟରୁ ଅତିବଡ଼ି ଜଗନ୍ନାଥ ଦାସ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ବଙ୍ଗୀୟ ଭାଷା ବ୍ୟକ୍ତି ଚୈତନ୍ୟ ମହାପ୍ରଭୁ ଓଡ଼ିଶା ଆଗମନ ସମୟରେ ଓଡ଼ିଆ ସାହିତ୍ୟରେ ସୃଜନଶୀଳତାର ମାନ ବହୁତ ଉଚ୍ଚକୋଟୀର ଥିଲା । ଭକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରଚେଷ୍ଟା ଅବର୍ଣ୍ଣନୀୟ । ଦକ୍ଷିଣରେ ତେଲୁଗୁ ଭାଷାବାସୀ, ପଶ୍ଚିମରେ ହିନ୍ଦୀ, ଉତ୍ତର ପୂର୍ବାଞ୍ଚଳରେ ବଙ୍ଗୀୟ ଭାଷାର ଓଡ଼ିଶା ଭାଷା ମଧ୍ୟରେ ଅନଧିକାର ପ୍ରବେଶକୁ ଯେଉଁ କେତେଜଣ ସାହିତ୍ୟିକ ପ୍ରତ୍ୟକ୍ଷ ବା ପରୋକ୍ଷରେ ପ୍ରତିରୋଧ କରିପାରିଛନ୍ତି ସେଥିମଧ୍ୟରୁ ଅତିବଡ଼ି ଜଗନ୍ନାଥ ଦାସ ସ୍ୱତନ୍ତ୍ର । ଚୈତନ୍ୟ ମହାପ୍ରଭୁ ବୈଷ୍ଣବ ହୋଇଥିବା ହେତୁ ତାଙ୍କର ଆରାଧ୍ୟ ଠାକୁର ହେଉଛନ୍ତି ଶ୍ରୀକୃଷ୍ଣ । ଜଗନ୍ନାଥ ଦାସ ଦୈନିକ ଶ୍ରୀମନ୍ଦିର ମଧ୍ୟରେ ସ୍ୱୟଂ ରଚିତ ଓଡ଼ିଆ ଭାଗବତକୁ ସାବଲୀଳ କ୍ରମରେ ଶ୍ରୋତା ମଣ୍ଡଳୀଙ୍କ ସମ୍ମୁଖରେ ଉପସ୍ଥାପନର ଶୈଳୀ ଉଚ୍ଚକୋଟୀର ଥିବା ହେତୁ ବହୁତ ବିଦ୍ୱାନଙ୍କ ଦ୍ୱାରା ସମୟାନୁକ୍ରମେ ଆଦୃତ ହେବାକୁ ଲାଗିଲା । ଶ୍ରୀଚୈତନ୍ୟ ମହାପ୍ରଭୁ ପୁରୀ ଅବସ୍ଥାନ କାଳରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଗୃହରେ ସମୟ ଅତିବାହିତ କରୁଥିଲେ । ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଜଣେ ବଙ୍ଗଳାବାସୀ ପଣ୍ଡିତ ଥିଲେ । ତାଙ୍କର ମୁଖରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତର ଉଚ୍ଚ ପ୍ରଶଂସା ଶ୍ରବଣ କରୁଥିଲେ । ଦିନେ ମନ୍ଦିର ମଧ୍ୟରେ ଅତିବଡ଼ି ଜଗନ୍ନାଥ ଦାସ ଦଶମ ସ୍କନ୍ଦ ଭାଗବତରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାକୁ ଓଡ଼ିଆ ଭାଷାରେ ଉପସ୍ଥାପନକୁ ଚୈତନ୍ୟ ମହାପ୍ରଭୁ ଶ୍ରବଣ କରି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଇଥିଲେ । କାରଣ ସ୍ୱୟଂ ଜଣେ ସଂସ୍କୃତ ପଣ୍ଡିତ ଥିଲେ । ବ୍ୟାସଙ୍କର 'ଶ୍ରୀମଦ୍ ଭାଗବତଂ'କୁ ଆଞ୍ଚଳିକ ଭାଷାରେ ବର୍ଣ୍ଣନା କରିବା କଷ୍ଟସାଧ୍ୟ କାର୍ଯ୍ୟ ଅଟେ । ଉକ୍ତ କାର୍ଯ୍ୟକୁ ଜଗନ୍ନାଥ ଦାସ ସରଳ ଓଡ଼ିଆ ଭାଷାରେ ଅନୁବାଦ କରି ନିଜସ୍ୱ ଜ୍ଞାନ ଦ୍ୱାରା ସଂଗୃହୀତ କଥାବସ୍ତୁକୁ ସଂଯୋଜିତ କରି ଏକ ପୂର୍ଣ୍ଣାଙ୍ଗ ରସାତ୍ମକ ଭାବାତ୍ମକ ଗ୍ରନ୍ଥ ଭାବରେ ସର୍ବ ସମ୍ମୁଖରେ ସ୍ୱୟଂ ଉପସ୍ଥାପନ ପ୍ରତ୍ୟେକ ଦିନ ଅପରାହ୍ନରେ ଶ୍ରୀମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଜଗନ୍ନାଥଙ୍କ ଉପସ୍ଥିତିକୁ ଜନମାନସରେ ଅନୁଭବ କରାଇ ପାରୁଥିଲେ । ଉକ୍ତ ଅନୁଭବ ଦ୍ୱାରା ଶ୍ରୀଚୈତନ୍ୟ ମହାପ୍ରଭୁ ସଂପୂର୍ଣ୍ଣ ଭାବରେ ଅତିବଡ଼ି ଜଗନ୍ନାଥ ଦାସଙ୍କୁ ଶ୍ରୀମନ୍ଦିର ଅଗଣାରେ ସ୍ୱହସ୍ତରେ ତୋଳି ଆଲିଙ୍ଗନ ପୂର୍ବକ 'ତୁମି ଆମାର୍ ଅତିବଡ଼ି' ଶ୍ରୀମୁଖରୁ ସ୍ୱତଃ ସ୍ଫୁରିତ ହୋଇଥିଲା । ସେହି ସମୟରେ ଉପସ୍ଥିତ ଶ୍ରୋତା ମଣ୍ଡଳୀ ଏବଂ ଚୈତନ୍ୟ ମହାପ୍ରଭୁଙ୍କର ଅନୁଗାମୀ ନିତ୍ୟାନନ୍ଦ ଏବଂ ଅନ୍ୟ ସହଚରମାନେ ଜଗନ୍ନାଥ ଦାସଙ୍କୁ ଅତିବଡ଼ି ଜଗନ୍ନାଥ ଦାସ ଭାବରେ ଉଚ୍ଚାରଣ କରିବାକୁ ଲାଗିଲେ ।

ଅତିବଡ଼ି ଜଗନ୍ନାଥ ଦାସ ପୈତୃକ ଗ୍ରାମ କପିଳେଶ୍ୱର ପୁରରୁ ଦୈନିକ ଶ୍ରୀକ୍ଷେତ୍ର ଯାତାୟାତ ସମୟ ସାପେକ୍ଷ ହେତୁ ଶ୍ରୀମନ୍ଦିର ଉତ୍ତର ପଶ୍ଚିମ ଦ୍ୱାର ବାୟବ କୋଣରେ ବଡ଼ ଓଡ଼ିଆ ମଠ ଜମିଦାର ରାଜାଙ୍କ ପ୍ରୋତ୍ସାହନରେ ନିର୍ମାଣ କରାଇଥିଲେ । ତଦ୍ଦ୍ୱାରା ବ୍ରାହ୍ମଣ ଶାସନମାନଙ୍କର ସଂସ୍କାରଧର୍ମୀ କାର୍ଯ୍ୟକ୍ରମରୁ ଦୂରକୁ ଯାଇ ଭକ୍ତି ସମର୍ପଣ ଭାବର ପ୍ରଚାରକ ଭାବରେ ଅଗ୍ରଗଣ୍ୟ ହୋଇ ପାରିଥିଲେ । ପୂର୍ବରୁ ବ୍ରାହ୍ମଣମାନେ ଶ୍ରୀମନ୍ତରେ ଚନ୍ଦନ ଟିପା ଧାରଣ କରୁଥିଲେ । ବଡ଼ ଓଡ଼ିଆ ମଠ ବିଧିବଦ୍ଧ ଭାବେ ଚଳଚଞ୍ଚଳ ହେବା ଦ୍ୱାରା କାଳକ୍ରମେ ଭକ୍ତିବାଦର ଶ୍ରୀକ୍ଷେତ୍ରରେ ପ୍ରଚାର ପ୍ରସାରର ଶୁଭାରମ୍ଭ ହୋଇଥିଲା । ବଡ଼ ଓଡ଼ିଆ ମଠ ପ୍ରତିଷ୍ଠା ପୂର୍ବରୁ ରାମାନୁଜ, ନିର୍ମାକ, ବଲ୍ଲଭାଚାର୍ଯ୍ୟ, ମାଧବାଚାର୍ଯ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ଏବଂ ରାମଚନ୍ଦ୍ର, କୃଷ୍ଣ, ନାରାୟଣ, ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଶୈବ ଉପାସନାର ବିଧିବଦ୍ଧ ପୂଜନ ଆରମ୍ଭ ହୋଇଯାଇଥିଲା । ତଦ୍ଦ୍ୱାରା ଶ୍ରୀକ୍ଷେତ୍ରକୁ ପରିବେଷ୍ଟନ କରିଥିବା ଷୋଳ ଶାସନରେ ଶୈବ, ବୈଷ୍ଣବ ମନ୍ଦିର ଏବଂ ଉପାସନା (ଶକ୍ତି) ଦୃଷ୍ଟିଗୋଚର ହୁଏ । ଶାସନମାନଙ୍କରେ ଦୋଳଯାତ୍ରା, ଶୀତଳଷଷ୍ଠୀ ବହୁତ ଉଲ୍ଲାସର ସହିତ ପାଳିତ ହୁଏ । ଉକ୍ତ ସମାରୋହ ସଙ୍ଗରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଭକ୍ତିଭାବର ପ୍ରଚାର ଉପରାନ୍ତେ ଗ୍ରାମମାନଙ୍କରେ ଅଷ୍ଟ ପ୍ରହରୀ, ରାସଯାତ୍ରା ଦ୍ୱାରା ଚୈତନ୍ୟ ମାସ ସମୃଦ୍ଧିତ ହୁଏ । ବୈଶାଖରେ ଅକ୍ଷୟ ତୃତୀୟା, ଚନ୍ଦନଯାତ୍ରା ଆଡ଼ମ୍ବର ସହକାରେ ପାଳିତ ହୁଏ । ଜ୍ୟେଷ୍ଠ ମାସରେ ଷୋଳ ଶାସନରେ ଶୀତଳଷଷ୍ଠୀ ଅନୁଷ୍ଠିତ ହୁଏ ଏବଂ ଆଷାଢ଼ ମାସରେ ଶ୍ରୀକ୍ଷେତ୍ରରେ ରଥଯାତ୍ରା, କାର୍ତ୍ତିକ ମାସରେ ରାଇଦାମୋଦର ପୂଜା ସମସ୍ତ ମଠ ମନ୍ଦିରରେ ଶ୍ରଦ୍ଧାଳୁକ ଦ୍ୱାରା ଶ୍ରଦ୍ଧାପୂର୍ବକ ପାଳିତ ହୁଏ । ଉକ୍ତ ଯାନିଯାତ୍ରା, ପର୍ବପର୍ବାଣି କାଳଜୟୀ ଅଟନ୍ତି । ଅତିବଡ଼ି ଜଗନ୍ନାଥ ଦାସଙ୍କର ବଡ଼ ଓଡ଼ିଆ ମଠ ଜରାଜୀର୍ଣ୍ଣ ଅବସ୍ଥାରେ ସମୟର କଷାଘାତରେ ଜର୍ଜରିତ ଭାବରେ ସମୟ ସାଙ୍ଗରେ ସଂଘର୍ଷ ଜାରି ରଖିଛନ୍ତି । ଓଡ଼ିଆ ସାହିତ୍ୟ ସଂସ୍କୃତିର ଅଗ୍ରଦୂତ ଭାବରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ସମର୍ପଣ ଭାବ ଅତୁଳନୀୟ ।

ଗାଆଁ କଥା




# ତାଳବୋରାଇର

# ମନେପଡ଼େ ମୋ ଗାଁ


## ଡକ୍ଟର ସୁବାସ ଚନ୍ଦ୍ର ପାତ୍ର

ପୂର୍ବତନ ଅଧକ୍ଷ, ଜେଲ୍ ରୋଡ଼, ବାଲେଶ୍ୱର,
ଫୋନ : ୯୪୩୭୩ ୭୬୨୧୯


ଫଟୋ ସୌଜନ୍ୟ : ଲେଖକ



ବାଲେଶ୍ୱର ସଦର ବ୍ଲକ୍ ସ୍ଥିତ ପରିଖି ଗ୍ରାମ ପଞ୍ଚାୟତର ତାଳବୋରାଇ ଗାଁରେ ଥିବା ଆମ ମାଟିଘର ପୂର୍ବମୁହାଁ । ଜ୍ଞାନ ପାଇଲା ପରେ ସବୁକିଛି ଦେଖି ତାକୁ ଆତ୍ମସ୍ଥ କରିବା କ୍ରମରେ ଗୋଟିଏ ଦୃଶ୍ୟ ପ୍ରତିଦିନ ସକାଳେ ମୋତେ ଆକର୍ଷିତ କରେ । ସେଥିରୁ ମୋ ଗାଁର ନାମକରଣର ରହସ୍ୟ ମଧ୍ୟ ବୁଝି ପାରିଥିଲି । ମୋତେ ଲାଗେ ପୂର୍ବ ଦିଗ୍‌ବଳୟକୁ ଯେମିତି ଛୁଇଁଯାଉଥିଲା ସରକାରଙ୍କ ଦ୍ୱାରା ବଙ୍ଗୋପସାଗର ବେଳାଭୂମିରେ ଲଗା ଯାଇଥିବା ଝାଉଁଗଛ ଏବଂ ତା ପଛକୁ ସମାନ୍ତରାଳ ଭାବରେ ଘରୋଇ ଡିହମାନଙ୍କରେ ଲଗା ହୋଇଥିବା ତାଳଗଛ । ପୂର୍ବଦିଗ ଛାଡ଼ି ଅନ୍ୟ ଦିଗରେ ଅବସ୍ଥିତ ଘରୋଇ ଡିହମାନଙ୍କରେ ତାଳଗଛର ବେଶ୍ ବହୁଳତା ଥିଲା । ତେବେ ମନକୁ ଛୁଇଁ ଯାଉଥିଲା ଏହି କୋମଳ ସୂର୍ଯ୍ୟସ୍ନାତ ଝାଉଁଗଛର ଅଗ୍ରଭାଗ ଓ ସତେ ଯେପରି ପୂର୍ବତଟର ସୀମା ନିର୍ଦ୍ଧାରଣ ପାଇଁ ଉଦ୍ଦିଷ୍ଟ ଝାମ୍ପୁରା ତାଳଗଛଗୁଡ଼ିକ ଯାହା ଏକଏକ ଦୀର୍ଘ ପ୍ରାକୃତିକ ଖୁଣ୍ଟ ପରି ଦେଖା ଯାଉଥାଏ । ବେଳେବେଳେ ସକାଳୁ ମୁଁ ଖୁଣ୍ଟ ଗଣିବାରେ ଲାଗିପଡ଼େ !

ମନେପଡ଼େ ମୋର ପ୍ରିୟ ଘନିଷ୍ଠ ବନ୍ଧୁ ରବିବାବୁ (ପ୍ରଫେସର ରବିନାରାୟଣ ଦାଶ)ଙ୍କ ପୂର୍ବଦିଗ ପ୍ରତି ସମ୍ମାନ ଓ ଦୁର୍ବଳତା । ସହରରେ ପୂର୍ବମୁଖୀ ଖଣ୍ଡେ ଜାଗା କିଣିବାକୁ ସେ ବେଶ୍ ଅନୁସନ୍ଧାନ କରିଥିଲେ, ଧୈର୍ଯ୍ୟ ବି ରଖିଥିଲେ । ଶେଷରେ ସୂର୍ଯ୍ୟଦେବ ତାଙ୍କର ଅତ୍ୟାଗ୍ରହକୁ ସମ୍ମାନ ଜଣାଇ ଜାଗାଟି କିଣେଇ ଦେଲେ, ଯାହା ପୂର୍ବଦିଗକୁ ମୁହଁ କରିଛି । ସାର୍ କହନ୍ତି ପୂର୍ବଦିଗକୁ ମୁହଁ କରିଥିବା ଜାଗାଟି ଖୋଜୁଥିଲେ ଏଇଥିପାଇଁ ଯେ ସକାଳୁ ଉଠି ସୂର୍ଯ୍ୟଦେବଙ୍କୁ ସ୍ୱାଚ୍ଛନ୍ଦ୍ୟରେ ପ୍ରଣାମ କରିହେବ, କୌଣସି ଭିନ୍ନ ଦିଗରୁ ମୁହଁ ନ ମୋଡ଼ି । ଅବଶ୍ୟ ପୂର୍ବଦିଗ କାହା ପାଇଁ କଳହର ସୁଯୋଗ ସୃଷ୍ଟି କରିପାରେ, ଯେମିତି ଇଂରାଜୀ କବି ଜନ୍ ଡନ୍ । ତାଙ୍କର 'ସୂର୍ଯ୍ୟୋଦୟ' କବିତାରେ ସେ ରୀତିମତ ସୂର୍ଯ୍ୟଙ୍କୁ ଭିଡ଼ାଓଟରା କରିଛନ୍ତି ତାଙ୍କର 'ଅସାମାଜିକ' ବ୍ୟବହାର ପାଇଁ । ଅତି କଟୁ ସମ୍ବୋଧନ କରି କହନ୍ତି, "ବ୍ୟସ୍ତ, ବୃଦ୍ଧ, ନିର୍ବୋଧ, ଅବାଧ ସୂର୍ଯ୍ୟ କ'ଣ ପାଇଁ ତୁମେ ଆମ ଶୋଇବା ଘର ଝର୍କାର ପର୍ଦ୍ଦାଦେଇ ଉଙ୍କି ମାର ?/ ତୁମେ କ'ଣ ଭାବ ତୁମ ଗତି ଉପରେ ପ୍ରେମଋତୁ ନିର୍ଭରଶୀଳ ?"

ଅବଶ୍ୟ ଚିତ୍ତ ଜେନାଙ୍କ ଗୀତ – 'ସୂର୍ଯ୍ୟ ଉଇଁଲେ ପ୍ରଥମେ ଋହିଁବ ମୋ ପ୍ରିୟାର ଗାଁ ଆଡ଼େ



# ତୀରେ

/ ଚନ୍ଦ୍ର ଉଇଁଲେ ପ୍ରଥମେ ଋହିଁବ ମୋ ପ୍ରିୟାର ଝରକାରେ ....' ଭିନ୍ନ କଥା କହେ । ନିଜ ପ୍ରେମ ଓ ପ୍ରେମିକାଙ୍କୁ କି ସମ୍ମାନ, କି ମର୍ଯ୍ୟାଦା, କି ପ୍ରକାର ଗୌରବ ପ୍ରଦାନ ! ବାଲ୍ୟକାଳରେ ବର୍ଷ ପରେ ବର୍ଷ ଏହି ପୂର୍ବଦିଗ ହିଁ ମୋତେ କବଳିତ କରି ରଖିଥିଲା । ସକାଳୁ ଉଠି ସମୁଦ୍ରକୂଳର ଝାଉଁଗଛର ଅଗ ଡେଇଁ ଉଇଁ ଆସୁଥିବା ନାଲି ସୂର୍ଯ୍ୟ ଓ ଦିଗ୍‌ବଳୟରେ ଝାଉଁଗଛ ସହ ପ୍ରତିଯୋଗିତା କରୁଥିବା ତାଳଗଛ-ମାଇଲ ଖୁଣ୍ଟ ଗୁଡ଼ିକ ନ ଦେଖିଲେ ଶାନ୍ତି ନଥିଲା ମନରେ । ଶେଯରୁ ଆଗରୁ ଟିକିଏ ଉଠିପଡ଼ିଥିଲେ ବି ତାଟି ପାଖରେ ବସି ଏହି ଅଲୌକିକ କ୍ରିୟାର ଉନ୍ମୋଚନ ଦେଖି ହିଁ ମୁଁ ଘରର ବାରଣ୍ଡାକୁ ଫେରି ଆସୁଥିଲି । ଗାଁ ଗହଳରେ ଆପାତତଃ ସେତିକି ସ୍ୱାଧୀନତା ଥିଲା, ସେତିକି ବିଳାସ ଅନୁମୋଦିତ ଥିଲା ଯେଉଁଥିପାଇଁ ଏ ଦୃଶ୍ୟ ଅବଲୋକନରେ କେହି ବାଧକ ସାଜୁନଥିଲେ । ତା'ଛଡ଼ା ମୋର ଋରି-ପାଞ୍ଚ ବର୍ଷ ବୟସ ବେଳେ ଆମ ଯୌଥପରିବାରରେ ଆମେ ଦଶଜଣ ଭାଇଭଉଣୀ । ଏତେ ବଡ଼ ଜନବହୁଳ 'ଘରୋଇ ରାଷ୍ଟ୍ର'ରେ କିଏ କାହାକୁ ଖୋଜୁଛି ? ପରେ ବଡ଼ ହେଲା ପରେ ଅନ୍ୟ ଦିଗରେ, ଆମ ନିଜ ଘର ଡିହରେ, ତାଳ ଗଛମାନ ପରିଦୃଷ୍ଟ ହେଲେ, ମାତ୍ର ଆଖି କିନ୍ତୁ ରହୁଥିଲା ସେ ପୂର୍ବଦିଗ ଆଡ଼େ ।

ଅଧ୍ୟାପନା ଋକିରିରେ ଯୋଗଦାନ ପରେ ହଠାତ୍ ପୂର୍ବଦିଗରୁ ଦକ୍ଷିଣପଶ୍ଚିମ ଦିଗ ଆଡ଼କୁ ମୋର ଧ୍ୟାନ କେନ୍ଦ୍ରିଭୂତ ହେଲା ଯେଉଁଠି ବଳରାମଗଡ଼ି ଅବସ୍ଥିତ । ବାଲେଶ୍ୱରର ପ୍ରଥମ ଆଇ.ସି.ଏସ୍ ଜିଲ୍ଲାପାଳ ଫକୀରମୋହନଙ୍କ ପରମ ହିତୈଷୀ ଜନ୍ ବିମ୍‌ସ୍‌ଙ୍କ - ଯିଏ ବାଲେଶ୍ୱରରେ ଋରିବର୍ଷ (୧୮୬୯-୧୮୭୩) ଥିଲେ, ଲିଖିତ ସ୍ମୃତିକଥା ଏହି ଧ୍ୟାନ ପରିବର୍ତ୍ତନ ପାଇଁ ଦାୟୀ । ବିମ୍‌ସ୍ ଲେଖିଛନ୍ତି ସେତେବେଳେ ଗାଁ ଭଳି ଦେଖା ଯାଉଥିବା ବାଲେଶ୍ୱର ସହରର ତାପମାତ୍ରା ଓ ଋନ୍ଦିପୁର ବେଳାଭୂମି ନିକଟସ୍ଥ ସ୍ଥାନର ତାପମାତ୍ରା ମଧ୍ୟରେ ଯଥେଷ୍ଟ ଫରକ ଥିଲା, ଯଦିଓ ବାଲେଶ୍ୱରକୁ ଋନ୍ଦିପୁରର ଦୂରତ୍ୱ ପାଖାପାଖି ୨୧ କିଲୋମିଟର । ଋନ୍ଦିପୁର ବେଳାଭୂମିରେ ଦୁଇଟି ଡାକବଙ୍ଗଳା ଥିଲା ଯେଉଁଥିରେ ବାଲେଶ୍ୱରର ଅବସ୍ଥାପିତ ୟୁରୋପୀୟ ଅଫିସରମାନେ ଗ୍ରୀଷ୍ମ କଟାଉଥିଲେ । କାଳକ୍ରମେ ଏହି ବଙ୍ଗଳା ଦୁଇଟିକୁ କଲିକତାର ଜଣେ ଡାକ୍ତର କିଣିନେଇ କଲିକତାର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ସୁନ୍ଦର ବିଜ୍ଞାପନମାନ ଦେଲେ । ହେଲେ ରେଳବାଇର ଅନୁପସ୍ଥିତି ଯୋଗୁଁ କଲିକତାରୁ ବାଲେଶ୍ୱର ଯାତ୍ରା ସେତେ ସୁଗମ ନଥିଲା । ଋନ୍ଦିପୁରରେ ସେତେବେଳେ କୌଣସି ଦୋକାନ ବଜାର, ପିଇବା ପାଣିର ବ୍ୟବସ୍ଥା ନ ଥିବାରୁ କଲିକତାରୁ ବେଶି ପର୍ଯ୍ୟଟକ ଋନ୍ଦିପୁର ଆସିଲେ ନାହିଁ । ତଥାପି ଡାକ୍ତରବାବୁ କିଛି ଲୋକଙ୍କୁ ପ୍ରବର୍ତ୍ତାଇ ଋନ୍ଦିପୁର ଆଣୁଥିଲେ ଏବଂ କାଳକ୍ରମେ ବାଲେଶ୍ୱରସ୍ଥ ଗୋରା ସାହେବମାନଙ୍କ ପାଇଁ ସେ ବଙ୍ଗଳା ବନ୍ଦ ହେବାକୁ ଲାଗିଲା । ଏହିପ୍ରକାର ଅବସ୍ଥାରେ ଜନ୍ ବିମ୍‌ସ୍‌ଙ୍କ ନଜର ପଡ଼ିଲା ବୁଢ଼ାବଳଙ୍ଗ ନଦୀର ଉତ୍ତରପଟ (ପରିଖି ଗ୍ରାମ ପଟ) ବଳରାମଗଡ଼ିରେ ଅବସ୍ଥିତ ଏକ ପୁରାତନ ଫ୍ୟାକ୍ଟ୍ରି କୋଠା ଉପରେ । ବହୁ ପୁରାତନ ଏହି ଘର ଗୋଟାଏ ଫ୍ୟାକ୍ଟ୍ରି ବି, ବଙ୍ଗଳା ବି, ଏକ ଗୋଦାମ ଘର ବି । ୧୭୫୬ ମସିହାରେ କଲିକତାରେ ସଂଘଟିତ କଳା ଗର୍ତ୍ତ (ବ୍ଲାକ୍ ହୋଲ୍) ବିଭୀଷିକାରେ ବର୍ତ୍ତିଯାଇଥିବା ଦୁଇଜଣ ସାହେବ ଏଇଠି କିଛି ଦିନ ଆଶ୍ରୟ ନେଇଥିଲେ । ଜନ୍ ବିମ୍‌ସ୍ ସ୍ଥିର କଲେ ନଈକୂଳରେ ଅବସ୍ଥିତ ଏହି ଘରଟିକୁ ମରାମତି କରିଦେଲେ, ଏହା ତାଙ୍କର ଗ୍ରୀଷ୍ମ ନିବାସ ହୋଇପାରିବ । ଗୃହ ମାଲିକ ଜଣେ ଧନୀ ଜମିଦାର । ସେ ବିମ୍‌ସ୍‌ଙ୍କ ପ୍ରସ୍ତାବ ଗ୍ରହଣ କଲେ । ଏକ ମହଲାର ଏହି ଘରେ ଥିଲା ତିନୋଟି ବଡ଼ ପ୍ରକୋଷ୍ଠ ଓ ପାଞ୍ଚଟି ଛୋଟ ପ୍ରକୋଷ୍ଠ । ନଦୀ ଆଡ଼କୁ ଦକ୍ଷିଣକୁ ମୁହଁ କରିଥିବା ଘରର ପୂର୍ବପଟେ ଏକ ପ୍ରଶସ୍ତ ବାରଣ୍ଡା ଥିଲା । ଗ୍ରୀଷ୍ମ ଦିନେ ପୂର୍ବରୁ ପବନ ବହୁଥିଲା । ପୂର୍ବରେ ସମୁଦ୍ର ଓ ଦକ୍ଷିଣରେ ନଦୀ ଉପରେ ଦେଇ ବୋହି

ଆସୁଥିବା ଶୀତଳ ପବନ ବିମ୍ସଙ୍କ ପରିବାରକୁ ଅଶେଷ ଆନନ୍ଦ ପ୍ରଦାନ କରୁଥିଲା । ସେଇ ବିଶାଳ ଡିହରେ ମଧ୍ୟ କେତୋଟି ଆମ୍ବ ଓ ତାଳ ଗଛ ଥିଲା । ବାଲେଶ୍ୱରରୁ ଖାଦ୍ୟ ସାମଗ୍ରୀ ଓ ପାଣି ପରିବହନ ପାଇଁ ଥିଲା ଆଠଜଣ ନାବିକ ଦ୍ୱାରା ପରିଚାଳିତ ଏକ ଦେଶୀ ଡଙ୍ଗା । ସେହି ଡଙ୍ଗାରେ ସଞ୍ଜବେଳେ ପରିବାର ସହ ବିମ୍ସ୍ ନଦୀ-ସମୁଦ୍ରର ମିଳନ ସ୍ଥଳ ଯାଏଁ ଯାଇ ଫେରିବା ବାଟରେ ସଙ୍ଗମସ୍ଥଳର ବାଲି ଆଡ଼ିଆରେ କିଛି ସମୟ ବୁଲାବୁଲି କରୁଥିଲେ । ସକାଳୁ ସେହି ଡଙ୍ଗାରେ ନଦୀ ଅତିକ୍ରମ କରି ନିଜ ଘୋଡ଼ାରେ ଅଫିସ୍ କାର୍ଯ୍ୟ ପାଇଁ ଆସୁଥିଲେ ବାଲେଶ୍ୱର ।

୧୮୭୧ ମସିହାରେ ହଠାତ୍ ପାଣିପାଗରେ ଦେଖାଗଲା ଅସ୍ୱାଭାବିକ ପରିବର୍ତ୍ତନ । ପବନ ସିଧାସଳଖ ପୂର୍ବଦିଗରୁ ନ ବହି ଟିକିଏ ଉତ୍ତର-ପୂର୍ବଦିଗରୁ ବହିବା କ୍ରମରେ ଏହା ସ୍ଥଳଭାଗରୁ ଉତ୍ତପ୍ତ ପବନ ନେଇ ଆସିଲା । ତା'ସହିତ ମିଶି ଯାଉଥିଲା ଲୋକେ ମାଇଲ୍ ମାଇଲ୍ ଲୁଣ ମାରୁଥିବା କିଆରୀ ଉପର ଦେଇ ବହୁଥିବା ପବନ । ସ୍ଥଳଭାଗରୁ ଲୁଣ କିଆରୀ ଦେଇ ବହୁଥିବା ପବନ ସମୁଦ୍ରରୁ ବହି ଆସୁଥିବା ପବନଠୁ ଗୁଣାତ୍ମକତା ଦୃଷ୍ଟିରୁ ଭିନ୍ନ ଥିଲା । ପ୍ରଥମେ ତାଙ୍କ କର୍ମଚାରୀମାନଙ୍କୁ, ପରେ ତାଙ୍କ ପରିବାର ଲୋକଙ୍କୁ ଜ୍ୱର ହେଲା, ଯାହା ମେଲେରିଆର ସଂକେତ ଥିଲା । ବାଧ୍ୟରେ ବିମ୍ସ୍ ବଳରାମଗଡ଼ି ଗ୍ରୀଷ୍ମ ନିବାସ ଛାଡ଼ି ଚାଲି ଆସିଲେ ବାଲେଶ୍ୱରରେ ଥିବା ତାଙ୍କ ସରକାରୀ ବାସଭବନ ।

ଜନ୍ ବିମ୍ସଙ୍କ ଭଳି ଜଣେ ଓଡ଼ିଶା ଓ ଓଡ଼ିଆ ଭାଷାପ୍ରେମୀ ବାଲେଶ୍ୱର ଜିଲ୍ଲାପାଳ ଦିନେ ଆମ ପାଖ ଗାଁରେ ଥିଲେ, ଏ କଥା ମନରେ ହେଜିବା ପରେ ମୁଁ ଆମ ଗାଁକୁ ନେଇ ଗର୍ବ ଅନୁଭବ କରିବାକୁ ଲାଗିଲି । ଆଜି ଭାରତବର୍ଷ ତଥା ଓଡ଼ିଶାର ଗାଁଗୁଡ଼ିକ ଡଷ୍ଟବିନ୍‌ରେ ପରିଣତ ହେଲାଣି । ଯେଉଁମାନେ କିଛି କରିପାରିଲେନି ସେମାନେ ଗାଁରେ ରହିଗଲେ । ଯେଉଁମାନେ ପାଠପଢ଼ି ମଣିଷ ହେଲେ ସେମାନେ ଗାଁକୁ ଅନାଇଲେ ନାହିଁ । ବରଂ ପୈତୃକ ଭିଟାମାଟି ଯାହାଥିଲା ତାକୁ ବିକିଭାଙ୍ଗି ଭାରି ଗର୍ବର ସହ ସହରରେ, ରାଜଧାନୀରେ ରହିଲେ । କିନ୍ତୁ ଗାଁର ଉନ୍ନତି ପାଇଁ ଉପଦେଶ ଦେବାକୁ - ଏଇଟା କର, ସେଇଟା କର- ଭୁଲିଲେ ନାହିଁ । ଆପାତତଃ ମୁଁ, ମୋର ବଡ଼ ଭାଇମାନେ ଓ ଆମ ଗାଁର ପାଞ୍ଚ ସାତଜଣ ଶୁଭେଚ୍ଛୁଙ୍କୁ ନେଇ ଗାଁଟି କେମିତି ତାର ପୂର୍ବ ଗୌରବ, ସୌନ୍ଦର୍ଯ୍ୟ ହରାଇବ ନାହିଁ ସେ ଚେଷ୍ଟାରେ ଅଛୁ । ପାଖାପାଖି କୋଡ଼ିଏ ବର୍ଷ ଧରି ସେ ଦିଗରେ କାମ କରୁଛୁ । ତେବେ ସେ କଥାକୁ ଆସିବା ପୂର୍ବରୁ ଦେଖିନେବା ବାଲ୍ୟକାଳେ ଆମ ଗାଁର ଭିତ୍ତିଭୂମି, ଉପଲବ୍ଧ ବ୍ୟବସ୍ଥା, ଗାଁ ଲୋକଙ୍କ ସ୍ମରଣୀୟ ବ୍ୟବହାର ଓ ଗ୍ରାମ୍ୟ ଚରିତ୍ର ଇତ୍ୟାଦି କିପରିଥିଲା ।

ପିଲାକାଳେ ଦେଖିଥିବା ଗାଁ ଓ ତା'ର ମଣିଷ ମାନେ ଏବେ ନ ଥିଲେ ବି ଏବେ ଯେଉଁ ଗାଁମଣିଷମାନଙ୍କୁ ଦେଖୁଚି ସେମାନେ ଯେ ପୂର୍ବାପେକ୍ଷା ଅଧିକ ମହନୀୟ, ଅଧିକ ସୁନ୍ଦର ତାହା କହିହେବ ନାହିଁ । ପିଲାବେଳେ ଗାଁରେ ସବୁଠୁ ବିକଳ ସ୍ଥିତି ଥିଲା ରାସ୍ତା ଓ ପିଇବା ପାଣିକୁ ନେଇ । ଚଷଜମିର ହିଡ଼ଗୁଡ଼ିକ ହିଁ ଥିଲା ରାସ୍ତା । ସାଇକେଲ୍ ଚାଲିଲା ଭଳି କୌଣସି ପ୍ରଶସ୍ତ ମାଟିରାସ୍ତା ଖଣ୍ଡେ ନଥିଲା । କେବଳ ଜଣେ ଜମିଦାର ତାଙ୍କ ଜମିଦାରୀର ବାଉଣ୍ଡରୀ ପାଇଁ ଯେଉଁ ମୋଟା ବନ୍ଧଟି ପକାଇଥିଲେ ସେଇଟା ହିଁ ଥିଲା ଆମ ଗାଁର ସବୁଠୁ ଉଚ୍ଚ ଓ ପ୍ରଶସ୍ତ ରାସ୍ତା । ଯେହେତୁ ଘରକୁ ଘର ଯିବା ପାଇଁ ନିକଟତମ ଚଷଜମିର ହିଡ଼କୁ ହିଁ ବ୍ୟବହାର କରାଯାଉଥିଲା, ଗୋରୁ ଗାଈ ଓ ମଣିଷ ଦ୍ୱାରା ନିୟମିତ ବ୍ୟବହାର ଯୋଗୁଁ ତା'ର ମଝିଅଂଶ ସଫା ଥାଏ । ଗୋରୁଗାଈଙ୍କ ଖାଦ୍ୟ ପାଇଁ ପାର୍ଶ୍ୱରୁ ଘାସ କାଟି ନିଆ ଯାଉଥିବାରୁ ଏହି ହିଡ଼ ରାସ୍ତାଗୁଡ଼ିକ ବିପଦସଂକୁଳ ନଥିଲା । ଏବେ ସ୍ଥିତି ଭିନ୍ନ । କିଛି ରାସ୍ତା ପକ୍କା ହୋଇଯିବାରୁ ଲୋକେ କେବଳ ସେହି ରାସ୍ତାରେ ସାଇକେଲ୍, ମୋଟର ସାଇକେଲ୍, ଗାଡ଼ିରେ, ପାଦରେ ଚାଲିଲେ । ଟ୍ରାକ୍ଟରରେ ଚଷ । ଓମ୍‌ଫେଡ୍ କ୍ଷୀର ମିଳୁଛି । ତେଣୁ ଗୋରୁଗାଈ ନାହିଁ । ଘାସ କାଟିବ କାହା ପାଇଁ? ତେଣୁ ଆମ ଗାଁର ଅନ୍ୟାନ୍ୟ ହିଡ଼ ରାସ୍ତା ଜଙ୍ଗଲ ପ୍ରାୟ । ରାତିଅଧିଆ ବିପଦ ଆପଦରେ ପାଖ ହେବ ବୋଲି ସେ ସବୁ ରାସ୍ତାରେ ଦୌଡ଼ିଯିବାକୁ ବି ଡର ଲାଗିବ ।

ପିଇବାପାଣି ଥିଲା ଭାରି ମହରଗ । ନଳକୂପ ଭରସା । ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସାଧାରଣ ନଳକୂପରେ ଲୁଣି ପାଣି ବାହାରେ । ଆଠଶହରୁ ହଜାରେ ଫୁଟ ଗଭୀରତାରେ ପୋତା ନଳକୂପରୁ ଭଲ ମିଠାପାଣି ମିଳେ । ତା'ର ସ୍ଥାପନା ବ୍ୟୟସାପେକ୍ଷ । ତେଣୁ ସଂଖ୍ୟା କମ୍ । ଫଳତଃ ପୋଖରୀ ପାଣିକୁ ରୋଷେଇ ଓ ଗାଧୁଆପାଧୁଆ ପାଇଁ ବ୍ୟବହାର କରାଯାଉଥିବା ବେଳେ ପିଇବା ପାଣି ନଳକୂପରୁ ସଂଗୃହିତ ହୋଇ ଆସୁଥିଲା । ତେବେ ସାତଆଠ ଦିନ ବନ୍ୟାପାଣି ଘେରି ରହୁଥିବା ବେଳେ, ନଳକୂପ ସାମୟିକ ଭାବରେ ଅଚଳ ହୋଇ ପଡୁଥିବାରୁ ପୋଖରୀ ପାଣି ଅବା ବନ୍ୟାପାଣିକୁ ଫୁଟାଇ ପିଆ ଯାଉଥିଲା । ବର୍ଷା ଦିନ ବିଶେଷ କରି ଭାଦ୍ରବ ମାସରେ ହାଇସ୍କୁଲ, ଯାହା ଘରଠୁ ତିନି କିଲୋମିଟର ଦୂରରେ ଅବସ୍ଥିତ, ଗଲାବେଳେ ରାସ୍ତାରେ ପଡୁଥିବା ଘାଇମାନଙ୍କରୁ ଗୋରୁଗାଈ ପାଣି ପିଇବା ପରି ଆମେ ଦଳବଦ୍ଧ ଭାବରେ ପାଣି ପିଉଥିଲୁ, ଖାଲି ଆଖିକୁ ଦେଖା ଯାଉଥିବା ପୋକଜୋକକୁ ହାତରେ ଆଡ଼େଇ ଦେଇ । ରହସ୍ୟର କଥା, ବିଲ ପୋଖରୀ ନଳକୂପର ମିଶାମିଶି ପାଣି ପିଇ ବି ଆମେ କେବେ ପେଟ ବେମାରରେ ପଡ଼ିନଥିଲୁ । ସହରକୁ ଆସି ନଳ+ନାଳ= 'ନଳାଳ' ପାଣି ପିଇ ନାଳଝାଡ଼ା ଭୋଗିବାକୁ ଆରମ୍ଭ କଲୁ ଯାହା ଆଜିଯାଏଁ ଜାରି ରହିଛି !

ରାସ୍ତାଘାଟ ଓ ପିଇବା ପାଣିର ଅସୁବିଧା ଥିବା ସତ୍ତ୍ୱେ ଆମ ଗାଁର ମହାପୁରୁଷମାନଙ୍କୁ ଧନ୍ୟବାଦ ଯେ ସେମାନେ ଶିକ୍ଷାଦାନ ବ୍ୟବସ୍ଥାଟିକୁ ଅପହଞ୍ଚ କରିନଥିଲେ । ଆମ ଗାଁର ପ୍ରାଇମେରୀ ସ୍କୁଲ ୧୯୩୭ ମସିହା, ଅର୍ଥାତ୍ ସ୍ୱାଧୀନତାର ଦଶବର୍ଷ ଆଗରୁ ପ୍ରତିଷ୍ଠିତ । ରାସ୍ତାଘାଟ, ଗମନାଗମନ, ଜିନିଷ ପରିବହନର ଯାବତୀୟ ଅସୁବିଧା ସତ୍ତ୍ୱେ କେମିତି ପ୍ରାକ୍ ସ୍ୱାଧୀନତା କାଳରେ



ସେମାନେ ସ୍କୁଲଟି ସ୍ଥାପନ କରିପାରିଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏହି ସ୍କୁଲକୁ ପାଖାପାଖି ପାଞ୍ଚ କିଲୋମିଟର ଦୂରରୁ ପିଲାମାନେ ଆସି ପାଠ ପଢୁଥିଲେ । ମଧ୍ୟ ଇଂରାଜୀ ବିଦ୍ୟାଳୟଟି ସ୍ଥାପିତ ହୋଇଥିଲା ୧୯୬୫ରେ ଏବଂ ନିକଟତମ ହାଇସ୍କୁଲ – ଦୁବଲାଗଡ଼ି ହାଇସ୍କୁଲ, ଯାହାର ଦୂରତ୍ୱ ଆମ ଘରଠୁ ପାଖାପାଖି ଚାରି କିଲୋମିଟର – ୧୯୬୧ରେ ପ୍ରତିଷ୍ଠିତ ହୋଇଥିବାରୁ ମୁଁ ଓ ମୋର ଉପର ବଡ଼ଭାଇମାନେ ଏହି ହାଇସ୍କୁଲରେ ପଢ଼ିଥିଲୁ ।

ସେତେବେଳେ ଶିକ୍ଷାଳାଭର ଏକ ସୁନ୍ଦର ପାର୍ଶ୍ୱଦୃଶ୍ୟପଟ ଦେଖିବାକୁ ମିଳୁଥିଲା – ମାମୁଘରେ ପାଠପଢ଼ା । ମାମୁ, ପିଉସା, ମଉସା, ଭଉଣୀ ଘରେ ରହି ପାଠପଢ଼ିବା ସେତେବେଳର ଏକ ସୁନ୍ଦର ଗ୍ରହଣୀୟ ବ୍ୟବସ୍ଥା ଥିଲା । ନିଜ ଗାଁରେ ଶିକ୍ଷାନୁଷ୍ଠାନ ନଥିଲେ ଏହି ବ୍ୟବସ୍ଥା ଆପଣାଇବାକୁ ପଡ଼େ । ବେଳେବେଳେ ପିଲାକୁ ଠିକ୍‌ବାଟକୁ ଆଣିବାକୁ, ଭଲମଣିଷ କରିବାକୁ ଲୋକେ ନିଜ ଗାଁରେ ସ୍କୁଲ୍ ଥାଇ ବି ପିଲାକୁ ସଂପର୍କୀୟଙ୍କ ଘରେ ପଢ଼ାଉଥିଲେ । ଏହାର କେତେକ ସାମାଜିକ ଓ ମନସ୍ତାତ୍ତ୍ୱିକ ଲାଭ ଥିଲା । ପିଲା ଅନ୍ୟମାନଙ୍କ ସହ ମିଶି ରହିବା, ଖାଇବା, ଶୋଇବା, ଅସୁବିଧା ସହ ଖାପଖୁଆଇ ଚଳିବା, ନିଜର ବ୍ୟକ୍ତିଗତ ଆରାମ ବା ସ୍ୱାଚ୍ଛନ୍ଦ୍ୟକୁ ବଳି ଦେଇ ଏକ ତ୍ୟାଗପୂର୍ଣ୍ଣ ଜୀବନଯାପନ କରିବା ଶିଖୁଥିଲା । ଜ୍ଞାନର ଭରଣା ସହ, ବ୍ୟକ୍ତିତ୍ୱ ବିକାଶରେ ରହିଥିବା ଅଭାବ ଏ ପ୍ରକାର ଚଳଣୀରେ ପୂରଣ ହୋଇପାରୁଥିଲା । ଚାଉଳ, ପରିବା, ମାଛ, କ୍ଷୀର ସବୁକିଛି ଘରୁ ମିଳୁଥିବାରୁ ସାହାଯ୍ୟକର୍ତ୍ତାଙ୍କ ପାଇଁ ଏ ସହଯୋଗ ବୋଝ ଭଳି ପ୍ରତୀୟମାନ ହେଉନଥିଲା । ମୋ ନିଜ ଘରେ ମୋର ଦୁଇ ଭଣଜା ଯଥାକ୍ରମେ ଛଅବର୍ଷ ଓ ବାରବର୍ଷ ରହି ପାଠ ପଢ଼ିଛନ୍ତି । ମୋ କକା ଘରେ ଦୁଇ ସଂପର୍କୀୟ ମାମୁପୁଅ ଭାଇ ଚାରି ବର୍ଷ ରହି ପାଠ ପଢ଼ିଥିଲେ ।

ଗମନାଗମନ ବେଶ୍ କଷ୍ଟସାଧ୍ୟ ଥିଲା, ବିଶେଷତଃ ରୋଗୀ ପରିବହନ । ଆମ ଘରଠୁ ବୁଢ଼ାବଳଙ୍ଗ ନଦୀଘାଟ ପାଖାପାଖି ଚାରି କିଲୋମିଟର । ନଦୀର ଦୁଇ ପାର୍ଶ୍ୱରେ ସମୁଦ୍ରର ଜୁଆରପାଣିଖିଆ ନରମ ପଙ୍କ । ଆଣ୍ଠୁ ପର୍ଯ୍ୟନ୍ତ ପଙ୍କରେ ବେଳେବେଳେ ଗୋଡ଼ ବୁଡ଼ିଯାଏ । ପଙ୍କ ଭିତରେ ମଲା ମାଛମାନଙ୍କର କଣ୍ଟା, ଡଙ୍ଗା ବା ଲଞ୍ଚମାନଙ୍କର ଭଙ୍ଗା କାଠ ଟୁକୁରା, ପରିତ୍ୟକ୍ତ ଲୁହାକଣ୍ଟା ଇତ୍ୟାଦି । ବହୁତ ସନ୍ତର୍ପଣରେ ଗୋଡ଼ ପକାଇବାକୁ ପଡ଼େ । ନଦୀ ଆରପଟରେ ପହଞ୍ଚିଲା ପରେ କୌଣସି ପୋଖରୀ ବା ନଳକୂପରେ ଗୋଡ଼ହାତ ଧୋଇ ଲୁଙ୍ଗି ଗାମୁଛା ଦେହରୁ କାଢ଼ି 'ଭଦ୍ରଲୋକ' ପାଲଟି ଉପଲବ୍ଧ ଗାଡ଼ିରେ ବସୁ ବାଲେଶ୍ୱର ଅଭିମୁଖେ । ପୁରୁଷମାନଙ୍କ ପାଇଁ ଏ ନାବଯାତ୍ରା ଏତେ ଅପ୍ରୀତିକର ନୁହେଁ । କିନ୍ତୁ ସ୍ତ୍ରୀଲୋକମାନଙ୍କ ପାଇଁ ଏହା ଭୟଙ୍କର ଅସୁବିଧାଜନକ ଓ ଅସମ୍ମାନ ଭରା, ବିଶେଷତଃ ଆଣ୍ଠୁ ଉପରକୁ ଲୁଗା ଟେକିବା ଏବଂ ନୌକାର ବାଡ଼ାରେ ବସି ଗୋଡ଼ ଦୁଇଟିକୁ ଟେକି ବୁଲେଇ ଆଣି ନୌକାରୁ ବା ନୌକାକୁ ଓହ୍ଲାଇବା । ନିଜ ଇଜ୍ଜତ ସହ ଏହି ପ୍ରକାର କସରତ କରିବାକୁ ବାହାଘର ପରେ ପ୍ରଥମ କରି ଯେତେବେଳେ ମୋ ସ୍ତ୍ରୀଙ୍କୁ ନେଇ ଗାଁକୁ ଗଲି ସେତେବେଳେ ତାଙ୍କ ଆଖି ଆଗରେ ମୋର 'ଉଚ୍ଚତା'ର ଅବସ୍ଥା କ'ଣ ହୋଇଥିବ ସମ୍ବେଦନଶୀଳ ବନ୍ଧୁମାନେ ଅନୁମାନ କରିପାରିବେ । ଅବଶ୍ୟ ବେଳେବେଳେ ମୁଁ ତାଙ୍କୁ ଭୁଲେଇ ଦେବାକୁ ଚେଷ୍ଟା କରେ । ମୁଁ କହେ, ଦେଖ ପର୍ଯ୍ୟଟକମାନେ ପଇସା ଦେଇ ଏହି ଅନୁଭୂତି ଅମଳ କରୁଛନ୍ତି । କିନ୍ତୁ ଆମର ସୌଭାଗ୍ୟ ଯେ ଭୌଗୋଳିକ ସ୍ଥିତି ଆମକୁ ଏ ବିଳାସ ଦୁଇ ହାତରେ ଅର୍ପଣ କରିଛି ! ଏହା ଭଗବାନଙ୍କ ଆଶୀର୍ବାଦ ଛଡ଼ା ଆଉ କ'ଣ !

ଗାଁର ଲୋକମାନଙ୍କୁ ଯେତେବେଳେ ଦେଖେ ମୋର ଇଂରାଜୀ କବି ଜିଓଫ୍ରେ ଚସରଙ୍କର 'କ୍ୟାଣ୍ଟରବାରି ଟେଲ୍ସ' ମନେପଡ଼େ । ଏମାନେ କ୍ୟାଣ୍ଟରବାରି ଟେଲ୍ସର ଚରିତ୍ରମାନଙ୍କ ପରି ସ୍ୱାଧୀନ ଓ ସ୍ୱତନ୍ତ୍ର । ସେମାନେ ଏକାଠି ହୋଇଗଲେ ଗୋଟିଏ ସୁନ୍ଦର ପୋଟ୍ରେଟ୍ ଗ୍ୟାଲେରୀ ତିଆରି ହୋଇପାରିବ । ଗାଁର ଲୋକମାନଙ୍କର ପ୍ରଥମ ଆକର୍ଷଣ ହେଲା ସେମାନଙ୍କର କଥା, କାମ, ବେଶପୋଷାକରେ ବିଭିନ୍ନତା । ସେମାନେ ଏକାଠି ହେଲେ ୟୁନିଫର୍ମ ପିନ୍ଧା ପିଲାମାନଙ୍କ ଭଳି ଦେଖା ଯାଆନ୍ତି ନାହିଁ । ଗାଁର ଏହି ସ୍ମରଣୀୟ ଚରିତ୍ରମାନଙ୍କ ଭିତରେ ପ୍ରଥମେ ଆସନ୍ତି ମୋ ବାପା, ମାଆ । ମା' ମୋର ଥିଲେ ନିରକ୍ଷର । ବାପା ଦୁଇବର୍ଷ ଚାଟଶାଳୀରେ ପଢ଼ିଥିଲେ । କିନ୍ତୁ ଶିକ୍ଷାହୀନତା ସେମାନଙ୍କୁ ନିକୃଷ୍ଟ ମଣିଷରେ ପରିଣତ କରିନଥିଲା । ସେମାନେ ସହଜାତ ନୈତିକତାର ଦୀପ ଧରି ନିଜକୁ ଏବଂ ଆଖପାଖର ମଣିଷଙ୍କୁ ଆଲୋକିତ କରୁଥିଲେ । ମା'ଙ୍କ କେତେକ ନୀତିବାଣୀ, ଢଗ ଏବେ ମଧ୍ୟ ମୋର ମନେଅଛି । କୌଣସି ଖାଦ୍ୟପଦାର୍ଥ – ମିଠା, ଫଳ ଇତ୍ୟାଦିକୁ ନେଇ ଆମ ଭାଇମାନଙ୍କର ଭିତରେ ଟଣାଓଟରା ହେଲେ ଆମମାନଙ୍କୁ ଚେତାଇ ମା' କହିବେ – 'ଶହେଟଙ୍କାର ଜିନିଷ, ଜିଭ ତଳକୁ ଗଲେ ନର୍କ ।' ସେମିତି ବନ୍ୟାରେ ଚାଷ କ୍ଷତି ହୋଇଥିବା ଯୋଗୁଁ ଆମେ ଭାଙ୍ଗି ପଡ଼ିଥିବାବେଳେ ମା' ବୁଝେଇବେ – 'ହଉ, ହେଁସରେ ନ ହୋଇ ଦେଶରେ ହଉ ।' ଅର୍ଥାତ ଆମ ଖଳାକୁ ଧାନ ନ ଆସିଲା ନାହିଁ, ପାର୍ଶ୍ୱବର୍ତ୍ତୀ ଗାଁରେ ଧାନ ହେଉ, ଆମେ କିଣି ଆଣିପାରିବା । ମୋ ମା'ଙ୍କ ଏକ ଗାଉଁଲି ଢଗ ମୋର ମନେ ଅଛି । ପିଲାଏ ପଖାଳ ଖାଇ ବସିବା ବେଳେ ମା' ପଚାରିବେ – "ବଣରୁ ଆସିଲା ପାତି; ପଖାଳରେ ଦେଲା ମୁତି । କୁହ, ଉତ୍ତର କୁହ ।" (ଲେମ୍ବୁ– ପାତି ଲେମ୍ବୁ) ଅନ୍ୟର ପେଟ ଚିହ୍ନିବା ଥିଲା ମା'ଙ୍କର ମୌଳିକ ଗୁଣ । ଆମ ଘରକୁ ଯେକୌଣସି ବନ୍ଧୁକୁଟୁମ୍ବ ଆସିଲେ ତାଙ୍କୁ ନ ଖୁଆଇ ସେ



ଛାଡ଼ିବେ ନାହିଁ । ଖାଦ୍ୟର ଗୁଣବତ୍ତା, ମାନ, ଆଭିଜାତ୍ୟ ମା'ଙ୍କୁ ଆନ୍ଦୋଳିତ କରେନି । ସେ ସବୁବେଳେ କହୁଥିଲେ, ଆମେ ଯାହା ଖାଇବା ସେମାନେ ସେଇଆ ଖାଇବେ । ନିଜ ଆତିଥ୍ୟ ଉପରେ ଭାରି ଭରସା ଥିଲା ମା'ଙ୍କର ।

ବାପାଙ୍କ ବୈଶିଷ୍ଟ୍ୟ ଥିଲା ଅନୁଭୂତିର ପ୍ରାବଲ୍ୟ । ତା'ସହିତ ଆମ ଘରଠୁ ୩୫-୪୦ କିଲୋମିଟର ଦୂରବର୍ତ୍ତୀ ଅଞ୍ଚଳର ଭୌଗୋଳିକ ଓ ସାମାଜିକ ସ୍ଥିତି ସହିତ ତାଙ୍କର ପରିଚିତି । ବେଳେବେଳେ ସେହିସବୁ ଅଞ୍ଚଳରୁ ଆସିଥିବା ଆଗନ୍ତୁକଙ୍କୁ ତାଙ୍କ ଅଞ୍ଚଳର ସେ ଏମିତି ଚିକିନିଖି ବର୍ଣ୍ଣନା କରନ୍ତି ଯେ ସେ ଲୋକଟି କହେ- "ମଉସା, ଆପଣ ତ ମୋ'ଠୁ, ମୋ ଗାଁକୁ ଅଧିକ ଜାଣିଛନ୍ତି ।" ଗୋରୁ ବଳଦ କିଣିବାକୁ ବାହାନଗା, ବାରିକପୁର ହାଟ ବା ରେମୁଣା ହାଟ ହେଉ ଅବା ଚାଷବାସ ପାଇଁ ବୈଶିଙ୍ଗା, ବେତନଟୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଆଦିବାସୀ ଶ୍ରମିକ ସଂଗ୍ରହ ହେଉ, ଅନେକ କ୍ଷେତ୍ରରେ ଏ ଅଞ୍ଚଳସବୁକୁ ବାପା ଚାଲିଚାଲି ଯାଉଥିବାରୁ ଅତିକ୍ରମ କରୁଥିବା ଗାଁର ମୁଖ୍ୟବ୍ୟକ୍ତିଙ୍କର ପରିଚୟ, ତଥା ସ୍କୁଲ, ମନ୍ଦିର ପ୍ରଭୃତିର ଅବସ୍ଥିତି ଚିକିନିଖି ମନେ ରଖୁଥିଲେ । ଆମ ଜେଜେଙ୍କର ଆନ୍ତଃରାଜ୍ୟ ନୌବାଣିଜ୍ୟ ପାଇଁ ବଡ଼ ପାଲଟଣା ଡଙ୍ଗାଟି ଥିବାରୁ ବାପା ସମୁଦ୍ର ଯାତ୍ରାର ଅନୁଭୂତି, କଲିକତା ରହଣିର ଅନୁଭୂତି, ୧୯୪୨ ମସିହାର ଭୟଙ୍କର ମହାବାତ୍ୟା, ଯାହା ଭୋଗରାଇ ଓ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଇଲାକାକୁ ଛାରଖାର କରିଦେଇଥିଲା, ତା'ର ଅନୁଭୂତି ଅନ୍ୟମାନଙ୍କୁ କହୁଥିଲା ବେଳେ ଆମେ ଶୁଣିଶୁଣି ସେସବୁକୁ ଆହରଣ କରୁଥିଲୁ ।

ଅନ୍ୟ ଚରିତ୍ରମାନଙ୍କ ମଧ୍ୟରେ ଥିଲେ ଜଣେ ମୁସଲିମ ମହାତ୍ମା । ଅତି ଉଦାର ଓ ସ୍ନେହଶୀଳ ମଣିଷ । ଛୋଟ ପିଲାମାନେ ତାଙ୍କର ସାଥୀ । ସେ ଅଞ୍ଚଳର ଅନେକ ହିନ୍ଦୁ ପରିବାରର ବଂଶଲତା ତାଙ୍କ ଜିଭ ଅଗରେ । ପିଲାଏ ଖେଳୁଥିବା ଜାଗାରେ ପହଞ୍ଚିଯିବେ । ପକେଟରୁ ବାଦାମ, ନହେଲେ ଲଜେନ୍ସ ଖାଇବାକୁ ଦେଇ ପିଲାମାନଙ୍କୁ କାନ୍ଧରେ ବସାଇବେ । ପିଲାମାନେ ତାଙ୍କର ବଂଶଲତା ଜ୍ଞାନ ସମ୍ବନ୍ଧରେ ଥିଲେ ଅବଗତ । ପିଲାଟି ପଚାରିବ- "ମୋ ଜେଜେଙ୍କ ନାମ କ'ଣ ?" "ଆଗେ ତୁମ ବାପାଙ୍କ ନାମ କୁହ ।" ତା'ପରଠୁ ସେ ଆରମ୍ଭ କରିବେ ଏବଂ ତିନି ଚାରି ପୁରୁଷ ପର୍ଯ୍ୟନ୍ତ ନାମ କହିଯିବେ । ପିଲାଏ ଆସି ଘରେ ପଚାରି ବୁଝିବେ । ତଥ୍ୟ ପୂରା ଠିକ୍ । ଅନ୍ୟ ଜଣେ ବୟସ୍କ ବ୍ୟକ୍ତିଙ୍କର ଉଦାରତା ଭିନ୍ନ ପ୍ରକାରର । ମାଛ ହେଉ ଅବା ଶାଗ, ଯାହା ବଳିଲା ପାଖାପାଖି ପରିବାରରେ ବାଣ୍ଟିଦେଇ ଆସିବେ । ଦାନ ଦେଇ ଦକ୍ଷିଣା ଦେବା ପରି ଚିଙ୍ଗୁଡ଼ି ମାଛ ଦେଇ ପୁଣି କହିବେ - ଆମଘରୁ ଓଉ ନେଇ ଆସିବ । ଚିଙ୍ଗୁଡ଼ି ଓଉଖଟା ଭଲ ଲାଗେ । ପାଖ ମହାପାତ୍ରବାବୁଙ୍କର ପକ୍କାଘର କାମ ଚାଲୁଥିଲା ବେଳେ ବୁଢ଼ା ବୟସରେ ଯାଇ ତାଙ୍କ ଉଆସରେ ଇଟା ଭାଙ୍ଗିବେ । "କାହିଁକି ଏ ବୟସରେ ଏ କାମ କରୁଛନ୍ତି" ପଚାରିଲେ କହିବେ – "ଆମର ତ ପକ୍କାଘର ନାହିଁ । ଦୁଇ ଚାରିଟା ଇଟା ଭାଙ୍ଗି ଦେଇଥିଲେ କାଲି ସେମାନେ ମୋ ପୁଅ, ନାତିଙ୍କୁ ବନ୍ୟା, ବାତ୍ୟାବେଳେ ଆଶ୍ରୟ ଦେବେ ।"

ଗାଁ ଲୋକଚରିତ୍ରର ସବୁଠାରୁ ଆକର୍ଷଣୀୟ ଦିଗ ଥିଲା ଆମ୍ଭ ମନୋରଂଜନର ଉଦ୍‌ଭାବିତ ଉପାୟ । ଗ୍ରାମ୍ୟଜୀବନ ସେତେବେଳେ ସର୍ବନିମ୍ନ ଭିତ୍ତିଭୂମିର ଅନୁପସ୍ଥିତିର ଶିକାର । ରୋଜଗାରର ସେମିତି କିଛି ବାଟ ନଥିଲା । ଅଭାବ, ଅନଟନ ସହିତ ରାସ୍ତା, ପିଇବା ପାଣି, ସ୍ୱାସ୍ଥ୍ୟସେବାର ଅତି ବିକଳପଣ ସେମାନଙ୍କୁ ଖୁସିରେ ରହିବାକୁ ଶିଖେଇ ଥିଲା ଭିନ୍ନବାଟ । କେତେବେଳେ ଗାଁ ଅପେରାରେ ଅଭିନୟ, କେତେବେଳେ ଗାଁ ହାଟର ଚା' ଦୋକାନରେ ଖଟି ବା କେତେବେଳେ ଛକଜାଗାରେ କିଛି ବନ୍ଧୁଙ୍କର ମିଳନୀ ସଭା । ଏସବୁ ଥିଲା ଦୁଃଖ ଅପନୋଦନର ଏକ ଏକ ଝରକା । ଅଭାବ ଅସୁବିଧା ସତ୍ତ୍ୱେ ଅପେରାଘରେ କେବେ ତାଲା ପଡ଼େନି, ଚା'ଖଟିରେ ଭିଡ଼ କମେନି କି ଛକରେ ଅଟ୍ଟହାସ୍ୟର ସ୍ୱର ନରମି ଯାଏନି । କିଛି ଲୋକ ସ୍ୱତନ୍ତ୍ର ଭାବରେ ଥାଆନ୍ତି ଏହି ଖଟି ଆସରରେ ବା ଗାଁ ମଜଲିସରେ ରସ ପରିବେଷଣ କରିବା ପାଇଁ । ଏଣୁତେଣୁ କୌତୁକିଆ କଥା, ଯାବତୀୟ କପୋଳକଳ୍ପିତ ଅତିରଂଜିତ କାର୍ଯ୍ୟ, ଦୃଶ୍ୟ ବା ବସ୍ତୁର ବିବରଣୀ – ଯେମିତି ବାଇଗଣଟି ବୋଇତାଳୁ ପରି, ଚୁଲିରେ ପକାଗଲା ପରେ ତାହା କମଳାଲେମ୍ବୁର ଆକୃତି ନେଲା, ଇତ୍ୟାଦିର ରସାଳ, ପରିବେଷଣ ହିଁ ଆନନ୍ଦ ପ୍ରଦାନର ମାଧ୍ୟମ ଥିଲା । ତା' ସହିତ କିଛି ବ୍ୟକ୍ତିମାନଙ୍କର ବର୍ଣ୍ଣନା ଏବଂ ସେମାନଙ୍କର କାର୍ଯ୍ୟ । ଏହା ଭିତରେ କିଛି ସତ୍ୟ, କିଛି ଅତିରଞ୍ଜନ ଥାଏ – ଯେମିତି କଞ୍ଜୁସ ବିଧବା ବୁଢ଼ୀଟି, କଦଳୀର ଚୋପା ନ ଛଡ଼େଇ ତାକୁ ନିଜ ଘରୋଇ ଠାକୁର ପୂଜାରେ ଚଢ଼େଇ ପୁଣି ଆଣି ତାକୁ ହାଟରେ ବିକିଦେବା; ଖଣ୍ଡିଏ ଲୁଗାରେ ଚଳୁଥିବାରୁ ଠାକୁର ପୂଜାବେଳେ କବାଟ ବନ୍ଦ କରି ଦିଗମ୍ବରୀ ହୋଇ ପଡ଼ିବା; ଅନ୍ୟ ଏକ ବୁଢ଼ୀ, ନାତିମାନଙ୍କର ସ୍ୱାଦିଷ୍ଟ ଭୋଜନ ପାଇଁ ଆକ୍ରମଣରୁ ବଞ୍ଚିବା ପାଇଁ ଅଣ୍ଟାତଳର ଲୁଗାକୁ ଉପରକୁ ନିକ୍ଷେପ କରି ନାତି ବିତାଡ଼ନ ପର୍ବ ସର୍ଜନା କରିବା; ଅନ୍ୟଜଣେ ମଧ୍ୟବୟସ୍କ ବ୍ୟକ୍ତି ପିଲାମାନଙ୍କ ଗହଣରେ କୌତୁକ କରିବାକୁ ଯାଇ ପିଲାମାନଙ୍କୁ, 'ଅଣ୍ଟାରେ ହାତ ମାରନି, ହାତ ମାରନି' କହି ନିଜେ କୌଶଳକ୍ରମେ ଧୋତିର ଗଣ୍ଠି ଖୋଲି ପକେଇବା; ହାଣ୍ଡିଆ ପିଇଥିବା ଆଦିବାସୀ ଯୁବକ ଜଣକ ପିନ୍ଧିଥିବା ଗାମୁଛାକୁ ମୁଣ୍ଡରେ ବାନ୍ଧି



Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

**Works: D - 7, 8, 49 & 50, Somnathpur, IID Centre, Odisha 756019**
**Sales Enquiry Odisha: +91 - 7008869992, 8280956445**
**West Bengal: +91- 9433094332**
**info@ohmpipes.com**
**www.ohmpipes.com**

'ମୋର ଗାମୁଛା କାହିଁ, ଗାମୁଛା କାହିଁ' କହି ଦୌଡ଼ି ବୁଲିବା – ଏହିପରି ଅନେକ ଘଟଣାକୁ ଉପଯୁକ୍ତ ପୁଟ ଦେଇ ଖଟିରେ ସମବେତ ଜନତା ଆଗରେ ପରିବେଷଣ କରାଯାଏ । ଗାଁର ନିଜସ୍ୱ ଅପେରା ପାର୍ଟି ବା ଅନ୍ୟ ଅଞ୍ଚଳରୁ ଆସିଥିବା ଅପେରା ପାର୍ଟିର କିଛି ଅଭିନେତା କେମିତି ଭୁଲ କରି ଲୋକହସା ହୁଅନ୍ତି; ପୂର୍ବାଭ୍ୟାସ ବେଳେ ନାୟକ, ପାର୍ଶ୍ୱନାୟକମାନେ ନିର୍ଦ୍ଦେଶକଙ୍କଠୁ କେମିତି ବିଧା, ଗୋଇଠା ଖାଆନ୍ତି, ତା'ର ଅତିରଞ୍ଜିତ ପର୍ବମାନ ମଧ୍ୟ ପରିବେଷିତ ହୁଏ । ଯେତେବେଳେ ମନୋରଂଜନ ପାଇଁ, ମାନସିକ ବିଷର୍ଣ୍ଣତାକୁ ପଥଚ୍ୟୁତ କରିବା ପାଇଁ କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ନାହିଁ, ସେତେବେଳେ ମଣିଷ ସାଜୁଥିଲା ନିଜେ ବିଦୂଷକ, ନିଜେ ଉପଭୋକ୍ତା ।

ଆଜି ଗାଁରେ ଘରେ ଘରେ ଟିଭି, ହାତରେ ହାତରେ ମୋବାଇଲ ଫୋନ, ଛକ ଛକରେ ନଳକୂପ ତ କେଉଁଠି ପାଇପପାଣି; ବସ୍, ଟ୍ରକ୍ ଗଲା ଭଳି ରାସ୍ତା; ନଦୀ, ଘାଇ ଉପରେ ପୋଲ– ଏସବୁ ସତ୍ତ୍ୱେ ଏବେକାର ଗ୍ରାମବାସୀମାନେ ସେମାନଙ୍କ ପୂର୍ବପିଢ଼ିଙ୍କଠୁ କ'ଣ ଅଧିକ ଆନନ୍ଦରେ ଅଛନ୍ତି ? ମଣିଷମାନଙ୍କ ମଧ୍ୟରେ ସେହି ଏକତା ଓ ସୌହାର୍ଦ୍ଦ୍ୟ ଅଛି ? ଗାଁକୁ ଆସିଲା ରାସ୍ତା, ଗଡ଼ିଲା ଗାଡ଼ି, ନେଇକରି ଆସିଲା ମଦ, ଫେରିବାବେଳେ ନେଇଗଲା ଗ୍ରାମ୍ୟ ଜଙ୍ଗଲରୁ ଚୋରାକାଠ !

ସହରୀ ବିକାଶ ଉପଭୋଗ କରି ଗାଁ ଲୋକେ ନିଜ ସ୍ୱଧର୍ମ ଭୁଲି ଯାଇଛନ୍ତି । ହୋଇଯାଇଛନ୍ତି ସ୍ୱାର୍ଥପର, ସ୍ୱାର୍ଥକୈନ୍ଦ୍ରିକ । ଅଧିକାଂଶ ଗାଁର ଶିକ୍ଷିତ, ଭଲମଣିଷମାନେ ଗାଁ ଛାଡ଼ି ସହରରେ ପ୍ରତିଷ୍ଠିତ, କିଏ ପୁଣି ନିକଟତମ ସହର ଛାଡ଼ି ରାଜଧାନୀରେ । ଆମ ଗାଁରେ ଯାହା କିଛି ବିକାଶ ହୋଇଛି ତାହା ଆପଣାଛାଏଁ ହୋଇନାହିଁ । ଆମେ ପାଞ୍ଚ, ସାତଜଣ ଲୋକ ଗାଁକୁ ପ୍ରତ୍ୟେକ ପଦକ୍ଷେପରେ ଆଗେଇ ନେବାକୁ ପାଖାପାଖି କୋଡ଼ିଏ ବର୍ଷ ହେଲା ଉଦ୍ୟମ କରିଆସିଛୁ ।

ପ୍ରଥମେ ଆମେ ଧ୍ୟାନ ଦେଲୁ ଗମନାଗମନ ଉପରେ । ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଆମ ପଞ୍ଚାୟତ ପରିଧିକୁ ସାମିଲ କରି ବାଲେଶ୍ୱରର ଦ୍ୱିତୀୟ ପଞ୍ଚାୟତ ରୂପେ ଆମେ ପାଇଲୁ ପ୍ରଧାନମନ୍ତ୍ରୀଙ୍କର ଗ୍ରାମ ସଡ଼କ । ରାସ୍ତା ଗଲା ସିଧା ବାଲେଶ୍ୱରକୁ । ନଦୀଘାଟ ଦେଇ ବିପଦସଂକୁଳ ଅବସ୍ଥାରେ ଯିବା କମିଲା । ରାସ୍ତା କିନ୍ତୁ ରହିଗଲା ପଞ୍ଚାୟତ ଅଫିସ୍ ପାଖାପାଖି । ମୋ ଗାଁ ଛୁଇଁଲା ନାହିଁ । ଆମ ଗାଁର ମୋ ନାତି ସଂପର୍କ ଇଂ ପ୍ରଭାତ କୁମାର ଜେନା ଓ ତୁଷାର ଜେନା ଗ୍ରାମ୍ୟ ଉନ୍ନୟନ ବିଭାଗର କନ୍‌ସଲ୍‌ଟାଣ୍ଟ୍ । ନିର୍ବାହୀ ଯନ୍ତ୍ରୀ ସେମାନଙ୍କ ବାପାଙ୍କ ସାଙ୍ଗ । ଆମେ ଦୁହେଁ ମିଶି ଆମ ଗାଁ ବାତ୍ୟାଶ୍ରୟକୁ ସଂଯୋଗକାରୀ ରାସ୍ତା ନାମରେ ୬ କିଲୋମିଟର ରାସ୍ତା ଓଡ଼ିଶା ବିପର୍ଯ୍ୟୟ ପ୍ରଶମନକାରୀ ସଂସ୍ଥାଠୁ ଅନୁମୋଦନ କରେଇଲୁ । ଏଥିପାଇଁ ମୋର ପୁରାତନ ଛାତ୍ର ଇଂ ବସନ୍ତ କୁମାର ବେହେରା, ନିର୍ବାହୀ ଯନ୍ତ୍ରୀ ମହୋଦୟ, ପ୍ରଭାତ ଓ ତୁଷାରର ବାପା ହରିପଦ ଜେନାଙ୍କ ସାହାଯ୍ୟ ଅବିସ୍ମରଣୀୟ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ସହ ଏହି ରାସ୍ତା ମିଶି ଗଲା ପରେ ଆମ ଗ୍ରାମ ବାଲେଶ୍ୱର ସହର ସହ ସିଧା ସଂଯୁକ୍ତ ହୋଇଯାଇଛି । ଠିକ୍ ସେହିପରି ୨୦୦୩-୦୪ ପର୍ଯ୍ୟନ୍ତ ଆମ ଗାଁକୁ ବିଜୁଳି ସରବରାହ ହୋଇନଥିଲା । ସାଂସଦ ଖାରବେଳ ସ୍ୱାଇଁଙ୍କ ସାଂସଦ ପାଣ୍ଠିରେ ପୁରାତନ ଛାତ୍ରସଂସଦ ତରଫରୁ ଫକୀରମୋହନ କଲେଜରେ କିଛି ନିର୍ମାଣ କାର୍ଯ୍ୟ ମୋ ତତ୍ତ୍ୱାବଧାନରେ ହୋଇଥିବାରୁ ସାଂସଦ ଶ୍ରୀଯୁକ୍ତ ସ୍ୱାଇଁ ମୋର ଅନ୍ତରଙ୍ଗ ଥିଲେ । ତାଙ୍କୁ ନିବେଦନ କଲି ମୋ ଗାଁକୁ ବିଜୁଳି ଆଲୁଅ ସଂଯୋଗ ପାଇଁ । ପ୍ରଥମେ ପାଞ୍ଚଟି ଟ୍ରାନ୍‌ସଫର୍ମରରେ ପଚାଶ ଜଣ ଗ୍ରାହକଙ୍କ ପାଇଁ ସେ ବ୍ୟବସ୍ଥା କରାଇ ଦେଇଥିଲେ ତାଙ୍କ ଅନୁଦାନ ପାଣ୍ଠିରୁ ପାଞ୍ଚଲକ୍ଷ ଟଙ୍କା ଖର୍ଚ୍ଚ କରି । ପରେ ସରକାରଙ୍କ ବିଭିନ୍ନ ଯୋଜନାରେ ତାହା ସଂପ୍ରସାରିତ ହୋଇ ଏବେ ସବୁ ଘରେ ବିଜୁଳି । ନଳକୂପର ସଂଖ୍ୟା ବଢ଼ିଛି । ତା' ସହିତ ପାଇପ୍ ଜଳଯୋଗାଣ ପାଇଁ ଦୁଇଟି ସୁଉଚ୍ଚ ପାଣିଟାଙ୍କି ଚାଲୁ ହେବା



ଦିଗରେ ଅଗ୍ରସର । ଗାଁରେ ପରିବେଶଗତ ପରିବର୍ତ୍ତନ ତଥା ଧାର୍ମିକ ଓ ଆଧ୍ୟାତ୍ମିକ ବିକାଶ ନିମନ୍ତେ ଆମେ ପ୍ରତିଷ୍ଠା କରିଛୁ ଦୁଇଟି ମନ୍ଦିର – ଗୋଟାଏ ସ୍ୱପ୍ନେଶ୍ୱର ମହାଦେବଙ୍କର, ଅନ୍ୟଟି ମା' ଶୀତଳା, ଚଣ୍ଡୀଙ୍କର । ମନ୍ଦିରର ବାର୍ଷିକ ଯଜ୍ଞ, କାର୍ତ୍ତିକ ମାସରେ ଭାଗବତ ପାଠ ପାଇଁ ପ୍ରତିଷ୍ଠା କରିଛୁ ଏକ ମଣ୍ଡପ । ଘରୋଇ ଭାବରେ ଡ. ପ୍ରଦୀପ କୁମାର ପାତ୍ର ନିର୍ମାଣ କରୁଛନ୍ତି ଏ ଅଞ୍ଚଳର ଏକମାତ୍ର ଜଗନ୍ନାଥ ମନ୍ଦିର । ଏଥିସହିତ ରହିଛି ଧର୍ମ ଧର୍ମ ଭିତରେ ସମନ୍ୱୟର ସେତୁ ଷାଠିଆ ପୀର ଯାହା ବାଲେଶ୍ୱରର ଭୁଜାଖିଆ ପୀରଙ୍କ ପରି ସବୁ ଧର୍ମର ଶ୍ରଦ୍ଧାଳୁମାନଙ୍କ ପାଇଁ ଖୋଲା । ଗାଁର ସମସ୍ତ ସାମୂହିକ ବିକାଶ ପାଇଁ ଆମେ କିଛି ପ୍ରତିନିଧିମୂଳକ ଗ୍ରାମବାସୀ ଜାଗ୍ରତ ପ୍ରହରୀ ରୂପେ କାମ କରୁଛୁ । ମୋ ଛଡ଼ା ଅନ୍ୟମାନେ ହେଲେ ଭୁବନ ମୋହନ ସାହୁ, ଜୟଗୋପାଳ ପାତ୍ର, ରାଧାଗୋବିନ୍ଦ କରଣ, ବିଜୟ କୁମାର ମହାନ୍ତି, କହ୍ନେଇଲାଲ ପ୍ରଧାନ ଓ ରାଧାଗୋବିନ୍ଦ ପାତ୍ର ପ୍ରମୁଖ । ମୋର ସୌଭାଗ୍ୟ ଯେ ଫକୀରମୋହନ କଲେଜରେ ଦୀର୍ଘଦିନର ଅଧ୍ୟାପନା ଯୋଗୁଁ ମୋର ଗାଁର ବିକାଶ ପାଇଁ ବାଲେଶ୍ୱରର ଯେକୌଣସି ସରକାରୀ ଅଫିସ୍ ଗଲେ ମୋତେ କେହି ନା କେହି ପୁରାତନ ଛାତ୍ର ମିଳି ଯାଆନ୍ତି, ଯେଉଁମାନେ ଦେବଦୂତ ସାଜି ଗାଁର ଯାବତୀୟ କାମଗୁଡ଼ିକ କରିଦିଅନ୍ତି । ତେଣୁ ଏହି ପୁରାତନ ଛାତ୍ରମାନଙ୍କ ପାଖରେ ମୁଁ ଋଣୀ ।

କୌଣସି ଗାଁ ବା ସମାଜର ପରିଚୟ ତା'ର ଭିତ୍ତିଭୂମି ନୁହେଁ । ଭିତ୍ତିଭୂମି ଏକ ସଭ୍ୟତା ପାଇଁ ଆବଶ୍ୟକ । କିନ୍ତୁ ସଭ୍ୟତାଟି ଦୀର୍ଘମିଆଦି ଦୃଷ୍ଟିରୁ ବଞ୍ଚିରହେ ଯଦି ତା'ର ସଂସ୍କୃତି, ସଂସ୍କାର ମଜବୁତ ଥିବ । ସେହି କ୍ରମରେ ଗାଁଗୁଡ଼ିକୁ ଗ୍ରାମ୍ୟକୈନ୍ଦ୍ରିକ ସଂସ୍କୃତି ସହିତ ବଞ୍ଚେଇବାକୁ ଯତ୍ନ କରିବାକୁ ହେବ । ଏହି ସଂସ୍କୃତି, ଶିକ୍ଷା, କଳା, ସଙ୍ଗୀତ, ସାହିତ୍ୟ, ଧର୍ମ, ଦର୍ଶନ ପ୍ରତି ଅନୁରକ୍ତି ହୋଇପାରେ; ଗଛଲତା, ଜୀବଜନ୍ତୁ ପ୍ରତି ଏକ ଶିଷ୍ଟ ଆଦରପୂର୍ଣ୍ଣ ମନୋଭାବ ହୋଇପାରେ; ସମାଜର ବରିଷ୍ଠ, ଦଳିତ, ଅସହାୟ, ବଞ୍ଚିତଗୋଷ୍ଠୀ ପ୍ରତି ଏକ ସମ୍ବେଦନଶୀଳ ମନ ହୋଇପାରେ; ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସାମୂହିକ ସ୍ୱାର୍ଥକୁ ଅଗ୍ରାଧିକାର ଦେବାର ଦୃଷ୍ଟିଭଙ୍ଗୀ ହୋଇପାରେ ଓ ତାହା ସାଧୁତାପୂର୍ଣ୍ଣ ଓ ନିଷ୍ପାପର ଜୀବନ ହୋଇପାରେ । ଗାଁକୁ ତା'ର ସଂସ୍କାର ସହିତ ବଞ୍ଚେଇ ରଖିବାକୁ ପଡ଼ିବ । ଗ୍ରାମ୍ୟ ପରିବେଶ ଓ ତା'ର ଆକର୍ଷଣକୁ ଚିକମିକ୍ କରି, ରୋମାଣ୍ଟିସାଇଜ୍ କରି ଗାଁକୁ କେବଳ ବଣଭୋଜି ଅନୁକୂଳ ଏକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାର ଚେଷ୍ଟା ଆମେ ପରିହାର କରିବା ଉଚିତ । ଗାନ୍ଧିଙ୍କର ଉକ୍ତି: 'ଗାଁରେ ଭାରତବର୍ଷର ଆତ୍ମା ରହିଛି' – ଏହି କଥାକୁ ଧ୍ୟାନରେ ରଖି ଓଡ଼ିଶା, ବାଲେଶ୍ୱରର ଗ୍ରାମସମୂହ କିପରି ଭିନ୍ନ କିସମର ମାନବସମ୍ବଳ, 'ଜାତୀୟ ପୁଲ୍'କୁ ଯୋଡ଼ି ପାରିବେ ସେ ଦିଗରେ ଗାଁକୁ ଭଲପାଉଥିବା ନାଗରିକମାନେ ଚେଷ୍ଟା କରିବା ଉଚିତ ।




Jayadurga Homecare Products Pvt. Ltd.
Mancheswar, Bhubaneswar
Customer Care : 9861049796, 9238349796

# ପ୍ରବାଳ ଦ୍ୱୀପର





# ଦେଶେ

# କୋରାଲ ଦ୍ୱୀପପୁଞ୍ଜ

# ରେଡାଙ୍ଗ

**ବୀଣାପାଣି ପ୍ରଧାନ**

୨୬୦୨, ବ୍ଲକ-ଏ, ସୁଆସନା ସେଣ୍ଟ୍ରାଲ,
କେଆଇ ସେଣ୍ଟ୍ରାଲ, କୁଆଲାମ୍ପୁର୍ ମାଲେଶିଆ
ଫୋନ:୬୦୧୭-୨୫୩୭୪୧୦

ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ବୀଣାପାଣି ପ୍ରଧାନ

ହାତ ପାପୁଲି ତଳେ ନୀଳସମୁଦ୍ରର ଚୁନା ଚୁନା ଢେଉ । ଆଖି ଉପରେ ଦିଗନ୍ତ ବିସ୍ତାରି ନୀଳିମାର ପଟୁଆର । ଶୁଭ୍ର ବାଲିର ବେଳାଭୂମିରେ ମେଘ ଛାଇର ଲୁଚକାଳି ଖେଳ । ଦ୍ୱୀପପୁଞ୍ଜର ସ୍ୱର୍ଗ ପରି ସ୍ୱପ୍ନକୁ ଏକତ୍ର କରିଥାଏ ମାଲେସିଆର କୋରାଲ୍ ଦ୍ୱୀପ**ରେଡାଙ୍ଗ** (Redang Island)। ସମୁଦ୍ର ଭିତରେ ବିଳାସପୂର୍ଣ୍ଣ ଜଙ୍ଗଲ, ଉତ୍କୃଷ୍ଟ ବେଳାଭୂମି, ଚମତ୍କାରୀ ବିଦେଶୀ ସଂସ୍କୃତି- ଏହି ଦ୍ୱୀପର ସୌନ୍ଦର୍ଯ୍ୟକୁ କରିଥାଏ ବହୁଗୁଣିତ । ପୃଥିବୀର ଏକ ଅନ୍ୟତମ ଆକର୍ଷଣୀୟ ଦ୍ୱୀପ ଭାବେ ପରିଗଣିତ ହୁଏ ରେଡାଙ୍ଗ । ଏହାର ଚମତ୍କାରୀ ଶୁଭ୍ର ବେଳାଭୂମି, ଉଜ୍ଜ୍ୱଳ ନୀଳ ସ୍ଫଟିକ ଜଳ, ଛୋଟ ଛୋଟ ଦ୍ୱୀପମାନଙ୍କର ସମାହାର- ଏକ ବିସ୍ମୟକର ଅନୁଭୂତି କହିଲେ ଅତ୍ୟୁକ୍ତି ହେବ ନାହିଁ । ମାଲେସିଆରେ ଦଶବର୍ଷର ରହଣି ଭିତରେ ଏ ସ୍ଥାନ ଦେଖିବାର ସ୍ୱପ୍ନ ଅନେକ ଦିନରୁ ମନ ଭିତରେ ବସା ବାନ୍ଧିଥିଲେ ବି ସୁଯୋଗ ମିଳି ନଥିଲା । ଏହି ଅପେକ୍ଷାର ଅବସାନ ଘଟିଥିଲା ୨୦୨୨ ଜୁଲାଇ ମାସରେ । ଏହି ଦ୍ୱୀପ ମାଲେସିଆ ପୂର୍ବ ଉପକୂଳ, ତେରେନଂଗାନୁ ଉପକୂଳରେ ଅବସ୍ଥିତ । ମାଲେସିଆର ପୂର୍ବ ପାର୍ଶ୍ୱରେ ଦକ୍ଷିଣ ଚୀନ ସାଗରରେ ପୁଲୁ ରେଡାଙ୍ଗ ଏକ ଛୋଟ ଦ୍ୱୀପ ଗୋଷ୍ଠୀ । ରେଡାଙ୍ଗ ସଂରକ୍ଷିତ ସାମୁଦ୍ରିକ  ଜଳ ମଧ୍ୟରେ ଅବସ୍ଥିତ, ଯାହାକୁ ତେରେନଂଗାନୁ ମେରାଇନ ପାର୍କ ମଧ୍ୟ କୁହାଯାଏ । ମୁଖ୍ୟ ଦ୍ୱୀପ ରେଡାଙ୍ଗ ପାଖରେ ଅନେକ ଛୋଟ ଛୋଟ ଦ୍ୱୀପପୁଞ୍ଜ ଅଛି । ରେଡାଙ୍ଗ ଯେ କେବଳ ସୁନ୍ଦର ଦ୍ୱୀପ ମାଳରେ ତିଆରି ତା ନୁହେଁ ସନରକେଲିଙ୍ଗ (snarkeling) ଓ ଡାଇଭିଂ (diving) ପାଇଁ ପରିଚିତ ସାମୁଦ୍ରିକ ପରିବେଶ । କେବଳ ମାର୍ଚ୍ଚ, ଏପ୍ରିଲରୁ ଅକ୍ଟୋବର ଯାଏଁ ଦ୍ୱୀପପୁଞ୍ଜ ଖୋଲା ରହେ । ଜୁନରୁ ଅଗଷ୍ଟ ମାସ ଯାଏଁ ଏହି ଦ୍ୱୀପପୁଞ୍ଜ ଦେଖିବାର ପ୍ରକୃଷ୍ଟ ସମୟ ବୋଲି ଘୋଷଣା କରାଯାଇଛି । ଏହି ଦ୍ୱୀପଟି ଚାରିପଟେ ସ୍ଫଟିକ ସ୍ୱଚ୍ଛ ଜଳ ଦ୍ୱାରା ଘେରି ରହିଛି । ତେଣୁ ଡାଇଭିଂ ପାଇଁ ପ୍ରକୃଷ୍ଟ ସ୍ଥାନ ସବୁ ରହିଛି । ରେଡାଙ୍ଗରେ ବଡ଼ ଏୟାରପୋର୍ଟ ବା ବିମାନର ସୁବିଧା ନାହିଁ । ତେଣୁ ଏଠାକୁ ଛୋଟ ଛୋଟ ବିମାନ ସବୁ ଯାଇଥାଏ, ଏହାଛଡ଼ା ଜଳ ଭାଗରେ ଯିବା ପାଇଁ ଫେରିର ବ୍ୟବସ୍ଥା ରହିଛି । ଏହି ସ୍ଥାନକୁ ଆସିବାର ତିନି ପ୍ରକାରର ବ୍ୟବସ୍ଥା ଅଛି । ସେଗୁଡ଼ିକ ହେଲା, ବସ୍ କିମ୍ବା କାର୍‌ରେ କୁଆଲାଲୁମ୍ପୁର୍‌ରୁ ତେରେନଂଗାନୁ ଯାଇ ସେଠାରୁ ଫେରିରେ ଏ ଜାଗାକୁ ଯାଇ ହେବ । କାର୍‌ରେ ୫ ଘଣ୍ଟା ଲାଗିଥାଏ ତେରେନଂଗାନୁକୁ । ନହେଲେ ଫ୍ଲାଇଟ୍‌ରେ ତେରେନଂଗାନୁ ଯାଇ ସେଠାରୁ ଫେରିରେ ଯାଇହେବ । ଆଉ ଏକ ବ୍ୟବସ୍ଥାରେ ସିଧା ସଳଖ ବିମାନ ଚଳାଚଳ ସୁବିଧା ଅଛି । କିନ୍ତୁ ଏହାର ବ୍ୟବହାର କମ ହୋଇଥାଏ । ମୁଖ୍ୟତଃ ଲୋକମାନେ ବସ୍ କିମ୍ବା ଫେରିରେ ଯିବାକୁ ପସନ୍ଦ କରନ୍ତି ଏହି ସ୍ଥାନକୁ । ଅଥୟ ସମୁଦ୍ରର ଜଳରାଶିରେ ସୂର୍ଯ୍ୟର ବିଚ୍ଛୁରିତ କିରଣ ଆକାଶମାର୍ଗରୁ ଦେଖିଲେ ଲାଗେ ହୀରା କଣିକା ସବୁ ବିଛେଇ ହୋଇ ରହିଛି ସମୁଦ୍ରର ବିସ୍ତିର୍ଣ୍ଣ କାନ୍‌ଭାସ୍ ଉପରେ । ବିସ୍ମୟକର ସମୁଦ୍ର ତଳେ, କୋରାଲର ମନୋରମ ପ୍ରକୃତିର ଦୃଶ୍ୟ ବିଭିନ୍ନ ସ୍ଥାନରୁ ଡାଇଭ୍‌ର ଓ ସ୍ନୋର୍‌କେଲର୍ (Snorkeler) ମାନଙ୍କୁ ଆକର୍ଷିତ କରିଥାଏ । ଚମକୁ ଥିବା ସମୁଦ୍ରକୁ ଘେରି ରହିଥିବା ରୋମାଞ୍ଚଭରା ପାହାଡ଼ର ସବୁଜିମା, ପ୍ରସ୍ତରର ସ୍ୱତନ୍ତ୍ର ଆକୃତି ଓ ସୃଷ୍ଟି ଏହାକୁ ଅନ୍ୟ ସ୍ଥାନ ଠାରୁ ଭିନ୍ନ ବୋଲି ପ୍ରମାଣ କରୁଥାଏ । ଏହାର ସତ୍ୟତା କେବଳ ଆଖିରେ ଦେଖିଲେ ହିଁ ଜାଣିହୁଏ । ଆକାଶ ମାର୍ଗରେ ଫ୍ଲାଇଟ୍ ଯାତ୍ରା କଲେ କୁଆଲାଲୁମ୍ପୁର୍ ଠାରୁ ପ୍ରାୟ ୧ଘଣ୍ଟାର ସମୟ ଲାଗିଥାଏ ଏହି ଦ୍ୱୀପକୁ । ମୁଁ ବିମାନରୁ ଓହ୍ଲାଇବା ପରେ ଆକାଶ ମାର୍ଗରୁ ଦେଖିଥିବା ଦୃଶ୍ୟକୁ ନିଜ ଭିତରେ ପୁନଃ ପୁନଃ ଆବିଷ୍କାର କରୁଥାଏ । ସମୁଦ୍ରର ବିସ୍ତିର୍ଣ୍ଣ ଜଳ ଉପରେ ଆମ ବିମାନ ଗୋଟିଏ ପକ୍ଷୀ ପରି ଉଡ଼ି ଆସିଥିଲା, ଅନେକ ନିର୍ଜନ ବେଳାଭୂମି, ହେନ୍ତାଳ ବଣ, ପାମ୍ ବଣର ସବୁଜିମା ସ୍ମୃତିସଂଚିତ ହୋଇସାରିଥାଏ ସେତେବେଳକୁ ମନ ଭିତରେ । ଏୟାରପୋର୍ଟରୁ ଆମେ ଯାତ୍ରା କଲୁ ରିସୋର୍ଟ ଅଭିମୁଖେ, ଏଠାରେ ରିସୋର୍ଟ ବା ହୋଟେଲ୍ ଅଳ୍ପ ସଂଖ୍ୟାରେ ଦେଖିବାକୁ ମିଳେ । ବର୍ଷର ଅନେକ ସମୟ ଏହି ସ୍ଥାନ ଗୁଡ଼ିକ ବନ୍ଦ ରହୁଥିବାରୁ ବହୁ ସଂଖ୍ୟାରେ ହୋଟେଲ ବା ରିସୋର୍ଟ ଗଢ଼ି ଉଠି ନାହିଁ । ତେବେ ରିସୋର୍ଟକୁ ଯିବା ବ୍ୟବସ୍ଥା ରିସୋର୍ଟ ପରିଚାଳକ ମାନେ ହିଁ କରିଥାନ୍ତି । ରିସୋର୍ଟ ଲଗୁନ୍ ଆଗରୁ ବୁକିଂ ହୋଇଥିବାରୁ ସେମାନେ ଏହି ବ୍ୟବସ୍ଥା ସମ୍ପାଦିତ କରିଥିଲେ । ଲଗୁନ୍ ରିସୋର୍ଟ ଯିବା ପାଇଁ ପ୍ରଥମେ ଆମେ ଏୟାରପୋର୍ଟରୁ ଗାଡ଼ିରେ ଆସି ପୁଣି ଫେରିରେ ଯାଇଥିଲୁ । ସେଠାରେ ପହଂଚି ରେଡାଙ୍ଗର ସୌନ୍ଦର୍ଯ୍ୟ ଆହୁରି ପାଖରୁ ଦେଖିହୁଏ । ସୂର୍ଯ୍ୟାଲୋକରେ ଭିଜା ବେଳାଭୂମି, ଉଜ୍ଜ୍ୱଳ ଘନନୀଳ ସୁଦୂର ସମୁଦ୍ରର ଜଳରାଶି ସହ ବେଳାଭୂମିର ନୀଳ କାଚ କେନ୍ଦୁ ଜଳ, ଡଙ୍ଗାର ଛାତି ମେଲି ଡାକେ ନୀଳ ଉପସାଗର ଭିତରକୁ, ସତରେ ଏକ ଜୀବନ୍ତ କାନ୍‌ଭାସ୍‌ଟେ ପରି ଆଖି ସାମ୍ନାରେ ଲାଗୁଥାଏ । ଦୁଇପାଖେ ଗ୍ରୀଷ୍ମ ମଣ୍ଡଳୀୟ ଜଳବାୟୁର ଘଞ୍ଚ ଜଙ୍ଗଲପୂର୍ଣ୍ଣ ପାହାଡ଼, ଠାଏ ଠାଏ ତାର ସୁସଜ୍ଜିତ ପଥରର ଦେହ ଦେଖିଲେ ଅନୁଭବ ହୁଏ



ରେଡାଙ୍ଗ ଯେମିତି ଗୋଟିଏ ସୁନ୍ଦର ତୋରଣ ସଜେଇ ହେଇ ସ୍ୱାଗତ କରୁଛି ପ୍ରତ୍ୟେକ ପର୍ଯ୍ୟଟକଙ୍କୁ । ଏଠାରେ ଥିବା ଟାପୁମାନଙ୍କର ପଥରଖଞ୍ଜା ବି ସ୍ୱତନ୍ତ୍ର ଧରଣର । ଗୋଟିଏ ପଥର ନହୋଇ ଅନେକ ଗୁଡିଏ ପ୍ରଶସ୍ତ ସଂଯୁକ୍ତ ହୋଇ Swandwich ପରି ଥାକଥାକ ହୋଇ ରହିଥାନ୍ତି । ଏହା ଏଠାକାର ପାହାଡ଼ମାନଙ୍କର ବିଶେଷତ୍ୱ ବୋଲି ମନେ ହେଉଥିଲା । ମୁଖ୍ୟ ଦ୍ୱୀପ ରେଡାଙ୍ଗ ପାଖରେ ଅନେକ ଛୋଟ ଛୋଟ ଆଖ ପାଖରେ ଦ୍ୱୀପପୁଞ୍ଜ ରହିଛି, ଏହି ଦ୍ୱୀପ ଗୁଡ଼ିକୁ ସ୍ଥାନେ ସ୍ଥାନେ ସ୍ଫଟିକ ସ୍ୱଚ୍ଛ ଜଳ ଘେରି ରହିଛି । ତେଣୁ ଡାଇଭିଙ୍ଗ୍ ପାଇଁ ବିଭିନ୍ନ ସୁନ୍ଦର ଜାଗା ସୃଷ୍ଟି ହୋଇପାରିଛି । ସ୍ନୋର୍‌କେଲ୍ କରିବା ସମୟରେ ସୁନ୍ଦର ଜୀବିତ କୋରାଲ ମଧ୍ୟ ଦେଖିବାକୁ ମିଳିଥାଏ । ଏହା ଏକ ଅଦ୍ଭୁତ ଶିହରଣ ସୃଷ୍ଟି କରେ । ବେଳେବେଳେ ଏକ ବିରାଟ ଆକ୍ୱାରିଅମ୍ ପରି ମନେହୁଏ । ସମୁଦ୍ର ତଳର ଦୁନିଆ ବି ଏତେ ସୁନ୍ଦର ହୋଇପାରେ, କେବଳ ଆଖିରେ ଦେଖିଲେ ହିଁ ବିଶ୍ୱାସ କରିହେବ । ସେଥିପାଇଁ ବିଦ୍ୟାଳୟ ଛୁଟି ଓ ସାଧାରଣ ଛୁଟି ଦିନମାନଙ୍କରେ ଏହି ସ୍ଥାନ ଟିକେ ଅଧିକ ଗହଳଚହଳ ରହେ । ଆମେ ମଧ୍ୟ ସେହି ଛୁଟି ଦେଖି ଯାଇଥିଲୁ । ରିସୋର୍ଟରେ ପହଁଚିଲା ପରେ ରିସୋର୍ଟର ସୁନ୍ଦରତା ସାଙ୍ଗକୁ ଧାଡ଼ି ଧାଡ଼ି ନଡ଼ିଆ ଗଛ, ବିଚ୍ ଚେୟାର ଓ କୋମଳ ବାଲିର ସ୍ପର୍ଶ ଆହୁରି ଆଚ୍ଛନ୍ନ କରି ରଖିଲା । ରୁମ୍ ଭିତରେ ସବୁ ବ୍ୟବସ୍ଥା ସୁନ୍ଦର ଭାବେ କରା ଯାଇଥିଲା । ମୁଖ୍ୟତଃ ଘରଗୁଡ଼ିକ କାଠରେ ତିଆରି ହୋଇଥିଲା । ବଡ଼ ରିସୋର୍ଟ ହେଲେ ବି ସବୁ କାମ ସୁଚାରୁ ରୂପେ ପରିଚାଳନା ହେଉଥିଲା । ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଆମେ ଡାଇନିଂ ହଲ୍‌କୁ ଗଲା ବେଳକୁ ଆହୁରି ହତବାକ୍ ହୋଇଥିଲୁ, ପ୍ରାୟ ୫୦୦ ରୁ ୭୦୦ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପ୍ରକାରର ବ୍ୟବସ୍ଥା ହୋଇଥାଏ । ସ୍ଥାନୀୟ ରୋଷେଇଠୁ ଆରମ୍ଭ କରି, ବିଭିନ୍ନ ଏସୀୟ ରାଷ୍ଟ୍ରଗୁଡ଼ିକର ଖାଇବା ବ୍ୟବସ୍ଥା କରାଯାଇ ସୁନ୍ଦର ଭାବେ ପରଷା ଯାଇଥାଏ । ଅତିଥିଙ୍କର ଏପରି ବିଶେଷ ଯତ୍ନ ନେବା ମୋତେ ଅନନ୍ୟ ଅନୁଭବ ଆଣିଦେଲା । ମଧ୍ୟାହ୍ନ ଭୋଜନ ପରେ ଆମେ ସ୍ନୋର୍‌କେଲିଙ୍ଗ୍ ପାଇଁ ସମୁଦ୍ର ଭିତରକୁ ଗଲୁ । ଏଥିପାଇଁ ବୋଟ୍‌ରେ ଯିବାକୁ ପଡ଼ିଥାଏ । ଏହାର ବ୍ୟବସ୍ଥା ମଧ୍ୟ ରିସୋର୍ଟ ଦ୍ୱାରା ହୋଇଥାଏ । ଆମେ ସ୍ନୋର୍‌କେଲିଙ୍ଗ୍ ପାଇଁ ଟିମ୍‌ରେ ଥିଲା ବେଳେ ଅନେକ ଡାଇଭିଙ୍ଗ୍ ପାଇଁ ମଧ୍ୟ ଯୋଗ ଦେଉଥିଲେ । ବୋଟ ଯୋଗୁଁ ସମସ୍ତେ ନିଜ ନିଜ ଟିମ୍ ସହ ସମୁଦ୍ର ଭିତରକୁ ଯାଉଥିଲେ । ଆମେ ମଧ୍ୟ ସେହି ବୋଟ୍‌ରେ ଥିଲୁ । ଏକ ସଙ୍ଗେ ଚାରି ପାଞ୍ଚଟି ବୋଟ୍ ଯାଉଥିଲା । ଏହା ପୂର୍ବରୁ ଲାଇଫ୍ ଜ୍ୟାକେଟ୍ ଓ ସ୍ନୋର୍‌କେଲିଙ୍ଗ୍ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଚଷମା ପିନ୍ଧିବାକୁ ପଡ଼ିଥିଲା ଓ ସେଠାରେ ଥିବା ଗାଇଡ୍‌ମାନେ ଏହାକୁ ବ୍ୟବହାର କରିବାର ଉପାୟ ବତାଇ ଦେଉଥିଲେ । ମଝି ସମୁଦ୍ରରେ ବୋଟ୍ ଯାଥ ପହଁଚିଲା ଏକ ସ୍ୱତନ୍ତ୍ର ସ୍ଥାନରେ, ସେଠାରେ ଗାଇଡମାନେ ସମୁଦ୍ର ପାଣିକୁ ଓହ୍ଲାଇ କୋରାଲ ଦେଖିବାକୁ କହିଥିଲେ । ମନରେ ଏମିତି ଅତଳତଳ ପାଣିକୁ ଓହ୍ଲାଇବାକୁ ଡର ଥିଲେ ବି ସାହସ ବାନ୍ଧିବାକୁ ପଡ଼େ । ପହଁରିବା ଜାଣିଥିଲେ ପ୍ରକୃତରେ ଏସବୁ ଦେଖିବାକୁ ସୁବିଧା ହୋଇଥାଏ । ମୋତେ ସନ୍ତରଣ ଜଣାଥିଲେ ବି ୨୦-୩୦ ମିଟର ପାଣି ଭିତରକୁ ଓହ୍ଲାଇବାକୁ ଡର ଲାଗୁଥିଲା । ଲାଇଫ୍ ଜ୍ୟାକେଟ୍‌ରେ ବିପଦ ନଥିଲେ ବି ସାହସ ବାନ୍ଧିବାକୁ ପଡ଼େ । ପାଣି ଭିତରକୁ ସ୍ନୋର୍‌କେଲିଙ୍ଗ ଗ୍ଲାସ୍ ଦ୍ୱାରା ସବୁ ଦେଖି ହେଉଥିଲା । ମୃତ କୋରାଲ, କୁନିକୁନି ମାଛ ମାନଙ୍କର ଧାଡ଼ି ବାନ୍ଧି ଏପଟରୁ ସେପଟକୁ ଯାତ୍ରା, ଠିକ ଡିସ୍କୋଭେରୀ ଚାନେଲର ଛବି ପରି ଲାଗୁଥିଲା । କିନ୍ତୁ ଆଖିରେ ଏ ଦୃଶ୍ୟ ଦେଖିଲେ ଏକ ସ୍ୱତନ୍ତ୍ର ଅନୁଭୂତି ଆସିଥାଏ । ଆମ ପରି ବୋଟ୍‌ରେ ଥିବା ଅନେକ ଲୋକ ଏ ଦୃଶ୍ୟ ଦେଖୁଥିଲେ, ସବୁଠୁ ଆଶ୍ଚର୍ଯ୍ୟ ଲାଗିଥିଲା ଆମେ ଏତେ ପାଣିକୁ ଡରୁଥିବା ବେଳେ, ସବୁଠୁ ସାନ ପାଖାପାଖି ୬ମାସ କୁନି ପିଲାଟିଏ ସମୁଦ୍ର ଭିତରେ ପାଣିରେ ଦୋହଲିବାର ମଜା ନେଉଥିଲା, ତାକୁ ଅବଶ୍ୟ ସ୍ୱତନ୍ତ୍ର ଟ୍ୟୁବ୍ ପିନ୍ଧିବାକୁ ପଡ଼ିଥିଲା । ହେଲେ ପିତାମାତାଙ୍କର ସେ ସାହସକୁ ସାବାସୀ ଦେବା କଥା । ଛୋଟ ପିଲାମାନେ ମଧ୍ୟ ଲାଇଫ୍ ଜ୍ୟାକେଟ୍ ସାହାଯ୍ୟରେ ଏହିସବୁ ଦୃଶ୍ୟକୁ ଦେଖିବାର ସୁଯୋଗ ପାଇଥାନ୍ତି । ପ୍ରାୟ ଏକ ଘଂଟା ସମୟ ବିତେଇବା ପରେ ଆମେ ରିସୋର୍ଟ

ଆଡ଼କୁ ଫେରିଥିଲୁ । ମଧ୍ୟାହ୍ନ ସୂର୍ଯ୍ୟ ଆକାଶରେ ଢଳି ପଡୁଥିଲେ, ବୋଟ୍ ପାଣି ଉପରେ ନାଚି ନାଚି ଆସିବା ବେଳେ ଲହଡ଼ି ଭାଙ୍ଗି ଗତି କରିବାର ଦୃଶ୍ୟ ଯେତିକି ଭୟ ସୃଷ୍ଟି କରେ ସେତିକି ରୋମାଞ୍ଚ ଭରେ । ଶେଷକୁ ରେଡାଙ୍ଗର ଛୋଟ ବେଳାଭୂମିଟିକୁ ଫେରିଥିଲୁ ।



ସଂଜ ନଇଁ ଆସୁଥାଏ, ରେଡାଙ୍ଗ ବେଳାରେ ଲହଡ଼ି ସବୁ ଲୋଟି ପଡ଼ିବାର ମଧୁର ମୂର୍ଚ୍ଛନା ଆମନ୍ତ୍ରଣ କରୁଥାଏ ତା କୋଳକୁ, ସ୍ନାନ କରିବାର ମୋହକୁ ଏଡ଼ାଇ ହେଉନଥାଏ । ବେଳାକୁ ଲାଗିଥିବା ଜଳ ସ୍ୱଚ୍ଛ, ଏପରିକି ତଳକୁ ଚାହିଁଲେ ତଳେ ପଡ଼ି ରହିଥିବା କୋରାଲର ଭଗ୍ନାଂଶ, ସମୁଦ୍ର ତଳର ଚଟାଣ, ଟିକି ମାଛ ସବୁ ଆଖିରେ ଦେଖି ହେଉଥାଏ । ଏହି ପାଣିରେ ସ୍ନାନ କରିବାର ମଜା ଅଲଗା । ଦିନ ସାରାର ଥକାପଣ ମେଣ୍ଟେ । ଢେଉ ଭିତରେ ଦୋଳି ଖେଳିବା ପରି ମନେହୁଏ । ଏକ ଦୀର୍ଘ ସ୍ନାନ ପରେ ଆମେ ଅବଶିଷ୍ଟ ସମୟ ବେଳାଭୂମିରେ ହିଁ ବିତାଇଥିଲୁ । ନଡ଼ିଆ ଗଛରେ ଖଞ୍ଜି ଯାଇଥିବା ଧାଡ଼ି ଧାଡ଼ି ବିଜୁଳିବତୀ ରାତିର ଅନ୍ଧାରକୁ ଚିରି ଭସାଭସା ପବନରେ ଝୁଲୁଥିଲେ । ରେସ୍ତୋରାଁ ଗୁଡ଼ିକରେ ନାଚଗୀତର ପରିବେଷଣ, ପାନୀୟ ବ୍ୟବସ୍ଥା, ସାଜସଜ୍ଜା ବେଳାର ଆରପଟେ ମନଲୋଭା ଦିଶୁଥାଏ । ମୋଟ ଉପରେ ରାତିର ପରିବେଶ ମଧ୍ୟ ଉପଭୋଗ କଲାଭଳି । ଗୋଟେ ପଟେ ଅନ୍ଧାରୁଆ ସମୁଦ୍ର ଟିକିଟିକି ଢେଉମାନଙ୍କର ଅବୁଝା ରାଗ, ଅନ୍ୟପଟେ ରେସ୍ତୋରାଁ, ନାଚଗୀତର ଦଲକାଏ ମିଠା ସ୍ୱର ମନକୁ ଛୁଇଁଯାଏ । ଅନେକ ପ୍ରାଇଭେଟ୍ ରିସୋର୍ଟ ବିଚ୍ ମଧ୍ୟ ଏଠାରେ ଦେଖିବାକୁ ମିଳେ । ସେଗୁଡ଼ିକ ଶାନ୍ତ, କମନୀୟ, ଗହଳିଶୂନ୍ୟ ଏବଂ ଆକର୍ଷଣୀୟ । ଧାଡ଼ି ଧାଡ଼ି ନଡ଼ିଆ ବାହୁଙ୍ଗା ଫାଙ୍କରୁ ସମୁଦ୍ର ଦିଶେ କେଉଁ ଚିତ୍ରକରର ରଙ୍ଗ ତୂଳୀର ଯାଦୁଗରୀ ସ୍ପର୍ଶ, କେଉଁ ଏକ ହଜିଲା ସ୍ୱପ୍ନରେ ଭିଜି ଭିଜି ଆଙ୍କିଥିବା ଖିଆଲି ମନର ଏକ ବିସ୍ତୃତ ଦୃଶ୍ୟପଟ । ମନେହୁଏ ସ୍ୱର୍ଗ ବୋଧେ ଏମିତି ସୁନ୍ଦର ହୋଇଥିବ । ଘଣ୍ଟା ଘଣ୍ଟା ସ୍ନାନ କଲେ ମଧ୍ୟ ମନ ଭରେନାହିଁ । ପ୍ରକୃତରେ ସମୁଦ୍ରର ଶୋଭାକୁ ଶତଗୁଣିତ କରେ ମଝିରେ ମଝିରେ ଥିବା ସବୁଜ ଟାପୁମାନ । ଏହାର ବିଚିତ୍ର ଢଙ୍ଗରେ ପ୍ରକୃତି ସଜ୍ଜା ପଥର ଖଣ୍ଡ ମାନ ଦେହରେ ସମୁଦ୍ର ପାଣି ସ୍ପର୍ଶ କରିଥିବା ଅଂଶ ଓ ଲହଡ଼ି ସବୁ ପଥରକୁ କାଟିବା ଦୃଶ୍ୟ ଏକ ଅନନ୍ୟ ଶୋଭା ସୃଷ୍ଟି କରିଥାଏ । ଯେହେତୁ ଏହା ଏକ ମେରାଇନ ସାଙ୍କ୍ଚୁରି ତେଣୁ ବର୍ଷ ସାରା ଏ ଦ୍ୱୀପପୁଞ୍ଜ ଖୋଲା ରହେ ନାହିଁ । ବର୍ଷରେ ଚାରିମାସ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହେ । ଏହି ବ୍ୟବସ୍ଥା ମାଧ୍ୟମରେ ହିଁ କୋରାଲମାନଙ୍କର ରକ୍ଷଣାବେକ୍ଷଣ ହୋଇପାରୁଛି । କେବଳ ଏହି ଚାରିମାସ ସମୟ ଭିତରେ ଜୀବନ୍ତ କୋରାଲ ଦେଖିବାର ସୁଯୋଗ, ବିରାଟ କଇଁଛ ସହ ପହଂରିବାର ଆନନ୍ଦ ଓ ଦ୍ୱୀପପୁଞ୍ଜ ଗୁଡ଼ିକରେ ବିଭିନ୍ନ ଜାଗାକୁ ବୁଲି ଦେଖିବାର ଅନୁମତି ମିଳିଥାଏ । ଆମେ ଦ୍ୱିତୀୟ ଦିନ ରହଣି ଭିତରେ ଛୋଟ ଗୋଟିଏ ପାହାଡ଼କୁ ଲାଗି ଜୀବନ୍ତ କୋରାଲ ଥିବା ସ୍ଥାନକୁ ବୋଟ୍‌ରେ ଯାଇଥିଲୁ । ସେଠାରେ ମଧ୍ୟ ଲାଇଫ୍ ଜ୍ୟାକେଟ ଓ ସ୍ନୋର୍‌କେଲିଙ୍ଗ କିଟ୍ ପିନ୍ଧି ପାଣି ଭିତରକୁ ଓହ୍ଲାଇଥିଲୁ । ପାଣି ଭିତରେ ଯାହା ଦେଖିଥିଲୁ ତାହା ଥିଲା ଅବିଶ୍ୱସନୀୟ । ଜୀବନ୍ତ ସବୁଜ ରଙ୍ଗର ବିରାଟ କୋରାଲ୍ ସହ ଅନ୍ୟ ରଙ୍ଗର କୋରାଲ୍ ସମୁଦ୍ର ତଳେ ବିଛେଇ ହୋଇ ପଡ଼ିଥିଲେ । ଏହା ଏକ ବିରାଟ ଆକ୍ୱାରିଅମ୍‌ର ଭ୍ରମ ସୃଷ୍ଟି କରୁଥାଏ । ଏତେ ବିଶାଳକାୟ କୋରାଲ ମାନ ଦେଖି ଆମେ ସମସ୍ତେ ସ୍ତମ୍ଭୀଭୂତ ହୋଇ ଯାଇଥିଲୁ । ଏହା ସମୁଦ୍ର ଭିତରେ ସୁନ୍ଦର ସଜା ଯାଇଥିବା ସ୍ଥାନ ପରି ମନେ ହେଉଥିଲା । ତା ଭିତରେ ବିଭିନ୍ନ ରଙ୍ଗର ଜାତିଜାତିକା ମାଛଙ୍କର ସନ୍ତରଣ ଏକ ଉତ୍ସବ ପରି ମନେ ହେଉଥିଲା ସତରେ । ତା ଭିତରେ ମୁଁ ଏକ ମଝି ମଝିଆ ଆକାରର ମୟୂର ପକ୍ଷୀ ଭଳି ମାଛଟିଏ ଦେଖିଲି, ଆଖି ଝଲସେଇ ଦେଉଥିଲା ତା ଦେହର ରଙ୍ଗ । ସତରେ ସମୁଦ୍ର ତଳର ଦୁନିଆ ବି ଏତେ ସୁନ୍ଦର ହୋଇ ପାରେ ଏହା ପରଦାରେ ଯେତେ ଦେଖିଲେ ବି ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହୁଏନି । ଦୀର୍ଘ ଘଣ୍ଟାଏ ସମୟ ଦେଖିଲେ





# Utkalika

1959
63 years of Excellence

*Pioneer of Cultural Heritage*
*Since 1959*

*Odisha's Art & Crafts has occupied a significant place in the world due to its intricacy and exclusiveness. Watch the creativity in myriad shades of Odisha handloom and handicrafts at Utkalika. Every single rendition is a breathtaking example of Odisha's traditional heritage and artistry.*



## Our Branches

| Inside the State | | Outside the State | |
|---|---|---|---|
| Bhubaneswar | : 1. Unit-II,Market Building<br>2. Airport | New Delhi | : Baba Kharag Singh Marg, |
| Cuttack | : Dargha Bazar | Kolkata | : Dhakuria |
| Rourkela | : Sector- 5 | Hyderabad | : Saifabad |
| Puri | : Grand Road | Pune | : Farguson Road |
| Jeypore | : Debottar Market | Mumbai | : Navi Mumbai |
| Sambalpur | : VSS Marg | Bengaluru | : Residency Road |

**Authentic Handloom & Handicraft of Odisha**

**www.utkalikaodisha.com**

**Odisha State Co-operative Handicrafts Corporation Ltd. (Utkalika)**
(Under Handlooms, Textiles & Handicrafts Dept., Govt. of Odisha)
D- 2/3, Industrial Estate, Rasulgarh, Bhubaneswar- 751010
Phone- 0674-2549090, E-mail : oschcltd@gmail.com, Website : www.utkalika.co.in



ବି ବିଶ୍ୱାସ କରିହୁଏ ନାହିଁ ଯେ ଏକ ଆଶ୍ଚର୍ଯ୍ୟମୟ ସମୁଦ୍ର ତଳର ଦୁନିଆକୁ ସନ୍ତରଣ କରି ଦେଖିବା ବେଳେ ସମୁଦ୍ର ଲହଡ଼ିରେ ପିଟି ହୋଇ ଥକା ଅନୁଭବ ହୁଏ । ତାଛଡ଼ା ସ୍ନୋର୍‌କେଲିଙ୍ଗ କିଟ୍ ପିନ୍ଧିଥିଲେ ମଧ୍ୟ ଲୁଣି ପାଣି ନାକ ବାଟେ ପଶି ମଝିରେ ମଝିରେ ଅସହଜ କରାଏ । ବୋଟ୍‌କୁ ଫେରିବା ପରେ ମଧ୍ୟ ଏ ଦୃଶ୍ୟଟି ମନରୁ ଯାଉନଥାଏ । ଏହା ନିଜ ମନ ଭିତରେ ଆହୁରି ଜୀବନ୍ତ ହୋଇ ଉଠୁଥାଏ । ଲହଡ଼ିରେ ପିଟି ହୋଇ ଆମ ବୋଟ୍ ପୁଣି ଆଉ ଏକ ସ୍ଥାନକୁ ଯାଉଥିଲା । ଆମେ ଏଥର ପୁଣି ସେଇ ସମୁଦ୍ରରେ ଆଉ ଏକ ସ୍ଥାନରେ ପହଞ୍ଚିଥିଲୁ । ସେଠାରେ ମଧ୍ୟ ପାଣି ପରିଷ୍କାର, ସମୁଦ୍ରତଳ ଖାଲି ଆଖିରେ ଦେଖି ହେଉଥିଲା । ସେଠାରେ ବୋଟ୍‌ରେ ଥିବା ଗାଇଡ଼୍‌ମାନେ କଇଁଛମାନଙ୍କ ପାଇଁ ଆଣିଥିବା ଖାଇବା ବୋଟ୍‌ରୁ ଡେଇଁ ପାଣି ଭିତରକୁ ଗଲେ ଦେବା ପାଇଁ । ସେମାନେ ସବୁ କଇଁଛର ଦେହକୁ ଲାଗି ପହଁରୁଥାନ୍ତି । ଏହି ଅନୁଭୂତି ବି ନିଆରା ଲାଗୁଥିଲା ।

ତାପରେ ଆମେ ବୋଟ୍ ଯୋଗେ ରିସୋର୍ଟକୁ ଫେରିଥିଲୁ । ସମୁଦ୍ରର କଥା, ଜଳ ଭିତରର ଜୀବନ, ଦ୍ୱୀପମାନଙ୍କର ସବୁଜିମା ସାଙ୍ଗକୁ ଭିନ୍ନ ଭିନ୍ନ ଦେଶର ପର୍ଯ୍ୟଟକଙ୍କୁ ଏକାଠି ଦେଖିଲେ ଲାଗେ ରେଡାଙ୍ଗ ଏକ ବିଭବମୟୀ ଦ୍ୱୀପ । ତାର ସ୍ଥାନେ ସ୍ଥାନେ ପ୍ରକୃତିର ଜୀବନ୍ତ ରଙ୍ଗରୂପ, ପ୍ରାଣ ସଂଚାରୀ ଅନୁଭବ ଓ ସମୁଦ୍ରମୟ ପରିବେଶର ଅନନ୍ୟ ସମାବେଶ, ମନରେ ଅପାର ଆନନ୍ଦ ସୃଷ୍ଟି କରେ । ଜଣେ ସମୁଦ୍ରମନସ୍କ ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଟି ଏକ ପ୍ରକୃଷ୍ଟ ଚୟନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଦୃଶ୍ୟଟିକୁ ମନରେ ସାଇତି ଆମେ ବେଳାଭୂମିର ସନ୍ଧ୍ୟା ଆକାଶଟିକୁ ଆବିଷ୍କାର କରିଥିଲୁ । ବେଳାଭୂମିର ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ତ ସବୁ ସମୟରେ ଭିନ୍ନ ଓ ବିଚିତ୍ର । ତେଣୁ ରେଡାଙ୍ଗ ବା ଏଥିରୁ ବାଦ୍ ପଡ଼ନ୍ତା କିପରି । ବର୍ଣ୍ଣିଳ ସନ୍ଧ୍ୟା, ବେଳାର ବାଲୁକା ଉପରେ ନରମି ଆସୁଥିବା ସୂର୍ଯ୍ୟାଲୋକ, ସମୁଦ୍ର ଜଳ ଉପରେ ସ୍ୱର୍ଣ୍ଣିମ ଆଲୋକର ବିଚ୍ଛୁରିତ ଆଭା, ଏକ ମନୋରମ ସୂର୍ଯ୍ୟାସ୍ତ ସହ ଭେଟାଇ ଦିଏ । ଏହି ଦୃଶ୍ୟ ସବୁକୁ କେବଳ ହୃଦୟରେ ସାଇତି ହୁଏ । ସୌନ୍ଦର୍ଯ୍ୟମୟୀ ରେଡାଙ୍ଗ ଠାରୁ ପର୍ଯ୍ୟଟକଙ୍କୁ ହାତ ହଲାଇ ବିଦାୟ ନେଲା ବେଳେ ଏହି ଅନୁଭୂତିକୁ ଜୀବନ୍ତ କରି ରଖିବାର ଅନୁଭବ ଗୁଞ୍ଜରିତ ହୁଏ । ପରଦିନ ଆମେ ଫେରିଥିଲୁ ନିଜ ସହରକୁ । କିନ୍ତୁ ରେଡାଙ୍ଗ ଏକ ତୃପ୍ତିମୟୀ, ଅନନ୍ୟ, ଅବିସ୍ମରଣୀୟ ଦ୍ୱୀପପୁଞ୍ଜ ବୋଲି ମନରେ ବସାବାନ୍ଧି ସାରିଥିଲା । ଆପଣମାନେ ଥରେ ବୁଲି ଆସନ୍ତୁ ଏହି ପ୍ରବାଳ ଦ୍ୱୀପକୁ ।





HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



# ବୈଚିତ୍ର୍ୟମୟୀ ବରଗଡ଼

# ଏକ ଆଧ୍ୟାତ୍ମିକ ଯାତ୍ରା :
# ଧନୁଯାତ୍ରା

**ସଂଗ୍ରାମ କେଶରୀ ପୃଷ୍ଟି**
ଶିକ୍ଷକ, କିଶୋରନଗର ହାଇସ୍କୁଲ
ସା/ପୋ: ରାଜକିଶୋର ନଗର
ଜି: ଅନୁଗୋଳ-୭୫୯୧୨୬
ଫୋନ: ୯୪୩୭୫୪୭୧୪୬

ଫଟୋ ସୌଜନ୍ୟ : ସାମ୍ବାଦିକ ସୁରେନ୍ଦ୍ର କୁମାର ହୋତା



▲ଲେଖକ ସଂଗ୍ରାମ କେଶରୀ ପୃଷ୍ଟି



ପଶ୍ଚିମ ଓଡ଼ିଶାର ଐତିହ୍ୟମୟ ଓ ସଂସ୍କୃତିସଂପନ୍ନ ସହର ବରଗଡ଼ । ପୌଷମାସ ଶୁକ୍ଳପକ୍ଷ ଚତୁର୍ଥୀ ଠାରୁ ପୌଷପୂର୍ଣ୍ଣିମା ପର୍ଯ୍ୟନ୍ତ ଦୀର୍ଘ ଏଗାର ଦିନ ବ୍ୟାପୀ ଏ ନଗର ପାଲଟିଯାଏ କଂସରାଜାଙ୍କ ଗଡ଼ । ବଦଳି ଯାଏ ବରଗଡ଼ର ସଂଜ୍ଞା । ପାଲ୍‌ଟିଯାଏ ମଥୁରାନଗରୀ । ଗଣତନ୍ତ୍ରର ବିଧିବ୍ୟବସ୍ଥାକୁ ପଛରେ ପକାଇ ମଥୁରା ନରେଶ କଂସ ଏଠି ଚଲାନ୍ତି ରାଜ୍ୟଶାସନ । ପ୍ରତ୍ୟେକ ବ୍ୟକ୍ତିବିଶେଷ ଏଠାରେ ଜଣେ ଜଣେ ପ୍ରଜା । ପୌରାଣିକ ଆଖ୍ୟାନରେ ଯେଉଁଠି କୃଷ୍ଣଙ୍କୁ ଭଗବାନ ଭାବରେ ବିଶେଷ ଗୁରୁତ୍ୱ ଦିଆ ଯାଇଥାଏ, ଏଠାରେ କିନ୍ତୁ ତା ବିପରୀତ ରୀତି ଦେଖିବାକୁ ମିଳିଥାଏ । କଂସ ମହାରାଜ ପାଲଟି ଯାଆନ୍ତି ମଥୁରାଗଡ଼ର ଅଧୀଶ୍ୱର । ସମଗ୍ର ଶାସନ ବ୍ୟବସ୍ଥା ନିୟନ୍ତ୍ରିତ ହୋଇଥାଏ ତାଙ୍କରି ଦ୍ୱାରା । ଖଳନାୟକ ସାଜିଥାନ୍ତି ଏଠି ମହାନାୟକ । ବିଶ୍ୱର ସର୍ବବୃହତ୍ ରଙ୍ଗମଞ୍ଚର ସମସ୍ତେ ଜଣେଜଣେ କଳାକାର- ଏହା ହିଁ ଧନୁଯାତ୍ରାର ବିଶେଷତ୍ୱ । ଚଳିତ ଡିସେମ୍ବର ୨୭ ରୁ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ବରଗଡ଼ରେ ପାଳନ ହେଉଥିବା ଧନୁଯାତ୍ରାକୁ ନେଇ ଏକ ସ୍ୱତନ୍ତ୍ର ଆଲେଖ୍ୟ ବାଢ଼ନ୍ତି 'ରେବତୀ'ର ନିୟମିତ ଲେଖକ ସଂଗ୍ରାମ କେଶରୀ ପୃଷ୍ଟି ।

ଧନୁଯାତ୍ରାର ମହାର୍ଘ ମୁହୂର୍ତ୍ତ ସବୁକୁ ଦର୍ଶନ କରିବାର ଅଭିଳାଷା ନେଇ ବନ୍ଧୁଙ୍କ ସହିତ ଯାଉଯାଉ ଆମର ଟ୍ୟାକ୍ସି ଅଟକିଗଲା ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଏକ ଚା' ଦୋକାନରେ । ଚା' ପିଉପିଉ ମୁଁ ପଚାରିଦେଲି: "ବରଗଡ଼ ଆଉ କେତେବାଟ ଭାଇ ?"

ଚା' ଦୋକାନୀ ମୋ ମୁହଁକୁ ଚାହିଁ ଉତ୍ତର ଦେଲା, "ବରଗଡ଼ ! କେଉଁ ବରଗଡ଼ ! କୁହନ୍ତୁ ମଥୁରାନଗରୀ । ଏଠି ଏବେ ଚାଲିଛି କଂସରାଜଙ୍କ ରାଜୁତି ।"

"ଓଃ ! ଏମିତି କଥା !" ମନରେ ଉଙ୍କି ମାରୁଥିବା ସନ୍ଦେହକୁ ଦୂର କରିବାକୁ ଯାଇ ପୁଣି ପଚାରିଦେଲି, "ଧନୁଯାତ୍ରା ! ଆଚ୍ଛା ଏ ଯାତ୍ରାର ଏପରି ନାମକରଣ ହୋଇଛି କାହିଁକି ?"

ମୋ ପ୍ରଶ୍ନ ଶୁଣି ସେଠାରେ ଚା' ପାନ କରୁଥିବା ଜଣେ ଭଦ୍ର ସମ୍ଭ୍ରାନ୍ତ ବ୍ୟକ୍ତି ମୋତେ ବୁଝାଇବାକୁ ଯାଇ କହିଲେ, "ପ୍ରକୃତରେ ଏହା ହେଉଛି ଏକ ଆଧ୍ୟାତ୍ମିକ ଯାତ୍ରା । ଆଧ୍ୟାତ୍ମିକ, ସାଂସ୍କୃତିକ, ସାମାଜିକ ଜୀବନଧାରା ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିବା ଏ ଯାତ୍ରା ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ । ଦୀର୍ଘ ସାତ କିଲୋମିଟର ପରିବ୍ୟାପ୍ତ ଖୋଲାମଞ୍ଚ କାରଣରୁ ଏହା ବିଶ୍ୱର ସର୍ବଶ୍ରେଷ୍ଠ, ସର୍ବବୃହତ୍ ମୁକ୍ତ ରଙ୍ଗମଞ୍ଚର ଆଖ୍ୟା ଅର୍ଜନ କରିଛି । ଏଗାର ଦିନର ରାଜ୍ୟ ଶାସନ ମଧ୍ୟରେ ସମସ୍ତେ ଗଣତନ୍ତ୍ରର ସତ୍ତା ଭୁଲି ଯାଇଥାନ୍ତି ଯେମିତି । ଆଉ ହଁ, ଏଠି ସମସ୍ତେ ଜଣେ ଜଣେ କଳାକାର । ଆପଣମାନଙ୍କର ସୌଭାଗ୍ୟ ଯେ, ଆପଣମାନେ ମଥୁରାନଗରୀକୁ ଆସି ନିଜ ଅଲକ୍ଷ୍ୟରେ ପାଲଟି ଯାଇଛନ୍ତି ଜଣେ ଜଣେ କଳାକାର ।"

"ଆଚ୍ଛା କହିଲେ ପୌରାଣିକ ବିଷୟବସ୍ତୁ ସହିତ ଧନୁଯାତ୍ରାର ସମ୍ବନ୍ଧ କେମିତି ସ୍ଥାପିତ ହୋଇଥାଏ ?" ମୋ ସହିତ ଥିବା ଜଣେ ବନ୍ଧୁ ପଚାରିଲେ ।

ସେ ଭଦ୍ରଲୋକ ଉତ୍ତର ଦେଲେ, "ଏହା ହେଉଛି ଭକ୍ତିଭାବର, ଅନନ୍ୟ ଯାତ୍ରା । ଭଗବାନ ଶ୍ରୀକୃଷ୍ଣଙ୍କ ମର୍ତ୍ତ୍ୟରେ ଜନ୍ମଲାଭ,ବିଭିନ୍ନ ଦେବଦେବୀଙ୍କ ଆବିର୍ଭାବ, ଦେବତା-ଅସୁରଙ୍କ ମଧ୍ୟରେ ଯୁଦ୍ଧର ତାଣ୍ଡବଲୀଳା ଏବଂ ଶେଷରେ ପାପୀ କଂସର ବିନାଶ ଆଦି ପୌରାଣିକ କଥାବସ୍ତୁ ଆଧାରରେ ମଞ୍ଚସ୍ଥ ହେଉଥିବା କାହାଣୀ ମଧ୍ୟରେ ଦର୍ଶକ ଫେରିଯାଆନ୍ତି ଦ୍ୱାପରଯୁଗକୁ । ପୌରାଣିକ କଥାବସ୍ତୁ, ସାମାଜିକ ଦୃଷ୍ଟିଭଙ୍ଗୀ, ସ୍ଥାନୀୟ ଲୋକନୃତ୍ୟ ଆଧାରରେ ଅନୁଷ୍ଠିତ ଧନୁଯାତ୍ରା ଖାଲି ଆମୋଦପ୍ରମୋଦ ଦିଏ ନାହିଁ ବରଂ ଭକ୍ତିଭାବନା ଓ ଧାର୍ମିକ ଭାବନା ସୃଷ୍ଟି କରିବାରେ ବିଶେଷ ସହାୟକ ହୋଇପାରିଥାଏ ।"

ଭଦ୍ରବ୍ୟକ୍ତିଙ୍କ ଏ ଅଭିବ୍ୟକ୍ତି ଭିତରେ ଆମେ ଧନୁଯାତ୍ରାକୁ ଅନ୍ତରାତ୍ମାରେ ଅନୁଭବ କରି ପାରୁଥିଲୁ । ଆମ ଚା'ପାନ ପର୍ବ ସରି ଯାଇଥିଲା । ଚା' ବାଲା ସ୍ମିତହାସ୍ୟ ପୂର୍ବକ କହିଲେ, "ଆଉ ବେଶିବାଟ ନାଇଁମ । ମଥୁରା ନଗରୀରେ ପହଞ୍ଚିବାକୁ ଆପଣମାନଙ୍କୁ ଆଉ ମାତ୍ର ଅଧଘଂଟା ଲାଗିବ ।"

ଏକ ଅଦମ୍ୟ ଉତ୍ସାହ-ଉଦ୍ଦୀପନାର ସହିତ ଆମେ ଆଗେଇ ଚାଲିଲୁ । ପ୍ରାୟ ଅଧଘଣ୍ଟା ପରେ ଏକ ସୁଦୃଶ୍ୟ ତୋରଣ ଆମ ଆଖିରେ ପଡ଼ିଲା । ସେଥିରେ ଲେଖା ଥିଲା: 'ମଥୁରାନଗରୀକୁ ଆପଣମାନଙ୍କୁ ସ୍ୱାଗତ ।'

ତୋରଣ ପାଖରେ ଆମର ଟ୍ୟାକ୍ସି ଧିମେଇ ଯାଇଥିବା ବେଳେ ହଠାତ୍ ମୋ ନଜର ପଡ଼ିଲା ଶ୍ରୀଯୁକ୍ତ ଶ୍ୟାମଲାଲ୍ ପଟେଲଙ୍କ ଉପରେ । କିଶୋରନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସେ । 'ସାର୍' ବୋଲି ଡାକିଦେଲା କ୍ଷଣି ସେ ମୋତେ ଚାହିଁଲେ ଓ ଦେଖିଦେଇ ଖୁସି ହେଲେ । ଧନୁଯାତ୍ରା ବୁଲିବାକୁ ଆସିଛୁ ଜାଣି ସେ ଆହୁରି ଖୁସି ହେଲେ । ସମସ୍ତଙ୍କୁ ଡାକି ବରଗଡ଼ର ପ୍ରସିଦ୍ଧ ଚାଉଳବରା ଖାଇବାକୁ ଦେଲେ । ଚାଉଳବରା ଖାଇବା ପର୍ବ ଚାଲିଥିବା ଅବସରରେ ମୋର ଜଣେ ବନ୍ଧୁ ତାଙ୍କ ଠାରୁ ଧନୁଯାତ୍ରାର ଏପରି ନାମକରଣ ପ୍ରସଙ୍ଗରେ ଜାଣିବାକୁ ଇଚ୍ଛା ପ୍ରକାଶ କଲେ ।

ପଟେଲ୍ ସାର୍ ବୁଝେଇବାକୁ ଯାଇ କହିଲେ, "ବୈଦିକ ଯୁଗର ଇଷ୍ଟୁ ହିଁ ପୌରାଣିକ ଯୁଗରେ ଧନୁର୍ବିଦ୍ୟାର ନାମ ନାମ ନେଇଛି ଓ ଧନୁର୍ବେଦରେ ରୂପାନ୍ତରିତ ହୋଇଛି । ଯମଦଗ୍ନି ବିଶ୍ୱାମିତ୍ରଙ୍କ ପରି ଧୂରୀଣ ଋଷିମୁନିମାନେ ଏ ବିଦ୍ୟାରେ ପାରଙ୍ଗମ ଥିଲେ । ସେ ସମୟରେ ପ୍ରମୁଖ ଶସ୍ତ୍ରର ମାନ୍ୟତା ପାଇଥିଲା- ଧନୁ, ସୁତରାଂ ଏହାର ମହତ୍ତ୍ୱକୁ ପ୍ରାଧାନ୍ୟ ଦେଇ ତତ୍କାଳୀନ ରାଜାମାନେ 'ଧନୁଯାତ୍ରା' ପରି ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଯାତ୍ରାର ଅୟମାରମ୍ଭ କରିଥିଲେ । ତ୍ରେତୟା ଯୁଗରେ ରାମାୟଣରେ ରାଜା ଜନକଙ୍କ ପ୍ରସିଦ୍ଧ ଶିବଧନୁ ପ୍ରସଙ୍ଗରେ ବର୍ଣ୍ଣନା ରହିଛି । ସେହିପରି ଦ୍ୱାପର ଯୁଗରେ ମହାଭାରତର ଦ୍ରୁପଦଙ୍କ କନ୍ୟା ଦ୍ରୌପଦୀଙ୍କ ସ୍ୱୟଂମ୍ବର ପାଇଁ ଧନୁର ବିନିଯୋଗ ହୋଇଥିଲା । ସେତେବେଳେ ମଥୁରା ନରେଶ କଂସ ଆୟୋଜନ କରିଥିଲେ ଧନୁଯାତ୍ରା ।"

"ଆଚ୍ଛା, ଆଚ୍ଛା !" ପୌରାଣିକ ଉପଲବ୍ଧି କ୍ରମଶଃ ମନକୁ ଆମର ଆବୋରି ବସୁଥିଲା । "ତେବେ ଏ ଧନୁଯାତ୍ରା ପଛର କିମ୍ବଦନ୍ତୀ କ'ଣ ସାର୍ !" ମୁଁ





ପଚାରିଲି ।

ସାର୍ କହିବା ଆରମ୍ଭ କଲେ, "କିମ୍ବଦନ୍ତୀ ଅନୁଯାୟୀ, ଥିଲେ କାହାଡ଼ ଋଷିଙ୍କ ପୁତ୍ର ଅଷ୍ଟବକ୍ର କେଶରୀ । ସେ ଥରେ ମଣିକର୍ଣ୍ଣିକା ଘାଟକୁ ଗାଧୋଇବା ପାଇଁ ଯାଇଥିଲେ । ଏତିକିବେଳେ ଦେବରାଜ ଇନ୍ଦ୍ରଙ୍କ ପୁତ୍ର ପନ୍ନଗ ସେଠାରେ ପହଂଚି ଅଷ୍ଟବକ୍ରଙ୍କୁ ଅପମାନିତ କରିବା ସହିତ ତାଙ୍କ ବ୍ରହ୍ମଦଣ୍ଡକୁ ଗୋଇଠା ମାରି ପାଣିରେ ଫିଙ୍ଗିଦେଲେ । ନିଜ ପୁତ୍ର ପ୍ରତି ଏ ଅନ୍ୟାୟ ଜାଣିବା ପରେ କାହାଡ଼ ଋଷି ପନ୍ନଗଙ୍କୁ ସାତକଳ୍ପ ଯାଏଁ ବେଣୁବୃକ୍ଷ ହୋଇ ଜନ୍ମହେବାକୁ ଅଭିଶାପ ଦେଲେ । ଏଥିରେ ଲଜ୍ଜିତ, ଦୁଃଖିତ, ମର୍ମାହତ ହୋଇ କ୍ଷମାପ୍ରାର୍ଥନା କଲେ ପନ୍ନଗ ।

"ତାପରେ ! କ'ଣ' ହେଲା ସେଇଠୁ ?"

"ପନ୍ନଗର ଆକୁଳ ପାର୍ଥନାରେ ଋଷିଙ୍କ କ୍ରୋଧ ଶାନ୍ତ ହେଲା । ସେ ଆଶ୍ୱାସନା ଦେଇ କହିଲେ- ବିନ୍ଧ୍ୟ ପର୍ବତରେ ତୁମେ ବୃକ୍ଷ ଭାବରେ ଜନ୍ମିଥିବା ବେଳେ ପୁରୁରବା ରାଜା ମୃଗୟାରେ ସେଠାକୁ ଯିବେ । ବେଣୁ ବୃକ୍ଷକୁ କାଟି ସେଥିରେ ଧନୁ ତିଆରି କରିବେ । ଏଥିରେ ହିଁ ସେ ମର୍ତ୍ତ୍ୟପୁର ଜୟ କରିବେ । ତାଙ୍କ ପରେ ତାଙ୍କ ବଂଶଧର ମଧ୍ୟ ଏହି ଧନୁର ଅଧିକାରୀ ହେବେ । ଏହା ପରେ ଭୋଜବଂଶରେ ଜନ୍ମ ନେବ କଂସ । ସେ ମଧ୍ୟ ଧନୁଟିକୁ ପୂଜା କରିବା ସହିତ ଏଥିପାଇଁ ଏକ ଯାତ୍ରାର ଆୟୋଜନ କରିବ । ଏହି ଯାତ୍ରା ହିଁ ବିଶ୍ୱପ୍ରସିଦ୍ଧ 'ଧନୁଯାତ୍ରା' ଭାବରେ ଖ୍ୟାତିଲାଭ କରିବ । ଭଣଜା କୃଷ୍ଣ ଏ ଯାତ୍ରା ଦେଖିବାକୁ ଆସି ଏ ଧନୁ ଭାଙ୍ଗିବେ । ଭଗବାନ କୃଷ୍ଣଙ୍କ ସ୍ପର୍ଶରେ ହିଁ ତୁମେ ହେବ ଶାପମୁକ୍ତ । ଏହି ମହାନ୍ ପୌରାଣିକ ତଥ୍ୟ ହିଁ 'ଧନୁଯାତ୍ରା' ନାମକରଣକୁ ସାର୍ଥକ କରିପାରିଛି ।"

ଆମର ଏହି କଥୋପକଥନ ଚାଲିଥିବା ବେଳେ ସେଠାରେ ଆସି ପହଞ୍ଚିଲେ ବିଶିଷ୍ଟ ଗବେଷକ, ଲେଖକ ତଥା ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁ ମହୋଦୟ । ଆମକୁ ପାଛୋଟି ନେବା ପାଇଁ ଆସିଥିଲେ ସେ । ମୁଁ ମୋର ବନ୍ଧୁମାନଙ୍କୁ ସୂଚେଇ ଦେଲି, ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଉପରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଥମ ଓ ଏକମାତ୍ର ପି.ଏଚ୍.ଡି. ଡିଗ୍ରୀ ହାସଲ କରିଥିବା ବ୍ୟକ୍ତି ହେଉଛନ୍ତି ଡକ୍ଟର ସାହୁ । ଏ କଥା ଶୁଣି ମୋର ଜଣେ ବନ୍ଧୁ କୌତୂହଳର ସହିତ ତାଙ୍କୁ ପଚାରିଲେ, "ଆଚ୍ଛା, କହିବେ କି ଆଜ୍ଞା, ବରଗଡ଼ର ଧନୁଯାତ୍ରାର ପରିକଳ୍ପନା କେବେ, କେମିତି ଓ କାହା ଦ୍ୱାରା ହୋଇଥିଲା ?"

ଡକ୍ଟର ସାହୁ ଆରମ୍ଭ କଲେ, "୧୯୪୮ ମସିହା ପୌଷମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବରଗଡ଼ ରାମଜୀ ମନ୍ଦିରରେ କୃଷ୍ଣଜନ୍ମରୁ ହିଁ ଧନୁଯାତ୍ରାର ମୂଳଦୁଆ ପଡ଼ିଥିଲା । ବରଗଡ଼ର କାଙ୍ଗାଳି ନାୟକଙ୍କ ଆବାହକତ୍ୱରେ ଏବଂ ଋଷଭ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହାର ପ୍ରଥମ ବୈଠକ । ଏଥିରେ ଅମ୍ବାପାଲିର ନୀଳମଣି ପୂଜାରୀ, ଅଶିବ ଷଡ଼ଙ୍ଗୀ, ବିପିନ ସରାଫ, ଅପର୍ତ୍ତି ପାଣିଗ୍ରାହୀ, ବୃନ୍ଦାବନ ବିଶି, ତିଲୁ ପ୍ରଧାନ, ଗୌନ୍ତିଆ ରଘୁମଣି ଦାଶ, ଲକ୍ଷ୍ମୀ ଦାଶ, ଲଳିତ ଦାଶ, ଗୌନ୍ତିଆ ଲଳିତ ମୋହନ ସାହୁ, ମୁକ୍ତାର ରାମକୃଷ୍ଣ ହୋତା, ଧନୁ ପ୍ରଧାନ, ଭୁଲକୁ ସାହୁ, ଲଖି ପ୍ରଧାନ, ନରେନ୍ଦ୍ର ସରାଫ, ଗୋପାଳ ସରାଫ, ରତନ ଦର୍ଜୀ, ବସନ୍ତଦାଶ, ଶଙ୍କର ଦାଶ, ବିପିନ ସାହୁ ଓ ବନ୍ଧୁ ମହାପାତ୍ର ତଥା ଏ ଅଂଚଳର ବହୁ କଳାପ୍ରେମୀ ଯୋଗ ଦେଇଥିଲେ । ଏହି ସଭାରେ ହିଁ ବରଗଡ଼ ଧନୁଯାତ୍ରାର ରୂପରେଖ ପ୍ରସ୍ତୁତ କରାଯାଇଥିଲା । ସେଇଦିନ ଠାରୁ ଧନୁଯାତ୍ରା ପ୍ରଥମ ବର୍ଷ ୧୫ଦିନ, ଦ୍ୱିତୀୟ ବର୍ଷ ୧୬ଦିନ, ପରବର୍ତ୍ତୀ ଚାରିବର୍ଷ ୧୫ଦିନ, ତା'ଛଅ ବର୍ଷ ୧୩ଦିନ ଓ୧୯୭୩-୭୪ରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଅନୁଷ୍ଠିତ ହୋଇ ଆସୁଅଛି ।"

ବନ୍ଧୁ ଆଉ କିଛି ପଚାରିବାକୁ ଚାହୁଁଥିଲେ, ହେଲେ ଡକ୍ଟର ସାହୁ ଆଗତୁରା କହିଲେ, "ସେକଥା ଏବେ ନୁହେଁ ।



ଆଗ ଗେଷ୍ଟ୍ ହାଉସ୍ ଚାଲନ୍ତୁ । ସେଠି ଫ୍ରେସ୍ ହୋଇ ଖିଆପିଆ ହେବ । ବିଶ୍ରାମ କରିବେ । ତାପରେ ଆପଣମାନଙ୍କୁ ଧନୁଯାତ୍ରା ବୁଲାଇ ନେବି । ଯାହା ପଚାରିବେ ଉତ୍ତର ଦେବି । କ'ଣ ଠିକ୍ କହିଲି ନା !"

ଆମର ଆଉ କହିବାର କିଛି ନଥିଲା । ସୁତରାଂ ଏକ ଅନିସନ୍ଧିସ୍ନୁ ମନ ନେଇ ଡକ୍ଟର ସାହୁଙ୍କୁ ସାଥିରେ ନେଇ ଆମର ଟ୍ୟାକ୍ସି ଚାଲିଲା ଗେଷ୍ଟ୍ ହାଉସ୍ ଅଭିମୁଖେ । ଗାଡ଼ିରୁ ଓହ୍ଲେଇ ସମସ୍ତେ ଫ୍ରେଶ୍ ହେଲୁ । ଆମ ପାଇଁ ପ୍ରସ୍ତୁତ ସ୍ୱାଦିଷ୍ଟ ଆହାର ଗ୍ରହଣ କଲୁ । ତା'ପରେ ଅଳ୍ପ ବିଶ୍ରାମ । ଆଜିର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବାକୁ ଯାଇ ଡକ୍ଟର ସାହୁ ପଚାରିଲେ– "ଏହି ମୁକ୍ତାକାଶ ରଙ୍ଗମଞ୍ଚ, ଯାହା ବରଗଡ଼ ଠାରୁ ଅମ୍ବାପାଲି ପର୍ଯ୍ୟନ୍ତ ପରିବ୍ୟାପ୍ତ, ଆଜି କେଉଁ ସ୍ଥାନ ଆପଣମାନେ ଦେଖିବାକୁ ଚାହିଁବେ ?"

ଆମେ କିଛି ବୁଝିନପାରିବାରୁ ସେ ବୁଝାଇ ଦେଲେ, "ଧନୁଯାତ୍ରାର ଏଗାର ଦିନ ଯାକ ବରଗଡ଼ ସହର ପାଲଟିଯାଏ ମଥୁରାନଗରୀ । ଠିକ୍ ସେହିପରି ଅମ୍ବାପାଲି ପାଲଟିଯାଏ ଗୋପପୁର । ଏ ଦୁଇଟି ସ୍ଥାନର ମଝିରେ ପ୍ରବାହିତ ହେଉଛି ଜୀରାନଦୀ । ଯାହାକୁ ଯମୁନା ନଦୀର ଆଖ୍ୟା ଦିଆଯାଏ । ପୌରାଣିକ କାହାଣୀ ଆଧାରରେ ଧନୁଯାତ୍ରାର ବିଭିନ୍ନ ପ୍ରସଙ୍ଗକୁ ନେଇ ଅଭିନୟ କେବଳ ଗୋଟିଏ ମଂଚରେ ନହୋଇ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ । ଏଣୁ କୁହନ୍ତୁ ଆଜି ସନ୍ଧ୍ୟାଟି ଆପଣ କେଉଁଠି କଟାଇବେ ?"



"କଂସରାଜାଙ୍କ ଦରବାର" – ଜଣେ ବନ୍ଧୁ ପ୍ରସ୍ତାବ ଦେଲେ । ସ୍ଥିର କରାଗଲା ଆଜିର ସନ୍ଧ୍ୟାରେ ସମସ୍ତେ ସେଠାକୁ ଯିବା ପାଇଁ । ଏଣୁ ଅପେକ୍ଷା ରହିଲା ସେହି ଶୀତୁଆ ଓ ରଙ୍ଗୀନ ସଞ୍ଜକୁ ।

ଗାଢ଼ ଅନ୍ଧାରୁ ପାଟ ପିନ୍ଧି, ମୁଣ୍ଡରେ ଜହ୍ନ ଟୋପାଟେ ମାଖି ସଞ୍ଜ ଆସିଲା । ଆମେ ସମସ୍ତେ ଚାଲିଲୁ ହାଟପଦା ପଡ଼ିଆରେ ସୁସଜ୍ଜିତ କଂସ ମହାରାଜଙ୍କ ଦରବାରକୁ । କିଛି ସମୟର ଅପେକ୍ଷା ପରେ ଖୁବ୍ ଥାଟରେ ପାତ୍ରମନ୍ତ୍ରୀଙ୍କ ଗହଣରେ ହାତୀ ପିଠିରେ ଚଢ଼ି ଦରବାରକୁ ଆସିଲେ କଂସ ମହାରାଜ । ଜୟ ଜୟକାର ଧ୍ୱନିରେ କମ୍ପିଉଠିଲା ସମଗ୍ର ପରିବେଶ । ମହାମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଂସ ମହାରାଜଙ୍କ ମନୋରଞ୍ଜନ ପାଇଁ ଦରବାରରେ ପ୍ରଦର୍ଶନ କରାଗଲା ନୃତ୍ୟ-ଗୀତର ଆସର । ନିମନ୍ତ୍ରିତ ଅତିଥିମାନଙ୍କୁ ଦରବାରକୁ ଆହ୍ୱାନ କରାଗଲା । କଂସ ମହାରାଜ ସେମାନଙ୍କୁ ସମ୍ବର୍ଦ୍ଧିତ କଲେ । ତାପରେ ତାଙ୍କ ମୁଖରୁ ଅନର୍ଗଳ ଭାବରେ ଉଚ୍ଚାରିତ ହେଲା ସଂଳାପ । ଉଃ ! କି ଅଟ୍ଟହାସ୍ୟ ! କି ଠାଣିମାଣି ! ରାଜକୀୟ ପରିପାଟୀ ସହ ବେଶ୍ ଖାପ୍ ଖାଉଥାଏ ସଂଳାପ । ସେଥିରେ କଠୋର, ମାର୍ମିକ, ହୃଦୟସ୍ପର୍ଶୀ ଓ ଦାମ୍ଭିକତା ସ୍ପଷ୍ଟ ବାରିହୋଇ ପଡୁଥିଲା । ପ୍ରତିଟି ଶବ୍ଦ ମଧ୍ୟରେ ପାଣ୍ଡିତ୍ୟ ଭରି ରହିଥିଲା ।

"ଆଜ୍ଞା ଏସବୁ ସଂଳାପ ସତରେ ମନ ମୁଗ୍ଧକର । ଏହାର ଲେଖକ କିଏ ?" ମୋର ଜଣେ ବନ୍ଧୁ ପଚାରିଲେ ।

ଡକ୍ଟର ସାହୁ ଉତ୍ତର ଦେଲେ, "କଂସରାଜା ଯେଉଁ ସଂଳାପ ଉଚ୍ଚାରଣ କରୁଛନ୍ତି, ତା'ପାଇଁ ବିଧିବଦ୍ଧ ଭାବରେ କୌଣସି ପାଣ୍ଡୁଲିପି ଲେଖା ଯାଇନଥାଏ । ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ଅନୁଯାୟୀ ପୌରାଣିକ ବିଷୟବସ୍ତୁ ଆଧାରରେ ସ୍ୱୟଂ କଂସ ମହାରାଜ ଓ ଅନ୍ୟ କଳାକାରମାନେ ନିଜ ପାଇଁ ନିଜେ ସଂଳାପ ପ୍ରସ୍ତୁତ କରି ପରିବେଷଣ କରିଥାନ୍ତି । ଅବଶ୍ୟ ଏଥିପାଇଁ ହରିବଂଶ, ମଥୁରାମଙ୍ଗଳ ଓ ରସକଲ୍ଲୋଳ କାବ୍ୟରୁ ତଥ୍ୟ ଓ ଗୀତ ଉଦ୍ଧାର କରି ସଂଳାପ ଓ ସଙ୍ଗୀତ ଭାବରେ ଉପସ୍ଥାପନ କରାଯାଇଥାଏ ।"

ଟିକିଏ ରହି ସେ ପୁଣି କହିଲେ, "ଧନୁଯାତ୍ରା ହେଉଛି ଲୋକମାନଙ୍କ ଦ୍ୱାରା ଆୟୋଜିତ ଲୋକକଳା, ଲୋକସଂସ୍କୃତି, ଲୋକବାଦ୍ୟ ଓ ଲୋକସାହିତ୍ୟ ଆଧାରରେ ଆୟୋଜିତ ଏକ ଲୋକନାଟ । ଏହି ନାଟକର ପରିକଳ୍ପନା, ବିଷୟବସ୍ତୁ ଚୟନ, ସଂଳାପ ଓ ପାତ୍ରପାତ୍ରୀଙ୍କୁ ନେଇ କୌଣସି ମାପଚୁପ ଅଭିନୟ, ଧରାବନ୍ଧା ନିୟମ ଓ କଡ଼ାକଡ଼ି ଶୃଙ୍ଖଳା ଏଠାରେ ପରିଲକ୍ଷିତ ହୋଇନଥାଏ । ଅଭିନେତାମାନେ ନାଟକର ଚରିତ୍ର ସହିତ ଏତେ ମାତ୍ରାରେ ଭାବବିହ୍ୱଳ ହୋଇଯାଆନ୍ତି ଯେ ସ୍ୱତଃପ୍ରବୃତ୍ତ ଭାବରେ ମୁହଁରୁ ତାଙ୍କର ଝରିପଡ଼େ ରସସିକ୍ତ ସଂଳାପ । କଂସ ମହାରାଜଙ୍କ ନିର୍ଦ୍ଦେଶ ବା ନିମନ୍ତ୍ରଣରେ ଦରବାରରେ ହାଜର ହେଉଥିବା ବ୍ୟକ୍ତି ଅଲକ୍ଷ୍ୟରେ ପାଲଟି ଯାଇଥାନ୍ତି ଜଣେ ଜଣେ କଳାକାର ।"

"ସତରେ ଲୋକକଳାର ଏକ ସାର୍ଥକ ନିଦର୍ଶନ ହେଉଛି ଧନୁଯାତ୍ରା ।" ମୁହଁରୁ ମୋର ସ୍ୱତଃ ବାହାରିପଡ଼ିଲା ।

"ନିଶ୍ଚୟ । ନିଶ୍ଚୟ ।" ମୋ ବନ୍ଧୁମାନେ ଏଥିରେ ସମ୍ମତି ପ୍ରକାଶ କଲେ ।

କଂସ ଦରବାର ନିକଟରୁ ବିଦାୟ ନେଇ ଆମେ ଅନ୍ୟ ଏକ ରଙ୍ଗମଞ୍ଚ ଅଭିମୁଖେ ଅଗ୍ରସର ହେଲୁ । ମେଳା ଲାଗିଥାଏ । ମୀନାବଜାର ଚାଲିଥାଏ । କିଣାବିକା ପାଖରେ ଜମିଥାଏ ଗହଳି । ଆଲୋକମାଳାରେ ସୁନ୍ଦରୀ ପରି ସଜେଇ ହୋଇଥାଏ ମଥୁରାନଗରୀ । କେତେ କିସମର ଖାଦ୍ୟପେୟ । ଘରକରଣାଠୁ ସୌଖୀନ ଜିନିଷ ପର୍ଯ୍ୟନ୍ତ ହାଟ ବସିଛି ସେଇଠି । ସର୍କସ ଚାଲିଛି ଯାଦୁଖେଳ ବି ଚାଲିଛି । ଚାରିଆଡ଼େ ନଜର ପକାଉ ପକାଉ ମୁଁ ଦେଖିଲି ଅଧ୍ୟାପିକା ଡକ୍ଟର **କ୍ଷୀରୋଦିନୀ ବେହେରାଙ୍କୁ** । ଡାକଟେ ଛାଡ଼ିଲି । ସେ ଆମକୁ ଦେଖି ପାଖକୁ ଆସିଲେ । ଖୁସି ହେଲେ ମଧ୍ୟ । ପଚାରିଲେ, "ଆଜ୍ଞା, ଧନୁଯାତ୍ରା ଦେଖିଲେ ? କେମିତି ଲାଗିଲା ?"

ମୁଁ ଉତ୍ତର ଦେଲି, "ହଁ ଦେଖିଲୁ । ଭଲ ଲାଗିଲା କଂସରାଜାଙ୍କ ଦରବାର । ବହୁତ ଭଲ ଲାଗିଲା ଆପଣଙ୍କ ଧନୁଯାତ୍ରା ।"

କ୍ଷୀରୋଦିନୀ ହସିହସି କହିଲେ, "ଏତିକିରେ ଧନୁଯାତ୍ରା ସରି ଯାଇନିମ ! ଆହୁରି ବହୁତ କିଛି ବାକି ଅଛି । ଏଇ ଯେମିତି ନିଶାମଣି ହାଇସ୍କୁଲ ପଡ଼ିଆରେ ରଙ୍ଗମହଲ, ରାମଜୀ ମନ୍ଦିରରେ ଦେବକୀ, ବାସୁଦେବଙ୍କ ବିବାହସ୍ଥଳୀ, ସମଲେଶ୍ୱରୀ କ୍ଲବରେ କାରାଗାର ମଂଚସ୍ଥ କରା ଯାଇଥାଏ । ସେଲ୍‌ଟ୍ୟାକ୍ସ ଅଫିସ


HIGHLAND
Group
Image: HIGHLAND AGRO PLANT, Balasore, Odisha
Highland Oishii
SHRIMP
Highland Ajisen
/ highlandagro
HIGHLAND GROUP
Corporate Office: Alupur, Near Laxminaryan Temple, O.T. Road, Balasore, Odisha (India) - 756001
+91-6782 - 262550 | info@highlandgroups.com
www.highlandgroups.com

# ଧନୁଯାତ୍ରା : କିଏ କଣ କହନ୍ତି

## ଏକ ଅନନ୍ୟ ଲୋକନାଟକ:



ଲୋକନାଟକ ପରମ୍ପରାରେ ଆଧାରିତ ବରଗଡ଼ର ଧନୁଯାତ୍ରା ସମଗ୍ର ବିଶ୍ୱରେ ନିଆରା ତଥା ଅନନ୍ୟ ଏକ ଲୋକନାଟକ । ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଧନୁଯାତ୍ରାର ଦୃଶ୍ୟରାଜି ପ୍ରତ୍ୟେକଟି ବର୍ଗର ଦର୍ଶକଙ୍କ ଚିତ୍ତ ହରଣ କରିଥାଏ । କେତେବେଳେ ଏହାର ଦୃଶ୍ୟ ଆଧୁନିକ ଅପେରା ପରି 'ରଙ୍ଗମହଲ' ଓ ପାରମ୍ପରିକ ରାଜଦରବାରରେ ମଞ୍ଚସ୍ଥ ହୋଇଥାଏ ତ ଆଉ କେତେବେଳେ ରାଜରାସ୍ତାର ଚଳଚ୍ଚିତ୍ର ପରି ଅଭିନୀତ ହୋଇ ଦେଖଣାହାରୀଙ୍କୁ ପ୍ରଲୁବ୍ଧ କରିଥାଏ । ଅପରାହ୍ନରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୋଟିଏ ମଞ୍ଚ ମଧ୍ୟରେ ସୀମିତ ନରହି ଏହାର ଦୃଶ୍ୟ ସମୂହ ଏକାଧିକ ମଞ୍ଚରେ ପରିବେଷିତ ହୋଇଥାଏ । ଏହା ଖୋଲାମଞ୍ଚ ଯଥା ଗ୍ରାମ୍ୟ ଓ ସହରୀ ରାସ୍ତା, ନଦୀ, ପୁଷ୍କରିଣୀ, ମଠ, ମନ୍ଦିର, ଡାକ୍ତରଖାନା, ଥାନା, ରେଳଷ୍ଟେସନ, ବସଷ୍ଟାଣ୍ଡ ଓ ସାଧାରଣ ଉଦ୍ୟାନ ଆଦି ସ୍ଥାନରେ ମଞ୍ଚସ୍ଥ ହୋଇ ଲୋକନାଟକର ରୂପ ନେଇଥାଏ । ଏ ଯାତ୍ରାର କିଛି ଲିଖିତ ପାଣ୍ଡୁଲିପି ନାହିଁ । ସମ୍ବଲପୁରୀ, କୋଶଲୀ ଠାରୁ ଆରମ୍ଭ କରି  ଓଡ଼ିଆ, ହିନ୍ଦୀ, ପଞ୍ଜାବୀ, ଇଂରାଜୀ ଭାଷା ବି କଳାକାରଙ୍କ ସଂଳାପରେ ସ୍ଥାନ ପାଇଥାଏ ଏହି ଯାତ୍ରାରେ । ତେଣୁ ଏହା ଏକ ଅନନ୍ୟ ଲୋକନାଟକ ।

**- ଡ. ରବିନାରାୟଣ ସାହୁ,** ବରଗଡ଼

('ଲୋକନାଟକ ପରିପ୍ରେକ୍ଷୀରେ ବରଗଡ଼ର ଧନୁଯାତ୍ରା: ଏକ ଆକଳନ' ଶୀର୍ଷକ ସନ୍ଦର୍ଭ ଲେଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପ୍ରଥମ ଓ ଏକମାତ୍ର ପି.ଏଚ୍.ଡି. ପ୍ରାପ୍ତ ଗବେଷକ)

## ଆଧ୍ୟାତ୍ମିକତା ଉତ୍ତରଣର ଯାତ୍ରା:



ଧନୁଯାତ୍ରା ହେଉଛି ଆଧ୍ୟାତ୍ମିକତା ଉତ୍ତରଣର ଏକ ଯାତ୍ରା, ଯାହା ଅନ୍ଧାରର ବିନାଶ ପାଇଁ ଆଲୋକକୁ ଯାତ୍ରା । ନୀତିର ଅନୁଶାସନକୁ ଉପେକ୍ଷା କରୁଥିବା ଦିଗ୍‌ଭ୍ରଷ୍ଟ ମଣିଷ ଜୀବନକୁ ସତ୍‌ପଥକୁ ଆଣିବାର ଯାତ୍ରା । ସଂପ୍ରତି ସମାଜ ଜୀବନ ବିନଷ୍ଟ । ଆଧ୍ୟାତ୍ମିକତରେ ସ୍ୱର ଅସ୍ପଷ୍ଟ । ମଣିଷ ଚରିତ୍ର ସ୍ଖଳିତ । ଏଭଳି ଦୁଃସ୍ଥିତି ବେଳାରେ ବରଗଡ଼ର ଏଗାର ଦିନର ଯାତ୍ରା ଧନୁଯାତ୍ରା ମଣିଷର ଭଗବତ ଚେତନା ଜାଗରଣରେ ବାସ୍ତବ ଓ ବଳିଷ୍ଠ ଆଭିମୁଖ୍ୟ ଗ୍ରହଣ କରିବା ନିଃସନ୍ଦେହ ।

**ଡ. ରଘୁନାଥ ମେହେର,** ଲୋକସାହିତ୍ୟ ଓ ଆଦିବାସୀ ସଂସ୍କୃତି ବିଶେଷଜ୍ଞ

## ରାଜକୀୟ ପରମ୍ପରା ଓ ସଂସ୍କୃତିର ବାର୍ତ୍ତାବାହ:



ଧନୁଯାତ୍ରାରେ ଐତିହାସିକ ନାଟକ ପରିବେଷଣ ହେଉଛି । ଏକ ରାଜକୀୟ, ପରମ୍ପରା ଓ ସଂସ୍କୃତିର ବାର୍ତ୍ତାବହ । ଯାହା ବର୍ତ୍ତମାନ ପିଢ଼ିକୁ ଅତୀତର ରାଜବଂଶ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥାଏ । ସଂସ୍କୃତିକୁ ସମ୍ମାନ ଦେବାର ଅବକାଶ ମିଳିଥାଏ । ଅତୀତର ସ୍ମୃତିଚାରଣ କରି ଭଲମନ୍ଦ ନିରୀକ୍ଷଣ ପୂର୍ବକ ଭବିଷ୍ୟତ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବରେ ଧନୁଯାତ୍ରା ଏକ ମହାର୍ଘ ସୁଯୋଗ ପ୍ରଦାନ କରିଥାଏ । ହଜି ଯାଇଥିବା ରାଜତନ୍ତ୍ରକୁ ହାତମୁଠାରେ ଧରିବାର ଆନନ୍ଦ ଟିକକ ଏ ଯାତ୍ରା ଦେଇ ପାରୁଥିବାର ଏହାକୁ ସ୍ୱତନ୍ତ୍ର ଓ ଅନନ୍ୟ କୁହାଯାଇପାରେ ।

**ଶ୍ରୀମତୀ ନିହାରିକା ବେହେରା,** ଶିକ୍ଷୟିତ୍ରୀ, ବରଗଡ଼

## ଖଳନାୟକ ନୁହେଁ ମହାନାୟକ:



ପୌରାଣିକ କଥାବସ୍ତୁ ହେଉଛି ଧନୁଯାତ୍ରାର ସ୍ୱାତନ୍ତ୍ର୍ୟ । ଦୀର୍ଘ ୧୧ଦିନ ଧରି ଏଠାରେ ଚାଲେ ରାଜତନ୍ତ୍ରର ରାଜ୍ । ନାଟକ, ଚଳଚ୍ଚିତ୍ରରେ ସର୍ବଦା ନାୟକ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜୁଥିବା ବେଳେ ଏ ଯାତ୍ରାର ଖଳନାୟକ ହିଁ ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟି ଯାଇଥାନ୍ତି । ସୁତରାଂ ମହାରାଜ କଂସ ଏଠି ଖଳନାୟକ ନୁହନ୍ତି, ମହାନାୟକ । ଦ୍ୱାପର ଯୁଗର କଂସ ଅହଙ୍କାରୀ, ନିର୍ଦ୍ଦୟ ଓ ଅତ୍ୟାଚାରୀ କୁଶାସକ ଭାବେ ପରିଗଣିତ ହୋଇଥିବା ବେଳେ ଧନୁଯାତ୍ରାର କଂସ ହେଉଛନ୍ତି ଜଣେ ପ୍ରଜାବତ୍ସଳ, ସୁଶାସକ । ଦୁର୍ନୀତିଗ୍ରସ୍ତଙ୍କୁ ଦଣ୍ଡବିଧାନ କରିବା ହିଁ ତାଙ୍କ ସ୍ୱଭାବ । ଧନୁଯାତ୍ରାର ବିଶେଷତ୍ୱ ହେଉଛି, ଏଠାରେ କେହି ଦର୍ଶକ ନଥାନ୍ତି, ଯାତ୍ରା ସମୟରେ କେହି କେହି ଗୋପପୁରବାସୀ ଓ ଆଉ କେହି କେହି ମଥୁରାବାସୀ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି । ସୁତରାଂ ସମସ୍ତେ ଜଣେ ଜଣେ ଏଠି କଳାକାର ।

**ଡ. ସୁଶୀଲ କୁମାର ବାଗ,** ସାମ୍ବାଦିକ ଓ ଲେଖକ

ପରିସରରେ ଥିବା ମନ୍ଦିରରେ କଂସ ମହାରାଜଙ୍କ ଦ୍ୱାରା ମୁକ୍ତେଶ୍ୱରଙ୍କ ଅଭିଷେକ କରାଯାଇଥାଏ । ଏହାଛଡ଼ା ମନାବନ୍ଧରେ ନାବକେଳି, ଆଦିମାତା ମନ୍ଦିରରେ ମଧୁବନ ତୋଟା, କାଳୀ ମନ୍ଦିରରେ କୁବୁଜା ଉଦ୍ଧାର, ଅମ୍ବାପାଲି ରାଧାକୃଷ୍ଣ ମନ୍ଦିରରେ ନନ୍ଦୋତ୍ସବ, ଫକୀରାବନ୍ଧରେ କାଳୀୟ ଦଳନ ଓ ଆମ୍ବତୋଟାରେ କୃଷ୍ଣଙ୍କ ଦ୍ୱାରା ଗୋପୀଙ୍କ ବସ୍ତ୍ରହରଣ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ । ଏସବୁ ନଦେଖିଲା ଯାଏଁ ଧନୁଯାତ୍ରା ସରୁଛି କେଉଁଠି ?"

"ଆମର କାହିଁକି ଗୋପପୁର ଯିବାକୁ ମନ ହେଉଛି ।" କହିଲି ମୁଁ ।

"ଚାଲନ୍ତୁ ନା । ବହୁତ ଭଲ ହେବ । ମୁଁ ବି ଆପଣଙ୍କ ସହିତ ଯିବି ।" କ୍ଷୀରୋଦିନୀ କହିଲେ ଓ ଆମ ସହିତ ଚାଲିଲେ ଗୋପପୁରକୁ ।

ଅଗତ୍ୟା ଆମେ ଉତ୍ସୁକତାର ସହିତ ଗୋପପୁର ଆଡ଼କୁ ପାଦ ବଢ଼ାଇଲୁ । କିଛିବାଟ ଗଲା ପରେ ପଡ଼ିଲା ଜୀରାନଦୀ । କ୍ଷୀରୋଦିନୀ ବୁଝାଇ ଦେଲେ ଧନୁଯାତ୍ରା ସମୟତକ ଇଏ ପାଲଟି ଯାଏ ଯମୁନା ନଦୀ । ଏପରି ଏକ ପବିତ୍ର ନଦୀ କୂଳରେ ଥାଇ ନିଜକୁ ଧନ୍ୟ ମନେ କଲୁ । ତା ଜଳ ନେଇ ମୁଣ୍ଡରେ ମାରିଲୁ । ଆନନ୍ଦରେ ବିଭୋର ହେଲୁ ।



ଯମୁନା ନଦୀ ପାରି ହେଲାବେଳକୁ ଆମେ ଗୋପପୁରରେ ପହଂଚି ଯାଇଥିଲୁ । ଆରେ ବାଃ ! ସୁନ୍ଦର ସୁସଜ୍ଜିତ ଘରସବୁ ସଜେଇ ହୋଇଥାନ୍ତି ନୂଆ ବୋହୂ ପରି । ଘର ଦୁଆରେ ଗୋବର ଲିପା ହୋଇ ଫୁଲ, ଦୂବ, ଚାଉଳ ଓ ଦୀପ ଥୁଆ ଯାଇଥାଏ କୃଷ୍ଣ-ବଳରାମଙ୍କୁ ବନ୍ଦାପନା କରିବା ପାଇଁ । ଗୋପପୁରର ଅନନ୍ୟ ଅନୁଭବ ଆଣିଦେଲା ଏ ଜାଗା ।

କ୍ଷୀରୋଦିନୀ କହିଲେ, "ଗୋପପୁର (ଅମ୍ପାପାଲି)ରେ ଆପଣ ଖାଲି କୃଷ୍ଣ -ବଳରାମ ସମସ୍ତଙ୍କ ଗଣ୍ଠିଧନ ପାଲଟି ଯାଇଛନ୍ତି । ତାଙ୍କୁ ପାଇ ସମସ୍ତେ ନିଜକୁ ଧନ୍ୟ ମନେ କରନ୍ତି ।"

"ଏଠାରେ କେଉଁ କେଉଁ ପୌରାଣିକ ଆଖ୍ୟାନକୁ ନେଇ ନାଟକ ମଞ୍ଚସ୍ଥ ହୋଇଥାଏ ?"

"ହଁ, ଭଲ କଥାଟିଏ ପଚାରିଛନ୍ତି । ଗୋପପୁରରେ ଦେବକୀ-ବସୁଦେବ ବିବାହ, କୃଷ୍ଣ ଜନ୍ମ, ନନ୍ଦୋତ୍ସବ, ଗୋପଲୀଳା, ପୁତନା ବଧ, ଅଷ୍ଟମଲ୍ଲ ବଧ, ଯାମଲାର୍ଜୁନ ଭଞ୍ଜନ, କାଳୀୟଦଳନ, ନାବକେଳି, ଗୋପୀଙ୍କ ବସ୍ତ୍ରହରଣ, ବଣଭୋଜି, ଅକ୍ରୁର ଆଗମନ, ଗୋପୀମାନଙ୍କ ଦଧିବିକା ଉପଖ୍ୟାନକୁ ନେଇ କଳାକାରମାନେ ସୁନ୍ଦର ଭାବରେ ଅଭିନୟ ପ୍ରଦର୍ଶନ କରିଥାନ୍ତି ।"

ତାଙ୍କ କଥା ଶୁଣିବା ଭିତରେ ଆମେ ପହଂଚି ସାରିଥିଲୁ ମଞ୍ଚ ପାଖରେ । ସେଦିନ ଗୋପଲୀଳା ନାଟକ ଅନୁଷ୍ଠିତ ହେଉଥାଏ । ଛୋଟ ପିଲାଙ୍କ ଦ୍ୱାରା ଅଭିନୀତ ଏ କାର୍ଯ୍ୟକ୍ରମରେ କୁନିକୁନି ରାଧା-କୃଷ୍ଣ ଓ ଗୋପୀଙ୍କୁ ଦେଖି ମନ ଝୁମିଗଲା । ସେଠି ଆମେ ଭକ୍ତିରସ ଓ ବାତ୍ସଲ୍ୟରସ ମଧ୍ୟରେ ଉପଭୋଗ କରିଥିଲୁ ସମଗ୍ର କାର୍ଯ୍ୟକ୍ରମ ।



ଏତିକିବେଳେ ଜଣେ ପୁରୁଣା ବନ୍ଧୁଙ୍କୁ ସେଠାରେ ଦେଖି ମୋ ଖୁସି ବଢ଼ିଗଲା । ସେ ହେଲେ ଅମ୍ପାବନାର **ଜଗନ୍ନାଥ ସାହୁ** । ବୃତ୍ତିରେ ପତ୍ରିକା ବ୍ୟବସାୟୀ । ରୁଚି କିନ୍ତୁ ପଢ଼ିବା ଓ ରେଡ଼ିଓ ଶୁଣିବା । ବହୁଦିନ ପରେ ତାଙ୍କ ସାକ୍ଷାତ ଖୁସି ଆଣିଦେଲା । ତାଙ୍କ ସହିତ କଥାବାର୍ତ୍ତା ବେଳେ ଏକ ଭିନ୍ନ ଦୃଶ୍ୟ ଆମ ପାଇଁ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ । ଏକାସଙ୍ଗେ ଗୀତ, ବାଦ୍ୟ, ନୃତ୍ୟ ଓ ଅଭିନୟ ଚାଲିଥିଲା । ଆମେ ଏ ସମ୍ପର୍କରେ ବନ୍ଧୁଙ୍କ ଠାରୁ ଜାଣିବାକୁ ଚାହିଁଲୁ ।

ବନ୍ଧୁ ଜଗନ୍ନାଥ ଆମ ଆଗ୍ରହ ଦେଖି କହିବାକୁ ଆରମ୍ଭ କଲେ, "ଏହା ହେଉଛି ସଞ୍ଚାର କଳା । ଧନୁଯାତ୍ରାର ଆବହମାନ କାଳରୁ ତା ସହିତ ସଞ୍ଚାର କଳା ଜଡ଼ିତ ହୋଇ ରହିଛି । ପୌରାଣିକ ବିଷୟବସ୍ତୁ ଆଧାରରେ ଗାୟକ-ଗାୟିକାମାନେ କାହାଣୀକୁ ଗୀତ ମାଧ୍ୟମରେ ଉପସ୍ଥାପନ କରି ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି । ଏଥିରେ ପ୍ରାୟ ତିନିଜଣ କଳାକାର ମଦଲିଆ (ମୃଦଙ୍ଗ ବାଦକ) ବାହକ ଓ ଦୁଇପାଳିଆ ବା ବାମନଙ୍କୁ ନେଇ ଗଠିତ ହୋଇଥାଏ ସଞ୍ଚାରକଳା । ଗୁରୁଶିଷ୍ୟ ପରମ୍ପରା ଦ୍ୱାରା ପରିଚାଳିତ ସଞ୍ଚାରକଳାରେ କୃଷ୍ଣଙ୍କ ମୋଟ ୪୮ଟି ଲୀଳା ପରିବେଷିତ ହୋଇଥାଏ । କହିବାକୁ ଗଲେ, କୃଷ୍ଣଙ୍କ ବାଲ୍ୟଲୀଳା ହିଁ ସଞ୍ଚାରର ମୁଖ୍ୟ କଥାବସ୍ତୁ ।"

ମୋ ସାଥିରେ ଥିବା କବିବନ୍ଧୁ କନ୍ଦର୍ପ ବେହେରା ଏଥର ପଚାରିଲେ, "ସଞ୍ଚାରକଳା ବିଷୟରେ ତ ଜାଣିହେଲା, ହେଲେ ତା'ର ଏପରି ନାମକରଣ ହୋଇଛି କାହିଁକି ?"

ହସିହସି କହିଲେ ବନ୍ଧୁ ଜଗନ୍ନାଥ, "ଏହା ପରିବେଷଣ କରିବା ସମୟରେ ଭକ୍ତି ଓ ସମର୍ପଣ ଭାବ ମନରୁ ସଞ୍ଚରିଯାଇ ଈଶ୍ୱରଙ୍କ ନିକଟରେ ପହଂଚି ଯାଇଥାଏ ବୋଲି ତ ଏହାର ନାଁ- ସଞ୍ଚାର । କ'ଣ ବୁଝିପାରିଲ ?"

"ବୁଝିଗଲି....ବୁଝିଗଲି... । ହେଲେ ଧନୁଯାତ୍ରାକୁ କାହିଁକି ଲୋକ ନାଟକ କୁହାଯାଏ ? କ'ଣ ଏହାର ବିଶେଷତ୍ୱ ?" ପୁଣିଥରେ ପଚାରିଲେ, ବନ୍ଧୁ କନ୍ଦର୍ପ ।

"ବାସ୍ତବରେ ଲୋକନାଟକ ହେଉଛି ଲୋକସଂସ୍କୃତିର ଅଂଶ ବିଶେଷ । ଯାହା ଗୋଟିଏ ସମାଜ ବା ଗୋଷ୍ଠୀର ମାନସିକ କ୍ରିୟା ସମୂହ ସଂସ୍କୃତି ରୂପରେ ଅବତୀର୍ଣ୍ଣ ହୋଇଥାଏ । ଏହା କଳା, ସାହିତ୍ୟ, ନୃତ୍ୟ, ନାଟକ, ଦର୍ଶନ ମୂଲ୍ୟବୋଧ ଉପରେ ଆଧାରିତ । ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଲୋକକବିଙ୍କ ଦ୍ୱାରା ସୃଷ୍ଟ ଏବଂ ଲୋକଚେତନାରେ ପଲ୍ଲବିତ ଲୋକକଳାର, ଏକ ପ୍ରଭାବଶାଳୀ ଅଙ୍ଗ । ଏହି ଦୃଷ୍ଟିରୁ ଧନୁଯାତ୍ରା ହେଉଛି ଏକ ଲୋକନାଟକ । ଆଉ ଏହି ଯାତ୍ରାର ବିଶେଷତ୍ୱ ହେଉଛି ସାଙ୍ଗିତିକତା । ବିଭିନ୍ନ କଳାକାର ଯେଉଁ ମନଛୁଆଁ ସଙ୍ଗୀତ ଉପସ୍ଥାପନ କରିଥାନ୍ତି, ତାହା ହିଁ ଯାତ୍ରାକୁ ମନୋରମ, ଆକର୍ଷଣୀୟ ତଥା ମନୋରଞ୍ଜନ ଧର୍ମୀ କରାଇଥାଏ । ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି, ଏହି ଲାକନାଟକରେ କରୁଣ ରସ, ବାତ୍ସଲ୍ୟରସ, ଭକ୍ତିରସ, ହାସ୍ୟରସ, ବୀରରସ, ଭୟାନକ ରସ ଓ ଶାନ୍ତରସ ପରିଲକ୍ଷିତ ହୋଇଥାଏ ।" ପ୍ରାଞ୍ଜଳ ଭାବରେ ଆମକୁ ବୁଝାଇ ଦେଲେ ଜଗନ୍ନାଥ ।

ଗୋପପୁରର ମଧୁର ସ୍ମୃତିକୁ ଛାତିରେ ଧରି ଆମେ ମଥୁରାପୁରକୁ ଫେରିବାକୁ ଉପକ୍ରମ କଲୁ । ଆମ ସହିତ ସାଥିଦେଲେ ବନ୍ଧୁ ଜଗନ୍ନାଥ । ସଂପୂର୍ଣ୍ଣ କ୍ଳାନ୍ତ ଓ ଅବସନ୍ନ ହୋଇ ପଡ଼ିଥିଲା ଆମ ଶରୀର । ସୁତରାଂ ରାତିରେ ସାମାନ୍ୟ ଆହାର ପରେ ଆମ୍ଭେମାନେ ସୁଖନିଦ୍ରା ଯାଇଥିଲୁ । ଜଗନ୍ନାଥ ବି ବାହୁଡ଼ି ଯାଇଥିଲେ ତାଙ୍କ ଘରକୁ ।

ତା' ପରଦିନର ସୁନ୍ଦର ଏକ ସକାଳ । ଆଜି ଆମର ଇଚ୍ଛା ଥିଲା କଂସରାଜାଙ୍କ ନଗର ପରିଭ୍ରମଣ କରି ଦେଖିବାକୁ । ତା ନହେଲେ ଆମର ଅଧୁରା ରହିଯିବ ଧନୁଯାତ୍ରା । ଜଣେ ବନ୍ଧୁଙ୍କ ସହିତ ଯୋଗାଯୋଗ କରିବା ପରେ ଆଜି କଂସରାଜାଙ୍କ ନଗର ପରିଭ୍ରମଣ କାର୍ଯ୍ୟକ୍ରମ ସଂପର୍କରେ ଅବଗତ ହେଲୁ । ବନ୍ଧୁଜଣକ ତାଙ୍କ ଆଡୁ ପ୍ରସ୍ତାବ ଦେଲେ, "ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ନିଜେ ଯାଇ ଆପଣମାନଙ୍କୁ ନେଇ ଆସିବି ଓ କଂସ ମହାରାଜାଙ୍କ ନଗର ପରିଭ୍ରମଣ ଦୃଶ୍ୟ ଦେଖାଇବି । ଆଶ୍ୱସ୍ତ ହେଲୁ ଆମେ ।

ଯଥା ସମୟରେ ଆମ ପାଖରେ ଆସି ପହଂଚିଗଲେ ବନ୍ଧୁ ଦିବ୍ୟସିଂହ ବଡ଼ମାଳୀ । ଘର ଅନୁଗୋଳ ହେଲେ ଏଠାରେ ସପ୍ଲାଇ ଇନ୍ସପେକ୍ଟର ଭାବରେ କାର୍ଯ୍ୟ କରୁଛନ୍ତି । ଖୁବ୍ ଆଗ୍ରହର ସହିତ ଆମ ଇପ୍‌ସିତ ସ୍ଥାନକୁ ସେ ନେଇଗଲେ । ଦେଖିଲୁ, ଏକ ସୁସଜ୍ଜିତ ହାତୀ ପିଠିରେ ବସିଛନ୍ତି କଂସ ମହାରାଜ । ସାଥିରେ ତାଙ୍କର ପାତ୍ରମନ୍ତ୍ରୀ । ଚାରିପାଖ ନିରୀକ୍ଷଣ କରି ପ୍ରଜାଙ୍କ ଅଭିବାଦନ ଗ୍ରହଣ କରି ଆଗେଇ ଚାଲିଥାନ୍ତି ସେ । ପ୍ରଜାଙ୍କ ମନରେ ଉତ୍ସାହ, ଉନ୍ମାଦନା ଭରି ରହିଥିଲା । "କଂସରାଜା ଖାଲି ନଗର ଭ୍ରମଣ କରନ୍ତି କ'ଣ କେବଳ ନିଜର ଖୁସିପାଇଁ ?" ମୁଁ ପଚାରିଦେଲି ।

ବନ୍ଧୁ ଦିବ୍ୟସିଂହ ଉତ୍ତର ଦେଲେ, "ଆରେ ନା..ରେ ନା... । ଏହି ପରିଭ୍ରମଣ କାଳରେ ରାଜା ପ୍ରଶାସନର କାର୍ଯ୍ୟକଳାପ ପ୍ରତି ବିଶେଷ ଧ୍ୟାନ ରଖିଥାନ୍ତି । ପ୍ରଶାସନିକ ଦୋଷ ଦୁର୍ବଳତା ଆଖିରେ

ପଡ଼ିଲେ ସେ ତୁରନ୍ତ ସେଠାରେ ଦଣ୍ଡବିଧାନ କରିଥାନ୍ତି । ଏତଦ୍‌ବ୍ୟତୀତ ପ୍ରଜାଙ୍କ ଆପତ୍ତି-ଅଭିଯୋଗକୁ ସେ ବିଶେଷ ଧ୍ୟାନ ଦେଇଥାନ୍ତି । ସହରର ପରିମଳ ବ୍ୟବସ୍ଥା, ଟ୍ରାଫିକ, ସ୍ୱାସ୍ଥ୍ୟସେବା, ଜଳଯୋଗାଣ ଆଦି ବ୍ୟବସ୍ଥା ଉପରେ ପ୍ରଜାଙ୍କ ଅଭିଯୋଗକୁ ବେଶ୍ ଗୁରୁତ୍ୱ ଦେଇଥାନ୍ତି ମହାରାଜା କଂସ । ବ୍ୟବସ୍ଥାଗତ ତ୍ରୁଟି ପାଇଁ ଶାରୀରିକ ଓ ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଥାନ୍ତି । ଆଉ ଭଲ କାମ ପାଇଁ ଉପହାର ଦେବାକୁ ବା ପ୍ରଶଂସା କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ପ୍ରଶାସନିକ ଅଧିକାରୀମାନେ କଂସ ମହାରାଜଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି । ଏହା ହିଁ ହେଉଛି ଧନୁଯାତ୍ରାର ସଂସ୍କୃତି ଓ ପରମ୍ପରା ।"

"ଆରେ ବାଃ ! ଗଣତନ୍ତ୍ର ଶାସନ ସମୟରେ ମଧ୍ୟ କେତେ ଶକ୍ତିଶାଳୀ ଏହି କଂସ ମହାରାଜା ସତେ !" ମୁହଁରୁ ମୋର ବାହାରି ପଡ଼ିଲା ।

"ଆଉ ଏକ ରୋଚକ କଥା କହୁଛି ଶୁଣ । ୧୯୬୮ ମସିହାରେ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତା ଅନ୍‌ୱର ହୁସେନ ବରଗଡ଼ ଆସିଥିଲେ । ଠିକ୍ ସେ ସମୟରେ ଚାଲିଥିଲା ଧନୁଯାତ୍ର । କଂସ ମହାରାଜଙ୍କ ନଗର ପରିଭ୍ରମଣ ରାସ୍ତାରେ ତାଙ୍କ ମୋଟର କାରଟି ଥିଲା । ରାସ୍ତାରେ ଗାଡ଼ି ରଖି ନିୟମ ଉଲ୍ଲଂଘନ କରିଥିବାରୁ କଂସରାଜା ତାଙ୍କୁ ୨୫ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ । କଂସରାଜାଙ୍କ କଠୋର ଶାସନ ତାଙ୍କୁ ବିଚଳିତ କରି ଦେଇଥିଲା । ପରେ ସେ ଏହା ନାଟକ ବୋଲି ଜାଣିଲା ପରେ ଖୁସି ହେଲେ ଓ ଅଳ୍ପ ଜୋରିମାନା ଦେଇ ଦୋଷମୁକ୍ତ ହୋଇଥିଲେ ।" କହିଲେ ବନ୍ଧୁ ଦିବ୍ୟସିଂହ ।

ଏମିତି କଥୋପକଥନ ଭିତରେ ଆମେ ଯାଇ ପହଂଚିଥିଲୁ ଗୋଟିଏ ସୁଦୃଶ୍ୟ ଆକର୍ଷଣୀୟ ମଂଚ ପାଖରେ । ଏ ମଂଚ ସଂପର୍କରେ ଜାଣିବାକୁ ଆମେ ଚାହିଁବାରୁ ସେ କହିଲେ, "ଇଏ ହେଉଛି ରଙ୍ଗମହଲ । ଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ମନୋରଞ୍ଜନ ଧର୍ମୀ କରିବା ପାଇଁ ଧନୁଯାତ୍ରାର 'ରଙ୍ଗମହଲ'ର ପରିକଳ୍ପନା କରାଯାଇଛି । ଏଠାରେ ରାଜ୍ୟ ଓ ରାଜ୍ୟ ବାହାରରୁ ସାଂସ୍କୃତିକ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି । ସେଇଥିପାଇଁ ତ ଏଠାକୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ ।"

ଏସବୁ ଭିତରେ ଆମ ଫେରିବାର ସମୟ ପାଖେଇ ଆସିଥାଏ । ଏପରି ଏକ ସୁନ୍ଦର ମନୋରମ ମଥୁରାନଗରୀକୁ ଛାଡ଼ି ଆସିବା ପାଇଁ ମନ କହୁନଥାଏ । ଅନେକ ମଧୁର ଅନୁଭୂତିକୁ ହୃଦୟରେ ଧରି ମଥୁରା ଓ ଗୋପନଗରୀର ପ୍ରତ୍ୟକ୍ଷ ଅନୁଭବକୁ ସାଉଁଟି ବନ୍ଧୁଙ୍କ ଠାରୁ ବିଦାୟ ନେଇ ଫେରିଲୁ । ଆସିଲା ବେଳକୁ ମୁହଁରୁ ଆମର ସ୍ୱତଃପ୍ରବୃତ୍ତ ଭାବରେ ଝରି ପଡ଼ିଲା : "ଜୟ....ମହାରାଜା କଂସଙ୍କର ଜୟ ।"





## ଧନୁଯାତ୍ରାର ପ୍ରମୁଖ ଆକର୍ଷଣ

କାଳୀୟ ଦଳନ. ଜମେଳାର୍ଜ୍ଜୁନ ଭଞ୍ଜନ, ରଙ୍ଗସଭା, ଗୋପପୁରର ଗୋପଲୀଳା, ଅକ୍ରୁରଙ୍କ କୃଷ୍ଣପାଦ ଦର୍ଶନ, ବସ୍ତ୍ରହରଣ, ନାବକେଳି, ରଙ୍ଗମହଲ, କୁବୁଜା-ଉଦ୍ଧାର, ସୁଦାମା ମାଳି ଭେଟ, ରଜକ ଉଦ୍ଧାର, ଦଧିବିକା

## କଂସ ଚରିତ୍ରରେ ଅଭିନୟ କରିଥିବା ପ୍ରମୁଖ କଳାକାର

ବ୍ରଜମୋହନ ରଥ (ବୁନ୍ଦେ ରଥ), ଭୀମସେନ ତ୍ରିପାଠୀ, ଯୁଧିଷ୍ଠିର ଶତପଥୀ, ରାଧେଶ୍ୟାମ ଦାଶ, ଦେବେନ୍ଦ୍ର ବିଶ୍ୱାଳ, ନୀଳାଞ୍ଚଳ ଦାସ, ଗୋପାଳ ସାହୁ, ଭୁବନେଶ୍ୱର ପ୍ରଧାନ, ହୃଷୀକେଶ ଭୋଇ ।

ଚଳିତ ବର୍ଷ (୨୦୨୨)ଧନୁଯାତ୍ରା ପାଇଁ ପୁଣିଥରେ ହୃଷୀକେଶ ଭୋଇ କଂସ ଚରିତ୍ରରେ ଅଭିନୟ କରୁଛନ୍ତି ।

## ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ହେଉଥିବା ଧନୁଯାତ୍ରା

୧. ଚିଚିଣ୍ଡା ଧନୁଯାତ୍ରା(୨) ଭାଲେର ଧନୁଯାତ୍ରା (୩) ସାଲଭଟା ଧନୁଯାତ୍ରା, (୪) ରାଉତମୁଣ୍ଡା ଶିଶୁ ଧନୁଯାତ୍ରା(୫) ପାଟଣାଗଡ଼ ଧନୁଯାତ୍ରା(୬) କୁରେଶ୍ୱର ଧନୁଯାତ୍ରା (୭) ଅରିଗାଁ ଧନୁଯାତ୍ରା (୮) ବାଗବରା ଧନୁଯାତ୍ରା (୯) ଚିଗେଲି ଧନୁଯାତଯା (୧୦) ଝାରମୁଣ୍ଡା ଧନୁଯାତ୍ରା(୧୧) ଗୋଇବାଭାଲି ଧନୁଯାତ୍ରା (୧୨) ସିଆଲି ଧନୁଯାତ୍ରା (୧୩) ପରମାଣ୍ପୁର ଧନୁଯାତ୍ରା(୧୪) ଲେଲେହର ଚଣ୍ଡିପାଲି ଧନୁଯାତ୍ରା (୧୫) ସୁବର୍ଣ୍ଣପାଲି ଧନୁଯାତ୍ରା(୧୬) ଗୁଲାମାଲ ଧନୁଯାତ୍ରା (୧୭) ନୂଆପଡ଼ାର କୋଶଲୀ ଧନୁଯାତ୍ରା (୧୮) ଦଣ୍ଡପାଟ ଧନୁଯାତ୍ରା(୧୯) ଥୁଆପାଲି ଧନୁଯାତ୍ରା(୨୦) ବନ୍ଧବାହଲ ଧନୁଯାତ୍ରା(୨୧) ନୂଆଁପାଲି ଧନୁଯାତ୍ରା (୨୨) ଉଲୁଣ୍ଡା ଧନୁଯାତ୍ରା(୨୩) କର୍ଡ଼ାପାଲ ଧନୁଯାତ୍ରା (୨୪) ତାଲପାଲି ଧନୁଯାତ୍ରା (୨୫) ନୂଆଁଗଡ଼ ଧନୁଯାତ୍ରା ।

# ସାଇକେଲ୍ ସାମ୍ରାଜ୍ଞୀ



# ଓଡ଼ିଶାର ଝିଅ, ଭାରତର ଫ୍ଲାଇଙ୍ଗ୍ କୁଇନ୍

# ମୀନତି ମହାପାତ୍ର

**ବିଶ୍ୱଜିତ୍ ସାହୁ**

ଶ୍ରୀରାମ, ୪୨ ମୌଜା, କଟକ-୭୫୪୧୧୨,
ଫୋନ୍ : ୬୩୭୦୮୬୮୧୩୬

ଫଟୋ ସୌଜନ୍ୟ : ଓଡ଼ିଶା ଲାଇଭ୍

ଫିଚର ସୌଜନ୍ୟ www.odisha.live Odisha LIVE ଓଡ଼ିଶା ଲାଇଭ୍

ସତୁରୀ ଦଶକରେ ଯେତେବେଳେ ଝିଅଟିଏ ରକ୍ଷଣଶୀଳ ପରିବାରର ଚାରିକାନ୍ଥ ଭିତରେ ସୀମିତ ରହୁଥିଲା, ସେତିକିବେଳେ ସାଇକେଲ୍ ସିଟ୍‌ରେ ବସି ସ୍ପୋର୍ଟସ୍ ଟ୍ରାକ୍‌ରେ ରେସିଂ କରିବାର ସ୍ୱପ୍ନ ଦେଖୁଥିଲେ ଜଣେ କିଶୋରୀ । ସେଇ ସ୍ୱପ୍ନ ଏତେ ଦୃଢ଼ ଥିଲା ଯେ, ଖଣ୍ଡେ ପୁରୁଣା ସାଇକେଲ୍ ଚଢ଼ି ସେ ବିଦେଶ ମାଟିରେ ଜିତିଥିଲେ ୫ଟି ସ୍ୱର୍ଣ୍ଣ ପଦକ । ତେଣୁ, ସେତେବେଳର ଭାରତୀୟ ଗଣମାଧ୍ୟମ ତାଙ୍କୁ ଆଖ୍ୟା ଦେଇଥିଲା 'ଫ୍ଲାଇଙ୍ଗ୍ କୁଇନ୍' । ଓଡ଼ିଶାର ସେଇ କିମ୍ବଦନ୍ତୀ କ୍ରୀଡ଼ାବିତ୍ ଜଣକ ହେଲେ **ମୀନତି ମହାପାତ୍ର** । ତାଙ୍କର କ୍ରୀଡ଼ା ଜୀବନର ଅନେକ ଅକୁହା କାହାଣୀକୁ ନେଇ ଆମର ଏଇ ଆଲେଖ୍ୟ ।



ବର୍ଷ ୧୯୭୯ । ଶ୍ରୀଲଙ୍କାର କଲୋମ୍ବୋ ଠାରେ ଆୟୋଜିତ ହେଉଥାଏ ଇଣ୍ଡୋ-ଶ୍ରୀଲଙ୍କା ମିଟ୍ । ପ୍ରଥମଥର ଲାଗି ଏଥିରେ ଭାଗ ନେଇଥାନ୍ତି ଭାରତୀୟ ମହିଳା ଆଥ୍ଲେଟିକ୍ସ୍ ଦଳ । ସାଇକେଲିଂ ଇଭେଣ୍ଟରେ ସାମିଲ ଥାଆନ୍ତି ଓଡ଼ିଶାର ଜଣେ ଝିଅ । ଇଭେଣ୍ଟ୍ ପାଇଁ ନିଜ ସାଇକେଲ ଧରି ସେ ଯେତେବେଳେ ଶ୍ରୀଲଙ୍କାରେ ପହଞ୍ଚନ୍ତି, କୋଚ୍ ତାଙ୍କୁ ସାମାନ୍ୟ କଟାକ୍ଷ କରନ୍ତି । ତାଙ୍କ ସାଇକେଲ୍‌କୁ ଦେଖି କୋଚ୍ କୁହନ୍ତି, "ୟେ ଖଟାରା ସାଇକେଲ୍ ଲେକର୍ ଆଇ ହୋ ? ଇସ୍‌ମେ ଚଲାଲୋଗି ତୁମ୍ !" କୋଚ୍‌ଙ୍କ ମୁହଁରୁ ଏହି ତୀର୍ଯ୍ୟକ କଥା ପଦକ କିଛି ସମୟ ପାଇଁ ତାଙ୍କ ମନୋବଳ ଭାଙ୍ଗିଦିଏ । ଅନ୍ୟ ଦେଶର ଖେଳାଳିମାନେ ଅତ୍ୟାଧୁନିକ ସାଇକେଲ୍ ଧରି ପଡ଼ିଆକୁ ଓହ୍ଲାଇଥିବା ବେଳେ ସେ ଆଣିଥିଲେ ଗୋଟିଏ ପୁରୁଣା ସାଇକେଲ୍ । ସାଇକେଲ୍ ଖଣ୍ଡକ ପୁରୁଣା ଥିଲା ସତ, କିନ୍ତୁ ତାଙ୍କ ଭିତରେ ଥିବା ସ୍ୱପ୍ନ, ଆକାଂକ୍ଷା ଓ ଜିଦ୍ ଥିଲା ଅର୍ଥ ନୂଆ । ପୁରୁଣା ସାଇକେଲ୍ ଖଣ୍ଡିକରେ ସେଇ ସ୍ୱପ୍ନର ଉଡ଼ାଣ ତାଙ୍କ ବେକରେ ଝୁଲାଇଦେଲା ପାଞ୍ଚଟି ସ୍ୱର୍ଣ୍ଣ ପଦକ । ଏହି ବିପୁଳ ସଫଳତା ଆନ୍ତର୍ଜାତୀୟ ସାଇକେଲିଂ ଇଭେଣ୍ଟର ରେକର୍ଡ ଖାତାରେ ଯାହାଙ୍କ ନାଁ ସ୍ୱର୍ଣ୍ଣାକ୍ଷରରେ ଲେଖିଦେଲା, ସେ ନାଁ ଥିଲା **ମୀନତି ମହାପାତ୍ର** । ସେତେବେଳର ଭାରତୀୟ ଗଣମାଧ୍ୟମ ତାଙ୍କୁ ଆଖ୍ୟା ଦେଇଥିଲା 'ଫ୍ଲାଇଙ୍ଗ୍ କୁଇନ୍' ।

ସାଇକେଲ୍‌ଟିଏ ଆମ ସମସ୍ତଙ୍କ ପାଇଁ ସାଧାରଣ ସାଇକେଲ୍ ହୋଇଥାଇପାରେ । କିନ୍ତୁ ମୀନତି ମହାପାତ୍ରଙ୍କ ପାଇଁ ସାଇକେଲ୍ ହେଉଛି ଏକ ସ୍ୱପ୍ନ, ତାଙ୍କର ଜୀବନ । ତେଣୁ ପିଲାଟିବେଳୁ ସାଇକେଲିଂ କ୍ରୀଡ଼ାକୁ ନେଇ ସେ ସ୍ୱପ୍ନ ଦେଖିଛନ୍ତି ଆଉ କଠିନ ସାଧନା କରି ସେଥିରେ ଅନେକ ସଫଳତା ବି ସାଉଣ୍ଟିଛନ୍ତି । ସତୁରୀ ଦଶକର ରକ୍ଷଣଶୀଳ ସମାଜ ଝିଅମାନଙ୍କ ପାଇଁ ଯେଉଁ ସାମାଜିକ ଲକ୍ଷ୍ମଣରେଖା ଟାଣିଥିଲା, ସେ ରେଖାକୁ ଅତିକ୍ରମ କରି ମୀନତି ମହାପାତ୍ର ସାଇକେଲିଂ ଇଭେଣ୍ଟରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଚମକିଥିଲେ । ଓଡ଼ିଶା ଏବଂ ଭାରତ ପାଇଁ ଆଣିଥିଲେ ଗୌରବ । ଆଜି ଭାରତର ଶହ ଶହ କ୍ରୀଡ଼ାବିତ୍‌ଙ୍କ ଲାଗି ସେ ରୋଲ୍ ମଡେଲ୍ ।

## ପୁରୀରେ ଜନ୍ମ ରାଉରକେଲାରୁ ପରିଚୟ

୧୯୫୫ ମସିହା ମେ' ୨୧ ତାରିଖରେ ପୁରୀ ଜିଲ୍ଲା ମାଳତୀପାଟପୁର ନିକଟ ଚାରିଶ୍ରୀ ଗ୍ରାମରେ ଜନ୍ମ ହୋଇଥିଲେ ମୀନତି ମହାପାତ୍ର । ବାପା ଜଗନ୍ନାଥ ମହାପାତ୍ର ଏବଂ ମା' ମନୋରମା ମହାପାତ୍ର । ଘରେ ସାତ ଭାଇ ଭଉଣୀଙ୍କ ମଧ୍ୟରେ ସବୁଠୁ ବଡ଼ ଥିଲେ ମୀନତି । ଘରେ ତାଙ୍କୁ ସମସ୍ତେ ସ୍ନେହରେ 'ଝୁନୁ' ବୋଲି ଡାକୁଥିଲେ । ମୀନତିଙ୍କ ବାପା ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଅର୍ଥ ବିଭାଗରେ ଚାକିରି କରିଥିଲେ । ତେଣୁ ମୀନତିଙ୍କୁ ଯେତେବେଳେ ୨ ବର୍ଷ ହୋଇଥିଲା, ପୁରା ପରିବାର ସହ ସେମାନେ ରାଉରକେଲାକୁ ଚାଲି ଆସିଥିଲେ । ତେଣୁ ହେତୁ ପାଇବା ଦିନରୁ ରାଉରକେଲା ହିଁ ଥିଲା ମୀନତିଙ୍କ ପାଇଁ ସବୁକିଛି । ରାଉରକେଲାରୁ ମୀନତି ନିଜର ଖେଳଯାତ୍ରା ଆରମ୍ଭ କରିଥିଲେ । ସ୍କୁଲ ପଢ଼ା ସମୟରେ ସେ କ୍ରୀଡ଼ା ଦୁନିଆ

ପ୍ରତି ଆକର୍ଷିତ ହୋଇଥିଲେ । ପ୍ରଥମେ ପ୍ରଥମେ ଆଥ୍‌ଲେଟିକ୍ସ, ପରେ ସାଇକେଲ୍ ପ୍ରେମରେ ପଡ଼ି ଯାଇଥିଲେ ମୀନତି । ରାଉରକେଲାର ରିଂରୋଡ୍‌ରେ ହିଁ ସେ ସାଇକେଲିଂ ଅଭ୍ୟାସ କରୁଥିଲେ ।

ବାପାଙ୍କ ରାଲେ ସାଇକେଲ୍‌ରୁ ମୀନତିଙ୍କ ସାଇକେଲିଂର ମୂଳଦୁଆ ପଡ଼ିଥିଲା ।

ପିଲାଟିବେଳୁ ବିଭିନ୍ନ ପ୍ରକାର ଖେଳକୁଦରେ ଆଗୁଆ ଥିଲେ ମୀନତି । ସ୍କୁଲରେ ହାଇଜମ୍ପ, ଲଙ୍ଗଜମ୍ପ, ଦୌଡ଼କୁଦ, ଯୋଗ ଆଦି କରିବାକୁ ସେ ପସନ୍ଦ କରୁଥିଲେ । ମୀନତିଙ୍କ ଘର ପାଖରେ ଏକ ମୀନାମଣ୍ଡଳୀ ରହିଥିଲା । ଯେଉଁଠି ପିଲାମାନେ ଏକାଠି ହୋଇ ବିଭିନ୍ନ ପ୍ରକାର ଖେଳ ଖେଳୁଥିଲେ । ତେଣୁ ପିଲାଟି ବେଳୁ ସେହି ମୀନା ମଣ୍ଡଳୀକୁ ଯାଇ ମୀନତି ବିଭିନ୍ନ ଖେଳ ଅଭ୍ୟାସ କରୁଥିଲେ । ତାଙ୍କ ବାପାଙ୍କର ଏକ ରାଲେ ସାଇକେଲ୍ ଥିଲା । ମୀନତିଙ୍କୁ ଯେତେବେଳେ ୧୨ ବର୍ଷ ବୟସ, ସେହି ସାଇକେଲରେ ହାଫ୍ ପେଡାଲ ମାରି ସେ ଇସ୍ପାତ କଲୋନୀର ଗୋଟିଏ ଲେନ୍‌ରୁ ଆଉ ଗୋଟେ ଲେନ୍‌କୁ ଚକ୍କର କାଟୁଥିଲେ । ବାପାଙ୍କର ସେହି ରାଲେ ସାଇକେଲ୍‌ରୁ ହିଁ ସାଇକେଲିଂ ଜୀବନର ମୂଳଦୁଆ ପଡ଼ିଥିଲା ବୋଲି ମୀନତି କହନ୍ତି ।

ରେସିଂ ସାଇକେଲ୍ ସହ କେମିତି ଯୋଡ଼ିହେଲେ ମୀନତି ? ଏହା ପଛରେ ଥିବା ଏକ ରୋଚକ କାହାଣୀକୁ ମନେପକାଇ ମୀନତି କହନ୍ତି, "୧୯୬୯ ମସିହାର କଥା । ରାଉରକେଲାରେ ସାଇକେଲିଂକୁ ନେଇ ଏକ ମାସ୍-ଷ୍ଟାର୍ଟ ଇଭେଣ୍ଟ ହେଉଥାଏ । ସେହି ଇଭେଣ୍ଟରେ ପ୍ରଥମଥର ପାଇଁ ରେସିଂ ସାଇକେଲ୍‌କୁ ଦେଖି ମୁଁ ଲୋଭରେ ପଡ଼ିଗଲି । ମୋର ମଧ୍ୟ ରେସିଂ ସାଇକେଲ ଚଲାଇବାକୁ ଇଚ୍ଛା ହେଲା । ତେଣୁ ମୋତେ ଥରେ ସୁଯୋଗ ଦେବା ଲାଗି ଖେଳ କୋଚ୍‌ଙ୍କୁ ଯାଇ କହିଲି । ସାଥୀ ଖେଳାଳିମାନେ କହିଲେ, ରେସିଂ ସାଇକେଲ୍ ମୋ' ପାଇଁ ନୂଆ, ତେଣୁ ମୁଁ ଚଲାଇ ପାରିବିନି । କିନ୍ତୁ ତଥାପି କୋଚ୍ ମୋତେ ସାଇକେଲ ଚଲାଇବା ପାଇଁ ଅନୁମତି ଦେଲେ । ସର୍ତ୍ତ ଥିଲା, ରେସ୍ ଆରମ୍ଭରେ ମୁଁ କେବଳ ଗୋଟିଏ ରାଉଣ୍ଡ ସାଇକେଲ ଚଳେଇବି । ବନ୍ଧୁକ ଫୁଟିବା ସହ ରେସ୍ ଆରମ୍ଭ ହେଲା । କିନ୍ତୁ ଗୋଟିଏ ରାଉଣ୍ଡ ସାଇକେଲିଂ ପରେ ମୁଁ ଆଉ ଅଟକିଲିନି । ଅନ୍ୟ ରେସର୍‌ମାନଙ୍କୁ ପଛରେ ପକାଇ ଆଗକୁ ବଢ଼ିଲି । ଶେଷକୁ ସେ ଇଭେଣ୍ଟରେ ମୁଁ ପ୍ରଥମ ହେଲି ।"






ପ୍ରାରମ୍ଭିକ ଜୀବନରେ ଏହି ରେସ୍ ହିଁ ମୀନତିଙ୍କ ସାଇକେଲିଂ ଯାତ୍ରାକୁ ଆଉ ପାଦେ ଆଗକୁ ନେଇଥିଲା । ଏହାପରେ ସେ ଜିଲ୍ଲାସ୍ତରୀୟ ସାଇକେଲିଂ ଇଭେଣ୍ଟରେ ଭାଗ ନେଇ ଉଲ୍ଲେଖନୀୟ ସଫଳତା ପାଇଥିଲେ ।

## ମୀନତି ସାଇକେଲିଂ କରନ୍ତୁ ବୋଲି ଚାହୁଁ ନଥିଲେ ମା'

ମୀନତି ସାଇକେଲ୍ ଚଲାନ୍ତୁ ଏ କଥା ତାଙ୍କ ମା' ଆଦୌ ଚାହୁଁନଥିଲେ । ତାଙ୍କର ଧାରଣା ଥିଲା, ଯଦି ସାଇକେଲ୍ ଚଳାଇବା ବେଳେ କିଛି ଦୁର୍ଘଟଣା ଘଟେ, ତେବେ ଝିଅର ବାହାଘର ବେଳେ ଅନେକ ସମସ୍ୟା ହେଇପାରେ । ତେଣୁ ମୀନତି କୌଣସି ସାଇକେଲିଂ ଇଭେଣ୍ଟରେ ଭାଗ ନେଲାବେଳେ ମା' ବାରଣ କରୁଥିଲେ । କିନ୍ତୁ ବାପା ଏଥିରେ ମୀନତିଙ୍କୁ ଉତ୍ସାହ ଦେଇ ଆସୁଥିଲେ । ମା'ଙ୍କ ମନକୁ ବୁଝାଇବା ପାଇଁ ବାପା କହୁଥିଲେ, "ସାଇକେଲିଂ ଭଳି ଇଭେଣ୍ଟରେ ଆମ ଝିଅ କ'ଣ ବେଶି ବାଟ ଯାଇପାରିବ ? ଯାଇ ଯାଇ ସେଇ ବ୍ଲକ୍ କି ଜିଲ୍ଲାସ୍ତରରେ ଖେଳିବ । ତେଣୁ ତାକୁ ସାଇକେଲିଂ କରିବା ପାଇଁ ବାରଣ କରନି । ସେ ଖେଳୁ ।"

ସାଇକେଲିଂ ସେତେବେଳକୁ ମୀନତିଙ୍କ ପାଇଁ ଏକ ନିଶା ପାଲଟି ଯାଇଥିଲା । ତେଣୁ ସେ ଗୋଟିଏ ପରେ ଗୋଟିଏ ଇଭେଣ୍ଟରେ ଭଲ ପ୍ରଦର୍ଶନ କରି ବିଜୟୀ ହେଉଥିଲେ । କ୍ରମେ ସେ ରାଜ୍ୟ ଏବଂ ଜାତୀୟସ୍ତରୀୟ ଗେମ୍‌ସ୍‌କୁ ମନୋନୀତ ହୋଇଥିଲେ । ସାଇକେଲିଂରେ ମୀନତିଙ୍କ ଏହି ସଫଳତା ସବୁ ଦେଖିବା ପରେ ତାଙ୍କ ମା' ମଧ୍ୟ ଧୀରେଧୀରେ ତାଙ୍କୁ ସମର୍ଥନ କରିଥିଲେ । ଏପରିକି ମୀନତିଙ୍କ ଖେଳ ଅଭ୍ୟାସ ପାଇଁ ପ୍ରତିଦିନ ସେ କେଉଁ ଖାଦ୍ୟ ଖାଇଲେ ଅଧିକ ଶକ୍ତି ପାଇବେ, ସେଥିପାଇଁ ତାଙ୍କ ମା' ବିଶେଷ ଧ୍ୟାନ ଦେଉଥିଲେ ବୋଲି ମୀନତି କହନ୍ତି ।

## ଗୋଟିଏ ଟସ୍ ନିର୍ଣ୍ଣୟ କରିଥିଲା ତାଙ୍କ ସାଇକେଲିଂ କ୍ୟାରିୟର୍

୧୯୭୦ ମସିହାରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ନ୍ୟାସ୍‌ନାଲ୍ ଗେମ୍‌ସ ଅନୁଷ୍ଠିତ ହେଉଥାଏ । ସେଥିରେ ଭାଗ ନେବାକୁ ମୀନତି ରାଉରକେଲାରୁ କଟକ ଆସିଥାନ୍ତି । ପ୍ରଥମରୁ ସେ ଯେହେତୁ ଆଥ୍‌ଲେଟିକ୍ସ ଖେଳୁଥିଲେ, ତେଣୁ ଆଥଲେଟିକ୍ସ ଇଭେଣ୍ଟରେ ଭାଗ ନେବା ପାଇଁ ତାଙ୍କୁ କୋଚ୍ ପରାମର୍ଶ ଦେଇଥିଲେ । ସେତେବେଳକୁ ସେ ରାଜ୍ୟସ୍ତରରେ ବହୁ ଆଥ୍‌ଲେଟିକ୍ସ ଇଭେଣ୍ଟରେ ଭଲ ପ୍ରଦର୍ଶନ କରି ପୁରସ୍କୃତ ମଧ୍ୟ ହୋଇଥିଲେ ।

ଆଥ୍‌ଲେଟିକ୍ସ ସହ ମୀନତି ଭଲ ସାଇକେଲିଂ କରୁଥିବାରୁ ସେ ସାଇକେଲିଂ ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରନ୍ତୁ, ସାଇକେଲ କୋଚ୍ ତାଙ୍କୁ ଏହି ପ୍ରସ୍ତାବ ଦେଇଥିଲେ । ଏବେ ମୀନତିଙ୍କ ହାତରେ ଆଥଲେଟିକ୍ସ ଆଉ ସାଇକେଲିଂ - ଦୁଇଟି ଇଭେଣ୍ଟରେ ଖେଳିବାର ସୁଯୋଗ । ନାସ୍‌ନାଲ୍ ଗେମ୍‌ସ୍‌ର ଏହି ରୋଚକ ଅନୁଭୂତିକୁ ମନେ ପକାଇ ମୀନତି

### ମୀନତିଙ୍କ ଖେଳ କ୍ୟାରିୟର୍

- ୧୯୭୨ରୁ ୧୯୭୯ ମସିହା ମଧ୍ୟରେ ସାଇକେଲିଂରେ ୮ଥର ନ୍ୟାସ୍‌ନାଲ୍ ଚାମ୍ପିୟନ
- ୧୯୭୯ରେ କଲୋମ୍ବୋରେ ଅନୁଷ୍ଠିତ ଇଣ୍ଡୋ-ଶ୍ରୀଲଙ୍କା ମିଟ୍‌ରେ ୫ଟି ସ୍ୱର୍ଣ୍ଣ ପଦକ
- ୧୯୮୦ରେ କ୍ରୀଡ଼ା ଜଗତର ସମ୍ମାନଜନକ 'ଅର୍ଜୁନ ପୁରସ୍କାର' ଲାଭ
- ୨୦୦୬ରେ ଜୀବନବ୍ୟାପୀ ସାଧନା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ।

କହନ୍ତି, "ନାସ୍‌ନାଲ୍ ଗେମ୍‌ସ୍ ପାଇଁ ଆଥ୍‌ଲେଟିକ୍ସ ଅଭ୍ୟାସ ଲାଗି ବାରବାଟୀ ଷ୍ଟାଡ଼ିୟମରେ ସକାଳ ୬ଟାରେ ରିପୋର୍ଟିଂ କରିବାର ସମୟ ଥାଏ । ହେଲେ ସେହି ସମାନ ସମୟରେ ସତ୍ୟବ୍ରତ ଷ୍ଟାଡିୟମରେ ମଧ ସାଇକେଲିଂ ଅଭ୍ୟାସ ପାଇଁ ରିପୋର୍ଟିଂ କରିବାକୁ ସାଇକେଲିଂ କୋଚ୍ କହିଥାନ୍ତି । ଦୁଇଟିଯାକ ଇଭେଣ୍ଟ ମୋର ପସନ୍ଦ ଥାଏ । ତେଣୁ ଦୁଇଟି ଭିତରୁ କୋଉ ଇଭେଣ୍ଟ ବାଛିବି, ମୁଁ କିଛି ଠିକ୍ କରିପାରୁ ନଥାଏ । ରାତି ପାହିଲେ ଅଭ୍ୟାସ ପାଇଁ ଯିବାକୁ ପଡ଼ିବ । ହେଲେ କୋଉଠିକି ଯିବି ? ବାରବାଟୀ ନା ସତ୍ୟବ୍ରତ ଷ୍ଟାଡ଼ିୟମ ? ଏହି କଥା ଭାବି ଭାବି ମତେ ଆଉ ନିଦ ହେଉ ନଥାଏ । ଶେଷରେ ମନସ୍ଥ କଲି ଟସ୍ କରିବି । ଯେଉଁ ଗେମ୍ ଆସିବ ସେଥିରେ ଭାଗ ନେବି । ତେଣୁ ଗୋଟେ କଏନ୍ ନେଇ ମୁଁ ଟସ୍ କରିଥିଲି । ତିନିଥର ଯାକ ଟସ୍‌ରେ ସାଇକେଲିଂ ଇଭେଣ୍ଟ୍ ହିଁ ଆସିଥିଲା । ତେଣୁ ସତ୍ୟବ୍ରତ ଷ୍ଟାଡ଼ିୟମ ଯାଇ ସାଇକେଲିଂ ଇଭେଣ୍ଟ୍ ପାଇଁ ଅଭ୍ୟାସ କଲି । ସୌଭାଗ୍ୟକୁ ସେ ବର୍ଷ ନାସ୍‌ନାଲ୍ ଗେମ୍‌ରେ ମତେ ଭଲ ସଫଳତା ମିଳିଲା । ସାଇକେଲିଂରେ ମୁଁ ତୃତୀୟ ସ୍ଥାନରେ ରହିଥିଲି ।"




## ସି ୟୁ ଆଟ୍ ଅଶୋକା ହଲ୍ !

୧୯୮୦ ମସିହାରେ ମୀନତି ମହାପାତ୍ର ଭାରତର ପ୍ରଥମ ମହିଳା ସାଇକେଲିଷ୍ଟ ଆଉ ପ୍ରଥମ ଓଡ଼ିଆ ଭାବେ ଭାରତୀୟ କ୍ରୀଡ଼ା ଜଗତର ସମ୍ମାନଜନକ ଅର୍ଜୁନ ପୁରସ୍କାର ଲାଭ କରିଥିଲେ । ଅର୍ଜୁନ ପୁରସ୍କାର ପାଇବା ନେଇ ମୀନତିଙ୍କର ଏକ ଚମତ୍କାର ଅନୁଭୂତି ରହିଛି । ଏହି ଅନୁଭୂତିକୁ ମନେପକାଇ ସେ କହନ୍ତି, "୧୯୭୯ରେ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ନ୍ୟାସ୍‌ନାଲ୍ ଗେମ୍‌ରେ ମୁଁ ଭାଗ ନେଇଥାଏ । ଫିଲ୍ଡ ମାର୍ଶାଲ ଜେନେରାଲ ମାନେକ୍ ଶ' ସେଥିରେ ମୁଖ୍ୟ ଅତିଥି ହୋଇ ଆସିଥାନ୍ତି । ମୋ ଇଭେଣ୍ଟ ଦେଖିବା ପରେ ସେ ମତେ ଡାକି ମୋ ଖେଳ ଜୀବନ ବିଷୟରେ ବିଭିନ୍ନ କଥା ପଚାରୁଥିଲେ । ତାଙ୍କ ପାଖରେ ଅର୍ଜୁନ ପୁରସ୍କାର କଥା ଉଠାଇବାକୁ ଓଡ଼ିଶାରୁ ମୋ ସାଥୀ ଖେଳାଳିମାନେ ବାରମ୍ବାର ମୋତେ କହୁଥାନ୍ତି । ହେଲେ ମୋର ଅନ୍ୟ ଇଭେଣ୍ଟ ଥିବାରୁ ମୁଁ ତାଙ୍କ ଠାରୁ ଅନୁମତି ନେଇ ସେଠାରୁ ଚାଲି ଆସିଲି ।"

**ମୀନତି ମହାପାତ୍ରଙ୍କ ଟିପ୍‌ସ୍**

- **'ସଫଳ କ୍ରୀଡ଼ାବିତ୍ ହେବାକୁ ହେଲେ ପ୍ରଥମ ଆବଶ୍ୟକତା ହେଉଛି ଦୃଢ଼ ଇଚ୍ଛା । ଏଥିପାଇଁ ପ୍ରଥମେ ଖେଳକୁ ଭଲପାଇବା ଦରକାର । ତେଣୁ ଯିଏ ଏ ଖେଳ ଦୁନିଆକୁ ଆସୁଛନ୍ତି ବା ଆସିବାକୁ ଯୋଜନା କରୁଛନ୍ତି ମନରେ ଦୃଢ଼ ଇଚ୍ଛାଶକ୍ତି ରଖନ୍ତୁ, ନିଶ୍ଚୟ ସଫଳତା ମିଳିବ ।'**
- **'ପୂର୍ବରୁ କ୍ରୀଡ଼ା କ୍ଷେତ୍ରରେ ଯେତିକି ସୁବିଧା ମିଳୁଥିଲା, ଏବେ ପିଲାଙ୍କୁ ତାଠାରୁ ଅନେକ ପ୍ରକାର ସୁବିଧା ମିଳୁଛି । ଭାରତୀୟ କ୍ରୀଡ଼ା କ୍ଷେତ୍ର ଲାଗି ଓଡ଼ିଶା ଏବେ ଏକ ନୂଆ ପରିଚୟ ହୋଇ ପାରିଛି । ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ବେଶ୍ ଉନ୍ନତ ହେଲାଣି । ତେଣୁ ଏବେର ପିଲାମାନେ ଏହି ସୁବିଧାର ଉପଯୋଗ କରି ନିଶ୍ଚୟ ଆଗକୁ ବଢ଼ିପାରିବେ ।'**

"ଏତିକିବେଳେ ଆମ ଓଡ଼ିଶା ଦଳର ଅର୍ଗାନାଇଜର ଭୈରବ ଚନ୍ଦ୍ର ମହାନ୍ତି ସାର୍ ଆସି ମାନେକ୍ ଶ' ସାର୍‌ଙ୍କୁ ମୋ ଲାଗି ଅର୍ଜୁନ ପୁରସ୍କାର କଥା କହିଥିଲେ । ଲଗାତର ୩ ବର୍ଷ ହେଲା ଅର୍ଜୁନ ପୁରସ୍କାର ପାଇଁ ମୋ ନାଁ ପ୍ରସ୍ତାବ କରା ଯାଉଥିଲା । କିନ୍ତୁ କମିଟି ପକ୍ଷରୁ କିଛି ଉତ୍ତର ଆସୁନି ବୋଲି ସେ ତାଙ୍କୁ ଜଣାଇଥିଲେ ।"

"ଖେଳ ସରିଲା, ମୁଁ ପ୍ରଥମ ହୋଇଥାଏ । ମାନେକ୍ ଶ' ସାର୍ ବାସ୍ ମତେ ଏତିକି କହିଲେ- ସି ୟୁ ଆଟ୍ ଅଶୋକା ହଲ୍ । ହେଲେ ଅଶୋକା ହଲ୍ କେଉଁଠି, ସେ କଥା ସେ ମୋତେ କାହିଁକି କହିଲେ, ମୁଁ ବୁଝି ପାରିଲିନି । ସମ୍ଭବତଃ ହାଇଦ୍ରାବାଦର କୋଉଠି ଥାଇପାରେ ଭାବି ମୁଁ ଭୈରବ ସାର୍‌ଙ୍କୁ ଏକଥା ପଚାରିଲି । ସେ ମୋତେ କହିଲେ ଯେ ଅଶୋକା ହଲ୍ ରାଷ୍ଟ୍ରପତି ଭବନରେ ରହିଛି, ଯେଉଁଠି ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଏ । ହାଇଦ୍ରାବାଦ ଇଭେଣ୍ଟ୍‌ର କିଛି ମାସ ପରେ ଅର୍ଜୁନ ପୁରସ୍କାର ପାଇଁ ମୋ ନାଁ ଘୋଷଣା କରାଗଲା । ସେଇ ଅଶୋକା ହଲ୍‌ରେ ରାଷ୍ଟ୍ରପତିଙ୍କ ଠାରୁ ମୁଁ ଅର୍ଜୁନ ପୁରସ୍କାର ଗ୍ରହଣ କଲି ।"



Best woman Cyclist of India (1972 & 1973)

## ଦୁର୍ଘଟଣା ପରେ ବି ସାଇକେଲିଂ ଛାଡ଼ିନାହାନ୍ତି

ଅର୍ଜୁନ ପୁରସ୍କାର ପାଇବା ପରେ ପରେ ସକ୍ରିୟ କ୍ରୀଡ଼ା ଦୁନିଆରୁ ବିରତି ନେଇଥିଲେ ମୀନତି । ହେଲେ ସାଇକେଲିଂ ପ୍ରତି ଥିବା ତାଙ୍କର ଭଲପାଇବା ପୂର୍ବଭଳି ରହିଥିଲା । ୨୦୨୦ ମସିହାରେ ଗୋଟିଏ ଇଭେଣ୍ଟକୁ ଯାଉଥିବା ବେଳେ ପାହାଚରେ ଗୋଡ଼ ମୋଡ଼ିହୋଇ ଗୁରୁତର ଆଘାତ ଲାଗିଥିଲା । ତେଣୁ ସେ ପୂର୍ବଭଳି ସାଧାରଣ ସାଇକେଲ କିମ୍ବା ରେସିଂ ସାଇକେଲ ଚଲାଇବା ପାଇଁ ଆଉ ସକ୍ଷମ ରହିଲେ ନାହିଁ । କିନ୍ତୁ ସାଇକେଲ୍ ପାଇଁ ଥିବା ତାଙ୍କ ଭଲପାଇବା ତାଙ୍କୁ ସାଇକେଲ ଠାରୁ ଦୂରେଇ ରଖିପାରିଲା ନାହିଁ । ଏବେ ମଧ ସେ ଘରେ ରହି ଷ୍ଟାଣ୍ଡିଂ ସାଇକେଲ୍‌ରେ ପ୍ରତିଦିନ ଅଭ୍ୟାସ କରୁଛନ୍ତି । ପ୍ରତିଦିନ କିଛି ସମୟ ସାଇକେଲ ଚଲାଉଥିବାରୁ ତାଙ୍କ ଶରୀର ଏବେ ବି ସୁସ୍ଥ ରହିଛି ବୋଲି ସେ କହନ୍ତି ।

ପ୍ରସଙ୍ଗ : କବିତା

# ଓଡ଼ିଆ କବିତା
# ଚାରିକେ ଚାରି



# ଆଲୋକିତ କାବ୍ୟସ୍ୱର

**॥ ଭାଗ : ୬ ॥**

**ଇପ୍‌ସିତା ଷଡ଼ଙ୍ଗୀ**

ଫ୍ଲାଟ୍ ନଂ-୩୦୩, ବ୍ଲକ୍-ଏ, ପଣ୍ଡା ରେସିଡେନ୍ସି,
ବିଜେଇଏମ୍ ସ୍କୁଲ-୨ ପାଖ, ସତ୍ୟଭାମାପୁର,
ଭୁବନେଶ୍ୱର-୭୫୨୧୦୦
ଫୋନ:୯୯୩୮୩୭୦୨୮୯/୯୮୬୧୩୩୩୯୪୪
ଫଟୋ ସୌଜନ୍ୟ : ଲେଖିକା

'ରେବତୀ' ପାଇଁ ଏକ ଫିଚର୍‌ଧର୍ମୀ ଆଲୋଚନା ପ୍ରସ୍ତୁତ କରିବା ପାଇଁ ଅଗ୍ରଜ କବି ତଥା ଏ ପତ୍ରିକାର ନିର୍ବାହକ କୃଷ୍ଣ କୁମାର ମହାନ୍ତିଙ୍କ ବାରମ୍ବାର ତାଗିଦାକୁ ସମ୍ମାନ ଦେଇ ଏ ଆଲୋଚନାଟି ଗତ ଅପ୍ରେଲ ସଂଖ୍ୟାରୁ ଲେଖିବାକୁ ଆରମ୍ଭ କଲି । ପ୍ରତି ଦୁଇ ମାସରେ ଥରେ ଚାରିଜଣ କବିଙ୍କ ମୁଗ୍‌ଧ ଆଲୋଚନା କରୁଛି ଓ କରିବି । କୌଣସି ପ୍ରକାରର ଆଧାର ଏହି କ୍ରମର ନିର୍ଣ୍ଣାୟକ ନୁହେଁ । ଏକ ମୁଗ୍‌ଧ ପାଠକୀୟ ଦୃଷ୍ଟି ଏହି ଆଲୋଚନା ଓ କ୍ରମର ଆଧାର । ଏଠାରେ ଆଲୋଚିତ ହୋଇଥିବା ପିଢ଼ିର କବିଙ୍କ କବିତା ସେତିକି ଭାବରେ ଆଲୋଚିତ ହୋଇ ନଥିବାରୁ ମୁଁ ଏହି ପିଢ଼ିର କାବ୍ୟଧାରାକୁ ମୋ ଆଲୋଚନାର ପ୍ରସଙ୍ଗ ଭାବରେ ବାଛିଛି । ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ଭାଗର ଆଲୋଚନା ପରେ ଏଥର ଷଷ୍ଠ ଭାଗରେ କବି ଶୈଳବାଳା ମହାପାତ୍ର, ଅଜୟ ପ୍ରଧାନ, ସୁଧା ଦାଶ ଓ ସଂଜିତ ବଳଙ୍କୁ ନେଇଛି । ଏମାନଙ୍କ କବିତା, ଭିନ୍ନ ଦିଗ, ଶୈଳୀ ଓ ବିଷୟବସ୍ତୁକୁ ନେଇ ସମୃଦ୍ଧ ।



▲ ଲେଖିକା ଇପ୍‌ସିତା ଷଡ଼ଙ୍ଗୀ

## ଶୈଳବାଳା ମହାପାତ୍ର:(୧୯୬୦)



▲ କବି ଶୈଳବାଳା ମହାପାତ୍ର

ଉତ୍ତର ଅଶୀ ପରର ଓଡ଼ିଆ କବିତାରେ କବି **ଶୈଳବାଳା ମହାପାତ୍ର**ଙ୍କ କାବ୍ୟସ୍ୱରର ଅନନ୍ୟତା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ । ନିଜ କବିତା ପରି ସରଳ ଅଥଚ ଗମ୍ଭୀର, କବିଙ୍କ ସ୍ୱାଭିମାନୀ ଅଭିବ୍ୟକ୍ତି ହେଉଛି, "କବିତା ଜୀବନ ଯାତ୍ରାର ଏକ ନିରୁତା କଳାତ୍ମକ ଅଭିବ୍ୟକ୍ତି । + + + କବିତା ମୋ ପାଇଁ ନିଶାର୍ଦ୍ଧର ଟୋପାଏ ନିରବ ଲୁହ । ମୁଁ ସେ ଲୁହରେ ଜୀବନକୁ ଧୁଏ, ଚିପୁଡ଼େ, ଶୁଖାଏ, ପୁଣି ପିନ୍ଧେ ।" 'ଜୀବନ ବିଚିତ୍ର ଫୁଲ', 'ଆମେ ଦୁହେଁ ସମୟ ସାମ୍ନାରେ', 'ନଜର ନିର୍ଜନ ପଣ', 'କେତେ ରଙ୍ଗର ସମୟ', 'ଅଧା ଅଧା ସ୍ୱପ୍ନ ଯେତେ', 'ଛୋଟ ଛୋଟ କଥାରେ ଈଶ୍ୱର' ଆଦି ତାଙ୍କର ମୌଳିକ କାବ୍ୟ ସଂକଳନ । ନାରୀ ମନସ୍ତତ୍ତ୍ୱଭିତ୍ତିକ କବିତା ସମେତ, ଜାତୀୟତାବୋଧ, ସ୍ୱପ୍ନଭଙ୍ଗ, ବିଶ୍ୱାସ-ଅବିଶ୍ୱାସ, ବିଷାଦବୋଧ, ଅପେକ୍ଷାର ନିରାଜନା, ପ୍ରେମ ଆଦି ଭିନ୍ନ ଭିନ୍ନ ବିଷୟବସ୍ତୁର ଏକ ସୂକ୍ଷ୍ମ ଅନୁଶୀଳନ ହିଁ ତାଙ୍କ କବିତାର ବୈଶିଷ୍ଟ୍ୟ । କବିତାର କାନ୍‌ଭାସ୍ ଦୀର୍ଘ ମାତ୍ର ଖୁବ୍ ସୀମିତ ଶବ୍ଦ ପ୍ରୟୋଗ । ଯେଉଁ ସୂକ୍ଷ୍ମ ଅବବୋଧକୁ ରୂପଦେବା କବିଟିଏ ପାଇଁ କଷ୍ଟକର, ଅନାୟାସରେ କବି ଶୈଳବାଳା ତାକୁ ନିଜ ଅନନ୍ୟ ଶୈଳୀରେ ତୋଳି ଧରନ୍ତି ଶବ୍ଦ ମାଧ୍ୟମରେ । ସେହି ଶବ୍ଦସବୁ, କବିର କାବ୍ୟ-ଯନ୍ତ୍ରଣା ଓ ଅବବୋଧକୁ ନିଖୁଣତାର ସହ ବ୍ୟଂଜିତ କରାଇଥାନ୍ତି ।

କବି ଶୈଳବାଳାଙ୍କ କବିତାସବୁ ଲକ୍ଷ୍ୟ କଲେ ଅନୁଭବ କରିହୁଏ, କବି ନିଜ ଭିତରର ଶୂନ୍ୟତା ସହ ଚିରନ୍ତନ ଯୁଝି ଚାଲିଛି । ଶୂନ୍ୟତା, ନିର୍ଜନପଣର ଗାଥା ଭିନ୍ନ ଭିନ୍ନ ବାଗରେ, ଭିନ୍ନ ଭିନ୍ନ କବିତାରେ କରି ଆସିଛି । କେଉଁଠି ଶୂନ୍ୟତା, ପୂର୍ଣ୍ଣତାର ଅନୁପୂରକ ତ' କେଉଁଠି ନିର୍ଜନପଣ ହିଁ ଗତିଶୀଳତା ପ୍ରଦାନ କରୁଛି, କବିଙ୍କୁ କବିତାକୁ । ଏହି ନିର୍ଜନପଣ ହିଁ ଯେମିତି ସକଳ ସୃଜନର ମୂଳ ପ୍ରେରଣାର ଉତ୍ସ । 'ଲହର' କବିତାରେ ଏକ କ୍ଷୁଦ୍ର ଆତ୍ମକଥନ ଭିତରେ, କବି ତେଣୁ ଅନେକ ପ୍ରକାରରେ ନିରାଜନା କରନ୍ତି 'ନିର୍ଜନପଣ'ର । ଉଦାହରଣ ସ୍ୱରୂପ ଏକଦା କବି କହୁଚନ୍ତି: "ଅଫିସର ବର /....../ ପିଲାମାନେ ପଢୁଚନ୍ତି ଭଲ/ ରୂପର ଗୁଣର / ଆଉ ରହିଲା ଅଭାବ କ'ଣ ଯେ / ନାଁ ଦେଇଚୁ କବିତା ବହିର / ନିଜର ନିର୍ଜନ ପଣ !" (ଅଧା ଅଧା ସ୍ୱପ୍ନ ଯେତେ, ପୃ.୬୬) ଏ ପ୍ରସଙ୍ଗର ଉତ୍ତରରେ କବିଙ୍କ ସ୍ୱୀକାରୋକ୍ତି: "ଏଯାଏଁ ଉତ୍ତର ଦେଇନି ତାକୁ /..../ ଯେ ଦେଖିନି ଜଙ୍ଗଲ ଜଳିବା ଦୃଶ୍ୟ / କେମିତ ବୁଝେଇବି ତାକୁ ଗରୁଙ୍କର ନିଃଶବ୍ଦ ଆର୍ତ୍ତି / ପ୍ରାଣୀଙ୍କ ହା ହୁତାଶ / ପୋଡ଼ି ଯାଉଥିବା ପରରେ / ସମୟକୁ ଲଟକେଇ ଦବା ପାଇଁ / ଛୋଟ ଚଢ଼େଇଟିର / ଆକୁଳ ସଂଘର୍ଷ ।"(ଅଧା ଅଧା...ପୃ.୬୭)

ପ୍ରାଣୀଙ୍କ ଆରତରେ ବ୍ୟଥିତ କବି, ତେଣୁ 'କିଳିଦିଅନ୍ତି' କଣ୍ଢା ନିଜ ଚାରିପାଖେ, 'ଲୋକଙ୍କ କଥା'ରେ ବ୍ୟସ୍ତ ନହୋଇ, ଲୋକଙ୍କ ବ୍ୟଥାରେ ବତୁରି ହୋଇପଡ଼ନ୍ତି ।

ଏହା ସହିତ, ନିଜ ଶୂନ୍ୟପଣର ସର୍ଜନ ଶକ୍ତି ସହ ମଧ୍ୟ କବି ସାମ୍ନାସାମ୍ନି ହୁଅନ୍ତି । ପୂରନ୍ତା ଘରସଂସାର ଭିତରେ ବି କବିଟିଏ କ'ଣ ଗୋଟେ ଖୋଜୁଥାଏ, କ'ଣ ଗୋଟେ ତା'ର ହଜି ଯାଉଥାଏ । ଏ ଅନ୍ୱେଷଣ, ଏ ହରାଇଦେବାର ବିଭୋର ଅବସ୍ଥା କବିଟିକୁ ଏକ ଅତୀନ୍ଦ୍ରିୟସ୍ତରକୁ ନେଇ ଯାଉଥାଏ । ଏ ଅବସ୍ଥା ପ୍ରତ୍ୟେକ ସୃଜନଶିଳ୍ପୀ ଭୋଗେ । ଏ ଅନୁଭବକୁ ଚମତ୍କାର ଶବ୍ଦ ଏବଂ ଅନନ୍ୟ ଶୈଳୀରେ କବି ଶୈଳବାଳା ବ୍ୟଂଜିତ କରାନ୍ତି- "ପ୍ରତ୍ୟେକ ମୁହୂର୍ତ୍ତ / ଖୋଜି ଖୋଜି ଶୂନ୍ୟକୁ ସଂଗମୁଥାଏ / ବାରମ୍ବାର / ଶୂନ୍ୟତା ବୀର୍ଯ୍ୟଦାନେ / ସର୍ଜୁଥାଏ / ନିଜର ନିର୍ଜନ ଗୀତ ।" (ଅଧାଅଧା...ପୃ-୬୮)

କବି 'ଅଧାଅଧା ସ୍ୱପ୍ନ ଯେତେ' କବିତା ସଂକଳନ ପୃଷ୍ଠବନ୍ଧରେ ବି ଏହି ଶୂନ୍ୟତା ହିଁ ତାଙ୍କ ପ୍ରେରଣା ବୋଲି ଉଲ୍ଲେଖ କରନ୍ତି । ତାଙ୍କ ଶବ୍ଦରେ, "ଗାଁ ପ୍ରକୃତି ହିଁ ପ୍ରଥମେ ମୋ

ଭିତରେ ଗୋଟେ ହଜିଯିବାର, ମଜିଯିବାର ବୀଜବପନ କରିଥିଲା । ଏବେବି ମନେଅଛି, ନନ୍ଦିଆ ଖାଲ ପୋଖରୀ ପାଖରେ ଠିଆହୋଇ ଶେଷ ସୂର୍ଯ୍ୟର ଆକାଶକୁ ମୁଁ ଅନେଇଥାଏ । ଅନେଇଥାଏ କେବଳ । ହଜି ଯାଇଥାଏ । କେମିତି ଗୋଟେ ଶୂନ୍ୟ ହୋଇ ଯାଇଥାଏ । "....ସମ୍ଭବତଃ ସେଇ ଶୂନ୍ୟତା ମୋ କଲମ ଦେଇ କବିତା ରୂପରେ ଓହ୍ଲେଇ ପଡ଼ିଲା ।" ଏଣୁ 'ଶୂନ୍ୟକୁ ସଂଗମୁଥାଏ' ଏବଂ 'ଗର୍ଜୁଥାଏ / ନିଜର ନିର୍ଜନ ଗୀତ' ପରି ପଂକ୍ତିରେ କବିଙ୍କ ଦେହଡୋର 'ପରମ-ସୁଖ-ପଦ'କୁ ଉନ୍ନୀତ ହେବାର ଏକ ସୂକ୍ଷ୍ମ ଅବବୋଧ ପରିଲକ୍ଷିତ ହୁଏ ।

କବିଟିଏ ଚିରକାଳ ନିରୀହ । ଏକ ଅଦ୍ଭୁତ ବିଶ୍ୱାସକୁ ହୃଦୟରେ ବାହି ସେ ବଂଚେ । ତା' ବିଶ୍ୱାସ ଅନେକବାର ଉଜୁଡ଼େ ବି । ତଥାପି ସେ ବିଶ୍ୱାସ ରାସ୍ତାରେ ବାଟ ଚାଲିବା ଛାଡ଼େନାହିଁ । କବି ଶୈଳବାଳାଙ୍କ ଏକ ପ୍ରମୁଖ କଳାଶକ୍ତି ହେଉଛି ଏଇ ବିଶ୍ୱାସ । ବିଶ୍ୱାସରେ ବିଶ୍ୱାସରେ, ସେ କ୍ଷମା କରିଦିଅନ୍ତି, ସର୍ଜନରେ ମଜ୍ଜି ଯାଆନ୍ତି ତ କେବେ ଦୁଃଖରେ ଭାଙ୍ଗି ପଡ଼ିଥିବା ମନକୁ ପୁନଃ ଗଢ଼ି ନେବାର ଆଶ୍ୱାସନା ଦଅନ୍ତି । କବି-ବିଶ୍ୱାସ-ପ୍ରେମ-ଏଇ ତିନୋଟି ପରମ୍ପରା ସଂଯୁକ୍ତ ଭାବବୋଧକୁ ନେଇ ତାଙ୍କ ଅନେକ ଗୁଡ଼ିଏ କବିତାର ସର୍ଜନା ସମ୍ଭବ ହୋଇ ପାରିଛି । ଅନ୍ୟ ଶବ୍ଦରେ କହିଲେ, ମଣିଷର ପ୍ରେମ ଉପରେ ଅଖଣ୍ଡ ବିଶ୍ୱାସ ସ୍ଥାପନର କବି ଅଟନ୍ତି ଶୈଳବାଳା । କବିଟିଏର ଜୀବନବୋଧକୁ ବଖାଣିବାକୁ ଯାଇ ଶୈଳବାଳା ପଚାରନ୍ତି, "କ'ଣ ଭାବିଲ ତମେ / ମରି ଯାଇଥିବ କବିଟି ?/ ଜଂଗଲ ମଝିରେ ତମେ ବାଟ ଭୁଲେଇ ଦେଲ ବୋଲି !" (ଅଧାଅଧା...ପୃ.୧୮)

କଥୋପକଥନର ପରବର୍ତ୍ତୀ ପର୍ଯ୍ୟାୟରେ ଯେତେବେଳେ କବିଟି ବିଶ୍ୱାସଭଙ୍ଗର ଶୀକାର ହୁଏ, 'ଗାତ'ରେ ପକେଇବାର ମାନସିକତାକୁ ସାମ୍ନା କରେ, ସେତେବେଳେ କବିଟି ତା ସୂକ୍ଷ୍ମ ଅବବୋଧ, ତା ବିଶ୍ୱାସ ଓ କଳାଶକ୍ତି ବଳରେ ଯେକୌଣସି ପ୍ରକାରର କଷଣରୁ ଉଦ୍ଧାର ପାଇ ଯାଇଥାଏ । କବି ଉଚ୍ଚାରଣ କରନ୍ତି, "ଗାତରେ ଏବେ ତମେ / କବିଟି- ଗୀତରେ / ପୌଷ ପାହାଂତିରେ / ଅନ୍ଧାର ରାତି / ଅଜଗର ଅରଣ୍ୟ / କୋଉଠି ଛପି ଚାଲ ତମେ !" ପରମ୍ପରା ମାନ୍ୟତାର ଏକ ସୁନ୍ଦର ଉଦାହରଣ । କବି, ଆଲୋଚକ ଡଃ ଶତ୍ରୁଘ୍ନ ପାଣ୍ଡବ ଉଲ୍ଲେଖ କରନ୍ତି, "ପରମ୍ପରା ମାନ୍ୟତାର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଦିଗ ହେଉଛି ପ୍ରାଚୀନ କବିଙ୍କ ଶବ୍ଦ, ଶବ୍ଦ-ଯୋଜନା, ରଚନା ଢଙ୍ଗକୁ ଆଧୁନିକ ରୀତିରେ ପ୍ରୟୋଗ କରିବା । ସାଂପ୍ରତିକ କବି ଏ ପ୍ରକାର ପ୍ରୟୋଗ ଦ୍ୱାରା ପାଠକକୁ ଚକିତ କରନ୍ତି । ଆମୋଦ ପ୍ରଦାନ କରନ୍ତି ମଧ୍ୟ ।" (**ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା, ପ୍ରଥମଖଣ୍ଡ, ପୃ-୧୪**) ଡକ୍ଟର ପାଣ୍ଡବ 'ଭାଗବତ'ର ବହୁ ବ୍ୟବହୃତ ପ୍ରତୀକ ଦ୍ୱୟ ଅରଣ୍ୟ ଓ ଅଜଗରର ବିଶ୍ଳେଷଣ କରିବାକୁ ଯାଇ ଉଲ୍ଲେଖ କରନ୍ତି, "ଅରଣ୍ୟଟି ସଂସାରର, ଅଜଗର ନିର୍ଲିପ୍ତ କର୍ମଯୋଗୀ ବ୍ୟକ୍ତିସତ୍ତାର ପ୍ରତୀକତା କରନ୍ତି ।" (**ତତ୍ରୈବ, ପୃ.୩୧**)

ଏଠି କବିଙ୍କର ପ୍ରଶ୍ନ ବିଶ୍ୱାସଘାତ କରୁଥିବା ବନ୍ଧୁଟିକୁ କୋଉଠି ଛପିଗଲ ତମେ- ଅରଣ୍ୟମାନେ ସଂସାର ଭିତରେ ଏବଂ ଅଜଗର- କର୍ମଯୋଗୀ ବ୍ୟକ୍ତିସତ୍ତା ଭାବରେ! କବି ଜାଣନ୍ତି, ଏ ଦୁଇଟି ଯାକରେ ବିଶ୍ୱାସ ଘାତକର ସ୍ଥାନ ନାହିଁ ।

ଶେଷରେ, କବିଟିର ହୃଦୟବତ୍ତାକୁ ଚମତ୍କାର ଢଙ୍ଗରେ କବି ଉପସ୍ଥାପିତ କରାନ୍ତି । ଲୋକକଥାର ଚରିତ୍ର ବ୍ୟବହାର ମାଧ୍ୟମରେ ନିଜ କାବ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା, ତଥା ଏହାର ସଂପ୍ରସାରଣ କରିବା ଯେମିତି କବିଟିଏର ଧ୍ୟେୟ ।

ଶୈଳବାଳାଙ୍କ ଅଭିବ୍ୟକ୍ତିକୁ ଲକ୍ଷ୍ୟ କରାଯାଉ- "ଅପେକ୍ଷା କର ! / କବିଟି ଫିଙ୍ଗୁଚି କିଛି ମନ୍ତୁରା ଶବ୍ଦ / ଡାଆଣୀ ଫାଆଣୀ ସବୁ / ପାଉଁଶ ହେବେ ପଲକରେ / ହେଲେ କଥା ଦିଅ / କବିଟି ପରି / ଆଉ କା'କୁ ଭୁଲେଇବନି ବାଟ ।" (ଅଧା ଅଧା...ପୃ୧୯)

କେତେ ସହଜରେ କବିଟିଏ ଭୁଲିଯାଏ ତା' ଉପରେ ହୋଇଥିବା ଅତ୍ୟାଚାରକୁ । ପ୍ରବଂଚନା, ଶଠତାକୁ ଭୁଲି ବନ୍ଧୁକୁ ବଂଚେଇବା ପାଇଁ, ତା' ଶକ୍ତିକୁ ବ୍ୟବହାର କରିବା, କେବଳ ସୃଜନ ଶିଳ୍ପୀଟିଏ ହିଁ କରିପାରେ । ବତୁରିଯାଏ ମାନବତାରେ, ଆଦର୍ଶରେ ।

ସଂପର୍କର ସ୍ଥିତି ଭିତରେ ନିଜ ଅସ୍ମିତାର ଅନ୍ୱେଷଣ ସାଂପ୍ରତିକ ଓଡ଼ିଆ କବିତାର ଏକ ମହନୀୟତା । ସହରରେ ଏ ଚଂଚକତା ମିଳେ । ଏ ଶଠତା, ଏ ବାଟ ଭୁଲେଇ ଦେବାର ମନସ୍ଥିତିରୁ ବୀତସ୍ପୃହ ମଣିଷ ଫେରିଚାଲେ ଗାଁକୁ । ଗାଁ ନିଜ ଅସ୍ମିତାର ପ୍ରତୀକ, ଗାଁ ପରମ୍ପରା, ଐତିହ୍ୟକୁ ଜଡ଼େଇ ଧରି ଯେମିତି ଅପେକ୍ଷା କରିଥାଏ ତା' ସନ୍ତାନମାନଙ୍କୁ । ସେମାନେ ଫେରି ଆସିବେ । ନବେ ଦଶକ ପରର ଜଗତୀକରଣ ଦ୍ୱାରା ସଂକ୍ରମିତ ବସ୍ତୁବାଦୀ ମୋହର ଘେରରେ ଅଣନିଃଶ୍ୱାସ କବିଟିଏ ଖୁବ୍ ନଷ୍ଟାଲଜିକ୍ ହୋଇଯାଏ । କବି ଶୈଳବାଳା ଚମତ୍କାର ସ୍ପଷ୍ଟତାର ସହ ଗାଁକୁ ଫେରିଯିବାର, ଏକ ଦୃଢ଼ ମାନସିକତାକୁ ପ୍ରକାଶ କରନ୍ତି ଯେଉଁଠି ଥାଏ ଘର: "ମାଟିଲିପା ଚଟାଣ ଦେବାରେ / କଉଡ଼ିପୋତା ଷଠି ଘର / ଧାନ ଶୀଂସା ଝୋଟି / ଲକ୍ଷ୍ମୀପାଦ / ପୋଲାଙ୍ଗ ତେଲର ମିଂଜି ମିଂଜି ଦୀପ / ଆଲୁଅରେ ଯୋଡ଼ାଯୋଡ଼ି / ଜୀବନର ରୁନ୍ଦ୍ର !" (**ଛୋଟ ଛୋଟ କଥାରେ ଈଶ୍ୱର, ପୃ.୧୯**)

ଗାଁ-ଗାଁର ପ୍ରତିଶବ୍ଦ- ତା' ନିରୀହପଣ, ବିଶ୍ୱାସ, ଯାହାକୁ ଆସ୍ଥା କରି କବିଟିଏ ରଚିପାରେ ଜୀବନର ଛନ୍ଦ ।

କବି ଶୈଳବାଳା ସଂପର୍କର କବି । ତାଙ୍କ କବିତାରେ ନିରୁତା ସଂପର୍କ, ଅପାର୍ଥିବ ଆତ୍ମୀୟତା, ଅମଳିନ ଭଲ ପାଇବା ଓ ଅକଳନ୍ତି ବିଶ୍ୱାସକୁ ଲୋଡ଼ିଥା'ନ୍ତି ସେ । ଆଉ ଭିନ୍ନ ଭିନ୍ନ ବାଗରେ ତାକୁ ପରୀକ୍ଷାନିରୀକ୍ଷା କରୁଥାନ୍ତି । କବି କୁହନ୍ତି, "ବିଶ୍ୱାସରେ ବିଷ / କଥାଟା କେମିତି ଅଡୁଆ ଅଡୁଆ ଲାଗେ / ବିଶ୍ୱାସ ତ ବିଶ୍ୱାସ ?/ କାତର ହୁଏ କପଟ ଦିନେ ନା ଦିନେ / ଆଣ୍ଠେଇ ପଡ଼େ / ପାଇବାକୁ ବିଶ୍ୱାସର ନିଃସର୍ତ୍ତ ଆଶିଷ !" (**ଛୋଟଛୋଟ, ପୃ.୯୯**)

ମଣିଷକୁ ମିଳିଥିବା ଏ ବିଭୁ ଆର୍ଶୀବାଦ 'ବିଶ୍ୱାସ' ଉପରେ କବିଙ୍କର ଏତେ ଆସ୍ଥା, କିଛି କମ କଥା ନୁହେଁ । ଭାରତୀର ସଂସ୍କୃତି ଓ ପରମ୍ପରାର ମୂଳ ଆଧାର ତ' ଏଇ 'ବିଶ୍ୱାସ', ଯାହା ଏବେ ପ୍ରବଂଚନାର ଶିକାରରେ ଧରାଶାୟୀ । ଏ ଆସ୍ଥା ଉପରେ କବିଙ୍କ ଆସ୍ଥା, ଏକ ଅଦ୍ଭୁତ ସକାରାତ୍ମକତା ପ୍ରଦାନ କରେ ସମଗ୍ର ସମାଜକୁ ।

କବି ଶୈଳବାଳାଙ୍କ କ୍ଷୁଦ୍ରକବିତା ଏକ ଅଲଗା ଆବେଦନ ବହନ କରେ । କୁହାଯାଏ, Brevity is the soul of unit. କବିଙ୍କ 'ଅନ୍ୱୟ', 'ଅକ୍ଷର', 'ବଚନିକା', 'ପରକୀୟା', 'ପୃଥୀଉବାଚ', 'ଚୁମାଟେ ମାଗିଲ ଯେ', 'ଦୀପ', 'ଇସ୍ତାହାର', 'ବିଶ୍ୱାସ', 'କବିତା-୨', 'ଦୁଇପଦ', 'ସଂଦେହ', 'ମୋହ' ଆଦି ଅନେକ କ୍ଷୁଦ୍ର କବିତା ରହିଛି, ଯେଉଁଠି ଖୁବ୍ କମ୍ ଶବ୍ଦରେ, କବି ଅନେକ ଭାବଉଚ୍ଛ୍ୱାସକୁ ପ୍ରତୀକାତ୍ମକ ଭାବରେ ବ୍ୟଂଜିତ କରାଇ ପାରିଛନ୍ତି । ସେ ହେଉ 'ସନ୍ଦେହ': "ଦୂରରୁ ହେଉ ପଛେ / ତୋ ସ୍ୱର ଦିଏ / ବଂଚିବାର ପ୍ରତ୍ୟୟ / ସନ୍ଦେହ ଏବେ / ସେ କଣ୍ଠର ଆବେଗ / କେତେ ମିଛ କେତେ ପୁଣି ସତ !" (**ଛୋଟଛୋଟ...,ପୃ.୬୦**) ଅବା ହେଉ 'ବିଶ୍ୱାସ': "ଆଉ କୋଉଥିରେ ବିଶ୍ୱାସ ପାଇଁ ମୋର / କେବଳ ବିଶ୍ୱାସ ଅଛି / ବିଶ୍ୱାସରେ / ଜାଣେ, / ବିଶ୍ୱାସ: ଏମିତି ପରଶମଣି / କଳଙ୍କିଲଗା ଲୁହାକୁ ବି ସୁନା / କରିଦେଇପାରେ !" (**ଛୋଟଛୋଟ...,ପୃ.୨୫**) ଅନେକ କ୍ଷୁଦ୍ର କବିତା ତାଙ୍କର ଏକ ଏକ ଅବବୋଧକୁ ନେଇ ଜିଜ୍ଞାସା ଓ ଜିଜ୍ଞାସାର ଉପଲବ୍ଧି ହିଁ । ଗୋଟିଏ ଗୋଟିଏ କ୍ଷୁଦ୍ର କବିତା କେତେବେଳେ ସଂପୂର୍ଣ୍ଣ ଏକ ପ୍ରତୀକ ଭାବରେ ଉଭା ହୋଇଛି । ସେଇମିତି ଏକ କବିତା 'ଦୀପ': "ବଡ଼ ନିକାଂଚନରେ ଜଳୁଥିବା ଦୀପଟେ ଭଳି / ତମେ / ମୋ ଭିତରେ ଅହରହ / ଛୋଟ ଗୋଟେ ନାଆ / ଗଣ୍ଡ ଉଉଁରୀରେ ପଡ଼ିଗଲା ଭଳି / ମୁଁ / ତଥାପି ଅପେକ୍ଷାରେ ଅନବରତ !"

କବିଙ୍କ ଅନେକ କବିତାରେ ନାରୀ ଜୀବନର ଅସମାହିତ ପ୍ରଶ୍ନର ସମାହାର ରହିଛି । କବିଙ୍କ କବିତାରେ ବିଦ୍ରୋହ ରହିଛି, ଅଛି ଅଭିମାନ ବି । 'ଶୀଲୁ'

ଚରିତ୍ର ମାଧ୍ୟମରେ କବି ନାରୀଟିର ଜୀବନ କିପରି ଅନେକ ମୁଖା ନାଇବାର ଜୀବନ ତାକୁ ବ୍ୟଂଜିତ କରାଇଛନ୍ତି । କେବେ 'ଶୀଲୁ'କୁ ନାରୀ ସ୍ୱପ୍ନ ଭଙ୍ଗର ଏପିଟୋମ୍ (Epitome) ଭାବରେ ବ୍ୟବହାର କରିଛନ୍ତି । କବିଙ୍କ ଅନୁଧ୍ୟାନକୁ ଲକ୍ଷ୍ୟ କରାଯାଉ: (୧) "ସକାଳ ଚା'ଠୁଁ / ରାତିର ଶେଯ ସୁପାତି / ଲୁଗା ଖୋଲା.../ ସାୟା ଟେକା.../ .../ ଏଯାବତ୍ ପଚାରି ପାରିଲି ଶୀଲୁ / ଦାଂପତ୍ୟ / ଖାଲି ଗୋଟେ ଗୋଟେ ଅଭ୍ୟାସ / ନା / ମୁଗ୍ଧ ପ୍ରହରର / ମଗ୍ନ ସହବାସ !" (ଅଧାଅଧା....ପୃ.୯-୧୦) (୨) ଶୀଲୁ ଏବେ ବୟାଳିଶ୍ ବର୍ଷରେ / ବେଙ୍ଗଳାରେ ବନ୍ଧା ବଳଦ ପଟେ !/ କଅଁଳ ପିଲାଦିନ / ମୋହମୟ ଖରାବେଳ / ତମ ସ୍ମୃତି ସବୁକୁ / ଟଙ୍ଗେଇ ଦେଇଚି ଗୋଟେ /ଦଦରା କାନ୍ଥରେ ।" (ଅଧା ଅଧା...ପୃ.୧୪)

ନାରୀ ଅନ୍ତର୍ମନର ବେଦନା, ହୃଦୟ କୋଣରେ ଗୁମୁରୁଥିବା ଶୂନ୍ୟପଣ, ବିଶ୍ୱାସ ଉପରେ ଅକୁଣ୍ଠ ବିଶ୍ୱାସ, ଏକ ଅପାର୍ଥିବ ନିରୀହତା ଆଦି ଅମୂର୍ତ୍ତ ଧାରଣାକୁ କଳାତ୍ମକତାର ସହ କବି ଶୈଳବାଳା ନିଜ କବିତାରେ ଶବ୍ଦାୟିତ କରିଛନ୍ତି । ଏକ ନିର୍ଲିପ୍ତ ସନ୍ୟାସୀ ପରି, କେବେ ତାର କାବ୍ୟ-ସ୍ୱର ନିନାଦିତ ହୋଇଛି ତ କେବେ ସକଳ ଭଲପଣକୁ ନେ ମୁଖରିତ ହୋଇ ଉଠିଛି ତାଙ୍କ କବିତା ସମୂହ । ଏକ ଅଦ୍ଭୁତ ବିଶ୍ୱାସ, ଏକ ଅସୀମ ଭଲପାଇବା ଏବଂ ଅମାପ ସକାରାତ୍ମକତା ତାଙ୍କ କବିତାର ବୈଶିଷ୍ଟ୍ୟମାନ । ଏକ ଚମତ୍କାର ପଂକ୍ତିରେ । କବିଙ୍କ ଠାରୁ ବିଦାୟ ନେବା: "ତମେ କ'ଣ ଭାବ / ଅନ୍ୟକୁ ତୀର ମାରିଦେଲେ / ଭରିଯିବ ତମ କ୍ଷତ !/ ଏବେ ବି ଅନେକ ଅଛି ବାକି / ଗୋଧୂଳି ଲଗ୍ନ / ଆସ / ଆଜିଠୁଁ ଏକାଠି ସଜାଡ଼ି ବସିବା / ବଳକା ଜୀବନ !" (ଅଧାଅଧା....ପୃ.୭୦-୭୧)

## ଅଜୟ ପ୍ରଧାନ:(୧୯୬୦)

କବି ଅଜୟ ପ୍ରଧାନ ସମକାଳୀନ ଓଡ଼ିଆ କାବ୍ୟଜଗତରେ ଏକ ବଳିଷ୍ଠ କାବ୍ୟସ୍ୱର । କବି ଅଜୟ ପ୍ରଧାନଙ୍କ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ, ଜନଗଣଙ୍କ ପ୍ରତି ସମ୍ବେଦନତା ତଥା ସଚେତନତା, ନିଜ କାବ୍ୟସ୍ୱରକୁ ତୃଣମୂଳସ୍ତରର ମଣିଷଙ୍କ ସ୍ୱର ସହ ମିଶାଣ ଏବଂ ପରିପ୍ରକାଶ ଶୈଳୀରେ ଅପୂର୍ବ ନାଟକୀୟତା କବିଙ୍କୁ ଏକ ଅନନ୍ୟ ପରିଚୟ ଦିଏ । କବିଙ୍କ କର୍ମଭୂମି ପୁରୀର କଥିତ ଭାଷାକୁ କବିତାରେ ଚମତ୍କାର ଶ୍ଳେଷ ସହ ବ୍ୟବହାର ତଥା 'କବିର ଦର୍ଶକ ଭୂମିକାକୁ ଗୌଣ କର ଅଂଶୀଦାରୀତାକୁ' କବିତାରେ ପ୍ରତିଷ୍ଠା କରିବା କବି ଅଜୟଙ୍କ କାବ୍ୟ-ରଚନାର ଏକ ବିରଳ ପ୍ରୟୋଗ ।


▶ ଅଜୟ ପ୍ରଧାନ

'ଭୂମିପର୍ବ', 'ଶବ୍ଦ ସାତତାଳ', 'ସେଇ ସବୁ କଥା', 'ଅପୂର୍ବା', 'ଆନନ୍ଦ ଭୈରବୀ', 'ପାଣି ଦେବତା', 'ମୁସାଫିରର ଡାଏରୀ', 'ରାମପଣ' 'କହିବେନିଟି', ଓ ବଇଦାନା ଓ ଅନ୍ୟମାନେ ଆଦି କବିତା ସଂକଳନର ସ୍ରଷ୍ଟା କବି ଶ୍ରୀ ପ୍ରଧାନ କୁହନ୍ତି, "ପ୍ରତ୍ୟକ୍ଷ ଅନୁଭୂତି ସକଳ ଆଜି ଜଣେ ମଣିଷକୁ ମୁହ୍ୟମାଣ କରିଦେଇ ପାରେ, କିନ୍ତୁ ତାହା ବାସ୍ତବତାକୁ ନୂଆ ଠାଣିରେ ଭେଟିବାର ଉପାୟ । ଆଜିର କବିକୁ ତେଣୁ ଯେମିତି ଜୀବନ ସେମିତି ମନ, ଯେମିତି ଚଳଣି, ସେମିତି ଚାହାଣି ନେଇ ଆଗେଇବାକୁ ପଡ଼ିବ- ଏହାର ବିଶେଷ କାରଣ ଏଇ ଯେ ସେ ଆଜି କେବଳ ଜଣେ ନପୁଂସକ ଦର୍ଶକ ନୁହେଁ, ଜଣେ ସଚେତନ ଅଂଶୀଦାର । ସୁତରାଂ, କବିତା କୁହାଯାଉ, ଲେଖା ନଯାଉ ।" 'ଶବ୍ଦ ସାତତାଳ'ର ପ୍ରଥମ ସଂସ୍କରଣର ପୃଷ୍ଠବନ୍ଧର ଏ ଉକ୍ତିଟି ଯେମିତି କବି ଶ୍ରୀ ପ୍ରଧାନଙ୍କ କବିତାର ବୈଶିଷ୍ଟ୍ୟକୁ ବହନ କରିଛି । କବିତା କୁହାଯାଉ, ଲେଖା ନଯାଉ- ଏ ଆହ୍ୱାନକୁ ନିଜ କବିତାରେ ପରୀକ୍ଷା କରିକରି କବି ଯେଉଁ ସତ୍ୟରେ ପହଂଚି ପାରିଚନ୍ତି, ସେଠି କବି- ସମୟ ଓ ସାଧାରଣ ଜନଙ୍କର ପ୍ରତିନିଧି (ଆର୍କିଟାଇପ୍) । ସେଠି କବିଟିଏ ସମୟ, ସମସ୍ୟା, ସହକର୍ମୀଙ୍କ ଠାରୁ ଅଲଗା ହୋଇ କିଛି ଦେଖୁନି କବି ଲେଖୁନି । ସମୟ ସହ, ସମସ୍ୟା ସହ, ସହକର୍ମୀଙ୍କ ପରି ନିଜେ ଭୁକ୍ତଭୋଗୀ ହୋଇ ନିଜ କଥାକୁ କହିଚାଲିଛି, ଏକ କଳାତ୍ମକତା, ଏକ ଶ୍ଳେଷ, ଏକ ଶ୍ଲାଘା ମିଶାଇ ନିଜ ସ୍ୱରକୁ ବ୍ୟଂଜିତ କରାଉଛି । ଶ୍ରୀ ପ୍ରଧାନଙ୍କ କବିତାରେ ସାଧାରଣ ଜନମାନବଙ୍କ ଜୀବନ ସଂଘର୍ଷର କାହାଣୀର ଜୀବନ ଓ କଳାତ୍ମକ ବ୍ୟଂଜନା ଥାଏ । କବି, ପ୍ରତ୍ୟେକ କବିତାରେ, ଯେଉଁ ଯେଉଁ ଚରିତ୍ରମାନଙ୍କୁ ଜୀବନ୍ୟାସ ଦିଅନ୍ତି, ସେ ନିଜେ ଇ ସେଇ ଚରିତ୍ରରେ ପରିବର୍ତ୍ତିତ ହୋଇଯାଆନ୍ତି । ସେଇ ଚରିତ୍ର ମୁହଁରେ ହିଁ ଶୁଣାନ୍ତି ତା' କାହାଣୀ । ନିତାନ୍ତ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଧରି କବିତାର ବାଟରେ ବାଟ ଚାଲୁଥିବା ଏହି ନିଆରା କବି ଜଣଙ୍କ ଭାଷା ଗଠନ ରୀତି ସେ ନେଇ ଅଲଗା ଅଲଗା ହୋଇଥାଏ । ଭାଷା ସାଙ୍କେତିକ ହୋଇଥାଏ । ଏହା ସହିତ ସଂପ୍ରେକ୍ଷଣ-କ୍ଷମ ଏବଂ ସଂପର୍କକ୍ଷମ ହୋଇଥାଏ ମଧ୍ୟ । ଏକ ଚମତ୍କାର ଉଦାହରଣ- "ପଡ଼ିଶା ଗାଁରୁ / ଆମ ଲୋକ ଯାଉଚନ୍ତି ଆଣିବାକୁ ପାଣି / ଖରା ଯେ ଖଇ ଫୁଟୁଚି / ଏ ବର୍ଷ ପାଳନ କରୁଛୁ ଚାନ୍ଦା ଭେଦା ଦେଇ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ।" (ପାଣିଦେବତା, ପୃ.୧୧)

ଠିକେ ଠିକେରେ କବି ଉଖୁରେଇ ଦେଲେ ସରକାରଙ୍କ ପାରିବା ପଣିଆ ସହ, ସାଧାରଣ ମଣିଷର ନିତାନ୍ତ ଆବଶ୍ୟକୀୟ ଚିଜ (ଏଠାରେ 'ପାଣି') ପାଇଁ ପ୍ରଚଣ୍ଡ ଖରାରେ ଦୂରବାଟ ଯାଏଁ ଯାତ୍ରା । ଏକ କାହାଣୀ, କାହାଣୀ ଗତି ନେବାରେ ଏକ ଆକର୍ଷଣୀୟ ନାଟକୀୟତା ଏବଂ ଉତ୍ସୁକତାର ଗତି ବଢ଼ଉଥିବା କବିତାର ଗତି-ପାଠକକୁ ତଲ୍ଲୀନ କରି ରଖେ ଶ୍ରୀ ପ୍ରଧାନଙ୍କ କବିତା ।

ସେଇ କବିତାର ଗତିକୁ ଲକ୍ଷ୍ୟ କଲେ ଜାଣିହୁଏ । ଏଇ ଯେମିତି- "ଯିଏ ବି ଆସିଚନ୍ତି ଯୋଉଠୁ / କିଛି ନା କିଛି କହିଚନ୍ତି ଏ ସଂପର୍କରେ / ଏଥିପାଇଁ କମ୍ ଖର୍ଚ୍ଚ ହେଇନି କାଗଜ କାଳି / ମୂର୍ଖ, ସାଧାରଣ ନାଗରିକ ଯେହେତୁ / ସାଧାରଣ କଥାରେ ଇ ଆମେ ଯାଉ ଭଳି / ଏଯାଏଁ ଆସିନି ବିଜୁଳି," ('ପାଣ ଦେବତା', ପୃ-୧୧-୧୨)

ଏକ ତୀକ୍ଷ୍ଣ ବ୍ୟଂଗ ଭିତରେ ଜାଜ୍ୱଲ୍ୟମାନ ଚିତ୍ର ଓ ବିମ୍ବ ଗଢ଼ିନେବାର ଏକ ବିରଳ କୌଶଳ ସାଧିପାରିଛନ୍ତି କବି ଶ୍ରୀ ପ୍ରଧାନ । ବ୍ୟଙ୍ଗ ସହ କାରୁଣ୍ୟର ଏକ ଯୁଗଳବନ୍ଦୀ ପ୍ରସ୍ତୁତ କରି ପାଠକ ଭିତରେ ଏକ ଅଭୂତପୂର୍ବ ସଂଚରଣଶୀଳ ପ୍ରଭାବ ବିସ୍ତାର କରିପାରନ୍ତି । ସେଇ କବିତାରେ କବିଙ୍କ ଚିତ୍ରକୁ ଦେଖାଯାଉ- "କେବେ କେବେ ଅଳତା ପିନ୍ଧେଇ ଦିଏ ରାସ୍ତାକୁ / ନଇଲେ ମୋଟାମୋଟି ବିଧବା ଆମ ଗାଁ / ବଂକେଇ ବାଂକେଇ କହିଲେ କିଏ ଶୁଣିବ / ସିଧା ସିଧା କହିଲେ ବାବୁମାନଙ୍କୁ ଅବଜ୍ଞା !.../ ପିଲାଏ କୁଦି ଖେଳି ମଉଜ ମନାନ୍ତି / ସ୍ୱପ୍ନ ବୁଣନ୍ତି କିଆରି କିଆରି / ଯଦିବ ପାଣି ପାଇଁ ଏମାନେ କେବେ କାନ୍ଦି ନାହାନ୍ତି ।" (ପାଣିଦେବତା, ପୃ.୧୨)

ପ୍ରତ୍ୟେକ କବିର ଏକ ସ୍ୱତନ୍ତ୍ର ଜୀବନ ଦର୍ଶନ ଥାଏ । ଏବଂ ନିଜ କବିତା

ମାଧ୍ୟମରେ ନିଜ ସେଇ ଜୀବନମନ୍ତ୍ରକୁ ସେ କେତେବେଳେ ପ୍ରତିଫଳିତ କରାଏ, ତ କେତେବେଳେ ତା'ର ଜୟଗାନ କରେ । ଏଇ ଦର୍ଶନ ଇ ଜଣେ କବିଙ୍କୁ ଅନ୍ୟଜଣେ କବିଠୁ ଭିନ୍ନ କରୁଥାଏ ।  କବି ଶ୍ରୀ ପ୍ରଧାନଙ୍କ ପାଇଁ କବିତାର ଯାତ୍ରା ଜୀବନର ଯାତ୍ରା, ଏକ ତୀର୍ଥଯାତ୍ରା ଇ । ସେ ମନ୍ଦିରର ପଥର ଅପେକ୍ଷା ବ୍ୟବହାରକ୍ଷମ ତୁଠପଥର ହେବାର ଆକାଂକ୍ଷା ରଖେ । କବି ବୋଧହୁଏ ସେଇଥିପାଇଁ କୁହନ୍ତି, "ମରିବାକୁ ଚାହେଁନା, ଚାହେଁ ଜିଇବାକୁ / ଜଳିଜଳି / ସରିସରି / ଝର୍ଣ୍ଣା ପରି ଝରି ଝରି ।" **('ଅପୂର୍ବା', ପୃ-୧୨)**

କେବେକେବେ ଅତିବାସ୍ତବବାଦୀ ଶବ୍ଦଚିତ୍ର ଜରିଆରେ କବିଶ୍ରୀ ପ୍ରଧାନ ନିଜ କବିତାର ଦାର୍ଶନିକତାକୁ ବ୍ୟଞ୍ଜିତ କରାନ୍ତି, ଯେବେଯେବେ ସେ କୁହନ୍ତି, "ସବୁ ଦୁଃଖ କବି ହୋଇଯାନ୍ତି / ତମ ଆଖିର ଜହ୍ନରାତିରେ / ରକ୍ତ ହୋଇଯାଏ ନଦୀ ! / ରକ୍ତରେ କବିତା ଲେଖିଚି / ତମର, ।" **(ଭୂମିପର୍ବ', ପୃ.୧)** ପୁଣି କୁହନ୍ତି, "ତୁ ତ ଜାଣୁ / ମୁଁ ଚାଟିପାରେ କ୍ଷତକୁ / ଭାଲୁ ଜିଭ ପରି / ଦଂଥଡ଼ ବିଶ୍ୱାସରେ / ପୂଜ ଆଉ ପୋକ / ଲଂଘିପାରେ ନର୍କ / ନିଆଁର ସମୁଦ୍ର । ...ଦେଖ୍ ଥରେ / ହାତରେ କଲମ ମୋ'ର / ଛାତିରେ ଡାକତ୍ / ଅଗଣିତ ମଣିଷଙ୍କ ଶ୍ୱାସ / ଅଗଣିତ ମଣିଷଙ୍କ ପ୍ରେମ / ରକ୍ତରେ ମୋ'/ ଅଗଣିତ ମଣିଷଙ୍କ ଭାଷା ଆଉ ସ୍ୱପ୍ନ ।" **(ଭୂମିପର୍ବ, ପୃ.୨)**

ଇଂରାଜୀ କବି ଶେଲି, "ଏ ଡିଫେନ୍ସ୍ ଅଫ୍ ପୋଏ "ପ୍ରବନ୍ଧରେ ଯେମିତି ଉଚ୍ଚାରଣ କରନ୍ତି, "A poet is a nightingale, who sits in darkness and sings to cheer its own solitude with sweet sounds...', ସେହିପରି ଶ୍ରୀ ପ୍ରଧାନ ମଧ୍ୟ କୁହନ୍ତି, "ନୀରବତା ଇ ମୋ ନିଜସ୍ୱ ସଂପତି" । କୁହନ୍ତି ସେ "ମିଛ ନାଇଁ, / କ୍ଷତମାନେ ଇ ମୋ ନିଜସ୍ୱ ସଂଗୀତ ।" କବି ଶ୍ରୀ ପ୍ରଧାନ ଏଇଠି ନିଜ ନୀରବତା ବା କ୍ଷତମାନଙ୍କ ଭିତରେ ନାଇଟିଙ୍ଗେଲ ଚଢ଼େଇ ପରି ଅଟକି ଯାଇ ନୀରବ ସଂଗୀତ ଗାନରେ ନିଜ କବିପଣକୁ ସୀମିତ ରଖି ନାହାନ୍ତି । ପରନ୍ତୁ ଏକ ଅନିର୍ବଚନୀୟ ପ୍ରଶସ୍ତ ହୃଦୟରେ ସେ ଯନ୍ତ୍ରଣା, ଆଘାତ ଓ ନିଃଶବ୍ଦକୁ ଶକ୍ତ ଚର୍ଚ୍ଚା କରି ଜନମାନସ ପାଇଁ ନିଜ ସ୍ୱର ଉତ୍ତୋଳିତ କରନ୍ତି । 'ଆତ୍ମନେପଦୀ' କବିତାର ଅନ୍ତରେ ସେ ନିଜକୁ ନିଜ ଭିତରୁ ଉଠାଇ ନେଇ ସ୍ଥାପିତ କରାନ୍ତି, ସେଇ ମଣିଷମାନଙ୍କ ମଧ୍ୟରେ, ଯାହାର ଯନ୍ତ୍ରଣା, ଯାହାର ଆଘାତ ଓ ନିଃଶବ୍ଦ ନୀରବତା ତାଙ୍କୁ ଶକ୍ତିଦିଏ । କବିଙ୍କ ବକ୍ତବ୍ୟ ଦେଖିବା, "ମୁଁ ନୁହେଁ ବିଗ୍ରତ / ରାବଣ ପରି / ନାଭିରେ ମୋ ଅଗଣିତ ମଣିଷଙ୍କ ରକ୍ତ / ମହଜୁଦ୍ ଟିଣ ଟିଣ /ମିଛ ନାଇଁ, ପ୍ରତ୍ୟେକ ଆଘାତ ଆଣେ / ନିଭୃତ ନିର୍ବାଣ ।" **(ଭୂମିପର୍ବ, ପୃ.୩)**

କବିତା, ଜୀବନ ସଂଘର୍ଷ ଏବଂ ମଣିଷ- ଏସବୁ ଯେମିତି କବିଙ୍କ କାବ୍ୟ-ଜୀବନ ସହ ଓତପ୍ରୋତଃ । କବି ଭାବରେ ସେ ଜନ୍ମଜନ୍ମର ପ୍ରତ୍ୟେକ ମୁହୂର୍ତ୍ତକୁ ଭୋଗିବାକୁ ଚାହାନ୍ତି । ଏଠି 'ଭୋଗିବାକୁ' ଶବ୍ଦର ବ୍ୟଂଜିତ ଅର୍ଥ ହିଁ କାମ୍ୟ । ସେଇପରି କବିର ଶବ୍ଦ ହିଁ ଅସ୍ତ୍ର । ସେଇ ଅସ୍ତ୍ରମାନଙ୍କ ସ୍ୱରୂପ କବି ଶ୍ରୀ ପ୍ରଧାନଙ୍କ କବିତାରେ ଅନନ୍ୟ । ଉଦାହରଣ ସ୍ୱରୂପ:

(୧) "ଶବ୍ଦଙ୍କ ଠୁ ମୁଁ କିଛି ଚାହେଁନା, ବ୍ୟବହାର ଛଡ଼ା / ଲୁହ ଓ ନିଆଁରେ / ପଜିଆ ହୋଇଥିବା ଶବ୍ଦମାନେ ଇ କବିତା ।" **('ସେଇ ସବୁକଥା', ପୃ.୧୨୨)**

(୨) "ସମୁଦ୍ର ଢେଉଙ୍କ ଭିତରେ / ଲୁଚି ରହିଥିବା ଗୁଂଜନ ଏହାର ଲୟ / ନୀରବତା ଓ କୋଳାହଳ / ଲୋଡ଼ା ଉଭୟ, / ଧ୍ୱନି ଓ ଅର୍ଥ ଦୁଇଟି ଡେଣା / କାହାକୁ କିଛି କହିବାକୁ ପଡ଼େନା / ଯେମିତି କବିତା ସରିଗଲା ବି କୁହାଯାଏ, ସରେନା ।" **(ସେଇ ସବୁ..., ପୃ.୧୨୨)**

ପରମ୍ପରା ମାନ୍ୟତା କବି ଶ୍ରୀ ପ୍ରଧାନଙ୍କ ଅନ୍ୟ ଏକ କାବ୍ୟିକ ବୈଶିଷ୍ଟ୍ୟ । ପ୍ରାଚୀନ କାବ୍ୟ ପରମ୍ପରା ଉଜ୍ଜୀବିତ ହୋଇଯାଏ ତାଙ୍କ କବିତା । ଆମ ସାହିତ୍ୟର ଆମ ସଂସ୍କୃତିର ଅନେକ କିମ୍ବଦନ୍ତୀ, ଅନେକ ଚରିତ୍ର, ସଂପ୍ରତି ଚାଲିଆସନ୍ତି ଆମ ଚାରିପାଖର ସମୟକୁ । ସେମାନଙ୍କ ଅନୁଭବ ଓ ଅନୁଭୂତିକୁ ବ୍ୟଂଜିତ କରାନ୍ତି । କବି ଏ ସ୍ଥାନରେ ପାଠକ ଏବଂ ଚରିତ୍ରମାନଙ୍କ ମଧ୍ୟରେ ଜଣେ ସଂଯୋଜକ ପରି ଥାଆନ୍ତି । ସଂଚାଳିତ ହୋଇ ଚାଲିଥାଏ ସମଗ୍ର ଘଟଣା । ଏକ ଚମତ୍କାର ଆରମ୍ଭକୁ ସାମ୍ନା କରି, ଏକ କଳାତ୍ମକ ଅନ୍ତକୁ ସାମ୍ନା କରୁଥାଏ । ପ୍ରଶ୍ନୋତ୍ତର, କଥିତ ଭାଷାରେ ବା ବୋଲିରେ କଥୋପକଥନ ଏବଂ ବିଭିନ୍ନ ବରେଣ୍ୟ କବିମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ସ୍ମରଣ- କବିଙ୍କ କବିତାର ଏକ ଆକର୍ଷଣୀୟ ଦିଗ । କବି ନିଜ ପୂର୍ବସୂରୀ କବିମାନଙ୍କୁ, ସେମାନଙ୍କ କାବ୍ୟଗୁଣକୁ ଚମତ୍କାର ବାଗରେ ନିଜ କବିତାରେ ରୂପାୟନ କରିଥା'ନ୍ତି ଯାହା ଗାଥା କବିତା (Ballad)ର ରୂପ ପାଇଥାଏ । ସେ କାହାଣୀ ଭିତରେ ବରେଣ୍ୟ କବି ରମାକାନ୍ତ ରଥ, ହରିହର ମିଶ୍ର, ବଂଶୀଧର ଷଡ଼ଙ୍ଗୀ, ସୌଭାଗ୍ୟ କୁମାର ମିଶ୍ର, ଦିଲ୍ଲୀପ ଦାସ, ହରପ୍ରସାଦ ଦାସଙ୍କ ପରିଚୟ ରହିଥାଏ । ଯେମିତି- (୧) "ହେଇ, ଆସିଗଲେ ମିଶ୍ରେ /ଗୋପନ କଥା/ ଆଉ ଟିକିଏ ପରେ ଆସିବେ 'ନୀଳ ମାଧବ', ତା'ପରେ ପରେ 'ନଳ ଦମୟନ୍ତି'/ ଚା ପାନ ହଉ ଚାହେ ନହଉ / ଦେଖା ହବା କିନ୍ତୁ ସାରା ଏଇଠି ।" **(ବଇଦା ନା ଓ ଅନ୍ୟମାନେ, ପୃ.୧୪)**

(୨) "ଯାହାର ଆଶୀର୍ବାଦରେ ଉର୍ଜସ୍ୱଳ / ସିଏ ଦାର୍ଜିଲିଂ / ଯାହାର ସ୍ନେହରେ ଉଜ୍ଜ୍ୱଳ / ସିଏ ଛାୟା ପଥରେ, / ଯାହାର କରୁଣାରେ ମୁଁ ଆର୍ଦ୍ର / ସିଏ କଳିଜାରେ / ଯାହାର ପ୍ରେମରେ ସମୁଦ୍ର / ସିଏ କୋଉଠି ଜାଣେନା / କିନ୍ତୁ ଚିଠି ପାଏ ଥରେ ଥରେ / ଠିକ୍ ରାତି ବାରଟା ପରେ ।/ ଅର୍ଥାତ୍, ଯାହାକୁ ଯା' କହିଥାନ୍ତି / ଯଥା: ରସିକଲାଲ୍‌ଙ୍କୁ - କ୍ୱାଲାଲୁଂପୁରରେ ଭୂମିକମ୍ପ / ଯଥା: ଦାସେ ଆପଣଙ୍କୁ ଘୁମୁସରରେ ପ୍ଲେଗ୍, ଏଡ୍‌ସ୍ / ବା ଛାୟା ପୁରୁଷଙ୍କୁ- ନିମାପଡ଼ାରେ ଦିନୋସ୍ୱର / ଇତ୍ୟାଦି ଇତ୍ୟାଦି ହେଲାନି କିଛି ।" **('ସେଇସବୁ କଥା, ପୃ.୪୬)**

ଅନ୍ତର୍ଦ୍ୱନ୍ଦ, ଗୀତିମୟତା, ବୋଲି ତଥାକଥିତ ଭାଷା ଏବଂ ଶବ୍ଦ ବ୍ୟବହାରରେ କବିତା ସର୍ଜନ, ସାଧାରଣ ମଣିଷର ବ୍ୟଥାକୁ ଅସାଧାରଣ ସ୍ତରରେ ନେଇ ପହଂଚାଣ, ସ୍ୱୀୟ କାବ୍ୟ-ଦର୍ଶନ ଆଦି ଅନେକ କାବ୍ୟ-ଗୁଣରେ ମଣ୍ଡିତ କବି ଅଜୟ ପ୍ରଧାନ ଅନନ୍ୟ ।

## ସୁଧା ଦାଶ: (୧୯୬୫)

ଓଡ଼ିଆ କବିତା ଯେବେ ଏକ ନୂଆ ଦିଗ ପାଇ ଏକ ନବ୍ୟ ଧାରା ଉନ୍ମେଷରେ



◀ ସୁଧା ଦାଶ

ସକ୍ରିୟ ଥିଲା, ସେ ସମୟରେ କବି **ସୁଧା ଦାଶ**ଙ୍କ ଏ କାବ୍ୟଧାରାରେ ଯୋଗଦାନ । ସଂକ୍ଷିପ୍ତ ଅଥଚ ଶାଣିତ, ଅଳ୍ପ ଅଥଚ ତାତ୍ତ୍ୱିକ କବିତା ରଚନାରେ ଧୂରୀଣ କବି ସୁଧା ଦାଶଙ୍କ 'ବାପା' ଏବଂ 'ସେଠି ନିଶ୍ଚିତ ମାଟି ଥିଲା' ଦୁଇଟି କବିତା ସଂକଳନ ପ୍ରକାଶିତ । ସାମାଜିକ ପରିସ୍ଥିତି, ଅସହଜ ଅବସ୍ଥା, ଅବ୍ୟବସ୍ଥିତ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କବି । ଧୀର ପାଣି ପଥର କାଟିବା ପରି ତାଙ୍କ କବିତାର ଧ୍ୱନିର ଆଘାତରେ ଖଣ୍ଡିତ ହେଇ ଉଠୁଥାଏ ଯାବତୀୟ ଅବ୍ୟବସ୍ଥା, ମଣିଷର ଅହଂକାର ଓ ଅତ୍ୟାଚାର । କବି ଜାଣନ୍ତି ମଣିଷ ପରି ପ୍ରକୃତି ବି ବେଳେବେଳେ ଦାଉ ସାଧେ । କବିର ବିଶ୍ୱାସ ବାହାରକୁ ବି ଚାଲିଯାଏ । କବିଙ୍କ ଆହ୍ୱାନ- "ଆକାଶ ତ ବେଳେବେଳେ ଭୁଷୁଡ଼ି ପଡ଼େ / ଭାତ ଥାଳିରେ /ପ୍ରତାରଣା ନୂଆ ପୋଲ ପରି / ଚଳନ୍ତି ସମୟ ସହ ସମସ୍ତେ ଭାସୁଛେ / କିଏ କାହାକୁ ଥଳ ଦେବ / ଏ ପାଣି ସୁଅରେ ।" **('ସେଠି ନିଶ୍ଚିତ ମାଟି ଥିଲା', ପ.୧୧୩)**

ଚଳନ୍ତି ସମୟର ବନ୍ୟାରେ ପ୍ରତ୍ୟେକ ମଣିଷ ଅସ୍ତବ୍ୟସ୍ତ କବିଙ୍କୁ ଜଣା ଏ ପରିସ୍ଥିତିରେ ମଣିଷ ମଣିଷ ଭିତରର ଭାବ ହିଁ ସଂପଦ ଯାହା ଜଗତୀକରଣର ହାତ୍ୱାରେ ଭୂଲୁଣ୍ଠିତ । ଅତ୍ୟାଧୁନିକ ଜୀବନ ଓ ତା'ର ବଂଚିବାର ବାଗ ଯୁଗଯୁଗର ସଂପ୍ରୀତିକୁ କେଉଁଠି ହଜେଇ ଦେଇ ଆସିଛି ବନ୍ୟା ଜଳରେ । ତା'ର ଅନ୍ୱେଷଣରେ କବି । ତା'ରି ଅଭାବକୁ ଘାରି ହୋଇ କବିଙ୍କ ଆହ୍ୱାନ, ଏ ସମୟ ପାଇଁ କେତେ ଜରୁରୀ ସତେ । କବି ଅନେକ ଆଶାର ସହ ଆହ୍ୱାନ ଦିଅନ୍ତି: "ଆସ,/ ବଢ଼େଇ ଦିଅ ହାତ, ହୃଦୟ / ଏକାଠି ଯୋଡ଼ିବା / ଭାସି ଯାଉ ଯାଉ / କିଛି ନା କିଛି ଗଢ଼ିବା ।"**(ସେଠି...ପୃ.୧୧୪)** ପୁନଶ୍ଚ ଉଚ୍ଚାରଣ କରନ୍ତି: "ଆସ, / ପରମ୍ପରାକୁ ପଢ଼ିବାରେ / ହାଡ଼କୁ ହାଡ଼ ଯୋଡ଼ିବାରେ ସାରିଦେବା / ସମଗ୍ର ଆୟୁଷ ।" **(ସେଠି...ପୃ.୧୧୫)**

କବିଶ୍ରୀ ଦାଶ ଯେକୌଣସି ଭାବଧାରାକୁ ନିଜର ଗଭୀର ଚିନ୍ତନ ଦ୍ୱାରା ତାଙ୍କ କବିତାରେ ପରିପୁଷ୍ଟ କରିପାରନ୍ତି । ଜୀବନବୋଧର ଅନ୍ତର୍ଦୃଷ୍ଟି ତଥା ଏହାର ପ୍ରତିଫଳନରେ କବିଙ୍କ ଶବ୍ଦ କାରିଗରୀ ତାଙ୍କ କବିତାକୁ ଏକ ଅନନ୍ୟ ସ୍ତରକୁ ନେଇ ଯାଉଥାଏ । ଶବ୍ଦ ଓ ଭାବ ଗୁଂଫନର ସୁସଂଗଠିତ ସଂହତି ଏବଂ ଗାମ୍ଭୀର୍ଯ୍ୟ ତାଙ୍କ କଳାତ୍ମକ ପରିପ୍ରକାଶର ଅନନ୍ୟ ବୈଶିଷ୍ଟ୍ୟ । କବି ଶ୍ରୀ ଦାଶ, ନିଜ କବିତାରେ ଶବ୍ଦର ଆଭିଧାନିକ ଅର୍ଥର ଉର୍ଦ୍ଧ୍ୱକୁ ଯାଇ ଯେପରି ସେହି ଶବ୍ଦ ସମୂହଙ୍କୁ ନେଇ ଭାବଗୁଂଫନ କରନ୍ତି, ତାହା ପାଠକଙ୍କୁ ତାଙ୍କ ରଚନାଶୈଳୀର ମାଧୁର୍ଯ୍ୟ ସହ ପରିଚିତ କରାଏ । ନିଜ କବିତାରେ ସେ ଯେଉଁ ଅବଧାରଣାକୁ ନେଇ ଶବ୍ଦ-ଖେଳ ରଚୁଥା'ନ୍ତି, ତା'ର ଭାବ ଯେପରି ଗମ୍ଭୀର, ତା'ର ବିନ୍ୟାସ ସେଇପରି ସୂକ୍ଷ୍ମ ଏବଂ ତା'ର ଗତି ଶାଣିତ । ତତ୍ ସଂଗେ ସଂଗେ ତଡ଼ିତ୍ ସଂପ୍ରେକ୍ଷଣକ୍ଷମ ।

ଅସଂଗତିର ରାଜ୍ୟ ଭିତରୁ ଶାନ୍ତିରେ ଟିକେ ନିଃଶ୍ୱାସ ପାଇଁ କବି ଶ୍ରୀ ଦାଶ ସତତ ଚେଷ୍ଟିତ । ଭୂଲୁଣ୍ଠିତ ମୂଲ୍ୟବୋଧକୁ ପୁଣିଥରେ ସୁସଂହତ ଭାବରେ ଗଢ଼ି ତୋଳିବାକୁ କବିଙ୍କ ଆମନ୍ତ୍ରଣର କଳା ନିଆରା । ଆବେଗର ତାରକୁ ଏକ ସୁନ୍ଦର ଭାବରେ ଝଂକୃତ କରାଇ ଦିଅନ୍ତି କବି, ଯାହାର ନିକ୍ୱଣ, ପାଠକର ହୃଦୟରେ ଅନେକକାଳ ଯାଏଁ ନିନାଦିତ ହେଉଥାଏ । ଆଖି ସାମ୍ନାରେ ଅନେକ ଜରୁରୀ କାମ, ଯଥା ସୁନେଲି ସକାଳକୁ ଆବାହନ, ଉଆସର ଫଟାକାନ୍ଥ ବଦଳରେ ନୂଆ କାନ୍ଥ, ହଜି ଯାଉଥିବା ବୃକ୍ଷମାନଙ୍କ ନୂଆ ଅଙ୍କ, ବାପ ଗୋସାପ ଅମଳର ଭୂଇଁକୁ ଉଠିଆ କରିବା, ତଥା ଡହଳ ଭୋକରେ ଧାଉଁଥିବା ଘରଛଡ଼ା ଅତର୍କ ପାଦକୁ ରୋକିନେବା- ଏସବୁ ଜରୁରୀ । ମୂଳ ତଥା ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏ ସବୁ ଜରୁରୀ କାମ ପାଇଁ କବିଙ୍କ ତତ୍ପରତା । କଳ୍ପନା ପ୍ରବଣତା କି ସ୍ୱପ୍ନ ବିଳାସ ନୁହଁ, ବାସ୍ତବତାର ରୂପରେଖକୁ ସାମ୍ନା କରି କବି ତା'ର ବିଚକ୍ଷଣ ସମାଧାନ ଦିଅନ୍ତି- "ଏତେ ସବୁ / ଜରୁରୀ କାମ ଥାଉଥାଉ / ଆମେ କେମିତି ଯାଇଥାନ୍ତେ / ସମୁଦ୍ର କୂଳକୁ / ଦେଖିବାକୁ ଅନ୍ଧ ସୂର୍ଯ୍ୟର ଉଦୟ ଉତ୍ସବ ?" **(ସେଠି...ପୃ.୧୧୭)** ଆଉ କୁହନ୍ତି: "ଆମ ଅନ୍ଧାର ଆମଠି ଥାଉ / ଆମ ଭୋକ ଆମଠି ଥାଉ // ଦେଖ / ଉଜୁଡ଼ି ଯାଉଚି ଉଆସ / ଆଗ କାନ୍ଥ ଉଠିଯାଉ // ଆଗରେ ଅନେକ ଯୁଦ୍ଧ / ଏବେ ପ୍ରାର୍ଥନାର ନିରବତାରୁ / ଫେରି ଆସିବା ଜରୁରୀ ।" **(ସେଠି...ପୃ.୧୧୮)**

ସ୍ଥିତିର ଭୟାବହତାକୁ ଆକଳନ କରି କବି ଶ୍ରୀ ଦାଶଙ୍କ କାବ୍ୟସ୍ୱର ଆସନ୍ନ ଯୁଦ୍ଧକୁ ସାମ୍ନା କରିବାକୁ ଏକ ନୂତନ ସାହସ ପ୍ରତିଷ୍ଠା କରାଏ । ପଳାୟନପନ୍ଥୀ, ଅତୀତ ରୋମନ୍ଥନ, କଳ୍ପନାର ଜୀବନ, ସ୍ୱପ୍ନର ମହଲ ଭିତରେ ବାସ୍ତବ ସମୟ ଠାରୁ ଦୂରେଇ ନଯାଇ, ଏକ ସାହସିକତାର ବଳୟ ସୃଷ୍ଟି କରେ ଶ୍ରୀ ଦାଶଙ୍କ କାବ୍ୟ ବିଭବ । ମଣିଷକୁ 'ପ୍ରାର୍ଥନାର ନିରବତାରୁ' ବାହାରି ଆସି ବାସ୍ତବ ପରିସ୍ଥିତିକୁ ସାମ୍ନା କରିବାର ପନ୍ଥା ଦେଖାଏ ।

ସାମାଜିକ ପରିସ୍ଥିତିର ଭୟାବହତାକୁ ନେଇ କବି ଶ୍ରୀ ଦାଶ ଯେପରି ସତର୍କ, ପାର୍ଥିବ ସଂସାରର ସଂପର୍କକୁ ନେଇ ସେମିତି ବେଶ୍ ଆବେଗପ୍ରବଣ । କବିଙ୍କ 'ବାପା' କବିତା ସଂକଳନରେ ଏଇମିତି ଆବେଗାଶ୍ରୟୀ ପଇଁତିରିଶ ଗୋଟି କବିତା ରହିଛି । 'ବାପା' ଶବ୍ଦର ଗଭୀରତା ଓ ଗାମ୍ଭୀରତାକୁ ନିଜ ଭାବବଳୟରେ ବୁଝୁବୁଝୁ ସନ୍ତାନସନ୍ତତିଙ୍କ ଠାରୁ ଅନେକ ଦୂରକୁ ଚାଲିଯାଇଥା'ନ୍ତି ବାପା । କବି ନିଜ ଶୋକାକୁଳ, ଆତୁର ଆବେଗର ଶବ୍ଦରୂପ ଦ୍ୱାରା ସମଗ୍ର ବାପାମାନଙ୍କ ଗାରିମା ସହ ଯେପରି ପରିଚିତ କରାଇଛନ୍ତି ତାହା ମର୍ମସ୍ପର୍ଶୀ । କଳାତ୍ମକତା, ଶବ୍ଦ-ଚିତ୍ର ସହ ଗଭୀର ଆବେଗ ତାଙ୍କ ବ୍ୟକ୍ତିଗତ କାହାଣୀକୁ ସାର୍ବଜନୀନ ଅନୁଭବ ପ୍ରଦାନ କରିଛି । ଗୀତିମୟତା ଏବଂ ଅନ୍ତର୍ଛନ୍ଦରେ ଗୁଂଫିତ ଶ୍ରୀ ଦାଶଙ୍କ କିଛି ପଂକ୍ତି: (୧) "ତୁମରି ଶବ୍ଦରେ / ମୋତେ ଡାକୁଛି କିଏ ସେ ଗହୀର / , ମଝିରେ / ପବନ ଭସେଇ ଆଣେ / ସଜ ସ୍ମୃତି, ସୂର୍ଯ୍ୟ ବୁଡ଼ିବ / ବୁଡ଼ିବ ହେଲେ ।" **(ବାପା-୬)**

(୨) "ଏଠି ବାଟେ ବାଟେ / ପାପର ତମ୍ବୁ ମନ୍ଦିରର ଛାଇ / ସେ ବାଟରେ / ତୁମେ ନାହଁ, ନରକର ଇଷିତରେ / ଜଳିଯିବା ପାଇଁ / କେତେକାଳ / ବସିଥିବ ତୋଟାତଳ ଅନ୍ଧାରରେ / ସତ୍ୟ ଆତ୍ମ ପାଇଁ ?" **(ବାପା-୭)**

(୩) "ଅଣୁରେ / ଅଣୁରେ ସେଠି ତୁମ ସ୍ୱର ତୁମରି / ସ୍ୱାକ୍ଷର, ଯେଉଁଠିକି / ଖୋଜୁଛନ୍ତି ରାସ୍ତା ସବୁ / ହୃଦୟହୀନ ଈଶ୍ୱର ।"**(ବାପା-୭)**

(୪) "ଆଜି ବି ତ / ବହୁବର୍ଷ ପରେ ମୁଁ ଜଳୁଛି / ଏକା ଅନ୍ଧାରରେ / ରକ୍ତସାରା ଜଳୁଥିବା ମାଟି ଦୀପ / ଲିଭିଯିବା ପରେ // ଗଲ ଯଦି / ଦେଇ ଗଲନି ଦୀର୍ଘଶ୍ୱାସ / ନିଃଶ୍ୱାସରେ / ଯୋଡ଼ି ତାକୁ ରଚିଥାନ୍ତି ଏମିତି ଆକାଶ ।" **(ବାପା-୩୪)**

କବି ସ୍ୱୀକାର କରନ୍ତି, "ବାପା ଓ ଅନ୍ଧାର- ଏ ଦୁଇ ଶବ୍ଦ ମତେ ଅନେକ ସମୟରେ ଉଦ୍‌ବେଳିତ କରିଛି । ଯେଉଁଥିପାଇଁ ପିତୃତ୍ୱର ଅହଂକାରକୁ ଫଟେଇ ତା' ଭିତରେ ଥିବା ସରଳ ବାପାପଣକୁ ଦେଖିବାକୁ ଲୋଭ ହେଉଛି । ନିଜ ମୁରବୀ ପଣିଆରେ କୌଳିକ ଓ ସାମାଜିକ ଦାୟିତ୍ୱ ସମ୍ପାଦନ କରୁଥିବା ମୁରବୀର କାଳାବଦ୍ଧ ଶୃଙ୍ଖଳା ଅପେକ୍ଷା କାଳରୁ କାଳାତୀତକୁ ସଂକ୍ରମିତ ହେଉଥିବା ରକ୍ତର ରୂପାନ୍ତର ଦେଖି ମୁଗ୍ଧ ହୋଇଛି । + + ଯେଉଁମାନେ ବାପାଙ୍କୁ କାଠଗଡ଼ ପରି ଘରକଣରେ ପଡ଼ିଥିବା ଜଣେ ଅସହାୟ ବୁଢ଼ା ବୋଲି ଭାବନ୍ତି, ସେମାନଙ୍କ ପାଇଁ କବିତା ଅର୍ଥହୀନ । ସେ କାଠଗଡ଼ ଭିତରେ ମୁଁ ଦାରୁର ସନ୍ଧାନ କରିଛି ।" **('ପଦେକଥା', 'ବାପା' ସଂକଳନ)**

କେବଳ 'ବାପା' ବିଷୟବସ୍ତୁ ନୁହେଁ, କବି ଯେଉଁ ଯେଉଁ ବିଷୟକୁ ଆଧାର କରି ନିଜ ଅଭିବ୍ୟକ୍ତି ବ୍ୟକ୍ତ କରିଛନ୍ତି ତାହାର ଭାବ ଉପସ୍ଥାପନା ତୀର୍ଯ୍ୟକ, ସୂକ୍ଷ୍ମ ଓ ଶାଣିତ । କବି ଶ୍ରୀ ଦାଶଙ୍କ କବିତା କେବେକେବେ ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ କରାଏ । ମାପଚୁପ ଶବ୍ଦ ପ୍ରୟୋଗ ତାଙ୍କ କାବ୍ୟ-ରୀତିରେ ଏକ ବିଭବ । କେବେକେବେ ସଂପୂର୍ଣ୍ଣ କବିତା ଏକ ପ୍ରତୀକ ପରି । ଏକ ନିର୍ଦ୍ଦିଷ୍ଟ ବସ୍ତୁ ଜରିଆରେ, ନିଜ ଅନ୍ତର୍ମନର ଯାବତୀୟ ଦୃଷ୍ଟିଭଙ୍ଗୀର ପରିପ୍ରକାଶ ଘଟେ ଚମତ୍କାର

କୋଟୀରେ । ଏଇ ଯେମିତି କବିତା 'ଛେରା ପହଁରା', 'ଛେରା ପହରା' ପଦଟିର ଉଚ୍ଚାରଣ ସିଧାସଳଖ ପାଠକକୁ ଶ୍ରୀଜଗନ୍ନାଥଙ୍କ ନୀତି ସହ ଯୋଡ଼ି ଦେଉଥାଏ । ଏଠି କବି ବି ଏକ ଅଲୌକିକ ଝାଡୁଟିଏର ମାଗ୍ କରନ୍ତି ଏବଂ କୁହନ୍ତି; "ମତେ ଆପଣାପଣର / ଝାଡୁଟିଏ ଦିଅ ଓଳେଇ ନେବି ଅନ୍ଧାର / ଆବର୍ଜନା / ସଜେଇ ଦେବି ମାଟିକୁ / ଜହ୍ନ ରାତି ଓ କଇଁ ଫୁଲରେ ।" (ସେଠି...ପୃ.୩୮)

କବିଙ୍କ ଅନ୍ତର୍ଦାହରେ ବିଶ୍ୱାସହୀନତା, ଆପଣାପଣର ଅଭାବ । ଏଇଠି ଅଟକି ନରହି କବି ସେସବୁକୁ ନିଜ ଉଦ୍ୟମରେ ଦୂର କରିଦେବାକୁ ଚାହାନ୍ତି । ବିଶ୍ୱାସ ଓ ଦ୍ୱନ୍ଦ୍ୱ- ଏ ଦୁଇଟିର ଯୁଦ୍ଧରେ କବି ନିଜେଇ ଉଭୟପଟୁ ଯୁଦ୍ଧ ଲଢ଼ନ୍ତି, କ୍ଷତାକ୍ତ ହୁଅନ୍ତି । କେବଳ ଗୋଟିଏ ଆଶାରେ ଜହ୍ନରାତି, ମାଟି ମା' ଓ ସ୍ୱପ୍ନ ବିଭୋର ସମୟ ।

କେତେ ପ୍ରତୀକାତ୍ମକ କବିଙ୍କ କଥନ । କବିଙ୍କ ଉକ୍ତିରେ ଏସବୁକୁ ଅନୁଭବ କରା ଯାଇପାରେ- (୧) "ଢେର୍ ବେଳୁ / ମୁଁ ଅପେକ୍ଷାରେ ଅଛି / ଗୋବର ଗାଡ଼ିଆ ପାଖ ଅନ୍ଧାରରେ / ଫୁଟିବ ଫୁଟିବ ହୋଇ / ଫୁଟି ନଥିବା ସମ୍ଭାବନାର ଅପେକ୍ଷାରେ ।" (ସେଠି...ପୃ.୩୮)

(୨) "ତାଳ ଦେଇ / ଝୁଲୁଥାଏ ଅଣଚାଷ ପବନ / ଊର୍ଦ୍ଧ୍ୱକୁ ଉଡ଼ିବାର ଦୀକ୍ଷାରେ ଝୁଲୁଥାଏ / ବେଫିକର ଜୀବନ ।" (ସେଠି...ପୃ.୨୭)

(୩) "କେହି ମାନ କି ନମାନ / ମୁଁ କେଉଁଠି କେଉଁ ଠିକଣାରେ / ଅଟକିବା ଜନ୍ତୁ ନୁହେଁ / ଇଚ୍ଛା ଖାଲି ମଣିଷର ମୁଖା ତଳୁ / ଉହ୍ଲେଇ ଯିବାକୁ ।" (ସେଠି...ପୃ.୧୯)

କବି ସୁଧା ଦାଶଙ୍କ କବିତାରେ ଦେହ ଅଛି । ଅଛି ବିଦେହ, ନୀରବତା ଅଛି ଅଛି ବି କୋଳାହଳ, ଜୀବନର ନିଚ୍ଛକ ସତ୍ୟ ଅଛି, ଅଛି ବି ଦୁଃଖକୁ ଭ୍ରମ କରି ତା'ଠୁ ମୁକ୍ତି ନେଇଯିବାର ଉପକ୍ରମ । ଏସବୁର ସୁନ୍ଦର ସିଂଫୋନୀରେ କବି ସୁଧା ଦାଶଙ୍କ ଶବ୍ଦ ତଲ୍ଲୀନତା ଅନନ୍ୟ । ସେ କମ୍ ଶବ୍ଦ ପ୍ରୟୋଗରେ, ଅନନ୍ୟ ଶବ୍ଦ-ଚିତ୍ର ମାଧ୍ୟମରେ ଭାବକୁ ନିଜ ଇଚ୍ଛାନୁଯାୟୀ ପରିପ୍ରକାଶ କରିପାରିବାର କୌଶଳରେ ଜଣେ କୁଶଳୀ କାରିଗର । ଜଣେ ନିଛକ କବି, ଯିଏ ଉଦ୍‌ଘୋଷଣା କରେ- "କବିତା ପାଇଁ ଦରକାର କିଛି ଖୋରାକ / ଆଉ ଗୋଟେ ଠୋକର ଖିଆ କଳିଜା ।"(ସେଠି...ପୃ.୨୦)


▼କବି ସଂଜିତ ବଳ

## ସଂଜିତ ବଳ(୧୯୬୭):

ସରଳ ନିରାଡ଼ମ୍ବର ଶବ୍ଦରେ ଜୀବନର ଛୋଟ ଛୋଟ ଦୁଃଖସୁଖକୁ ଖୁବ୍ ଭାବ ଉଦ୍ଦୀପକ ଢଙ୍ଗରେ ପରିବେଷଣ କରିପାରିବାର ସାଧାସିଧା ପଣ ହିଁ କବି **ସଂଜିତ କୁମାର ବଳ**ଙ୍କୁ ତାଙ୍କ ସମସାମୟିକ କବିମାନଙ୍କ ଭିତରେ ଏକ ସ୍ୱତନ୍ତ୍ର ପରିଚୟ ଦିଏ । ଅତି ସାମାନ୍ୟ ତଥା ସ୍ୱାଭାବିକ ମନେ ହେଉଥିବା ଘଟଣା ସବୁକୁ ନିଜସ୍ୱ ଏକ ଅସାମାନ୍ୟ ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ତାଙ୍କି ସାଧାରଣକୁ ଅସାଧାରଣସ୍ତରକୁ ଉନ୍ନୀତ କରିବା ଏବଂ ବ୍ୟକ୍ତିଗତ ଭାବାବେଗକୁ ସାର୍ବଜନୀନ କରାଇବାର କାବ୍ୟ-କୌଶଳ ତାଙ୍କ କବିତାକୁ ଏକ ସାବଲୀଳ ପ୍ରବହମାନତା ପ୍ରଦାନ କରେ । କବି ଶ୍ରୀ ବଳଙ୍କ କବିତାରେ ପ୍ରଚ୍ଛନ୍ନ ଭାବରେ ଥିବା ଚିନ୍ତାଧାରା ଏବଂ ସ୍ୱର ଉଭୟ କବିଙ୍କର ନିଜସ୍ୱ ଏବଂ ସ୍ୱତନ୍ତ୍ର । ସେଇ ସ୍ୱାତନ୍ତ୍ର୍ୟକୁ ପ୍ରତିପାଦନ କରିବା ପାଇଁ କବି ସାଧନା କଲା ପରି ନୂଆ ନୂଆ କଳାକୌଶଳ ଆୟତ୍ତ କରି ପ୍ରୟୋଗ କରିବାରେ ଚେଷ୍ଟିତ ଥା'ନ୍ତି ବୋଲି ସେ ନିଜେ ସ୍ୱୀକାର କରନ୍ତି । କାବ୍ୟ ଆବେଦନର ଏହି ସ୍ୱାତନ୍ତ୍ର୍ୟ ହିଁ ପାଠକକୁ ଅଭିଭୂତ କରିରଖେ । କିଛି ସମୟ ନୀରବ କରି ଭାବିବା ପାଇଁ ବାଧ୍ୟ କରେ । ଯେମିତି ଏହି କାବ୍ୟାଂଶଟି: "ଖଣ୍ଡେ ପଥରର ଅଧାକରେ / ତିଆରି ହୋଇଥାଏ ଦେବତାଙ୍କ ଚିତ୍ର / ଆଉ ଅଧାକରେ ପଥୁରି କି ଶିଳ /ଗୋଟିଏ ଅଂଶରେ ପୂଜା ପାଉଥାଏ ପଥର / ଆର ଅଧାକ ମାଟିରେ / ପୋତିହୋଇ ଅପେକ୍ଷାରେ ଥାଏ / ପାଦସ୍ପର୍ଶ ପାଇଁ ମଣିଷର ।" ('ସଜନୀଲୋ', ପୃ.୮) । ପଥର-ନିହାତି ଏକ ସାଧାରଣ, ସାମାନ୍ୟ ବସ୍ତୁ । କିନ୍ତୁ ଯେଉଁ ଦୃଷ୍ଟିଭଙ୍ଗୀ ନେଇ କବି ତାକୁ ଦେଖିଛନ୍ତି ତଥା ପାଠକକୁ ଦେଖିବା ପାଇଁ ମାର୍ଗ ସଜାଡ଼ିଛନ୍ତି, ତାହା କେବେହେଲେ ସାମାନ୍ୟ ନୁହଁ । କେବଳ ଦେବତାଙ୍କ ଚିତ୍ର ବା ପଥୁରି କି ଶିଳ ତିଆରି ହେବା କଥା କହିଲେ, ହୁଏତ ବିସ୍ମିତ ହେବାର କିଛି ନଥିଲା । ମାତ୍ର ମଣିଷର ପାଦ ସ୍ପର୍ଶ ପାଇଁ ଅପେକ୍ଷାରେ ଥିବା ପ୍ରସଙ୍ଗଟିକୁ ଇଙ୍ଗିତ କରି କବି ପାଠକକୁ ଏକ ଊର୍ଦ୍ଧ୍ୱତର,ଅସାମାନ୍ୟ ପୌରାଣିକ ଉପାଖ୍ୟାନ ଖୋଜିବାକୁ ବାଧ୍ୟ କରିଛନ୍ତି ଯେଉଁଠି ପଥର ମଣିଷ ସ୍ପନ୍ଦନ ବୋହୁଛି । ଭକ୍ତ-ଭଗବାନ ସଂପର୍କରେ ଏକ ସାକ୍ଷୀ ହୋଇ ବିଦ୍ୟମାନ ହୋଇଛି । ଏହାହିଁ କବି ଶ୍ରୀ ବଳଙ୍କ କାବ୍ୟ-ଚାତୁରୀର ବିସ୍ମୟ ଦିଗ ।

ନିଜ କାବ୍ୟ-ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ଅନେକ ପ୍ରତିଷ୍ଠିତ କବିଙ୍କ କବିତାର ଛାପ ତାଙ୍କ କବିତାରେ ରହି ଯାଉଥିଲା ବୋଲି କବି ସ୍ୱୀକାର କଲେ ମଧ୍ୟ ଏକଥା ସ୍ପଷ୍ଟ ବାରିହୁଏ ଯେ ସେ ଖୁବ୍ ଶୀଘ୍ର ନିଜ ପାଇଁ ବାଛି ନେଇଥିବା ସ୍ୱତନ୍ତ୍ର କାବ୍ୟଶୈଳୀ ପ୍ରଥମ କବିତା ସଂକଳନ 'କବିତାରେ କଥାବାର୍ତ୍ତା'ରୁ ଆରମ୍ଭ କରି ସଦ୍ୟତମ ସଂକଳନ 'ଆହା' ପର୍ଯ୍ୟନ୍ତ କାଏମ୍ ରହିଛି । ଏ ଉଭୟ ସଂକଳନର ଦୁଇଟି ଭିନ୍ନ ଭିନ୍ନ କବିତାର ପଂକ୍ତିକୁ ଅନୁଧ୍ୟାନ କରାଯାଉ । (୧) "ତଳିପାରୁ ଧୂଳି ଝାଡୁ ଝାଡୁ / ଟିକେ ନଇଁ ପଡ଼ିବୁ ଯେ / ମୁଁ ପଡ଼ି ପକେଇବି / ହସ କାନ୍ଦର ଚିଠା ତରବରରେ / ଯାହା ତୋ ପକେଟ୍‌ରୁ ଗଳିପଡ଼ି / ନିଜକୁ ଅଚିହ୍ନା ବାରୁଥିବା / ସମୟର ହାତମୁଠାରେ ।" (କବିତାରେ କଥାବାର୍ତ୍ତା, ପୃ.୬୭-୬୮)

(୨) "ତୋ ହସର ପ୍ରତିଟି ଫର୍ଦ୍ଦରେ / କ'ଣ ସବୁ ଲେଖା ଅଛି ଜାଣିବାକୁ / ତୋ ଦୁଃଖ ସହ ମୁଁ ମିତ ବସେ ନିରୋଳାରେ / କେବେ କେବେ ମୁଁ ଦେଖେ / ତୋ ସ୍ୱର କେମିତି ବୁଝାଉଛି ହାର୍ମୋନିକୁ / ଯିଏ ତୋ ବୋଲ ନ ମାନି ବାଜି ଉଠୁଥାଏ / ଆଶା-ବରୀ ପରିବର୍ତ୍ତେ ରାଗ କୌମୁଦୀରେ ।" ('ଆହା', ପୃ.୫୬) ଏ ପଂକ୍ତିଦ୍ୱୟର ଭାବ ଓ ଶବ୍ଦ-ବିନ୍ୟାସକୁ ଲକ୍ଷ୍ୟ କଲେ ଅକ୍ଷୁର୍ଣ୍ଣ ଥିବା ଭାବ ଓ ଶୈଳୀ ଦୁଇଟି ଭିନ୍ନ କାଳଖଣ୍ଡରେ ଉତୁରି ଆସିଛି ବାଲି ବାରିହୁଏ । ସଠିକ୍

ମନେହୁଏ କବି ଗୋଟିଏ କବିତାକୁ ହିଁ ଲେଖୁଥାଏ ଉକ୍ତିଟି ! କୌଣସି ନିର୍ଦ୍ଦିଷ୍ଟ 'ବାଦ' କବି ସ୍ଲୋଗାନଧର୍ମୀ କବିତାରେ ଆଗ୍ରହ ରଖୁନଥିବା କବି ଶ୍ରୀ ବଳ ତାଙ୍କ କବିତାରେ ଜୀବନର ସମସ୍ତ ଦିଗ ଓ ବିଭବକୁ ଅନ୍ୱେଷଣ କରନ୍ତି । ସ୍ୱପ୍ନରେ ବିଭୋର ହୋଇପାରୁ ନଥିବା ମନ ଦୁଃଖ ଜମା କରି କେମିତି ସେ ଦୁଃଖର ବୀମା କରିଦେଇଛି; ନିଜ ପାଇଁ ଲୋଡ଼ାଥିବା କେଇଖଣ୍ଡ କାଠ ନମିଳିବା ଆଶଙ୍କାରେ ଗଛମୂଳରେ ପାଣିଢାଳି ନିଜର ଶୋଷ ବଂଚେଇ ରଖୁଥିବା ଅସହାୟ ମଣିଷ; ଶୂନ୍ୟରୁ ତଳକୁ ଖସି ପଡୁଥିବା ଭାଗ୍ୟ ଏବଂ ଆୟୁଷ, ଏମିତିକି ସ୍ତ୍ରୀଲୋକଟିଏ ବୋହି ଚାଲିଥିବା ଅଭିଶାପ ଯାହା ତା' ଭିତରେ ଫୁଟିଥିବା ଫୁଲ ପାକୁଡ଼ାରେ ସବୁବେଳେ ଲାଖି ରହିଥାଏ ଏସବୁ କବିଙ୍କୁ ଆନ୍ଦୋଳିତ କରେ, ଏବଂ ଏହି ଯନ୍ତ୍ରଣା ଶବ୍ଦରୂପ ନେଇ କବିତାମାନଙ୍କୁ ଜୀବନ ତଥା ବାସ୍ତବଧର୍ମୀ କରାଏ । ସାଧାରଣ ଦୃଷ୍ଟିରେ ଦିଶୁଥିବା ସୁଖ ଓ ଆନନ୍ଦ ଉତ୍ସବ ଅନ୍ତରାଳରେ ମଧ୍ୟ କବି ଏକ ଦାର୍ଶନିକ ଦୁଃଖ-ସତ୍ୟ ଖୋଜି ପାଆନ୍ତି । ଯେମିତି ଜନ୍ମଦିନ ପାଳନ କରିବାର ଖୁସି ଉହାଡ଼ରେ କବିଙ୍କ ଭିତରେ ଏ ସଚେନତା ତୀବ୍ରଥାଏ ଯେ, "ମୁଁ ଅଧିକ ତରଳିଯିବି / ଓ ଠୁଳ ହୋଇଯିବି ./ ନିଜଠୁ ଅଲଗା ହେବାର / ଯନ୍ତ୍ରଣା ଉପରେ, ନୀରବରେ ।"

ଦୁଃଖକୁ କବି ଜୀବନ ଜିଇଁବାର ଏକ ଅବିଚ୍ଛେଦ୍ୟ ଅଂଗ ବୋଲି ବିଚାର କରନ୍ତି ଏବଂ ତାକୁ ଏଭଳି ଭାବରେ ଶବ୍ଦ-ଖଚିତ କରି ମହିମାନ୍ୱିତ କରନ୍ତି ଯେ ଲାଗେ ସେ ବି ଇଂରେଜ କବି ପି.ବି.ଶେଲୀଙ୍କ ପରି କହିବାକୁ ଚାହାନ୍ତି ଯେ- Our sweetert songs are those that tell of saddert thoughts. ସବୁ ହତାଶାର ଚିତ୍ର ତାଙ୍କୁ ଆକୃଷ୍ଟ କରେ ଏବଂ ତାଙ୍କ ଶବ୍ଦ ସ୍ପର୍ଶରେ ସବୁଦିନ ପାଇଁ ସାଇତା ହେଇ ରହିବା ଭଳି ଫଟୋ ଚିତ୍ର ପାଲଟିଯାଏ । ଯେପରି : (୧) "ମଥାନରୁ ବତା ଖସିପଡ଼ି / ଛପରର ଆୟୁଷ ସରି ଆସୁଛି / ଘର ଭିତରେ ମୋତେ କୋଳରେ ବସାଇ / ଗେଲ କରୁଛି ଜହ୍ନରାତି ।" **(କବିତାରେ କଥାବାର୍ତ୍ତା')** ସେମିତି: (୧) "ଏବେ ଜୀବନ କ'ଣ ? ବୁଝାଇ ଚାଲିଛି ଦୁଃଖ / ଆଉ ସୁନାଝିଅର ହୁଁରେ / ସାଇତା ହୋଇ ରହୁଛି / ଆସନ୍ତା କାଲିର କୋହ ପାଇଁ ମୁଠାଏ ଦରଦ ।" **(ଅଧିର ଅନ୍ଧାର, ପୃ.୫୦)**

(୩) "ଜୀବନ ଆଉଟି ହେଲାବେଳେ / ଉତୁରି ପଡ଼ିଥିବା / ଦୁଃଖ ଆଉ ଅବସୋସ / ସେ କାଗଜରେ ଲେଖାଥିବା / ଶବ୍ଦଙ୍କ ସାରାଂଶ ।" **(ଅଧିର...ପୃ.୯୪)**

(୪) "ଜାଣିଛ ଲୁହ ସହ ବି / ବେଳେବେଳେ ଖସିପଡ଼େ କୁଆପଥର / କେମିତି କହିବି ଇନ୍ଦ୍ରଧନୁ ମୋର ନା ଆଲୁଅର ।" **(ଅଧିର ଅଂଧାର)**

ଆବେଗ ପରି ଅମୂର୍ତ୍ତତାକୁ ଶବ୍ଦରେ ତୋଳି ଧରି ପାରବାର ଯେଉଁ କୁଚ୍ଛ ସାଧନା କବି କରିଛନ୍ତି, ତାହା ଅନନ୍ୟ ।

ସେହିପରି, ଆଧୁନିକ କବିତାର ଗଦ୍ୟଧର୍ମୀ ରଚନା ସହ ନିଜକୁ ସାମିଲ କରିନେଇଥିଲେ ମଧ୍ୟ ଶ୍ରୀବଳ ନିଜର ଶବ୍ଦଚିତ୍ର ଏବଂ ଭାବଗୁଂଫନର କଳା କାରିଗରୀକୁ ନେଇ ପୃଥକ୍ ବାରିହୋଇ ପଡ଼ନ୍ତି । କବିତାରେ ପର୍ଯ୍ୟାୟ କ୍ରମେ ବିକଶିତ କରୁଥିବା ଆବେଗକୁ ଏକାଧିକ ଶବ୍ଦଚିତ୍ର ମାଧ୍ୟମରେ ପ୍ରକଟିତ କରୁଥିବା ବେଳେ ସେ ଅନେକତଃ ମେଟାଫିଜିକାଲ୍ ଲାଗନ୍ତି । ସେ ଚିତ୍ରସବୁ ପାଠକକୁ ସ୍ୱପ୍ନ ପ୍ରବଣ କରାଇପାରେ । ପାଠକର କଳ୍ପନାକୁ ବାରମ୍ବାର ଆନ୍ଦୋଳିତ କରିପାରେ । ଏତେସବୁ ସାମର୍ଥ୍ୟ ସହ ସେ ଚିତ୍ରସବୁ ଏକଦମ୍ ସ୍ୱାଭାବିକ, ସାଧାରଣ ଓ ବାସ୍ତବଧର୍ମୀ ମଧ୍ୟ ଲାଗେ । ଯେମିତି : "ଯୋଉ ଚେର / ମାଟି ଛୁଇଁନି ସେ କ'ଣ ଜାଣିବ / ଆଲୁଅରେ ପାଣି / ରଙ୍ଗ ଭରେ କାହିଁକି !" **('ଆହା', ପୃ.୨୧)** ପୁଣି: "ନିଃସଙ୍ଗ ଦ୍ୱିପହର / ଆଉ ଛାଡ଼ି ଦେଇଛି / ଅନ୍ୟ ଏକ ଶବ୍ଦ ପାଖରେ / ଜେ ଜହ୍ନ ଆଲୁଅକୁ / ତାଙ୍କି ହୋଇ ବୁଡ଼ିଯାଏ ସ୍ୱପ୍ନରେ ।"**(ଅଧିର ଅନ୍ଧାର, ପୃ.୪୯)**

ଭାବର ବିବିଧତା ନେଇ ଅନେକ ବର୍ଷ ଧରି ପରୀକ୍ଷା ନିରୀକ୍ଷା କରିଆସିଛନ୍ତି କବି । ଏସବୁ ସତ୍ତ୍ୱେ ଶବ୍ଦ ପ୍ରୟୋଗକୁ ନେଇ ଭାବ ଉପସ୍ଥାପନରେ କେବେବି ଅସଫଳ ଲାଗି ନାହାନ୍ତି କବି । ପ୍ରତ୍ୟେକ କବିତାରେ ଗୁଂଫିତ ଶବ୍ଦ ମାଧୁର୍ଯ୍ୟ ଓ ଭାବ ଗାମ୍ଭୀର୍ଯ୍ୟରେ କବି ଶ୍ରୀ ବଳ ଏକ ଏକ ପାଦ ଅଗ୍ରସର ହେଇ ଚାଲିଛନ୍ତି । ଏକ ନିଆରା କାବ୍ୟ ଶୈଳୀର ପରିସ୍ଫୁଟନ ଆଡ଼କୁ ।

ସରଳ, ଭାବୋଦ୍ଦୀପକ ଶବ୍ଦ ସବୁ ଖୁବ୍ ସହଜ ଭାବରେ ସ୍ଥିରୀକୃତ ହୋଇ ଯାଆନ୍ତି ବିଷୟବସ୍ତୁର ଅବଧାରଣା ଦ୍ୱାରା । ଫଳତଃ କବିତାରେ ଭାବନାର ଗତି ଏତେ ସାବଲୀଳ ଲାଗେ ଯେ କୌଣସି ରଚନା କୃତ୍ରିମ ବୋଧହୁଏନି । ଏଇ ଯେମିତି- "ସମୁଦ୍ର କ'ଣ ଶୁଣିପାରେ / ଅନ୍ଧାରର ମାଂସପେଶୀ ତଳେ / ଚାପିହୋଇ ଯାଇଥିବା / ଆଲୁଅର ଅସ୍ପଷ୍ଟ ଶବ୍ଦ !" **(ଅଧିର...ପୃ.୧୫)** ଏଠାରେ 'ଅନ୍ଧାର' ପରି ଏକ ଅମୂର୍ତ୍ତ ଭାବରେ 'ମାଂସପେଶୀ' ପରି ଏକ ମୂର୍ତ୍ତ ଭାବର ଶବ୍ଦ-ସଂଗମ ଏକ ଅଭିନବ ତଥା ମୌଳିକ ଶବ୍ଦ-ସଂଗମ ଯେଉଁଠି ବିଷମ ବିଚାରଧାରାର ସମନ୍ୱୟ ଘଟାଯାଇଛି । ଅଥଚ ଏହା ପାଠକର ବୌଦ୍ଧିକତା କିମ୍ବା ଆନନ୍ଦାନୁଭୂତିକୁ ଆଦୌ ଭାରାକ୍ରାନ୍ତ ନକରି ଏକ ଆଶ୍ଚର୍ଯ୍ୟକାରୀ ବୌଦ୍ଧିକ ଆହ୍ଲାଦ ପ୍ରଦାନ କରୁଛି । ଏଥିସହିତ, ଏଠାରେ ବ୍ୟବହୃତ 'ଆଲୁଅର ଅସ୍ପଷ୍ଟ ଶବ୍ଦ' 'ଅନ୍ଧାରର ମାଂସପେଶୀ ତଳେ' ଚାପି ହେଇଯିବାର ଅଣପାରମ୍ପରିକ ଚିତ୍ରଟିଏ କବି ସୃଷ୍ଟି କରିଛନ୍ତି, ତାହା ତାଙ୍କ ସୃଜନ ଅନନ୍ୟତାର ଏକ ସାମାନ୍ୟ ଉଦାହରଣ ମାତ୍ର ।

ଏକଦମ୍ ପ୍ରଥମରୁ ହିଁ, କବି ଶ୍ରୀ ବଳ ନିଜ କାବ୍ୟ-କଳାକୁ ନେଇ ଆଭିମୁଖ୍ୟରେ ସୁସ୍ପଷ୍ଟ । ପ୍ରଥମ କବିତା ସଂକଳନ 'କବିତାରେ କଥାବାର୍ତ୍ତା'ର 'ଯିବାବେଳକୁ' କବିତାରେ ମଧ୍ୟ ତାଙ୍କର ଚିତ୍ରକାରିତା ପ୍ରସ୍ଫୁଟିତ: "ଗପର ଆସର ଜମେଇ / ରାତିର ବଗିଚାରୁ ତୋଳି ଆଣିଥିବି / ଆଂଜୁଳା ଆଂଜୁଳା ଚନ୍ଦ୍ରାଲୋକ ।" କାବ୍ୟ-ଜୀବନର ଏକ ଦଶନ୍ଧି ପରେ, ସଂକଳନ 'ଖରା ପିଠିରେ ଛାଇ'ରେ ବି ସେଇ ସମାନ ଚାତୁରୀ : "ଜାଣିଛ ମୁଁ କେତେ ବ୍ୟାକୁଳ ଥିଲି ଜାଣିବାକୁ / ଶବ୍ଦମାନେ ଅସୁସ୍ଥ ହେବାର କାରଣ / କାହିଁକି ଚରିତ୍ରମାନେ ଦୌଡ଼ି ପଳାଇଥିଲେ / ତୁମ ସାମ୍ନାରେ ଠିଆ କରାଇ ଦୃଶ୍ୟର କଙ୍କାଳ ।" ଏମିତିକି (ଏକକ ବିଷୟ) କାବ୍ୟ 'ପତ୍ନୀ'ର ରୋମାଣ୍ଟିକ୍ ସ୍କୁଲିଙ୍ଗ ଭିତରେ ମଧ୍ୟ କବି ଶ୍ରୀ ବଳ, ପତିର ପତ୍ନୀ ପ୍ରତି ଅନୁରାଗ, କୃତଜ୍ଞତା ବୟାନ ଛଳରେ ସାଦାଶବ୍ଦ, ପ୍ରୟୋଗ କରିବା ସହ କାବ୍ୟାଳଙ୍କାରର ଅନୁପମ ଚିତ୍ର ବାଢ଼ିଦିଅନ୍ତି । "ତମେ ମୋର ପ୍ରିୟ / ମୋ ପତ୍ରର / ପାଚିଲା ରଙ୍ଗରେ ତମ / ସରଳତାର ରଙ୍ଗ ମିଶାଇ / କଅଁଳ କରିଦିଅ ।"

କବି ଶ୍ରୀ ବଳଙ୍କ କବିତାରେ ମାନବ ସମ୍ବେଦନାର ବହୁବିଧ ରଙ୍ଗ ପାଠକଙ୍କୁ ଅଭିଭୂତ କରେ । ନିଜର ଉଚ୍ଚାଭିଳାଷୀ କାବ୍ୟ 'ପତ୍ନୀ'ରେ ନାରୀର ମହନୀୟତା ପ୍ରତି ଯେଉଁ ସମ୍ମାନ ଦେଖିବାକୁ ମିଳେ ତାହା ଅନେକ ତଥାକଥିତ ନାରୀବାଦୀ କବିଙ୍କ କବିତାରେ ମଧ୍ୟ ବିରଳ । ନାରୀ ଜୀବନର ଦୁଃଖ, ନାରୀଜନ୍ମ ପାଇଥିବା ହେତୁ ଭୋଗୁଥିବା ଅଭିଶାପ ସେ ଏତେ ଗୁଡ଼ିଏ କବିତାରେ ସୂକ୍ଷ୍ମ ଭାବରେ ଚିତ୍ରଣ କରନ୍ତି ଯେ ଲାଗେ ସତରେ ତାଙ୍କ ପାଇଁ କବି ହେବାଟା ସବୁ ଲିଙ୍ଗଗତ ବିଚାରର ଉର୍ଦ୍ଧ୍ୱରେ ।

ସାମାଜିକ ଅବ୍ୟବସ୍ଥା ପ୍ରତି ଶାଣିତ ବ୍ୟଙ୍ଗ, କଟାକ୍ଷ ନଥିଲେ ମଧ୍ୟ ଶ୍ରୀ ବଳ ଏଥିପ୍ରତି ସଚେତନ, ଏଥିରେ ମର୍ମାହତ । ସମାଜର ଦର୍ପଣ ଦେଖେଇବା ପରି ତାଙ୍କ କବିତା ଅନେକ ସାମାଜିକ ବିକୃତିରେ ଫଟୋଗ୍ରାଫ ପାଲଟିଯାଏ । ଛୋଟ ଝିଅଟିଏ ଭୋଗୁଥିବା ଅତ୍ୟାଚାର, ସାଧାରଣ ନାରୀଟିଏ ସହୁଥିବା ଅଭିଶାପ ହେଉ କି ଅସହାୟ ଚାଷୀ ଭୋଗୁଥିବା ଅପ୍ରମିତ ଦୁଃଖ ଏସବୁର ସମ୍ବେଦନଶୀଳ ପୋଟ୍ରେଟ୍ ହେଉଛି ଶ୍ରୀ ସଂଜିତ ବଳଙ୍କର କବିତା, ଯାହା ସମୟର କଷଟି ପଥରରେ ନିଜକୁ ବାରମ୍ବାର ସଫଳ ପ୍ରତିପାଦିତ କରି ଅନେକ ବର୍ଷ ଯାଏଁ ପାଠକଙ୍କ ହୃଦୟରେ ରାଜୁତି କରୁଥିବ ।

**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପର୍କିତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**



## ଆଇନ ପରାମର୍ଶ - ୧୯



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

# ପୁଲିସ ଆପଣଙ୍କୁ ଗିରଫ କରିପାରିବ ନାହିଁ (୪୧ଏ)

ଆଜିର ବିଷୟବସ୍ତୁ ହେଲା ପୋଲିସ୍ ଆପଣଙ୍କୁ ଗିରଫ କରିପାରିବ ନାହିଁ । ଏହି ବାକ୍ୟ କେବଳ ମୁହଁରେ କହିଲେ ହେବନି ଏହାକୁ ଜାଣିବାକୁ ହେବ । କେତେବେଳେ କେଉଁ ପରିସ୍ଥିତିରେ ପୋଲିସ୍ ଆମକୁ ଗିରଫ କରିପାରିବ ନାହିଁ! ସିଆରପିସି ୪୧(ଏ), (ସିଆରପିସି ୪୧) ପ୍ରୋଭିଜନ୍ କ'ଣ କହେ? ଏହାକୁ ଭଲ ଭାବେ ବୁଝିବାର ଆବଶ୍ୟକତା ରହିଛି । ଯଦି ଆପଣଙ୍କର ଆଇନ୍ ଉପରେ କୌଣସି ଜ୍ଞାନ ନାହିଁ ତାହେଲେ ମଧ୍ୟ ଏ ବିଷୟରୁ ଆପଣ ଜାଣିପାରିବେ ଆପଣଙ୍କର ଆଇନଗତ ଅଧିକାର କ'ଣ ରହିଛି । ଆପଣଙ୍କ ବିପକ୍ଷରେ ଯଦି ମିଛ ଏଫ୍.ଆଇ.ଆର. ହୋଇଗଲା ବା ଆପଣଙ୍କୁ ଡର ରହିଲା ପୋଲିସ୍ ଆପଣଙ୍କୁ ଗିରଫ କରିବ, ତେବେ ଆପଣ କ'ଣ କରିବେ?

ପ୍ରଥମେ ଯେକୌଣସି ଅପରାଧ ହୋଇଗଲେ, ଯଥା: ଚୋରି ହେଉ ବା ଥାପଡ଼ ମାରିବା ହେଉ ବା କୌଣସି ବ୍ୟକ୍ତି ଆପଣଙ୍କ ନାମ ନେଇଥିଲେ, ମୋ ସହ ଅପରାଧରେ ସେ ସାମିଲ୍ ଥିଲା ବୋଲି ହେଉ । ଏ କ୍ଷେତ୍ରରେ ପାଲିସ୍ ଆପଣଙ୍କୁ ସନ୍ଦେହକୁ ନେଇ ସିଧାସିଧା ଆରେଷ୍ଟ କରୁଥିଲା ।

ବର୍ତ୍ତମାନ ସିଆର୍‌ପିସି (୪୧ଏ) (ସିଆରପିସି ୪୧) ପ୍ରାକ୍ଟିସ ବେଳେ ବହୁତ ଆସୁଛି । ପ୍ରଥମେ ମାନ୍ୟବର ସୁପ୍ରିମକୋର୍ଟ ଆଦେଶ ଦେଲେ କୌଣସି ଅପରାଧରେ ଯେଉଁ ଅପରାଧୀର ଦଣ୍ଡ ୭ ବର୍ଷ ଅବଧି ହୋଇଥାଏ, ସେ ଅପରାଧରେ ପୋଲିସ୍ ସିଧାସଳଖ ଆରେଷ୍ଟ କରି ପାରିବ ନାହିଁ । ଏହାପରେ ବି ପୋଲିସ୍ ଗିରଫ କରୁଥିଲେ କୋର୍ଟରେ ପୋଲିସ୍‌କୁ ଶୁଣିବାକୁ ମିଳିଥାଏ । ଏହାଛଡ଼ା ପୋଲିସର ଚାକିରୀ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ । ଯଦି ଆପଣଙ୍କ ନାମରେ କୌଣସି ଏଫ୍.ଆଇ.ଆର୍. ହୋଇଛି, ଯାହାର ଦଣ୍ଡ ୭ବର୍ଷ ହୋଇଥାଏ ସେ ପରିସ୍ଥିତିରେ ପୋଲିସ୍ ଯଦି ଆପଣଙ୍କୁ ଧମକ ଦେଉଛି କି ଆପଣ ଯଦି ଆପୋଷ ବୁଝାମଣା କରୁନାହାଁନ୍ତି, ସେ ଗିରଫ କରିବ କିମ୍ବା ଟଙ୍କା ନଦେଲେ ଗିରଫ କରିବ, ତେବେ ଆପଣ ନଡରି ସିଆରପିସି ୪୧ଏ ଜାଣିବା ଆବଶ୍ୟକ ।



ଯଦି ଜଣେ ଏଫ୍.ଆଇ.ଆର୍ ରେଜିଷ୍ଟର କରୁଛନ୍ତି । ଏଫ୍.ଆଇଆର୍ ରେଜିଷ୍ଟର୍ ପରେ ପୋଲିସ ସେ ବ୍ୟକ୍ତିଙ୍କୁ ପଚରା ଉଚୁରା କାର୍ଯ୍ୟ କରିବ ବା ତଦନ୍ତ କରିବ । ତେଣୁ ପ୍ରଥମେ ପୋଲିସ୍ ସେ ବ୍ୟକ୍ତିଙ୍କ ପାଖକୁ ସିଆରପିସି୪୧ଏରେ ନୋଟିସ୍ ଦେବ । ନୋଟିସ ମିଳିବା ପରେ ସେ ବ୍ୟକ୍ତିଙ୍କୁ ପୋଲିସ ସାମ୍ନାରେ ଆସି ତଦନ୍ତରେ ଯୋଗ ଦେବାକୁ ହେବ ଏବଂ ନିଜର ପକ୍ଷ ରଖିବ । ତଦନ୍ତ ବେଳେ ମଧ୍ୟ ପୋଲସ ତାକୁ ଆରେଷ୍ଟ କରିପାରିବ ନାହିଁ ।

ମାନ୍ୟବର ସୁପ୍ରିମ୍‌କୋଟ୍ ଆଦେଶରେ କହିଥିଲେ, ଯଦି ୪୧ଏ ର ନୋଟିସ୍‌ରେ ପୋଲିସ୍ ଗିରଫ କରୁଚି ତେବେ ଏହା ଭୁଲ୍ । ୪୧ନୋଟିସ୍ ଯଦି ଆପଣଙ୍କୁ ମିଳିଛି, ଆପଣ ତଦନ୍ତରେ ଯଦି ଯୋଗ ନଦେଲେ ତେବେ ପୋଲିସ୍ ଆପଣଙ୍କୁ ଆରେଷ୍ଟ କରିପାରିବ ବା ଜବରଦସ୍ତି ଅନ୍ୟକୁ ନେଇ ପଚରାଉଚୁରା କରିପାରିବ ।








ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ପ୍ରିୟା ମହାପାତ୍ର
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ବୃତ୍ତି : ମଡ଼େଲିଂ
ଶିକ୍ଷା : ବାଣିଜ୍ୟରେ ସ୍ନାତକ ଛାତ୍ରୀ
ରୁଚି : ମଡେଲିଂ ଓ ନାଚ
ପ୍ରଚ୍ଛଦ ଫଟୋଗ୍ରାଫି : କେଶବ ଚନ୍ଦ୍ର ରାଜ, ଏକେ ଫେଶନ୍ ଫଟୋଗ୍ରାଫି
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ୍ମ, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : ସୁନୀଲ ବଳ, ଭୁବନେଶ୍ୱର
ଜୁଏଲେରୀ: ଓଡ଼ିଟ୍ରାଇବ୍, ଭୁବନେଶ୍ୱର
ସ୍ଥାନ : ମେ ଫେୟାର, ଭୁବନେଶ୍ୱର

ଲେଣ୍ଡର

# ଡିସେମ୍ବର - ୨୦୨୨

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

## ପର୍ବପର୍ବାଣି

୦୫/୧୨/୨୦୨୨ : ଗୀତା ଜୟନ୍ତୀ
୦୮/୧୨/୨୦୨୨ : ଗୁରୁପୂର୍ଣ୍ଣିମା ବ୍ରତ
୧୫/୧୨/୨୦୨୨ : ସାମନ୍ତ ଚନ୍ଦ୍ରଶେଖର ଜୟନ୍ତୀ
୨୫/୧୨/୨୦୨୨ : ବଡ଼ଦିନ ପର୍ବ

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୨୨

**ପ୍ରଫୁଲ୍ଲ କୁମାର ମହାନ୍ତି**

ଲୁହ ଝରଝର ମୁହଁରେ ଠିଆ ହେଲେ କୁନ୍ତୀ
ଅନୁତାପର କାକର ବର୍ଷାରେ ଝରାଫୁଲ ପରି

କି କଲି କିଲି ମୁଁ ନବୁଝି ନଦେଖି
ଭାବିଲି କରୁଛ ପରିହାସ ନିତିଦିନ ପରି
ଭିକ୍ଷାର ଫଳମୂଳ ଧରି ରାଜ ବିନୋଦରେ
ସେହି ଭାବେ ମୁଁ ବି କହିଦେଲି
ଭାଗ କରି ଭୋଗ କର ଆଣିଛ ଯାହା
ଦିନଶେଷେ ଅଭୁତ କି କଷ୍ଟାର୍ଜିତ
ଭୋଗ କର ପାଞ୍ଚଭାଇ ବିନା ବାଛ ବିଚାରରେ-
ହେ ଭଗବାନ ! କି କଲି କି କଲି ମୁଁ
କେମିତି ଫେରାଇ ନେବି ବାକ୍ୟ ମୋ ଅଫେରା
ଲଘୁ ପରିହାସ ହେଲା ମୁକ୍ତ ଅଭିଶାପ
କ୍ଷମାକର ପ୍ରଭୁ ଅଜ୍ଞାନୀ ଅପରାଧ ମୋର
କେମିତି ଅସତ୍ୟ ହେବ ମୋ ସତ୍ୟବଚନ !

କାହିଁକି ପାରିବନି ମା' କହିଲେ ଭୀମସେନ
ଆଖିରେ ଦେଖିଲା ପରେ ଜୀବନ୍ତ ସତ୍ୟକୁ
ନିରୀହ ବଚନ ତବ କର ପ୍ରତ୍ୟାହାର
ସେଥିରେ ହେବନି ତମେ କେବେ ବାକ୍ୟହରା
ଅଜାଣତ ଭୁଲ୍ ତୁମେ କରିବ ସୁଧାର
ଯାଇଥିଲୁ ଦ୍ରୁପଦଙ୍କ ସ୍ୱୟଂବର ସଭା
ସେଠି ଥିଲା ସର୍ତ୍ତ ଯେ ଜିଣିବ ସେଇ ହେବ
ପାଞ୍ଚାଳ କୁମାରୀର ଭବିଷ୍ୟତ କର୍ତ୍ତା
ଅର୍ଜୁନ ଜିଣିଛି ମାତା ଭେଦି ରାଧାଚକ୍ର
ମାଛ ଆଖି ଲକ୍ଷ୍ୟ କରି ବିନ୍ଧିଛି ଶାୟକ
ମାଛଆଖି ଭେଦ କରି ନାୟକ ଅର୍ଜୁନ
କରିଛି ଧରାଶାୟୀ ଭାରତର ସବୁ ଧନୁର୍ଦ୍ଧର
ଏ ହେଲେ ରାଜଜେମା ସୁନ୍ଦରୀ ଦ୍ରୌପଦୀ
ଆରତୀ କରି ନିଅ ତୁମ ପୁତ୍ରବଧୂ
ଦ୍ରୌପଦୀ ଅର୍ଜୁନ ପତ୍ନୀ ନୁହେଁ ଭିକ୍ଷାଫଳ
ବାଂଟି ଖାଇବାକୁ ନାହିଁ ଆମ ଅଧିକାର ।
ପୁରସ୍କାର ହୁଏ ନାହିଁ ବଣ୍ଟା
ଫେରାଅ ତୁମ ବାକ୍ୟ ନକରି ବିଳାପ ।



ଡ଼ ପ୍ରଫୁଲ୍ଲ କୁମାର ମହାନ୍ତି

ବାଧା ଦେଇ ଯୁଧିଷ୍ଠିର କହିଲେ ଅନୁଜ
ମାତାଙ୍କର କଥା କେବେ ହୋଇନି ଅମାନ୍ୟ
କେମିତି ଅନ୍ୟଥା ହେବ ମାତାଙ୍କର କଥା
ତାଙ୍କ ବାକ୍ୟ ଆମ ପାଇଁ ଆଦେଶ ନିର୍ଦ୍ଦେଶ
ନୈତିକ ଉପଦେଶ ସ୍ୱର୍ଗର ଆଶିଷ
ମାତା ବାକ୍ୟ ପାଳିତ ହେବ
ହେଉ ପଛେ ପରିହାସ
ଫିଟିଲାନି ଆଉ କା'ର ପାଟି
ଭିତରକୁ ଗଲେ ଭୀମ ମନକଥା ଚାପି
ଅର୍ଜୁନର ମୁହଁ ଥିଲା ଅବୋଧ୍ୟ କୁଞ୍ଚିତ
କେବଳ ଉଜ୍ଜ୍ୱଳ ଆଖି ବିଷାଦ ସ୍ତିମିତ
ସମସ୍ତେ ନୀରବ ଦେଖି ଆକୁଳିତ କୃଷ୍ଣା
ଅପସରି ଗଲେ ଅବାସ୍ତବ ଦୃଶ୍ୟମଞ୍ଚ ଛାଡ଼ି ।
ଧସିଗଲା ତାଙ୍କ ପାଦ ନିସତ ମାଟିରେ
ବସିଗଲେ ଘାସ ପାଉଁଶର ଆହ୍ଲାଦରେ
ନବବଧୂ ସ୍ୱାଗତର ବିଷର୍ଣ୍ଣ ମାଟିରେ
ପାଞ୍ଚାଳ ରାଜଜେମା ଆଜି ହେଲା କିଂକରୀ
ବେଶ୍ୟା ପରି ଲୋଟିଯିବ ପ୍ରତିଦିନ
ଭିନ୍ନ ପୁରୁଷର ଉତ୍ତାପ ମାପିବ
ନିଜକୁ ହଜାଇ ଦେବ ପାଞ୍ଚଭାଗ ହୋଇ
ଭାଙ୍ଗିଗଲା ରାଜକୀୟ ସ୍ୱପ୍ନ
ଭୁଷୁଡ଼ିଲା ପ୍ରେମର ତୋରଣ
ଭାଗ୍ୟର ନିଦାରୁଣ ଧକ୍କା
ଧୂଳିସାତ କଲା ଭବିଷ୍ୟତ ।

ହଠାତ୍ଶୁଭିଲା ଦୂରେ ଘୋଡ଼ାଟାପୁ ଶବ୍ଦ
ନିଷ୍ଠୁର ଗୋଡ଼ିମାଟି ପରେ ରଥର ଘର୍ଘର
ସେନା ଆକ୍ରମଣ ପରି ରାଜ କୋଳାହଳ
ଆଶଙ୍କିତ ସବୁ ଆଖି ଫେରିଲା ସେ ଦିଗେ
ତିନୋଟି ରଥରୁ ଓହ୍ଲାଇଲେ ବେଗେ
ଦ୍ରୁପଦ ମହାରାଜ ସଙ୍ଗେ ପୁତ୍ର ଧୃଷ୍ଟଦ୍ୟୁମ୍ନ
ମୟୂରପୁଚ୍ଛ ଧାରୀ କୃଷ୍ଣ ବାସୁଦେବ
ଦ୍ରୌପଦୀ ଠିଆହେଲା ମୂକ ଅଧୋମୁଖୀ-
ଚିତ୍କାରିଲେ ଦ୍ରୁପଦ ମହାରାଜ, ଶୁଣିଲି ମୁଁ ଏବେ



ତୁମେ ସବୁ ପାଣ୍ଡବ କୁମାର ହସ୍ତୀନାର ରାଜପୁତ୍ର
ଖୁସି ହେଲି ପୂର୍ଣ୍ଣ ହେଲା ଆଶା
ମୋର କନ୍ୟା ବାହାହେବ ନାୟକ ଅର୍ଜୁନ
ଖୁସିହେଲି ପାଣ୍ଡବ ବଞ୍ଚିଛନ୍ତି
ଶକୁନିର ଜତୁଗୃହ ଚକ୍ରାନ୍ତରୁ ଯାଇଛନ୍ତି ବର୍ତ୍ତି-
କିନ୍ତୁ ଏ କଣ ଶୁଣୁଛି ମୁଁ
ମୋର କନ୍ୟା ବିଦୂଷୀ ଦ୍ରୌପଦୀ
ହେବ ପଞ୍ଚ ପାଣ୍ଡବଙ୍କ ପତ୍ନୀ ?
ନା ନା ହେବ ନାହିଁ ତାହା
ଦ୍ରୌପଦୀ କେବଳ ହେବ ଅର୍ଜୁନର ପତ୍ନୀ
ନଚେତ୍ ସେ ଯିବ ମୋର ସଙ୍ଗେ
ଆଉ ତମେ ସବୁ ହେବ ପାଞ୍ଚାଳରେ ବନ୍ଦୀ ।

♥ 'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

**ପ୍ରଫୁଲ୍ଲ କୁମାର ମହାନ୍ତି**

# ଫୁଲ ବୃତ୍ତାନ୍ତ

## ପ୍ରତୀକ୍ଷା ଜେନା



▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର, ଷ୍ଟାଣ୍ଡାର୍ଡ୍ ସେଭେନ୍

ସେ ଫୁଲମାନେ କାଲି ସନ୍ଧ୍ୟାରୁ ବିକ୍ରି ସରିଛନ୍ତି
ବିଡ଼ିଏ ମାର୍କେଟ୍ କି ନେଦର୍‌ଲାଣ୍ଡ୍‌ରୁ,
ସେ ଫୁଲମାନେ ତୋଳା ସରିଛନ୍ତି ପାହାନ୍ତାରୁ,
ଯେଉଁମାନଙ୍କୁ ପୂଜାଯୋଗ୍ୟ ଭାବିଛି ଘାତକ ହାତ ।

ସେ ଫୁଲ ତଥାପି ବୃନ୍ତରେ
ସେଇ ଏକମାତ୍ର ଫୁଲକୁ ଘାରିଛି ନିଶା,
ସେଇ ଏକମାତ୍ର ଫୁଲ ଫାଜିଲ୍,
ସେ ଭାବୁଛି ସାରାଦିନ ପଡ଼ିରହିବ ରୁମିଙ୍କ ମଜାର୍‌ରେ ।

ଫୁଲ, କହ କହ କହ କି'ବା ତୋର ନାମ...
ଘୋ ଘୋ ରାଣୀ, ଅଣ୍ଟେ ଅଣ୍ଟେ ପାଣି,
ଏ ଗଗନକୁ, ପବନକୁ ପଚାର ପଚାର,
ଏ ଭ୍ରମରକୁ, ଚଢ଼େଇକୁ ପଚାର ପଚାର,
କଳା ମଚମଚ ରାତିରେ ବି' ଫାଳ ହେଇ
ଫାଟି ପଡ଼ିଥିବା ବସୁଧାକୁ ପଚାର ପଚାର...

ପାମର, ଅଧମ ସେଇ ମୂର୍ଖ ମୂର୍ତ୍ତିକାର
ମୋ ଛାତିରେ ଗହଳ ପ୍ରେମ ଦେଇ
କଠୋର କଠୋର ଏଇ ପୃଥିବୀ ଗଢ଼ିଲା,
ତାକୁ ପଚାର ପଚାର ।

ଫୁଲ ! କହ କହ କି'ବା ତୋର ମନସ୍କାମ...
ଘୋ ଘୋ ରାଣୀ, ବେକେ ବେକେ ପାଣି,



▲ ପ୍ରତୀକ୍ଷା ଜେନା

ହଲଚଲ ହୁଅନ୍ତିନି ଏଇଠି ପଡ଼ି ରୁହନ୍ତି,
ଯୁଦ୍ଧ ଫେରନ୍ତା ସୈନ୍ୟମାନଙ୍କ ହାତରୁ ଶଙ୍ଖୋଳି ନିଅନ୍ତି ପୃଥିବୀ,
ଶୀତରେ ଡେଇଁ ଡେଇଁ ଖେଳୁଥିବା ଝିଣ୍ଟିକା ଓ
ଘର ପଛ ତାଜାରେ ମହୁ ସଞ୍ଚୁଥିବା ମଧୁମକ୍ଷୀଙ୍କୁ କୁହନ୍ତି ଆୟୁଷ୍ମାନ ହୁଅ,
ଖୁବ୍ ଆୟୁଷ୍ମାନ ହୁଅ...
ବେପରୁଆ ଓ ବେଖିଆଲି ଗୀତ ଗାଉଥିବା ଶୁଆ ପକ୍ଷୀସବୁଙ୍କୁ କୁହନ୍ତି
ଆୟୁଷ୍ମାନ ହୁଅ ।

ମୁଁ ଦେବତାର ମସ୍ତକ ଓ ପାଦରୁ
ବହିଷ୍କାର କରନ୍ତି ଅନ୍ୟ ଯେତେ ଫୁଲ,
ମୂଲ୍ୟ ଦେଇ ମୁକ୍ତ କରନ୍ତି
ବଜାରରେ ବିକ୍ରି ଯେତେ ଫୁଲ,
ମୁଁ ଦିନେ ପୁଞ୍ଜିଭୂତ ଆକାଙ୍‌କ୍ଷାସବୁର ଫୁଲ ସରଟେ ମାରନ୍ତି ବିଧାତାକୁ ଓ

ତତ୍‌କ୍ଷଣାତ୍ ନିଜକୁ ମୃତ ପାଆନ୍ତି
ରୁମିଙ୍କ ମଜାର୍‌ରେ ।

♥ ନାଲକୋ ନଗର, ଅନୁଗୁଳ
ଫୋନ: ୯୮୨୭୪୯୪୪୦୭

# ମାଟିକୋଳ

## ହୃଦାନନ୍ଦ ପାଣିଗ୍ରାହୀ



ଚିତ୍ର : Dhanunjay Prasad

ସମୟ ବଦଳି ଚାଲିଚି ତା' ବାଟରେ
ଗାଆଁ ବଦଳି ଚାଲିଚି
ତା' ରୂପ ଓ ଆତ୍ମାରେ ।

ସେ ସ୍ୱପ୍ନଲଭ୍ୟ ମେଘ କାହିଁ
କାହିଁ ଗାଆଁ ମାଟି ମମତାର
ସ୍ନେହଭିଜା କୋଳ ?
ଖୋଜିବାର ଯଉଁ ମନଲାଖି ଆଖିଟିଏ ଥିଲା
ଆଉ ଏବେ ଅଛି କି ଆମର ?

ଜଗତିକରଣ ଡାକରାରେ
ଚହଲି ଯାଇଚି ସବୁକିଛି,
ଅତିଥି କୁଣିଆ ହେଇ ପଶି ଆସିଲେ
କିଏ ପାଇବେ କେତେକେ
ତା' କଅଁଳ ଚାହାଣି ?
ଲିଭି ଯାଇଚି ସେ ଲାବଣ୍ୟ
ପାଇଲେ ହୁଏତ ପାଇ ପାରେ
କେବେ କେମିତି କେହି ଗୋଟେ
ମାଗି ଜୁହାର,
ନୋଇଲେ ଯାଚି କଲ୍ୟାଣ ।

ଅଖଳ ମଖଳ ହୃଦୟରେ ଦିନେ ଫୁଟୁଥିଲା
ଅସୁମାରି କଇଁଫୁଲ
ଚଉଦିଗ ମହକେଇ ହୃଦୟକୁ ଛୁଇଁଛୁଇଁ ଯାଉଥିଲା
ବାଡ଼ ଉହାଡ଼ରେ ଫୁଟିଥିବା ତରାଟ ଟଗର
ଜାଣି ହଉନି କଉଁ ଖୁଂଗୁଳରେ ପଶି
ବହି ଯାଉଚ ସୁଖଶାନ୍ତି
ସରାଗ ଟିକକ ଆମର ।

ଆଗେ ହାଁପାଣିଆ ଚଢ଼େଇ ପରି
ପିଣ୍ଡାରେ ମୁହଁକୁ ମୁହଁ ଯୋଡ଼ି
କଥା ହଉଥିଲେ କିଛି ଲୋକ,



ଫଟୋ: ହୃଦାନନ୍ଦ ପାଣିଗ୍ରାହୀ

ଆଉ ସେଦିନ ନାହିଁ
ପିଲାଏ ମେଳି ହେଇ ଦେଖୁଥିଲେ ବାଇସ୍କୋପ୍,
ହାବଡ଼ା ପୋଲ, ତାଜମହଲ, କୁତବ୍‌ମିନାର୍
ଦେଢ଼ଶୁର ଆସିବା ଦେଖି
କୂଅରୁ ତରତର ହେଇ ପାଣି କାଢୁଥିଲା ଗୋବିନ୍ଦି ମୁଖା
ଗାଆଁ ଲୀଳା ଭୂଇଁଟିଏ ଥିଲା
ଦେବାଦେବୀଙ୍କର
ଯଉଁଠିକି ଦୁଃଖକଷ୍ଟ ଅନ୍ଧାରରେ ମଣିଷ ରୂପରେ ଜନ୍ମ
ଦେବତାଏ ବୁଲୁଥିଲେ ଗିରିବନ
ପ୍ରଭୁ ରାମଚନ୍ଦ୍ରଙ୍କର ପାତଳ ଶରଧାରେ ପୋଛି ଦେଇ
କୃତ୍ୟକୃତ୍ୟ ହୋଇ ଯାଉଥିଲା ବିଜ୍ଞାନୀ କୈବର୍ତ୍ତ
ଗୋଧୂଳି ବେଳାରେ ଗୋରୁ ଗୋଠ ଲେଉଟାଣି ବେଳେ
ଶୁଭୁଥିଲା କଳାକାହ୍ନୁ ବଇଁଶୀର ସୁର
ମମତା ମଧୁର ମାଟି ଗାଆଁ ମନ
ଥିଲା ଯେମିତି କ୍ଷୀର, ସର, ଲବଣୀର
ସତ୍ୟ ଶିବ ସୁନ୍ଦର ।

ହୃଦୟକୁ ଚିହ୍ନୁଥିଲା ହୃଦୟ
ରକ୍ତକୁ ରକ୍ତ
ନିଛାଟିଆ ଖରାବେଳେ ସୁବର୍ଣ୍ଣ ମୁଦ୍ରିକାଟିକୁ ବନ୍ଧକକୁ ଦେଇ
ଦଧି ପିଇ, ଶୋଷ ମାରି
ଭକ୍ତ ପାଇଁ ଯୁଦ୍ଧ ଯାତ୍ରା କରିଥିଲେ ବ୍ରହ୍ମାଣ୍ଡ ଠାକୁର
ନାହିଁ ସେହି ଜୀବ ପରମର ଭେଟ
ପ୍ରାଣଛୁଆଁ ଛବିଳ ପ୍ରକୃତି
ଭାବହରା ହେଇ ପଡ଼ିଚି ସେ ମାଟିମନ
ସବୁଜ ପୃଥିବୀ ।

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଝାଡ଼ପଟା
ଦୋଳସାହି, ଭଦ୍ରକ-୭୫୬୧୨୭, ଫୋନ:୯୪୩୭୯୮୭୪୨୯



ଚିତ୍ର : ଶିଳ୍ପୀ ମାନମୟୀ ଓଝା

# ଜିପ୍‌ସୀ : ମାର୍ଜିନ୍‌ରୁ

## ପ୍ରବାସିନୀ ମହାକୁଡ଼

ଜିପ୍‌ସୀ ! ତୁମ ପାଖରେ ସବୁବେଳେ
ହଜିଯାଏ ମୋର ପ୍ରାପ୍ତି ଅପ୍ରାପ୍ତି ସଫଳତା ବିଫଳତା
ଯଶ ଅପଯଶ
ପାଇ ହରେଇବାର ଯନ୍ତ୍ରଣା
ସେପିଆ ରଂଗର ମୋର ପଇଁଚାଳିଶ ବର୍ଷ ତଳର ଫଟୋ
ସେତେବେଳେ ବି ମୋ ଉଦାସୀନତା ଏମିତି ଥିଲା
ତୁମେ ଦେଖ କିନ୍ତୁ କିଛି କୁହନି

ନିଃଶବ୍ଦରେ ବିତି ଯାଉଥାଏ ଦିନ ସପ୍ତାହ ମାସ ବର୍ଷ
ଋତୁ ସହ ରାତି ସହ
ମୋ ପ୍ରତୀକ୍ଷାର ତାରିଖମାନେ
କ୍ୟାଲେଣ୍ଡର ପୃଷ୍ଠାରୁ ଉଡ଼ି ଯାଆନ୍ତି
ଆଉ ଗୋଟେ ବର୍ଷ ପାଇଁ ସମୟର ନାଁ ନେଇ

ଜିପ୍‌ସୀ ! ଆମେ ଥରେଥରେ ଆଶ୍ୱିନର ଖରାକୁ ସହିଲେ
ବର୍ଷାକୁ ଭୋଗିଲେ ଝର୍କା କାଚରୁ
କେହି କାହା ସହ କଥା ହେଲେନି
କଥା କେଉଁଠୁ ଆରମ୍ଭ କରିବା
ବୋଧେ ଜାଣି ପାରିଲେନି
ଆମେ ଉଭୟେ ବେଶ୍ ବୟସ୍କ
ହେଇଗଲେଣି ଯା' ଭିତରେ

ଜିପ୍‌ସୀ ! ତୁମେ ଆଉ ଆଗ ଭଳି ଡାଏରୀରେ ରୁହନି
ତୁମେ ଆଉଥରେ ଆଗ ପରି
ଅପରିଚିତ ମନେ ହୁଅନି
ପ୍ରଥମ ଦେଖାରେ ତୁମେ ସେଇକଥା ହିଁ କହିଥିଲ

ବୋଧେ ମୁଁ ବି
କେତେ କେତେ ଯୁଗ ବିତିଗଲାଣି
ପ୍ରସ୍ତର ଯୁଗରୁ ଆଜିଯାଏଁ

ତୁମେ ନିରପେକ୍ଷ ରୁହ ଅନେକ କଥାରେ ମୋ ଅଭିଯୋଗରେ
ମୁଁ କେବଳ ଭଲପାଇବାରେ
ନିରପେକ୍ଷ ରହି ପାରେନି
ମୋର ଏଇ ଦୁର୍ବଳତାକୁ ମୁଁ ମାନିନେଉଛି
ଏଇଥିପାଇଁ ଯେ ତୁମେ ସୃଷ୍ଟିର ସବୁଠୁ କାମ୍ୟ ପୁରୁଷ
ଯିଏ କେବଳ ମୋ ପାଇଁ ପୃଥିବୀର
ସବୁବେଳେ ଖୁସିର କାମନା କରିପାରେ !

ଜିପ୍‌ସୀ ! ତୁମେ ଏବେ ଡାଏରୀରେ ରୁହନି
କାଗଜ ପୃଷ୍ଠାରେ ବି
କାଗଜର ମାର୍ଜିନରୁ ଉଠି ଆସ
ଉଡ଼ି ଆସ ବାରମ୍ବାର ନୀଳ ପ୍ରଜାପତି ହେଇ
ଏଇ ମୋ ପାପୁଲି ପାଖକୁ
ତୁମେ ମାର୍ଜିନ୍‌ରୁ ବାହାରି ଆସ ଓ
ମୋ ଭିତରେ ଜାଗାଟିଏ ଖୋଜ
ମୁଁ ଏବେ କାଗଜରେ ଆଉ ମାର୍ଜିନ ଦେଉନି ।

ଷ୍ଟେସନ ବଜାର, ଢେଙ୍କାନାଳ-୭୫୯୦୦୧
ଫୋନ: ୭୦୦୮୩୧୦୨୬୮



ଚିତ୍ର ପ୍ରବାସିନୀ ମହାକୁଡ଼

# କାଉଁରିଆ କାଠ

## ଅମୀୟ ରଂଜନ ମହାପାତ୍ର



▲ ଚିତ୍ର : ଶିଳ୍ପୀ ସୌମ୍ୟରଂଜନ ପଟ୍ଟନାୟକ

ଆ' ଦେଖ୍, କେଡ଼େ ଅହଂକାରରେ
ମୁଁ ମତେ ପୂରା ଭାଙ୍ଗିଦେଲି
ତୁ ଅଧାଭଙ୍ଗା କରି ଛାଡ଼ିଯିବା ପରେ ପରେ... !

ପକ୍ଷୀଡେଣାରେ ବାଜି
ଆହତ ହେଲା ଯେଉଁ ନିଷାଦର ତୀର,
ସେଇଠି ତୁ ଲେଖିଥିବା
ଅଧାଖଣ୍ଡିଆ ଆୟୁଷରେଖା ବିରୁଦ୍ଧରେ
ଯୁଦ୍ଧଟେ ପରି ଠିଆ କରେଇଲି ମୋ ଅହଂକାର ।

ଦୀପ ହୋଇ ଜଳୁଥିଲି ମୁଁ
ତୁ ବାଧ କଲୁ ବାପ ହୋଇ ଜଳିବାକୁ ।
ହେଲେ, ମୋ ଲୁହରେ ଭାଗେ ବର୍ଷା ଅନେଶୋତ ବୈଶାଖ ।

କ୍ଷତର ପୋଡ଼ାଗନ୍ଧରେ ମୁଁ ଆହୁରି ଜିଦ୍‌ଖୋର୍ ହୁଏ
ନିଆଁରେ ସଜାଏ ଜଉଘରର ଥାକ ।

ହୁଏତ ସିନ୍ଦୂରା ଫୀଟିବା ଆଗରୁ ବି
ପାଚେରି ଡେଇଁ ପଶି ଆସନ୍ତି ନାନା ରଙ୍ଗର ପରାଜୟ !
କୁଆଡୁ ଆସେ କେଜାଣି କଫିକପ୍‌ରେ ଏତେ ମେଘ !

ହେଲେ, ମତେ ବି ଜଣା, ହାରିବାକୁ ହତିଆର୍ କରି
ତୋ'ର ସବୁ ହତ୍ୟା ବିପକ୍ଷରେ
ଜୀବନଟେ ପରି ଠିଆ ହେବାର ବାଗ !

ମୁଁ ହାଡ଼ରେ କବିତା ଲେଖିଲା ବେଳେ ବି
କାଳେ ରୋମାଣ୍ଟିକ୍ ଦିଶେ, ହେଃ

କିଏ କିଏ ମିଛରେ କହିଦେଲେ ବୋଲି ତୁ ବି ଭଳିଗଲୁ !
କେତେ ବର୍ଷା ଥିଲା ମୋ ଛତା ତଳେ ଯେ
ତୋ' ଛାତିରେ ଜଳିଲା ଈର୍ଷାର ଅନଳ ?

ହେଲେ, ତୁ ଦେଉଥିବା ଦୁଃଖବତୁରା ଦେହକୁ
ମୁଁ କୋଉ ପାଖରେ ରଖେ ଯେ ସନ୍ତୁଳି ହେଉଥିବି କାଳକାଳ !

ତୋ' ଦେହରଙ୍ଗ ପରି ଆକାଶ ଦିଶେ ବୋଲି
ଭାବୁଛୁ କି ମୁଁ ମତେ ମନା କରିଦେବି ଜହ୍ନ ଦେଖିବା ?

ତୁ ଗୁଡ଼ି ପରି ଉଡ଼ଉଥିବା
ମେଘର ପଲିଥିନ୍ ତଳେ କଦମ୍ବ ଫୁଟେ ବୋଲି
ଭାବୁଛୁ କି ମୁଁ ମତେ ଭୁଲେଇଦେବି ଯମୁନା ପରି ଗାଇବା ?

ତୋ' ନାଆଁ ପାଖରେ ଥକ୍କାମାରି ବସିଥିବା
ଯେଉଁ ପ୍ରାର୍ଥନାମାନଙ୍କୁ ନିଦ ହୁଏନି
ମୁଁ ଆଉ ସେଠି ଧୂପ ପରି କୁହୁଳୁନି ମ ଆଜିକାଲି ।
ମତେ ତୋ' ଅମରତ୍ୱରୁ କ'ଣ ମିଳିବ
ମୋ ମୃତ୍ୟୁ ବି ମୁଁ ଧାର୍ ଦେବିନି ତତେ...

ଯେଉଁ ରାସ୍ତାରେ ତୋ' ପାଇଁ ମରିଛି ମୋ ଲକ୍ଷ ଲକ୍ଷ ପାଦଚିହ୍ନ,
ସେଇ ବାଟରେ ତୁ ପହଣ୍ଡିବିଜୟରେ ଫେରିବା ବେଳେ
ଫୁଲ ପରି ଫୁଟିବା ତ ଦୂରର କଥା
ମୁଁ ଦୂବ ପରି ବି କଅଁଳେଇବିନି ମତେ... !

♥ କଳାମଣ୍ଡପ ରାସ୍ତା, ପିଠାପୁର, କଟକ - ୭୫୩୦୦୧
ଫୋନ : ୯୪୩୭୦୨୭୫୭୦



▲ ଫଟୋ : ଅମିୟ ରଞ୍ଜନ ମହାପାତ୍ର

# ଆ

## ପ୍ରୀତିଲେଖା ଦାସ

ଆ, ମୁକୁଳି ଆ ନିଜ ଭିତରୁ ।

ଉଆଁସୀ ଆକାଶ ଦେହରେ
ଥାପି ଦେଇ ହଳେ ଆଖି
ଭୋଗି ନେ, ଜ୍ୟୋତ୍ସ୍ନା ।

ଆହୁରି ଦୀର୍ଘ କରି ନେ, ଏ ରାତି ।
ତା'ର କଳା ମଚମଚ ପିଠିରେ
ବୋହି ନେ- ପରାଜୟ ମୃତ୍ୟୁ ପରି
ଓଜନିଆ କିଛି ନୀରବତାମାନଙ୍କୁ ।

ଝାଡ଼ି ଦେ, କଳିଜା ଦେହରେ
ଲାଗିଥିବା ଧୂଳି
ମୁକ୍ତି ଦେ, ଦୁଃଖମାନଙ୍କୁ
ମୁକ୍ତି ଦେ, ସେହି ପ୍ରଶ୍ନମାନଙ୍କୁ,
ଉଇଁନଥିବା ସକାଳଟେ ପାଇଁ
ଯେଉଁ ପ୍ରଶ୍ନ ଧରି
ଝୁଲି ରହିଛୁ ବେତାଳ ପରି

ଅୟୁତ କାଳ ତୁ
ଅନ୍ଧାର କାନ୍ଧରେ ।

ନିଜକୁ ଚିପୁଡ଼ି ଚାପୁଡ଼ି
ନିଗାଡ଼ି ଦେ
ଗର୍ଭବତୀ ହୋଇଯାନ୍ତୁ
ନିଜ ନିଃସ୍ପୃହତାରେ ପୂର୍ଣ୍ଣତା ଖୋଜୁଥିବା
କିଛି ଅନ୍ଧାରମାନେ ।

ଆ, ମୁକୁଳି ଆ ନିଜ ଭିତରୁ ।

♥ ଭୋଇସାହି, ବାଲେଶ୍ୱର-୭୫୬୦୦୧
ଫୋନ:୯୮୫୩୩୪୪୬୮୮



▶ଫଟୋ ପ୍ରୀତିଲେଖା ଦାସ

# ତୁ ଫେରି ଆସିବୁ ପକ୍ଷୀରେ

## ନୀଳମାଧବ କର

କେବେ କେବେ ତୋ କଥା, ତୋ ସ୍ୱର
ମନକୁ ଆସିଲେ
ବାରି ହେଉଥିବ ଅନ୍ୟମନସ୍କତା ମୋର
ମୋ ଚାରିଆଡ଼େ
ମୋତେ ବେଢ଼ି ରହିଥିବା ମୋ ପରିବାର
କହୁଥିବେ, ଆଖି ଇସାରାରେ ମୋତେ, ଫେରିବାକୁ
ଜୀବନକୁ, ଜୀବନକୁ

ତୋ କଥା କେମିତି ବୁଝେଇବି ସେମାନଙ୍କୁ
ମୋତେ ବୁଝି ପାରୁ ନଥିବା ମୋ ନିଜ ସମ୍ପର୍କସବୁଙ୍କୁ
ଶହେ ମୟୂରର ରଙ୍ଗବୋଳା ତୋ ଟିକି ଦେହ
ଛୁଞ୍ଚି ପରି ଥଣ୍ଟ, ଗୁଞ୍ଜା ଆଖି
ତୋ ସ୍ପନ୍ଦିତ ହୃଦୟର ଅବୁଝା ଏଲିଜି
ସେ ଅଣଲେଉଟା ଅପରାହ୍ନର ସମ୍ପର୍କ
ତୋ ମୋ ଭିତରର କଥା
କେମିତି ବୁଝେଇବି ପକ୍ଷୀରେ
ତୋ ପାଇଁ ମୋ ଶବ୍ଦସବୁ, ତୋ ବିନା
ଅସ୍ଥିମଜ୍ଜା ହରେଇ ବସିବେ
ପାଗଳ ପ୍ରଳାପ ପରି

ପରେ ପରେ, ଋତୁ ପରେ ଋତୁ ଦଉଡ଼ିବ
ମୋ ବୟସ ପଛରେ
ବାଳସବୁ ଝୋଟ ହେଇଯିବ, ଅଣ୍ଟା ନଇଁଯିବ
ଦେହ ହାତ ଥରୁଥିବ, ଧରିଥିବି ଆଶା ବାଡ଼ି
ବଞ୍ଚିଥିବି ତୋ ଅପେକ୍ଷାରେ

ହୁଏତ ମୋ ଆଶାବାଡ଼ି ପୁଣି ଗଜେଇବ
ନୂଆ ପତ୍ର, ଫୁଲ ଓ ଫଳରେ ଭରି ହେବ
ତୁ ଫେରି ଆସିବୁ ପକ୍ଷୀରେ
ଲୁଚିବସି ନହକା ଡାଳରେ
ମୋ ପାଇଁ ଗୀତଟେ ଗାଇବୁ
ଶୁଣୁଶୁଣୁ ଶୋଇଯିବି ଗଛମୂଳ ଛାଇରେ ମୁଁ
ତତେ ସପନ ଦେଖିବି

ଜୀବ ଗଲା ବେଳେ
ତୋ ଠିକଣା ଖୋଜୁଥିବେ ମୋ ପରିବାର
ଖବର ଦେବାକୁ
ସେତେବେଳେ, ତାଙ୍କରି ଆଗରେ ପକ୍ଷୀ ମୋର
ଉଡ଼ିଯିବୁ ଫୁର୍‌କିନା ମୋରି ଭିତରୁ ।

♥ ଓଲ୍‌ଭରହାମ୍ପଟନ୍, ୟୁକେ



▶ଫଟୋ ନୀଳମାଧବ କର



ଚିତ୍ର : ମନୋଜ କୁମାର ସାହୁ

# ଦୁଇଟି କବିତା

## ହେମନ୍ତ ମହାନ୍ତି

### ବଡ଼ି

ପ୍ରବାସୀ ପୁଅ ଲାଗି
ବୋଉ ପଠେଇଛି ବଡ଼ି ।

ଶଙ୍ଖ ମର୍ମର ପରି ସଫେଦ, ଚିକ୍କଣ
ତୁଷାର ପରି ମୁଲାଏମ୍
ଏ ବଡ଼ି ମୋ ବୋଉ ହାତର
ଯେମିତି ତାର ନିର୍ମଳ ଶ୍ରଦ୍ଧା ।

ବୋଲ ମାନୁନଥିବା ଥରିଲା ହାତ
ଦୂରକୁ ଦେଖି ପାରୁ ନଥିବା ଉଦାସ ଆଖି
ଭାଙ୍ଗି ପଡୁଥିବା ଶରୀର
ସରି ଆସୁଥିବା ଶକ୍ତି, ସାହସ
ସବୁକୁ ସାଉଁଟି କେଡ଼େ ଯତନେ
ପାରିଛି ଏ ବଡ଼ି ସବୁ ।

ପଲିଥିନ୍ ଭିତରେ ବଡ଼ି
ତା ଉପରେ ଖବର କାଗଜ
ତା ପୁରୁଣା ଲୁଗାର ଖଣ୍ଡେ ଚିରା କପଡ଼ାରେ
ବାନ୍ଧିଛି ତାକୁ ।

ଖାଇସାରି ମୁହଁ ପୋଛିବାକୁ
ଯେମିତି ପଠେଇଛି
ତା ପଣତକାନି ।

ବଡ଼ି ପରି ବୋଉର ଅନେକ ସ୍ୱପ୍ନ
ସଂସାର ଗଢ଼ା ବାସନାରେ
ଚୁରି ଖାଇଛି ମୁଁ ।

ଅଥଚ,
ସ୍ୱପ୍ନ ପରି ତା ବଡ଼ି ପରାର ଶେଷ ନାହିଁ
ନା ଶେଷ ଅଛି ବଡ଼ି ଚୁରା ଖାଇବାର
ମୋ ନିଷ୍ପାପ ଲୋଭ ।

### ଚୌକି

ଚୌକି ସ୍ୱପ୍ନ ଦେଖାଏ !
ପଙ୍ଗୁକୁ ଏଭରେଷ୍ଟ୍
ଅନ୍ଧକୁ ଚାରୁଚିତ୍ର
ମୂକକୁ ଶବ୍ଦ ସଂଭାର
ବଧିରକୁ ସପ୍ତସୁର ।

ବିଶ୍ୱାମିତ୍ରଙ୍କ ପାଇଁ
ଚୌକି ପାଲଟେ ମେନକା !

ଚୌକି ମାୟାରେ ବାୟାହୁଏ ମଣିଷ !
ମାଟି ଛାଡ଼େ, ପଥ ହୁଡ଼େ
ଭେକ ଭୁଲେ, ଭୋକେ ଜଳେ
ହସେ, କାନ୍ଦେ, ନାଚେ ଖେଳେ
ତା' ଇଙ୍ଗିତରେ ।

ରକ୍ତ, ମାଂସ, ହୃତ୍‌ପିଣ୍ଡ ଆହାର କରି
ଚୌକି ବଂଚୁଥାଏ
ମଣିଷ ଆୟୁଷ ।

ଚୌକି ଉପରେ ବସୁଥିବା ମଣିଷ
ଦିନେ ଚୌକି ପାଲଟେ
ଆଉ ଚୌକି ହୁଏ ହାକିମ ।

୨୧/୧୩, ଅଫିସର୍ସ କଲୋନୀ
ଦକ୍ଷିଣପୂର୍ବ ରେଳପଥ, କଲିକତା-୭୦୦୦୪୩
ଫୋନ:୯୦୩୮୯୨୭୦୨୩



କବି ହେମନ୍ତ ମହାନ୍ତି

# ରାତି କବିତାରେ ଦିନର କଥା

## ଗଙ୍ଗାଧର ବିଶ୍ୱାଳ

ଲାଗେ,
ଜହ୍ନରାତି
ଅନ୍ଧାର ରାତି
ଯାଆଁଳା ଭାଇଭଉଣୀ ।
ପ୍ରଥମଥର ଗର୍ଭଧାରଣ କରିଥିବା
ବିବାହିତା ମା'ର ସନ୍ତାନ ।

ଲାଗେ
ରାତିଟାଏ ରତିଏ ସୁନା ।
ବିନା ଖାଦ୍‌ରେ
ତିଆରି ହେଇପାରୁଥିବା ନାକଚଣା ।

ଜାଣିବ,
ଆଜିକାଲି ଦେହରେ ଯାଉନି
ରାତି ଉଜାଗର ।
ହଜମ ହେଉନି ଈର୍ଷା ଅସୂୟା
ଉପବାସ ଓ ବ୍ରତ ଉପାସନା ।

ବୟସ କଥା କହୁନାହିଁ
କହୁଚି, ସମୟ କଥା ।
ସମୟର ନଖଦର୍ପଣରେ ଦିଶୁଥିବା
ସିସିଟିଭି ।

ଲାଗେ:
ସମୟର ଘରଉଜୁଡ଼ା ମରୁଝଡ଼
ସମୟର ନିଅଣ୍ଟିଆ ବଜେଟ୍ ମାଡ଼
ଅଣଚାଶ ଆରପାରି ଅରଣା ବିଶ୍ୱାସ ।
ନିଜ ଉପରୁ
ସରିସରି ଆସୁଥିବା
ହାତ ଆଉଁସା ଭରସା ।

ଜାଣିବ :
ଆଗ ଭଳି ଆଉ
ଚାଣ ଖରା ଛୁଉଁନାହିଁ ମାଟି
ଖାଲିପାଦ ଯାଉନାହିଁ ରାସ୍ତାକୁ ।
ନିଜକୁ ନିରାପତ୍ତା ଦେଉନାହିଁ
ସ୍ୱପ୍ନର ଖୋଳପା ।

ଜାଣିବ:
ଭଲ ଲାଗୁନାହିଁ
ଶଗଡ଼ଗୁଳାର ଜୀବନ ।
ଯେଣୁ;
ଆତ୍ମହତ୍ୟା ଆବେଦନ
ଅବିବାହିତାର ଗର୍ଭପାତ
ନାରୀଟିଏର ଦେହଭୋକ କଥା



▲ଚିତ୍ର : Ankita Kumar

ନିଶଦାଢ଼ି ଉଠିନଥିବା ଜହ୍ନକଲା ପୁଅ
ମାସିକ ଋତୁସ୍ରାବ ଆମନ୍ତ ଆଗର ଝିଅ
ଜାଣି ଗଲେଣି ଭଲ କରି ।

ଲାଗେ;
ଆଗ ଭଳି ଆଉ ନାହିଁ ଗାଁ
ଗାଁର ସକାଳ । ଉପରଓଳି
ସଂଜ ଓ ରାତି ।
ଯେଣୁ;
ଗାଁ ଭିତରକୁ
ବିନାନୁମତିରେ ପଶି ଆସିଲାଣି
ସହର ।
କାହାକୁ କହିବା ମନର କଥା ।
କାହିଁକି;
ଗୀତ ଶୁଣି ତରଳି ଯାଉନି ହୃଦୟ
କଟୁ କଥା ଶୁଣି
ହୃଦ୍‌ଘାତରେ ବରଫ ପାଲଟୁଛି ଦେହ ।

ଜାଣିବ;
ଧୂଳିଧୂସର ମନରେ ଆମର
ପହଁରି ଯାଉନି
ଚାଳଛପରର ଧୂଆଁ ।
ନାକ ଭିତରେ ଓଲିଆ ଦୁହାଁଳିଆ ଗାଈର
ଛଦଣି ହେଉ ନାହିଁ
ଆମମାନଙ୍କ
ମଗଜ ତଳେ ଜଳୁଥିବା ନିଆଁ ।
କାହିଁକି;
କୁଟା ଓ ଘଷିପୋଡ଼ା ଅଙ୍ଗାର ତର୍କାରି
ଏତେ ସୁଆଦିଆ ।

ଦେଖୁନ;
ବିଜୁଳିତାରକୁ ଦୋଳି କରି ଝୁଲୁଥିବା
ପାରାଟି
ତଳକୁ ଖସି ପଡ଼ିବା ଦେଖି
ବାରଦୁଆର ଶୁଙ୍ଘିପିଣ୍ଡା ବିରାଡ଼ିଟା
କେମିତି ଛୁଉଁନାହିଁ
ମଳା ଚମଡ଼ା ତଳର ମାଂସଳ ଦେହ !

ଜାଣିବ;
ସୀତାଚୋରି
ଗୀତିନାଟ୍ୟ
ଏକାଙ୍କିକା
ପୁନର୍ଜନ୍ମ ନେଉନାହିଁ ଅଭିନୟରେ ।
ଯେମିତି;
ନିଶ ଅଛି । ଦାଢ଼ି ଅଛି
ନାହାନ୍ତି ରାଧାନାଥ ଗୋପବନ୍ଧୁ,
ଆଜିର ସମୟରେ ।

କହିଚି;
ବୟସ ନୁହେଁ
ସମୟର କଥା ।
ଏଇନେ କହୁଚି;
ରାତି ଏଣିକି
ସମ୍ଭୋଗ ପରେ ଜଣେ ମଧ୍ୟବୟସ୍କ ପୁରୁଷର
ନିଦ ବାଉଳା ଆଖି
କାନ୍ଥଘଣ୍ଟାର ଗୋଟିକିଆ ଅଚଳ କଣ୍ଟା ହେଇ
ଅପେକ୍ଷାରେ ଅଛି
ଭୋର୍‌ର ।

ଜାଣିବ;
ସମୟ ଉଠୁଛି ନିଦରୁ
ଶବାସନ ବ୍ୟାୟାମ ପରେ ପରେ ।
ଶିଳ୍ପାଂଚଳର ଏକ ନାମକରା ଫ୍ୟାକ୍ଟ୍ରିରେ
'ଏ' ସିଫ୍‌ଟ୍ ଡ୍ୟୁଟି ଅଛି,
ତରତରରେ ବାହାରୁଛି
ଏଗାରଶ ଅନେଶତ ପରିବାରର ପେଟପାଟଣାରେ ।

♥'ଆମଘର', ନିଉକଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧
ଫୋନ:୯୪୩୭୧୨୯୨୬୫





▲ ଚିତ୍ର : ଶିଳ୍ପୀ ଜ୍ୟୋସ୍ନାରାଣୀ ନନ୍ଦ

# ଦୂରେ ରୁହ

## ହିରଣ୍ମୟୀ ମିଶ୍ର

ଅଲେଖା ରହିଛି ସଂଚିତ କେତେ ଭାଷା
ସାଇତା ରହିଛି ମନତଳେ ଯେତେ ଆଶା
ଦୂରେ ରୁହ
ଦୂରେ ରୁହ
ଏ ବେଳରେ କିଆଁ ମୃତ୍ୟୁ ହେ ତୁମେ
ଦେଖାଅ ତୁମର ମୁହଁ ?

ସନ୍ତାନ ମୋର ବୁଝିନି ଏଯାଏଁ
ସଂସାରର ଯେତେ ମାୟା
ବାପା, ମା, କୋଳ ଜାଣିଛି କେବଳ
ଜୀବନର ତାର ଛାୟା
ଦୂରେ ରୁହ
ଦୂରେ ରୁହ
ଭାରି ଡର ଲାଗେ, ମୃତ୍ୟୁ ହେ ତୁମେ
କାହିଁକି ଦେଖାଅ ଭୟ ?

ଶରତ ଆକାଶେ ଜହ୍ନ ଦିଶୁଛି
ଫରଚା
ମାଟିରେ ସବୁଜଧାନ ଫସଲର
ଗାଲିଚା
ଦୂରେ ରୁହ
ଦୂରେ ରୁହ
ମୃତ୍ୟୁ ଏ ତୁମ ଆସିବାର ବେଳ ନୁହଁ ।

ପହର ପହର ରାତିର ଆୟୁଷ ସରେ
ପଡ଼େନି କ୍ଳାନ୍ତ ଆଖିରେ ଯେ ମୋର ପଲକ



▲ ଫଟୋ ହିରଣ୍ମୟୀ ମିଶ୍ର

କାଳେ କେତେବେଳେ କବାଟ ସେପାଖେ ଶୁଭିବ ତମର
ଡାକ,
ଦୂରେ ରୁହ
ଦୂରେ ରୁହ
ସରିନାହିଁ ମୋର ସ୍ୱପ୍ନ ଆହୁରି
କାହିଁକି ଆଣ ସଂଶୟ ?

ଭଲ ପାଇବାର ସୁଧା ବାଣ୍ଟୁ ବାଣ୍ଟୁ
କେମିତି ଚରିଲା ବିଷ
ପ୍ରତ୍ୟୟ ମୋର ହୁଏ ନାହିଁ ସତ
ଏ ସମୟ ହେବ ଶେଷ
ଦୂରେ ରୁହ
ଦୂରେ ରୁହ
ପ୍ରେମର ପିଆଲା ସରିବା ପାଇଁକି ମହଲତ ଟିକେ ଦିଅ ।

ଫିକା ପଡ଼ିନାହିଁ ଆଲୁଅ ଆଖିର
ଶୁଭିନାହିଁ ଏବେ ଗାଇଆଳ ସ୍ୱର
ଦୂରେ ରୁହ
ଦୂରେ ରୁହ
ଗୋଧୂଳି ରଙ୍ଗ ଦିଶିବା ଆଗରୁ
ହୁଅ କିଆଁ ତରବର ?

ଦୂରେ ରୁହ
ଦୂରେ ରୁହ
ଜାଣିଛି ଦିନେ ମୁଁ
କହିଯିବ ମତେ ସରିଲା ଏବେ ସମୟ
ଟିକିଏ ନକରି ଭୟ
ତମରି ଉଷ୍ମ କୋଳରେ ନେବି ମୁଁ ସେଇ ଶେଷ
ଆଶ୍ରୟ ।
ଏବେ ଦୂରେ ଦୂରେ ଟିକେ ରୁହ ।

♥ ଜି-୪୯, ଡୁପ୍ଲେକ୍ସ, ଗତିକୃଷ୍ଣ ଗ୍ରୀନ୍ସ, ଅଲାରପୁର,ରଙ୍ଗବଜାର,
ଭୁବନେଶ୍ୱର-୭୫୨୧୦୦, ଫୋନ:୭୮୯୪୭୪୪୦୦୧

ଧାରାବାହିକ ଚରିତ-ଉପନ୍ୟାସ



# ଦାସେ ଆପଣେ

୨୮

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



◀ ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୂଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ପ୍ରଥମ ବିଶ୍ୱଯୁଦ୍ଧର ଦୁନ୍ଦୁଭି ବାଜେ । ଆରମ୍ଭ ହୋଇଯାଏ ଆଧିପତ୍ୟ, ଜାତୀୟତା ଓ ଶ୍ରେଷ୍ଠତ୍ୱ ନାଁରେ ଭୟାବହ ଲଢ଼େଇ । ବ୍ୟବହୃତ ହୁଏ ନୂଆ ଉଦ୍ଭାବିତ ଅସ୍ତ୍ର ସବୁ । ଗୋପବନ୍ଧୁଙ୍କ ବିଶ୍ୱ ଦୃଷ୍ଟି ଏଥିରେ ହୁଏ ମର୍ମାହତ । ତାଙ୍କର ବିଶ୍ୱଜନ ପ୍ରୀତିର ଆଦର୍ଶ ଏଥିରେ ହୁଏ କ୍ଷତାକ୍ତ । ଯୁଦ୍ଧ ମାତ୍ରେ ହିଁ ତ ଲୋକକ୍ଷୟ, ପରିବେଶ ଧ୍ୱଂସ, ଦର ବୃଦ୍ଧି, ଉତ୍କଟ ଖାଦ୍ୟାଭାବ ଆଉ ଶରଣାର୍ଥୀ ସମସ୍ୟା । ଯୁଦ୍ଧ ସଭ୍ୟତାର ବିନାଶକାରୀ । ଉଭୟ ବିଜେତା ଓ ବିଜିତ କେହି ଯୁଦ୍ଧରେ ଜିତନ୍ତି ନାହିଁ । ଜିତେ ମରଣ । ପିଲାଦିନେ ସେ ଥରେ ଅବଧାନ ଆପଣେଙ୍କୁ କୌତୁହଳି ହୋଇ ପଚାରିଥିଲେ – **'ଆପଣେ ଯୁଦ୍ଧ ବୋଇଲେ କଣ ?'**

ଆପଣେ କୌତୁକରେ ଉତ୍ତର ଦେଇଥିଲେ, "ଆରେ ଗୋପ ଏତିକି ବୁଝି ପାରୁନୁ । ଯୁଦ୍ଧ ବୋଇଲେ ଏଣୁ ଶବର କାଣ୍ଡ ମାରେ ତେଣୁ ଶବର କାଣ୍ଡ ମାରେ ।" ହେଲେ ଏ ଯେଉଁ ମହାସମର ଆରମ୍ଭ ହୋଇଛି ତାହା ତ ଆଉ କାଣ୍ଡ ମରାମରି ନୁହେଁ । ବୋମା ଠାରୁ ଆରମ୍ଭ କରି ମାଇନ ପର୍ଯ୍ୟନ୍ତ କେତେ ପ୍ରକାରର ଅସ୍ତ୍ର । ଯୁଦ୍ଧ ଚାଲିଛି ବୋଲି ସବ୍‌ମେରିନ,ଟରପେଡୋ ଇତ୍ୟାଦି କେତେ କଣ ଶବ୍ଦ ଲୋକେ ଶୁଣୁଛନ୍ତି । ସତ୍ୟବାଦୀରେ ନିଜ ପାଇଁ ଉଦ୍ଦିଷ୍ଟ କୋଠରୀରେ ବସି ସେ ଚିନ୍ତା କରନ୍ତି ମଣିଷର ଏ ଆଧିପତ୍ୟ ବାଦୀ ମନୋଭାବ ବିଷୟରେ । ରଣ କୌଶଳ ଦିଗରୁ ଭାରତ ଇଂଲଣ୍ଡକୁ ସମର୍ଥନ କରୁଥାଏ । ସୈନ୍ୟ ବଳ ଯୋଗାଏ । ଆନୁସଙ୍ଗିକ ସହାୟତା ମଧ୍ୟ କରେ । ଅବଶ୍ୟ ପଦାନତ, ଶାସିତ ଦେଶର ଇଚ୍ଛାକୁ କିଏ ବା ମୂଲ୍ୟ ଦିଏ । ସେପାଖରୁ ଆଶ୍ୱାସନା ମିଳିଥାଏ ଯେ ଜିତିଲେ ଭାରତକୁ ସ୍ୱାଧୀନତା ମିଳିବ । ଏ ରାଜନୈତିକ ନିଷ୍ପତ୍ତି ଗୋପବନ୍ଧୁଙ୍କୁ କିଛିଟା ବିବ୍ରତ କରିଥାଏ । ତାଙ୍କୁ ଲାଗୁଥାଏ ଏ ରାଜନୀତି ଅପରିପକ୍ୱ । ତାଙ୍କର ଉଦାର ମାନବ ହୃଦୟ ଏହାକୁ ଗ୍ରହଣ କରିପାରୁ ନଥାଏ ।

ପୃଥିବୀ ରହିଲେ ସିନା ଭାରତ ରହିବ, ରହିବ ଓଡିଶା । ଏତେ ଉଚ୍ଚ ଶିକ୍ଷିତମାନେ ଯଦି ଧ୍ୱଂସକାରୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ପାରନ୍ତି ତା ହେଲେ ଆଉ କାହାକୁ ବା କଣ କହିବା । ଅସଲରେ ଏ ସବୁ ମୂଳରେ ଅଛି ଅବିକଶିତ ଶିକ୍ଷା । ଯୁଦ୍ଧଖୋର ଦେଶ ଗୁଡିକର ନେତାଏ ହୁଏତ ଉଚ୍ଚ ଶିକ୍ଷିତ ମାତ୍ର ସେମାନଙ୍କ ଅନ୍ତର ଅଶିକ୍ଷିତ । ଶିକ୍ଷା ଏପରି ହେଉ ଯେପରି ମଣିଷ ତା'ର ଅନ୍ତରରୁ ବଦଳିବ । ନହେଲେ ଅତି ଜ୍ଞାନ ମଣିଷକୁ ଏ ଭୟାବହ ହିଂସା ଆଡ଼କୁ ପ୍ରେତ ଭଳି ଅଡେଇ ନେବ । ତେବେ ବିଦ୍ୟା, ବୈଷୟିକ ଜ୍ଞାନକୌଶଳ ହାସଲ କରି ଲାଭ କଣ ? ଯୁଦ୍ଧ ହେବ କେଉଁଠି ଅଥଚ ଭାରତର ଗରିବ ପୁଅ ବ୍ରିଟିଶ ସପକ୍ଷରେ ଲଢ଼ି କୋଉ ଅପନ୍ତରାରେ ବୋମା ମାଡ଼ରେ ଜୀବନ ହାରିବ । ମଣିଷ ଏ ବର୍ବରତାରୁ ମୁକୁଳିବ କେବଳ ଶିକ୍ଷା ମାଧ୍ୟମରେ । ତେଣୁ ସେ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାକୁ ଯଥା ସମ୍ଭବ ସାମଗ୍ରିକ ଓ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରୁଛନ୍ତି । ପିଲେ କେବଳ ପୋଥିଗତ ବିଦ୍ୟାରେ ସୀମିତ ରହିବେ ନାହିଁ । ସେମାନଙ୍କର ଲୌକିକ ଜ୍ଞାନର ବିକାଶ ସହିତ ଅନ୍ତର୍ଜ୍ଜଗତର ଉନ୍ନତି ହୋଇ ପାରିବ ସେଥିପାଇଁ ଅନେକ ବ୍ୟବସ୍ଥା କରାଯାଉଛି । ସାକ୍ଷୀଗୋପାଳରେ ଥିଲେ ସେ ପ୍ରାୟ ସବୁ ପ୍ରସଙ୍ଗରେ ପିଲାଙ୍କ ସହ ଭାବ ବିନିମୟ କରୁଛନ୍ତି । ପ୍ରଥମ ପଦକ୍ଷେପ ହୋଇଛି ସାଧାରଣ ଭୋଜନାଗାର ନିର୍ମାଣ । ଭିନ୍ନଭିନ୍ନ ମେସ୍ ଭଙ୍ଗାଯାଇ ସାଧାରଣ ଭୋଜନାଗାର ଓ ପାକଶାଳା ବ୍ୟବସ୍ଥା କରିବାର ଯୋଜନା ସଫଳ ହୋଇଛି । ଗୋପବନ୍ଧୁ ବଡ଼ ଆଶ୍ୱସ୍ତ ଯେ ତିନି ଶହ ଛାତ୍ର ଏକାଠି ବସି ଖାଇ ପାରିବା ଭଳି ଭୋଜନାଗାର ନିର୍ମିତ ହୋଇ ସାରିଛି । ତାକୁ ଲାଗି ସେହିପରି ବଡ଼ ଖନ୍ଦା । ଏହା ଅନ୍ତତଃ ପକ୍ଷେ ପିଲାମାନଙ୍କୁ ଭିତରୁ ଜାତି ଭେଦ ଦୂରେଇବାରେ ସହାୟକ ହେବ । ଏ ମାଧ୍ୟମରେ ତଦ୍‌ଜନିତ ନାନା କୁସଂସ୍କାର ମଧ୍ୟ ଦୂରେଇ ଯିବ । ସବୁ ଜାତିର ପିଲାଏ ଏକା ଜାଗାରେ ଏକା ପ୍ରକାରର ଖାଦ୍ୟ ଖାଇଲେ ହୀନମନ୍ୟତା ଓ ଅହଂମନ୍ୟତା ଉଭୟ ମିଳେଇ ଯିବ । ଫଳରେ ଦେଶ ସ୍ୱାଧୀନ ହେଲା ବେଳକୁ ଗୋଟିଏ ନୂଆ କୁସଂସ୍କାରହୀନ ଯୁବଗୋଷ୍ଠୀ ବାହାରିବେ । ସେଥିପାଇଁ ସେ ସରକାରୀ ବ୍ୟବସ୍ଥାର ବାହାରେ ଅନେକ ପ୍ରକାରର ନୂଆ ପରୀକ୍ଷାନିରୀକ୍ଷା ଚଳାଇବା ଆରମ୍ଭ କରିଥାନ୍ତି । ବିଦ୍ୟାଳୟରେ ପାଠ୍ୟକ୍ରମ ବାଦ ବିଭିନ୍ନ ପ୍ରକାରର ବ୍ୟାୟାମ, କସରତ ଆଦି ଶିକ୍ଷା ଦିଆ ଯାଉଥାଏ ।

ପିଲାମାନଙ୍କ ଅନ୍ତର୍ନିହିତ ସର୍ଜନ ପ୍ରତିଭାର ବିକାଶ ପାଇଁ ସଙ୍ଗୀତ ଶିକ୍ଷାର ବ୍ୟବସ୍ଥା ମଧ୍ୟ ହୋଇଥାଏ । ବ୍ୟବହାରିକ ଜ୍ଞାନର ବିକାଶ ପାଇଁ ମଧ୍ୟ ଯଥାରୀତି ଶିକ୍ଷା ଦିଆ ଯାଉଥାଏ । ହେଲେ ସେ ପର୍ଯ୍ୟନ୍ତ ବିଦ୍ୟାଳୟକୁ ମଞ୍ଜୁରୀ ମିଳି ନଥାଏ । ସେଥିପାଇଁ ଗୋପବନ୍ଧୁଙ୍କ ମନ ଚିନ୍ତାରେ ମଳିନ ହୋଇ ପଡିଥାଏ । ସ୍କୁଲ ବୋଡିଂରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଘରେ ସେ ବସି ଏସବୁ କଥା ଚିନ୍ତା କରୁଥାନ୍ତି ଆସି ପହଁଚିଲେ ନୀଳକଣ୍ଠ । ପ୍ରଣାମ ଜଣାଇ ପାଖରେ ବସିଲେ ।

"ଆପଣେ ଆଜି ଏତେ ଚିନ୍ତିତ ଜଣା ପଡୁଛନ୍ତି ଯେ ? କଣ ବିଶ୍ୱଯୁଦ୍ଧକୁ ନେଇ ଚିନ୍ତା ?"

"କଣ ଆଉ ଚିନ୍ତା କରିବି ? ସାରା ପୃଥିବୀ ତ ଯୁଦ୍ଧ ଶଙ୍କାରେ ପୀଡିତ । ତୁମେ ବି ତାହା ହିଁ ଭାବୁଥିବ । ତେବେ ବିଦ୍ୟାଳୟର ମଞ୍ଜୁରୀ ଚିନ୍ତା ମୋତେ କୋରି କୋରି ଖାଉଛି । ଇଏ ବି କିଛି କମ ଯୁଦ୍ଧ ନୁହେଁ । କହିପାର ମଞ୍ଜୁରୀ ମହାଯୁଦ୍ଧ ।"

"ଆପଣେ ଯେ ସେଥିପାଇଁ ଅବିଶ୍ରାନ୍ତ ଖଟଣୀ ଖଟୁଛନ୍ତି ତା'ର କଣ କିଛି ଫଳ ନାହିଁ ?"

"ହଁ ଖଟଣୀକୁ ଫୁର୍‌ସତ ନାହିଁ । କେବେ ସତ୍ୟବାଦୀରୁ କଲିକତା ଦୌଡ କେବେ ପୁଣି କଲିକତାରୁ ପାଟଣା ।"

"ହଁ ଆପଣେ ! କଥାରେ ଅଛି ଶ୍ରେୟାମସି ବହୁ ବିଘ୍ନାନି ।"

"କଥା କଣ କି ଦୌଡ଼ି ଦୌଡ଼ି ଗୋଡ଼ରୁ ପାଣି ମଲାଣି । ଦରଖାସ୍ତ ଲେଖିଲେଖି ଦିସ୍ତା ଦିସ୍ତା କାଗଜ ସରିଲାଣି । ଛାମୁ ମାନଙ୍କୁ କିଛି କମ ଗୁହାରି ବି କରାହୋଇନି ।"

"ତେବେ ସମସ୍ୟା କେଉଁଠି ?"

"ଥରେ ମୁଁ ଦରଖାସ୍ତ ସହ କଲିକତା ଯାଇଥିଲି । ସେଠି ଦରଖାସ୍ତ ପଢିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଳ୍ପ ନାସିକା କୁଂଚନ କରି କହିଲେ- ଆପଣଙ୍କ ପୂର୍ବ ଦରଖାସ୍ତ ଆମେ ପାଇଥିଲୁ । ସେ ବିଷୟରେ ଆଲୋଚନା ମଧ୍ୟ ହୋଇଥିଲା । ତେବେ ଆମେ କଣ କରିପାରିବୁ । ବିହାର-ଓଡିଶା ସରକାର ତ ଏଥିରେ ଅମଙ୍ଗ । ତାଙ୍କ ତରଫରୁ ମଞ୍ଜୁରୀ ପାଇଁ ଆପତ୍ତି ଅଛି । ତେଣେ ପାଟଣା ଗଲେ ପରିସ୍ଥିତି ହେଉଛି ଆହୁରି ଖରାପ । ପାଟଣା ଆମ ବିହାର-ଓଡ଼ିଶାର ରାଜଧାନୀ । ସେଠାର ହାକିମମାନେ ଆମ କଥା ବୁଝୁ ନାହାନ୍ତି । ବିହାର-ଓଡିଶା ରାଜ୍ୟ ଗଢ଼ା ହେଲା ବେଳେ ମୁଁ କହି ନଥିଲି ଆମେ ସବ ପ୍ରଭିନ୍ସ ନୁହଁ ଶବ ପ୍ରଭିନ୍ସ ହେଲେ । ସେଠି ହାକିମମାନେ କହୁଛନ୍ତି – ଆମ ପାଖକୁ କାହିଁକି ଆସିଲ ? ଏଠି କିଛି କାମ ନାହିଁ । ସବୁ ଗୋଳମାଳ କଲିକତା ବିଶ୍ୱବିଦ୍ୟାଳୟ ବାଲା କରୁଛନ୍ତି । ସେଇ ମାନଙ୍କ ଠାରୁ କାମ ଆଦାୟ କର । ମୋର ଅବସ୍ଥା ଜାଣ ଦି ପାଖରୁ ଗୋଇଠା ଖାଇବା ଫୁଟବଲ ଭଳି ହେଲାଣି । ମାସ ମାସ ଧରି ଏ ସମସ୍ୟା ଲାଗି ରହିଲାଣି । ଏପରି ଘଟିବା ପଛରେ ପ୍ରକୃତ ରହସ୍ୟ କଣ ? ତୁମେ କଣ ଅନୁମାନ କରୁଛ ?"

"ମୋତେ କାହିଁକି ଲାଗେ ଯା ପଛରେ ସ୍ଥାନୀୟ ପ୍ରଶାସନର ହାତ ଅଛି । ତହିଁକି କାନକୁହାଙ୍କ ସଂଖ୍ୟା ତ କିଛି କମ ନୁହେଁ । ସହଜେ ଆମର ସଂସ୍କାରଧର୍ମୀ କାମ ରକ୍ଷଣଶୀଳଙ୍କ ଆଖିରେ ପାଣି ଆଖିଆ କଣ୍ଟା ଭଳି ଫୁଟି ଯାଉଛି । ଆମ ଜିଲ୍ଲାର ସରକାରୀ ବାବୁମାନେ ପାଳ ଦଉଡି ଦେଖିଲେ ଡ଼ରରେ ଥରୁଛନ୍ତି ।

ହେଲେ ତାଙ୍କୁ କେବେ ବି ସାପ କାମୁଡ଼ି ନାହିଁ ।"

"ଯାହା କହିଲ ଠିକ୍ । ଯେତେବେଳେ ମନ୍ମଥ ବାବୁ ପୁରୀ କଲେକ୍ଟର ଥିଲେ ସେ ଭିତରେ ଭିତରେ ମୋ ପ୍ରତି ରୁଷ୍ଟ ଥିଲେ । ମୋ ଯୋଗୁଁ ବିଦ୍ୟାଳୟକୁ ସନ୍ଦେହ କରିଥିଲେ । ତେଣୁ କାମ ଆଗେଇ ପାରୁ ନଥିଲା । ସେ ସବୁଆଡେ କହି ବୁଲୁଥିଲେ - ସତ୍ୟବାଦୀ ସ୍କୁଲରେ ସରକାର ବିରୋଧୀ କାର୍ଯ୍ୟ ଚାଲିଛି । ବିଦ୍ୟାଳୟର ଖାଇବା ଓ ଦେଖାଇବା ଦାନ୍ତ ଅଲଗା । ବାହାରକୁ ପାଠ ପଢ଼ାର ଆଟୋପ ମାତ୍ର ଦିଶୁଛି । ଏବେ ତ ସେ ନାହାଁନ୍ତି ଦେଖାଯାଉ ଏବେ ପରିସ୍ଥିତି ବଦଳୁଛି କି ନା ।"

"ହୁଏତ ଦୃଷ୍ଟିକୋଣ ବଦଳିଲେ ସ୍ଥିତି ବଦଳି ପାରେ ।"

"ପରିସ୍ଥିତି ବଦଳେନି ବରଂ ତାକୁ ବଦଳାଇବାକୁ ପଡେ ନୀଳକଣ୍ଠ । ବୋଧହୁଏ ଆମେ ନୈତିକ ଦିଗରୁ ମଣିଷ ହୋଇନେ ।"

"ହଠାତ ଏ କଥା କାହିଁକି କହିଲେ ଆପଣେ ? ଅନ୍ୟମାନଙ୍କ ଆକ୍ରୋଶ ଅସୂୟା ପାଇଁ ଆମେ କାହିଁକି ଦାୟୀ ହେବା ?"

"ମୋର ପୁରୁଣା କଥା ମନେ ପଡି ଗଲା । ତୁମ ଛାତ୍ର ଜୀବନର କଥା ।"

"କେଉଁ କଥା ?"

"ଦିନେ ମୁଁ ତୁମକୁ ଜଣାଇଲି - ପୁରୀକୁ ଜଣେ ସର୍ବଜ୍ଞ ଆସିଛନ୍ତି । ଆଗତ ଭବିଷ୍ୟ ସବୁ କହି ପାରୁଛନ୍ତି । ତୁମେ ତ ସବୁକଥାରେ ଯୁକ୍ତିବାଦୀ ତେଣୁ ଆଶ୍ଚର୍ଯ୍ୟ ହେଲ । ମୋ କଥା ଏଡି ନପାରି ତୁମେ ଆସିଲ । ଆମେ ଦୁହେଁ ମାର୍କେଟ ଛକ ପାଖେ ଥିବା ଆମ ଘରେ ରହିଲେ ।"

"ଆଜ୍ଞା ମନେ ପଡୁଛି । ମହାପୁରୁଷଙ୍କ ଦର୍ଶନ ମିଳିବ ବୋଲି ମୁଁ ବଡ଼ ଉତ୍ସାହିତ ଥିଲି । ଆମେ ଦୁହେଁ ଚାଲିଚାଲି ଦରିଆ ମହାବୀର ପର୍ଯ୍ୟନ୍ତ ଗଲେ । ନିକାଞ୍ଚନ ଜାଗା । ଖାଲି ଦେଉଳ ଓ ପୀଠ ଛଡ଼ା ଆଉ କିଛି ନଥାଏ ।"

"ହଁ ତୁମେ ଠିକ ମନେ ରଖିଛ । ଦୂରରୁ ଦେଖା ଯାଉଥାଏ କୌଣସି ଖାଲ ଜାଗା ଉପରେ ବେଣ୍ଟ ନଥିବା ଛତାଟିଏ ଉଗୁଡା ହେଲା ପରି । ଆମେ ଦୁହେଁ କୌତୁହଳରେ ଛତାଟି କାଢି ଦେଲେ । କୂଅରେ ପାଣି ନଥାଏ । କିନ୍ତୁ ଭିତରେ ବିରାଜମାନ କରିଥାନ୍ତି ଶ୍ମଶ୍ରୁ ଧାରୀ ବପୁ ବନ୍ତ ସନ୍ନ୍ୟାସୀ ।"

"ତା ପରେ ପ୍ରଣାମ କଲା ପରେ ଆପଣ ପଚାରିଲେ- ଦେଶ କେବେ ସ୍ୱାଧୀନ ହେବ ? ସେ ଅଳ୍ପ ମୁଣ୍ଡ ଟେକି ଚାହିଁଲେ ଓ କହିଲେ- ଦେଶ ସେବେ ସ୍ୱାଧୀନ ହେବ ଯେବେ ତୁମେମାନେ ମଣିଷ ହେବ ।"

"ହଁ ନୀଳକଣ୍ଠ ! ତୁମେ ଠିକ ମନେ ରଖିଛ । ପରେ ଆମେ ଜାଣିବାକୁ ପାଇଲେ ସେ କେନ୍ଦୁଝରର ପ୍ରଜା ବିପ୍ଳବର ନେତା ଧରଣୀଧର ଭୂୟାଁ । ସେଦିନ ତ ଆମେ ତାଙ୍କ ମୁଣ୍ଡ ଉପରେ ଛତା ଘୋଡାଇ ଫେରି ଆସିଲେ । ହେଲେ ଆଜି ବି ତାଙ୍କର ଶେଷ ବାକ୍ୟ ମୋ ମନରେ ଗୁଞ୍ଜରିତ ହୁଏ । ଆମେ କଣ ସତରେ ମଣିଷ ହୋଇଛେ । ତାଙ୍କର ସେ ବାକ୍ୟଟି ହୃଦୟକୁ ଭାରୀ କରିଦିଏ ।"


ଗୋପବନ୍ଧୁ ଦାସ

"ଆପଣେ ବିଶ୍ୱାସ କରନ୍ତୁ ସେ ଧାଡିକ ଆଜି ପର୍ଯ୍ୟନ୍ତ ମୋ ଛାତିରେ ଲୁହାର ଗାର ପରି ଟାଣି ହୋଇ ରହିଛି ।"

"ହଁ ମଣିଷ ହେବାର ପ୍ରଥମ ସର୍ତ୍ତ ଶିକ୍ଷିତ ହେବା । ସେଥିପାଇଁ ତ ଆମେ ବିଦ୍ୟାଳୟ ର ମଞ୍ଜୁରୀ ପାଇଁ ଏତେ ବ୍ୟଗ୍ର । ଚିଠି ଲେଖିଲେଖି ଦୌଡ଼ି ଦୌଡ଼ି ମଣିଷ ନୟାନ୍ତ ହେଲାଣି ।"

ଏପରି କଥା ଭିତରେ ଗୋପବନ୍ଧୁ ମନେ ପକାଇଲେ ଇନିସ୍ପେକ୍ଟର ମେକନ୍ଧ ସାହେବଙ୍କ ପରିଦର୍ଶନ କଥା । ସେଦିନ ସେ ସବୁ ବୁଲି ଦେଖିବା ପରେ କହିଲେ, "ନୀଳକଣ୍ଠଙ୍କ ପାଇଁ ଏ ସୁପରିଟେଣ୍ଡେଣ୍ଟ ପଦ କଣ ପାଇଁ । ଯଦି ହରିହର ଦାଶ ପ୍ରଧାନ ଶିକ୍ଷକ ତେବେ ତାଙ୍କ ଉପରେ ଆଉ ଜଣଙ୍କୁ ସୁପରିଟେଣ୍ଡେଣ୍ଟ ରଖିବା ଅବୈଧାନିକ ।" ସେଦିନ ସଂଜରେ ନୀଳକଣ୍ଠଙ୍କୁ ପ୍ରଧାନ ଶିକ୍ଷକ ଓ ହରିହରଙ୍କୁ ଆଚାର୍ଯ୍ୟ ଉପାଧି ଦିଆଗଲା ।

ଆଲୋଚନାକୁ ବି ଆସିଲା ୧୯୧୪ ମସିହା ଡିସେମ୍ବର ୧ ତାରିଖରେ ଦୈନିକ ଆଶାରେ ଗୋପବନ୍ଧୁ ନିଜେ ଲେଖିଥିବା ବିଜ୍ଞାପନ ।

"ଗତ ଦଶ ତାରିଖ ବିଜ୍ଞାପନ ଦିନ ବିହାର - ଓଡ଼ିଶାର ଶିକ୍ଷା ବିଭାଗର ଡିରେକ୍ଟର ଓଡିଶା ବିଭାଗର ଇନିସ୍ପେକ୍ଟର ସତ୍ୟବାଦୀ ସ୍କୁଲ ପରିଦର୍ଶନ କରିଅଛନ୍ତି । ସ୍କୁଲକୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଇବା ନିମନ୍ତେ ଗୃହ ଆଦି ଯାହାଯାହା ପ୍ରୟୋଜନ ସେମାନେ ସେସବୁ ଦେଖି ଯାଇ ଅଛଂତି । ଶୀଘ୍ର ବିଶ୍ୱବିଦ୍ୟାଳୟକୁ ଆବେଦନ କରାଯିବ । ଗତ ବର୍ଷ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ଥିଲା । ଏ ବର୍ଷ ପ୍ରଥମ ବର୍ଷ ଶ୍ରେଣୀ ନ ଫିଟାଇବାର ଠିକ କରିଥିଲୁ । ମାତ୍ର କର୍ତ୍ତୃପକ୍ଷମାନଙ୍କ ସଂଗେ ପରାମର୍ଶ କରିବାରେ ପ୍ରଥମ ଶ୍ରେଣୀ ଫିଟାଇବା ଉଚିତ ବିବେଚିତ ହେବାରୁ ପ୍ରଥମ ଶ୍ରେଣୀଟି ଫିଟାଇ ଅଛୁଁ । ପ୍ରଥମ ଶ୍ରେଣୀରେ ମାସିକ ବେତନ ଦୁଇ ଟଂକା, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ଦେଢ଼ ଟଂକା, ଚତୁର୍ଥ ଶ୍ରେଣୀରେ ଏକ ଟଂକା, ପଞ୍ଚମ ଓ ଷଷ୍ଠ ଶ୍ରେଣୀ ଆଠଅଣା ଏବଂ ସପ୍ତମ ଶ୍ରେଣୀରେ ଛ ଅଣା ମାତ୍ର । ଏହା ଛଡା ଯେଉଁ କୋଚିଂ କ୍ଲାସ୍ ଅଛି ସେଥିରେ ବେତନ ବାର ଅଣା । ଛାତ୍ରମାନେ ବିଳମ୍ବରେ ଆସିଲେ ଅସୁବିଧା ଓ କ୍ଷତିରେ ପଡିବେ ।"

ଗୋପବନ୍ଧୁ ଏ କଥା ମନେ ପକାଇବ ପରେ ନୀଳକଣ୍ଠ କହିଲେ, "ଆପଣଙ୍କର ତ ମନେଥିବ ଆପଣଙ୍କ ଦ୍ୱାରା ଲିଖିତ ତଥା ଦୈନିକ ଆଶାରେ ପ୍ରକାଶିତ ଏ ବିଜ୍ଞାପନ ଢେର ଆଲୋଡନ ସୃଷ୍ଟି କରିଥିଲା । ଅବଶ୍ୟ ଏଥିରେ ବିଦ୍ୟାଳୟ ପ୍ରସଙ୍ଗରେ ଯାହା ଲେଖା ହୋଇଥିଲା ସେଥି ଯୋଗୁଁ ନୁହେ ବରଂ ଆପଣ ଆରମ୍ଭ କରିଥିବା ଲିପି ସଂସ୍କାର ଯୋଗୁଁ ।"

"ହଁ ମନେ ପଡୁଛି ।"

"ଏ ବିଜ୍ଞାପନରେ ବ୍ୟବହୃତ ଡିରେକ୍ଟର, ଇନିସ୍ପେକ୍ଟର, ଅଛଂତି,ଅନ୍ତର୍ଭୁକ୍ତ, ନିମନ୍ତେ ଇତ୍ୟାଦି ଶବ୍ଦମାନଙ୍କୁ ନେଇ ଓଡ଼ିଆ ପାଠୁଆଙ୍କ ମେଳରେ ପ୍ରବଳ ପ୍ରତିକ୍ରିୟା ହୋଇଛି । ହେଲେ ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସେପରି ଉତ୍ସାହ ଦେଖା

ଯାଇନାହିଁ ।"

"ହଁ ନୀଳକଣ୍ଠ ଗୋଟିଏ ବିକଳ୍ପ ବିଦ୍ୟାଳୟ ମଞ୍ଜୁରୀ ପାଇବା ନେଇ ଯେତେ ସବୁ ସମସ୍ୟା ଉପୁଜୁଛି ସେ ବିଷୟରେ କେହି ଚିନ୍ତିତ ନୁହଁନ୍ତି । ବରଂ ଆମ ଲିଖନ ଶୈଳୀ ଉପରେ ପ୍ରଶ୍ନ ।"

"ଠିକ କହିଲେ ଆପଣ । ବାଲେଶ୍ୱରରୁ ପ୍ରକାଶିତ ସମ୍ବାଦ ବାହିକା, କଟକରୁ ପ୍ରକାଶିତ ଦୀପିକା ଇତ୍ୟାଦି କାଗଜରେ ଆପଣଙ୍କର ଏ ଅଭିନବ ଲିଖନ ଶୈଳୀର ତୀବ୍ର ସମାଲୋଚନା କରା ଯାଇଛି । ଉତ୍କଳ ସାହିତ୍ୟରେ ମଧ୍ୟ ଏହା ପ୍ରତି ବିଦ୍ରୁପ କରା ଯାଇଛି । ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ପଦ୍ମଚରଣ ପଟ୍ଟନାୟକଙ୍କ ପରି ଦିଗ୍‌ଗଜ ସାହିତ୍ୟିକମାନେ ଏ ପ୍ରକାର ଲେଖା ଶୈଳୀ ର ଘୋର ବିରୋଧ କରୁଛନ୍ତି ।"



Nilakantha Das, Legislator, Delhi Central Assembly *(1924-30, 1935-45)*

"ଆମେ ତ ଏ ବିଷୟରେ ଆଲୋଚନା କରିଥାଇ । ଏହା ଯେ ଏକ ପ୍ରକାର ଲିପି ସଂସ୍କାର ଏକଥା ଜ୍ଞାନୀମାନେ ହୁଏତ ମାନି ନେଇ ପାରୁନାହାନ୍ତି । ଏକଥା ବି ହୋଇପାରେ ସେମାନେ ପୁରୁଣା ପ୍ରଚଳନ ଯଥାର୍ଥ ବୋଲି ମନେ କରୁଛନ୍ତି । ଆଧୁନିକ କାଳରେ ଲିପି ସଂସ୍କାରର ଯେ କେତେ ଆବଶ୍ୟକତା ଅଛି ତାହା ବୁଝି ପାରୁନାହାନ୍ତି । ଦିନ ଆସିବ ଲିପି ସଂସ୍କାରର ଗୁରୁତ୍ୱ ସମସ୍ତେ ବୁଝିବେ । ତେଣୁ ମୁଁ ସେମାନଙ୍କ ଜବାବ ରେ ବି ଲେଖିଥିଲି ୧୯୧୪ ମସିହା ଫେବୃୟାରୀ ଦୁଇ ତାରିଖ ଦୈନିକ ଆଶାରେ ।

"ଆମ୍ଭମାନଙ୍କ ଟଂକା, ପଂଚମ ପ୍ରଭୃତିର ବ୍ୟବହାର ସହଯୋଗୀ ଭଞ୍ଜ କବିଙ୍କ ଠାରୁ ଆରମ୍ଭ କରି ଚଳିତ ଯୁଗର ଉତ୍କଳୀୟ ଲେଖକ ଓ ଲେଖିକା ବର୍ଗଙ୍କ ଲେଖନୀରୁ ଏବଂ ସଂସ୍କୃତରେ ସୁଦ୍ଧା ଦେଖି ନାହାଁନ୍ତି ।" ଓଡ଼ିଆ ଭାଷା ଯେ ଦିନେ ସଂସ୍କୃତରୁ ବିଚ୍ଛିନ୍ନ ହେବ ଏ କଥାରେ ସନ୍ଦେହ କରାଯାଇ ନପାରେ । ତେବେ ସଂସ୍କୃତ ଗ୍ରନ୍ଥ ପ୍ରତି ସହଯୋଗୀଙ୍କର ଏତେ ସ୍ୱେଚ୍ଛା ଦାସତ୍ୱ ବା ସହାନୁଭୂତି କାହିଁକି ବୁଝା ଯାଉନାହିଁ । ଟଙ୍କା ଲେଖିଲେ ବୁଝିବାରେ କାହାର କିଛି ଭ୍ରମ ହେବ କି ? ତେବେ ବୃଥା ରକ୍ଷଣଶୀଳତାର କି ଫଳ ?

"ହଁ ଆପଣେ ରକ୍ଷଣଶୀଳତା ସବୁ କ୍ଷେତ୍ରରେ ବର୍ଜନୀୟ ।"

"ଆମ ମଞ୍ଜୁରୀ ସିନା ବିଳମ୍ବିତ ହେଉଛି । ତେବେ ଆମର ଜାତୀୟ ଅନୁଷ୍ଠାନଗୁଡିକର ଏହା ପ୍ରତି ଦାୟିତ୍ୱ ପ୍ରକଟ ମୋତେ ଆନନ୍ଦ ଦେଇଛି । ମନେ ପକାଅ ୧୯୧୩ ଡିସେମ୍ବର ମାସ ୨୮ ତାରିଖରେ ପୁରୀ ଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ନବମ ଅଧିବେଶନର କଥା । ସେଠି ସଭାପତି ମଧୁସୂଦନ ଦାସଙ୍କ ତୃତୀୟ ନିର୍ଦ୍ଧାରଣ ଅନୁସାରେ ଆମ ବିଦ୍ୟାଳୟ ବିଷୟକ ଆଲୋଚନା ହେଲା । ତୁମ ସମସ୍ତଙ୍କର ତ୍ୟାଗ ଓ ଶ୍ରମକୁ ବିପୁଳ ପ୍ରଶଂସା କରାଗଲା । କନିକା ର ରାଜା ସାହେବ ହେଲେ ଏହାର ପ୍ରସ୍ତାବକ ।"

କନିକାର ରାଜା ସାହେବ ବିଦ୍ୟାଳୟ ପ୍ରତି ତାଙ୍କର ପ୍ରଶଂସାସୂଚକ ମନୋଭାବ କହିବା ପରେ ଶେଷକୁ କହିଲେ, "ଏହି ସ୍କୁଲ ଲାଗି ମାନନୀୟ ରାଜା ସାହେବ ୫୦୦ଟଙ୍କା, ରାଜା ସାହେବ ସୁରଙ୍ଗୀ ୩୦୦ଟଙ୍କା, ଗୋକୁଳାନନ୍ଦ ଚୌଧୁରୀ ୧୦୦୦ଟଙ୍କା, ମୁଁ ନିଜେ ୧୦୦୦ଟଙ୍କା ଦେବାକୁ ସ୍ଥିର କରୁଅଛୁ ।"

ଫକୀର ମୋହନ ସେନାପତି ମଧ୍ୟ ତାଙ୍କ ବକ୍ତବ୍ୟରେ ନିବିଡ଼ ଆନ୍ତରିକତା ଦେଖାଇଥିଲେ । ସେ କହିଲେ, "ଓଡ଼ିଶାରେ ଅନେକ ସ୍କୁଲ ଅଛି । କିନ୍ତୁ ଏପରି ଗୋଟିଏ ସ୍କୁଲ୍ ନାହିଁ । ଏଥିରେ ବିଦ୍ୟା ଓ ଚରିତ୍ର ଉଭୟର ଉନ୍ନତି ହୁଏ ।" ଏହିପରି ନୀଳକଣ୍ଠ ଫକୀରମୋହନଙ୍କ ଉକ୍ତି ଉଦ୍ଧାର କଲେ ।

"ତୁମର ମନେଥିବ ସେଠି ଟିକିଲି ଯୁବରାଜ ଉପସ୍ଥିତ ଥିଲେ । ସେ ବୋଇଲେ- ମୁଁ ସତ୍ୟବାଦୀ ସ୍କୁଲ ଓ ତା'ର ନେତାମାନଙ୍କ ସମ୍ବନ୍ଧରେ ବହୁତ କଥା ଶୁଣିଅଛି । ପ୍ରକୃତରେ ସେମାନେ ଯେଉଁ କାର୍ଯ୍ୟରେ ବ୍ୟାପୃତ ହୋଇଅଛନ୍ତି ତାହା ଓଡ଼ିଆ ଜାତିର ଉନ୍ନତି ପକ୍ଷରେ ବଡ଼ ସୁବିଧାଜନକ ଅଟେ ସନ୍ଦେହ ନାହିଁ । ମୁଁ ଏହି କାର୍ଯ୍ୟଟିକୁ ଏବଂ ଏହାର ନେତାମାନଙ୍କୁ ହୃଦୟର ସହ ପ୍ରଶଂସା କରୁଛି ।"

"ହଁ ନୀଳକଣ୍ଠ, ଆମ କଟକ ଦାସେ ବ୍ରଜସୁନ୍ଦର କେତେ କୁଶଳୀ ଭାବେ ନିଜ ମତ ଦେଲେ - ଏହି ଯୁବକମାନେ ଏହି ବିଶିଷ୍ଟ ଆଦର୍ଶ ଦେଖାଇ ଅଛନ୍ତି । ଯେ କୌଣସି ଅନୁଷ୍ଠାନ କରିବାକୁ ଗଲେ ଅର୍ଥର ଅଭାବ ବାଧା ଦିଏ ନାହିଁ । ବର୍ତ୍ତମାନ ଏମାନେ ୬୦୦୦ ଟଙ୍କା ସଂଗ୍ରହ କରିଛନ୍ତି । କିନ୍ତୁ ଗୃହ ଶେଷ କରିବାକୁ ଅନ୍ୟୁନ ୨୦୦୦୦ ଟଙ୍କା ଆବଶ୍ୟକ ହେବ । ତା ହେଲେ ସ୍କୁଲ ବିଶ୍ୱବିଦ୍ୟାଳୟରୁ ମଞ୍ଜୁରି ପାଇବ ନାହିଁ ।

ଯେଉଁମାନଙ୍କ ସାହାଯ୍ୟ ଘୋଷଣା ହୋଇଅଛି ସେମାନଙ୍କ ପରେ ସୁରଙ୍ଗୀ ରାଜାସାହେବ ୩୦୦ଟଙ୍କା, ମଧୁପୁର ରାଜା ସାହେବ ୪୦୦ଟଙ୍କା, ଏବଂ ଜଗନ୍ନାଥ ପାଢ଼ୀ ୧୦୦ଟଙ୍କା ଦେବାକୁ ଅଙ୍ଗୀକାର କରିଛନ୍ତି ଯାହା ଅତ୍ୟନ୍ତ ଆନନ୍ଦର ବିଷୟ ।"

ସତ୍ୟବାଦୀ ବନ ବିଦ୍ୟାଳୟକୁ ନେଇ ସମ୍ମିଳନୀର ସଭାପତି ମଧୁବାବୁଙ୍କ ଉକ୍ତି ଥିଲା ବଡ଼ ଚିତ୍ତାକର୍ଷକ । ସେ କହିଥିଲେ, "ମୁଁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରିଥାଏ ଏବଂ ବରାବର କରିବି । ସେମାନେ ମଣିଷ ଗଢିବା ପାଇଁ କୃତ ସଂକଳ୍ପ । ଜଗନ୍ନାଥ ମୂର୍ତ୍ତି ସମସ୍ତେ ଗଢି ପାରିବେ, କିନ୍ତୁ ତା ଭିତରେ ଯେଉଁ ବ୍ରହ୍ମ ଅଛି ତାହା କେହି ଗଢ଼ି ପାରନ୍ତି ନାହିଁ । ଯେତେବେଳେ ଆମ୍ଭମାନଙ୍କ ଦେଶର ଯୁବକମାନଙ୍କ ହୃଦୟରେ ପ୍ରାଣ ବ୍ରହ୍ମ ପ୍ରତିଷ୍ଠିତ ହୋଇ ସେମାନଙ୍କ ପବିତ୍ର ମନୁଷ୍ୟତାରେ ଜାଜ୍ୱଲ୍ୟମାନ କରିବେ ସେତେବେଳେ ଗଭର୍ଣ୍ଣମେଂଟ ବା ଅନ୍ୟ ଯେ କେହି ସେମାନଙ୍କୁ ସମ୍ମାନ କରିବେ । ଆମ୍ଭ ସାହାଯ୍ୟ ଇଚ୍ଛା ଫଳ ଅତି ଉଚ୍ଚ । ନାଉରୀକୁ ଭଡା ନଦେଇ ପାଣିରେ ଡେଇଁ ପଡିଲେ ସେହି ନାଉରୀ ଲୁଗା ପକାଇ ତାକୁ ପାଣିରୁ ଓଟାରି ଆଣି,ପିନ୍ଧିବାକୁ ଲୁଗା ଦେଇ, ତାତ୍ପର୍ଯ୍ୟ କରି ମନକୁ ପାରି କରିଦିଏ । ଗୋପବନ୍ଧୁ ଓ ନୀଳକଣ୍ଠ ନିଜ ଗୋଡ଼ରେ ଠିଆ

ହୋଇଛନ୍ତି ।




ତା ପରେ ନୀଳକଣ୍ଠ ମନରେ ଆଣିଲେ ସେ ଦିନ ଗୋପବନ୍ଧୁ ଦେଇଥିବା ଭାଷଣର ଅଂଶ । ସେଦିନ ଆପଣେ କହିଲେ, "ଆପଣମାନଙ୍କ ସମସ୍ତ ପ୍ରଶଂସା ଧନ୍ୟବାଦ ଆମେ ସେହି ମଙ୍ଗଳମୟ ବିଧାତାଙ୍କ ଶ୍ରୀଚରଣରେ ଅର୍ପଣ କରୁଅଛୁ । ସେ ସମସ୍ତ ଅନୁଷ୍ଠାନର କାରଣ,ସମସ୍ତ ଭାବର ଆଧାର ଏବଂ ସକଳ ଚିନ୍ତା ଓ କାର୍ଯ୍ୟର ନିୟା ମକ । ଆପଣମାନଙ୍କ ଉଦାରତା ଓ ସହାନୁଭୂତି ନିମନ୍ତେ ଆମ୍ଭେମାନେ କେତେ ଜଣ ନୋହୁ କିମ୍ବା ସତ୍ୟବାଦୀ ସ୍କୁଲର ବର୍ତ୍ତମାନ ଛାତ୍ର କେତେକ ଜଣ ନୁହଁନ୍ତି, କିନ୍ତୁ ଯେଉଁମାନେ ଭବିଷ୍ୟତରେ ଏହି କାର୍ଯ୍ୟରେ ପଥିକ ହେବେ ଏବଂ ଯେଉଁମାନେ ଜାତୀୟ ଉନ୍ନତି ନିମନ୍ତେ ଆତ୍ମୋତ୍ସର୍ଗ କରିବେ ସେ ସମସ୍ତେ ଆପଣ ମାନଂକ ନିକଟରେ ଚିର କୃତଜ୍ଞ ।"

ଏବେ ଆମ ବିଦ୍ୟାଳୟ ମଞ୍ଜୁରୀ ପଥରେ ଅଗ୍ରସର ହୋଇଛି । ଓଡିଶା ଡିଭିଜନର ଇନିସ୍ପେକ୍ଟର ଆମ.ଆର. ମ୍ୟାକୋମ୍ବ ତ ବାରମ୍ବାର ବିଦ୍ୟାଳୟ ପରିଦର୍ଶନରେ ଆସୁଥାନ୍ତି । ୧୯୧୫ ମାର୍ଚ୍ଚ ମାସ ତିରିଶ ତାରିଖରେ ସେ ବଡ଼ ଉତ୍ସାହଜନକ ଟିପ୍ପଣୀ କରିଥିଲେ, "ଏଠାରେ ବକୁଳ, ଛୁରିଅନା କୁଞ୍ଜରେ ପାଠ ପଢା ହେଉଥିବାର ଦେଖି ମୁଁ ଅତିଶୟ ପ୍ରୀତ ହେଲି । ତା ପାଖରେ ଯେଉଁ ପ୍ରକାଣ୍ଡ କୋଠା ଘର ତିଆରି ହେଉଛି ତାହା ଅନାବଶ୍ୟକ ବୋଲି ମୋର ମନେ ହୁଏ । ବର୍ଷା ଦିନେ କାମ ଚଳାଇବା ଭଳି କେତୋଟି ଚାଳ ଘର ନିର୍ମାଣ କଲେ ବି ଚଳିବ ଏବଂ କର୍ତ୍ତୃପକ୍ଷମାନଙ୍କୁ ବହୁ ଅଯଥା ବ୍ୟୟରୁ ନିସ୍କୃତି ମିଳିବ ।

ଦୁଃଖର କଥା ସତ୍ୟବାଦୀ ବିଦ୍ୟାଳୟର କର୍ତ୍ତାମାନେ ଉନ୍ମୁକ୍ତ ଆକାଶ ତଳେ ପ୍ରକୃତିର ରମଣୀୟ ପରିସ୍ଥିତି ମଧ୍ୟରେ ପାଠ ପଢ଼ାଇବାର ଏ ଯେଉଁ ପଦ୍ଧତିର ଆବିଷ୍କାର କଲେ, ତାହା ଅନ୍ୟ କେହି ସାହସର ସହିତ କରିପାରି ନଥିଲେ ।"

"ତେବେ ମନ୍ତବ୍ୟ ଦେବା ପୂର୍ବରୁ ସେ ଆମମାନଙ୍କୁ ଢେର ପ୍ରଶ୍ନ ପଚାରିଥିଲେ, "ବର୍ତ୍ତମାନର ଛାତ୍ର ସଂଖ୍ୟା କେତେ ?"

ଆମେ ଉତ୍ତର କରିଥିଲେ ଚାରି ଶହ ସଇଁତିରିଶ ।

"ଏମାନଙ୍କ ମଧ୍ୟରୁ କେତେଜଣ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଛାତ୍ରାବାସରେ ରହନ୍ତି ?"

"ତିନି ଶହ ସତର ଜଣ ପିଲା ଆମ ଅଧୀନରେ ଛାତ୍ରାବାସରେ ରହନ୍ତି ।"

"ତେବେ ଅନ୍ୟ ପିଲାମାନଙ୍କ ରହିବା କେଉଁଠି ?"

"ବାକି ପିଲାମାନଙ୍କ ମଧ୍ୟରୁ ୮୮ ଜଣ ସେମାନଙ୍କ ନିଜ ପରିବାରରେ ପିତାମାତାଙ୍କ ଗହଣରେ ରହନ୍ତି । ବାକୀ ୩୨ ଜଣ ନିକଟସ୍ଥ ନିଜ ନିଜର ବନ୍ଧୁ ଘରେ ରହନ୍ତି । ତେବେ ସବୁ ପିଲାଙ୍କ ଶୈକ୍ଷିକ ବିକାଶ ପାଇଁ ଆମେ ଯତ୍ନଶୀଳ ହୋଇଥାଉ ।"

"ହଁ ନୀଳକଣ୍ଠ ସେଦିନ ମାକୋମ୍ବ ସାହେବ ବଡ଼ ଖୁସି ହୋଇଥିଲେ ଆଉ ଲେଖିଥିଲେ: 'How ever a valuable lesson has been learnt from the experiment here made.×× It is strange that it has taken so many generations to make this discovery.'

ଶିକ୍ଷା ପଦ୍ଧତିରେ ଆମେ ଯେଉଁ ପରୀକ୍ଷା ନିରୀକ୍ଷା କରିଥିଲେ ତା'ର ପ୍ରଭାବ ଅବଶ୍ୟ ପଡିଛି ।"

"ହଁ ଯେ ଆପଣେ ତେବେ ଶିକ୍ଷକମାନଙ୍କ ସମ୍ବନ୍ଧରେ ମାକୋମ୍ବ ସାହେବ ଯାହା ଲେଖିଛନ୍ତି ତା'ର ତର୍ଜ୍ଜମା ହେବ କଥା । ସେ ଲେଖିଛନ୍ତି: 'ଶିକ୍ଷକମାନଙ୍କ ମଧ୍ୟରୁ ଅନେକ ପ୍ରଶିକ୍ଷଣ ପ୍ରାପ୍ତ ନୁହଁନ୍ତି । ତେବେ ଶିକ୍ଷା ଦାନରେ ସେମାନଙ୍କ ନିଷ୍ଠା ଓ ସାଧୁତାକୁ ନେଇ କୌଣସି ସନ୍ଦେହ କରିବାର ଅବକାଶ ନାହିଁ । ଯେଉଁ ପରିସ୍ଥିତିରେ ସେମାନେ କାର୍ଯ୍ୟ କରୁଛନ୍ତି ,ତାହା ସେମାନଙ୍କ ଶିକ୍ଷାଦର୍ଶକୁ କାର୍ଯ୍ୟରେ ରୂପାନ୍ତରିତ କରିବାକୁ ସଂପୂର୍ଣ୍ଣ ଅନୁକୂଳ । ।ଏଠାକାର ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ହିଁ ଘର ।"

"ପ୍ରକୃତରେ ଅନେକ ସମୟରେ ଆମର ଅଭାବଗୁଡିକ ସେମାନଙ୍କୁ ଗୌରବ ଜନକ ଦେଖାଯାଇଛି । ଏବେବି ମୋର ଡିଉକ ସାହେବଙ୍କ କଥା ମନେ ପଡେ । ୧୯୧୫ ମସିହା ନଭେମ୍ବର ମାସ ପହିଲା ଓ ଦୁଇ ତାରିଖ ଦିନ ସେ ସ୍କୁଲ ପରିଦର୍ଶନରେ ଆସିଥିଲେ । ପଠାଗାରକୁ ଯାଇ ପଚାରିଥିଲେ 'ଏବେ ବହି ସଂଖ୍ୟା କେତେ ?"

ଉତ୍ତର ମିଳିଥିଲା ୧୪୨୫ । ସେ ବଡ଼ ପ୍ରୀତ ହୋଇ ଯାଇ କହିଥିଲେ, "ଯାହା ହେଉ ବହିର ସଂଖ୍ୟା ପ୍ରତି ମାସରେ ହାରାହାରି ଚାଳିଶ ଖଣ୍ଡ ଲେଖାଏଁ ବଢୁଛି । ମାକୋମ୍ବ ମାର୍ଚ୍ଚ ମାସରେ ଆସି ଦେଖିଥିଲେ ୧୧୫୦ ଖଣ୍ଡ ବହି । ଆଉ ମୁଁ ଦେଖୁଛି ୧୪୨୫ । ସେ କୂଳଗୃହ ବାସୀଙ୍କ ସମ୍ପର୍କରେ ଢେର ପ୍ରଶଂସା କରି ଲେଖିଲେ । ଶିକ୍ଷକମାନେ ଯେ କୁଳଗୃହରେ ରହି ଅନ୍ତେବାସୀମାନଙ୍କୁ ଶିକ୍ଷା ଦେଉଛନ୍ତି ତା ନୁହେଁ ସେମାନେ ମଧ ପର୍ଯ୍ୟବେକ୍ଷଣ ମାଧ୍ୟମରେ ସେମାନଙ୍କ ଚରିତ୍ର ଗଠନ ପାଇଁ କାମ କରୁଛନ୍ତି । ଶିକ୍ଷକମାନେ ସେମାନଙ୍କ ହୃଦୟରେ ତ୍ୟାଗ ଓ କରୁଣାର ଭାବ ସଂଚାର କରାଉଛନ୍ତି । ପିଲାମାନେ କିପରି ଉଦାର ମାନବିକତା ଓ ବିଶ୍ୱ ପ୍ରୀତିର ବିଚାର ଆତ୍ମସ୍ଥ କରିପାରିବେ ସେଥିପାଇଁ ମଧ ଶିକ୍ଷକମାନେ କାମ କରୁଛନ୍ତି । ଆଖପାଖରେ ହଇଜା ବ୍ୟାପିଲେ ଆକୁଣ୍ଠ ଚିତ୍ତରେ ରୋଗୀମାନଙ୍କର ସେବା କରୁଛନ୍ତି । ଡୁ ଡୁ, ଶ୍ଳୋକ, ଇତିହାସ ସଂସଦ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ବିଦ୍ୟାଳୟକୁ ଗୌରବାନ୍ୱିତ କରୁଛନ୍ତି । ଏସବୁ ଦେଖି ସେ ଏଠାରେ ଏକ ପ୍ରକାର ସାମଗ୍ରିକ ଶିକ୍ଷା ଚାଲିଛି ବୋଲି ହୃଦୟଙ୍ଗମ କରିଥିଲେ । ପିଲାମାନଙ୍କ ସରଳ ଓ ନିରାଡ଼ମ୍ବର ଜୀବନ ତାଙ୍କୁ ମୁଗ୍ଧ

କରିଥିଲେ ।"

ତା ପରେ ନୀଳକଣ୍ଠ କହିଲେ, "ଆପଣେ ଠିକ୍ କହିଛନ୍ତି । ସେଥିପାଇଁ ପରା ବିହାର-ଓଡିଶା ଶିକ୍ଷା ବିଭାଗର ନିର୍ଦ୍ଦେଶକ ମି. ଜେ . ଜି. କେନଉଇଙ୍ଗିସ ଲେଖିଛନ୍ତି: These (hostel) blocks are of the simplest description.The secretary wisely says that he doesn't wish the boys to be brought up in expensive surroundings which might only make them discontented with the conditions in which they are likely to pass their lives.

ଯେମିତି ଅନେକ ସମୟରେ ଆପଣ କହନ୍ତି: 'ଏମାନେ ଯଦି ଛାତ୍ରାବାସରେ କୋଠା ଘର ରହିବେ ତା ହେଲେ ପାଠ ସରିବା ପରେ ଗାଁ ଗହଳିର ଚାଳ ଘର ଆଉ ପଙ୍କ କାଦୁଅ ଦେଖିଲେ ନାକ ଟେକିବେ ।"

"ହଁ ନୀଳକଣ୍ଠ ସେଦିନ ଡିରେକ୍ଟର ସବୁ ଟିକିନିଖି କରି ଦେଖୁଥାନ୍ତି । ତା ପୂର୍ବରୁ ମୁଁ ପିଲାମାନଙ୍କୁ ବୁଝାଇଥାଏ ସ୍କୁଲ ବିଷୟରେ କୌଣସି ମିଛ ନ କହିବା ପାଇଁ । ତେବେ ଗୋଟିଏ ଶ୍ରେଣୀରେ ଦୁଇ ସେକ୍ସନରେ ୮୦ଜଣ ଛାତ୍ର ରହିବାର ସରକାରୀ ନିୟମ । କିନ୍ତୁ ଗୋଟିଏ ଶ୍ରେଣୀରେ ୮୬ଜଣ ପିଲା ଥିଲେ । ପରିସ୍ଥିତିକୁ ଚାହିଁ ମୁଁ ୬ ଜଣଙ୍କୁ ଅନୁପସ୍ଥିତ ରହିବାକୁ ଅନୁରୋଧ କଲି ଆଉ ସେମାନେ ମାନି ନେଲେ । ଗୋଟିଏ ବ୍ଲକ ପାଖରେ ପାଣି ଜମା ହୋଇ ରହିଥାଏ । କାଦୁଅ ପଚ ପଚ । ଦୈବାତ ନିର୍ଦ୍ଦେଶକ ଙ୍କ ଦୃଷ୍ଟି ସେ ଆଡ଼କୁ ଗଲା ।" ସେ କହିଲେ, "ଏହା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତି କାରକ । ଏଥିରୁ ବିଭିନ୍ନ ପ୍ରକାର ମଶା ଉପୁଜିବେ । ପିଲାଏ ରୋଗଗ୍ରସ୍ତ ହେବେ । ଆପଣଙ୍କ ଭଳି ଲୋକ ଏକଥା ଚିନ୍ତା କରି ନାହାଁନ୍ତି କିପରି ?" ତୁରନ୍ତ ମୁଁ ଉତ୍ତର ଦେଇଥିଲି: "No sir that is for agriculture purpose . ସେ ଖୁସି ହୋଇ ଯାଇଥିଲେ ।"

ତହୁଁ ନୀଳକଣ୍ଠ ମନେ ପକାଇଲେ ଆଉ ଏକ କଥା: "ଶ୍ରେଣୀ ଗୃହରେ ପିଲା ମାନେ ନଡ଼ିଆ ଚାଂଚରା ଉପରେ ବସି ଡେସ୍କ ଉପରେ ବହି ପତ୍ର ଥୋଇ ପଢୁଥିଲେ । ସବୁ ଶ୍ରେଣୀର ପିଲାଙ୍କ ପାଇଁ ଡେସ୍କ ମଧ୍ୟ ନଥିଲା । ଡେସ୍କ ଉଚ୍ଚ ଥିବାରୁ ପିଲାଏ ମୁଣ୍ଡ ଉପରକୁ ଟେକୁଥିବେ । ଏହା ପିଲାଙ୍କର physical uneasinesse କାରଣ ହୋଇଥିବ ବୋଲି ସେ କ୍ଷିପ୍ତ ହେଲେ । ଆଉ ଆପଣ ଆମମାନଙ୍କୁ ଠାରିଲେ ଅନ୍ୟ ଶ୍ରେଣୀ ଗୁଡିକରେ ଡେସ୍କକୁ ଅଳ୍ପ ପୋତି ଦେବାକୁ । ଆମେ ତାହାହିଁ କରାଇଲୁ । ଡିରେକ୍ଟର ଖୁସି ହେଲେ ।"

ଆମ ବିଚାର ତାଙ୍କ ଭିତରକୁ ସଂଚରିଥିଲେ ଆମେ ଦୁହେଁ ତ ଢେର ଖୁସି ହେବା । ତେବେ ଡିଉକ ସାହେବଙ୍କ ପରିଦର୍ଶନ ବେଳେ ବାସୁଦେବ ପିଲାମାନଙ୍କୁ ବିଭିନ୍ନ ପ୍ରକାର ବ୍ୟାୟାମ ଶିଖାଉଥିଲା । ତାର କୁଶଳୀ ପ୍ରଶିକ୍ଷଣ ମଧ୍ୟ ତାଙ୍କୁ ପ୍ରଭାବିତ କରିଥିଲା ବେଶ । ତେଣୁ ମୁଗ୍ଧ ହୋଇ ଲେଖିଥିଲେ: 'What was especially note worthy was the Vim and energy which all the boys big and small seemed to put in to their movements. I only wish the drill masters of the school could all pay a visit to this school. I think they would be less satisfied, regarding their present methods and the results , if they did . ପରସ୍ପର ଭିତରେ ଏହିପରି ଅନେକ ଆଳାପ ପରେ ଦୁହେଁ ନିଦ୍ରା ଗଲେ ।

କିଛିଦିନ ପରେ ଗୋପବନ୍ଧୁ ନୂଆ କଲେକ୍ଟର ରମାବଲ୍ଲଭଙ୍କ ସହ ଯୋଗାଯୋଗ କଲେ । ସେ ଦିନେ ସତ୍ୟବାଦୀ ଆସିଲେ ।

"ଅବଶ୍ୟ ରମାବଲ୍ଲଭ ମିଶ୍ର କଲେକ୍ଟର ଭାବେ ଯୋଗ ଦେବା ପରେ ଭାଗ୍ୟଦେବୀ ପ୍ରସନ୍ନ ହେଲା ଭଳି ମନେହେଉଛି । ସେ ଡେପୁଟୀ କଲେକ୍ଟର ପଦବୀରୁ ପ୍ରମୋଶନ ପାଇ କଲେକ୍ଟର । ତେଣୁ ଆମ ମଞ୍ଜୁରୀ ପ୍ରସଙ୍ଗକୁ ସେ ଅନ୍ତରର ସହ ଘେନିଛନ୍ତି । "ଏକଥା ଗୋପବନ୍ଧୁ ଅନ୍ୟ ଶିକ୍ଷକମାନଙ୍କୁ ଜଣାଇଲେ । ବିଦ୍ୟାଳୟ ତରଫରୁ ରମାବଲ୍ଲଭଙ୍କ ସ୍ୱାଗତ କରାଗଲା । ସେ କିଛିଟା ପ୍ରୀତ ଜଣାଗଲେ ।" ଚାଲି ଚାଲି ବୁଲିବା ଭିତରେ ଗୋପବନ୍ଧୁ କହିଲେ, "କିଛି ଲୋକ ତ ଆମ ବିଦ୍ୟାଳୟକୁ ବୋଲପୁର ଶାନ୍ତି ନିକେତନର ଶାଖା ଭାବେ ଚଳାଇବାକୁ ପ୍ରସ୍ତାବ ଦେଲେଣି । ଏଠାରେ ସରକାର ବିରୋଧୀ କାର୍ଯ୍ୟ ଚାଲିଛି ବୋଲି ଚାପା ଗୁଞ୍ଜରଣ ସୃଷ୍ଟି ହୋଇଥାଏ । ତେଣୁ ପୂର୍ବତନ କଲେକ୍ଟର ନକାରାତ୍ମକ ମନ୍ତବ୍ୟ ଦେଇଥାନ୍ତି । ଏହା ଫଳରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ବିଳମ୍ବିତ ହେଉଛି । ଅଧିକାରୀମାନେ ମୁହଁରେ ପ୍ରଶଂସା କଲେ ମଧ୍ୟ ଫଳ କିଛି ହେଉନାହିଁ । ଏବେ ଆପଣଙ୍କ ଠାରୁ ଅନେକ ଆଶା ।"

ରମାବଲ୍ଲଭଙ୍କ କାନରେ ଯେତେବେଳେ ଏକଥା ପଡିଲା ସେ କହିଲେ, "ମୁଁ ଚାକିରୀ କରିଛି ବୋଲି ମୁଣ୍ଡ ବିକି ନାହିଁ । ମୁଁ ମୋ ବିବେକ ଅନୁସାରେ ଯାହା ଭଲ ବୁଝିବି ତାହା କରିଚାଲି ଯିବି । ମୋର କାହା ପ୍ରତି ଭୟ କି ରୋଷ ନାହିଁ ।"

ତାଙ୍କୁ ଯଦି କେହି କହେ ଏଥକୁ ଆପଣଙ୍କ ଚାକିରୀ ଉପରେ ବିପଦ ଆସିବ । ସେ ତୁରନ୍ତ ଉତ୍ତର ଦିଅନ୍ତି: "ଚାକିରୀ ରହିଲେ ରହୁ ଗଲେ ଯାଉ । ଚାକିରୀ ସିନା ନେଇ ଯିବେ, ମୋର ଗଙ୍ଗା କୂଳେ ପାତ୍ରୀ ଧରି ବସିବାର ଅଧିକାର କିଏ ବା ଛଡେଇ ନେଇଯିବ ?"

ତା ପରେ ଗୋପବନ୍ଧୁ ତାଙ୍କୁ ସମସ୍ତ ହାଲଚାଲ ଶୁଣାଇଲେ । ସବୁ ଶୁଣି ସାରି ରମାବଲ୍ଲଭ କହିଲେ, "ମୁଁ ମୋ ମନ ବୁଝିବା ପାଇଁ ତୁମ୍ଭମାନଙ୍କ ବିଷୟରେ ତଦନ୍ତ, ତଦାରଖ ଆଦି କରୁଛି । ମୋ ମନ ମାନିଲେ ତୁମ ସ୍କୁଲ ମଞ୍ଜୁରୀରେ କିଏ ବାଧା ଦେବ ଦେଖିବା ।"

ତା ପରେ ଗୋପନ ତଦନ୍ତ ହେଲା । ଅଚିହ୍ନା ବୟସ୍କ ଲୋକ ଜଣେ ଜଣେ ପିଲାଙ୍କ ଆତ୍ମୀୟ ବୋଲି ପରିଚୟ ଦେଇ ବୋର୍ଡିଂରେ ରହିଲେ । ତେବେ ରମାବଲ୍ଲଭଙ୍କ ସେଇ ପରିଦର୍ଶନ ପରେ ଶେଷରେ ମଞ୍ଜୁରୀ ମିଳିଲା । ହୁଏତ କର୍ତ୍ତୃପକ୍ଷ ପ୍ରଶାସନିକ ସ୍ତରର ଅନୁମୋଦନକୁ ଅପେକ୍ଷା କରିଥିଲେ ।

"ହଁ ଆପଣେ । ମଞ୍ଜୁରୀ ଚିଠିରେ ସର୍ତ୍ତ ଅଛି ସ୍କୁଲ ସରକାରଙ୍କ ଠାରୁ ମାସିକ ପଞ୍ଚସ୍ତରୀ ଟଙ୍କା ସାହାଯ୍ୟ ନେବ ।"

ଆମେମାନେ ସିନା ଏ ସର୍ତ୍ତ ଉଠାଇବାକୁ ଚାହିଁଲେ । କିନ୍ତୁ ସରକାରଙ୍କ ମତିଗତି ଅଲଗା । ସରକାର କହିଛନ୍ତି: "ତୁମ୍ଭମାନଙ୍କୁ ଏତେ ସ୍ୱାଧୀନତା ଦେବା ଆମ ଲକ୍ଷ୍ୟ ନୁହେଁ । ଯଦିଓ ଆମ ପାଖରେ କିଛି ଠୋସ ପ୍ରମାଣ ନାହିଁ ତଥାପି ଆମର ତୁମ ଉପରୁ ସନ୍ଦେହ ଯାଇନାହିଁ । ଏତେ ପାଠ ପଢି ଅଭାବ ଭିତରେ ଏଠି କୋଉ ମତଲବରେ ପଡିଛ । କିଛି ସରକାରୀ ପଇସା ତୁମ ପେଟରେ ପଡିଲେ ଆବଶ୍ୟକ ବେଳେ ତୁମ ପିଠିରେ ବିଧା ବସାଇବାକୁ ଆମକୁ ସୁବିଧା ହେବ । ତୁମ୍ଭମାନଙ୍କ ଚୁଟି ଆମ ହାତ ମୁଠାରେ ରହିବ ।"

ଆଉ ତା ପରେ ମଞ୍ଜୁରୀ ପାଇଁ ଯେଉଁ ଉତ୍ସବ ହେଲା ସେଥକୁ ରମାବଲ୍ଲଭ ବାବୁ ତ ଆସିଲେ ,ମହାମହୋପାଧ୍ୟାୟ ସଦାଶିବ ମିଶ୍ରଂକୁ ମଧ୍ୟ ନିମନ୍ତ୍ରଣ ଦେବାକୁ କହିଲେ । ତାଙ୍କର ମଧ୍ୟ ଧାରଣା ଥିଲା ସତ୍ୟବାଦୀ ବିଦ୍ୟାଳୟ କିଛିଟା ସାମାଜିକ ବିଭ୍ରାଟ ଘଟାଉଛି । ବ୍ରହ୍ମଣ୍ୟ ସଂସ୍କାରର ଅବମାନନା କରୁଛି । ଉତ୍ସବ ପରେ ସେ ବିଦ୍ୟାଳୟର ତଥା ଗୋପବନ୍ଧୁଙ୍କ ଉଦାର ମାନବିକତାରେ ମୁଗ୍ଧ ହେଲେ ।

# ବିରସେ ତଅପୋଇ ଗଲା, ଗମ୍ଭୀରା ଭିତରେ ପଶିଲା



# ଡକ୍ଟର ରଞ୍ଜନ ପ୍ରଧାନ

'ଉପତ୍ୟକା'
ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା
ଫୋନ୍: ୯୪୩୭୨୧୩୮୫୪

ଚିତ୍ର: ବିମଳ ମୋହନ ଦାସ


ଗଡ଼ିଆ ତୁଠରେ ବସି ଉମି କ'ଣ ଭାବୁଛି ? ଭାବୁଛି କି ତା' ମନର ମଣିଷ କଥା ? ପକ୍ଷୀରାଜ ଘୋଡ଼ା ଚଢ଼ି ଉଡ଼ି ଆସିବ କି ତା' ଈପ୍‌ସିତ ପୁରୁଷ ? ତାକୁ ଉଡ଼ାଇ ନେବକି କେଉଁ ସ୍ୱପ୍ନର ଦୂରନ୍ତ ନଗରୀ ଆଡ଼େ ?

ଚମ୍‌କି ପଡ଼େ ଉମି ।

ତୁଠରୁ ଗୋଡ଼ିଟିଏ ଆଣି ସ୍ଥିର ପାଣିକୁ ଫିଙ୍ଗେ ।

ପାଣିର ଆଇନାରେ ଚହଲି ଯାଏ ତା' ମୁହଁ ।

ପାଣିକୁ ଚାହିଁ ଉମି ହସେ । ହସେ ବି ଉମିର ଛାଇ ପାଣି ଭିତରେ ।

ଏତିକି ବେଳକୁ ନଖି, ସୋରିଆ, ରାଉଳି, ଜାଡ଼ି, ପିତେଇ, ସୁନେଇ, ସାଗରୀ, ଅହଲ୍ୟା ଆଦି ଝିଅମାନେ ଆସି ସେଠାରେ ହାଜର ହୁଅନ୍ତି । ଏମାନଙ୍କୁ ଦେଖି ଉମି ପ୍ରକୃତିସ୍ଥ ହୁଏ । ଭାବନା ରାଜ୍ୟରୁ ଫେରିଆସେ ।

ନଖି କହିଲା– "ଇଲୋ ହେଇଲୋ, ତୁ ଆସି ଏଇଠି, ମୁଁ ତତେ କେତେ ଆଡ଼େ ଖୋଜି ଆସିଲିଣି !"

ଉମି କହିଲା– "କ'ଣ ହେଇଚି ? କାଇଁକି ତୁଛାଟାରେ ବେସ୍ତ ହଉଚୁ ?"

ନଖି କହିଲା– "ଏ ବର୍ଷ ଭାଲୁକୁଣୀ ପୂଜା ହବ ନା ନାଇଁ ?"

ଉମି କହିଲା– "ହବ । ହବନି କାଇଁକି ?"

ଖୁଦୁରୁକୁଣୀ ଓଷା ପାଇଁ ଝିଅମାନେ ବ୍ୟସ୍ତ ହୋଇ ପଡୁଥାନ୍ତି । ଭାଦ୍ରବ ମାସର ପ୍ରଥମ ରବିବାର ପ୍ରଥମ ପାଳି ଆଉ ଶେଷ ପାଳି ଟିକେ ଝିନ୍‌ଝଟ୍ । ବାକି ଅନ୍ୟ ପାଳି ପାଇଁ ଚିନ୍ତା ନାହିଁ । ଭାଲୁକା ପୂଜା, କୋଠି ସ୍ଥାପନା, ମୂର୍ତ୍ତି ଆଣିବା କାମ ସରିଗଲେ ମୁଣ୍ଡରୁ ଅଧେ ବୋଝ ଓହ୍ଲେଇଗଲା ବୋଲି ଜାଣ ।

ଏ ବର୍ଷ ଭାଲୁକୁଣୀ ପୂଜା ପାଇଁ ମୁଣ୍ଡପିଛା ଦଶ ଟଙ୍କା ଆଦାୟ ନ କଲେ ନଚଳେ । ମାନପାଟଣାର ଝିଅମାନେ ଶେଷପାଳିରେ କଣ୍ଢେଇନାଚ କରୁଛନ୍ତି । ପେର୍ଜପୁରରେ ଡ୍ରାମା କରୁଛନ୍ତି । କୁସୁନୁପୁରରେ ପାଲା ଆଉ ବୋଧଗାଁରେ ରାମଲୀଳା । "ଆମକୁ କିଛି ନ ହେଲେ ଅତି କମ୍‌ରେ ଭିଡିଓ ତ ଚଲେଇବାକୁ ହେବ ।" ବ୍ୟସ୍ତ ହୋଇ ନଖି କହିଲା ।

ମୂର୍ତ୍ତି ରେଟ୍ ଆକାଶଛୁଆଁ । ପଚାଶ ଟଙ୍କା ତଳକୁ ମୂର୍ତ୍ତି ମିଳୁନି । ଭିଡିଓ ପାଇଁ ଖର୍ଚ୍ଚ ହେବ ଦୁଇଶ' ଟଙ୍କା । ଏତେ ଟଙ୍କା କୋଉଠୁ ଆସିବ ? ଉମି ମନେମନେ ବ୍ୟସ୍ତ ହେଲା । ଆସନ୍ତାବର୍ଷ ଆଉ ସେ ଓଷାପୋଷା ଦାୟିତ୍ୱ ବୁଝିବନି ବୋଲି ଭାବୁଥିଲା ।

ଉମି; ଯାହାର ଭଲ ନାଁ ଉର୍ମିଳା; ତାକୁ ତା' ବାପା ପାଣୁ ମାଷ୍ଟ୍ରେ ଓରଫ ପ୍ରାଣକୃଷ୍ଣ ପ୍ରଧାନ ଶ୍ରଦ୍ଧାରେ ଉର୍ମି ବୋଲି ଡାକୁଥିଲେ । ବାକି ଗାଁର ସମସ୍ତଙ୍କର ସେ ଅତି ପ୍ରିୟ ଉମି । ଠୁରାର ବି । ଠୁରା ଉମିକୁ ଭଲପାଏ । କିନ୍ତୁ କେବେ ମନକଥା ମୁହଁ ଖୋଲି କହି ପାରିନି ।

ପାଣୁ ମାଷ୍ଟ୍ରେ ଗାଁରେ ଚଳିଲାବାଲା ଲୋକ । ଗାଁରେ ଅନ୍ୟମାନଙ୍କର ଚାଳଘର । ପାଣୁ ମାଷ୍ଟ୍ରେର କୋଠାଘର । ପାଣୁ ମାଷ୍ଟ୍ରେର ଧାନକଳ, ଚୂଡ଼ାକଳ ବି ଅଛି । ଗାଁକୁ ଲାଇନ୍ ଆସିନି । ପାଣୁ ମାଷ୍ଟ୍ରେର ଚୁଡ଼ାକଳ, ଧାନକଳ କିରାସିନି, ଡିଜେଲରେ ଚାଲେ । ଚୁଡ଼ାକଳରୁ ବାହାରୁଥିବା ଫଟ୍ ଫଟ୍ ଶବ୍ଦ ସାଙ୍ଗକୁ କଳାଧୂଆଁ ବଡ଼ ବିଜାର କରେ ।

ଉମି ପାଣୁ ମାଷ୍ଟ୍ରେର ଗୋଟିଏ ବୋଲି ଝିଅ । ପାଣୁ ମାଷ୍ଟ୍ରେର ସାତ ପୁଅ । ଉମି ସାତ ଭାଇରେ ଗୋଟିଏ ବୋଲି ଗେହ୍ଲୀ ଅଲିଅଳି ଭଉଣୀ । ମାନେ ସାଧବ ସାତଭାଇଙ୍କ ତଅପୋଇ ଭଳି ।



**ଗପ ପଛର ଗପ**

**ଗୋଟିଏ ଚାଳିଶି ପଚାଶ ବର୍ଷ ତଳର ଉତ୍କଳୀୟ ପଲ୍ଲୀ ଜୀବନକୁ ନେଇ ଏ ଗପଟି ଲେଖା ଯାଇଛି । ଉତ୍କଳୀୟ ପଲ୍ଲୀ ସଂସ୍କୃତି ଓ ପରମ୍ପରାରେ ଭାଲୁକୁଣୀ ଓଷା (ଖୁଦୁରୁକୁଣୀ ଓଷା) ଏବଂ ଭାଦ୍ରବ ମାସର ଗୋଟିଏ ବଡ଼ ଭୂମିକା ରହିଛି । ଭାଦ୍ରବ ମାସ ବେଳକୁ ବିଲବାଡ଼ିରେ ଚାଷ କାମ ଶେଷ ହୋଇଯାଇଥିବ । ବିଲରେ ଧାନ କେଣ୍ଡା ଧରୁଥିବ । ପବନରେ ଧାନକେଣ୍ଡାମାନ ଦୋଳି ଖେଳୁଥିବେ । ଆଉ ସେହି ଭାଦ୍ରବ ମାସରେ ଆମ ଗାଁର ଝିଅମାନେ ଭାଲୁକୁଣୀ ଓଷା କରୁଥିବେ । ଶେଷ ପାଳିରେ ଗାଁରେ ଭିଡିଓ ଚାଲିବ । ସେତେବେଳେ ତ ଗାଁରେ ବିଜୁଳି ନଥାଏ । ଜେନେରେଟର୍‌ର ଫଟ୍‌ଫଟ୍ ଶବ୍ଦରେ ଭିଡିଓ ଚାଲେ । ଆମେସବୁ ବାଳୁତ ପିଲାମାନେ ଭିଡିଓ ଦେଖି ରାତି ଅନିଦ୍ରା ହୋଇ ସ୍କୁଲ୍‌କୁ ଯାଉନା । ଏ ଗପର ଦୁଇ ମୁଖ୍ୟ ଚରିତ୍ର 'ଉମି' ଆଉ 'ଠୁରା'କୁ ପଢ଼ିଲେ ଆପଣ ଜାଣି ପାରିବେ । ଏ ଗପର ଚରିତ୍ର 'ଠୁରା' ସହ ମୋ' ପିଲାଦିନର ଅନେକ ସାମଞ୍ଜସ୍ୟ ରହିଛି ।**

ରଞ୍ଜନ ପ୍ରଧାନ

ଉମିର ସବା ବଡ଼ଭାଇ ସତନା ଚୂଡ଼ାକଳ ଦାୟିତ୍ୱ ବୁଝେ । ତା' ତଳ ଭାଇ ପଦିଆ ଧାନ ହଳର ବୁଝେ । ତା' ତଳ ଭାଇ ଟେରା ତେଜରାତି ଦୋକାନରେ ବସେ । ତା' ତଳ ଭାଇ ଗଜିଆ କଣ୍ଟ୍ରାକ୍ଟ କରେ । ଆଉ ଅନ୍ୟ ଭାଇମାନେ ବିଲବାଡ଼ିରେ ଖଟନ୍ତି ।

ପାଣ୍ଡୁମାଷ୍ଟ୍ରେ ବି ଅଧିକାଂଶ ସମୟରେ ସ୍କୁଲ ନ ଯାଇ ବିଲରେ ଖଟେ । ରୁଆ, ଓପରା କରେ । ହଳ କରେ । ବିଲ କତି ମାରେ । ପାଣ୍ଡୁ ମାଷ୍ଟ୍ରେର ବି ଟ୍ରାକ୍ଟର ଅଛି । ତାହା ଭଡ଼ାରେ ଲାଗେ । ନେତାଏ ଗାଁକୁ ଆସିଲେ ପାଣ୍ଡୁ ମାଷ୍ଟ୍ରେକୁ ଖୋଜନ୍ତି ।

ପାଣ୍ଡୁ ମାଷ୍ଟ୍ରେର ସାନ ଝିଅ ଉମି ପଢ଼େ ଦଶମ ଶ୍ରେଣୀରେ । ଏ ବର୍ଷ ସେ ମାଟ୍ରିକ ପରୀକ୍ଷା ଦେବ । ସମସ୍ତେ ଭାବନ୍ତି ମାଷ୍ଟର୍ ଝିଅ, ଭଲ ପଢୁଥିବ । କିନ୍ତୁ ଉମିର ପାଠପାଠ ପ୍ରତି ସେତେ ଆଗ୍ରହ ନଥାଏ । ସ୍କୁଲ ବ୍ୟାଗ୍ ଭିତରେ କାନ୍ଦଣା ବହି ଲୁଚେଇ ନେଇ ସେ ଖେଳଛୁଟି ସମୟରେ କାନ୍ଦଣା ଶିଖେ । ଖର୍ଦ୍ଦା ବାରିରେ କିତିକିତି, ଡୁଡୁ, ଟିଂଛୁ, ବୋହୂଚୋରୀ ଖେଳେ । ଗୋବରୀ ନଈରେ ପହଁରେ । ପ୍ରଜାପତି ପଛରେ ଧାଏଁ । କଙ୍କି ଧରେ । ରୋଗିଣା ବୋଉକୁ ଘର କାମରେ ସାହାଯ୍ୟ କରେ । ବାପାଙ୍କୁ ପଖାଳ, ଆଳୁ ଭର୍ତ୍ତା, ଶାଗଭଜା ପରଷେ । ଗୋଠରୁ ଛେଳି ଫିଟାଇ ଦିଏ । ଗୋରୁ ଗୁହାଳ ପୋଛେ । କୁକୁଡ଼ା ଭାଡ଼ିରୁ ପଟା ଖୋଲେ । ଅଣ୍ଡାତକ ଆଣି ଠେକି ଭିତରେ ରଖେ । ଜେଜେଙ୍କ ମୂତ ଗାଡୁଆ ନେଇ ଦୋକରିରେ ଢାଳେ । କତରା ସଫା କରେ । ମସିଣାରେ ପଡ଼ିଥିବା ଅଧାମଲା ଜେଜେଙ୍କ ଘୁଅକନା ବଦଳାଏ ।

ଉମି ଝିଅ ହେଲେ କ'ଣ ହେବ; ସବୁକାମକୁ ଆଗଭର । ସେ ଝିଅ ନୁହଁ ତ ! ସମସ୍ତେ ତାକୁ କହନ୍ତି ପୁଅ । ସେ ଏ ଗାଁର ପୁଅ ।

ଭାଲୁକୁଣୀ ଓଷାରେ କିନ୍ତୁ ଉମିର ଦାୟିତ୍ୱ ବେଶି ବଢ଼ିଯାଏ । ପୁଣି ସଂକ୍ରାନ୍ତି, ଶିବରାତ୍ରୀରେ ଗାଁ ଝିଅଙ୍କୁ ଏକାଠି କରି ମହାଦେବ ମନ୍ଦିର ଯାଏ । ଜାଗର ମେଳାରୁ ଭାଗିରଥୀ ଦାସ ଉପନ୍ୟାସ ଓ କସ୍ତୁରୀ ଦାସ ଡିଟେକ୍ଟିଭ କିଣିଆଣେ ଓ ଲୁଚେଇ ଲୁଚେଇ ସେଗୁଡ଼ିକୁ ପଢ଼େ । କାର୍ତ୍ତୀକ ପୂନେଇଁରେ ପୋଖରୀରେ ଡଙ୍ଗା ଭସାଏ । ବୃନ୍ଦାବତୀ ଚଉଁରା ମୂଳରେ ମୁରୁଜ ପକାଏ । ମାର୍ଗଶିର ମାସ ଲକ୍ଷ୍ମୀ ପୂଜାରେ କାନ୍ଥରେ ଝୋଟିଚିତା ଆଙ୍କେ । କାହାର କଲିକତା କି ସୁରତରୁ ଚିଠି ଆସିଲେ ଉମି ପଢ଼େ ଓ ସେମାନଙ୍କ ପାଖକୁ ଉମି ଚିଠି ବି ଲେଖେ ।

ଦିନେ ରାଜୁ ବୋଉ ରାଜୁ ବାପାଙ୍କ ପାଖକୁ ଚିଠି ଲେଖିବାକୁ ଉମିକୁ ଡାକିଥିଲା । ରାଜୁ ବୋଉ ତରଫରୁ ଇଙ୍ଗ୍ଲାଣ୍ଡଲେଟର୍‌ରେ ଉମି ଲେଖିଲା, 'ରାଜୁ ବାପା, ଦୂର ବିଦେଶରେ ଥାଇ ମୋର ଆଶୀର୍ବାଦ ଗ୍ରହଣ କରିବ ।' ଇସ୍, ପରେ ଯେତେବେଳେ ଜାଣିଲା ବଡ଼ମାନଙ୍କୁ ଆଶୀର୍ବାଦ ନୁହେଁ ବରଂ ପ୍ରଣାମ ନେବ ବୋଲି ଲେଖାଯାଏ, ଉମି ଜିଭ କାମୁଡ଼ି ପକାଇଥିଲା । ତାକୁ ଭାରି ଲାଜ ମାଡ଼ିଥିଲା ।

ଗାଁର ସବୁ କାମକୁ ଉମି ଥାଏ ଆଗରେ ।

ଭାଦ୍ରବ ମାସର ପ୍ରଥମ ରବିବାର ଭାଲୁକୁଣୀ ଓଷାର ପ୍ରଥମ ପାଳି । ଆଉ ଟିକକୁ ବଇଆ କକା, ନଟିଆ, ଟିମା ଆଦି ଗାଁ ଟୋକାଏ କଣ୍ଟାବଣ ବଜାରରୁ ଭାଲୁକୁଣୀ ମୂର୍ତ୍ତି ଧରି ଫେରିବେ । ଫଗୁ ମଳିକର ଟ୍ରଲିରେ ଲୋଡ୍ ହୋଇ ଭାଲୁକୁଣୀ ଆସି ପହଞ୍ଚିବ ।

ସବୁ ଅପେକ୍ଷାର ଅନ୍ତ ଘଟିବ । କଣ୍ଟାବଣରୁ ଭାଲୁକୁଣୀ ମୂର୍ତ୍ତି ଆସି ପହଞ୍ଚିଯିବ । ଧକଡ଼ଚକଡ଼ ରାସ୍ତାରେ ଆଣିଲା ବେଳେ ଭାଲୁକୁଣୀର ଗୋଟିଏ ହାତର ଆଙ୍ଗୁଠି ଭାଙ୍ଗି ଯାଇଥିବ । ପିତେଇ କହିବ, ଭାଲୁକୁଣୀର ନାକ ଟିକେ ଚେପ୍‌ଟା ହୋଇଗଲା । ଆଖି ଟିକେ ସରୁ ହୋଇଥାନ୍ତା । ଜାଡ଼ି କହିବ, ପଚାଶ ଟଙ୍କାକୁ ଛୋଟ ଭାଲୁକୁଣୀ ହୋଇଗଲା । ଆଉ ଟିକେ ବଡ଼ ହୋଇଥାନ୍ତା । ସୁନେଇ କହିବ ଭଲ ରଙ୍ଗ ଦିଆ ଯାଇନି । ହାତରେ ଘସିଦେଲେ ଲିଭି ଯାଉଛି ।

ବଇଆ କକା ମନ ଊଣା କରିବ । ଏତେ କଷ୍ଟ କରି ଏତେ ଦୂରରୁ ଏ ଝିଅଙ୍କ ପାଇଁ ମୂର୍ତ୍ତି ଆଣିଦେଲି, ହେଲେ ପ୍ରଶଂସା ବଦଳରେ ଶୁଣିଲି ନିନ୍ଦା । ଏ ଝିଅମାନେ ଖାଲି ଖୁଣ ବାଛିଲେ ।

ବଇଆ କକା ବିରକ୍ତି ହୋଇ କହିବ– "ହେଃ ଶଳା, ଆର ବର୍ଷକୁ ଆଉ ଯିବିନି । ଏ ଟୋକୀଙ୍କ ଭାଲୁକୁଣୀ ପୂଜା ହେଲେ କେତେ, ନହେଲେ କେତେ ? ମୋର କ'ଣ ଗରଜ ପଡ଼ିଚି ?"

ପରିସ୍ଥିତିକୁ ହାଲୁକା କରିବାକୁ ଯାଇ ଉମି ଝିଅମାନଙ୍କ ଉପରେ ବିରକ୍ତ ହେବ ଓ କହିବ– "ବେଶି ଗୋଟେ ହଉଚ ତମେସବୁ । ଆମର ଭାଲୁକୁଣୀ ଠିକ୍ ଅଛି । କୁସୁନୁପୁରିଆଙ୍କର ଦେଖିବ ଯାଅନି । ଏଡ଼ିକି ଟିକେ । ଆମର ଭଲ ମୂର୍ତ୍ତି ହେଇଚି ମ ବଇଆ କକା । ସେମାନେ କ'ଣ କଇବେ ମ ? ତମେ ସେମାନଙ୍କ କଥା କାଇଙ୍କି ଶୁଣୁଚ ?"

ଉମି ଘର ଭିତରକୁ ଦଉଡ଼ି ଯାଇ ବାପାଙ୍କ ବିଡ଼ି ଡାଲାରୁ ବିଡ଼ି କଠାଏ ଆଣି ବଇଆ କକାକୁ ଦବ । ବଇଆ କକା ସେନ୍ତିରି ଯାଇଥିବା ଦିଆସିଲି ଖୋଳରେ କାଠିକୁ ଘସିଘସି ବହୁ କଷ୍ଟରେ ବିଡ଼ିରେ ନିଆଁ ଧରେଇ କହିବ: "ବୁଝିଲୁ ଉମି, ତମ ଭାଲୁକୁଣୀ ମୂର୍ତ୍ତିଟି ପର୍କୁତରେ ଭଲ ହେଇଚି । ସରସ, ସୁନ୍ଦର, ମଜବୁତ୍ । ସେ ଘୋଡ଼ୀଗୁଡ଼ାକ ବୁଝୁନାହାନ୍ତି ।"

ଉମି କହିବ, "ହଁ କକା । ତମେ କାଇଁକି ସେମାନଙ୍କ କଥା ଶୁଣୁଚ ?"

ସଞ୍ଜକୁ କୋଠିରେ ଭାଲୁକୁଣୀ ମୂର୍ତ୍ତି ସ୍ଥାପନା କରାଯିବ ।

ଉମି, ରାଉଳି, ସୋରିଆ, ଜାଡ଼ି, ପିତେଇ, ନଖି, ସାଗରୀ, ଅହଲ୍ୟା ହେରିକା ପୂର୍ବଦିନ ରାତି ଅଧରୁ ଉଠି ଫୁଲ ତୋଳିବାକୁ ବାହାରି ପଡ଼ିବେ ।

ପାଣିକେନ୍ଦୁଲି ଫୁଲ ଯିଏ ତୋଳିପାରିବ ସେ ବଡ଼ ଭାଗ୍ୟବତୀ । କାହିଁକି ନା ଖୁଦୁରୁକୁଣୀଙ୍କ ପ୍ରିୟ ଫୁଲ ପାଣିକେନ୍ଦୁଲି । ସେ ପାଣିକେନ୍ଦୁଲି ଫୁଲର ଆକାର ବଡ଼ ବିଚିତ୍ର । ହାତର ପାଞ୍ଚ ଆଙ୍ଗୁଳି ଭଳି ଦେଖିବାକୁ । ସବୁଥର କିନ୍ତୁ ଉମି ପାଣିକେନ୍ଦୁଲି ଫୁଲ ତୋଳି ଆଣେ ।

ପିତେଇ ଥଟ୍ଟା କରି କହିବ, "ହଉଲୋ ଉମି, ଖୁଦୁରୁକୁଣୀକୁ ତ ପର୍ତିବର୍ଷ ପାଣିକେନ୍ଦୁଲି ଦଉଚୁ । ତୋ' କପାଳରେ ବୁଢ଼ା ବର ଅଛି ଲୋ, ଦେଖିବୁ ।"

ଉମି ପିତେଇ ଉପରକୁ ଚିଡ଼ିଯାଇ ପୁଣି ଫୁଲତୋଳା କାମରେ ମନଦବ । ଝିଅମାନେ ଆ' ତା' ବାଡ଼ିରେ ପଶି ଟଗର, ମନ୍ଦାର, ହରଗୌରା, କାକୁଡ଼ି ଫୁଲ, ଜହ୍ନିଫୁଲ, ପାଣିକଖାରୁ ଫୁଲ ତୋଳିବେ । ଓଦା ସରସର ହୋଇ ଉମି ବାରମାଣିଆ ଗଳିଆରେ ଛାତିଏ ପାଣିରେ ପଶି ଝଙ୍କାଏ କଇଁ ଫୁଲ ତୋଳି ଆଣିବ । ତା' ଜଂଘରେ ବାଲୁବାଲୁ ପାଟୁଆ ଜୋକ ଲାଗି ଯାଇଥିବେ । ଜୋକଙ୍କୁ ଉମିର ଡର ନଥିବ ।

ଲମ୍ବା କଇଁ ନାଡ଼କୁ ଭାଙ୍ଗି ଭାଙ୍ଗି ଅତି ସୁନ୍ଦର ହାର ବୁଣିବ ଉମି । କଇଁଫୁଲ ହାରରେ ଭାଲୁକୁଣୀ ସମ୍ପୂର୍ଣ୍ଣ ଘୋଡ଼େଇ ହୋଇ ଯାଇଥିବେ । ଖାଲି ଯାହା ମୁହଁ ଟିକେ ଦିଶୁଥିବ ।

ଉମିଙ୍କ ଘରେ ଭାଲୁକୁଣୀ କୋଠି ବସିଥିବ । ଫୁଲ ତୋଳି ଆଣିବା ପରେ ଉମି, ରାଉଳି, ପିତେଇ, ସୋରିଆ, ଜାଡ଼ି, ଅହଲ୍ୟା, ନଖି ଭାଲୁକୁଣୀ କୋଠିକୁ ଲିପାପୋଛା କରିବେ । ଦିନ ଦଶଟା ବେଳକୁ ପାଟିରେ ଦାନ୍ତକାଠି ପୂରେଇ ଝିଅମାନେ ବାଡ଼ି ପୋଖରୀକୁ ଗାଧୋଇବାକୁ ଯିବେ । ସେତେବେଳେ କୋଉ ଦାନ୍ତଘସା ବ୍ରସ୍, କୋଲ୍‌ଗେଟ୍ ଥିଲା କି ? ଝିଅମାନେ ପାଟିରେ ବାଉଁଶ କି ଅମରଜଡ଼ା ଦାନ୍ତକାଠି ସାଙ୍ଗକୁ ଗୋବର ଘସି ପାଉଁଶରୁ ମେଞ୍ଚାଏ ପୂରେଇ ଗଡ଼ିଆ ତୁଠରେ ପହଞ୍ଚି ଯାଆନ୍ତି ।

ଉମି ଭଲ ପହଁରା ଜାଣେ । ପାଣିରେ ବୁଡ଼ି ନୂଆଗଡ଼ିଆରୁ କାଦୁଅ ଟେଳାଏ ଧରି ଆଣେ । ସେ କାଦୁଅରେ ଗଡ଼ିଆ ତୁଠରେ ଭାଲୁକା ମୂର୍ତ୍ତି ଗଢ଼ାଯାଏ । ରାଉଳି ଯାଇ କୋଉଠୁ ସଜ ଗୋବର ମେଂଞାଏ ଧରି ଆସେ । ଗୋବର ଓ ପଙ୍କ କାଦୁଅରେ ଉମି ଗଢ଼େ ସରସା ଭାଲୁକା ମୂର୍ତ୍ତି ।

ଫୁଲ, ଧୂପ, ଦୀପ, ଝୁଣା ଦେଇ ଝିଅମାନେ ସେ ଭାଲୁକା ମୂର୍ତ୍ତିକୁ ପୂଜା କରିବେ । ଭାଲୁକା ବୋଇଲେ କାଦୁଅରେ ଗଢ଼ା ବିଲୁଆ କି ଭାଲୁ ଭଳି ଦୁଇଟି ଜନ୍ତୁଙ୍କ ମୂର୍ତ୍ତି କି କ'ଣ ? ତା'ର ଚାରିଟା ଗୋଡ଼ ଥିବ । ଆଗକୁ କୁମ୍ଭୀର ଅଣ୍ଟ ଭଳି

ବାହାରିଥିବ । କେଜାଣି ତା' ଅର୍ଥ କ'ଣ ? ସେ ଝିଅମାନେ ବୁଝନ୍ତି । ଠୁରା ଏସବୁ କିଛି ବୁଝେନା ।

ଉମି ହୁଳୁହୁଳି ପକାଏ । ସୂର୍ଯ୍ୟଙ୍କୁ ଚାହିଁ ପାଣି ଆଞ୍ଜୁଳା ଦିଏ । ଠୁରା ଖାଲି ଉମିର ମୁହଁକୁ ଅନେଇ ରହେ । ଡାଆଣାଙ୍କ ପରି ।

ଉମି କେତେ ସୁନ୍ଦର ବାଗରେ ତା' ପଦ୍ମ କଢି ଭଳି ଆଙ୍ଗୁଠିରେ କି ସୁନ୍ଦର ଭାଲୁକା ମୂର୍ତ୍ତି ଗଢ଼ିଛି ! ଠୁରା ଉମିର ପ୍ରଶଂସା କରେ ।

ଭାଲୁକା ପୂଜା କରି ଝିଅମାନେ ଘରକୁ ଫେରିବେ । ଉମି ଗଡ଼ିଆରେ ମୁଣ୍ଡ ବୁଡ଼େଇ ଗାଧୋଇଥିବ । ତା' କେଶ ଶୁଖି ନଥିବ । ଓଦା ଫ୍ରକ୍ ପିନ୍ଧି ଉମି ଖୁଦୁରୁକୁଣୀ କୋଠୀ ଲିପାପୋଛା କରିବ । ଠୁରା କଣେଇ କଣେଇ ଉମିର ବତୁରା ଦେହକୁ ଚାହୁଁଥିବ ।

ଆଃ, ଓଦା ଚୁଟିରେ ଉମି କି ସୁନ୍ଦରୀ ଲାଗୁ ଥିବ !

ଓଦା ଫ୍ରକ୍ ଉମିର ଛାତିରେ ଜଡ଼େଇ ହୋଇ ଲାଗି ଯାଇଥିବ । ଉମିର ଓଦା ଦେହରୁ ପାଣି ଟୋପା ଟୋପା ତଳେ ନିଗୁଡୁଥିବ । ଅନୁଚ୍ଚ ବକ୍ଷଦେଶକୁ ଆତୁରିଆଙ୍କ ଭଳି ଠୁରା ଅନେଇଥିବ ।

ପ୍ରଥମ ପାଳିରେ ଭାଲୁକୁଣୀଙ୍କୁ ଅରୁଆ ଚାଉଳ, ନଡ଼ିଆ ଭୋଗ ଦିଆଯିବ । ସବୁ ଝିଅମାନେ କଂସା, ପିତଳ ଗିନାରେ ଅରୁଆ ଚାଉଳ, ନଡ଼ିଆ, କଦଳୀ ଧରି ଆସିଥିବେ । ଅରୁଆ ଚାଉଳ, କ୍ଷୀର, ନଡ଼ିଆ ସାଙ୍ଗକୁ କାକୁଡ଼ି ଭୋଗ ଠୁରାକୁ ଭାରି ଭଲ ଲାଗେ ।

ଚାଉଳ ଖାଇ ଠାକୁର ରାଉଳ ହୁଅନ୍ତି । ଠୁରା ଖାଲି ଏତିକି ଜାଣିଥାଏ ।

ଠୁରା ପ୍ରାୟ ସବୁବେଳେ ଝିଅଙ୍କ ମେଳରେ ଥାଏ । ସେତେବେଳେ ତା'ର କାମଧନ୍ଦା କ'ଣ ଥାଏ କି ? ଭାଦ୍ରବ ମାସରେ ବିଲରେ ଧାନ କେଣ୍ଡା ଧରୁଥାଏ । ଧାନକେଣ୍ଡାସବୁ ପବନରେ ଦୋଳି ଖେଳୁଥାଏ । ରୁଆ, ଉପୁଡ଼ା, ବିଲବଛା କାମ ତ କେବେଠୁ ସରି ଯାଇଥାଏ । ଟାଇଁ ଟାଇଁ ଭୋଦୁଅ ଖରାରେ ବିଲ କିଛିମାତ୍ରାରେ ଶୁଖିଯାଇଥାଏ । ଖାଲି ଧାନ ଟିକେ ପାଣି ଖୋଜେ ଯାହା । ବର୍ଷା ଅସରାଏକୁ ଅପେକ୍ଷା । ଠୁରା ସେଥିନେଇ ବେଶି ଚିନ୍ତିତ ନଥାଏ ।

ଦ୍ୱିତୀୟ ପାଳିରେ ଖୁଦଭଜା ଭୋଗ ହୁଏ । ଭାଲୁକୁଣୀ ଖୁଦ ରଙ୍କୁଣୀ । ତେଣୁ ତ ସେ ଖୁଦୁରୁକୁଣୀ ।

ତୃତୀୟ ପାଳିରେ ମୁଢ଼ି କଦଳୀ ଭୋଗ । ମୁଢ଼ି ଖାଇ ଭାଲୁକୁଣୀ ବୁଢ଼ି ହେବେ । ଏ ତୃତୀୟ ପାଳିରେ ବହି ପଢ଼ା ଯାଏନା । ସେଦିନ ଦିନ ଥାଉ ଥାଉ ପୂଜା ସରିଯାଏ । ବିଲୁଆ ଭୁକିବା ପୂର୍ବରୁ ପୂଜା ଶେଷ ହେବାର ବିଧି ରହିଛି । ବିଲୁଆ ଭୁକିଲେ ପୂଜା ମାରା ହୋଇଯିବ ବୋଲି ଗାଁଝିଅମାନେ କଥାଭାଷା ହୁଅନ୍ତି । ତୃତୀୟ ପାଳିକୁ ବିଶେଇ ପାଳି କହନ୍ତି । କେଜାଣି ସେ ବିଶେଇ ପାଳିର ଅର୍ଥ କ'ଣ । ଠୁରା ଏସବୁ ବୁଝେନା ।

ଚତୁର୍ଥ ପାଳିରେ ଚୂଡ଼ା ଭୋଗ ହୁଏ । ଚୂଡ଼ା ଖାଇ ଠାକୁର ବୁଢ଼ା ହୁଅନ୍ତି । ଭୋଗରେ ନଡ଼ିଆ, କଦଳୀ, ଛେନା, ଗୁଡ଼, କାକୁଡ଼ି ବି ପଡ଼େ । ଖୁଦୁରୁକୁଣୀ ଭୋଗ ଠୁରାର ଭାରି ପ୍ରିୟ । ଠୁରା ଥରେ ଖାଇସାରିବା ପରେ ପୁଣି ହାତ ବଢ଼ାଏ । ଉମି ଠୁରା ହାତରେ ଆଉ ଦି ମୁଠା ଭୋଗ ଓଜାଡ଼ି ଦିଏ । ଠୁରା ମନଭରି ଭୋଗ ଖାଏ ।

ପଞ୍ଚମ ପାଳିରେ ମଣ୍ଡା, ଗଇଁଠା ଓ ଖଇ ଭୋଗ ହୁଏ । ଗଇଁଠା ଖାଇ ଭାଲୁକୁଣୀ ଅଇଁଠା ହୁଅନ୍ତି । ଶେଷରେ ଖଇ ଖାଇ ନଈକୁ ଯାଆନ୍ତି ।

ଶେଷପାଳିର ପରଦିନ ସକାଳୁ ସକାଳୁ ଭାଲୁକୁଣୀଙ୍କୁ ଗୋବରୀ ନଈରେ ବିସର୍ଜନ କରାଯାଏ । ଠୁରା ବି ଝିଅମାନଙ୍କ ସହ ଭାଲୁକୁଣୀ ଭସାଣୀରେ ଉପସ୍ଥିତ ଥାଏ ।

ଆହାଃ, ଭାଲୁକୁଣୀ ବିସର୍ଜନ ମୁହୂର୍ତ୍ତ ବଡ଼ ଦୁଃଖଦାୟକ !

ଭାଲୁକୁଣୀଙ୍କୁ ଗୋବରୀ ନଈରେ ଭସେଇ ଉମି କଇଁକଇଁ ହୋଇ କାନ୍ଦେ । ତା' ଆଖି ଛଳଛଳ ହୋଇଯାଏ । ଅନ୍ୟ ଝିଅମାନେ ବି ନାକ ସୁଁ ସୁଁ କରନ୍ତି । କାନ୍ଦି କାନ୍ଦି ଝିଅମାନଙ୍କ ଆଖି ନାଲି ପଡ଼ିଯାଇଥାଏ । ଝିଅମାନଙ୍କ କାନ୍ଦ ଦେଖି ଠୁରାର ବି କାନ୍ଦିବାକୁ ଇଚ୍ଛା ହୁଏ । କିନ୍ତୁ ସେ ମର୍ଦ୍ଦପିଲା । କାନ୍ଦିବ କାହିଁକି ? ଏଣୁ ସେ କାନ୍ଦେନା । ଉମିର ଦୁଃଖରେ କିନ୍ତୁ ସମଦୁଃଖୀ ହୁଏ ।

ଝିଅମାନେ ନଈରେ ଭାଲୁକୁଣୀ ଭସେଇ ଦେବା ପରେ ଠୁରା ପାଣିରେ ବୁଡ଼ି ପୁଣି ଭାଲୁକୁଣୀ ମୂର୍ତ୍ତିକୁ ଉଦ୍ଧାର କରି ଘରକୁ ଆଣେ । ଭାଲୁକୁଣୀ ମୂର୍ତ୍ତିକୁ ନଈରୁ ଉଠାଇ ଆଣି ଠୁରା ନିଜ ଘରେ ଯତ୍ନରେ ସାଇତି ରଖେ ।

ଏ ଭାଲୁକୁଣୀ ମୂର୍ତ୍ତିରେ ଠୁରା ଉମିର ମୁହଁକୁ ଦେଖେ । ସେତେବେଳେ ଉମି ତାକୁ ଭାଲୁକୁଣୀ ଭଳି ଲାଗେ । ଠୁରା କୋଉ କବିଫବି ନୁହଁ ମ । ନିପଟ ଗଧ । ମଫସଲି । ଗାଉଁଲି ଚଷା ପିଲା । ବିଲରେ ଖଟିବା, ଗାଈ ଜଗିବା ତା' କାମ । ତଥାପି ଉମିକୁ ଦେଖିଲେ, ତା' ମନରେ କବିତ୍ୱ ଭାବ ଜାଗ୍ରତ ହୁଏ । ଠୁରା ଉମିକୁ ଭଲ ପାଏ । ଉମି ବିନା ଠୁରା ଜୀବନ ଅଧୁରା ।

ଭାଲୁକୁଣୀ ଓଷା ପାଞ୍ଚ ପାଳିରେ ଝିଅମାନେ ମଜାମସ୍ତି କରନ୍ତି । ଠୁରା ବି ଉପଭୋଗ କରେ । ଭାଦ୍ରବ ମାସର ଦିନଗୁଡ଼ା ଠୁରା ପାଇଁ ଭାରି ଭଲ । କାରଣ, ସେତେବେଳକୁ ବିଲବାଡ଼ି କାମ ସରି ଯାଇଥାଏ । ଧାନକ୍ଷେତ ପୂରିଲା ପୂରିଲା ଦିଶୁଥାଏ । ଯୁଆଡ଼େ ଚାହିଁବ, ଚାରିଆଡ଼ ସାବ୍‌ଜା ସାବ୍‌ଜା । ନଈନାଳ, ଫୁଟଖାଲ, ପାଟନାଳି; ସବୁଆଡ଼େ ପ୍ରବଳ ମାଛ । ଝୁଡ଼ିଏ ଝୁଡ଼ିଏ ମାଛ ଠୁରା ବୋହି ଆଣିବ ଘରକୁ ।

ସନ୍ଧ୍ୟାରେ ଖୁଦୁରୁକୁଣୀ ଓଷା ବହି ପଢ଼ିବା ପାଇଁ ଖୋଜା ପଡ଼ିବେ ଉମି ଓ ନଖି । କାରଣ ସେ ଗାଁରେ କେହି ବି ଝିଅବୋହୂ ଅକ୍ଷର ଶିଖି ନଥିବେ । ସବୁ ମାଇପେ ଶ୍ରୀଅକ୍ଷର ବିବର୍ଜିତା । ବହି ପଢ଼ିବେ କ'ଣ ? ଏଣୁ ଗାଁର ଓଷାବ୍ରତ, ପୂଜାପର୍ବରେ ଉମି ଓ ନଖି ହିଁ ବହି ପଢ଼ନ୍ତି ।

ନଖିର ଭଲ ନାଁ ଲକ୍ଷ୍ମୀପ୍ରିୟା । ନଖି ଉମିର ପ୍ରିୟ ସାଙ୍ଗ । ଉମି ଭଳି ନଖିର ବି ପାଠପଢ଼ାରେ ଏତେ ମନ ନଥାଏ ।

ନଖିର ବାପା ବିଶିଆ ସେ ଅଞ୍ଚଳରେ ଜଣେ ସୁପ୍ରସିଦ୍ଧ ଖୋଳ ବାଦକ ଭାବେ ଖୁବ୍ ଜଣାଶୁଣା । ବିଶିଆ ଓରଫ ବିଶ୍ୱନାଥ ବିଦ୍ଧାଣିର ଖୋଳ ଭଲ ତ ସେ ଭଲ । ଚବିଶ ଘଣ୍ଟା ବିଶଆ ଖୋଳରେ ଟୁଂ ଟାଂ ଢମ୍ ଢାଏଁ କରୁଥିବ । ଚମଡ଼ା ଦଉଡ଼ିକୁ ଟାଣି ଟାଇଟ୍ କରୁଥିବ । କିରଣରେ ପାଉଡ଼ର ମାଖି ଅଙ୍ଗୁଳି ଚଳାଉଥିବ । ଅଙ୍ଗୁଳି ଚାଳନାରେ ବିଶିଆ ଓସ୍ତାଦ । ବିଶିଆ ଭଲ ତବଲା ବି ବଜାଏ ।

ଗାଁରେ ଅଷ୍ଟପ୍ରହରୀ ଠୁ ଆରମ୍ଭ କରି ହରିହାଟ, ଭାଗବତ ପାରାୟଣ ପର୍ଯ୍ୟନ୍ତ ସବୁଠି ବିଶିଆ ଥାଏ । ଖୋଳ ଓ ତବଲା ବଜେଇ ବିଶିଆ କେତେଆଡୁ ପୁରସ୍କାର ବି ପାଇଛି । ଉତ୍ତରୀୟ, ମାନପତ୍ର ପାଇଛି ।

ବିଶିଆର ମାଇପ ଅମରୀକୁ ସବୁବେଳେ ରୋଗ ବଇରାଗ ମାଡ଼ି ବସୁଥାଏ । ବିଚାରୀ ଦିନରାତି ବିଲବାଡ଼ିରେ ଖଟୁଥାଏ । ବିଶିଆ କ'ଣ କଲା ନକଲା ସେଥକୁ ମୁଣ୍ଡ ପୂରାଏନି ।

ବିଶିଆ ସବୁବେଳେ ଖୋଳ କୀର୍ତ୍ତନ କରୁଥାଏ ।

ଅଧିକାଂଶ ସମୟରେ ଉମି ଯାଇ ନଖି ଘରେ ପଶିଥିବ । ଉମି ବୋଉ ଖୋଜୁଥିବ, ଉମି କୁଆଡ଼େ ଗଲା ? ଦେଖିଲା ବେଳକୁ ଉମି ଯାଇ ନଖି ଘରେ ।

ନଖିବୋଉ ଅମରୀ ବାଡ଼ିରେ ଘସି ତାରୁଥିବ କି ଗାଈ ଦୁଉଁଥିବ । ବିଶିଆ ଖୋଳବାଦ୍ୟରେ ମଗ୍ନ ଥିବ । ଉମି ବିଶିଆ କକେଇକୁ ଏକ ଲୟରେ ଚାହିଁଥିବ ।

ବେଳେବେଳେ ନଖି ଘରେ ନଥିବ । କୁଆଡ଼େ ବାରି ଆଡ଼େ ଯାଇଥିବ । ନଖିବୋଉ ଅମରୀ ବିଲକୁ ଧାନ କାଟି ଯାଇଥିବ । ଉମି ଆସି ପହଂଚିବ । ଘରେ ଥିବେ ବିଶିଆ କକେଇ । ବିଶିଆ କକେଇର ଖୋଳ ଧ୍ୱନି ଓ ଅଙ୍ଗୁଳି ଚାଳନା ଉମିକୁ ସମ୍ମୋହିତ କରୁଥିବ । ଉମି ସେମିତି ଏକ ଲୟରେ ଚାହିଁ ରହିଥିବ ।

ଉମି ଭାବେ ବିଶିଆ କକେଇ ହିଁ ଏ ଗାଁର ଶ୍ରେଷ୍ଠ ପୁରୁଷ । ଆଉ ସମସ୍ତେ ତାକୁ ମାଇଚିଆଙ୍କ ଭଳି ଲାଗନ୍ତି । ଠୁରା ବି ।

ବିଶିଆ କକେଇ ଜଣେ ଖୋଳ ସାଧକ । ଖୋଳ

ବାଦନରେ ବିଶିଆ କକେଇ ଅସାଧ୍ୟ ସାଧନ କରିଛନ୍ତି । ଉମି ଭାବନା ରାଜ୍ୟରେ ବୁଡ଼ିଯାଏ ।

ସଞ୍ଜକୁ ଉମିଙ୍କ ଘରେ ବସିଥିବା ଭାଲୁକୁଣୀ କୋଠିରେ ଝିଅମାନେ ହାଜର ହେବେ । ଉମି ଓ ନଖି ଖୁଦୁରୁକୁଣୀ ବହି ପଢ଼ା ଆରମ୍ଭ କରିବେ-

"ବନ୍ଦଇ ଦେବ ଜଗନ୍ନାଥ, କମଳା ଦେବୀର ସଙ୍ଗାତ । / ଲକ୍ଷ୍ମୀ ଦେବୀର ପ୍ରାଣନାହା, ଶୋଭିତ ଶଙ୍ଖଚକ୍ର ବାହା ।"

ନବାକ୍ଷରୀ ଛନ୍ଦରେ ରଚିତ ଏ ଖୁଦୁରୁକୁଣୀ ପୁରାଣ ଉମି ଆଉ ନଖିର ସୁଲଳିତ କଣ୍ଠରୁ ଖୁବ୍ ମଧୁର ଶୁଭୁଥିବ । ଖୁଦୁରୁକୁଣୀ ଓଷା ବହି ପଢ଼ା ଚାଲିଥିବ । ମଝିରେ ମଝିରେ ସୋଲି ନୂଆବୋଉ, ବାଆଜି ମାଆ, ରତନା ଭାଉଜ ହୁଳହୁଳି ପକାଉଥିବେ ।

ଆଃ, ସୋଲି ନୂଆବୋଉର ହୁଳୁହୁଳି ପକା ବଡ଼ ଚମତ୍କାର । ହୁଳହୁଳି ଧ୍ୱନିରେ ଗାଁ ଦାଣ୍ଡ କମ୍ପି ଉଠିବ । ଠୁରା ଆଦି ବାଲୁତ ପିଲାମାନେ ଭାଲୁକୁଣୀ କୋଠି ଚାରିପଟେ ଘେରି ବସିଥିବେ । ଉମି, ନଖି ସେମିତି ଖୁଦୁରୁକୁଣୀ ବହି ପଢ଼ି ଚାଲିଥିବେ ।

ଆହାଃ, ଉମିର କି ମଧୁର କଣ୍ଠ !

ଉମିକୁ ସେତେବେଳେ ବାହା ହୋଇ ପଡ଼ିବାକୁ ଠୁରାର ଇଚ୍ଛା ହେଉଥିବ । କିନ୍ତୁ ଠୁରାର ବାହାଘର ବୟସ ହୋଇ ନଥିବାରୁ ସେ ହତାଶ ହୋଇ ପଡୁଥିବ । ପୁଣି ପୁରାଣ ଶୁଣାରେ ମନ ଦେଉଥିବ ।

**ସାଧବ ବୁଢ଼ାର ବୋହୂମାନେ ରତ୍ନ ପଲଙ୍କରେ ଶୁଅନ୍ତି । ଘର ପିଢ଼ାରେ ସୁବର୍ଣ୍ଣ କଳସ ଶୋଭା ପାଉଥାଏ । ସାଧବ ବୁଢ଼ାର ଘରର ପୋଇଲିମାନେ ପାଟ ଶାଢ଼ି ପିନ୍ଧନ୍ତି । ତଅପୋଇର ଏ ଛୋଟିଆ ଅଳି ପୂରଣ ହେବନି ? ଏ ପୁଣି କଥା ? ସେଉଟୁ ତଅପୋଇ ପାଇଁ ଗଢ଼ାହେବ ସୁବର୍ଣ୍ଣର କୁଲେଇ ଆଉ ସୁବର୍ଣ୍ଣର ଚାନ୍ଦ । ସୁବର୍ଣ୍ଣ କୁଲେଇ ଅଧା ଗଢ଼ା ହେବା ବେଳକୁ ସାଧବ ବୁଢ଼ା ମରିଯିବ । ପୁଣି ସୁବର୍ଣ୍ଣ ଚାନ୍ଦ ଅଧା ଗଢ଼ା ହେବା ବେଳକୁ ସାଧବ ବୁଢ଼ୀ ବି ଚାଲିଯିବ । ବିଚରା ତଅପୋଇ ବାପ, ମା' ଛେଉଣ୍ଡ ହୋଇଯିବ ।**

ଉମି, ନଖି ପଢୁଥିବେ ଖୁଦୁରୁକୁଣୀ ଓଷା ବହି । ଠୁରା, କମ, ଚଣ୍ଡିଆ, ଧୁସୁରା, ଟାଙ୍ଗା, ଟୁଟନ, ପଦିଆ ଆଦି ପିଲାମାନେ କାନପାରି ଶୁଣୁଥିବେ ତଅପୋଇ କଥା । ଉମି, ନଖି ବୋଲୁଥିବେ- "ବିରସେ ତଅପୋଇ ଗଲା, ଗମ୍ଭୀରା ଭିତରେ ପଶିଲା । / କବାଟ କିଳି ମୁହଁ ମାଡ଼ି, ଶୋଇଲା ରତ୍ନଖଟେ ପଡ଼ି ।"

ଅଲିଅଳି ତଅପୋଇ ବାଉଁଶ କୁଲେଇରେ ଖେଳୁଥିବ । କୁଆଡୁ ଆସି ରାଣ୍ଡୀବ୍ରାହ୍ମଣୀ କହିବ, "ମଲା ମୋର, ସାଧବ ବୁଢ଼ାର କ'ଣ ଅଭାବ କି ? ଗୋଟିଏ ବୋଲି ଝିଅ ବାଉଁଶ କୁଲେଇରେ ଖେଳିବ ? ମୁଁ ହୋଇଥିଲେ ସୁବର୍ଣ୍ଣ କୁଲେଇରେ ଖେଳୁଥାନ୍ତି ।"

ସେଉଠୁ ତଅପୋଇ ଯାଇ ମୃଷାମାଟି ଭଣଭଣ ଗମ୍ଭୀରା ଭିତରେ ରୁଷି ଶୋଇବ । ଭାଇ, ଭାଉଜ, ବାପା, ବୋଉ ଯିଏ ଯେତେ ଡାକିଲେ ବି ଉଠିବନି । ବାପା, ଭାଇ, ମା', ଭାଉଜମାନେ ଡାକି ଡାକି ଥକି ପଡ଼ିଲେ ବି ତଅପୋଇ ସେ ଗମ୍ଭୀରା ଘରୁ ବାହାରିବନି । କିନ୍ତୁ 'ନିଳେନ୍ଦ୍ରୀ ନାମେ ସାନ ବୋହୂ, ତଅପୋଇର ପ୍ରିୟ ସେହୁ' ତଅପୋଇର ଅତି ପ୍ରିୟ ସାନ ଭାଉଜ ଯେତେବେଳେ ଡାକିବ, ତଅପୋଇ ଉଠି ବସିବ । ତା' ପାଇଁ ସୁବର୍ଣ୍ଣ କୁଲେଇ ଆଉ ସୁବର୍ଣ୍ଣ ଚାନ୍ଦ ଗଢ଼ିବାକୁ ତଅପୋଇ ଜିଦ୍ କରିବ ।

ଆହାଃ, ତନୟବନ୍ତ ସାଧବ ବୁଢ଼ାର ଗୋଟିଏ ବୋଲି ଅଲିଅଳୀ ଝିଅ ତଅପୋଇ ! କ'ଣ ନାହିଁ ସାଧବ ବୁଢ଼ାର ? ସାତ ପୁଅକୁ ସାତ ବୋହୂ । ଗୋଟିଏ ବୋଲି ଦୁଲ୍ଲଣା ତଅପୋଇ । ସାତ ପୁଅଙ୍କର ସାତ ଖଣ୍ଡ ବୋଇତ । ବୁଢ଼ା ଆଉ ସାତ ପୁଅ ସାତ ଦରିଆକୁ ବୋଇତ ମେଲେଇ ଦୂର ବିଦେଶରୁ ବୋହି ଆଣନ୍ତି ଅମାପ ଧନରତ୍ନ, ସୁନା, ରୂପା, ହୀରା, ମୋତି, ମାଣିକ୍ୟ ।

ସାଧବ ବୁଢ଼ାର ବୋହୂମାନେ ରତ୍ନ ପଲଙ୍କରେ ଶୁଅନ୍ତି । ଘର ପିଢ଼ାରେ ସୁବର୍ଣ୍ଣ କଳସ ଶୋଭା ପାଉଥାଏ । ସାଧବ ବୁଢ଼ାର ଘରର ପୋଇଲିମାନେ ପାଟ ଶାଢ଼ୀ ପିନ୍ଧନ୍ତି । ତଅପୋଇର ଏ ଛୋଟିଆ ଅଳି ପୂରଣ ହେବନି ? ଏ ପୁଣି କଥା ? ସେଉଟୁ ତଅପୋଇ ପାଇଁ ଗଢ଼ାହେବ ସୁବର୍ଣ୍ଣର କୁଲେଇ ଆଉ ସୁବର୍ଣ୍ଣର ଚାନ୍ଦ । ସୁବର୍ଣ୍ଣ କୁଲେଇ ଅଧା ଗଢ଼ା ହେବା ବେଳକୁ ସାଧବ ବୁଢ଼ା ମରିଯିବ । ପୁଣି ସୁବର୍ଣ୍ଣ ଚାନ୍ଦ ଅଧା ଗଢ଼ା ହେବା ବେଳକୁ ସାଧବ ବୁଢ଼ୀ ବି ଚାଲିଯିବ । ବିଚରା ତଅପୋଇ ବାପ, ମା' ଛେଉଣ୍ଡ ହୋଇଯିବ ।

ସାଧବ ସାତଭାଇ ସାତଖଣ୍ଡ ବୋଇତ ଧରି ବାଣିଜ୍ୟ କରିବାକୁ ସିଂହଳ ବାହାରୁଥିବେ । ଗେହ୍ଲା ଭଉଣୀ ତଅପୋଇକୁ ଅବହେଳା ନ କରିବାକୁ ଭାଇମାନେ ନିଜନିଜ ସାଧବାଣୀ ପତ୍ନୀମାନଙ୍କୁ ତାଗିଦ କରୁଥିବେ ।

କୋଉ ସାଧବାଣୀ ତା' ପାଇଁ ଦୂର ବିଦେଶରୁ ସୁନା ଚୁଡ଼ି ଆଣିବାକୁ କହୁଥିବ ତ କୋଉ ସାଧବାଣୀ ରତ୍ନଜଡ଼ି, ପୁଣି କିଏ ବରାଦ ଦେଉଥିବ ତା'ପାଇଁ ହୀରାବସଣି, ସୁବର୍ଣ୍ଣକଙ୍କଣ, ଖଞ୍ଜା ମୋତିହୀରା, ହୀରା ମଲ୍ଲୀକଢ଼ି, ବସନ୍ତ ପତନୀ ଆଣିବାକୁ । ତଅପୋଇ କିନ୍ତୁ ଭାଇମାନଙ୍କୁ କହୁଥିବ, ତା'ପାଇଁ ହୀରାର କଣ୍ଢେଇ ଆଣିବାକୁ ।

ଶେଷରେ ସାଧବ ସାତଭାଇ ସାତଖଣ୍ଡ ବୋଇତ ଧରି ଦୂରବିଦେଶକୁ ବାହାରିଯିବେ । ତା'ପରେ ଆରମ୍ଭ ହୋଇଯିବ ରାଣ୍ଡୀ ବ୍ରାହ୍ମଣୀର ଖେଳ ।

ଉମି-ନଖି ଖୁଦୁରୁକୁଣୀ ଓଷା ବହି ଏକ ଲୟରେ ପଢ଼ି ଚାଲିଥିବେ । କୋଉଠି ବି ଝୁଣ୍ଟୁ ନଥିବେ । ପିତେଇ ଦୀପର ସଳିତା ତେଜି ଦେଉଥିବ ଓ ଘିଅ ଢାଳୁଥିବ । ଦୀପର ଆଲୁଅ ଟିକେ ଉଜ୍ଜ୍ୱଳ ହୋଇ ଉଠୁଥିବ । ଠୁରା ସେମିତି କାନପାରି ଖୁଦୁରୁକୁଣୀ ଓଷା ମାହାତ୍ମ୍ୟ ଶ୍ରବଣ କରୁଥିବ ।

ରାଣ୍ଡୀ ବ୍ରାହ୍ମଣୀ କଥାରେ ପଡ଼ି ଭାଉଜମାନେ ତଅପୋଇକୁ ହଇରାଣ କରୁଥିବେ । ଖାଇବାକୁ ପିଇବାକୁ ଦେଉ ନଥିବେ । ଛେଳି ଚରାଇବାକୁ ବଣକୁ ପଠାଉଥିବେ । ବଡ଼ ଭାଉଜର ପ୍ରିୟ ଛେଳି ଘରମଣୀ ଜଙ୍ଗଲରେ ହଜି ଯାଉଥିବ । ତଅପୋଇ ନିଘଞ୍ଚ ଅରଣ୍ୟରେ ଏକୁଟିଆ କାନ୍ଦୁଥିବ ।

ଆଃ, ବିଚାରୀ ତଅପୋଇ କି କଷ୍ଟ ପାଇଲା ! ତା' ଭାଗ୍ୟରେ ପରା ସେୟା ଲେଖା ଥିଲା । ସେ କ'ଣ ଆମ ତମ ଭଳି ସାମାନ୍ୟ ମଣିଷ ହେଇଚି ? ସେ ପରା ସ୍ୱୟଂ ଦେବୀଙ୍କ ଅବତାର । ସ୍ୱର୍ଗର ଠାକୁରାଣୀ । ଶାପ ପାଇ ପରା ସେ ସ୍ୱର୍ଗରୁ ମର୍ତ୍ତ୍ୟପୁରକୁ ଓହ୍ଲାଇ ଆସିଥିଲା । ମର୍ତ୍ତ୍ୟରେ ଲୀଳାଖେଳା କରୁଛି । ଲୀଳା ସରିଗଲେ ସେ ପୁଣି ସ୍ୱର୍ଗକୁ ଚାଲିଯିବନି ?

ଗୋପୀବୁଢ଼ା, ବେନୁଆବୁଢ଼ା ପିଣ୍ଡାରେ ବସି ଖୁଦୁରୁକୁଣୀ ପୁରାଣ ଶୁଣୁଥିବେ ଓ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ହେଉଥିବେ । ସେଠି ବସିଥିବା ମୋତି ବୁଢ଼ି ନିଜକୁ ସମ୍ଭାଳି ନପାରି ତଅପୋଇର ଭାଉଜମାନଙ୍କ ଉଦ୍ଦେଶ୍ୟରେ କହିବ: "ରୁଅ ରୁଅ ପୋଡ଼ାମୁହିଁ, ଟୁପୁ ସଇତାନି, ତଅପେଇର ଭାଇମାନେ ଖାଲି ବିଦେଶରୁ ଆସନ୍ତୁ । ତମ କଥା ଗୋଟିଗୋଟି ବୁଝାହେବ । ତମ ନାକସବୁ କଟା ନ ହେଇଚି ! ମୋ କାନିରେ ଗଣ୍ଠି ପଇଲା ।"

ସେଠି ବସିଥିବା ମାଇପିମାନେ ଆଖିରୁ ଲୁହ ପୋଛୁଥିବେ । ତଅପୋଇର ଦୁଃଖରେ ଭାଙ୍ଗି ପଡୁଥିବେ ।

ଠୁରା ଆଖିରେ ଲୁହ ଜକେଇ ଆସୁଥିବ । ଠୁରା କଣେଇ କଣେଇ ଉମିର ମୁହଁକୁ ଚାହୁଁଥିବ । ଉମି ବହି ପଢ଼ି ଚାଲିଥିବ । ଦୀପ ଆଲୁଅରେ ଉମିର ମୁହଁ ଠାଏ ଝଟକି ଉଠୁଥିବ । ଠୁରା ଆଶ୍ୱସ୍ତ ହେଉଥିବ ।

ଉମିର ସେ ବର୍ଷ ମାଟ୍ରିକ ପରୀକ୍ଷା । ଠୁରା କିନ୍ତୁ ଗୋବର ଗଣେଶ । ଅକାଳ କୁଷ୍ମାଣ୍ଡ । ସ୍କୁଲ ପିଣ୍ଡା ମାଡ଼ିନି । ଉମିଠାରୁ ବର୍ଷେ କି ଦି' ବର୍ଷ ବଡ଼ ହେବ ଠୁରା ।

ଠୁରାକୁ ସ୍କୁଲ ପଠେଇବାକୁ ତା' ବାପା କ'ଣ ଚେଷ୍ଟା କରିନି ? ବାପା ବହୁ ବୁଝାସୁଝା କରି ଠୁରାକୁ ସ୍କୁଲରେ ଛାଡ଼ି ଆସିଥିଲା । ଠୁରା କିନ୍ତୁ ସ୍କୁଲରୁ ପଳେଇ ଯାଇ ଏଣେତେଣେ ଲୁଚିଲା । ଠୁରାକୁ ସ୍କୁଲ ଭଲ ଲାଗିଲାନି । ତା'ଦେଇ ପାଠ ହେଲାନି । ପାଠ ଭୟରେ ସଙ୍ଗାରେ ଲୁଚିଲା । ଗଛରେ ଚଢ଼ିଲା । ପାଣିରେ ବୁଡ଼ିଲା ।

ଥରେ ସ୍କୁଲ ନ ଯାଇ ଠୁରା କେଉଁଠି ଲୁଚିଲା ଯେ, ତା' ବାପା, ବୋଉ ଖୋଜିଖୋଜି ନୟାନ୍ତ ହୋଇପଡ଼ିଲେ । ଦୁଇଦିନ କାଳ ଠୁରାକୁ କେହି ପାଇଲେନି । ଠୁରାବୋଉ ମା' ମଙ୍ଗଳାଙ୍କୁ କୁକୁଡ଼ା ଯାଚିଲା । ନଡ଼ିଆ ଯାଚିଲା । ଶଙ୍ଖା ଚାରିପଟ ଆଉ ସିନ୍ଦୁର ବି ମନାସିଲା । ଘରଲୋକେ ପାଖଆଖ ଗାଁରେ ବି ଖୋଜାଖୋଜି କଲେ । ଦୁଇଦିନ ପରେ ଠୁରାକୁ ତାଙ୍କ ଗୁହାଳ ସଙ୍ଗାରୁ ଉଦ୍ଧାର କରାଯାଇଥିଲା । ସେବେଠୁ ଠୁରାବାପା, ଠୁରାର ପାଠପଢ଼ା କଥା ମୁହଁରେ ଧରେନା ।

ସ୍କୁଲ ନଯାଇ ଠୁରା ଗାଁ ବରଗଛରେ ଡାଳମାଙ୍କୁଡ଼ି ଖେଳିଲା । ଫୁଟଖାଲିଆରୁ କଇଁଫୁଲ ତୋଳିଲା । ଧାନବିଲରୁ କଣମାଛ ଧରିଲା । ଖରିନାଳ ସୋଠରେ ମୁଗୁରା ବସେଇଲା । ଗୋବରୀ ନଈରେ ବନ୍ସି ପକେଇଲା । ବିଲରେ ବାପାକୁ ରୁଆ ଉପୁଡ଼ାରେ ସାହାଯ୍ୟ କଲା । ପିଲାଙ୍କ ସହ ଡାବୁଳ ପୁଆ ଖେଳିଲା । ଗାଈପାଳି ଜଗିଲା । ଝିଅଙ୍କ ସହ ଭାଲୁକୁଣୀ ଓଷାରେ ସାମିଲ ହେଲା ।

ଭାଲୁକୁଣୀ ଓଷାର ଶେଷ ପାଳିରେ ଗାଁରେ ଭିଡିଓ ଚାଲେ । ଝିଅମାନେ ନୂଆ ଡ୍ରେସ୍ ପିନ୍ଧି ମୁହଁରେ ସ୍ନୋ ପାଉଡର ଲଗେଇ ଗାଁ ଦାଣ୍ଡରେ ଟହଲ ମାରନ୍ତି । ଉମି ବିଶିଆ କକେଇର ଖୋଳର ତାଳ ଓ ଲୟରେ ହଜି ଯାଇଥାଏ । ନଖି ଆଉ ନଖିବୋଉ ଅମରୀ ତାଙ୍କ ବାଡ଼ିରେ ଘସି ତାରୁଥାନ୍ତି ।

ଘରେ ଖାଲି ବିଶିଆ କକେଇ ଆଉ ଉମି ଥାନ୍ତି । ଉମି ତଲ୍ଲୀନ ହୋଇ ବିଶିଆ କକେଇର ଖୋଳ ବାଦ୍ୟ ଶୁଣୁଥାଏ ।

ଅନ୍ଧାର ରାତିରେ ଗାଁରେ ଭିଡିଓ ଚାଲେ । ଜେନେରେଟର୍ ଶବ୍ଦ ଓ ଧୂଆଁରେ ଗାଁଗୋହିରୀର ଏକାଗ୍ରତା ଭଙ୍ଗ ହୁଏ । କୋଉଠୁ ଦୂର କିଆବଣରୁ ବିଲୁଆଙ୍କ ଡାକ ଶୁଭୁଥାଏ ।

ହୀରାବାଙ୍କରୁ ଆସିଥାଏ ଭିଡିଓ ସେଟ୍ । ବଡ଼ ରଙ୍ଗୀନ ଟିଭି । ଓଡ଼ିଆ ଫିଲ୍ମ 'ଜଗା ହାତରେ ପଘା', 'ଚକା ଆଖି ସବୁ ଦେଖୁଛି', 'ଗୌରୀ', 'ଦଇବ ଦଉଡ଼ି' ଦେଖିବାକୁ ଟିଭି ସାମ୍ନାରେ ଚକାପାରି ଘେରି ବସିଥାନ୍ତି ଗାଁର ବୁଢ଼ାବୁଢ଼ି, ଟୋକାଟୋକୀ, ଛୋଟ ପିଲା, ମାଇପି, ମିଣିପି ।

ଲୁଙ୍ଗି ଖଣ୍ଡେ ପିନ୍ଧି କାନ୍ଧରେ ଗାମୁଛା ପକେଇ ଠୁରା ବସିଥାଏ ଟିଭି ସାମ୍ନାରେ ।

“ଆଃ, 'ଗୌରୀ' ଫିଲିମିରେ ମହେଶୋତା କି ରୋଲ୍ ନ କରିଛି ! ପ୍ରଶାନ୍ତ ନନ୍ଦ ଭଳିଆ ଅଖବା ଆଡ଼ବାୟା ଗଞ୍ଜେଡ଼କୁ ପାଠ ପଢ଼େଇ ମଣିଷ କରିଚି । ଭିଲିଆନ ମାମୁ ଓ ଦିଅରକୁ ମହେଶୋତା ସାବାଡ଼୍ କରଚି ।”

ଠୁରାକୁ ସେତେବେଳେ ମହାଶ୍ୱେତା ଭାରି ଭଲ ଲାଗେ ।

ଆଉ ଉମି ବି ।

ଉମି ବି ତ ମହାଶ୍ୱେତା ଭଳି ଗାଁର ସବୁ କାମକୁ ଆଗଭର ।

'ଗୌରୀ' ଫିଲ୍ମର ସେ ଗୀତ 'ଏଇ ଗାଁର ମଉଡ଼ମଣୀ ଗୋ, ଆମ ଗଉରୀ ନାନୀ' ଠୁରାର ଭାରି ପ୍ରିୟ । ଗାଈ ଚରେଇଲା ବେଳେ ଠୁରା ଏଇ ଗୀତକୁ ଗୁଣୁଗୁଣାଏ । ମନେମନେ ମହେଶ୍ୱତା କଥା, ଉମି କଥା ଭାବି ଜୀବନର ସବୁ ଦୁଃଖ ଭୁଲିଯାଏ ।

ଥରେ ସ୍କୁଲ ନ ଯାଇ ଠୁରା କେଉଁଠି ଲୁଚିଲା ଯେ, ତା' ବାପା, ବୋଉ ଖୋଜିଖୋଜି ନୟାନ୍ତ ହୋଇପଡ଼ିଲେ । ଦୁଇଦିନ କାଳ ଠୁରାକୁ କେହି ପାଇଲେନି । ଠୁରାବୋଉ ମା' ମଙ୍ଗଳାଙ୍କୁ କୁକୁଡ଼ା ଯାଚିଲା । ନଡ଼ିଆ ଯାଚିଲା । ଶଙ୍ଖା ଚାରିପଟ ଆଉ ସିନ୍ଦୁର ବି ମନାସିଲା । ଘରଲୋକେ ପାଖଆଖ ଗାଁରେ ବି ଖୋଜାଖୋଜି କଲେ । ଦୁଇଦିନ ପରେ ଠୁରାକୁ ତାଙ୍କ ଗୁହାଳ ସଙ୍ଗାରୁ ଉଦ୍ଧାର କରାଯାଇଥିଲା । ସେବେଠୁ ଠୁରାବାପା, ଠୁରାର ପାଠପଢ଼ା କଥା ମୁହଁରେ ଧରେନା ।

ନିପଟ ଅନ୍ଧାର ରାତିରେ ଗାଁଦାଣ୍ଡରେ ଗାଁରେ ଭିଡିଓ ଚାଲିଥିବ । ଉମି ବସିଥିବ ଗୋଟିଏ କୋଣକୁ । ତାକୁ ଘେରି ଅନ୍ୟ ଝିଅମାନେ ବସିଥିବେ । ଭିଡିଓର ଝିଲିମିଲି ନେଳି ଆଲୁଅ ଉମିର ଗୋରା ମୁହଁରେ ପଡୁଥିବ । ଉମି ଠୁରାକୁ ଭାଲୁକୁଣୀଟିଏ ଭଳି ଲାଗୁଥିବ । ନେଳି ନେଳି । ଚିକ୍‌ଚିକ୍ ।

“ଆଃ, ଉମି ଲୋ ! ମୁଁ ତତେ ବା' ହେବି । ତୁ ମୋର କେବେ ହବୁ ଲୋ ଉମି ?” ଠୁରା ଆତୁର ହୋଇପଡ଼େ ।

ଉମିକୁ ସେଇକ୍ଷଣି ବାହା ହୋଇଯିବାକୁ ଇଚ୍ଛା କରେ । ମାତ୍ର, ତା'ର ଏ ଇଚ୍ଛା କେବେ ଫଳବତୀ ହୋଇ ପାରିବ ନାହିଁ ବୋଲି ଜାଣିପାରି ହତାଶ ହୁଏ ।

ଠୁରା ଏମିତି ଅନେକବାର ଉମିକୁ ବାହା ହେବାକୁ ଇଚ୍ଛା କରି ହତାଶ ହୋଇଛି ।

ଠୁରା କହେ, “ଉମି ହଉଚି ଆମ ଗାଁର ପର୍କୁତ ଗଉରୀ ନାନୀ ।”

ଠୁରା ମନେମନେ ଉମିକୁ ଭଲ ପାଉଥାଏ ।

ଉମି ଏ ଗାଁ ପାଇଁ କେତେ କ'ଣ ନ କରିଛି ? ଗାଁରେ ଭାଲୁକୁଣୀ ପୂଜାଠାରୁ ଆରମ୍ଭ କରି ସ୍କୁଲର ଗଣେଶ, ସରସ୍ୱତୀ ପୂଜା, ଖୁଲଣା ସୁନ୍ଦରୀ ଓଷା, ବାଟ ଓଷା, ଜହ୍ନି ଓଷା ପର୍ଯ୍ୟନ୍ତ ସବୁ ଦାୟିତ୍ୱ ଉମି ମୁଣ୍ଡରେ ।

ଭାଲୁକୁଣୀ ମୂର୍ତ୍ତି ଆଣିବାକୁ ଉମି ଗାଁର ବଇଆ କକେଇକୁ କହିବ । ହେଲେ ଠୁରାକୁ କହିବନି । ଠୁରା ଅଭିମାନ କରେ । ଠୁରାକୁ କହିଲେ, ସେ କ'ଣ ଯାଇ କଣ୍ଟାବଣରୁ ଏ ଝିଅଙ୍କ ପାଇଁ ଭାଲୁକୁଣୀ ମୂର୍ତ୍ତି ଆଣି ଦିଅନ୍ତାନି ?

ପୋଡ଼ାମୁହିଁ ଉମି ସ୍ନୋ, ପାଉଡ଼ର, ଟିକିଲି, ଟ୍ୟାସିଲ୍, ନେଲ୍ ପଲିସ ଆଣିବାକୁ ହୁରିଆ ଭାଇକୁ କହିବ । ହେଲେ ଠୁରାକୁ କହିବନି । ଠୁରା କ'ଣ ତା' ପାଇଁ ପଟ୍ଟାମୁଣ୍ଡେଇରୁ ସ୍ନୋ, ପାଉଡର, ଟିକିଲି, ଟ୍ୟାସିଲ, ନେଲ୍ ପଲିସ ଆଣି ଦେଇ ପାରନ୍ତାନି ? ଠୁରା କ'ଣ ପଟ୍ଟାମୁଣ୍ଡେଇ ଦେଖିନି ?

ଠୁରାର ଉମି ଉପରେ ଅଭିମାନ ହୁଏ ।

ସେ ଶଳା ହାରାମୀ ନଣ୍ଡା ଭଣ୍ଡାରୀ ବି ବେଶି ଦେଖେଇ ହଉଚି । ଫୁଟଖାଲିଆରେ ପଶି ଭାରି ସରାଗରେ ଉମିକୁ କଇଁଫୁଲ ତୋଳିଆଣି ଦଉଚି । ଉମି ତା'ଠୁ ହସିହସି କଇଁଝୁଡ଼ି ନେଇ ଯାଉଚି ।

ନଣ୍ଡା ଛାତି ଫୁଲେଇ ଠୁରା ଆଗରେ ଚାଲିଯାଏ । ଏହା ଠୁରା କଲିଜାରେ ନିଆଁ ଲଗେଇ ଦିଏ । ନଣ୍ଡାଟା ଜନ୍ମାରୁ ଭଲ ପିଲା ନୁହଁ । ବଡ଼ ଲମ୍ପଟ । ଗାଁ ଝିଅବୋହୂଙ୍କ ଆଗରେ ନଙ୍ଗରପଙ୍ଗର ହଉଥିବ । ତା' ପେଟରେ ଗୋଟିଏ କଥା, ପାଟିରେ ଆଉ ଗୋଟିଏ କଥା । ଉମି ନାଁରେ ଅଭଦ୍ର ଭାଷାରେ ଏଣୁତେଣୁ କହୁଥିବ । ମଠପିଣ୍ଡାରେ ବସି ଟୋକାଙ୍କ ଆଗରେ ଉମି ବିଷୟରେ ନାନା ପ୍ରକାର ଅଭଦ୍ର କଥା କହୁଥିବ । ଇସ୍, ସେ ଖରାପ କଥା ମୁହଁରେ ଧରି ହେବନି ।

ଉମି ନାଁରେ ଏମିତି ଯାଡ୍ଡୁସ୍ୟାଡ୍ଡୁ କଥା ଠୁରା ସହ୍ୟ କରିପାରେନା । ତାର ଇଚ୍ଛା ହୁଏ, ଢେଲାଟାଏ ମାରି ନଣ୍ଡା ଭଣ୍ଡାରୀର ମୁହଁ ବଙ୍କା କରି ଦିଅନ୍ତା । କିନ୍ତୁ ନଣ୍ଡା ମାନ୍ୟରେ ଠୁରାଠୁ ବଡ଼ । ଭାରୀ ବଳୁଆ

ବି । ତା' ବାହାଗୁଡ଼ିକ ଏହେଁ ଏହେଁ ମୋଟା । ବିଚରା ଠୁରା କ'ଣ ତା' ସହ ଲଢ଼ି ପାରିବ ?

ଠୁରା ଭାବେ ଆଜି ହଉ କି କାଲି; ତା' ମନକଥା ଉମିକୁ ନିଶ୍ଚୟ କହିବ । କିନ୍ତୁ କେମିତି କହିବ ? ଠୁରାର ଅକଲ ଗୁଡୁମ୍ ହୋଇଯାଏ । ଦେହହାତ ସନ୍ନିପାତ ହୋଇଯାଏ ।

ଠୁରା ପୁଣି ଚିନ୍ତା କରେ, ତା' ମନକଥାକୁ ଚିଠି ମାଧ୍ୟମରେ ଜଣେଇବ । ହେଲେ ଚିଠି ସେ କେମିତି ଲେଖିବ ? ପାଠଶାଠ ତ ପଢ଼ିନି । ଶ୍ରୀଅକ୍ଷର ବିବର୍ଜିତା ।

ଅନେକ ଭାବିଲା ପରେ, ଶୋଚିଲା ପରେ; ଠୁରା ପବନା ହାତରେ ଚିଠିଟିଏ ଉମି ପାଖକୁ ଲେଖେଇଲା । ପବନା ହେଉଛି ଠୁରାର ପୁତୁରା । ଠୁରାଠୁ ବହୁତ ସାନ । ପଞ୍ଚମ ଶ୍ରେଣୀରେ ପଢୁଛି । କିନ୍ତୁ ସେ ଠୁରାର ଭଲ ସାଙ୍ଗ । ଠୁରା ପବନାକୁ ତା' ମନ କଥା ସବୁ ଖୋଲି କହେ ।

ଠୁରା ତରଫରୁ ପବନା ଚିଠି ଲେଖିଲା- "ସିଁଅର ଉମି । ମୁଁ ଠୁରା । ମୁଁ ତତେ ନଭ୍ କରୁଚି । ସନ୍ ସିନା ଭୁଲିଯାଏ, ମୁନ୍ କେବେ ଭୁଲେନା । ୟୁ ସିନା ଭୁଲିଯାଏ, ଆଇ କିନ୍ତୁ ଭୁଲେନା । ଉମି ସିନା ଭୁଲିଯାଏ, ଠୁରା କେବେ ଭୁଲେନା ।"

ଶେଷ ଧାଡ଼ିରେ ପବନା ଲେଖିଦେଲା, "ଉମି ଆଇଲା ଭେୟୁ । ଇତି ତୋ' ନଭର ଠୁରା ।"

ଚିଠି ଲେଖିସାରି ପବନା ଖୁବ୍ ଆତ୍ମସନ୍ତୋଷ ଲାଭ କଲା । ତା' ଜୀବନର ପ୍ରଥମ ପ୍ରେମ ଚିଠି ଲେଖା । ପୁଣି ଅନ୍ୟ ଜଣେ ପୁଅ ତରଫରୁ ଅନ୍ୟ ଜଣେ ଝିଅ ପ୍ରତି । ଜଣେ ଝିଅକୁ ଭଲ ପାଇବାର ଭାବ ତ ଫୁଟାଇବାକୁ ହେବ ? ପବନା ଏ ଚିଠି ଲେଖିବା ପାଇଁ ତା' ମନରେ କମ୍ କବିତ୍ୱ ଭାବ ଫୁଟାଇ ପାରିଛି କି ?

ପବନାର ଚିଠି ଲେଖା ଉପରେ ଠୁରାର ବିଶ୍ୱାସ ଥାଏ । ପବନା କହିବ: "ଦେଖିବୁ ଠୁରାଦି' ଏ ଚିଠି ପଢ଼ିବା ପରେ ଉମି ତୋ' ଆଡକୁ ନିଶ୍ଚୟ ଢଳିବ । ଗ୍ୟାରେଣ୍ଟି ।"

କେଜାଣି ଉମି ଚିଠି ପାଏ କି ନା ? ଠୁରା ଦବିଯାଏ । ତା' ମନ ଶଙ୍କିଯାଏ । ଚିଠିଟା ଆଉ କାହା ହାତରେ ପଡ଼ି ଯାଇନି ତ ?

ଉମିକୁ କ'ଣ ସତରେ ଠୁରା ବାହା ହୋଇ ପାରିବ ?

ଠୁରା ଭାବିଛି, କିଛି ନ ହେଲା ନାଇଁ, ଉମିକୁ ଉଠେଇ ନେଇଯିବ କଲିକତା । କଲିକତାରେ ଉମିକୁ ରାଣୀ କରି ରଖିବ ।

ଜଟିଆ ଭାଇ କଲିକତାରେ ଚଟକଳରେ କାମ କରେ । ଜଟିଆ ଭାଇ କେତେବାର ଠୁରାକୁ କହିଲାଣି, "କଲିକତା ଚାଲିଆ । ଏଠି ଚଟକଳରେ କାମ କରି ଆରାମରେ ରହିବୁ । ମାଲିକ ଭଲ ପଇସା ଦଉଚି । କାହିଁକି ସେ ଗାଁରେ ପଡି ରଇଛୁ ।"

ଉମିକୁ ନେଇ ଠୁରା ସ୍ୱପ୍ନ ଦେଖେ ।

ଆଉ ସ୍ୱପ୍ନ ଦେଖେ, ନିଗିନିପୁରରୁ ଓରଡଘାଟ ନଈ ପାରି ହୋଇ କେନ୍ଦ୍ରାପଡ଼ା ବସ୍‌ରେ ଚଢ଼ି ଉମି ଓ ସେ କଟକ ଚାଲି ଯାଉଛନ୍ତି । କଟକରୁ କଲିକତା ବସ୍‌ରେ ସିଧା ବାବୁଘାଟ । ବାବୁଘାଟରେ ଅପେକ୍ଷା କରିଛି ଜଟିଆ ଭାଇ । ଠୁରା ତା' ସ୍ୱପ୍ନର ରାଜ୍ୟରେ ହଜିଯାଏ ।

ଏତିକି ବେଳକୁ ଗାଁରେ ରାଷ୍ଟ୍ର ହୋଇଯାଏ; ପାଣୁ ମାଷ୍ଟ୍ରେର ଝିଅ ଉମି ବିଶିଆ ସହ କୁଆଡ଼େ ପଳେଇଛି । ବିଶିଆ ଗଲାବେଳେ ତା' ଖୋଳସଜ ନେବାକୁ ବି ଭୁଲିନି ।

ଠୁରା କାନରେ ଏକଥା ପଡ଼ିଲା । ଠୁରାର ମୁଣ୍ଡ ଘୁରେଇ ପକାଇଲା । ଲଥ୍ କରି ବସି ପଡ଼ିଲା ବିଲ ହୁଡ଼ାରେ । ଭାଲୁକୁଣୀ ଓଷା ବହି ପଢ଼ିବା ବେଳର ଉମିର ଉଜ୍ଜ୍ୱଳ ମୁହଁ ଠୁରାକୁ ଦିଶୁଥିଲା ଜାଲୁଜାଲୁଆ ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ
ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା





- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର



# ଜଣେ କର୍ମବୀର ବାପାଙ୍କ କଥା

# ମୋ ବାପା ଥିଲେ ସବୁ ଜାଣିଥିବା ଜଣେ ଭଲ ମଣିଷ


## ପ୍ରସନ୍ନ କୁମାର ସ୍ୱାଇଁ

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର
ମାତୃଭବନ, କଟକ
ଫୋନ୍ : ୯୪୩୯୨୫୪୪୭୦


ଫଟୋ ସୌଜନ୍ୟ : ଲେଖକ

### ବାପା: ଯେତିକି କୃଷକ, ସେତିକି କବି

ମୋର ହେତୁ ପାଇଲା ଦିନରୁ ମୁଁ ମୋ ବାପାଙ୍କୁ ଏତିକି ବୁଝିଛି ଯେ, ପୃଥିବୀର ସବୁଠୁ ବେଶି ପରିଶ୍ରମ କରୁଥିବା ମଣିଷଟି ମୋ ବାପା । ଦିନରାତି ଏକାକାର କରି ସେ ପରିଶ୍ରମ କରନ୍ତି । ମୁଁ ତ ଆଶ୍ଚର୍ଯ୍ୟ ହୁଏ, ଜଣେ ମଣିଷ ପାଖରେ ଏତେ କାର୍ଯ୍ୟ କରିବାର ଦକ୍ଷତା ଓ ବହୁବିଧ କୌଶଳକୁ ଆୟତ୍ତ କରିବାର ଶକ୍ତି କିପରି ଥିଲା ! ଚାଷବାସ କଥା ଛାଡ଼, ସେ ତ କୃଷକ ଥିଲେ, ସେସବୁ ଜାଣିବା ସ୍ୱାଭାବିକ ଥିଲା । ମାତ୍ର କୃଷିକର୍ମ ପରେ ଯେଉଁ କାର୍ଯ୍ୟଗୁଡ଼ିକୁ ସେ ସୁଚାରୁରୂପେ ସଂପାଦନ କରି ପାରୁଥିଲେ, ତାହା ହେଲା ମଶିଣା ବୁଣିବା, ଘର ଛପର କରିବା, ଘର ତିଆରି କରିବା, ଡଙ୍କା, ଚଟ୍ଟ, ପହଁରା, ଝାଡ଼ୁ, ସିକା, ପଘା ତିଆରି କରିବାରେ ତାଙ୍କର ପାରଦର୍ଶିତା ଥିଲା । ଜଣେ ସ୍ୱୟଂସଂପୂର୍ଣ୍ଣ ମଣିଷ (Jack of all trades, master of all) ଥିଲେ । ଜମି ମାପ, ନ୍ୟାୟ ନିଶାପ, ଜାତକ ମେଳ, ସଂକୀର୍ତ୍ତନ, ରାସଗୀତ ଗାୟନ- ସବୁଥିରେ ସେ ଥିଲେ ଆଗରେ । ଏସବୁ କାର୍ଯ୍ୟ ସହିତ ଜଣେ କଳାକାର ଭାବରେ ତାଙ୍କର ବ୍ୟକ୍ତିତ୍ୱ ଆମ ଅଞ୍ଚଳରେ ବ୍ୟାପ୍ତ ଥିଲା । ମନକୁ ମନ ଫାନ୍ଦି ଗୀତ ଲେଖିବା, ଭଜନ ଗାଇବା ତାଙ୍କର ନିୟମିତ କାର୍ଯ୍ୟ ଥିଲା । ଯୁବକ ଅବସ୍ଥାରେ ଗାଆଁ ଗାଆଁ ବୁଲି ଚଢ଼େୟା-ଚଢ଼େୟାଣୀ ନୃତ୍ୟରେ ସେ ଦର୍ଶକମାନଙ୍କୁ ବିମୋହିତ କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱ ଭିତରେ ମୁଁ ଉଭୟ କୃଷକ ଓ କବିଙ୍କୁ ଦେଖି ପାରୁଥିଲି ।

### ମୋ ବାପା ଥିଲେ ଅସରନ୍ତି ଜିଜ୍ଞାସାର ଉତ୍ତର

ଆମ ଭାଇ-ଭଉଣୀମାନଙ୍କର ଏମିତି କିଛି ଦ୍ୱନ୍ଦ୍ୱ ବା ପ୍ରଶ୍ନ ନଥିଲା, ଯାହାକୁ ବାପା ସମାଧାନ କରିପାରୁ ନଥିଲେ । ସେ ସିଧା-ସଳଖ ଉତ୍ତର ନଦେଇ ପ୍ରତିଟି ଉତ୍ତର ଓ ସମାଧାନ ପାଇଁ ଗୋଟେ ଗୋଟେ ଉଦାହରଣ ଓ ଗୋଟେ ଗୋଟେ ଚମତ୍କାର ଗଳ୍ପର ଅବତାରଣା କରୁଥିଲେ । ଗାନ୍ଧି ଓ ଗୋପବନ୍ଧୁଙ୍କୁ ଦେଖିଥିବା ମୋ ବାପା ଦେଶ ପରାଧୀନ ଥିବା ଅବସ୍ଥାରେ ଭାରତ ଓ ଓଡ଼ିଶାର ଚିତ୍ର ତଥା ସ୍ୱାଧୀନ ଭାରତର ରାଜନୈତିକ ଖବର ଆମ ଆଗରେ ଉପସ୍ଥାପନ କରୁଥିଲେ । ତାଙ୍କ ବୟସର ବହୁ ଲୋକ କେବଳ ଚାଷ ଓ ପରିବାର ଭିତରେ ସୀମିତ ରହୁଥିବା ବେଳେ ବାପା ଦେଶର ଖବର ରଖୁଥିଲେ । ଗାନ୍ଧି ଓ ଗୋପବନ୍ଧୁଙ୍କ ପରେ ତାଙ୍କର ପ୍ରିୟ ନେତା ଥିଲେ ଅଟଳ ବିହାରୀ ବାଜପେୟୀ । ଯେତେବେଳେ ମୋ ପୁଅ ସାମାଜିକ ପାଠରେ ଶିକ୍ଷକ ଦେଇଥିବା ପାଞ୍ଚଜଣ ମହାପୁରୁଷଙ୍କ ନାମ ଲେଖିଥିଲା, ବାପା ତାକୁ ଗାନ୍ଧି, ଗୋପବନ୍ଧୁ, ଶାସ୍ତ୍ରୀ, ସୁଭାଷ ଓ ଅଟଳ ବିହାରୀଙ୍କ ନାମ ଡାକିଥିଲେ । ପୁଅ ପଚାରିଥିଲା, "ଅଟଳ ବିହାରୀ ବାଜପେୟୀ କ'ଣ ଜଣେ ମହାପୁରୁଷ ?" ସେ ଉତ୍ତର ଦେଇଥିଲେ, "ଅଟଳ ବିହାରୀ ଖାଲି ଜଣେ ମହାପୁରୁଷ ନୁହନ୍ତି, ସେ ବି ଯୁଗପୁରୁଷ ।"

### ଆମ ଘର ଥିଲା ଏକ କୁଟୀରଶିଳ୍ପ

ଛୋଟବେଳୁ ଆମେ ଦେଖିଛୁ, ବାପା ସବୁବେଳେ କିଛି ନା କିଛି କାମରେ ଲାଗି ରହୁଥିଲେ । ଆମ ଘର ଥିଲା ଗୋଟେ ଛୋଟ କୁଟୀରଶିଳ୍ପ । କତା, ସୁତୁଲି, ବେଣା, ତାଳପତ୍ର, ଝୁଣୁକା, ଶଢ଼େଇ, ଟିଣ- ଏଇସବୁ ଜିନିଷରୁ ମଧ୍ୟାହ୍ନ ଓ ସନ୍ଧ୍ୟାରେ ସେ ତିଆରି କରୁଥିଲେ ଅନେକ ଘରକରଣା ଜିନିଷ । କେବଳ ଏହି ଜିନିଷ ନୁହେଁ, ବାରିରେ ପ୍ରାୟ ସବୁପ୍ରକାର ପନିପରିବା ଚାଷ କରୁଥିଲେ ଓ ଆମକୁ ସେସବୁ କାର୍ଯ୍ୟ ଶିଖାଉଥିଲେ । ବହୁଦିନ ଧରି ହାଟ-ବଜାରରୁ କିଛି ଜିନିଷ ଆମ ଘରକୁ ନଆସିବା ମୁଁ ଲକ୍ଷ୍ୟ କରିଛି । ବିଲବାଡ଼ି କାମ ସହିତ ଘରେ ବିଶ୍ରାମ ନନେଇ ଉପରୋକ୍ତ କାର୍ଯ୍ୟ କଲାବେଳେ ବୋଉ ଖୁବ୍ ବିରକ୍ତ ହେଉଥିଲା । ମୁଁ କେତେଥର ଶୁଣିଛି, ବାପା ତାକୁ ବୁଝଉଥିଲେ, "କର୍ମ ହିଁ ଜୀବନ । କର୍ମ କରୁଥିବା ମଣିଷର ହିଁ ପୃଥିବୀରେ ରହିବାର ଅଧିକାର ରହିଛି ।"

### କବିତାକୁ ନେଇ ମୋର ଅନୁଭୂତି

ତାଙ୍କ ଗୀତ ଓ ମୋ କବିତାକୁ ନେଇ ମୋର ଅନେକ ଅନୁଭୂତି ରହିଛି । ତନ୍ମଧ୍ୟରୁ ଏଠାରେ ମାତ୍ର ଦୁଇଟି ଅନୁଭୂତି ମୁଁ ପ୍ରକାଶ କରିବି:

**ଅନୁଭୂତି-୧ :** ଆମ ଅଞ୍ଚଳରେ ରଜରେ ଦୋଳିଖେଳ, ଦୋଳରେ ଫଗୁଖେଳ, ଭାଗବତ ପଢ଼ା, ରାହାସ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାପା ଆଗରେ ଥାଆନ୍ତି । ଛୋଟବେଳୁ ଏସବୁ କାର୍ଯ୍ୟକ୍ରମରେ ମୁଁ ବାପାଙ୍କ ସହିତ ଯୋଗ ଦେଉଥିଲି । ଆମ ଗାଆଁରେ ଝିଅମାନେ ବିଭିନ୍ନ ପ୍ରକାର ଓଷା କରିବା ସହିତ ଚାନ୍ଦପୂଜା କରୁଥିଲେ । ଛକକୁ ଛକ ଏହି ପୂଜା ହେଉଥିଲା ଓ ଦଳଦଳ ହୋଇ ଝିଅମାନେ ଚାନ୍ଦପୂଜାର ଗୀତ ଗାଇ ଗାଆଁର ଲୋକମାନଙ୍କୁ ଖୁସି ବାଣ୍ଟୁଥିଲେ । ବହୁଦିନ ଧରି ଅର୍ଦ୍ଧ-ଗୋଲାକାର ହୋଇ ଠିଆ ହୋଇ ଝିଅମାନେ ଗାଆଁର ମଙ୍ଗଳ କାମନା କରି ଚାନ୍ଦମାତାଙ୍କୁ ପ୍ରାର୍ଥନା କରୁଥିଲେ । ପନ୍ଦର ଦିନ ଧରି ଖରାବେଳ ସାରା ଖାତା-ପେନ୍‌ସିଲ୍ ଧରି ବାପା କ'ଣ



▲ ଲେଖକ ପ୍ରସନ୍ନ କୁମାର ସ୍ୱାଇଁ





# ବାପା ଗୋଟେ ଗାଁ

## ପ୍ରସନ୍ନ କୁମାର ସ୍ୱାଇଁ

ସେ ନଈ ପରି ପହଁରି ଜାଣନ୍ତି
ଅଥଚ
ପାହାଡ଼େ ସ୍ଥିରପଣ ତାଙ୍କ ଛାତିରେ ।

ସୂର୍ଯ୍ୟ ପରି ଉଷ୍ଣ
ଆଉ ଜହ୍ନରାତି ପରି ତାଙ୍କ ଭିତରେ ଥାଏ
ଲହୁଣୀର ଲାବଣ୍ୟ
ସେ ବାରମାସରେ ତେର ପର୍ବ
ସବୁବେଳେ ଉତ୍ସବ ମୁଖର ।

ଝୁଲଣା ପରି ଝୁଲଉଥାଏ ତାଙ୍କ ଅନିଦ୍ରା
ଆମକୁ ସବୁବେଳେ
ପୋଡ଼ପିଠା ପରି ସେ ପୋଡ଼ି ହେଉଥାନ୍ତି
ଦେବା ପାଇଁ ଆମକୁ ପୋଷେ ପୋଷେ ମଧୁରତା ।

ସେ ଫୁଲ ହୋଇ ଫୁଟନ୍ତି
ଫଳ ହୋଇ ପାଚନ୍ତି
ପବନ ହୋଇ ନେସି ହୁଅନ୍ତି
ମେଘ ହୋଇ ଝରନ୍ତି ଆମ ଭାଗ୍ୟ ଓ ଭୂଗୋଳରେ ।

ସେ ପାଞ୍ଜି, ଆମକୁ ବତେଇ ଦିଅନ୍ତି
କେଉଁଟା ଶୁଭଲଗ୍ନ, ମାହେନ୍ଦ୍ରବେଳା
ନିଜେ ଅମାବାସ୍ୟା ହୋଇ ବଢ଼େଇ ଦିଅନ୍ତି
କାର୍ତ୍ତିକ ପୂନେଇଁର ପୁଣ୍ୟ ।

ଧାନକେଣ୍ଡା ପରି ତାଙ୍କର ସ୍ୱପ୍ନ
କୋଦାଳ ହୋଇ ସେ ହାଣି ପାରନ୍ତି ରିଷ୍ଟ
ଖଣତି ପରି ଖୋଳି ଜାଣନ୍ତି
କୋଉଠି ଅଛି ଆମ ଭବିଷ୍ୟତ ।

ବାୟାବସା ପରି ଓହଳିଥାଏ ତାଙ୍କ ଆଶା
କିଆଫୁଲ ପରି ଚହଟୁଥାଏ ତାଙ୍କ
ଝାଳ ସରସର ଗାମୁଛା
ତାଙ୍କ ଚିରା ଫତୁଆ ମୁଣିରେ ଲୁଚି ରହିଥାଏ
ଗୋଟେ ସିନ୍ଧୁକ
ଆଉ ଦୁଇ ଆଖି ଭିତରେ
ସୁଦୂରପ୍ରସାରୀ ଦିଗବଳୟ ।

ଶିମିଳି ତୁଳା ଭଳି ଉଡୁଥାଏ ତାଙ୍କ ଦୁଃଖ
କିନ୍ତୁ
ମନ୍ଦିର ଭଳି ସାଇତି ରଖିଥାନ୍ତି ସେ ଆଶୀର୍ବାଦ

ବିସ୍ତୀର୍ଣ୍ଣ ଜମି ପରି କ୍ଷମା
ଆକାଶୀ ଆଲିଙ୍ଗନ
ଈଶ୍ୱରଙ୍କ ପରି ପୌରୁଷ
କାକରଟୋପା ପରି କିଛିକିଛି ଅଭିମାନ ।

ସେ ପୋଥି ପରି ପବିତ୍ର
ଗାଦି ପରି ଗରୀୟାନ
ତାଙ୍କ ଶାସନ ହିଁ ସାଧନା
ତାଙ୍କ କ୍ରୋଧ ହିଁ ଉପାସନା ।

ଦୋଳ ବିମାନ ପରି ସେ ବୁଲିବୁଲି
ଦେଖୁଥାନ୍ତି ଜୀବନର ଗଳି ଆଉ ଉପଗଳି
ଆମ ପ୍ରୟାସ ଓ ପରାକାଷ୍ଠା ।

ଖରା ହୋଇ ସେ ଚେତେଇ ଦିଅନ୍ତି
ଝାଳ ନବାହାରିଲେ ଝମଝମ ହୁଏନି ଜୀବନ
ଧାରା ଶିରାବଣ ହୋଇ ଲେଖିଦିଅନ୍ତି
ଓଦା ହେଲେ ହିଁ ନିଦା ହେବ
ସଂସାର ବାଟରେ ।

ସେ ଚୁଲି
ସେ ନିଜେ ଜଳନ୍ତି
ଆଉ ହାଣ୍ଡିରେ ଫୁଟାନ୍ତି ଭାତ ।

ସେ ନିଜ ପାଇଁ କିଛି ରଖନ୍ତିନି ଗଛ ପରି ।

ସେ ଯେତେଯେତେ ଦରବୁଢ଼ା ହେଉଥାନ୍ତି
ଆମେ ସେତେ ବିଜୟୀ କୁମାର
ସେ ଯେତେଯେତେ ଶୂନ୍ୟ ହେଉଥାନ୍ତି
ଆମେ ପୂର୍ଣ୍ଣ ଅବତାର ।

ସେ ଯେତେଯେତେ ଗାଁ ପରି ଦିଶୁଥାନ୍ତି
ଆମେ ସେତେସେତେ ବାସୁଥାଉ ସହର ସହର ।

ଲେଖୁଥିଲେ । ସିଏ ଯେତେବେଳେ ଲେଖାଲେଖି କରନ୍ତି, ମୁଁ ଟିକେ ପଛରୁ ରହି ଦେଖେ । ପଚାରିଲି, "କ'ଣ ଲେଖୁଛ ?" ସେ କହିଲେ, "ଏ ଗାଆଁରେ ଏତେ ପିଲା ପାଠ ପଢ଼ି ଶିକ୍ଷିତ ହେଲେଣି, ଅଥଚ କେହି ଝିଅମାନଙ୍କ ଗୀତବୋଲାରେ ଥିବା ଭୁଲ୍‌କୁ ଧରି ପାରୁ ନାହାନ୍ତି । ଚନ୍ଦ୍ର ପୁରୁଷ-ଦେବତା । ସେମାନେ ଚନ୍ଦ୍ରକୁ ଚାନ୍ଦମାତା ବୋଲି କହୁଛନ୍ତି । ମୁଁ ପୁରାଣ ପଢ଼ି ସେମାନଙ୍କ ପାଇଁ ଗୋଟେ ପ୍ରାର୍ଥନା ଲେଖୁଛି ।" 'ଚନ୍ଦ୍ରଦେବ ହେ' - ଏହି ସମ୍ବୋଧନରେ ସେ ଗୋଟେ ଗୀତ ଲେଖିଥିଲେ, ଯାହା ଏବେ ବି ଆମ ଗାଆଁ ଓ ଆମ ଅଞ୍ଚଳରେ ଝିଅମାନେ ଚନ୍ଦ୍ରଦେବଙ୍କୁ ପୂଜା କଲାବେଳେ ଗାଉଛନ୍ତି ।

**ଅନୁଭୂତି-୨ :** ସେତେବେଳକୁ ବାପାଙ୍କୁ ଦେଖି ମୁଁ ଛୋଟଛୋଟ ଗୀତ ଓ ଢଗ ଲେଖା ଆରମ୍ଭ କଲିଣି । ସାଙ୍ଗମାନଙ୍କୁ ନେଇ ମୁଁ ଗୋଟେ ଛୋଟ ଯାତ୍ରାଦଳ ଗଢ଼ିଥିଲି । ଚତୁର୍ଥ-ପଞ୍ଚମ ଶ୍ରେଣୀରୁ ମୁଁ ନାଟକ ଲେଖି ମଞ୍ଚସ୍ଥ କରାଉଥିଲି । ଏଥିରେ ମୋ ବଡ଼ବୋଉ ମୋତେ ସବୁପ୍ରକାର ସାହାଯ୍ୟ-ସହଯୋଗ କରୁଥିଲା । ନଡ଼ିଆ ବାହୁଙ୍ଗାର ଖଣ୍ଡା, ରସ ଗିଲାସର ମାଇକ୍, ଶଢ଼େଇରେ ଷ୍ଟେଜ୍ ଫୋନ୍, ପାଉଁଶକୁ ପାଉଡର କରି ଓ ଅଙ୍ଗାରରେ ନିଶ କରି ଆମେ ପ୍ରତି ଦୋଳଛୁଟି ଓ ଦଶହରା ବେଳେ ଅଭିନୟ କରୁଥିଲୁ । ଆମ ଗାଆଁର ଜଣେ ସମାଜସେବୀ ଯଦୁମଣି ବେହୁରାଙ୍କ ଶ୍ରାଦ୍ଧସଭା ପାଇଁ ମୁଁ ଏକ କୋରସ୍ ଲେଖିଥିଲି, ଯାହାର ପ୍ରଥମ ଧାଡ଼ି ଥିଲା, 'ହେ ଯଦୁମଣି ! ଗାଆଁର ମଣି, ନିଅ ହେ ପ୍ରଣିପାତ' । ଯେତେବେଳେ ଝିଅମାନେ ଏ ଗୀତ ଗାଇଲେ, ମାଇକ୍‌ରେ ତାହା ଆମ ଘରକୁ ଶୁଭୁଥିଲା । ବାପା ସେତେବେଳେ ଖାଉଥିଲେ । ମୋତେ ପଚାରିଲେ, "ଏ ଗୀତ ତୁ ଲେଖିଛୁ କି ?" ମୁଁ "ହଁ" କହିଲି । ସେ କହିଲେ, "ପୂରା ଗୀତଟି ବହୁତ ସୁନ୍ଦର ହୋଇଛି; କିନ୍ତୁ ପ୍ରଥମ ଧାଡ଼ିଟି ପରିବର୍ତ୍ତନ କରିବାକୁ ପଡ଼ିବ ।" ମୁଁ ପଚାରିଲି, "କାହିଁକି ?" ସେ କହିଲେ, "ଏଇ ଗୀତଟି ଲେଖିବାରେ କି ଦେଖିବାରେ କିଛି ଭୁଲ୍ ନାହିଁ; କିନ୍ତୁ ଗାଇଲାବେଳେ କାନକୁ ତାହା ଭୁଲ୍ ଶୁଭୁଛି ।" ସେ ଗାଇକରି ମୋତେ ଶୁଣାଇଲେ, "ହେ ଯଦୁମଣି ! ଗାଆଁ ରମଣୀ, ନିଅ ହେ ପ୍ରଣିପାତ ।" ମୁଁ ମୋର ଭୁଲ୍ ବୁଝିପାରିଲି । ଖାଲି ଏଇ ଗୀତ ବା କବିତା ନୁହେଁ, ଅନେକ କବିତାର ସେ ମୋର ପ୍ରଥମ ସଂଶୋଧକ ଓ ମାର୍ଗଦର୍ଶକ । ମୋ ବାପା ମୋ କାବ୍ୟଜୀବନର ଆଦ୍ୟଗୁରୁ ।





## କଥାକଥାରେ ସେ କହୁଥିଲେ ନୂଆ ଢଗ, ନୂଆ ଆପ୍ତବାକ୍ୟ

ଅନେକ୍ ଲୋକବାଣୀ ଓ ଢଗ ପରି ସେ ନିଜ ମନରୁ ନୂଆନୂଆ କଥା କହୁଥିଲେ । ମୁଁ ପଚାରେ, "ବାପା, ଏଗୁଡ଼ିକ କ'ଣ କୌଣସି ବହିରେ ଅଛି ?" ସେ କହୁଥିଲେ, "ବହିରେ ଯାହା ଅଛି, ତାକୁ ତ କେହିଜଣେ ଲେଖିଛି । ସେମିତି ମୁଁ ଯାହା କହୁଛି, ସେ ବି ଗୋଟେ ଢଗ । ତୁ ବି ଚାହିଁଲେ ଏମିତି କହି ପାରିବୁ ବା ଲେଖିପାରିବୁ । ଢଗ ପରି ସେ କହୁଥିବା ଅନେକ କଥା ଏବେ ବି ମୋର ମନେଅଛି । ଯଥା:

(୧) ଯାହାକୁ କହୁଛ ପଖାଳ ପାଣି
ଜାଣିଛ ତାହାର କେତେ ଫୁଟାଣି !

(୨) ଆ ଠାକୁର ଦେ ବର ।

(୩) ମିଶାଣ, ଫେଡ଼ାଣ, ଗୁଣନ, ହରଣ
ଗଣିତ ପାଠର ଇଏ ପୁରାଣ ।

(୪) ହାତେ ମାପି ଦି'ହାତେ ଚାଲ ।

(୫) ଆଗରୁ ବ୍ୟବସ୍ଥା କଲେ କଟକ ବା କେତେ ଦୂର !

(୬) ନଈ ଡେଇଁଲେ ନାଉରି ଦୋଦୋଚିହ୍ନା ।

(୭) ଧନ ଆଉ ଧାନ, ଦିଇଟା ପାଇଁ ମନ ?

(୮) ବାରି ପିଜୁଳି ସବୁଠୁ ମିଠା ।
ଏହିପରି ଅନେକ କଥା ସେ କୁହନ୍ତି ।

ବାପାଙ୍କର ବାପାଙ୍କ ନାଆଁ ଥିଲା ଏକାଦଶୀ ସ୍ୱାଇଁ । ଆଉ ତାଙ୍କ ମାଆ ଥିଲେ ପାଟଦେଈ । କଥାକଥାକେ ବାପା ଆମକୁ ତାଙ୍କ ବାପା-ବୋଉଙ୍କ ତ୍ୟାଗ ଓ ଆଦର୍ଶମୟ ଜୀବନ କଥା କୁହନ୍ତି । ୨୦୧୭ ମସିହା ନଭେମ୍ବର ମାସ ୮ ତାରିଖରେ ବାପାଙ୍କ ଦେହାନ୍ତ ଘଟିଲା, ପ୍ରାୟ ୯୧ ବର୍ଷ ବୟସରେ । ସେପର୍ଯ୍ୟନ୍ତ ତାଙ୍କର ଦୃଷ୍ଟିଶକ୍ତି ଅତୁଟ ଥିଲା, କେଶ ଅଧିକାଂଶ କଳା ଥିଲା ଓ ଦାନ୍ତଗୁଡ଼ିକ ମଧ୍ୟ ମଜଭୁତ ଥିଲା । ଅବଶ୍ୟ ସ୍ମୃତିଶକ୍ତି କମି ଯାଇଥିଲା । ତାଙ୍କ ପାଖରେ ଭାଗବତ ପଢ଼ିବା ପାଇଁ ସେ ମୋ ସହଧର୍ମିଣୀଙ୍କୁ କହୁଥିଲେ । ମୋ ସ୍ତ୍ରୀ ଭାଗବତ ପଢ଼ିଲା ବେଳେ ବାପା ମନଦେଇ ଭାଗବତ ଶୁଣୁଥିଲେ ଓ ମଝିରେ ମଝିରେ ତାକୁ ବୁଝାଇ ଦେଉଥିଲେ ।

ଏବେ ବି ମୋ କବିତାର ଧାଡ଼ି ମୋତେ ଠିକ୍ ଲାଗେ ନାହିଁ ଅଥବା ଜୀବନ-ରାସ୍ତାରେ ଚାଲୁଚାଲୁ ଯଦି ମୁଁ କିଛି ସମସ୍ୟାର ସମ୍ମୁଖୀନ ହୁଏ, ଆଗରେ ଆସି ଠିଆ ହୁଅନ୍ତି ବାପା । ମୁଁ ଅନୁଭବ କରେ ତାଙ୍କର ସ୍ପର୍ଶ ଓ ସ୍ନେହ ।

ମୁଁ ଜଣେ କବିର ପୁଅ ବୋଲି ଯେତିକି ଖୁସି, ଜଣେ କୃଷକର ପୁଅ ବୋଲି ସେତିକି ବି ଗର୍ବିତ ।

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



# ୧୭ ପ୍ରଜ୍ଞାପୀଠରେ ତେତିଶ ବର୍ଷ

**ଜୟନ୍ତୀ ରଥ**
'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ : ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



◄ ଲେଖିକା ଜୟନ୍ତୀ ରଥ

ଆସୁଥିଲେ ସହପାଠୀ ବନ୍ଧୁ, କବି ପ୍ରଦୀପ । କଥାରେ କଥାରେ ତାକୁ ହିମ୍ମତ ଦେଉଥିଲେ । ସାହିତ୍ୟ ଓ ସାହିତ୍ୟିକ ଅନୁଷ୍ଠାନ ସହ ଅଧିକରୁ ଅଧିକ ସଂଶ୍ଳିଷ୍ଟ ହେବାକୁ କହୁଥିଲେ । ଅଫିସ୍‌ରେ ଉପରିସ୍ଥଙ୍କୁ ବାଛିବାର ଅଧିକାର ତମର ନାହିଁ । ଉପରିସ୍ଥ ପାଗଳ ହେଲେ ତମେ ପାଗଳ ହୋଇପାରିବ ନାହିଁ । ଅଭଦ୍ର ହେଲେ ତମେ ଅଭଦ୍ର ଆଚରଣ କରିପାରିବନି । କେବଳ ନିଜ ପାଇଁ ସୁରକ୍ଷିତ ବାଟଟିଏ ତିଆରି କର । ଚାକିରି ସରିଗଲାଣି । କିନ୍ତୁ ପ୍ରଦୀପ କହିଥିବା ଏଇ କଥା କେଇପଦ ମନେ ରହିଛି ବେବିର । ତାଙ୍କର 'ଭୂମିସ୍ୱର୍ଶ','ଧୂସର ଧ୍ରୁପଦୀ', 'ଶେଷଲୋକ', 'ଫେରିବା ବାଟରେ' କବିତା ସଙ୍କଳନ ବେଶ୍ ଆଦୃତ ପାଠକ ମହଲରେ । ମଣିଷ ତ ସାମାନ୍ୟ । ଜଣେ ସର୍ଜନ ଶିଳ୍ପୀ ଈଶ୍ୱରଙ୍କ ବିରୁଦ୍ଧରେ ଦ୍ରୋହ କରିବାର ସାମର୍ଥ୍ୟ ରଖିବା ଚାହିଁ । ସମ୍ମାନାସ୍ପଦ ରାମଚନ୍ଦ୍ର ବେହେରାଙ୍କ ଏଇ କଥା କେଇପଦ ସେତେବେଳେ ଲିପିବଦ୍ଧ ହୋଇ ଯାଇଥିଲା ତା ମନ ଭିତରେ । ସାର୍ ବୋଲି ସମ୍ବୋଧନ କରେ । କିନ୍ତୁ ମନେମନେ ତାଙ୍କୁ ବଡ଼ ଭାଇର ମାନ୍ୟତା ଦିଏ ବେବି । ପୁସ୍ତକ ମେଳାରେ ଦେଖା ହେଲା ବେଳେ ଥରେ ଜୋର୍ କରି ତାଙ୍କ ହାତରୁ ପେନ୍‌ଟି ଛଡ଼ାଇ ଆଣିଥିଲା । "ଆପଣ ଖାଲି ଭଲ ଲେଖିବେ ଆମେ ଆଉ କିଛି ଲେଖିବୁନି !" ସାନ ପିଲାଟିଏ ଭଳି ଠୋ ଠୋ ହସିଥିଲେ । କହିଥିଲେ- "ଆରେ କିଏ ମନା କରୁଛି ତୋତେ ଲେଖିବାକୁ ।" ମଣିଷର ଅସହାୟତାକୁ, ବେଦନାକୁ କଳାତ୍ମକ ଭାବରେ ଫୁଟେଇବାର ଅସାଧାରଣ ସାମର୍ଥ୍ୟ ଡ. ବେହେରାଙ୍କର । ଯେତେ ଗଭୀରକୁ ଯାଇ ଲେଖନ୍ତି, ତା'ଠୁ ଆହୁରି ଗଭୀରକୁ ଯାଇ ବୁଝାଇ ପାରନ୍ତି ବ୍ୟଥାତୁର ମଣିଷକୁ । କେନ୍ଦ୍ରାପଡ଼ାର ଚା' ଦୋକାନୀ, ପାନ ଦୋକାନୀ, ପରିବା ଦୋକାନୀ ସମସ୍ତେ ତାଙ୍କର ଆପଣାର ।

କୌଣସି କାମରେ ଅଡ଼ଶପୁରରୁ ଭୁବନେଶ୍ୱର ଆସୁଥିଲେ । ବେବି ପାଖକୁ ଚାଲି ଆସୁଥିଲା ଚିରଶ୍ରୀ । ଅସାମାନ୍ୟ ପ୍ରତିଭାଶାଳିନୀ କବି, ଗାଳ୍ପିକା । ସାହିତ୍ୟ ଜଗତରେ ପ୍ରତିଷ୍ଠିତ ପ୍ରତିଭା ଓ ନବ ପ୍ରତିଭାମାନଙ୍କ ବିଷୟରେ ବଖାଣୁଥିଲା । ଗୋଟିଏ ଗୋଟିଏ ଜୀବନଧର୍ମୀ ଗପକୁ ଆମୂଳଚୁଳ ବର୍ଣ୍ଣନା କରୁଥିଲା । ଗୋଟିଏ ଗୋଟିଏ ହୃଦୟସ୍ପର୍ଶୀ କବିତା ଆବୃତ୍ତି କରୁଥିଲା ।

ଆସୁଥିଲେ ଆହୁରି କେତେ ତରୁଣ କବି ଓ ଗାଳ୍ପିକ । ବୁଣି ଦେଇ ଯାଉଥିଲେ ତା' ଭିତରେ ପ୍ରତ୍ୟୟର ବୀଜ । ସ୍ୱପ୍ନର ବୀଜ । ଏବେ ସେ ପଚାରେ ନିଜକୁ । ସେ ସମୟ ଅସମୟ ଥିଲା କି ସୁସମୟ ଥିଲା କି ନିଜକୁ ଚିହ୍ନିବାର ସମୟ ଥିଲା ? ଏହି ସମୟରେ ହିଁ ସେ ଲେଖିଥିଲା ରାଶି ରାଶି ଗପ ଓ କବିତା । ପାଇଥିଲା ବହୁ ଆନୁଷ୍ଠାନିକ ସମ୍ମାନ ଓ ସ୍ୱୀକୃତି । ନିଜ ପାଇଁ ସେ ସୃଷ୍ଟି କରିଥିଲା ଏକ ସ୍ୱତନ୍ତ୍ର ପରିଚୟ । କାର୍ଯ୍ୟାଳୟରେ କେତେ କନିଷ୍ଠ ସହକର୍ମୀ, ଅଧସ୍ତନ କର୍ମଚାରୀଙ୍କ ଅକୁଣ୍ଠିତ ସ୍ନେହ, ସମ୍ମାନ ପାଉଥିଲା ସେ ।

ମଡ଼େଲର ଭାବେ କାମ କରୁଥିଲା ପ୍ରତିଭାବାନ୍ ତରୁଣ ଚିତ୍ରଶିଳ୍ପୀ ପ୍ରଦୋଷ । ପ୍ରଦୋଷ ସ୍ୱାଇଁ । ସୁନ୍ଦର ଚିତ୍ର ଆଙ୍କେ । ଖୁବ୍ ଭଲ ଫଟୋ ଉଠାଏ । ଥରେ ତାକୁ ଗୋଟିଏ ନେମ୍‌ପ୍ଲେଟ୍ ଲେଖିବାକୁ କହିଥିଲା ତା ରୁମ୍ ପାଇଁ । ପ୍ରଦୋଷ ତା' ନାଁ ଆଗରେ 'ଡ.' ଲେଖି ଦେଇଥିଲା । ବେବି ସେ 'ଡ.' ଅକ୍ଷରକୁ ଲିଭେଇ ଦେବକୁ କହିଥିଲା । ସେତେବେଳେ ସେ ପି.ଏଚ୍.ଡି. ପାଇ ନଥିଲା । ପ୍ରଦୋଷ ଅମାନିଆ ହୋଇ କହିଥିଲା ମୁଁ ଡ. ଲେଖିବା ପରେ ଆପଣ ମନ ଲଗେଇ ପଢ଼ିବେ । ଡିଗ୍ରୀ ପାଇବେ । ମୋତେ ଖାଲି ଖାଲି ନାଁଟା ଲେଖିବାକୁ ଇଚ୍ଛା ହେଉନି । ବହୁତ ବୁଝାଶୁଝା କରି ତାକୁ ତା'ର ଜିଦ୍‌ରୁ କ୍ଷାନ୍ତ କରିଥିଲା ବେବି । ପ୍ରଦୋଷ ତା'ନାଁ ଆଗରେ 'ଶ୍ରୀମତୀ' ଲେଖିଥିଲା ।

ଭାବିଲେ ହସ ଲାଗେ । ସ୍ୱେଚ୍ଛାରେ ତା'ର କେତୋଟି ଗଳ୍ପ ସଂକଳନ ପାଇଁ ପ୍ରଚ୍ଛଦ ଆଙ୍କି ଦେଇଛି ପ୍ରଦୋଷ । ପତ୍ରପତ୍ରିକା ଓ ବହିର ପ୍ରଚ୍ଛଦରେ ଦେବା ପାଇଁ କେତୋଟି ଭଲ ଫଟୋ ଉଠେଇଛି ତା'ର । ଥରେ ସେ ଫଟୋ ଉଠେଇବାକୁ କ୍ୟାମେରା ନେଇ ଆସିଥାଏ । ସେଦିନ ବେବି ମୁଣ୍ଡ ସାମ୍ପୁ କରିନଥାଏ । ଫିକା ରଙ୍ଗର ପୁରୁଣା ଶାଢ଼ିଟେ ପିନ୍ଧିଥାଏ ।

"ଆଜି ଆଉ ଫଟୋ ଉଠି ପାରିବନି । କାଲି ଆପଣ ରେଡି ହୋଇ ଆସିଥିବେ ।" ଏତିକି କହି ଅସନ୍ତୁଷ୍ଟ ହୋଇ ଫେରି ଯାଇଥିଲା ପ୍ରଦୋଷ । ତା'ପରେ ଯେଉଁ ଫଟୋଟି ଉଠେଇଥିଲା, ସେଇଟି ପଠେଇଥିଲା । 'ରାଗ ବିରାଗ' ଗଳ୍ପ ସଂକଳନ ପଛପଟେ ଦେବା ପାଇଁ । ସେଇ ଫଟୋ ଦେଖି 'କାହାଣୀ'ର ପ୍ରକାଶକ କବି ଗିରିଜା ବଳୀୟାର ସିଂ କହିଥିଲେ, "ବହି ପାଇଁ ଆଉ ପ୍ରଚ୍ଛଦ କରିବା ଦରକାର ନାହିଁ । ଏଇ ଫଟୋରୁ ଆଉ ଭଲ ପ୍ରଚ୍ଛଦ କିଛି ହୋଇ ପାରିବନି ।" ରାଜ୍ୟପାଳଙ୍କ ଠାରୁ 'ଶବ୍ଦଖେଳ' ଗଳ୍ପ ସଂକଳନ ପାଇଁ ସାହିତ୍ୟ ଏକାଡ଼େମୀ ପୁରସ୍କାର ଗ୍ରହଣ କଲାବେଳେ, ସାମ୍ନାରେ

ରହି ପ୍ରଦୋଷ ତା'ର ଫଟୋ ଉଠେଇଥିଲା ।

ପ୍ରଦୋରେ aesthetic sense ଥିଲା ଅତି ଗଭୀର । କେତେ ପ୍ରକାରର ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରେ । ମୋଟା କାଗଜ ଉପରେ ବରକୋଳି ପତ୍ର, ଦୁବଘାସ, ଅରୁଆ ଚାଉଳ ଅଠାଦେଇ ଲଗାଏ । ତାଳପତ୍ର ସାଇଜ୍ କରି କାଟି ସେଥିରେ ପୋଥିରେ ଚିତ୍ର ଆଙ୍କେ ଓ ଅକ୍ଷର ଲେଖେ । ନିମନ୍ତ୍ରଣ ପତ୍ର କରିବା ପାଇଁ ତା'ଠୁ ବହୁ ମାନ୍ୟଗଣ୍ୟ ଲୋକ ଡିଜାଇନ୍ ନିଅନ୍ତି । ଈଶ୍ୱର ଚାହୁଁଥିଲେ ସେ ତା'ର ଧ୍ୟାନ କେନ୍ଦ୍ରୀଭୂତ କରୁ ଚିତ୍ର ଅଙ୍କନରେ । ଫଟୋ ଉଠାରେ ନୁହେଁ କି କାର୍ଡ଼ ପ୍ରସ୍ତୁତିରେ ନୁହେଁ ।

ପ୍ରଦୋଷ ଉଡ଼ିବାର ସ୍ୱପ୍ନ ଦେଖୁଥିଲା । ସଂଗ୍ରହାଳୟର ପରିସର ଥିଲା ତା' ପାଇଁ ସୀମିତ । ସଙ୍କୁଚିତ । ତେଣୁ ସ୍ଥାୟୀ ଚାକିରି ଛାଡ଼ି ସେ ଦିଲ୍ଲୀ ଚାଲି ଯାଇଥିଲା । ସାଙ୍ଗରେ ସ୍ତ୍ରୀ ପମି । ପୁଅ ପୁଲକ, ସଂବଳ ଥିଲା ସ୍ୱପ୍ନ । ଆୟୁଧ ଥିଲା ପ୍ରତିଭା । ବାସ୍ । ଦିଲ୍ଲୀରେ ସ୍ଥିତି ସାବ୍ୟସ୍ତ କରିବାକୁ ଲାଗିଥିଲା ବେଶ୍ କିଛିବର୍ଷ । ମଝିରେ ମଝିରେ ଯେବେ ଭୁବନେଶ୍ୱର ଆସେ, ନିଶ୍ଚିତ ଭାବରେ ବୁଲିବାକୁ ଆସେ ସଂଗ୍ରହାଳୟ । ଦେଖାକରେ ବେବିଙ୍କୁ । ଆଶାର କିରଣରେ ଝଲମଲ ଦିଶୁଥାଏ ତା'ର ସୁନ୍ଦର ମୁହଁ । ତା'ର ଅଧାକଳା, ଅଧାଧଳା ଦାଢ଼ି, ମୁଣ୍ଡରେ ଚୁଟିକୁ ପଛ କରି ବନ୍ଧା ହୋଇଥିବା ପନି, କାନ୍ଧରେ ଝୁଲା ବ୍ୟାଗ୍– ଏଇ ନୂତନ ବିଗ୍ରହକୁ ସହଜରେ ମାନି ପାରେନା ବେବି । ତା'ର ମୃଦୁ ଭର୍ତ୍ସନାକୁ କର୍ଣ୍ଣପାତ ନକରି ପ୍ରଦୋଷ ହାତ ପତେଇଦିଏ ଚକୋଲେଟ୍ ପାଇଁ । ଏଇ ତା'ର ପୁରୁଣା ଅଭ୍ୟାସ । ଡବାରୁ କାଢ଼ି ତାକୁ ଚକୋଲେଟ୍ ଦେଲାବେଳେ ଅନାବିଳ ମମତାର ସରୁଧାରଟିଏ ବହି ଯାଉଥିଲା । ସମସ୍ତଙ୍କ ଅଲକ୍ଷ୍ୟରେ ।

ଏଇ ଚକୋଲେଟ୍ ଦେଇ ସଂପର୍କକୁ ମଧୁର ରଖିବାର ଧାରାଟା ସେ ଶିଖିଥିଲା ବିଶିଷ୍ଟ ଚିତ୍ରଶିଳ୍ପୀ ଅସୀତ୍ ମୁଖାର୍ଜୀଙ୍କ ଠାରୁ । ଶିଳ୍ପୀ ମୁଖାର୍ଜୀ ତା' 'ଶବ୍ଦଖେଳ' ଗଳ୍ପ ସଂକଳନର ପ୍ରଚ୍ଛଦ ଆଙ୍କିଲା ବେଳେ ପଚାରିଥିଲେ, "ଆପଣଙ୍କର, ନିଜର କିଛି ଧାରଣା ଅଛି ?"

"ଶବ୍ଦଖେଳ ଗପର ନାୟିକା ଅପୂର୍ବ ସୁନ୍ଦରୀ । ଜୀବନରେ କିଛି ପାର୍ଥିବ ସୁଖ ପାଇନାହିଁ । ଅପାର୍ଥିବ ସୁଖ ଆଶାରେ ଶୂନ୍ୟକୁ ଚାହିଁଛି । ଏମିତି ଗୋଟେ ଚିତ୍ର ଆଙ୍କନ୍ତୁ, ମୁହଁଟା ଦୁଃଖୀ ଦିଶୁନଥିବ ଜମ୍ମା ।" ବେବିର କଥା ଶୁଣି ମନ ଖୋଲି ହସିଲେ । ସୁଖ ପାଇନାହିଁ ଅଥଚ ଦୁଃଖୀ ଦିଶିବ ନାହିଁ ଇଏ କେମିତି କଥା ! ଆଚ୍ଛା ଠିକ୍ ଅଛି । ଦେଖିବି କହି ମୁଠାରେ ମୁଠାଏ ଚକୋଲେଟ୍ ଦେଲେ । ୧୯୯୬ ମସିହା ଭୁବନେଶ୍ୱର ପୁସ୍ତକ ମେଳାରେ ଶ୍ରେଷ୍ଠ ପ୍ରଚ୍ଛଦ ପାଇଁ ପୁରସ୍କାର ପାଇଥିଲା 'ଶବ୍ଦଖେଳ' ବହି । ତା'ର ଦୁଇ ଚାରି ପଦ କଥାକୁ କେତେ ଗଭୀରକୁ ଯାଇ ଭାବିଥିଲେ ଶିଳ୍ପୀ । ଏମିତି ପ୍ରାଣବନ୍ତ ମଣିଷ କ୍ୱଚିତ୍ ଦେଖନ୍ତି ବେବି ଜୀବନରେ ।

ହଁ, ପ୍ରଦୋଷ ଏବେ ଭାରତର ଜଣେ ଜଣାଶୁଣା ଚିତ୍ରଶିଳ୍ପୀ । ବିଭିନ୍ନ ଚିତ୍ର ପ୍ରଦର୍ଶନୀରେ ତା' ଅଙ୍କିତ ଚିତ୍ର ବହୁମୂଲ୍ୟରେ କିଣି ନିଅନ୍ତି କଳାପ୍ରେମୀମାନେ । ଦେଶର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ଚିତ୍ର ପ୍ରଦର୍ଶନୀ ସେ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଉଛି । ସଙ୍ଗୀତ ଦାମୋଦର ରାଗ ଶାସ୍ତ୍ରକୁ ଆଧାର କରି ବହୁ ରାଗଚିତ୍ର ଆଙ୍କିଛି । ତା'ର ସେଇ ଟିକି ଗୁଲୁଗୁଲିଆ ପୁଅଟି ଏବେ ନାଟାରେ ଆର୍କିଟେକ୍ଚର୍ ପଢ଼ିଲାଣି । କେଉଁ ଛଟକରେ ଚାଲିଗଲା ସମୟ । ପ୍ରଦୋଷ– ପମି–ପୁଲକ ଭଲରେ ରୁହନ୍ତୁ । ସର୍ବୋତୋ ଭାବେ ସୁଖୀ ହୁଅନ୍ତୁ । ପମି (ନିବେଦିତା) ଓ ପ୍ରଦୋଷ କଳା କ୍ଷେତ୍ରରେ ଶୀର୍ଷକୁ ଉଠନ୍ତୁ ।

ପ୍ରଦୋଷ ଦୂରକୁ ଚାଲିଗଲା । ଗଲେ ନାହିଁ । ଆଉ ଜଣେ ଯୁବ ଶିଳ୍ପୀ ରତିକାନ୍ତ, ଯିଏ ପ୍ରଥମେ ପ୍ରଦୋଷ ସହିତ ଆସିଥିଲେ ତା'ପାଖକୁ । ମାତ୍ର ସେତିକିରେ ସରିନଥିଲା ସଂପର୍କ । ଜୀବନରେ ବହୁ ସମସ୍ୟା, ବହୁ ସଂଘର୍ଷର ସମ୍ମୁଖୀନ ହେବାକୁ ପଡୁଥିଲା ତାଙ୍କୁ । ମାତ୍ର ମୁହଁରୁ କେବେ ହସ ଲିଭୁ ନଥିଲା । ଓଡ଼ିଶା ଲଳିତ କଳା ଏକାଡ଼େମୀର ସଚିବ ପଦରେ ଅବସ୍ଥାପିତ ହେବାର ସୁଯୋଗ ପାଇଲେ । ଲଳିତ କଳା ଏକାଡ଼େମୀର ଗୋଟିଏ ଚିତ୍ର ଗ୍ୟାଲେରୀ ଥାଏ, ସଂଗ୍ରହାଳୟରେ, ସେଇ ଗ୍ୟାଲେରୀଟି ଦେଖିବାକୁ ଆସିଲା ବେଳେ ନିଶ୍ଚୟ ଆସନ୍ତି ବେବି ପାଖକୁ, ସଂଗ୍ରହାଳୟ ତରଫରୁ କଳା ସାମଗ୍ରୀ କ୍ରୟ କଲାବେଳେ ବିଚାରକ ଭାବେ ତାଙ୍କୁ ଡାକେ ବେବି । ଏମିତି କିଛି ନିର୍ଦ୍ଦିଷ୍ଟ କାରଣ ନଥିଲେ ବି ବେଳେବେଳେ କେବଳ ଆଳାପ ଆଲୋଚନା କରିବାକୁ ଚାଲି ଆସୁଥିଲେ ତା' ପାଖକୁ । ବେବିକୁ ସେ ବଡ଼ ଭଉଣୀର ମାନ୍ୟତା ଦେଉଥିଲେ । ଦୁଃଖର କଥା, ଅଭାବର କଥା, ଅପ୍ରାପ୍ତିର କଥା– ସବୁ କହନ୍ତି ହସିହସି । ଏତେ ହସ କୁଆଡୁ ଆସେ ? କେମିତି ଆସେ ? ସ୍ୱାସ୍ଥ୍ୟ ପ୍ରାୟ ଠିକ୍ ରହେ ନାହିଁ । ଚିନ୍ତା ନାହିଁ । ଅଳ୍ପ ବୟସରୁ ମଥା କେଶଶୂନ୍ୟ, ପରୱା ନାହିଁ । ସବୁବେଳେ ଲଣ୍ଡିତ ମସ୍ତକ ରହନ୍ତି । ଖରାରେ, ଆଲୁଅରେ ମୁଣ୍ଡ ଚକ୍ ଚକ୍ କରୁଥାଏ । ବେବି ଆଦରରେ ଡାକେ ଲିଟିଲ୍ ବୁଦ୍ଧ । କର୍ତ୍ତୃପକ୍ଷଙ୍କ ସହ ମତ ଅମେଳ ହେଲା । ଖାତିର ନାହିଁ । ପଦତ୍ୟାଗ କରି ଚାଲିଗଲେ ସ୍ୱାଧୀନ ଚିତ୍ରଶିଳ୍ପୀ ବୃତ୍ତିକୁ । ପ୍ରକୃତ କଳାକାର ସ୍ୱାଭିମାନକୁ ନେଇ ବଞ୍ଚେ । କାହାରି ଦୟା, ଅନୁଗ୍ରହକୁ ଭ୍ରୂକ୍ଷେପ କରେନାହିଁ ।

ଲଳିତ କଳା ଏକାଡ଼େମୀର ସଭାପତି ଥିଲେ ଶିଳ୍ପୀ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର । ପରମ ଦେବୀ ଭକ୍ତ । ଜଗନ୍ନାଥ ଭକ୍ତ । ମାତ୍ର ତୃତୀୟ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ ।

ଦୈବୀ କରୁଣା ବଳରେ ସେ ଶିଳ୍ପ କଳାରେ ସିଦ୍ଧହସ୍ତ ହୋଇଥିଲେ । ମୁଣ୍ଡରେ ସିନ୍ଦୂର ଲଗଉଥିଲେ ସବୁବେଳେ । ଯେଉଁ ସଭାକୁ ଗଲେ ପ୍ରଥମେ ଦେବୀଙ୍କୁ ଆବାହନ କରି ବକ୍ତବ୍ୟ ଆରମ୍ଭ କରୁଥିଲେ । ଦେଶ ବିଦେଶରେ ତାଙ୍କର ଖ୍ୟାତି ଥିଲା । ବହୁ ଶିଷ୍ୟ ଗଢ଼ିଥିଲେ । ଦ୍ୱିତୀୟ କୋଣାର୍କ ଗଢ଼ିବାର ସ୍ୱପ୍ନ ଦେଖୁଥିଲେ । ସବୁ ଅଧୁରା ରହିଲା । କରୋନାରେ ଆଖି ବୁଜିବା ପୂର୍ବରୁ ପୁତ୍ର ଶୋକର ସନ୍ତାପ ଭୋଗିଥିଲେ । ତାଙ୍କ ମୃତ୍ୟୁର ଅଳ୍ପଦିନ ପରେ ଆଉ ଏକ ପୁତ୍ର ତାଙ୍କ ପଥ ଅନୁସରଣ କରିଥିଲେ ।

ଏହା କେବଳ ଏକ ପରିବାରର କ୍ଷତି ନଥିଲା । ଏହା ଥିଲା ସମଗ୍ର ଜାତିର ଏକ ଅପୂରଣୀୟ କ୍ଷତି । ବିଶାଳ ଶିଳ୍ପୀକୁଳ କର୍ଣ୍ଣଧାରହୀନ ହୋଇଗଲା । ସଂସ୍କୃତି ବିଭାଗର ନୀତି ନିର୍ଦ୍ଧାରଣ କମିଟିରେ ଯୋଗ ଦେବାବେଳେ ତାଙ୍କୁ ଭେଟିବାର ସୁଯୋଗ ମିଳୁଥିଲା । ବେବି ମୁଣ୍ଡରେ ହାତରଖି ଆଶୀର୍ବାଦ କରୁଥିଲେ । ତାଙ୍କ ଆଶୀର୍ବଚନରେ ଶକ୍ତି ସଂଚାରିତ ହେଉଥିଲା ପ୍ରାଣରେ, ଯିଏ ପ୍ରକୃତରେ ସ୍ରଷ୍ଟା ତା'ର ସ୍ପର୍ଶରେ ଜୀବନାୟିତ ହୋଇଉଠେ, ରଘୁନାଥଙ୍କୁ ଦେଖିଲେ ସେଇ ପ୍ରତ୍ୟୟ ଆସୁଥିଲା ମନରେ ।

ଚିତ୍ରଶିଳ୍ପୀ ଜଗଦୀଶ କାନୁନ୍‌ଗୋ, ବଳଦେବ ମହାରଥୀ, ଡି.ଏନ୍.ରାଓ, ଶିବ ପାଣିଗ୍ରାହୀ, ଗଜେନ୍ଦ୍ର ଦାସ, ମାନସ ଜେନା– ଏମିତି ଆହୁରି ବହୁ ଚିତ୍ରଶିଳ୍ପୀଙ୍କୁ ଭେଟିବା, ସେମାନଙ୍କ ଚିତ୍ର ଅନୁଶୀଳନ କରିବାର ସୁଯୋଗ ସେ ପାଇଥିଲା





ସଂଗ୍ରହାଳୟରେ ଚାକିରି କରିଥିବାରୁ ।

ଜୀବନ ଯୋଡ଼ି ହୋଇ ଯାଉଥିଲା ସାହିତ୍ୟ ସହ, ସଙ୍ଗୀତ ସହ, ନୃତ୍ୟ ସହ । ଚିତ୍ର ସହ । ବିନା ପ୍ରୟାସରେ । ବିନା ଯୋଜନାରେ ।

ବେବି ସହ-ସଂଗ୍ରହାଧ୍ୟକ୍ଷା ଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଭାବେ ଯୋଗ ଦେଇଥିଲେ ସୁସାହିତ୍ୟିକ ଇନ୍ଦୁଭୂଷଣ କର । ସ୍ନେହୀ, ପ୍ରାଣବନ୍ତ ମଣିଷ । ସବୁବେଳେ ନିଜ ଜଗତରେ ଥାଆନ୍ତି । କିଛି ବର୍ଷ ପାଇଁ ସେ ବେବିର ପଡ଼ୋଶୀ ଭାବେ ରହିଥିଲେ । ତାଙ୍କ ଝିଅ ମିଲା ବାଣୀବିହାରରେ ଇତିହାସ ବିଭାଗରେ ତା'ର ତଳ ଶ୍ରେଣୀରେ ପଢୁଥିଲା । ସେଇ ପୁରୁଣା ଦିନର ପରିଚୟ ନେଇ ବେବି ମଝିରେ ମଝିରେ ତାଙ୍କ ଘରକୁ ଯାଉଥିଲା । ସମୟ ସାମୟିକ ଓଡ଼ିଆ ସାହିତ୍ୟ ବିଶେଷତଃ କବିତା ସମ୍ବନ୍ଧରେ ତା' ସହିତ ଆଲୋଚନା କରୁଥିଲେ  କର ମହାଶୟ । ସେଥିରେ ତାଙ୍କ ପତ୍ନୀ ବି ଯୋଗ ଦେଉଥିଲେ । ଘରେ ରନ୍ଧାବଢ଼ା, କାମ ଜଂଜାଳ ଭିତରେ ସେ ସମୟ କାଢ଼ି ବହି ପଢୁଥିଲେ । କୌଣସି ସାହିତ୍ୟ କୃତି ଉପରେ ତାଙ୍କର ଅଭିମତ ଥିଲା ବେଶି ତୀକ୍ଷ୍ଣ । ବେଶି ଶାଣିତ । ସ୍ୱାମୀ ଭାବଭୋଳା ମଣିଷ । ସାର୍ଟ ଉପରେ ଗଂଜି ପିନ୍ଧିଥାନ୍ତି । ଗଂଜି ଖୋଜି ଖୋଜି ସାରା ଘରର ଜିନିଷ ଘାଣ୍ଟି ଦିଅନ୍ତି । ତାଙ୍କ ଚଷମା, ପେନ୍, ଘଣ୍ଟା, ପର୍ସ ସବୁ ସଜାଡ଼ି ରଖିବା ଦାୟିତ୍ୱ ଥିଲା ପତ୍ନୀ ଶ୍ରଦ୍ଧାଞ୍ଜଳିଙ୍କର । ଏଇଭଳି ନାରୀମାନଙ୍କର ତ୍ୟାଗରେ, ଅବଦାନରେ ପୁରୁଷମାନେ ସଫଳ ହୁଅନ୍ତି, ବଡ଼ ହୁଅନ୍ତି, ସମାଜରେ ମାନ୍ୟତା ପାଆନ୍ତି ।

ଏମିତି ଆଉ ଜଣେ ପତ୍ନୀ ରେଣୁକା ଆଚାର୍ଯ୍ୟ । ପ୍ରଫେସର ରାଜ କିଶୋର ମିଶ୍ରଙ୍କ ପତ୍ନୀ, ପ୍ରଫେସର ମିଶ୍ର ବିଜେବି କଲେଜରେ ଇଂରାଜୀ ବିଭାଗରେ ଅଧ୍ୟାପନାରତ ଥିଲାବେଳେ ବେବି ତାଙ୍କର ଛାତ୍ରୀ ଥିଲା । ପରେ ସମୟ ପ୍ରବାହରେ ସେ ତାଙ୍କର  ପଡ଼ୋଶୀ ହୋଇ ରହିଲା । ଉଭୟ ରାଜୁ ସାର୍ ଓ ତାଙ୍କ ପତ୍ନୀ (ଭାଉଜ)ଙ୍କ ସହ ତା'ର ଭାବର ଆଦାନ ପ୍ରଦାନ ହେଲା । ଭାଉଜ ଏକାନ୍ନବର୍ତୀ ପରିବାରର ବଡ଼ବୋହୂ । ଦିଅର, ନଣନ୍ଦ, ଭଣଜା, ଭାଣିଜୀ, ପୁତୁରା, ଝିଆରୀ ସର୍ବୋପରି ବୟସ୍କା ଶାଶୁ- ସମସ୍ତଙ୍କ ତତ୍ତ୍ୱ ବୁଝନ୍ତି । ଶିକ୍ଷୟିତ୍ରୀ ପଦରୁ ପ୍ରଧାନ ଶିକ୍ଷୟିତ୍ରୀ, ଡି.ଆଇ. ପଦକୁ ଉନ୍ନୀତ ହୋଇଥିଲେ । ସାର୍ ତାଙ୍କ ପଢ଼ାଲେଖା କାମରେ ବ୍ୟସ୍ତ ରହନ୍ତି । ଦୁଇ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଭାର ଗ୍ରହଣ କରିଥିଲେ । 'ଓଡ଼ିଶା ରିଭ୍ୟୁ', 'ଉତ୍କଳ ପ୍ରସଙ୍ଗ' ଦୁଇ ପତ୍ରିକାର ସମ୍ପାଦନା ସୁଚାରୁ ରୂପେ ସଂପାଦନ କରିଥିଲେ । ଅଗାଧ ପାଣ୍ଡିତ୍ୟ ଥିଲା, ସଂସ୍କୃତ-ଇଂରାଜୀ, ଓଡ଼ିଆ ଭାଷାରେ ଗଭୀର ବ୍ୟୁତ୍ପତ୍ତି ସହ ଇତିହାସ, ଦର୍ଶନ, ଧର୍ମଶାସ୍ତ୍ର, ପୁରାଣରେ ଅମାପ ଜ୍ଞାନ ଥିଲା ତାଙ୍କର । ଏସବୁ ସହିତ ସେ ଥିଲେ ପ୍ରବୀଣ ଜ୍ୟୋତିର୍ବିଦ୍ । କେହି ଜାତକ ଧରି ନିଜର ସ୍ୱାସ୍ଥ୍ୟସଂକଟ, ବୃତ୍ତି ସଂକଟ ବିଷୟରେ ବୁଝିବାକୁ ଆସୁଥିଲା ତ କେହି ପୁଅ ଝିଅଙ୍କର ବାହାଘର ପୂର୍ବରୁ ଜାତକ ମେଳ ଦେଖେଇବାକୁ ଆସୁଥିଲେ । ଅକୁଣ୍ଠିତ ଚିତ୍ତରେ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ ସାର । ସମସ୍ତଙ୍କ ପାଇଁ ତାଙ୍କ ଦ୍ୱାର ଉନ୍ମୁକ୍ତ ଥିଲା । ଜାଗ୍ରତ ଅବସ୍ଥାରେ ସାର୍ଙ୍କର ବ୍ୟକ୍ତିଗତ ସମୟ କିଛି ନଥିଲା । ଭାଉଜଙ୍କର ସେଥିପାଇଁ କ୍ଷୋଭ ନଥିଲା, ଅବସୋସ ନଥିଲା । ସେ ନିଜେ ବି କବିତା ଲେଖୁଥିଲେ । ଗପ ଲେଖୁଥିଲେ । ସେଗୁଡ଼ିକୁ ସଂକଳନ କରି ପ୍ରକାଶ କରିବା ଦିଗରେ ଧ୍ୟାନ ଦେଇପାରୁ ନଥିଲେ । ଚାକିରିରୁ ଅବସର ନେବା ପରେ ସାର୍ ଭାଉଜଙ୍କୁ ଲେଖାଲେଖି ଦିଗରେ ଉତ୍ସାହିତ କଲେ । ଭାଉଜଙ୍କର ଗଳ୍ପ ସଂକଳନ କବିତା ସଂକଳନ ପ୍ରକାଶିତ ହେଲା । ତାଙ୍କ ଭିତରର ସ୍ରଷ୍ଟାଙ୍କୁ ସାର୍ ଉଜ୍ଜୀବିତ କରିଦେଲେ । ଏ ଦୁହିଁଙ୍କର ମଧୁର ଦାମ୍ପତ୍ୟକୁ ନିରବରେ ଲକ୍ଷ୍ୟ କରୁଥିଲା ବେବି । ଜଣେ ସଫଳ ଗୃହସ୍ଥ କେବଳ ନିଜର ଆତ୍ମୋନ୍ନତି ବିଷୟରେ ଭାବେ ନାହିଁ । ସେ ନିଜ ପୁତ୍ର, କନ୍ୟା, ଆତ୍ମୀୟ ସ୍ୱଜନ, ପରିଚିତ ବନ୍ଧୁ, ସମସ୍ତଙ୍କର ଅଭ୍ୟୁଦୟ, ଉତ୍‌ଥାନ ଚାହେଁ । ରାଜୁ ସାର୍ ଥିଲେ ଏହି ମନୋଭାବର ମଣିଷ । ତାଙ୍କ ପୁତ୍ରବଧୂ ପୁଷ୍ପିତା ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ । ନୃତ୍ୟ ଦିଗରେ ପୁଷ୍ପିତାର ଉତ୍ତରୋତ୍ତର ଉନ୍ନତି ପ୍ରତି ସାର୍ ସଚେତନ ଥିଲେ । ଅବସର ପରେ ନିଜ ଗୃହ ନୟାପଲ୍ଲୀରେ ପୁଷ୍ପିତା ନିଜର ସ୍ୱତନ୍ତ୍ର ନୃତ୍ୟାନୁଷ୍ଠାନ ଗଢ଼ିଲା । ଏଥିପାଇଁ ସାର୍ ତାକୁ ଯଥେଷ୍ଟ ପ୍ରୋତ୍ସାହନ ଦେଇଥିଲେ । ପତ୍ନୀ ରେଣୁକା କାୟୋ ମନୋବାକ୍ୟରେ ସ୍ୱାମୀଙ୍କର ଅନୁଗାମିନୀ ଥିଲେ । ସାର୍ଙ୍କ ହୃଦୟରେ କେବଳ ପ୍ରଜ୍ଞାର ନୁହେଁ, ପ୍ରେମର ଐଶ୍ୱର୍ଯ୍ୟକୁ ସେ ନିଶ୍ଚିତ ଭାବରେ ଅନୁଭବ କରିଥିଲେ ।

ରାଜୁ ସାର୍ ଥିଲେ ଜୀବନ୍ତ ଶବ୍ଦକୋଷ । ନବଦୁର୍ଗା, ଦଶମହାବିଦ୍ୟା, ଏକାଦଶ ଭୈରବ, ରାମାୟଣର ଅଷ୍ଟମଲ୍ଲ, ଶ୍ରୀକୃଷ୍ଣଙ୍କ ଅଷ୍ଟମହିଷୀ- ଏମିତି କେତେ ପ୍ରସଙ୍ଗ, ନାଁ ମନେ ନପଡ଼ିଲେ ସେ ବହିର ପୃଷ୍ଠା ଅଣ୍ଡାଳେ ନାହିଁ । ବେଳ ଅବେଳ ନ ମାନି ସାର୍ଙ୍କୁ ଫୋନ୍ କରେ । ସାର୍ଙ୍କ ପାଖରେ ସବୁବେଳେ ଫୋନ୍ ନଥାଏ । ଫୋନ୍ ଧରନ୍ତି ଭାଉଜ । ଖୁସି ହୋଇ ଭଲମନ୍ଦ ପଚାରନ୍ତି । ସୁଖଦୁଃଖ ପଚାରନ୍ତି । ତା'ପରେ ସାର୍ଙ୍କୁ ଫୋନ ଦିଅନ୍ତି । ଅଧୀକ୍ଷକ ଦାୟିତ୍ୱ ଗ୍ରହଣ କରିବା ପରେ ସଂଗ୍ରହାଳୟର ବହୁ କାର୍ଯ୍ୟକ୍ରମରେ ବେବି ରାଜୁସାର୍ଙ୍କ ପରାମର୍ଶ ନେଇଛି । ସେ ଲେଖିଥିବା ଦ୍ୱିଭାଷୀ ପୁସ୍ତକ (Descriptive Catalogue of Odishi Patta Paintings) ର ପାଣ୍ଡୁଲିପିଟି ଆମୂଳଚୂଳ ପଢ଼ି ମୂଲ୍ୟବାନ ମତାମତ ଦେଇଥିଲେ । ସଂଗ୍ରହାଳୟ ତରଫରୁ ପ୍ରକାଶିତ 'ପ୍ରବାଦ ପୁରୁଷ ବିଜୁପଟ୍ଟନାୟକ' ପୁସ୍ତକର ସମ୍ପାଦନା ଦାୟିତ୍ୱ ସେ ଅର୍ପଣ କରିଥିଲା ସାରଙ୍କୁ । ବହୁ କାମର ଚାପ ସତ୍ତ୍ୱେ ବହିଟି କିଭଳି ନିଖୁଣ ହେବ, ନିର୍ଭୁଲ ହେବ ସେଥିପ୍ରତି ସେ ଯତ୍ନଶୀଳ ଥିଲେ । ଏଇ ବହି କାମ ନେଇ ବେଳେବେଳେ ଘଣ୍ଟାଘଣ୍ଟା ବସିବାକୁ ପଡୁଥିଲା । ବାହାର ଜିନିଷ ଖାଇବେ ନାହିଁ ବୋଲି ଭାଉଜ ସାର୍ଙ୍କ ପାଇଁ ଟିଫିନ୍ ସଜାଡ଼ି ଦେଇଥାନ୍ତି । କଖାରୁ ଶାଗ, ମଂଜାରାଇ, ଜହ୍ନି ପୋସ୍ତ ଇତ୍ୟାଦି । ସାର୍ ଟିଫିନ୍ ଖୋଲି ତା' ପ୍ଲେଟ୍‌ରେ ସେଥିରୁ ତାକୁ ଦିଅନ୍ତି କିଛି । ଆଃ, କି ଅପୂର୍ବ  ସ୍ୱାଦ ! ସାର୍ଙ୍କ ଘରକୁ କିଛି କାମ ନେଇ ଗଲାବେଳେ ଭାଉଜ ତାକୁ ହାତ ତିଆରି ପୋଡ଼ପିଠା ଦିଅନ୍ତି ବଡ଼ ଆଦରରେ । ସ୍ନେହ ଦେବା ପାଇଁ ଚାକଚକ୍ୟପୂର୍ଣ୍ଣ ଆୟୋଜନ ଲୋଡ଼ା ନାହିଁ । ଆଡ଼ମ୍ବର ଲୋଡ଼ା ନାହିଁ । ସାମାନ୍ୟ ସ୍ମିତ ହସ, ଦୁଇପଦ ମିଠା କଥା ପାଖରେ ମଣି କାଞ୍ଚନ ବି ତୁଚ୍ଛ । ସାର୍ଙ୍କ 'ମାଆ' ଡାକ ଓ ଭାଉଜଙ୍କ ମଧୁର ବ୍ୟବହାରରେ ଆନ୍ତରିକତାର ସ୍ପର୍ଶ ପାଇ ସେ ଧନ୍ୟ ମଣୁଥିଲା ନିଜକୁ । କୁହାଯାଏ ଯେ ସବୁ ସଫଳ ପୁରୁଷଙ୍କ ପଛରେ ଥାଏ ନାରୀର ତ୍ୟାଗ । ଏହି ଉକ୍ତି କେତେ ଯଥାର୍ଥ ତାହା ସେ ହୃଦୟଙ୍ଗମ କରିଥିଲା ଶ୍ରୀମତୀ ରେଣୁକା ଆଚାର୍ଯ୍ୟଙ୍କୁ ଦେଖି । ଶ୍ରୀମତୀ ଶ୍ରଦ୍ଧାଞ୍ଜଳି କରଙ୍କୁ ଦେଖି । ଓଡ଼ିଆ ସାହିତ୍ୟର ଗତି, ପ୍ରକୃତି ଆଲୋଚନା କଲାବେଳେ ଏମାନଙ୍କ ନାଁ କେହି ନେବେ ନାହିଁ । ତେବେ ଏମିତି କେତେ ରେଣୁକା, କେତେ ଶ୍ରଦ୍ଧାଞ୍ଜଳିଙ୍କ ନିର୍ବିବାଦ ଅଭିଯୋଗ ଶୂନ୍ୟ ଅବଦାନରେ ସମୃଦ୍ଧ ଓଡ଼ିଆ ସାହିତ୍ୟ ।



# ଅଶୁଭ ପୁତ୍ରର ଆତ୍ମଦହନ

# ଅଶୁଭ ପୁତ୍ରର ପତ୍ର


## ଡକ୍ଟର ମଣୀନ୍ଦ୍ର କୁମାର ମେହେର

ବିଭାଗୀୟ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର-୭୫୬୦୮୯
ଫୋନ: ୯୯୩୭୩୬୫୬୯୮


ପୃଷ୍ଠଚିତ୍ର : ଶିଳ୍ପୀ ସଞ୍ଜୟ ରାଉଳ

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ବିଖ୍ୟାତ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭ ପୁତ୍ରର କାହାଣୀ' ଗଳ୍ପରୁ ସେଇ ଅଶୁଭ ପେଚା ଚରିତ୍ରର ବିଶ୍ଳେଷଣ ।**



▲ ଲେଖକ ମଣୀନ୍ଦ୍ର କୁମାର ମେହେର

ମୁଁ ହେଉଛି ସେହି ଅଶୁଭ ପୁତ୍ର, ଯାହାକୁ ଆପଣମାନେ ଦେଖିସାରିଛନ୍ତି ବିଶିଷ୍ଟ ଗାଳ୍ପିକ **ଅଚ୍ୟୁତାନନ୍ଦ ପତି**ଙ୍କ ଗଳ୍ପ ଭିତରେ । ମୁଁ କିପରି ଭାବରେ ମରିଗଲି ତାହା ଜାଣନ୍ତି ଆପଣମାନେ ? ଏମାନେ ସମସ୍ତେ ଭଲ ପାଇଛନ୍ତି ବୋଲି ଆଉ ମୋର ମୃତ୍ୟୁରେ ଲୁହ ଟୋପାଏ ଆପଣଙ୍କ ଆଖିରୁ ଝରିପଡ଼ିଛି ବୋଲି ପୁନର୍ବାର ଆବିର୍ଭୂତ ହୋଇଛି ଏହି ସୂର୍ଯ୍ୟାଲୋକ ବିଚ୍ଛୁରିତ ପୃଥିବୀରେ । ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭ ପୁତ୍ରର କାହାଣୀ' ପଢ଼ିସାରିବା ପରେ ଆପଣ ଆଉ ମୋତେ ଅଶୁଭର ସଂକେତ ବୋଲି ଭାବୁନଥିବେ ନିଶ୍ଚୟ । ଦିନବେଳା ବାହାରକୁ ଆସିଲେ ଆଉ ଆକ୍ରମଣର ଭୟ ନାହିଁ ବୋଲି ସତକୁ ସତ ମୁଁ ଆସିଛି ଆଉ କହୁଛି ମୋ ଆତ୍ମଚରିତ ।

ମୋତେ ନେଇ ଯାହାକିଛି କହିବାର ଥିଲା ଅଚ୍ୟୁତାନନ୍ଦ ପତିଙ୍କ ତାହାତ ସମାପ୍ତ । ଆଉ ଅଧିକ କଥା କହିବାର ପ୍ରୟୋଜନ କ'ଣ ଅଛି ବୋଲି ଆପଣ ଭାବିବା ସ୍ୱାଭାବିକ । ନିଶ୍ଚୟ ମୋର ହୃଦୟ ବେନାବିଦ୍ଧ ହୋଇଛି ନିର୍ଦ୍ଦିଷ୍ଟ ଏକ ବିଷୟକୁ ନେଇ । ସେଥିପାଇଁ ହିଁ ମୋତେ ଆପଣଙ୍କ ଆଗରେ ଆସି ଆଜି ଛିଡ଼ା ହେବାକୁ ପଡ଼ିଛି ।

ମୁଁ ତ ଛୋଟ ପେଚା ଛୁଆଟିଏ । ଆମ ସମ୍ପ୍ରଦାୟକୁ ଲୋକେ ଅଶୁଭର ସଂକେତ ବୋଲି ଭାବୁଥିବା କଥା କିଏ ନଜାଣେ ? ଯେଉଁମାନେ ସମ୍ବେଦନଶୀଳ ସ୍ରଷ୍ଟା ସେମାନେ ସବୁବେଳେ ଯିଏ ସମାଜରେ ଉପେକ୍ଷିତ ଓ ଅବହେଳିତ ସେମାନଙ୍କୁ କେନ୍ଦ୍ରକରି ହିଁ ସାହିତ୍ୟ ସୃଷ୍ଟି କରିଥାଆନ୍ତି । ସମାଜ ଦ୍ୱାରା ନିର୍ମିତ ନିୟମକୁ ସେମାନେ ମାନିଥାଆନ୍ତି ନାହିଁ । ଯାହା କିଛି ଭ୍ରାନ୍ତ ଧାରଣା ଲୋକଙ୍କ ମନରେ ଭର୍ତ୍ତି ହୋଇ ରହିଥାଏ, ତାକୁ ଦୂରୀଭୂତ କରିବାର ମହାନ ଦାୟିତ୍ୱ ଏହି ସାରସ୍ୱତ ଦେବଦୂତମାନଙ୍କ ଉପରେ ଅର୍ପିତ ହୋଇଛି ସ୍ୱୟଂ ଏ ସୃଷ୍ଟିର ନିୟନ୍ତାଙ୍କ ଦ୍ୱାରା । ଆହା ! ଏଭଳି କେତେଜଣ ମଣିଷ ହୃଦୟରେ ସମବେଦନା ଓ କରୁଣାର ନିର୍ଝର ଝରୁଥାଏ ବୋଲି ମାନବିକତା ବିହୀନ ପୃଥିବୀର ମରୁ-ପ୍ରାନ୍ତର ଆମକୁ ପ୍ରଦାନ କରେ ସେହି ସିକ୍ତ ଶୀତଳ ଛାୟା ଟିକିଏ । ଦୁନିଆର ଗତାନୁଗତ ଧାରା ଓ ଧାରଣାକୁ ବିଦୀର୍ଣ୍ଣ କରିଦେବାର ଅପୂର୍ବ ଶକ୍ତି ରହିଥାଏ ଏହି ଶିଳ୍ପୀମାନଙ୍କ ହାତରେ । ଅଚ୍ୟୁତାନନ୍ଦ ପତି ସେହିପରି ଉଚ୍ଚକୋଟୀର ଗାଳ୍ପିକ, ଯିଏ ମାନବେତର ଜୀବଜନ୍ତୁଙ୍କୁ ନେଇ ଲେଖିପାରିଛନ୍ତି ପ୍ରଭାବଶାଳୀ କାହାଣୀ । ଯେଉଁ ପାଠକ ପାଠିକାମାନେ ଏହି ମହାନ ଗାଳ୍ପିକଙ୍କ ସୃଷ୍ଟି-ପରିଧି ମଧ୍ୟରେ ପ୍ରବେଶ କରିପାରନ୍ତି ସେମାନେ ଜାଣନ୍ତି ଯେ ଏ ଇଲାକାରେ ମଣିଷର ଅଧିକାର ଯେତିକି ପଶୁପକ୍ଷୀଙ୍କ ସ୍ଥାନ ଓ ସମ୍ମାନ ତା'ଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ଅଚ୍ୟୁତାନନ୍ଦ ପତି ଏହି ପଶୁପକ୍ଷୀ ଜୀବଜନ୍ତୁଙ୍କୁ ଯେଭଳି ରୂପାୟିତ କରିଛନ୍ତି ତାଙ୍କ ଗଳ୍ପରେ, ସେଇଥିରୁ ସ୍ୱତଃ ଉପଲବ୍ଧି କରିହୁଏ ତାଙ୍କ ମମତା ଆମ ପ୍ରତି କେତେ ବେଶୀ ।

କାହିଁ ଏ ଗଳ୍ପ ସୃଷ୍ଟି ପୂର୍ବରୁ ତ କେହିହେଲେ ଭାବିପାରି ନଥିଲେ ଯେ ପେଚାଛୁଆଟିଏକୁ ଗଳ୍ପର ନାୟକ ଭାବରେ ଉପସ୍ଥାପନ କରାଯାଇପାରେ । ଧନ୍ୟ ଅଚ୍ୟୁତାନନ୍ଦ ! ଧନ୍ୟ ଆପଣଙ୍କ କଲମ ଓ କରୁଣା ! ଆଉ ଆମେ ବି ବାସ୍ତବିକ କୃତାର୍ଥ ହୋଇଯାଇଛୁ ଆପଣଙ୍କ ସମ୍ବେଦନାମୟ ହୃଦୟର ସ୍ପର୍ଶଲାଭ କରି । ପେଚାମାନେ ଦିନବେଳା ବାହାରକୁ ଆସିବା ମନା । ତଥାପି ମୋତେ ମୋର ସ୍ରଷ୍ଟା ଟାଣି ଆଣିଲେ ସୂର୍ଯ୍ୟସ୍ନାତ ଦିବସ ମଧ୍ୟକୁ ମୋ ଅନ୍ତରର ପ୍ରକୃତ ଇଚ୍ଛା ଜାଣିପାରି । ବାହାରକୁ ଦିନବେଳା ଆସିବାକୁ ମାଆ ମୋର କେତେ ମନା କରିଛି । ଏ ଦୁନିଆକୁ ଦେଖିବାର ଯେଉଁ ଆଗ୍ରହ ଓ ଉଦ୍ଦୀପନା ମୋ ଭିତରେ ଉଦ୍‌ବେଳିତ ହେଉଥିଲା ତାକୁ ଯଥାର୍ଥ ଭାବରେ ହୃଦୟଙ୍ଗମ କରିପାରିଥିଲେ ମୋର ପ୍ରିୟ ସ୍ରଷ୍ଟା । ବାହାରି ପଡ଼ିଲି ସିନା ସୌର ରଶ୍ମି ବିଚ୍ଛୁରିତ ଜଗତକୁ ! କିନ୍ତୁ ମୁଁ କ'ଣ ଜାଣିଥିଲି ଯେ ମୋ ଉପରେ ଏପରି ନିର୍ଦ୍ଦୟ ନିର୍ଘାତ ଆକ୍ରମଣ ହେବ ବୋଲି ! କାଉମାନେ କିପରି ଦଳଦଳ ହୋଇ ମୋତେ ଖୁମ୍ପି ଚାଲିଲେ, ସେ ଦୃଶ୍ୟ ଆପଣ ଦେଖି ପାରିଛନ୍ତି । ଏତେ ମରଣାନ୍ତକ ଆକ୍ରମଣ ସତ୍ତ୍ୱେ ମୁଁ ଆଉ ପଛଘୁଞ୍ଚା ଦେଇନଥିଲି ଜୀବନରେ । ପରିଣତି ଯେତେ ଭୟଙ୍କର ହେଉନା କାହିଁକି, ମୁଁ ପରାଜୟ ସ୍ୱୀକାର କରିବାର ମାନସିକତାରେ ଆଦୌ ନଥିଲି । ଲକ୍ଷ ଲକ୍ଷ ମଣିଷ ପଶୁପକ୍ଷୀ ଏ ଧୋବ ଫରଫର ଦୁନିଆରେ ସ୍ୱାଧୀନ ଭାବରେ ବିଚରଣ କରୁଥିବେ, ଆଉ ଆମକୁ ସେହି ସାମାନ୍ୟ ଅଧିକାରଟି ମିଳି ପାରୁନଥିବ- ଏହାଠାରୁ ଦୁଃଖଦାୟକ କଥା ଆଉ କ'ଣ ଅଛି ?

ମୋ ଚରିତ୍ରକୁ କେନ୍ଦ୍ରକରି ଅଚ୍ୟୁତାନନ୍ଦ ପତି ଗଳ୍ପ ରଚନା କରିବା ପରେ ପ୍ରବୀଣ ସାହିତ୍ୟ ସମାଲୋଚକମାନେ ଖୋଜି ବସିଲେ ଏହି ଗଳ୍ପ ମାଧ୍ୟମରେ ଲେଖକ କେଉଁମାନଙ୍କ କଥା ପ୍ରକୃତରେ କହିଛନ୍ତି । କେତେକ ବିଜ୍ଞ ଆଲୋଚକ ଏକଥା ପ୍ରମାଣ କରି ଦେଖାଇ ଦେଇ ପାରିଲେ ଯେ ଏ ଗଳ୍ପରେ ମାର୍କ୍ସବାଦୀ ଚେତନା ପ୍ରତିଫଳିତ । ମୁଁ ଏବଂ ଆମ ସମ୍ପ୍ରଦାୟ ହେଉଛି ଶୋଷିତ ଶ୍ରେଣୀର ପରିଚାୟକ । ଯେଉଁ ଅସାଧୁ ବ୍ୟବସାୟୀ, କ୍ରୁର ମଣିଷ ଜାତି, ଆଉ କଳାରଂଗର କାଉ ସକଳ ହେଉଛନ୍ତି ଶୋଷକ ଗୋଷ୍ଠୀର ପ୍ରତିନିଧି । ଏପରି ଭାବରେ ଗଳ୍ପର ବ୍ୟାଖ୍ୟା କରାଯିବା ଦ୍ୱାରା ତାହା ମୋ ମନକୁ ବେଶ୍ ଛୁଇଁଥିଲା । ପଶୁପକ୍ଷୀମାନେ ତ ଆଉ ସାହିତ୍ୟ ପଢ଼ନ୍ତିନି । ସେମାନଙ୍କୁ ନେଇ ଯେଉଁ ଗଳ୍ପସବୁ ଲେଖାଯାଏ



ତାହା ମଣିଷମାନଙ୍କ ପ୍ରତି ହିଁ ଉର୍ଦ୍ଦିଷ୍ଟ । ପଶୁପକ୍ଷୀମାନେ ବ୍ୟବହୃତ ହୋଇ ଥାଆନ୍ତି ଏକ ଏକ ପ୍ରତୀକ ଭାବରେ । ସେ ଦୃଷ୍ଟିରୁ ଦେଖିବାକୁ ଗଲେ ମୋ ପରି ଆଲୋକ-ସନ୍ଧାନୀ ଅକିଞ୍ଚନ ପେଚାଛୁଆଟି ହେଉଛି ଦଳିତ ଓ ନିସ୍ପେଷିତ ମଣିଷର ଏକ ପ୍ରତୀକ ମାତ୍ର । ଆମକୁ ପ୍ରତୀକ ଭାବରେ ବ୍ୟବହାର କଲେ କୁଆଡ଼େ ଗଳ୍ପ ସୃଷ୍ଟି ହୋଇଥାଏ କଳାତ୍ମକ । ଲେଖକ ସିଧାସଳଖ ନିଜସ୍ୱ ବକ୍ତବ୍ୟକୁ ଉପସ୍ଥାପନ ନକରି ଏପରି ସଂକେତାତ୍ମକ ଶୈଳୀରେ ଗଳ୍ପ ରଚନା କଲେ ତାହା ଉଚ୍ଚକୋଟୀର ସାହତ୍ୟ ବୋଲି ଗଣନା କରାଯାଏ । ସେ ଦୃଷ୍ଟିରୁ 'ଅଶୁଭ ପୁତ୍ରର କାହାଣୀ' ହେଉଛି ଓଡ଼ିଆ ସାହିତ୍ୟର ଏକ ଶ୍ରେଷ୍ଠ ଗଳ୍ପ-ସୃଜନ । ଯେଉଁ ମଣିଷମାନେ ଏ ସମାଜରେ ଅତ୍ୟାଚାରିତ ଓ ନିର୍ଯ୍ୟାତିତ ହେଉଛନ୍ତି, ସେମାନେ ଯେ ଆମ ପରି ଘୃଣ୍ୟ, ଏ କଥା ଅନୁଭବ କଲେ ମୋର ଟିକି ହୃଦୟଟି ଆତଙ୍କରେ ଥରିଉଠେ । ଆହା ସେହି ବିଚରା ହତଭାଗା ମଣିଷମାନଙ୍କର ଅଧିକାରକୁ ଲୁଣ୍ଠନ କରିବା କି ମହାପାପ !

ମୂଳରୁ ମୁଁ ଗୋଟିଏ କଥା ଆପଣଙ୍କୁ କହିବା ପାଇଁ ବାହାରିଛି ବୋଲି ସୂଚନା ଦେଇଥିଲି । ତାହା ଆପଣ ଭୁଲି ଗଲେଣି ନା ମନେ ରଖିଛନ୍ତି କେଜାଣି ! ମୋର ଅନ୍ତର୍ଗତ ଦୁଃଖର କାରଣ ହେଉଛି ଆମ ଭଳି ନିରୀହ ପଶୁପକ୍ଷୀମାନେ କ'ଣ କେବଳ ଗଳ୍ପରେ ପ୍ରତୀକ ଭାବରେ ବ୍ୟବହୃତ ହେବା ପାଇଁ ଜନ୍ମ ନେଇଛୁ ! ତା'ହେଲେ ଲେଖକ ସତରେ କ'ଣ ଆମର ଦୁଃଖାକ୍ରାନ୍ତ ଜୀବନକୁ ଲେଖି ନାହାନ୍ତି ? ଏକଥା ଭାବିଲାକ୍ଷଣି ମୋ ମନଟି କିପରି ଉଦାସ ଓ ହତାଶ ହୋଇପଡ଼େ, ତାହା କିପରି ଅବା ବୁଝାଇ ପାରିବି ? ଲେଖକ ଅଚ୍ୟୁତାନନ୍ଦ ପତିଙ୍କ ସ୍ୱତନ୍ତ୍ର ଦରଦ ତା'ହେଲେ ଆମ ପ୍ରତି ନଥିଲା ? ମୁଁ କେବଳ ଅସହାୟ ମଣିଷମାନଙ୍କ ପ୍ରତୀକଟିଏ ମାତ୍ର । ମୁଁ ଯାହା ଜାଣେ ଗାଳ୍ପିକ କେବଳ ପେଚାଛୁଆକୁ ନେଇ ନୁହେଁ, ଅନ୍ୟ ଜୀବଜନ୍ତୁଙ୍କୁ ନେଇ ମଧ୍ୟ ଗଳ୍ପ ରଚନା କରିଛନ୍ତି । ସେଥିରେ ସେମାନେ କାହାରି ପ୍ରତୀକ ଭାବରେ ନୁହେଁ, ନିଜସ୍ୱ ମହିମାରେ ସମୁଜ୍ଜ୍ୱଳ । ତାଙ୍କୁ ମାଧ୍ୟମ କରି ଲେଖକ ଅନ୍ୟକଥା କହିନାହାନ୍ତି । ସିଧାସଳଖ ତାଙ୍କର ବେଦନା ଆଉ ସମ୍ବେଦନା ପ୍ରକଟ ହୋଇଛି ଆମ ପରି ମାନବେତର ଜୀବଜନ୍ତୁଙ୍କ ପ୍ରତି । ଯଦି ଅଚ୍ୟୁତାନନ୍ଦ ପତି ପ୍ରତ୍ୟକ୍ଷ ଭାବରେ ନିଜସ୍ୱ ଦରଦୀ ପ୍ରାଣର ପରିଚୟ ଦେଇପାରନ୍ତି ଅନ୍ୟ ଗଳ୍ପ ଗୁଡ଼ିକରେ, ତା'ହେଲେ ଏହି 'ଅଶୁଭ ପୁତ୍ରର କାହାଣୀ'ରେ ସିଧାସଳଖ ମୋ ପରି ପେଚାଛୁଆଟିର ଅନ୍ତର୍ଦାହ ଆଉ ଦୃଢ଼ ପ୍ରତିଜ୍ଞାକୁ ସେ ଲେଖିନଥିବେ କାହିଁକି ? ପାଠକମାନେ ଏହାକୁ ଏକ ପ୍ରତୀକାତ୍ମକ ଗଳ୍ପ ବୋଲି ଭାବିନେବା ଯୋଗୁଁ ଲେଖକଙ୍କ ମହତ ଉଦ୍ଦେଶ୍ୟ ବ୍ୟାହତ ଓ ଆହତ ହୋଇନାହିଁ କି ? ତା'ର ପ୍ରମାଣ ହେଉଛି ଏ ଗଳ୍ପ ପଠନ ପରେ ବି ପେଚା ପକ୍ଷୀଟିକୁ ଅଶୁଭର ସଂକେତ ବୋଲି ଆଜି ବି ଆପଣ ଭାବୁଛନ୍ତି । ଯେଉଁଠି ପେଚାଛୁଆ ବା ପେଚା ମାଆଟିକୁ ଦେଖିଲେ ଆପଣ ଅଶୁଭର ଆଶଙ୍କାରେ ଆଲୋଡ଼ିତ ହୋଇ ଯାଉଛନ୍ତି । ମୁଁ ପରା ମହାଲକ୍ଷ୍ମୀଙ୍କ ବାହନ । ତାଙ୍କରି ଫଟୋରେ ଆପଣ ଅତି ସହଜରେ ଆବିଷ୍କାର କରିପାରିବେ ମୋ ଜାତିକୁ । ସକଳ ଶୁଭଙ୍କର ଶକ୍ତିର ଦେବୀ ମା' ଲକ୍ଷ୍ମୀଙ୍କର ଯିଏ ଏତେ ଆଦରଣୀୟ ସେ ପୁଣି ଆପଣଙ୍କ ପାଇଁ ହୋଇପାରେ ଅଶୁଭ ? ବଡ଼ ଅଦ୍ଭୁତ ନ୍ୟାୟ ! କିଏ ସେ କେବେ ଆମକୁ ଅଶୁଭର ସଂକେତ ବୋଲି ଭାବିଲା ଓ ମଣିଷ ସମାଜ ଅବିଚାରିତ ଭାବରେ ତାକୁ ଗ୍ରହଣ କଲା- ଏହା ବିସ୍ମିତ ଓ ବିମୂଢ଼ କରିଦେବା ପରି ବିଷୟ ନୁହେଁ କି ? ମୋର ଅନୁଭବ ହେଉଛି ଅଚ୍ୟୁତାନନ୍ଦ ପତି ଯେମିତି ଭାବେ ମୋର କଅଁଳ ପକ୍ଷକୁ ଆଉଁସି ଦେଇଛନ୍ତି, ସେ ମୋ କଥା ହିଁ ଲେଖିଛନ୍ତି ବୋଲି କିପରି ନ ଭାବିବି ! ତାଙ୍କ ହୃଦୟ ଅତ୍ୟନ୍ତ ବିଶାଳ । ସେ ଆମ ପ୍ରତି ଅତ୍ୟନ୍ତ ସ୍ନେହଶୀଳ । ତେଣୁ ସିଧାସଳଖ ଆମରି କଥା ହିଁ ଏଥିରେ ବର୍ଣ୍ଣିତ ହୋଇଛି ବୋଲି ଯଦି ପାଠକମାନେ ଭାବିବେ ସେଥିରେ ଅସ୍ୱାଭାବିକତା କ'ଣ ବା ରହିବ ? ଶୋଷକ ଓ ଶୋଷିତ ମଣିଷମାନଙ୍କ କଥା ଏଥିରେ ପ୍ରତିକୀତ ବୋଲି ଯେଉଁମାନେ ଭାବନ୍ତି, ସେମାନଙ୍କ ଦରଦୀ ପଣକୁ ମୋର ପ୍ରଣାମ । ଆଉ ଏହି ପ୍ରତୀକର ପ୍ରୟୋଗରେ କଥାକାର କିପରି ନିପୁଣ ତାହା ନଦେଖି ଯେଉଁ ପାଠକମାନେ ମୋ ପ୍ରତି ହେଉଥିବା ଆକ୍ରମଣରେ ଶିହରି ଉଠିଛନ୍ତି ମୋର ଅକାଳ ନିଧନରେ ମୋ ମାଆ ସହିତ ସ୍ୱର ମିଳାଇ କ୍ରନ୍ଦନ କରିଛନ୍ତି, ସେମାନଙ୍କୁ କି ଭାଷାରେ ଜଣାଇବି ମୋର ପ୍ରଣତି, ତାହା ମୋ ପାଇଁ ଚିନ୍ତାତୀତ । ଜ୍ଞାନ-ସମୃଦ୍ଧ ସମାଲୋଚକ ଆଉ ପାଠକମାନେ ଏଥିରେ ପ୍ରତୀକର ପ୍ରୟୋଗ ଖୋଜୁଥାନ୍ତୁ । ମନା ନାହିଁ । ମାତ୍ର ଯେଉଁ ସାଧାରଣ ପାଠକବର୍ଗ ଏ ସବୁ ପ୍ରତୀକ ଫ୍ରତୀକ ବୁଝନ୍ତି ନାହିଁ, ସରଳ ଭାବରେ ଯାହା ବର୍ଣ୍ଣନା କରାଯାଇଛି ତାହା ହିଁ ନିରାଟ ସତକଥା ବୋଲି ମନେ କରନ୍ତି, ସେମାନଙ୍କ ସମ୍ବେଦନଶୀଳ ହୃଦୟର ତୁଳନା କାହିଁ ?

ମୁଁ ପେଚା ଛୁଆଟିଏ ବୋଲି ମୋର ଚେତନା ଭାବନା ଶକ୍ତି ନାହିଁ, ମୁଁ ମଣିଷମାନଙ୍କ ଭାଷାରେ କଥା କହିପାରେ ନାହିଁ ବୋଲି ଆପଣ ମୋତେ ନ୍ୟୁନ ନଭାବନ୍ତୁ ଦୟାକରି । ସତକୁ ସତ ମୁଁ ଆଲୋକପଥର ଯାତ୍ରୀ । ମୁଁ ଶୁଭ୍ରାଲୋକର ମହାସନ୍ଧାନୀ । ମୁଁ ଦେଖିବାକୁ ଚାହେଁ ସ୍ୱଚ୍ଛ ଦିବାଲୋକରେ ଏ ପୃଥିବୀର ସକଳ ଦୃଶ୍ୟ ଓ ଅବିରାମ ଜୀବନଯାତ୍ରା ଅନ୍ଧକାର ଭିତରେ ଚିରକାଳ ଆବୃତ୍ତ ହୋଇ ରହିବା ଲାଗି ମୁଁ ଜନ୍ମ ନେଇନଥିଲି କିମ୍ବା ମୋର ଭାଇ ଭଉଣୀମାନେ ଜନ୍ମନେବେ ନାହିଁ, ସେପରି ସୀମାବଦ୍ଧ ହୋଇ ରହିବା ଲାଗି । ଆମେ ସୂର୍ଯ୍ୟ ରଶ୍ମି ବିଚ୍ଛୁରିତ ଆଲୋକରେ ଖେଳିବାକୁ ଚାହୁଁ ସହସ୍ର ସହସ୍ର ମଣିଷଙ୍କ ମଧ୍ୟରେ । କିଏ ପ୍ରକୃତରେ ସତକୁ ସତ ଖାଣ୍ଟି ମଣିଷଟିଏ । ସତକୁ ସତ ଅଚ୍ୟୁତାନନ୍ଦ ପତିଙ୍କ ପରି ଦରଦୀ ଆତ୍ମାଟିଏ । ଆହା ! ଏ ଦରଦ ଆପଣମାନଙ୍କ ମଧ୍ୟରେ ସମ୍ପ୍ରସାରିତ ହୋଇଯାଉ, ଆମକୁ ଅଶୁଭର ସଂକେତ ବୋଲି ନୁହେଁ, ବରଂ ସକଳ ଶୁଭାକାଂକ୍ଷାର ନିରୀହ ସରଳ ପକ୍ଷୀଟିଏ ବୋଲି ଆପଣମାନେ ଟିକିଏ ସ୍ନେହସିକ୍ତ ଚକ୍ଷୁରେ ଆମକୁ ଦେଖନ୍ତୁ, ଟିକିଏ ଆଦର କରନ୍ତୁ- ଦେଖିବେ ଏତିକିରେ ଏ ପୃଥିବୀର ଚିତ୍ର କେତେ ବଦଳି ଯାଇପାରେ ।



# ରାତିର ରଜନୀଗନ୍ଧା

# ରଜନୀ ଗନ୍ଧା


## ଶ୍ୱେତା ରାଉତ

ରାଉତ କମ୍ପ୍ଲେକ୍ସ, କଟକ ରୋଡ଼
ଭୁବନେଶ୍ୱର-୭୫୧୦୦୬,
ଫୋନ: ୯୪୩୯୭୨୭୦୬୦


ଫଟୋ ସୌଜନ୍ୟ : ଗୁଗୁଲ୍

ସୌନ୍ଦର୍ଯ୍ୟର ଜୀବନରେ ଏକ ସ୍ୱତନ୍ତ୍ର ମହତ୍ୱ ରହିଛି । ପ୍ରତ୍ୟେକ ଜିନିଷର ସୁନ୍ଦରତା ମଣିଷର ମନ-ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ପ୍ରଭୁ ଶ୍ରୀକୃଷ୍ଣ ମଧ୍ୟ ସୌନ୍ଦର୍ଯ୍ୟର ମହତ୍ୱ ଦର୍ଶାଇ କହିଛନ୍ତି: "ସୌନ୍ଦର୍ଯ୍ୟ ଓ ଆକର୍ଷଣ ହିଁ ପ୍ରେମର ଆଧାର ।" ଯେତେବେଳେ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କରିଥିଲେ ସୌନ୍ଦର୍ଯ୍ୟକୁ ହିଁ ତା'ର ଆଧାର ବନାଇଥିଲେ । ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ତାରା, ପୃଥିବୀରେ ଅଗଣିତ ସବୁଜିମା ଭରା ବୃକ୍ଷଲତା, ଗଛ, ଫଳ, ଫୁଲ, ନଦୀ, ପର୍ବତ ଓ ପ୍ରକୃତିର ଅନନ୍ୟ ଅନୁପମ ସୌନ୍ଦର୍ଯ୍ୟ ଯାହା ଈଶ୍ୱର, ନର, ଅସୁର ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦିଏ । ଆପଣାଛାଏଁ ଏ ସୁନ୍ଦର ସୃଷ୍ଟି ପାଇଁ ମନରୁ ଈଶ୍ୱରଙ୍କ ପ୍ରତି ପ୍ରଶଂସା ବାହାରିଯାଏ । ଏ ସୁନ୍ଦର ସୃଷ୍ଟିର ସର୍ବୋତ୍ତମ ଆନନ୍ଦଦାୟକ, ମନମୋହକ ସର୍ଜନା ହେଉଛି ଫୁଲ । ଫୁଲ ବିନା ସଂସାର ଅଧୁରା । ସୌନ୍ଦର୍ଯ୍ୟ ସହିତ ଫୁଲ ଶାନ୍ତି ଓ ପବିତ୍ରତାର ମଧ୍ୟ ପ୍ରତୀକ ହୋଇଥାଏ । ନାନା ରଙ୍ଗର ଫୁଲରେ ସାରାଦୁନିଆଁର ରଙ୍ଗ ରୂପ ମାଧୂର୍ଯ୍ୟ ଆହୁରି ବଢିଯାଇଥାଏ । ପ୍ରତ୍ୟେକଙ୍କ ମନ ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥାଏ ଫୁଲ । ଜନ୍ମରୁ ମୃତ୍ୟୁ ପ୍ରକ୍ରିୟାରେ ଫୁଲ ସର୍ବତ୍ର ବ୍ୟବହାର୍ଯ୍ୟ ଓ ଶ୍ରଦ୍ଧାସୂଚକ ହୋଇଥାଏ । ସେମିତି ଏକ ଆତ୍ମାକୁ ଆକର୍ଷିତ କରୁଥିବା ଫୁଲ ହେଉଛି ଶୁଭ୍ରଦଣ୍ଡା 'ରଜନୀଗନ୍ଧା', ଯାହା ଆମ ଭାରତର ଉତ୍ପତ୍ତି ହୋଇନଥିଲେ ମଧ୍ୟ ସମଗ୍ର ଭାରତ ବର୍ଷରେ ସମସ୍ତଙ୍କ ବାଡ଼ି ବଗିଚାରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥାଏ । ତା'ର ମୃଦୁ ସୁଗନ୍ଧ ଅନ୍ଧାରରେ ବି ତା'ର ଉପସ୍ଥିତିକୁ ପରିଚିତ କରାଏ । ମନରେ ପ୍ରେମଭାବ ଉତ୍ପନ୍ନ କରାଇ ସମ୍ପର୍କକୁ ନିବିଡ଼ରୁ ନିବିଡତର କରାଏ ରଜନୀଗନ୍ଧା । ବୋଧହୁଏ ସେଥିପାଇଁ କେବେ ସେ ଗଭାରେ ସୁସଜ୍ଜିତ ହୋଇଥାଏ ତ କେବେ ଦାମ୍ପତ୍ୟର ପ୍ରଥମ ସ୍ପର୍ଶକୁ ଆହୁରି ନିବିଡ଼ କରିବା ପାଇଁ ଶେଜକୁ ସଜାଇଥାଏ । ତାର ଶୁଭ୍ର, ସ୍ୱଚ୍ଛ, ସୁନ୍ଦର ରୂପ ପାଇଁ ଏକ ଆକର୍ଷକ ଫୁଲ ଭାବେ ସମସ୍ତଙ୍କ ପ୍ରିୟ ହୋଇଥାଏ ରଜନୀଗନ୍ଧା । ତେବେ ଆସନ୍ତୁ ଜାଣିବା ଏହି ରଜନୀଗନ୍ଧା ସମ୍ବନ୍ଧରେ କିଛି ତଥ୍ୟ ଓ ରୋଚକ କଥା ।

### ରଜନୀଗନ୍ଧାର ପରିଚୟ

ରଜନୀଗନ୍ଧାର ବନସ୍ପତିକ ନାମ ହେଉଛି 'ପୋଲିଏନ୍ଥସ୍ ଟ୍ୟୁବରୋଜ୍' । ଏହାକୁ ଇଂରାଜୀରେ 'ଟ୍ୟୁବରୋଜ୍ ବା ଆଗେଭ୍ ଆମିକା' କୁହାଯାଏ । ଏହି ଉଦ୍ଭିଦ ଆସ୍ପାରାଗାସିଆ ଶ୍ରେଣୀର ବଂଶଜ ଓ ଏକ ଉଷ୍ଣକଟିବନ୍ଧୀୟ ଅଳଙ୍କାର ଉଦ୍ଭିଦ ଭାବେ ପରିଚିତ । ଏହାର ଚାଷ ଦୀର୍ଘଦିନ ଧରି ସ୍ଥାୟୀ ରଖା ଯାଇପାରେ । ଏହାର ଡାଳ ୬୦-୭୦ ବା ୮୦-୯୦ ସେ.ମି. (ଡବଲ୍ ଷ୍ଟିକ୍) ହୋଇଥାଏ । ଏହାର ପତ୍ରଗୁଡ଼ିକ ୩୦-୪୫ ସେ.ମି. ଲମ୍ବ ଓ ୧.୩ ସେ.ମି. ଚଉଡ଼ା ବିଶିଷ୍ଟ ହୋଇଥାଏ । ଏହାର ଫୁଲ ଦେଖିବାକୁ ଛୋଟ କାହାଳୀ ଭଳି, ସ୍ୱଚ୍ଛ ଧଳା ରଙ୍ଗର ଓ ଅତ୍ୟନ୍ତ ସୁଗନ୍ଧଯୁକ୍ତ ରାତ୍ରୀରେ ବା ରଜନୀରେ ଅଧିକ ସୁଗନ୍ଧଯୁକ୍ତ ହୋଇଥିବାରୁ ଏଥିରୁ ଅତର ପ୍ରସ୍ତୁତ କରାଯାଇଥାଏ । ରଜନୀଗନ୍ଧା ରାତ୍ରିରେ ବା ରଜନୀରେ ଅଧିକ ସୁଗନ୍ଧ ବିତରୁଥିବାରୁ ଏହାକୁ 'ରଜନୀଗନ୍ଧା' କୁହାଯାଏ । ଦେଖିବାକୁ ଖୁବ୍ ଆକର୍ଷକ ଏହି ଫୁଲ ୩୦-୪୫ ସେ.ମି. ଡାଳରେ ଖୁନ୍ଦି ହୋଇ ଫୁଟିଥାଏ । ପ୍ରତି ଫୁଲ ୨୫ ମିଲିମି ଲମ୍ୱା ଓ ଦୀର୍ଘ ସମୟ ଧରି ସତେଜ ରହିଥାଏ । ଯଦିଓ ମେକ୍ସିକୋ ରଜନୀଗନ୍ଧାର ମୂଳ ଉତ୍ପତ୍ତିସ୍ଥଳ, ତଥାପି ଏହା ସବୁ ଜଳବାୟୁରେ ଏବଂ ସମଗ୍ର ଭାରତବର୍ଷରେ ଦେଖିବାକୁ ମିଳେ । ପଶ୍ଚିମବଙ୍ଗଳା, କର୍ଣ୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ଇତ୍ୟାଦି ସ୍ଥାନମାନଙ୍କରେ ପାଖାପାଖି ୨୦,୦୦୦ ହେକ୍ଟର ଜମିରେ ଏହି ରଜନୀଗନ୍ଧା ଫୁଲର ଚାଷ କରାଯାଇଥାଏ । ଫ୍ରାନ୍ସ, ଇଟାଲୀ ଦକ୍ଷିଣ ଆଫ୍ରିକା, ଆମେରିକା ଇତ୍ୟାଦି ଦେଶମାନଙ୍କରେ ମଧ୍ୟ ବହୁମାତ୍ରାରେ ଏହାର ଚାଷ କରାଯାଇଥାଏ । ରଜନୀଗନ୍ଧାର ମହକରେ କାମୋଦ୍ଦୀପକ ଗୁଣ ରହିଥିବାରୁ ଏହାକୁ ମନମୋହିନୀ ବା ନିଶିଗନ୍ଧା ମଧ୍ୟ କୁହାଯାଏ ।

### ବିଭିନ୍ନ ସ୍ଥାନରେ ରଜନୀଗନ୍ଧାର ନାମ

ରଜନୀଗନ୍ଧାର ବନସ୍ପତିକ ନାମ 'ପୋଲିଏନ୍ଥସ ଟ୍ୟୁବରୋଜ୍' ହୋଇଥିଲେ ମଧ୍ୟ ଏହାକୁ ବିଭିନ୍ନ ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ନାମରେ ଜାଣିଥାନ୍ତି । ଯଥା- ଇଂରାଜୀରେ 'ମାକ୍ସିକନ୍ ଟ୍ୟୁବରୋଜ', 'ଟ୍ୟୁବରୋଜ', ହିନ୍ଦୀରେ 'ରଜନୀଗନ୍ଧା', 'ନିଶିଗନ୍ଧା', 'ରୋଜମେରୀ', ମଣିପୁରୀରେ 'କୁଣ୍ଡଦେଇ', ତେଲଗୁରେ 'ନେଲାସାମ୍ପେଙ୍ଗୀ', ତାମିଲ୍‌ରେ 'ନେଲା ସାମ୍ପାଙ୍ଗୀ', ମରାଠୀରେ 'ଗୁଲଝଡୀ', କାନାଡ଼ାରେ 'ସୁଗନ୍ଧରାଜ', ଉର୍ଦ୍ଦୁରେ 'ଗୁଲସାବୋ', ଓଡ଼ିଆରେ 'ରାଜକାରିଣୀ', ସଂସ୍କୃତରେ 'ରଜନୀଗନ୍ଧା', 'ନିଶିଗନ୍ଧା', 'ଅନଜାନୀ', 'ସୁଗନ୍ଧରାଜ' ଇତ୍ୟାଦି ନାମରେ ଜାଣିଥାନ୍ତି ।

### ପ୍ରଜାତି ଓ ପ୍ରକାର

ରଜନୀଗନ୍ଧାର ୧୨ଟି ମୁଖ୍ୟ ପ୍ରଜାତି ସମଗ୍ର ବିଶ୍ୱରେ ଦେଖିବାକୁ ମିଳେ । ବିଶେଷକରି ଏହି ବାରିଟି ପ୍ରଜାତି ମେକ୍ସିକୋ ଏବଂ ଆମେରିକାରେ ଅଧିକ ଦେଖାଯାଏ । ଏହା ମଧ୍ୟରୁ ଦୁଇଟି ପ୍ରଜାତି ମେକ୍ସିକୋ ଏବଂ ଆମେରିକାରେ ଅଧିକ ଦେଖାଯାଏ । ଏହା ମଧ୍ୟରୁ ଦୁଇଟି ପ୍ରଜାତିରେ ଲାଲ ରଙ୍ଗର



▲ ଲେଖିକା ଶ୍ୱେତା ରାଉତ

ଫୁଲ, ଗୋଟିଏ ପ୍ରଜାତି ଧଳା ଏବଂ ଲାଲ୍ ଅନ୍ୟ ନଅଟି ପ୍ରଜାତି କେବଳ ଧଳା ରଙ୍ଗର ଦେଖିବାକୁ ମିଳେ । ସିଙ୍ଗଲ (ଏକ ପତ୍ରିଆ) ପ୍ରଜାତିର ରଜନୀଗନ୍ଧା ଗୋଟିଏ ଡାଳରେ ଧାଡ଼ି ହୋଇ ରହିଥାଏ ଏବଂ ଡବଲ୍ (ଦ୍ୱିପତ୍ରୀ) ପ୍ରଜାତିର ରଜନୀଗନ୍ଧା ୩-୪ ଧାଡ଼ିରେ ଫୁଟିଥାଏ । ସିଙ୍ଗଲ୍ ପ୍ରଜାତିର ଫୁଲ ଡବଲ୍ ପ୍ରଜାତି ଅପେକ୍ଷା ଅଧିକ ସୁଗନ୍ଧଯୁକ୍ତ ହୋଇଥାଏ । ଏହାର ଆଉ ଦୁଇଟ ପ୍ରଜାତି ରହିଛି 'ସେମିଡବଲ୍' ଓ 'ଭେରିଏଗେଟେଡ୍' । ସିଙ୍ଗଲ୍ ପ୍ରଜାତିର କେତେ ଗୁଡାଏ ପ୍ରକାର ଖୁବ୍ ଆକର୍ଷକ ଓ ସୁଗନ୍ଧଯୁକ୍ତ ରଜନୀଗନ୍ଧା ରହିଛି ଯେମିତିକି- ଅର୍କା, ଶୃଙ୍ଗାର, ପ୍ରଜ୍ୱଳ, ସିଙ୍ଗଲ ମାକ୍ସିକନ୍ ।

## ଅର୍କା

ନିରନ୍ତର ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ (IIHR) ବାଙ୍ଗାଲୋର ଦ୍ୱାରା 'ଅର୍କା' ପ୍ରଜାତିର ରଜନୀଗନ୍ଧାକୁ ଦୀର୍ଘ ସମୟ ଧରି ସତେଜ ଓ ଆକର୍ଷକ ରହୁଥିବା ଫୁଲ ଭାବେ ଗଣନା କରାଯାଇଛି ।

## ଶୃଙ୍ଗାର

ଏହି ରଜନୀଗନ୍ଧା ସିଙ୍ଗଲ ପ୍ରଜାତିର ଏକ ହାଇବ୍ରିଡ୍ ଫୁଲ ଯାହା ସୁଗନ୍ଧଯୁକ୍ତ ଓ ମଜବୁତ୍ ହୋଇଥାଏ ବୋଲି ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥା ବିବେଚନା କରିଛି । ଏଥିରେ ଅଧିକ ସଂଖ୍ୟାରେ ଫୁଲ ଫୁଟିଥାଏ, ବଡ଼ ଓ ଆକର୍ଷକ ହୋଇଥାଏ । ଏହି ଫୁଲ ମାଳା କରିବା ପାଇଁ ସାଜସଜ୍ଜା କରିବା ପାଇଁ ଅଧିକ ବ୍ୟବହାର ହୋଇଥାଏ । ଶୃଙ୍ଗାର ରଜନୀଗନ୍ଧାର ଉତ୍ପାଦନ ବର୍ଷକୁ ହେକ୍ଟର ପିଛା ୧୫୦୦୦କି.ଗ୍ରା ହୋଇଥାଏ । ଅନ୍ୟ



ରଜନୀଗନ୍ଧା ତୁଳନାରେ ୪୦% ଅଧିକ ଲାଭବାନ୍ ହୋଇଥାଏ । ଏହି ହାଇବ୍ରିଡ୍ କିସମ ଗଛ ମୂଳରେ ଉତ୍ପନ୍ନ ଜିଆ ଓ ଅନ୍ୟ ପୋକମାନଙ୍କୁ ସହନ କରିଥାଏ, ଗଛର ବିଶେଷ କ୍ଷତି ହୋଇନଥାଏ ।



## ପ୍ରଜ୍ୱଳ

ଏହି ହାଇବ୍ରିଡ୍ ପ୍ରଜାତି 'ପ୍ରଜ୍ୱଳ' ରଜନୀଗନ୍ଧା ପ୍ରାୟତଃ ଶୃଙ୍ଗାର ଓ ମାକ୍ସିକନ୍ ସିଙ୍ଗଲର ଏକ ମିଶ୍ରଣ ପରି ହୋଇଥାଏ । ଭାରତୀୟ ବଗିଚା ଅନୁସନ୍ଧାନ ସଂସ୍ଥାନ ଦ୍ୱାରା ଅନୁମୋଦିତ ଏହି ଫୁଲ ସିଙ୍ଗଲ୍ ପ୍ରଜାତିର ଏକ ମଜବୁତ୍ ଷ୍ଟେମ୍‌ରେ ଫୁଟୁଥିବା ସୁଗନ୍ଧଯୁକ୍ତ ଫୁଲ । ଏହାର ନାଡିଗୁଡ଼ିକ ଈଷତ୍ ଗୋଲାପୀ ରଙ୍ଗ ଓ ଫୁଲ ଧଳା ହୋଇଥାଏ । ସିଙ୍ଗଲ ପ୍ରଜାତିର ଅନ୍ୟ ଫୁଲମାନଙ୍କ ଅପେକ୍ଷା ଏହା ବଡ଼ ହୋଇଥାଏ । ଶୃଙ୍ଗାର ପ୍ରଜାତି ଅପେକ୍ଷା ଏହା ୨୦% ଅଧିକ ଝରାଫୁଲ ଫୁଟେଇଥାଏ । ଏହି ରଜନୀଗନ୍ଧାକୁ ଫୁଲତୋଡା ଓ ସାଜସଜ୍ଜା ଉଭୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ ।

## ସିଙ୍ଗଲ ମାକ୍ସିକନ୍

ଏହି ପ୍ରଜାତିର ରଜନୀଗନ୍ଧା ଗୋଟିକିଆ ଫୁଟିଥାଏ ଓ ଅଧିକ ଫୁଲ ଫୁଟାଇଥାଏ । ଏହା ସିଜିନାଲ୍ ନୁହେଁ, ଅନ୍ୟ ଦୁର୍ବଳ ଋତୁରେ ମଧ୍ୟ ବେଶ୍ ଫୁଟିଥାଏ ବୋଲି କୁହାଯାଏ ।

## ସେମି ଡବଲ୍

ସେମି ଡବଲ ପ୍ରଜାତିର ରଜନୀଗନ୍ଧା ଗୋଟିଏ ଡାଳରେ ଦୁଇ ତିନିଟି ଶ୍ରେଣୀରେ ପେନ୍ଥା ଭଳି ଫୁଟିଥାଏ । ଏହା ମନମୋହକ ଓ ସୁଗନ୍ଧଯୁକ୍ତ ହୋଇଥାଏ । ଏହାର ବିଭିନ୍ନ ଶଙ୍କର ପ୍ରଜାତିର ଫୁଲ ଖୁବ୍ ଆକର୍ଷକ । ଯଥା- ଡବଲ, ପର୍ଲଡବଲ୍, ସୁବାସିନୀ, ବୈଭବ ଇତ୍ୟାଦି ।

## ଡବଲ୍

ଏହି ରଜନୀଗନ୍ଧା ଏକ ମୁଖ୍ୟ ଖଣ୍ଡରେ ତିନୋଟି ପଂକ୍ତିରେ ଫୁଟିଥାଏ । ଏହା ସିଙ୍ଗଲ ପ୍ରଜାତିର ଏକ ପ୍ରକାର ଫୁଲ ଓ ସିଧା ଡାଳରେ ରହିଥାଏ । ଏହା ଧଳା ବ୍ୟତିରେକ ଗୋଲାପୀ ଓ ଲାଲ୍ ରଙ୍ଗର ମଧ୍ୟ ହୋଇଥାଏ । ପର୍ଲ ଫର୍ ଡବଲ୍, କଲ୍ୟାଣ ଡବଲ, ସ୍ୱର୍ଣ୍ଣରେଖା, ରଜତରେଖା, ହାଇଦ୍ରାବାଦ ଡବଲ, କଲକତା ଡବଲ, ବୈଭବ ଓ ସୁବାସିନୀ ଏହାର ମୁଖ୍ୟ କେତୋଟି ପ୍ରକାର ଅଟେ ।

## ପର୍ଲ ଡବଲ

ଡବଲ ଶ୍ରେଣୀୟ ଫୁଲର ଲାଲ ରଙ୍ଗ ରଜନୀଗନ୍ଧାକୁ 'ପର୍ଲ ଡବଲ୍' କୁହାଯାଏ । ଏହା ଏକ ଉଚ୍ଚମାନର ରଜନୀଗନ୍ଧା । ବିଶେଷତଃ ଏହି ଫୁଲକୁ ଫୁଲଦାନୀ ବା ଫୁଲଝାଡ (ଫୁଲତୋଡା)ରେ ବ୍ୟବହାର କରାଯାଇଥାଏ । ଏହାର ଝରାଫୁଲକୁ ତେଲ ଓ ଇତର ପାଇଁ ବ୍ୟବହାର କରାଯାଏ । ଏହି ରଜନୀଗନ୍ଧା ଭଲଭାବେ ଖୋଲିନଥାଏ ଏବଂ ସିଙ୍ଗଲ ରଜନୀଗନ୍ଧା ଭଳି ବ୍ୟବସାୟ କ୍ଷେତ୍ରରେ ବିନିଯୋଗ ହୋଇନଥାଏ ।

## ସୁବାସିନୀ

ଏହି ରଜନୀଗନ୍ଧା ଭାରତୀୟ ବଗିଚା ଅନୁସନ୍ଧାନ ସଂସ୍ଥା (ବାଙ୍ଗାଲୋର) ଦ୍ୱାରା ଅନୁମୋଦନ ପ୍ରାପ୍ତ ଏକ ଡବଲ ଫୁଲ ବାଲା ବହୁଳ ଭାବେ ଫୁଟୁଥିବା ରଜନୀଗନ୍ଧା । ଏହା ସିଙ୍ଗଲ ଓ ଡବଲ୍ ଉଭୟ ପ୍ରଜାତିର ଏକ ମିଶ୍ରଣ । ଏହି ଫୁଲ କଟାଫୁଲ ଭାବେ ଅଧିକ ଉପଯୋଗ ହୋଇଥାଏ । ଏହା ସ୍ୱଚ୍ଛ ଧଳାରଙ୍ଗର, ଲମ୍ୱାନାଡ ବିଶିଷ୍ଟ, ଅତି ସୁଗନ୍ଧଯୁକ୍ତ ବିପରୀତ ପଂକ୍ତିରେ ଗୋଟିଏ ଡେଙ୍ଫ ବା ଡାଳରେ ଫୁଟି ଅଧିକ ଉପଯୋଗ ହୋଇଥାଏ । ଏହା ସ୍ୱଚ୍ଛ ଧଳାରଙ୍ଗର, ଲମ୍ୱାନାଡ ବିଶିଷ୍ଟ, ଅତି ସୁଗନ୍ଧଯୁକ୍ତ ବିପରୀତ ପଂକ୍ତିରେ ଗୋଟିଏ ଡେଙ୍ଫ ବା ଡାଳରେ ଫୁଟିଥାଏ । ଏହି ପ୍ରଜାତିର ଫୁଲସବୁ ସମାନ ଭାବେ ଖୋଲିଥାଏ । ଏହାକୁ ଫୁଲତୋଡା ପ୍ରସ୍ତୁତ କରିବା ପାଇଁ ଅଧିକ ଉପଯୋଗ କରାଯାଇଥାଏ ।

## ବୈଭବ

ଭାରତୀୟ ବଗିଚା ଅନୁସନ୍ଧାନ ସଂସ୍ଥାନର ଅନୁମୋଦନ କ୍ରମେ ଏହି ଶଙ୍କର ପ୍ରଜାତିର

ରଜନୀଗନ୍ଧା ମଧ୍ୟମ ଡାଳରେ ଅଧିକ ଫୁଟୁଥିବା ଫୁଲ କୁହାଯାଇଛି । ଫୁଲର ଡେମ୍ପ ସୁବାସିନୀ ପ୍ରଜାତି ଓ ଲୋକାଲ୍ ଡବଲ ଭଳି ଗୋଲାପୀ ନହୋଇ ଈଷତ୍ ସବୁଜ ଓ ଫୁଲ ସ୍ୱଚ୍ଛ ଧଳା ରଙ୍ଗର ହୋଇଥାଏ । ସୁବାସିନୀ ଅପେକ୍ଷା ବୈଭବ ରଜନୀଗନ୍ଧା ୫୦% ଅଧିକ ଫୁଲ ଫୁଟାଇଥାଏ । ଏହା ମଧ୍ୟ ଫୁଲତୋଡାରେ ବ୍ୟବହାର ପାଇଁ କଟାଇଥାଏ ।

## ରଜନୀଗନ୍ଧାର ଇତିହାସ

କୁହାଯାଏ ମେକ୍ସିକୋ ଏବଂ ମଧ୍ୟ ଆମେରିକା ରଜନୀଗନ୍ଧାର ଉତ୍ପତ୍ତିସ୍ଥଳ ଏବଂ ଫିଲିପାଇନ୍ସ ଦେଇ ଭାରତକୁ ଆସିଥିଲା । ସମଗ୍ର ଭାରତ ବର୍ଷରେ ସବୁ ଜଳବାୟୁରେ ରଜନୀଗନ୍ଧା ଫୁଟୁଥିବାର ଦେଖିବାକୁ ମିଳେ । ପ୍ରଥମେ ଏହି ଫୁଲକୁ 'ଟ୍ୟୁବ୍‌ରୋସା ପୋଲିଏନ୍ଥସ୍' ନାମରେ ଜଣା ଯାଉଥିଲା । ପରେ ଟ୍ୟୁବ୍‌ରୋଜ୍ ବା ରଜନୀଗନ୍ଧା କୁହାଗଲା । ଭାରତରେ ଏହାକୁ 'ଭାରତର ଜଳକୁମ୍ଭ' ନାମ ଦିଆ ଯାଇଥିଲା, ଯାହାର ଅର୍ଥ ହେଉଛି 'ନଗର ଫୁଲ' । ରଜନୀଗନ୍ଧା ବନସ୍ପତି ବିଜ୍ଞାନ ଅନୁଯାୟୀ 'ଏଗେଭ' ପରିବାର ଅନ୍ତର୍ଭୁକ୍ତ 'ଆସ୍ପରାଗାସିଆ' ଶ୍ରେଣୀର ଫୁଲ । ପାଖାପାଖି ୧୩ଟି ପ୍ରଜାତି ଏଥିରେ ସାମିଲ୍ ଅଛନ୍ତି । ଏହି ପ୍ରଜାତିଗୁଡ଼ିକ ଖୁବ୍ ଆକର୍ଷକ ଓ ସୁଗନ୍ଧଯୁକ୍ତ । ଜଣେ ଫ୍ରେଞ୍ଚ ମିଶନାରୀ କାର୍ଲ ଲିନିୟସ୍ ୧୫୩୦ ଖ୍ରୀଷ୍ଟାବ୍ଦରେ ରଜନୀଗନ୍ଧାକୁ ମେକ୍ସିକୋରୁ ଭାରତ ଆଣିଥିଲେ ଏବଂ ପ୍ରଥମଥର ପାଇଁ ଗୋପନୀୟ ଭାବେ ତା'ର ଚାରାକୁ ଟାଲୋନ୍ ପାଖରେ ଗୋଟେ ବଗିଚାରେ ରୋପଣ କରିଥିଲେ । ଯେତେବେଳେ ସ୍ପେନ୍‌ର ଯୋଦ୍ଧାମାନେ ନୂଆ ଦୁନିଆରେ ପାଦ ରଖିଲେ ସେମାନେ ଦେଖିଲେ ରଜନୀଗନ୍ଧା ଭଳି ସୁଗନ୍ଧମୟ ଓ ସୌନ୍ଦର୍ଯ୍ୟମୟ ଫୁଲକୁ ପ୍ରଥମେ ଏଜେଟେକ୍, ମାୟାଂଶ ଏବଂ ମେକ୍ସିକୋର ଅନ୍ୟ ଦେଶମାନେ ରୋପଣ କରି ସାରିଛନ୍ତି । ସେମାନେ ନିଜ ସାଥିରେ ୟୁରୋପ ଆଣିଲେ ଏବଂ ଇଂଲଣ୍ଡର ଭିକ୍ଟୋରିଆ ସମୟରେ ବିବାହ କିମ୍ବା ଅନ୍ତେଷ୍ଟିରେ ଅଧିକ ବ୍ୟବହାର କରାଗଲା ରଜନୀଗନ୍ଧା ଫୁଲକୁ । ଏହି ଫୁଲକୁ ସମସ୍ତେ ଅଧିକ ପସନ୍ଦ କରିବାର କାରଣ ଏହା ପନ୍ଦରଦିନ ପର୍ଯ୍ୟନ୍ତ ସତେଜ ଓ ସୁଗନ୍ଧଯୁକ୍ତ ରହିଥାଏ । ଫ୍ରେଞ୍ଚ ରାଣୀ ମେରୀ ଏଣ୍ଟୋନେଟ୍ ପ୍ରଥମେ ଏହାର ସୁଗନ୍ଧକୁ ଚିହ୍ନିଥିଲେ ଏବଂ ବିଭିନ୍ନ ଫୁଲରୁ ପ୍ରସ୍ତୁତ କରୁଥିବା ଇତର ଭଳି ରଜନୀଗନ୍ଧାରୁ ଇତର ପ୍ରସ୍ତୁତ କରି ବ୍ୟବହାର କରୁଥିଲେ । ପରେ ଇଂରେଜମାନେ ଏହାକୁ ଭାରତୀୟ ଇତର ସଂସ୍କୃତି ସହିତ ପରିଚିତ କରାଇ ଇତର ପ୍ରସ୍ତୁତ କରାଇଲେ । ମନମୋହନ ସୁଗନ୍ଧ ଓ ଆକର୍ଷକ ସଜାବଟୀ ଫୁଲ ହୋଇଥିବାରୁ ଏହା ଧିରେ ଧିରେ ବହୁଳ ଭାବେ ରୋପଣ ହେବାକୁ ଲାଗିଲା ଏବଂ ଫୁଲ ବ୍ୟବସାୟୀମାନେ ଏଥିରୁ ଆମଦନ କରିବା ଆରମ୍ଭ କରିଦେଲେ । ୧୭୦୦ ଖ୍ରୀଷ୍ଟାବ୍ଦ ଆଡକୁ ଇଟାଲ ପୁନଃଜାଗରଣ ସମୟରେ ଅବିବାହିତ ଝିଅମାନଙ୍କୁ ରଜନୀଗନ୍ଧା ବଗିଚାରେ ବୁଲିବା ଏବଂ ନିଜ କେଶରେ ସଜାଇବା ବାରଣ କରାଯାଇଥିଲା । ରଜନୀଗନ୍ଧାର କାମୁକ ମହକ କାଳେ ପୁରୁଷଙ୍କୁ ଆକର୍ଷିତ କରିନେବ ବିଶ୍ୱାସ ରଖି ଝିଅମାନଙ୍କୁ ବାରଣ କରାଯାଉଥିଲା । ଯେଉଁ ସ୍ତ୍ରୀମାନଙ୍କ ଠାରେ ରଜନୀଗନ୍ଧାର ସୁଗନ୍ଧ ବାହାରୁଥିଲା, ତାକୁ କାମନାସକ୍ତ ବୋଲି ଆଖ୍ୟା ଦିଆ ଯାଉଥିଲା । ବିଂଶ ଶତାବ୍ଦୀ ଆରମ୍ଭରୁ ରଜନୀଗନ୍ଧାର ପରଫ୍ୟୁମ୍ ପ୍ରସ୍ତୁତ ବହୁଳ ଭାବେ ଆରମ୍ଭ ହୋଇଗଲା ଏବଂ ଅନେକ କମ୍ପାନୀ ଏହାକୁ




ଲାଭଜନକ ବ୍ୟବସାୟ ଭାବେ ବଜାରକୁ ଆଣିଲେ ।

## ରୋପଣ ବିଧି

ରଜନୀଗନ୍ଧା ସମଶୀତୋଷ୍ଣ ଜଳବାୟୁରେ ଭଲ ଉର୍ବର ହୋଇଥାଏ । ୨୦୦ - ୩୫୦ ସେଣ୍ଟିଗ୍ରେଡ୍ ତାପମାନ ରଜନୀଗନ୍ଧାର ବିକାଶ ଏବଂ ବୃଦ୍ଧି ପାଇଁ ଉପଯୁକ୍ତ ଅଟେ । ଅଳ୍ପ ଖରା ଓ ଖୋଲା ସ୍ଥାନରେ ଏହାକୁ ଭଲ ଭାବେ ହୃଷ୍ଟପୁଷ୍ଟ ରଖା ଯାଇଥାଏ । ସମ୍ପୂର୍ଣ୍ଣ ଛାଇରେ ଏହା ବଢି ପାରେନାହିଁ । ଭାରତର ସମଶୀତୋଷ୍ଣ ଜଳବାୟୁରେ ଗରମ ଏବଂ ଆର୍ଦ୍ର ସ୍ଥାନମାନଙ୍କରେ ଏହା ଉର୍ବର ହୋଇଥାଏ । କୁଣ୍ଡରେ ରଜନୀଗନ୍ଧା ଲଗାଇବାକୁ ଚାହୁଁଥିଲେ ବଗିଚାର ମାଟି, ଗୋବର ଖତର ମିଶ୍ରଣ ୨:୧:୧ର ପ୍ରୟୋଗ କରିବାକୁ ପଡ଼ିଥାଏ । କୁଣ୍ଡର ତଳଭାଗ ଛିଦ୍ର କରି ସେଥିରେ ମାଟି ଭରି ଦିଆଯାଏ । ମାଟି ଭରିବା ସମୟରେ ଉପରୁ ଦୁଇ ଇଞ୍ଚ ଫାଙ୍କା ରଖାଯାଏ, କାରଣ ପାଣି ଭଲ ଭାବେ ମାଟିରେ ରହିବ ଏବଂ ବାହାରକୁ ମାଟି ବାହାରିବ ନାହିଁ । ରଜନୀଗନ୍ଧାର ଚାରାକୁ ତିନି ଚାରି ଇଞ୍ଚ ଗାତ କରି ପୋତି ଦିଆଯାଏ । ପୋତିବା ସମୟରେ ଧ୍ୟାନ ଦେବା ଜରୁରୀ ମୁନିଆଁ ହୋଇ ଅଙ୍କୁରିତ ହୋଇଥିବା ଅଂଶ ଯେମିତି ପୋତି ନହୁଏ, ବାହାରକୁ ରହିଥାଏ । ପ୍ରତ୍ୟେକ କୁଣ୍ଡରେ ୨-୩ଟି ଚାରା ଲଗା ଯାଇପାରେ ଏବଂ ୬ ଇଞ୍ଚ ଦୂରତାରେ ଲଗାଇଲେ ଭଲ । ଲଗାଇ ସାରିବା ପରେ ହାଲୁକା ପାଣି ଦିଆ ଯାଇଥାଏ । କୁଣ୍ଡରେ ହେଉ କି ବଗିଚାରେ ରଜନୀଗନ୍ଧାକୁ ଲଗାଇବା ପରେ ଭଲ ଭାବେ ରକ୍ଷଣାବେକ୍ଷଣ କଲେ ୨-୪ ମାସରେ ସେଥିରେ ଫୁଲ ଫୁଟିବା ଆରମ୍ଭ ହୋଇଥାଏ ।

## ଚାଷ ପ୍ରଣାଳୀ

ପୂର୍ବ ଅପେକ୍ଷା ଏବେ ଚାଷରେ ଅନେକ ପରିବର୍ତ୍ତନ ଆସିଛି । ଲୋକମାନେ ପାରମ୍ପରିକ ଚାଷ ଛାଡ଼ି ବ୍ୟବସାୟିକ ଚାଷ ପ୍ରତି ମନ ବଳାଉଛନ୍ତି । ଏଭଳି କୃଷକମାନଙ୍କ ପାଇଁ ରଜନୀଗନ୍ଧା ଏକ ବିକଳ୍ପ ବା ଲାଭଦାୟକ ଚାଷ ହୋଇପାରେ । ଏହି ଚାଷ ଫେବୃୟାରୀ ଶେଷ ଆଡକୁ ଆରମ୍ଭ କଲେ ଲାଭଦାୟକ ହୋଇଥାଏ । କାରଣ ଏହି ସମୟରେ ରଜନୀଗନ୍ଧାର ଚାହିଦା ଅଧିକ ଥାଏ । ଫୁଲତୋଡା (ବୁକେ) ଠୁ ଆରମ୍ଭ କରି ବିବାହର ବେଦୀ ସଜା, ଗାଡ଼ି ସଜା,





ବିଛଣା ସଜା ଏବଂ ଅନ୍ତେଷ୍ଟି ପର୍ଯ୍ୟନ୍ତ ସବୁଥିରେ ରଜନୀଗନ୍ଧାର ବେଶ୍ ଆବଶ୍ୟକତା ରହିଛି । ରଜନୀଗନ୍ଧାର ଚାଷ ସବୁ ପ୍ରକାର ମାଟିରେ ସମ୍ଭବ ହୋଇଥାଏ । କିନ୍ତୁ ପଟୁ ମାଟି ବା ଜଳ ନିଷ୍କାସନ ହୋଇପାରୁଥିବା ଖତ ମିଶା ମାଟିରେ ଏହା ଅଧିକ ଉର୍ବର ହୋଇଥାଏ । କଦଳୀପୁଆ ଭଳି ରଜନୀ ଗନ୍ଧାର ପୁଆ ବା ଚାରା ଲଗାଯାଇଥାଏ । ଏହାକୁ ଛାଇ ପଡୁଥିବା ସ୍ଥାନରେ ଲଗାଇବା ଉଚିତ୍ । ମାଟି ହାଲୁକା ଓ ମୁଲାୟମ ହୋଇଥିବ ଏବଂ ଖୋଲା ସ୍ଥାନ ଥିବା ଅଳ୍ପ ସୂର୍ଯ୍ୟାଲୋକରେ ଏହା ଭଲ ବଢିପାରେ । ୪-୮ ସେ.ମି. ଗାତ କରି ୧୦-୧୨ ସେ.ମି. ଦୂରତାରେ ଚାରା ରୋପଣ କରାଯାଇଥାଏ ଏବଂ ପ୍ରତ୍ୟେକ ଧାଡ଼ି ମଧ୍ୟରେ ବ୍ୟବଧାନ ୨୦-୩୦ ସେ.ମି. ହୋଇଥାଏ । ହେକ୍ଟର ପିଛା ୧୨୦୦-୧୫୦୦ କି.ଗ୍ରା. ଚାରା ଲଗାଯାଇଥାଏ । ଅଧିକ ଫୁଲ ଫୁଟିବା ପାଇଁ ମାଟିରେ ଜୈବିକ ସାର, ଖତ ଏବଂ କମ୍ପୋଷ୍ଟ ମିଶା ଯାଇଥାଏ । ଏକ ଏକର ଜମିରେ ୨୫-୩୦ ଟନ୍ ଗୋବର ଖତ ଭଲଭାବେ ମାଟିରେ ମିଶା ଯାଇଥାଏ ଏବଂ ସଠିକ୍ ମାତ୍ରାରେ ନାଇଟ୍ରୋଜେନ୍ ତିନିଥର ଦିଆ ଯାଇଥାଏ । ପ୍ରଥମ, ଚାରା ଲଗାଇବା ପୂର୍ବରୁ, ଦ୍ୱିତୀୟ ପାଖାପାଖି ୬୦ଦିନ ପରେ ଓ ତୃତୀୟ ବା ଶେଷଥର କଢ ଧରିବା ସମୟରେ । ରୋପଣ ସମୟରେ ମାଟି ଆଦ୍ର ହେବା ଜରୁରୀ । ଉଦ୍ୟାନ ଓ ଖାଦ୍ୟ ପ୍ରସଂସ୍କରଣ ବିଭାଗ, ଉତ୍ତରପ୍ରଦେଶ ତରଫରୁ ରାଷ୍ଟ୍ରୀୟ ଔଦ୍ୟୋଗିକ ମିଶନ୍ ସହାୟତାରେ କୃଷକମାନଙ୍କୁ ଆର୍ଥିକ ସହାୟତା ଦିଆ ଯାଉଛି । ସ୍ୱଳ୍ପ ଚାଷ ପାଇଁ କୃଷକଙ୍କୁ ଅମଳର ୫୦% ବା ଅଧିକନ୍ତୁ ୩୫୦୦୦ ଟଙ୍କା ପ୍ରତି ହେକ୍ଟର ଲାଭ ଦିଆ ଯାଇଥାଏ । ଅନ୍ୟ କୃଷକମାନଙ୍କୁ ୪ ହେକ୍ଟର ପିଛା ଲାଭ ଦିଆ ଯାଇଥାଏ । ସରକାର ରଜନୀଗନ୍ଧା ଚାଷ ପାଇଁ ସବ୍‌ସିଡି ଦେଉଛନ୍ତି । ସେଥିପାଇଁ କୃଷି ବିଭାଗ ୱେବ୍‌ସାଇଟ୍‌କୁ ଯାଇ କୃଷକଙ୍କୁ ରେଜିଷ୍ଟ୍ରେସନ୍ ବା ପଞ୍ଜୀକରଣ କରିବାକୁ ପଡ଼ିଥାଏ । ଏହା ପରେ ଉଦ୍ୟାନ ବିଭାଗ ସହିତ ସମ୍ପର୍କ କରି ଦାଖଲ କରାଯାଇଥାଏ ଓ ଅନୁମୋଦନକ୍ରମେ କୃଷକ ଚାଷ ଆରମ୍ଭ କରିଥାଏ । ଏହି ନିୟମ, ଉଦ୍ୟାନ ଓ ଖାଦ୍ୟ ପ୍ରସଂସ୍କରଣ ବିଭାଗ (ଉତ୍ତର ପ୍ରଦେଶ)ର ପୂର୍ବ ନିର୍ଦ୍ଦେଶକ ଏସ୍.ପି. ଯୋଶୀଙ୍କ ଅନୁମୋଦନ କ୍ରମେ କାର୍ଯ୍ୟକାରୀ ହୋଇ ଆସୁଛି । ରଜନୀଗନ୍ଧାର ବ୍ୟବସାୟରେ ଦୁଇଟି ପ୍ରଜାତି ସିଙ୍ଗଲ ଓ ଡବଲ କୃଷକ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ ।



## ବ୍ୟବସାୟରେ ରଜନୀଗନ୍ଧା

ବ୍ୟବସାୟ କଥା ଉଠିଲେ ସାଧାରଣତଃ ଲୋକମାନଙ୍କ ମନରେ ଲକ୍ଷ, କୋଟି ଟଙ୍କା ନିବେଶର ଭୟ ଆଖି ସାମ୍ନାକୁ ଆସିଥାଏ । କିନ୍ତୁ ବାସ୍ତବିକ କଥା ହେଲା ସ୍ୱଳ୍ପ ବିନିଯୋଗରେ ଭଲ ବ୍ୟବସାୟ କରିହୁଏ ଓ ଲାଭବାନ ହେବା ସମ୍ଭବ ହୋଇଥାଏ । ସେମିତି ଏକ ସ୍ୱଳ୍ପ ବିନିଯୋଗର ବ୍ୟବସାୟ ହେଉଛି ରଜନୀଗନ୍ଧାର ଚାଷ, କାରଣ ଏହି ଫୁଲ ଖୁବ୍ ସୁଗନ୍ଧଯୁକ୍ତ, ସୁନ୍ଦର ମନୋହର, ଦୀର୍ଘଦିନ ସତେଜ ରହୁଥିବା ଫୁଲ ଏବଂ ବର୍ତ୍ତମାନ ଫୁଲ ବଜାରରେ ଅଧିକ ଚାହିଦା ରଖିଥାଏ । ବିବାହ, ବ୍ରତ, ଗାଡ଼ି ସଜା, ବିଛଣା ସଜାଠୁ ଆରମ୍ଭ କରି ବୁକେ ଏବଂ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ସବୁଥିରେ ଉପଯୋଗ ହୋଇଥାଏ । ଭାରତର ପଶ୍ଚିମ ବଙ୍ଗଳା, କର୍ଣ୍ଣାଟକ, ତାମିଲ୍‌ନାଡୁ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟମାନଙ୍କରେ ରଜନୀଗନ୍ଧା ଚାଷ କରାଯାଉଛି । ଭାରତ ବ୍ୟତୀତ ଫ୍ରାନ୍ସ, ଇଟାଲୀ, ଦକ୍ଷିଣ ଆଫ୍ରିକା, ଆମେରିକା ଆଦି ଦେଶମାନଙ୍କରେ ମଧ୍ୟ ଏହାର ଚାଷ କରାଯାଉଛି । ପ୍ରଥମେ ରଜନୀଗନ୍ଧାର ଚାଷ ମେକ୍ସିକୋରେ ହୋଇଥିଲା । ରଜନୀଗନ୍ଧା ଫୁଲର ବ୍ୟବସାୟୀକ ଚାଷ ପାଇଁ ଉର୍ବରକ ମାଟି ହୋଇଥିବା ଆବଶ୍ୟକ । ପ୍ରତି ଏକର ପିଛା ୬-୮ ଟ୍ରଲି ଗୋବରର ଖତ ସହିତ ଡି.ଏ.ପି. ଭଳି ଫର୍ଟିଲାଇଜର ମିଶ୍ରଣ କରି ମାଟିକୁ ଉର୍ବର କରାଯାଇଥାଏ । ଆଳୁ ଚାଷ ଭଳି ଏହି ରଜନୀଗନ୍ଧାର ଚାଷ ଧାଡ଼ି ବା ପଂକ୍ତିରେ ଲଗାଯାଇଥାଏ । ପ୍ରତି ଧାଡ଼ିରେ ୨୦ ହଜାର ଚାରା ରୋପଣ କରାଯାଇପାରେ । ହୃଷ୍ଟପୁଷ୍ଟ ହେବା ପାଇଁ ଓ ଅଧିକ ଫୁଲ ଉତ୍ପାଦନ ପାଇଁ ଭଲ ପ୍ରଜାତିର ରଜନୀଗନ୍ଧା ଲଗାଇବାକୁ ସରକାରଙ୍କ ଠୁ ସବ୍‌ସିଡି ନେଇ ଅନେକ ଚାଷୀ ଉପକୃତ ହୋଇଥାନ୍ତି । ଏକା ଥରକେ ଏକଲକ୍ଷ ରଜନୀଗନ୍ଧାର ଫୁଲ ଡାଳ ଆମଦାନୀ ହୋଇପାରେ, ଯାହା ନିକଟରେ ଥିବା ମନ୍ଦିର, ଫୁଲ ଦୋକାନୀ, ବିବାହ, ଓ ସାଜସଜ୍ଜା ପାଇଁ ଆବଶ୍ୟକ କରୁଥିବା ଗ୍ରାହକଙ୍କୁ ଦେଇ ଲାଭବାନ ହୋଇପାରନ୍ତି । ରଜନୀଗନ୍ଧାର ଗୋଟେ ଫୁଲ ୧-୫-୬ ଟଙ୍କାରେ ବିକ୍ରି ହିସାବରେ ୧.୫ ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭବାନ ହୋଇପାରନ୍ତି । ତାଜା ଫୁଲ ହେକ୍ଟର ପିଛା ବର୍ଷକୁ ୮୦-୧୦୦ କ୍ୱିଣ୍ଟାଲ୍ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକ ପଡ଼ିଥାଏ । ଯେଉଁଥିରୁ ୫.୫୦୦ କି.ଗ୍ରା ଶୁଦ୍ଧ ସୁଗନ୍ଧିତ ଦ୍ରବ୍ୟ ପ୍ରାପ୍ତ ହୋଇଥାଏ ।

## ଔଷଧୀୟ ଉପଚାରରେ ରଜନୀଗନ୍ଧା

ଆୟୁର୍ବେଦରେ ରଜନୀଗନ୍ଧାର ଫୁଲ ବ୍ୟବହାର କରାଯାଇ ଅନେକ ରୋଗରୁ ଉପଶମ ମିଳିଥାଏ । ରଜନୀଗନ୍ଧା ଫୁଲରେ ଥିବା ମୁଖ୍ୟ ରାସାୟିକ ତତ୍ତ୍ୱରେ ଡିହାଇଡ୍ରୋହେକୋଜେନିକ୍, କେମ୍ପୋଫେରୋଲ୍, ଗ୍ଲୁକୋସାଇଡସ୍ ଏବଂ ପୋଲିଏନ୍ଥୋସାଇଡ୍ ବି ଓ ସି ରହିଛି । ଏଥିରେ ଆଣ୍ଟି-ଗୋନୋରିଆଲ୍, ଆଣ୍ଟି - ଇମ୍ଫ୍ଲମେଟୋରୀ, ରକ୍ତଶୋଧକ, ମୂତ୍ରବର୍ଦ୍ଧକ ଏବଂ ଇମୋଟିକ୍ ଗୁଣ ମଧ୍ୟ ରହିଛି । ରଜନୀଗନ୍ଧା ଫୁଲ ଆଣ୍ଟି ଇମ୍ପାମେଟୋରି ଗୁଣରେ ଭରପୂର ହୋଇଥାଏ । ହାତର ବାହୁ କିମ୍ବା କମର ଯଦି ଫୁଲିଥାଏ, ଏହା ଉପଶମ ଦେଇଥାଏ । ଏହାର ତେଲ ଆଣ୍ଠୁ-ଗଣ୍ଠି ଯନ୍ତ୍ରଣା, ଫୁଲିବା ଦୂର କରିଥାଏ । ଏହି ଫୁଲ ତ୍ୱଚା ସମସ୍ୟାରୁ ମୁକ୍ତି ଦେଇଥାଏ । ଫୁଲର ରସକୁ ମୁହଁରେ ଲଗାଇଲେ ବ୍ରଣ, ବଡ଼ ବଡ଼ ଛିଦ୍ର ଏବଂ ତୈଳାକ୍ତ ତ୍ୱଚାର ସମସ୍ୟା ଦୂର ହୋଇଥାଏ । ଏହାର ଉପଯୋଗ ନବଜାତ ଶିଶୁର ଲାଲ ବ୍ରଣ ଦୂର କରିବାକୁ ପ୍ରୟୋଗ କରାଯାଇଥାଏ । ରଜନୀଗନ୍ଧା ଏକ ପ୍ରାକୃତିକ ଚିନ୍ତାନାଶକ ଔଷଧ । ଫୁଲର ମଧୁର ମହକ ମନ ଓ ଶରୀରକୁ ଶାନ୍ତ କରିଥାଏ । ଏହାର ଉପଯୋଗ ଚିନ୍ତା, କ୍ରୋଧ, ବିରକ୍ତିଭାବ, ଚିଡିଚିଡା, ଭାବନାତ୍ମକ ଅସନ୍ତୁଳନ, ଅନିଦ୍ରା ଦୂର କରିବାକୁ ହୋଇଥାଏ । କମ୍ ପରିସ୍ରା ହେଉଥିଲେ ଏହା ମୂତ୍ର ବର୍ଦ୍ଧକ ଭାବେ କାମ କରିଥାଏ । ମୂତ୍ରାଶୟ ଫୁଲିଲେ କିମ୍ବା ପରିସ୍ରା ବନ୍ଦ ହୋଇଗଲେ ଏହା ଉପଶମ ଦେଇଥାଏ । ରଜନୀଗନ୍ଧା ଆଣ୍ଟି-ଡିପ୍ରେସେଣ୍ଟ ହୋଇଥିବା କାରଣରୁ କ୍ରୋନିକ୍ ଥକାପଣ ପୀଡିତ ରୋଗୀଙ୍କୁ ବିଶ୍ରାମ ନେବାର ଇଚ୍ଛା ବଢାଇଥାଏ ଯାହା ରୋଗୀକୁ ନିଦ କରାଇ ଅନିଦ୍ରା ଦୂର କରିଥାଏ । ଏହା ଏନିମିଆର ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ କରିଥାଏ । ରଜନୀଗନ୍ଧା ନିଶ୍ଚିତ ଭାବେ ଏକ ସର୍ବପ୍ରିୟ ସୁଗନ୍ଧିତ ଫୁଲ ।

# ହସଖୁସିର ପରିବାର - ୩୩

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୋ ସ୍ୱାମୀ ଟିକେ ବୋକା ଲୋକ । ଏବେକାର ଲୋକଙ୍କ ପରି ଅତି ଚାଲାକ ଚତୁର ନୁହଁନ୍ତି । ସେ କୌଣସି କଥାକୁ ମନେ ରଖନ୍ତି ନାହିଁ । ମତେ ବାରମ୍ବାର ଗୋଟିଏ କଥାକୁ କହିବାକୁ ପଡିଥାଏ । କିନ୍ତୁ ମୋତେ ମଧ୍ୟ ଗୋଟିଏ କଥାକୁ ବାରମ୍ବାର ଘୋଷିହେବାର ଅଭ୍ୟାସ ବିଚଳିତ କରେ । ମୁଁ ମଧ୍ୟ ନିଜ ଜୀବନରେ କୌଣସି ସୁଖ ପାଇଲି ନାହିଁ । ଆମ ଜୀବନରେ କେବେ ସ୍ୱାମୀସ୍ତ୍ରୀ ସଂପର୍କର ପୂର୍ଣ୍ଣତା ଆସିପାରିଲା ନାହିଁ । ଏଣୁ ନିଜ ମନକୁ ବୁଝାଇବା ପାଇଁ ମୁଁ ଚାକିରି କରିଲି । ନିଜ ଚେଷ୍ଟାରେ ଘର, ଗାଡି, ବ୍ୟାଙ୍କ ବାଲାନ୍ସ ସବୁ କରିଲି । ତଥାପି ବି ମୋ ସ୍ୱାମୀ କେବେହେଲେ ସ୍ନେହରେ ପଦେହେଲେ କଥା ମତେ କୁହନ୍ତି ନାହିଁ । ଏବେ ମୁଁ ଭାଙ୍ଗିପଡିଲିଣି । ବହୁତ ଥକି ଗଲିଣି । ମୁଁ ବୁଝିପାରିଲିଣି ଯେ ମୁଁ ତାଙ୍କୁ ବଦଳେଇ ପାରିବିନି କି ତାଙ୍କ ସହିତ ରହିଲେ ମଧ୍ୟ ମୋର ସଂସାର ଚାଲିବନି । ଶାଶୁ ଶ୍ୱଶୁର ସବୁବେଳେ ମୋଠାରୁ ଅଧିକ ପାଇବାର ଆଶା ରଖୁଛନ୍ତି । ହେଲେ ମୋ ନିଜ ଉପରେ ନିଜର ଭରସା ନାହିଁ କି ଆତ୍ମବିଶ୍ୱାସ ନାହିଁ । ଏବେ ମୁଁ ଘରୁ ବାହାରିବାକୁ ଡରୁଛି । ଆଜିକାଲି ମୁଁ ନିଜେ ସ୍କୁଟି ଧରି ଏକୁଟିଆ ବାହାରକୁ ଯାଇପାରୁନାହିଁ । ବେଳେବେଳେ


ସ୍ନିଗ୍ଧା ନାୟକଙ୍କ ହସଖୁସିର ପରିବାର



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡ଼ିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଅଜବ ଅଜବ ଚିନ୍ତା ମନକୁ ଆସୁଛି । ଆଉ ଆଗପରି ସେ ଧୈର୍ଯ୍ୟ ନାହିଁ । ସବୁବେଳେ ମନ ବିଚଳିତ ରହୁଛି । ବେଳେବେଳେ ଛାତି ଜୋରରେ ଧଡ ଧଡ ହେଉଛି । ମନ ସବୁବେଳେ ନିରାଶ ହେଉଛି । ତିନିଥର ଚେଷ୍ଟା କଲିଣି ନିଜକୁ ସଂସାରରୁ ହଟାଇ ଦେବାକୁ । ହେଲେ ତାହା ବି କରିପାରୁନି । କେଜାଣି ମୁଁ ଆଉ ଆଗକୁ କେତେଦିନ ବଂଚିବି । ନିଜ ଉପରେ ଆଉ ସେ ଭରସା ବି ନାହିଁ । ମୋତେ କିଛି ବାଟ ଦେଖାନ୍ତୁ ।

**ଗୁନଗୁନ ସାହୁ, ନୟାଗଡ଼**

### ସମାଧାନର ସୂତ୍ର

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣ ବହୁତ ଭାଙ୍ଗି ପଡିଛନ୍ତି । ନିଜର ମନୋବଳ ହରାଇ ବସିଛନ୍ତି । ଯାହା ଆପଣ ନିଜେ ମଧ୍ୟ ଲେଖିଛନ୍ତି । କିନ୍ତୁ ଆପଣ ନିଜେ ଥରେ ଏକୁଟିଆ ବସି ଭାବନ୍ତୁ । ଆପଣ ହିଁ ସେହି ଲୋକ ଯିଏ ନିଜେ ଚାକିରି କରି ନିଜ ଚେଷ୍ଟାରେ ଘର, ଗାଡି, ବ୍ୟାଙ୍କ ବାଲାନ୍ସ ସବୁ କରିଛନ୍ତି । ଯାହା ଆପଣଙ୍କର କର୍ମଦକ୍ଷତା, ଆତ୍ମବିଶ୍ୱାସ ତଥା ମନୋବଳକୁ ପ୍ରମାଣିତ କରୁଛି । ସ୍ୱାମୀଙ୍କ ବିଷୟରେ ଯାହା ଲେଖିଛନ୍ତି ସେସବୁ ସତ୍ତ୍ୱେ ଆପଣ ନିଜ କାମରେ କେବେ ପଛେଇ ଯାଇ ନାହାନ୍ତି । ଆପଣଙ୍କର ବିବାହ କେବେ ହେଲା ସେ ବିଷୟରେ ଲେଖିନାହାନ୍ତି କିମ୍ବା ଘରର ଅନ୍ୟ ସଦସ୍ୟମାନଙ୍କ ବିଷୟରେ ମଧ୍ୟ କିଛି ଖୋଲାଖୋଲି ଲେଖିନାହାନ୍ତି । ଆଜି ପର୍ଯ୍ୟନ୍ତ ଆପଣ ସ୍ୱାମୀଙ୍କ ସହିତ ଚଳି ଆସିଛନ୍ତି ଏବେ ଆଉ ତାଙ୍କୁ ନେଇ ଅଶାନ୍ତି ହେବା ଅବା ନିଜକୁ ସଂସାରରୁ ହଟାଇ ଦେବା କଥା ଭାବିବା ଆଦୌ ଠିକ୍ ନୁହେଁ । ଆପଣଙ୍କ ପରି ଜଣେ ବୟସ୍କ ଓ ବିଜ୍ଞବ୍ୟକ୍ତି ଏପରି ନିରାଶ ହେବା ଠିକ୍ ନୁହେଁ । ଶାଶୁ ଶ୍ୱଶୁର ଅଧିକ ଆଶା କରିବେ ଏଥିରେ କିଛି ନୂତନତ୍ୱ ନାହିଁ । ଆମେ ମନେ ରଖିବା ଉଚିତ ଯେ ସେମାନେ ବି ବାପାମାଆ । ସେମାନଙ୍କର ଆମ ଉପରେ ଆଶା ରଖିବା ଏକ ସାଧାରଣ କଥା । ଏହା ସତ ଯେ ଆମେ ପରିବାରରେ ସବୁବେଳେ ସମସ୍ତଙ୍କୁ ଖୁସି କରିପାରିବା ନାହିଁ । କିନ୍ତୁ ଆମେ ଯେତିକି ଦେଇପାରିବା ସେତିକି ଦେବା । ଏଥିରେ ଅନ୍ୟମାନେ ଅସନ୍ତୁଷ୍ଟ ହେଲେ ବି ଆମେ ସେ କଥାରେ ଆଦୌ ବିଚଳିତ ହେବା ନାହିଁ । କିମ୍ବା ସେଥିରେ ବିରକ୍ତି ଭାବ ପ୍ରକାଶ କରିବା ନାହିଁ । ଏପରି କରିବା ନିଜର ବୋକାମି । ଯାହାଦ୍ୱାରା ଆମର ମାନସିକ ଚାପ ସୃଷ୍ଟି ହେବା ସହିତ ମନୋବଳ ମଧ୍ୟ ଭାଙ୍ଗି ପଡିଥାଏ । ସବୁଠାରୁ ଭଲ ହେବ ଆପଣ ଯୋଗ ଅବା ପ୍ରାଣାୟମ କରନ୍ତୁ, ଆଧ୍ୟାତ୍ମିକ ଦିଗରେ ମନଦେଇ ନିଜକୁ ପ୍ରଭୁଙ୍କ ପାଖରେ ସମର୍ପଣ କରନ୍ତୁ । ଆପଣଙ୍କର ଯେଉଁମାନେ ଶୁଭାକାଂକ୍ଷୀ ସେମାନଙ୍କ ସହିତ ଆଲୋଚନା କରନ୍ତୁ । ନିଜର ମନୋବଳକୁ ଦୃଢ଼ କରନ୍ତୁ । ନିଜେ ଖୁସି ରହିବାର ବାଟ ଖୋଜନ୍ତୁ । ତେବେଯାଇ ଆପଣ ସବୁ ଅସୁବିଧା ସତ୍ତ୍ୱେ ଶାନ୍ତିରେ ରହିପାରିବେ ।


▼ଶୁଭଲକ୍ଷ୍ମୀ ଦାଶଙ୍କ ହସଖୁସିର ପରିବାର

### ସମସ୍ୟା: ୨

ମୁଁ ଏକ ବେସରକାରୀ ସଂସ୍ଥାରେ କାମ କରୁଛି । ମୋର ବୟସ ୪୫ ବର୍ଷ । ଘରେ ମୋର ସ୍ତ୍ରୀ ଓ ପୁଅ ଝିଅ ଅଛନ୍ତି । ମୋ ପିଲାମାନେ ସ୍କୁଲରେ ପଢୁଛନ୍ତି । ମୁଁ ମୋର ପରିବାରକୁ ବହୁତ ଭଲ ପାଏ । ବେଳେବେଳେ ଅଫିସ କାମରେ ମୋତେ ସାଧାରଣତଃ ସହର ଠାରୁ ଦୂର ବିଭିନ୍ନ ଗାଆଁମାନଙ୍କୁ ଯିବାକୁ ପଡେ । ଯୁଆଡେ ବି ଯିବାକୁ ହୁଏ ମୁଁ ଓ ମୋର ଜଣେ ମହିଳା ସହକର୍ମୀ ସାଙ୍ଗ ହେଇଯାଉ । ତାଙ୍କୁ ପ୍ରାୟତଃ ୩୦ ବର୍ଷ ହେବ । ସେ ଏବେ ଯାଏଁ ବିବାହ କରି ନାହାନ୍ତି । ଏମିତି ସାଙ୍ଗ ହୋଇ ସବୁବେଳେ କାମ କରିବା ଭିତରେ ଆମର ପରସ୍ପର ପ୍ରତି ଦୁର୍ବଳତା ବଢିଗଲା । ଯାହା ମୁଁ ଜାଣି ପାରିଲି ନାହିଁ । ମୋତେ ସେ ବହୁତ ଭଲ ଲାଗିଲେ । ପ୍ରଥମେ ମୋତେ ଏ କଥା ତାଙ୍କୁ କହିବାକୁ ଡର ଲାଗୁଥିଲା । କିନ୍ତୁ ଯେଉଁ ଦିନ ସେ ମୁହଁ ଖୋଲି ମୋ ପ୍ରତି ତାଙ୍କ ମନରେ ରହିଥିବା ଦୁର୍ବଳତା ବିଷୟରେ କହିଲେ ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ମୁଁ ମଧ୍ୟ ତାଙ୍କୁ ମୋ ମନର କଥା କହିଦେଲି । ମୋ ବିଷୟରେ ସବୁ କିଛି ଜାଣିବା ସତ୍ତ୍ୱେ ତାଙ୍କ ମନରେ ମୋ ପ୍ରତି ଥିବା ଭଲ ପାଇବା ମୋତେ ତାଙ୍କ ଆଡକୁ ଅଧିକରୁ ଅଧିକ ଆକୃଷ୍ଟ କଲା । ଫଳରେ ଆମର ପରସ୍ପର ପ୍ରତି ଆନ୍ତରିକତାର ଭାବ ବଢି ଚାଲିଲା । କିନ୍ତୁ ଏବେ ତାହା ଏକ ସମସ୍ୟା ହେଇଗଲାଣି । ତାଙ୍କ ଘରେ ତାର ବିବାହ ପାଇଁ କହୁଛନ୍ତି । କିନ୍ତୁ ତାଙ୍କର ଏକା ଜିଦ୍ ସେ ବିବାହ କରିବେ ନାହିଁ । ମୁଁ ତାଙ୍କୁ ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ଫଳ କିଛି ହେଉନି । ତେଣୁ ମୋର ବି ମାନସିକ ଅଶାନ୍ତି ବଢି ଚାଲିଛି । ଦୟାକରି ଉଚିତ ମାର୍ଗ ଦର୍ଶାନ୍ତୁ ।

**ସୌମ୍ୟଜିତ୍ ବେହେରା, ବ୍ରହ୍ମପୁର**

### ସମାଧାନର ସୂତ୍ର

ଏବେକାର ସମାଜରେ ପ୍ରାୟତଃ ଏହିପରି ଘଟଣା ଯୋଗୁଁ ଅନେକ ପରିବାର ଭାଙ୍ଗି ଯାଉଛି । ସ୍ୱାମୀ ସ୍ତ୍ରୀ ଅଲଗା ହେଇ ରହୁଛନ୍ତି ଅବା ପରସ୍ପରକୁ ଛାଡପତ୍ର ଦେଉଛନ୍ତି । ଆପଣ ବିବାହିତ ଏବଂ ଦୁଇଟି ପିଲାର ବାପା । ଏଣୁ ଆପଣ ଏପରି କିଛି ନିଷ୍ପତ୍ତି ନେବା ଅବା ସେ ଦିଗରେ ଆଗେଇବା ପୂର୍ବରୁ ଗଭୀର ଭାବରେ ଭାବିବାର ଥିଲା । ସହକର୍ମୀଙ୍କ ସହିତ ସ୍ନେହ ଶ୍ରଦ୍ଧା ଓ କେତେକ କ୍ଷେତ୍ରରେ ଭଲ ପାଇବା ରହିପାରେ । କିନ୍ତୁ ତାହାର ରୂପରେଖ ସକାରାତ୍ମକ ହେବା ଜରୁରୀ । କିନ୍ତୁ ଆପଣ ତାଙ୍କ ସହିତ ଏଭଳି ଭାବରେ ଘନିଷ୍ଠ ହେଇଗଲେ ଯେ ସେ ଏବେ ଆପଣଙ୍କ ଉପରେ ବୋଝ ହିଁ ହେବେ । ଦୁଇ ପରିବାରରେ ସମସ୍ତେ ଧୀରେ ଧୀରେ ସବୁ କଥା ଜାଣିବେ । ଏପରି ବି ହୋଇପାରେ ଯେ ସେ ଆପଣଙ୍କୁ ବିବାହ କରିବା ପାଇଁ ଜିଦି କରି ପାରନ୍ତି । ତାହାପରେ ଆପଣଙ୍କ ପରିବାରର ଅବସ୍ଥା କଣ ହେବ ଭାବି ଦେଖନ୍ତୁ । ଆପଣଙ୍କର ସୁଖଶାନ୍ତିର ପରିବାରଟି ସବୁ ପ୍ରକାର ଅଶାନ୍ତି ଭିତରକୁ ଟାଣି ହେଇଯିବା ଆପଣଙ୍କ ବ୍ୟକ୍ତିଗତ ତଥା ପେସାଗତ ଜୀବନରେ ଅଶାନ୍ତି ସୃଷ୍ଟି ହେବ । ଯାହାର କୁପ୍ରଭାବ ଆପଣଙ୍କ ପିଲାମାନଙ୍କ ଉପରେ ପଡିବ । ସବୁଠାରୁ ଭଲ ହେବ ଆପଣ ତାଙ୍କୁ ବିନମ୍ର ଅନୁରୋଧ କରି ତାଙ୍କ ମନରେ ପରିବର୍ତ୍ତନ ଆଣନ୍ତୁ ଯେପରିକି ସେ ତାଙ୍କର ମତ ବଦଳାଇବେ । ଏପରି କଲେ ତାଙ୍କ ପରିବାରରେ ବି କିଛି ଅଶାନ୍ତି ସୃଷ୍ଟି ହେବ ନାହିଁ । ଏବଂ ଦୁଇଟି ପରିବାର ଶାନ୍ତିରେ ଜୀବନ କଟାଇ ପାରିବେ । ଆଶା କରୁଛି ଆପଣ ଏ ବିଷୟରେ ଗଭୀର ଚିନ୍ତନ କରି ବୁଦ୍ଧିମାନର କାମ କରିବେ ।

ସ୍ୱାସ୍ଥ୍ୟ-ଚିନ୍ତା

# ଆମ ପନିପରିବା ଓ ଆମ ସ୍ୱାସ୍ଥ୍ୟ



### କନ୍ଦମୂଳ: ପାଚନତନ୍ତ୍ର ଓ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ

କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ଶୀତଦିନେ ଏହା ବଜାରରେ ବହୁ ମାତ୍ରାରେ ମିଳିଥାଏ । କନ୍ଦମୂଳରେ ବହୁ ମାତ୍ରାରେ ଫାଇବର ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ । କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ୍ୟ ସ୍ୱାସ୍ଥ୍ୟକର । ଶୀତଦିନରେ ଶରୀରକୁ ହାଲୁକା ଉଷୁମର ଆବଶ୍ୟକତା ରହିଥାଏ ।

କନ୍ଦମୂଳ ଶରୀରକୁ ଉଷୁମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଦୈନନ୍ଦିନ ଖାଦ୍ୟରେ ଏହା ବ୍ୟବହାର କରି ଖାଇବା ଉଚିତ୍ । ଯେମିତିକି ଡାଲମା, ଘାଣ୍ଟ ତରକାରୀ ଏବଂ ଖଟାରେ ପକେଇ ଖାଇଲେ ଖାଦ୍ୟ ବି ସୁସ୍ୱାଦୁ ହେଇଥାଏ, ଆମେ ଜଳଖିଆ ଭାବେ ଖାଇବା ପାଇଁ ଏହାକୁ ସିଝାଇ ବା ପୋଡ଼ି ଖାଇପାରିବେ । ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କନ୍ଦମୂଳ ଫାଇବରରେ ଭରା, ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । କନ୍ଦମୂଳ ଚାଟ୍ ଖାଇବା ଦ୍ୱାରା ଗ୍ୟାସ୍ ଏବଂ ଅମ୍ଳ ସମସ୍ୟା ଦୂର ହେଇଥାଏ, ଲଗାତର ଖାଇବା ଦ୍ୱାରା ପାଚନତନ୍ତ୍ର ଠିକ୍ ହେଇ ଅମ୍ଳ ଆଉ ହେଇ ନଥାଏ ।

କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଆଖି ଦୀର୍ଘଦିନ ଯାଏଁ ସୁସ୍ଥ ରହିଥାଏ । ଏଥିରେ ଥିବା ଭିଟା-କ୍ୟାରେଟିନ୍ ଆଖିକୁ ଦୀର୍ଘଦିନ ଯାଏଁ ସୁସ୍ଥ ରଖିଥାଏ ।

କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେ କମ୍ ଖାଇବେ, ସେତେ ଭଲ । ଏଥିରୁ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ମଧୁମେହ ରୋଗୀ ନ ଖାଇବା ଉଚିତ୍ ।

### ଅଦା: ପ୍ରତିରୋଧକ ଶକ୍ତବର୍ଦ୍ଧକ ଓ କୋଲେଷ୍ଟ୍ରଲ୍ କମାଇଥାଏ

ଆୟୁର୍ବେଦରେ ଅଦାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଡ଼ିବୁଟି ଭାବରେ ଗଣା ଯାଇଛି । ଔଷଧୀୟ ଗୁଣର ଭଣ୍ଡାର ହେଉଛି ଅଦା ଯାହା ଭୋକ ବଢ଼ାଇବାରେ ମଧ୍ୟ ସାହାଯ୍ୟ କରିଥାଏ । ଥଣ୍ଡା ଏବଂ କାଶ ବ୍ୟତୀତ ଅଦା ଶ୍ୱାସଜନିତ ରୋଗ, ଗଣ୍ଠି ଯନ୍ତ୍ରଣା ଏବଂ ବାନ୍ତି ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ଯଦି ଆପଣ ଅଦା ଦ୍ୱାରା ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ଚାହାଁନ୍ତି, ତେବେ ଆପଣ ପ୍ରତିଦିନ ଅଦାକୁ ବିଭିନ୍ନ ଉପାୟରେ ଖାଦ୍ୟରେ ସାମିଲ କରିପାରିବେ ।

ଅଦାରେ ଅନେକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍, ମିନେରାଲ୍ସ ଭିଟାମିନ୍ ବି୩, ଭିଟାମିନ୍ ବି୬ ଏବଂ ପୋଟାସିୟମ୍ ମଧ୍ୟ ରହିଥାଏ, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏଭଳି ପରିସ୍ଥିତିରେ, ଆଜି ଆମେ ଶୀତଦିନେ ଆପଣଙ୍କ ଖାଦ୍ୟରେ ଅଦାକୁ ଅନ୍ତର୍ଭୁକ୍ତ କରିବାର ଉପାୟ ବିଷୟରେ କହିବାକୁ ଯାଉଛୁ । ଏହାର ବ୍ୟବହାର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ ।

### ଶୀତଦିନେ ଆପଣଙ୍କ ଖାଦ୍ୟରେ ଅଦାକୁ ଅନ୍ତର୍ଭୁକ୍ତ କରିବାର ଉପାୟ:

ଅଦାର କାଢ଼ା ତିଆରି କରିବା ପାଇଁ ଅଦା, ଗୋଲମରିଚ, ଲବଙ୍ଗ ଏବଂ ବଡ଼ ଗୁଜୁରାତି ଏକ ଗ୍ଲାସ୍ ପାଣିରେ ମିଶାନ୍ତୁ । ତା'ପରେ ଆପଣ ଏହି ଜଳକୁ ଅଧା ହେବା ପର୍ଯ୍ୟନ୍ତ ଭଲ ଭାବରେ ଫୁଟାନ୍ତୁ । ଏହାପରେ, ଏହି ଜଳକୁ ପୁଣି ଫିଲ୍ଟର୍ କରନ୍ତୁ ଏବଂ ଏହାକୁ ପିଅନ୍ତୁ । ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବ ଏବଂ ଶୀତଦିନେ ଘଟୁଥିବା ଥଣ୍ଡା, କାଶ ଭଳି ସମସ୍ୟାରୁ ଆପଣଙ୍କୁ ଦୂରେଇ ରଖିବ ।



ଅନେକ ସମୟରେ ଲୋକମାନେ ମାଂସପେଶୀର ଯନ୍ତ୍ରଣା ମଧ୍ୟ ଭୋଗିଥାନ୍ତି, ଯେଉଁଥିପାଇଁ ସେମାନେ ପେନ୍ କିଲର୍ ଖାଇଥାନ୍ତି । କିନ୍ତୁ ଏହିପରି ଔଷଧ ସ୍ୱାସ୍ଥ୍ୟ ଉପରେ କ୍ଷତି ପହଂଚାଇପାରେ । ତେଣୁ ଏଥିଲାଗି ଅଦା ପାଣି ପିଅନ୍ତୁ । ମାଂସପେଶୀରେ ଯନ୍ତ୍ରଣା ସମସ୍ୟାରୁ ଆରାମ ମିଳିବ ।



ଯଦି ଆପଣ ଆଚାର ଖାଇବାକୁ ଭଲ ପାଆନ୍ତି, ତେବେ ଆପଣ ରୁଟି କିମ୍ବା ଭାତ ସହିତ ଅଦା ଆଚାର ଖାଇପାରିବେ । ଆପଣ ଘରେ ଅଦା ଆଚାର ତିଆରି କରିପାରିବେ କିମ୍ବା ଆପଣ ଏହାକୁ ବଜାରରୁ କିଣି ପାରିବେ ।

ଅଦାର ସୁପ୍ ପ୍ରସ୍ତୁତ କରିବା ପାଇଁ ଚାହୁଁଥିଲେ ଆପଣ ଏଥିରେ ବ୍ରୋକଲି (ରଙ୍ଗବେରଙ୍ଗର ଫୁଲକୋବି) କିମ୍ବା ଛତୁ ମିଶାଇ ପାରିବେ । ଏହାଦ୍ୱାରା ସୁପ୍‌ର ପୋଷକତତ୍ତ୍ୱ ବୃଦ୍ଧି ହୁଏ । ଏହି ସୁପ୍ ଆପଣଙ୍କୁ ଅଧିକ ସମୟ କାମ କରିବାକୁ ଶକ୍ତି ଦେଇଥାଏ ।



ଅଦା ପାଣିରେ ଲେମ୍ବୁ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା ଗର୍ଭାବସ୍ଥା ସମୟରେ ବାନ୍ତି ହେବାର ସମସ୍ୟା ଦୂର ହୋଇଥାଏ । କୋଲେଷ୍ଟ୍ରଲକୁ କମ୍ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ଅଦାକୁ ଶୁଖାଇ ଗୁଣ୍ଡ କରି ଖାଇପାରିବେ ।

ଅଧିକାଂଶ ଲୋକ କ୍ଷୀର ସହିତ ଅଦା ଚା'କୁ ବହୁତ ପସନ୍ଦ କରନ୍ତି । କିନ୍ତୁ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି କୁହାଯାଏ । ଏପରି ପରିସ୍ଥିତିରେ ଅଦାକୁ ଏକ ଗ୍ଲାସ୍ ପାଣିରେ ପକାଇ ଭଲ ଭାବରେ ଫୁଟାନ୍ତୁ । ତାପରେ ଏହି ପାଣିକୁ ଫିଲ୍ଟର୍ କରନ୍ତୁ । ଏହାପରେ ଆପଣ ଏଥିରେ ଲେମ୍ବୁ ରସ ଏବଂ ମହୁ ମିଶାନ୍ତୁ । ଏହି ଚା'କୁ ଦିନକୁ ଦୁଇରୁ ତିନିଥର ପିଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସୁନିଶ୍ଚିତ । ।

ପ୍ରସ୍ତୁତି: **ରବୀନ୍ଦ୍ର କୁମାର ବିଶ୍ୱାଳ**
ଭୁବନେଶ୍ୱର, ଫୋନ: ୯୯୩୭୨୮୮୫୫୪





# ସ୍ୱାସ୍ଥ୍ୟକର ବ୍ୟଞ୍ଜନ



# କନ୍ଦମୂଳର କିମିଆଁ

**ରଷିକା ରୁଚିରମ୍ୟା**

ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ, ଫ୍ଲାଟ୍ ନଂ-୨୦୪, ବୈଦ୍ୟନାଥ ନଗର, ସେଲ୍‌ସ୍‌ଟ୍ୟାକ୍ସ ଅଫିସ୍ ସ୍କୋୟାର୍, ବ୍ରହ୍ମପୁର-୭୬୦୦୧୦, ଫୋନ:୯୦୭୮୪୪୧୭୧୧



## କନ୍ଦମୂଳ କାକରା

କନ୍ଦମୂଳ ଏକ ମୂଳ/ କନ୍ଦ ଜାତୀୟ ପରିବା । ସାଧାରଣତଃ ନିତିଦିନିଆ ଖାଦ୍ୟରେ ଏହା ବହୁଳ ବ୍ୟବହାର ଦେଖା ଯାଏ ନାହିଁ । କେବଳ ଶୀତଦିନେ ପୋଡ଼ି / ସିଝାଇ / ଆମ୍ବିଳ ଆଦି କରି କେବେ କେମିତି ଖିଆ ଯାଇଥାଏ । ଅନେକଙ୍କର ଧାରଣା ମିଠପଣ ସହ ଶ୍ୱେତସାର ଯୁକ୍ତ ହୋଇଥିବାରୁ ଖାଇଲେ ମୋଟା ହୋଇଯିବେ । କିନ୍ତୁ ପ୍ରକୃତରେ କନ୍ଦମୂଳରେ ପ୍ରଚୁର ପରିମାଣରେ ଫାଇଭର, ଭିଟାମିନ, ମିନେରାଲ୍‌ସ୍ ମିଳିଥାଏ ଯାହା ଶରୀର ପାଇଁ ବେଶ ଉପଯୋଗୀ । କନ୍ଦମୂଳ ବିଭିନ୍ନ ରଙ୍ଗର ମିଳିଥାଏ । ଧଳା / କମଳା / ବାଇଗଣୀ ଇତ୍ୟାଦି । କମଳା ଓ ବାଇଗଣୀ ରଙ୍ଗର କନ୍ଦମୂଳରେ ଅଧିକ ପରିମାଣରେ ଆଣ୍ଟି ଅକ୍ସିଡେଣ୍ଟ ମିଳିଥାଏ । ତାହା ଜାଣିଲେ ଅନେକେ ଏହାକୁ ଅଧିକରୁ ଅଧିକ ବ୍ୟବହାର ନିଶ୍ଚୟ କରିବେ ।

**ଆବଶ୍ୟକ ସାମଗ୍ରୀ :** କନ୍ଦମୂଳ, ମଧ୍ୟମ /ବଡ଼ ଆକାରର ୩ଟି, ପାଣି-୨କପ, ଚିନି-ଅଧାକପ, ସୁଜି/ ଚଉଳ ଗୁଣ୍ଡ - ୧କପ, ଲୁଣ-ଟିପେ, ଅଳେଇଚ ଗୁଣ୍ଡ-୧ ଚାମଚ, ତେଲ ଛାଣିବା ପାଇଁ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କନ୍ଦମୂଳକୁ ଧୋଇ ବଡ଼ବଡ଼ ଖଣ୍ଡ କରି ପ୍ରେସର କୁକରରେ ସିଝାଇ ଦିଅନ୍ତୁ । ସିଝିଗଲା ପରେ ଥଣ୍ଡାକରି ଚୋପା ଛଡ଼ାଇ ଭଲ ଭାବେ ଚକଟି ଦିଅନ୍ତୁ । ଗୋଟିଏ କଡ଼େଇ / ପ୍ୟାନ ଗ୍ୟାସରେ ବସାଇ, ଗ୍ୟାସ୍ ଜଳାଇ ୨ କପ୍ ପାଣି ଦିଅନ୍ତୁ । ସେଥିରେ ଅଧା କପ୍ ଚିନି, ଟିକେ ଲୁଣ ମିଶାନ୍ତୁ । ଚିନି ମିଳାଇ ଯାଇ ପାଣି ଫୁଟିଲେ, ସେଥିରେ କନ୍ଦମୂଳ ଚକଟା ଦେଇ ମିଶାଇ ଦିଅନ୍ତୁ । ଗୁଜୁରାତି ଗୁଣ୍ଡ ଦେଇ ସଙ୍ଗେ ସଙ୍ଗେ ସୁଜି/ଚାଉଳ ଗୁଣ୍ଡ ଏକ କପ ଦେଇ ଭଲ ଭାବେ ଘାଣ୍ଟି ଜନ୍ତୁଣି ବନାନ୍ତୁ, ଗ୍ୟାସ ବନ୍ଦ କରି ୫ ମିନିଟ୍ ପାଇଁ ଢାଙ୍କି ଦିଅନ୍ତୁ । ହାତକୁ ସୁହାଇଲା ପରି ଥଣ୍ଡା ହେଲେ ହାତରେ ତେଲ ବା ଘିଅ ଲଗାଇ ଜନ୍ତୁଣିକୁ ଚକଟି କାକରା ଗଡ଼ି ନିଅନ୍ତୁ । (ଏଥିରେ ପୁର ଦିଆଯିବ ନାହିଁ, ପୁର ଦେଲେ କନ୍ଦମୂଳର ଫ୍ଲେଭର ରହିବ ନାହିଁ) କଡ଼େଇରେ ତେଲ ଦେଇ ମଧ୍ୟମ ଆଞ୍ଚରେ କାକରା ଛାଣି ନିଅନ୍ତୁ, ଥଣ୍ଡା ହେଲେ ସ୍ୱାଦିଷ୍ଟ କନ୍ଦମୂଳ କାକରାର ମଜା ନିଅନ୍ତୁ ।



## କନ୍ଦମୂଳର ପୋଷକତତ୍ତ୍ୱ (୧୦୦ଗ୍ରାମରେ)

କ୍ୟାଲୋରୀ ୮୬, ଫ୍ୟାଟ୍-୦.୧ଗ୍ରାମ, ସାଚୁରେଟେଡ୍ ଫ୍ୟାଟ୍-୦୦, କଲୋଷ୍ଟ୍ରୋଲ୍-୦୦ଗ୍ରାମ, ସୋଡ଼ିୟମ-୫୫ମି.ଗ୍ରାମ, ପେଟଶସିୟମ-୩୩୭ମି.ଗ୍ରାମ, ଟୋଟାଲ କାର୍ବୋହାଇଡ୍ରେଟ-୨୦ଗ୍ରାମ, ଡାଏଟାରୀ ଫାଇଭର-୩ଗ୍ରାମ, ଶର୍କରା-୪.୨ଗ୍ରାମ, ପ୍ରୋଟିନ-୧.୬ଗ୍ରାମ, Wtc-୪%, ଆଇରନ - ୩ %, ଭିଟାମିନ୮୬-୧୦%, ମ୍ୟାଗ୍ନେସିୟମ-୬% ।

**କନ୍ଦମୂଳ:** ବିଶେଷ ଭାବରେ କମଳା ଓ ବାଇଗଣୀ ରଙ୍ଗ କନ୍ଦମୂଳରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ମିଳେ ଯାହା ଶରୀରକୁ ଫ୍ରି ରାଡ଼ିକାଲ୍‌ସ୍‌ରୁ ରକ୍ଷା କରିଥାଏ ।

Free radicals are unstabe molecules that can damage DNA and trigger inflammation.Free radical damage has been linked to many chronic diseases like cancer / heart disease / ageing. ଏଣୁ କନ୍ଦମୂଳ ଭଳି ଆଣ୍ଟି ଅକ୍ସିଡେଣ୍ଟ ଯୁକ୍ତ ଖାଦ୍ୟ ସୁସ୍ଥତା ପାଇଁ ଖାଇବା ଉଚିତ ।

## କନ୍ଦମୂଳ ପାକ ପ୍ରକ୍ରିୟାକୁ ସୁସ୍ଥ ରଖେ (It promotes Gut health)

କନ୍ଦମୂଳରେ ଥିବା ଫାଇଭର ଓ ଆଣ୍ଟିଅକ୍ସିଡାଣ୍ଟ ପାକ ପ୍ରଣାଳୀର କ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଏଥିରେ ୨ ପ୍ରକାର ଫାଇଭର ମିଳେ । ଯଥା- Soluble ଓ insoluble ଫାଇଭର colon ରେ ଥିବା ବ୍ୟାକ୍ଟିଆ ଦ୍ୱାରା ଫେରମେଣ୍ଟ ହୋଇ Short chain, Fatty acids ଭଳି compounds ସୃଷ୍ଟି କରନ୍ତି ଯାହା fuel the cells of our intestine lining and keep them healthy and strong.

ଦିନକୁ ୨୦-୩୩ ଗ୍ରାମ ଫାଇଭର ଖାଦ୍ୟରେ ଖାଇଲେ ନିୟମିତ bowel clear ହେବା ସହ colon କ୍ୟାନ୍ସର ହେବାର ସମ୍ଭାବନା କମ ଥାଏ ।

ଟେଷ୍ଟ-ଟ୍ୟୁବ ଷ୍ଟଡ଼ିରୁ ଜଣାଯାଇଛି ଯେ ବାଇଗଣୀ ରଙ୍ଗର କନ୍ଦମୂଳରେ ମିଳୁଥିବା ଆଣ୍ଟି ଅକ୍ସିଡାଣ୍ଟ healthy Gut bacteria ବଢ଼ାଇ ଥାଏ । Bifidobacterium ଓ lactobacillus species ନାମରେ becteria ଅନ୍ତନାଳୀରେ ବଢ଼ିବାରେ ସାହାଯ୍ୟ କରେ ଯାହା Gut healthକୁ ଭଲ ରଖିବା ସହ irritable bowel syndrome ଓ infectious diarrhoea ହେବାରୁ ରକ୍ଷା କରିଥାଏ । Anthocyanins ନାମରେ ଆଣ୍ଟି ଅକ୍ସିଡାଣ୍ଟ bladder, Colon, Stomach ଓ ବ୍ରେଷ୍ଟ୍ କ୍ୟାନସର ହେବାରୁ ରକ୍ଷା କରେ ।

କନ୍ଦମୂଳରେ ଯଥେଷ୍ଟ ପରିମାଣରେ beta carotene ଓ ଆଣ୍ଟି ଅକ୍ସିଡାଣ୍ଟ ଥିବା ଯୋଗୁଁ ଏହା କମଳା ରଙ୍ଗ ହୋଇଥାଏ । Beta Cartotene, ଭିଟାମିନ ଏକୁ ପରିବର୍ତ୍ତିତ ହୁଏ ଓ used to from light detecting receptors inside our eyes.

ବର୍ତ୍ତମାନ ପ୍ରଗତିଶୀଳ ଦେଶମାନଙ୍କରେ ଭିଟାମିନ୍ ଏ ଅଭାବ ଏକ ସାଧାରଣ ସମସ୍ୟା ଓ ଏହା xerophthalmia ନାମରେ ଏକ ପ୍ରକାର blindness ପାଇଁ ଦାୟୀ, ମାତ୍ର କମଳା ରଙ୍ଗର କନ୍ଦମୂଳ ଖାଇବା ଦ୍ୱାରା ଏହି ସମସ୍ୟାର ସମାଧାନ ବହୁ ପରିମାଣରେ ହୋଇପାରିବ ।

କନ୍ଦମୂଳ ମୋଟାମୋଟି ଭାବରେ ଚକ୍ଷୁ ସମସ୍ୟାରୁ ରକ୍ଷା କରି ଚକ୍ଷୁ ସୁସ୍ଥ ରଖେ । କନ୍ଦମୂଳ ଖାଇବା ଦ୍ୱାରା ମସ୍ତିଷ୍କ ସୁସ୍ଥ ରହେ । ଏହାର କାର୍ଯ୍ୟକାରୀ କ୍ଷମତା ବୃଦ୍ଧି ପାଇଥାଏ । କନ୍ଦମୂଳ ବିଶେଷ ଭାବରେ ବାଇଗଣୀ କନ୍ଦମୂଳର anthocyanine ବ୍ରେନ୍‌ର inflamationକୁ କମ କରେ ଏବଂ free radical damage ରୁ ରକ୍ଷା କରିଥାଏ । ଏଣୁ କନ୍ଦମୂଳର ବିଭିନ୍ନ ବ୍ୟଞ୍ଜନ (ମିଠା/ ଲୁଣି/ଖଟା ଆଦି) ପ୍ରସ୍ତୁତ କରି ଖାଇବା ଉଚିତ । ଯେଉଁମାନେ ଓଜନ କମାଇବାକୁ ଚାହାଁନ୍ତି ସେମାନେ ଦିନକୁ ଥରେ ଜଳଖିଆ ବା ଦି ପ୍ରହର ଖାଇବାରେ କନ୍ଦମୂଳ ସିଝା ଖାଇବା ଉଚିତ ।

## କନ୍ଦମୂଳ ଚାର୍ଟ

ପ୍ରେସର୍ କୁକର୍‌ରେ ୨/୩ଟି କନ୍ଦମୂଳ ସିଝାଇ ଚୋପା ଛଡ଼ାଇ ସାନସାନ ଖଣ୍ଡ କରିନିଅନ୍ତୁ । କିଛି ଭଜା ଚିନା ବାଦାମ ମଞ୍ଜି ମିଶାନ୍ତୁ । ଗୋଟେ ମଧ୍ୟମ ଆକାରର ସେଓ କାଟି ମିଶାନ୍ତୁ । ସେଥିରେ ଭଜା ଜିରା ଗୁଣ୍ଡ, କଞ୍ଚାଲଙ୍କା କଟା, ଲୁଣ, କଳାଲୁଣ, ଚାର୍ଟ ମସଲା ଗୁଣ୍ଡ ପକାଇ, ଫାଳେ ଲେମ୍ବୁରସ ପକାଇ ଚାର୍ଟ ପ୍ରସ୍ତୁତ କରି ଖାଆନ୍ତୁ, ଏହା ନିଶ୍ଚିତ ଭାବେ ଏକ ସ୍ୱାସ୍ଥ୍ୟକର ଖାଇବା ।

# ଗୀତିକାଙ୍କ ରାନ୍ଧଣା



# ଭେଣ୍ଡିର ଭିନ୍ନ ବ୍ୟଞ୍ଜନ




## ଗୀତିକା ଜ୍ୟୋତିପର୍ଣ୍ଣା

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା



## ପାପ୍‌ଡ଼ିଚାଟ୍

**ଆବଶ୍ୟକ ସାମଗ୍ରୀ :** ୧ କପ୍ ମଇଦା, ଅଧାକପ୍ ସୁଜି, ୧ କପ୍ ସିଝା ମଟର୍, ୨ଟି ସିଝାଆଳୁ, ଅଧାକପ୍ ଦହି, କଟା କାକୁଡ଼ି, ୨ଟି ପିଆଜ, ୨ରୁ ୩ ଚାମଚ ରିଫାଇନ୍ ତେଲ, ୨ ଇଞ୍ଚ ଅଦା, ୨ରୁ ୩ ଚାମଚ ତେନ୍ତୁଳି ପାଣି, ଅଧା ଚାମଚ ହଳଦୀ, ଅଧା ଚାମଚ ରେଡ୍ ଚିଲ୍ଲି ପାଉଡର, ଅଧା ଚାମଚ ଜିରାଗୁଣ୍ଡ, କିଛି କଟା ଧନିଆପତ୍ର, ସ୍ୱାଦ ଅନୁଯାୟୀ ଲୁଣ ଏବଂ ଛାଣିବା ପାଇଁ ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦାରେ ତେଲ, ଲୁଣ ଏବଂ ସୁଜି ପକାଇ ଭଲ ଭାବେ ମିଶାନ୍ତୁ । ସେଥିରେ ପାଣି ମିଶାଇ ଭଲ ଭାବେ ଦଳି ରଖନ୍ତୁ । ବର୍ତ୍ତମାନ ଏହାକୁ ରୁଟି ପରି ବେଲି ସେଥିରେ କଣ୍ଟାଚାମଚ ଦ୍ୱାରା ଛୋଟ ଛୋଟ କଣା ତିଆରି କରନ୍ତୁ । (ଏହାଦ୍ୱାରା ପାପ୍‌ଡ଼ି ଗୁଡ଼ିକ ଫୁଲି ନଯାଇ କ୍ରିସ୍‌ପି ହୋଇଥାଏ ।) ବର୍ତ୍ତମାନ ଏକ କଡ଼େଇରେ ରିଫାଇନ୍ ତେଲ ପକାଇ ପାପ୍‌ଡ଼ିକୁ ଛାଣି ରଖନ୍ତୁ । ବର୍ତ୍ତମାନ ଗୋଟେ ପ୍ୟାନ୍‌ରେ ଅଳ୍ପ ତେଲ, କଟାଅଦା ପକାଇ କିଛି ସମୟ ଭାଜିବା ପରେ ସିଝା ମଟର ଏବଂ ଆଳୁକୁ ପକେଇ ତରକାରୀ ପ୍ରସ୍ତୁତ କରନ୍ତୁ । ଏବେ ଗୋଟେ ପ୍ଲେଟ୍‌ରେ ମଟର ତରକାରୀରେ କଟା ପିଆଜ, ଦହି, ତେନ୍ତୁଳି ପାଣି, କଟା ଧନିଆପତ୍ର, ଜୀରାଗୁଣ୍ଡ, କଟା କାକୁଡ଼ି ଏବଂ ପାପ୍‌ଡ଼ ଗୁଡ଼ିକୁ ଚୁନାଚୁନା କରି ପକାଇ ସଜାନ୍ତୁ । ଆପଣ ସେଓ ଭୁଜିଆ ମଧ୍ୟ ପକେଇ ପାରିବେ । ପ୍ରସ୍ତୁତ ହୋଇଗଲା ଆପଣଙ୍କର ପାପ୍‌ଡ଼ି ଚାଟ୍ ।

## ଭେଣ୍ଡି ଚିଲ୍ଲି

**ଆବଶ୍ୟକ ସାମଗ୍ରୀ :** ୫୦୦ ଗ୍ରାମ ଭେଣ୍ଡି, ୨ଟି କଟା ପିଆଜ, ୩ ଚାମଚ ଚାଉଳ ଗୁଣ୍ଡ, ୪ ଚାମଚ ବେସନ, ୪ ଚାମଚ କର୍ଣ୍ଣଫ୍ଲୋର, ୧ ଚାମଚ କଟା ରସୁଣ, ୧ ଚାମଚ କଟା ଅଦା, ୧ ଚାମଚ ରେଡ୍ ଚିଲ୍ଲି ପାଉଡର, ଅଧା ଚାମଚ ହଳଦୀ, ଅଧା ଚାମଚ ଗରମ ମସଲା ଗୁଣ୍ଡ, ଅଧାଚାମଚ ଧନିଆ ଗୁଣ୍ଡ, ଅଧା ଚାମଚ ଜୀରାଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ, ୧ ଚାମଚ ଟମାଟୋ ସସ୍, ୧ ଚାମଚ ଚିଲ୍ଲି ସସ୍, ୧ ଚାମଚ୍ ଭିନେଗାର୍ । ଛାଣିବା ପାଇଁ ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଭେଣ୍ଡିକୁ ଧୋଇ ଲମ୍ବା ଲମ୍ବା ଆକାରରେ କାଟି ରଖନ୍ତୁ । ବର୍ତ୍ତମାନ ସେଥିରେ ଚାଉଳ ଗୁଣ୍ଡ, ବେସନ, କର୍ଣ୍ଣଫ୍ଲୋର୍, ସମସ୍ତ ମସଲାଗୁଣ୍ଡ ଏବଂ ଶେଷରେ ଲୁଣ (ପ୍ରଥମରୁ ଲୁଣ ପକାଇଲେ ଭେଣ୍ଡିରୁ ପାଣି ବାହାରିଥାଏ) ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ବର୍ତ୍ତମାନ କଡ଼େଇରେ ରିଫାଇନ୍ ତେଲ ଗରମ କରି ସେଥିରେ ଭେଣ୍ଡିକୁ ପକାଇ ଛାଣି ଅଲଗା କରି ରଖନ୍ତୁ । ବର୍ତ୍ତମାନ ସେହି କଡ଼େଇରେ ଅଳ୍ପ ତେଲ ପକାଇ କଟା ରସୁଣକୁ ଭାଜନ୍ତୁ ଏବଂ କଟା ପିଆଜ ପକାଇ ମିଶାନ୍ତୁ, ଅଳ୍ପ ଭାଜି ଦେଇ ସେଥିରେ କଟା ଅଦା ପକାଇ କଷନ୍ତୁ । ମସଲା କଷିହେବା ପରେ ସୋୟା, ଟମାଟୋ, ଚିଲ୍ଲି ସସ୍‌କୁ ପକାଇ ମିଶାନ୍ତୁ । ବର୍ତ୍ତମାନ ଭେଣ୍ଡିକୁ ପକାଇ ମସଲା ସହିତ କଷନ୍ତୁ । ଶେଷରେ ଭିନେଗାର୍ ଏବଂ ଲୁଣ ପକାଇ ପ୍ଲେଟ୍‌କୁ ବାହାର କରି ଆଣନ୍ତୁ । ଚିଲ୍ଲି ଭେଣ୍ଡିକୁ ଆପଣ ରୁଟି ଏବଂ ଭାତ ସହିତ ଖାଇପାରିବେ



# ମକା ବ୍ୟଞ୍ଜନ



# ମିଠା ମକାର ମହକ

**ଶ୍ୱେତପଦ୍ମା ପାଢ଼ୀ**
ପୁନେ, ମହାରାଷ୍ଟ୍ର, ଫୋନ:୯୧୬୮୦୫୩୮୬୮



## ସୁଇଟ୍ କର୍ଣ୍ଣ ବଡ଼ା

**ଆବଶ୍ୟକ ସାମଗ୍ରୀ :** ୧ବଡ଼ କପ୍ ଛଡ଼ା ମିଠା ମକା, ୧ କପ୍ ବେସନ, କଟା ପିଆଜ ୨ଟା, ୨/୩ ବଡ଼ ଚାମୁଚ ଛଡ଼ା ମିଠା ମକା, କଟା କ୍ୟାପ୍ସିକମ୍ ୧ଟା, କଂଚା ଲଙ୍କା ୨ଟା କଟା ଧନିଆପତ୍ର, ୧/୨ଛୋଟ ଚାମୁଚ ଗୋଟା ଜିରା, ୧/୨ ଛୋଟ ଚାମୁଚ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ପାଉଡ଼ର, ଚାଟ୍ ମସଲା, ଛାଣିବା ପାଇଁ ରନ୍ଧା ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ମକା ସବୁ ଭଲ ଭାବରେ ଧୋଇ ଦରଖଣ୍ଡ ଭଳିଆ ବାଟନ୍ତୁ (ମାନେ ପୁରା ପେଷ୍ଟ୍ କରିବେ ନାହିଁ) । ସେଥିରେ ବେସନ, ହଳଦୀଗୁଣ୍ଡ, ଗୋଟା, ଜିରା, ଲଙ୍କାଗୁଣ୍ଡ ଧନିଆ ପାଉଡ଼ର ଓ ଚାଟ୍ ମସଲା, କଂଚାଲଙ୍କା ଏବ ସ୍ୱାଦ ଅନୁଯାୟୀ ଲୁଣ ଦେଇ ଭଲ ଭାବରେ ମିଶାନ୍ତୁ । ସେଥିରେ ପିଆଜ, କାପ୍ସିକମ ଓ ଛଡ଼ା ମିଠା ମକା ମିଶେଇ ଦିଅନ୍ତୁ । ଘୋଳ ଟିକେ ଶୁଖିଲା ହେବା ଦରକାର ଯେଉଁଥିରେ କି ଆପଣ ଆରାମ ସେ ରୋଲ୍ କି ଚେପ୍ଟା ସାଇଜ୍ର ବଡ଼ା ବନେଇ ପାରିବେ । ଗୋଟେ କରେଇରେ ତେଲ ଗରମ କରନ୍ତୁ । ତେଲ ବେଶି ଗରମ କରିବେ ନାହିଁ । ତେଲରେ ଭଲ ଭାବେ ଏପଟ ସେପଟ କରି ଛାଡ଼ି ଦିଅନ୍ତୁ । ଟମାଟୋ ସସ୍ କମ୍ବା ଇମ୍ଲୀ ଚଟଣୀରେ ଗରମ ଗରମ ସୁଇଟ୍ କର୍ଣ୍ଣ ବଡ଼ା ପରଷନ୍ତୁ ।



## କ୍ରିସ୍ପି ଚିଲି ସୁଇଟ୍ କର୍ଣ୍ଣ ଚାଟ୍

**ଆବଶ୍ୟକ ସାମଗ୍ରୀ :** ୧ ବାଉଲ୍ ଛଡ଼ା ମିଠା ମକା, ୨/୩ ବଡ଼ ଚାମୁଚ କର୍ଣ୍ଣଫ୍ଲୋର ପାଉଡ଼ର, ୨ ଚାମୁଚ ମଇଦା, ୧ ଚାମଚ ଚିଲି ସସ୍, ୧/୨ ଛୋଟ ଚାମୁଚ ହଳଦୀଗୁଣ୍ଡ, ଗରମ ମସଲା, ଆମ୍ଚୁର ପାଉଡ଼ର, କଟା ପିଆଜ ୧ଟା, କଂଚା ଲଙ୍କା ୧ଟା, ଧନିଆପତ୍ର, ୧ ବଡ଼ ଚାମୁଚ ଚାଟ ମସଲା, ୧/୨ କୋଳା ଚୋପାଦିଆ ରସୁଣ, ଛାଣିବା ପାଇଁ ରନ୍ଧା ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟେ ବଡ଼ ବାଉଲ୍ କି କଂସାରେ ଛଡ଼ା ମିଠା ମକା, କର୍ଣ୍ଣଫ୍ଲୋର ପାଉଡ଼ର, ମଇଦା, ଚିଲି ସସ୍, ହଳଦୀଗୁଣ୍ଡ, ଆମଚୁର୍ ପାଉଡ଼ର, ଗରମ ମସଲା, କୋଳାରୁ ଛଡ଼ା ହେଇଥିବା ଚୋପାଦିଆ ରସୁଣ ଏବଂ ସ୍ୱାଦ ଅନୁଯାୟୀ ଲୁଣ ସବୁକୁ ଭଲ ଭାବରେ ସାମାନ୍ୟ ପାଣି ଦେଇ ମିଶେଇ ଦିଅନ୍ତୁ । କରେଇରେ ତେଲ ଗରମ କରନ୍ତୁ । ତେଲ ବେଶୀ ଗରମ କରିବେ ନାହିଁ । ୩/୫ ମିନିଟ୍ ଭିତରେ ମକା ସବୁ ଭଲ ଭାବେ ଛାଣି ପ୍ଲେଟ୍ରେ ରଖନ୍ତୁ । ସେଥିରେ ଚାଟ୍ ମସଲା, କଟା ପିଆଜ ଓ କଟା ଧନିଆପତ୍ର ମିଶେଇ ଗରମ ଗରମ କ୍ରିସ୍ପି ଚିଲି ସୁଇଟ୍ କର୍ଣ୍ଣ ଚାଟ୍ ପରଷନ୍ତୁ ।



## ସୁଇଟ୍ କର୍ଣ୍ଣ ପ୍ୟାନ୍ କେକ୍

**ଆବଶ୍ୟକ ସାମଗ୍ରୀ :** ୧ ବଡ଼ କପ୍ ଛଡ଼ା ମିଠା ମକା, ୧ ବଡ଼ କପ୍ ସୁଜି, ୩ବଡ଼ ଚାମୁଚ ବେସନ, କଟା ପିଆଜ ୨ଟା, କଟା ଗାଜର ୧ଟା, କଟା କ୍ୟାପ୍ସିକମ୍ ୧ଟା, କଞ୍ଚା ଲଙ୍କା ୨ଟା, କଟା ଧନିଆପତ୍ର, ୧/୨ ଛୋଟ ଚାମୁଚ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଧନିଆ ପାଉଡ଼ର, ଚାଟ୍ ମସଲା, ୨/୩ବଡ଼ ଚାମୁଚ ରନ୍ଧା ତେଲ, ୧/୨ଛୋଟ ଚାମୁଚ ଇନୋ ପାଉଡ଼ର ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ମକା ସବୁ ଭଲରେ ଧୋଇ ଦୁଇ ଭାଗ କରିଦିଅନ୍ତୁ । ଅଧା ମକା ବାଟି ପୁରା ପେଷ୍ଟ କରି ଦିଅନ୍ତୁ । ସେଥିରେ ସୁଜି ଆଉ ବେସନ, ସ୍ୱାଦ ଅନୁଯାୟୀ ଲୁଣ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଓ ଅଳ୍ପ ପାଣି ଦେଇ ମଧ୍ୟମ ଘୋଳ କରି ୧୦/୧୫ ମିନିଟ୍ ପାଇଁ ବତୁରିବାକୁ ଛାଡ଼ି ଦିଅନ୍ତୁ । ୧୫ ମିନିଟ୍ ବତୁରିବା ପରେ, ସେ ଘୋଳରେ ସବୁ ପରିବା ଆଉ ବାକି ଅଧା ମକା ମିଶେଇ ଦିଅନ୍ତୁ । ଅଧା ଛୋଟ ଚାମୁଚ ଇନୋ ଦେଇ ଗୋଟେ ଫ୍ରାଇଙ୍ଗ୍ ପ୍ୟାନରେ ଗରମ ତିନି ବଡ଼ ଚାମୁଚ ତେଲ ଦେଇ ଗରମ କରନ୍ତୁ । ସେଥିରେ ପୁରା ଘୋଳକୁ ଢାଳିଦେଇ ଢାଙ୍କୁଣୀ ଦେଇ ଘୋଡ଼େଇ ଦିଅନ୍ତୁ । ୧୦/୧୫ ମିନିଟ୍ ପରେ ପିଠା ପାତିଆରେ ଆର ପଟକୁ ଓଲଟେଇ ଦେଇ ପୁଣି ଢାଙ୍କୁଣୀ ଦେଇ ୫/୧୦ ମିନିଟ୍ ବସେଇ ଦିଅନ୍ତୁ । ପ୍ୟାନ୍ରେ ଯେମିତି ପୋଡ଼ପିଠା ବନାନ୍ତି ସେହିପରି ପ୍ରସ୍ତୁତ ହେବ । ଏବଂ ଏହାକୁ ଟମାଟୋ ସସ୍ କିମ୍ବା ପୋଦିନା ଚଟଣୀ ସହ ଗରମ ଗରମ ପରଷନ୍ତୁ ।

## ସୁଇଟ୍ କର୍ଣ୍ଣ ଅପେ

**ଆବଶ୍ୟକ ସାମଗ୍ରୀ :**୧ ବଡ଼ କପ୍ ଛଡ଼ା ମିଠା ମକା, ୧ ବାଉଲ୍ ସୁଜି, ୩ ବଡ଼ ଚାମୁଚ ଦହି, କଟା ପିଆଜ ୨ଟା, କଟା କ୍ୟାପସିକମ ୧ଟା, କଂଚା ଲଙ୍କା ୨ଟା, କଟା ଧନିଆପତ୍ର, ୧/୨ଛୋଟ ଚାମୁଚ ଗରମ ମସଲା, ଚାଟ ମସଲା, ୨/୩ ଚାମୁଚ ରନ୍ଧା ତେଲ ଏବଂ ସ୍ୱାଦ ଅନୁଯାୟୀ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ମକା ସବୁ ଭଲରେ ଧୋଇ ଦୁଇ ଭାଗ କରିଦିଅନ୍ତୁ । ଅଧା ମକା ବାଟି ପୁରା ପେଷ୍ଟ କରି ଦିଅନ୍ତୁ । ସେଥିରେ ସୁଜି ସ୍ୱାଦ ଅନୁଯାୟୀ ଲୁଣ, ଗରମ ମସଲା, ଚାଟ ମସଲା, ରନ୍ଧା ତେଲ ଓ ଦହି ମିଶେଇ ହଳଦିଆ ଘୋଳ କରି ୧୫ ମିନିଟ୍ ପାଇଁ ବତୁରିବାକୁ ଛାଡ଼ି ଦିଅନ୍ତୁ । ୧୫ ମିନିଟ ବତୁରିବା ପରେ, ସେ ଘୋଳରେ ବାକି ଅଧା ମକା, କଟା କ୍ୟାପସିକମ ଓ କଟା ପିଆଜ ମିଶେଇ ଦିଅନ୍ତୁ । ଆପଣ ଚାହିଁଲେ ଶୀତଦିନିଆ ମଟର ମଧ୍ୟ ଦେଇ ପାରିବେ । ଚିତ୍ରରେ ଥିବା ଅପେ ଷ୍ଟାଣ୍ଡରେ ଟିକେ ତେଲ ମାରି ଘୋଳକୁ ସବୁ ଡାଆଁରେ ଢାଳି ଦେଇ ଢାଙ୍କୁଣୀ ଦେଇ ଘୋଡ଼େଇ ଦିଅନ୍ତୁ । ୧୦/୧୫ ମିନିଟ୍ ପାଇଁ ଚୁଲିରେ ଧୀର ଆଂଚରେ ବସେଇ ଦିଅନ୍ତୁ । ପରେ ଛୋଟ ଚାମୁଚରେ ଆର ପଟଟାକୁ ଓଲଟେଇ ଦେଇ ପୁଣି ଢାଙ୍କୁଣି ଦେଇ ୨/୩ମିନିଟ ବସେଇ ଦିଅନ୍ତୁ । ଏହି ଅପେକୁ ଟମାଟୋ ସସ୍ କିମ୍ବା ପୋଦିନା ଚଟଣୀ ସହ ଗରମ ଗରମ ପରଷନ୍ତୁ ।





# ଇଏ ବି ଜଣେ ରେବତୀ






**ଶ୍ରୀ ଗୋବିନ୍ଦ ଦାସ**
ସାନମଞ୍ଚୁଆଘାଇ, ରାଜଘର ପୋଖରୀ,
ବାସୁଦେବପୁର, ଭଦ୍ରକ
ଫୋନ୍ :୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ

ଏ ନାରୀର ନାଁ ସଂଜୋଦୟା ନନ୍ଦ । କାମ ଅସାଧାରଣ ଲୋକ ପ୍ରବକ୍ତା । ଜୀବନର ବ୍ରତ ସାମାଜିକ ସେବା । ଲୋକଙ୍କ ପାଇଁ ସେ ଅସାମାନ୍ୟା । ଜଣେ ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ମହିଳା ସଂଜୋଦୟା ଏଥର 'ରେବତୀ'ର ପ୍ରସଙ୍ଗ । ଗୋବିନ୍ଦ ଦାସଙ୍କ ଉପସ୍ଥାପନା ।

## ସାମାଜିକତାର ସଂଜସକାଳ : ସଂଜୋଦୟା

ସାମାଜିକତାକୁ ଧରି ରଖିବାରେ ଯେଉଁମାନେ ଆପ୍ରାଣ ଚେଷ୍ଟା କରିବା ସହିତ କଳୁଷିତ ସମାଜକୁ ସଂସ୍କାରର ବାର୍ତ୍ତା ଦେବା ପାଇଁ ଆଗେଇ ଆସିଥାନ୍ତି, ସେମାନଙ୍କ ମଧ୍ୟରୁ **ସଂଜୋଦୟା ନନ୍ଦ** ଅନ୍ୟତମ । ଯାହା ପୁରୁଷମାନେ କରି ଦେଖାଇ ପାରିନାହାନ୍ତି, ଜଣେ ମହିଳା ହୋଇ ସେ କରି ପାରିଛନ୍ତି । ଏଭଳି ପ୍ରଶଂସନୀୟ କାର୍ଯ୍ୟ ଜଣେ ମହିଳା ହୋଇ କରିବା କମ୍ କଥା ନୁହେଁ । ଜୀବନ ସାରା କେବଳ ମଣିଷ ଗଢ଼ିବା କାମ ନୁହେଁ ବରଂ ଜନଜାଗରଣ ସୃଷ୍ଟି କରି ଅନେକ ମଣିଷଙ୍କୁ ଭଲ ବାଟକୁ ଆଣି ପାରିଛନ୍ତି ।

ସଂଜୋଦୟା ନନ୍ଦଙ୍କ ଘର ଲୋକନାଥପୁର ଶାସନ, କାମାକ୍ଷାନଗର, ଢ଼େଙ୍କାନାଳ । ସେ ୪ ଜାନୁଆରୀ ୧୯୫୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ବି.ଏ.,ବିଇଡି ସହ ରାଷ୍ଟ୍ରଭାଷାରେ ରତ୍ନ କରି ଶିକ୍ଷକତାକୁ ଆଦରି ନେଇଥିଲେ । ଯେଉଁ ସମୟରେ ମହିଳାମାନଙ୍କୁ ଶିକ୍ଷାଗ୍ରହଣ ପାଇଁ ଅଗ୍ରାଧିକାର ଦିଆ ଯାଉ ନଥିଲା, ସେ ସମୟରେ ଉଚ୍ଚଶିକ୍ଷିତ ହୋଇ ଶିକ୍ଷାଦାନ କରିବା ଭଳି ପବିତ୍ର କାର୍ଯ୍ୟକୁ ଆପଣେଇଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପୁଅମାନେ ଯେତେବେଳେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁ ନଥିଲେ, ଝିଅଟିଏ ହୋଇ କେତେ ବାଧା ଓ ପ୍ରତିବନ୍ଧକକୁ ସେତେବେଳେ ସେ ସାମ୍ନା କରିଥିବେ, ସହଜେ ଅନୁମେୟ । ତଥାପି ମହାତ୍ମା ଗାନ୍ଧୀଙ୍କ ଭାବଧାରାରେ ଝିଅଟିଏ ଶିକ୍ଷିତ ହେଲେ ସମାଜଟିଏ ଶିକ୍ଷିତ ହୋଇପାରିବ, ଏହି ନ୍ୟାୟରେ ଜିଦ୍ କରି ପାଠ ସେ ପଢ଼ିଥିଲେ । ପାଠପଢ଼ି ସରକାରୀ ଚାକିରି କରିବା ତାଙ୍କ ପାଇଁ ଯେତେ ବଡ଼ କଥା ନୁହେଁ, ତାଙ୍କ ପଛରେ ଆହୁରି ଏକ ଦୀର୍ଘ କାହାଣୀ । ଜଣେ ସାମାଜିକ କର୍ମୀ ଭାବରେ ଲୋକଙ୍କ ସୁଖଦୁଃଖରେ ଛିଡ଼ା ହେବା ସହ ସାରା ରାଜ୍ୟରେ ଜନଜାଗରଣ ପାଇଁ ଆଧ୍ୟାତ୍ମିକ ପ୍ରବକ୍ତା ଭାବରେ ହଜାର ହଜାର ଲୋକଙ୍କୁ ସଚେତନ କରିଛନ୍ତି । ଲୋକଙ୍କୁ ସାମାଜିକତା ଆଡ଼କୁ ବାଟ କଢାଇ ନେବାରେ ଏକ ବଡ଼ ପ୍ରୟାସ ବର୍ଷ ବର୍ଷ ଧରି କରି ଆସୁଛନ୍ତି ସେ । ଗୋଟେ ପଟେ ବୃତ୍ତି, ଅନ୍ୟପଟେ ପରିବାର ଓ ଆଉ ଏକ ପଟେ ସାମାଜିକ ଆନ୍ଦୋଳନ ପାଇଁ ଅଂଟା ଭିଡ଼ିବା କି ଦୁରୂହ ବ୍ୟାପାର, କେବଳ ଅନୁଭବୀ ହିଁ ଜାଣିବ । ଜଣେ ସେତିକି ମାନସିକ ଭାବରେ ଶକ୍ତିଶାଳୀ ନହେଲେ ଏତେ କାମ କରିବା ସମ୍ଭବ ନୁହେଁ । ସଂଜୋଦୟା ନିଜ ଅଂଚଳରେ ଜଣେ ଆଦର୍ଶ ମହିଳା ଭାବରେ ନୁହେଁ ବରଂ ସାରା ଓଡ଼ିଶାରେ ତାଙ୍କୁ ଅନେକ 'ଲୋକ ପ୍ରବକ୍ତା' ଭାବରେ ଜାଣନ୍ତି ।

ଘରସଂସାର ସମ୍ଭାଳି ସମାଜସେବା କରିବା ସହ ଆଧ୍ୟାତ୍ମିକ ପ୍ରବଚନ ଦେବା ଓ ସୃଜନଶୀଳ ଭଳି କାର୍ଯ୍ୟ-କାହାକୁ ସେ ବାଦ୍ ଦେଇନାହାନ୍ତି । ତତ୍ୱ ଓ ଆଧ୍ୟାତ୍ମିକ, ସାମାଜିକତାକୁ ନେଇ ୧୩ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା ସେ । ନିଜ ପ୍ରଚେଷ୍ଟାରେ ସେ ଆରମ୍ଭ କରିଛନ୍ତି **ପ୍ରଜ୍ଞାନମୟୀ ଦିବ୍ୟଚେତନା ପରିଷଦ** । ସେ ସେଠାରେ ଉଦ୍‌ଭ୍ରାନ୍ତ ହୋଇ ଯାଉଥିବା ପିଢ଼ିଙ୍କୁ ସୁଧାରକୁ ଆଣିବା ତଥା ସାଧାରଣ ମଣିଷଙ୍କୁ ଦିବ୍ୟଚିନ୍ତନରେ ଅନୁପ୍ରାଣିତ କରି ସତ୍‌ମାର୍ଗରେ ପରିଚାଳିତ କରିବାକୁ ପ୍ରୟାସ ଜାରି ରଖି ସାପ୍ତାହିକୀ ଚିନ୍ତନ କାର୍ଯ୍ୟକ୍ରମ ସହିତ ସତ୍‌ସଙ୍ଗ ଆୟୋଜନ କରୁଛନ୍ତି । ସେ ରାମଚରିତ ମାନସ, ଭାଗବତ, ଗୀତା ଆଦିରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରି ତାହା ଲୋକଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପ୍ରବଚନ ମାଧ୍ୟମରେ ବାଣ୍ଟିବା ଓ ପ୍ରବକ୍ତା ଭାବରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଜନଜାଗରଣ ସୃଷ୍ଟି କରିବା କାର୍ଯ୍ୟରେ ସେ ଲାଗିଛନ୍ତି ।




ସେ ଜଣେ ମହିଳା ହୋଇ ଯେଉଁଭଳି ଭାବରେ ଅନେକ କାର୍ଯ୍ୟ ହାତକୁ ନେଇ ପୁଣି ପରିଣତ ବୟସରେ ବାର୍ଦ୍ଧକ୍ୟଜନିତ ଯନ୍ତ୍ରଣାକୁ ଏଡ଼ାଇ କର୍ମତତ୍ପର ଅଛନ୍ତି, ତାହା ତାଙ୍କ ପାରିବାପଣିଆର ନିଦର୍ଶନ ଛଡ଼ା ଆଉ କିଛି ନୁହେଁ । କିନ୍ତୁ ଯେଉଁ ସାମାଜିକ ବାର୍ତ୍ତା ସେ ସାରା ସମାଜକୁ ଦେଉଛନ୍ତି, ତାହା କେବଳ ମହିଳା କାହିଁକି ସମସ୍ତଙ୍କ ପାଇଁ ଏକ ଉଦାହରଣ ନିଶ୍ଚୟ ।




*We Make*

• Etching • Beveling • H-Polish • Designers Glass
• Colour Etching • Hi-Polish Etc. • Decorative Mirror







# MIRROR HOUSE

**Plot No.-19, Rebati Nagar, Near Odiani Dhaba, Cuttack-Puri N.H., Bi-pass Road, Bhubaneswar - 751002, Mob.: 9861150065, 9040483341, Email: shankar198611@gmail.com**

# ସର୍ଜନଶୀଳତାର 'ଶ୍ରୀ'

ସର୍ଜନଶୀଳ କର୍ମ ଏକ ଦୈବୀପ୍ରେରିତ କର୍ମ ବୋଲି ଆମେ ବିଶ୍ୱାସ କରୁ । ଦୈବୀକୃପା ବିନା ସର୍ଜନା ଦିଗରେ ଆଗେଇବା ତ ଦୂରର କଥା, ପାଦ ରଖିବା ମଧ୍ୟ ସମ୍ଭବପର ନୁହଁ । ସୁତରାଂ ସର୍ଜନଶୀଳତାର ଅଧିକାରୀ ହେବା କୌଣସି ଟେକ୍‌ନିକ୍ ବା କାରିଗରୀ ଶିକ୍ଷା ଲାଭ କରିବା ସହିତ ତୁଳନୀୟ ନୁହେଁ । ଅର୍ଥାତ୍ ପାଠ ପଢ଼ି ବା ଡିଗ୍ରୀ ହାସଲ କରି ସର୍ଜକ ହେବା ଦୂରୁହ ବ୍ୟାପାର କେବଳ ନୁହେଁ ଅସମ୍ଭବ ମଧ୍ୟ । ଏହା ଏକ in-built ପ୍ରତିଭା ଯାହା ଈଶ୍ୱର ଖଂଜିଥାନ୍ତି କିଛି କିଛି ବିଶେଷ ବ୍ୟକ୍ତିଙ୍କ ଭିତରେ । ସେମାନେ ହିଁ ଲେଖକ ବା ସର୍ଜକ ଶ୍ରେଣୀରେ ପ୍ରତିଷ୍ଠା ଲାଭ କରି ଅସାଧାରଣ ବ୍ୟକ୍ତିତ୍ୱ ସମ୍ପନ୍ନ ହେବା ସହ ସାଧାରଣ ବ୍ୟକ୍ତିବିଶେଷଙ୍କ ଠାରୁ ବହୁ ଦିଗରୁ ଉଚ୍ଚ ଚିନ୍ତନଶୀଳ ସତ୍ତା ଭାବେ ଗଣା ହୁଅନ୍ତି । ସୃଜନଶୀଳ ଗୁଣଟି ଈଶ୍ୱରଦତ୍ତ ହୋଇଥିଲେ ବି ସାମାଜିକ ଅଭିଜ୍ଞତା ଓ ଉତ୍ତମ ବାତାବରଣର ସଂସ୍ପର୍ଶରେ ସୃଜନାତ୍ମକ ଯୋଗ୍ୟତା ବିକଶିତ ହୋଇଥାଏ । ଏହା ଏକ ବାଧ୍ୟ ପ୍ରକ୍ରିୟା ନୁହେଁ । ଏଥିରେ ବ୍ୟକ୍ତିର ଐଚ୍ଛିକ କାର୍ଯ୍ୟପ୍ରଣାଳୀ ଚୟନ କରିବାର ସ୍ୱାଧୀନତା ଥାଏ । ଅର୍ଥାତ୍ ଲେଖିବା ପାଇଁ କେହି କାହାରିକୁ ବାଧ୍ୟ କରିପାରିବ ନାହିଁ କି ଯଦି କେହି ଲେଖନ ସଂକ୍ରାନ୍ତୀୟ ଚାକିରି କରୁଥାଏ, କୌଣସି ବ୍ୟକ୍ତି ତାକୁ ମଧ୍ୟ ବାଧ୍ୟବାଧକତା କରି ଲେଖାଇ ନେବା ଏକ ବିଧି-ଅମାନ୍ୟ କାର୍ଯ୍ୟ ବୋଲି ଧରାଯିବ । କାରଣ ସର୍ଜନା ଏକ ଆତ୍ମ-ଇଚ୍ଛା ଜନିତ କାର୍ଯ୍ୟ । ପ୍ରକାରାନ୍ତରରେ ଏହା ଏକ ପ୍ରକାର ସାଧନା । ସାଧନା ପାଇଁ ଅନ୍ତଃପ୍ରେରଣା ଏବଂ ଇଚ୍ଛାଶକ୍ତିର ଘୋର ଆବଶ୍ୟକତା ରହିଛି ।

କିନ୍ତୁ ଆଜିର ସାହିତ୍ୟ ବା ସୃଜନଜଗତ, 'ସାଧନା' ଭଳି ଏକ ସାରସ୍ୱତ ପ୍ରକ୍ରିୟା ମଧ୍ୟରେ ସୀମାବଦ୍ଧ ଥିବା ପରି ମନେହୁଏ ନାହିଁ । ସୁତରାଂ ସାହିତ୍ୟରୁ ବା ସର୍ଜନାରୁ 'ଶ୍ରୀ' ବିଚ୍ୟୁତ ହୋଇଯାଇଛି କହିବା ସମୀଚୀନ ହେବ । ସାହିତ୍ୟର 'ଶ୍ରୀ' ବୋଲି ଆମେ କାହାକୁ କହିବା ? ହଁ, 'ଶ୍ରୀ' ଅର୍ଥ ହେଉଛି ସୌନ୍ଦର୍ଯ୍ୟ ବା ଐଶ୍ୱର୍ଯ୍ୟ । ଆମେମାନେ ଯେଉଁ ସାହିତ୍ୟ ସର୍ଜନା କରୁ, ତାହା ଗଳ୍ପ, ଉପନ୍ୟାସ, କବିତା ଅବା ନାଟକ, ପ୍ରବନ୍ଧ ଯାହା ବି ହେଉ ନା କାହିଁକି ଶ୍ରୀମଣ୍ଡି ହେବା ଅନିବାର୍ଯ୍ୟ । ଅର୍ଥାତ୍ ସେଥିରେ ଏକ ସୌନ୍ଦର୍ଯ୍ୟ ବା ଆସ୍ଥେଟିକ୍ ଭାବ ନିହିତ ଥାଏ । ଅତଏବ ସୌନ୍ଦର୍ଯ୍ୟ-ପିପାସୁ ବା ସୌନ୍ଦର୍ଯ୍ୟ ଅନ୍ୱେଷା ପାଠକ ସେଇ ସୌନ୍ଦର୍ଯ୍ୟର ଆକର୍ଷଣରେ ଆକର୍ଷିତ ହୋଇଥାଏ ଏବଂ ତହିଁରୁ ପଠନ ପୁଳକ ଆହରଣ କରିଥାଏ । ଅଧୁନା ଆମ ସାହିତ୍ୟ ପାଠକାଭିମୁଖୀ ନୁହେଁ କି- ଏପରି ଏକ ପ୍ରଶ୍ନ ଉଙ୍କି ମାରେ । କାରଣ କୌଣସି ସାହିତ୍ୟ ଲେଖା ବା ବହି ଆଶାତୀତ ଭାବରେ ପାଠକୀୟ ଶ୍ରଦ୍ଧା ଲାଭ କରିବା କ୍ୱଚିତ୍ ଦେଖିବାକୁ ମିଳୁଛି । ଏହାର କାରଣ ସେୟା ନୁହଁ କି- ସାହିତ୍ୟ-ସର୍ଜନା ଭିତରୁ 'ଶ୍ରୀ'ଟି ମରିହଜି ଗଲାଣି । ଅବା ସାହିତ୍ୟ ଆଉ ସାଧନା ସ୍ତରରେ ନାହିଁ । ତାହା ଏକ ପ୍ରତିଯୋଗିତା ବା ସହଜ-ପ୍ରାପ୍ତିର ବସ୍ତୁ ପାଲଟି ଗଲାଣି । କିଏ କେତେ ଶୀଘ୍ର ତାକୁ ଅକ୍ତିଆର କରିବ ଏବଂ ସାହିତ୍ୟିକ ବୋଲାଇ ପ୍ରସିଦ୍ଧି ଓ ପୁରସ୍କାର ଅର୍ଜନ କରିବ- ସେପରି ଏକ ପ୍ରତିଯୋଗିତାର କ୍ଷେତ୍ର ପାଲଟି ଯାଇଛି ଆଜିର ସାହିତ୍ୟ ।

ସତ୍ ସାହିତ୍ୟ ବା ସାହିତ୍ୟରେ ସତ୍ୟ ଓ ସୁନ୍ଦରତାକୁ ନୂଆରୂପ ଦେଇ ଲେଖିବାର ଯେଉଁ ସାଧନା, ତାହା ଆଉ କାହାରି ପାଖରେ ନଥିବା ପରି ଲାଗେ । ରାତାରାତି ଷ୍ଟାର୍ ବନିଯିବାର ନିଶା ଘାରିବା ପରି ସାହିତ୍ୟ ଅବିକା ଏକ 'ନିଶା' ହେଲାଣି । ଲେଖାଲେଖି ଆରମ୍ଭ କରିବା ମାତ୍ରେ ନିଜ ପକେଟ୍‌ରୁ ପଇସା ଖର୍ଚ୍ଚ କରି ବହି ପରେ ବହି ପ୍ରକାଶନ କରିବା ଏବଂ ସେସବୁ ବହିର ଭବ୍ୟ ଉନ୍ମୋଚନ ଆସର ତାରକା ହୋଟେଲ୍‌ମାନଙ୍କରେ କରିବା ଭିତରେ ସାହିତ୍ୟ ଯେ ଏକ ସାଧନା ବା ତପସ୍ୟା- ଏପରି କଦାଚିତ ମନେହୁଏ ନାହିଁ । ପାଠକଗୋଷ୍ଠୀ ତିଆରି କରିବାକୁ ହେଲେ ଜଣେ ଲେଖକକୁ ଲଗାତର ନିରବଚ୍ଛିନ୍ନ ଭାବେ ପାଞ୍ଚ ଦଶ ବର୍ଷ ଅନ୍ୟୁନ ଲେଖାଲେଖିର ସାଧନା ଜାରି ରଖିବାକୁ ପଡ଼ିଥାଏ । ପତ୍ରପତ୍ରିକା ମାଧ୍ୟମରେ ନିଜ ଲେଖାଗୁଡ଼ିକର ନିୟମିତ ପ୍ରକାଶନ ଫଳରେ ପାଠକମାନେ ସେଇ ଲେଖକଙ୍କୁ ପଢ଼ିବା ଆରମ୍ଭ କରନ୍ତି ଏବଂ ଯଦି ସେ ଭଲ ସାହିତ୍ୟ ସୃଷ୍ଟି କରୁଥାଏ ତ ପାଠକ ତାକୁ ହୃଦୟରେ ବସାଏ । ଏହାଦ୍ୱାରା ହୁଏ କ'ଣ ? ନିଜର ପାଠକଗୋଷ୍ଠୀ ତିଆରି କରିବା ପରେ ଜଣେ ଯଦି ତାର ବହି ବା ସଂକଳନ ପ୍ରକାଶ କରେ, ତେବେ ସେ ସଂକଳନ କିଣିବା ପାଇଁ ସେଇ ପାଠକମାନେ ହିଁ ଆଗଭର ହୋଇଥାନ୍ତି । ଫଳରେ ଏକ ସୁସ୍ଥ ବାତାବରଣ ତିଆରି ହୁଏ ଏବଂ ସାହିତ୍ୟ ଜଗତକୁ ପାଠକ-ସ୍ୱୀକୃତ ଭଲ ସାହିତ୍ୟ ପ୍ରବେଶ କରେ ମଧ୍ୟ । ଏହାଦ୍ୱାରା ସାହିତ୍ୟ ଶ୍ରୀମଣ୍ଡିତ ହୁଏ ।

କିନ୍ତୁ ଅଧୁନା, ସାହିତ୍ୟ କରିବାର ଏକ ଅମାପ ନିଶା ଘାରିଛି ଅନେକଙ୍କୁ । ନିଜେ ପଢ଼ାପଢ଼ି କରୁନଥିବା, ନିଜେ ପାଠକଟିଏ ହୋଇ ନଥିବା ସତ୍ତ୍ୱେ ନିଜକୁ ଲେଖକ ଭାବେ ଠିଆ କରାଇବାର ଅଦ୍ଭୁତ ନିଶା ଘାରିଛି ଅନେକଙ୍କୁ । ଫଳରେ ସାହିତ୍ୟ ଜଗତ ଶ୍ରୀହୀନ ହେବା ସହ ପାଠକ କ୍ରମଶଃ କତିପୟ ଭଲ ସାହିତ୍ୟ ଆଡ଼ୁ ମଧ୍ୟ ମୁହଁ ଫେରାଇ ନେବାକୁ ବସିଲେଣି ।

ବର୍ତ୍ତମାନ ସମୟ ବୈଷୟିକ ଓ କାରିଗରି ଦିଗରୁ ବେଶ୍ ବିକଶିତ ହେଲାଣି । ସାହିତ୍ୟର ପ୍ରଚାର ପ୍ରସାର ଆଉ କେବଳ କାଗଜ ମୁଦ୍ରିତ ପତ୍ରିକା ଉପରେ ସୀମାବଦ୍ଧ ନୁହେଁ । ଦୈନନ୍ଦିନ ସୋସିଆଲ୍ ମିଡ଼ିଆରେ ସାହିତ୍ୟ ଲେଖାଲେଖି ଯେଉଁଭଳି ଭାବରେ ବୃଦ୍ଧି ପାଇଛି, ତାହା ଆନନ୍ଦର ବିଷୟ ସତ । କିନ୍ତୁ ସେଇ ତୁଳନାରେ ସତ୍ ସାହିତ୍ୟର ପୃଷ୍ଠପୋଷକତା କରିବାକୁ ଭଲ ପାଠକର ଅଭାବ ମଧ୍ୟ ଚିନ୍ତା ବଢ଼ାଉଛି । ଆଉ ଗୋଟିଏ ଦିଗ ମୁଣ୍ଡ ଟେକିଛି, ସୋସିଆଲ୍ ମିଡ଼ିଆରେ କୌଣସି ଯାଂଚ୍ ପ୍ରକ୍ରିୟା ନଥିବାରୁ ବା କୌଣସି ସମ୍ପାଦନା ସିଷ୍ଟମ୍ ନଥିବାରୁ ଚୋରି ହୋଇଥିବା ଲେଖା ନିଜ ନାମରେ ଛପାଇ କିଛି ଅନାମଧେୟ ଲେଖକ ହେବାର ହୀନ ଚେଷ୍ଟା କରୁଛନ୍ତି । ଏହାକୁ ବନ୍ଦ କରିବାକୁ ପଡ଼ିବ ।ଏଥିପାଇଁ ପ୍ରଥମେ ପତ୍ରପତ୍ରିକାରେ ମୁଦ୍ରଣ ପାଇଁ ପଠାଇ ତତ୍‌ପରେ ପ୍ରକାଶିତ ଲେଖାକୁ ସୋସିଆଲ୍ ମିଡ଼ିଆରେ ପ୍ରସାରଣ କରିବାର ଅଭ୍ୟାସ କରନ୍ତୁ ସମସ୍ତେ ।



SUPRATIK INFRAVENTURES

# The best property in the town to live



*Few Villas Available*




*2BHK, 3BHK & 4BHK Flats Available*

**Ammenities**



MULTI FACILITY GYM



SWIMMING POOL



ROOFTOP GARDEN



BANQUET HALL

## Supratik Infraventures Private Limited

Branch Office: Alupur,Near Laxminaryan Temple, O.T. Road, Balasore - 756001

+91-7205330222 I sales@supratikinfraventures.com

www.supratikinfraventures.com


Har sip mein dum
Ruchi Tea has a delightful blend of taste and strength which constantly energises you, keeps pushing you, for not just more. A lot more.
RUCHI FOODLINE
Since 1976
Tea
Introducing
FREE RUCHI Haldi Powder ₹5 (12g)
Tea
Utkal
Dust
OFFER MRP. ₹90/- FREE Frozit Ruskdip ₹10 (60g)
Tea
Utkarsh
PREMIUM
KADAK CHAI
Dum Hardam